- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-331 ♦SATURDAY ♦30 MAY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୩୧ ♦ଶନିବାର ♦୩୦ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ଟ୍ରୋଲ୍ ହେଉଛନ୍ତି ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...

# ଆଜିଠୁ ଏସ୍‌ଆଇଆର୍

■ ଭୁବନେଶ୍ୱର, ୨୯।୫ (ସମିସ): ଶନିବାରଠାରୁ ରାଜ୍ୟରେ ଆରମ୍ଭ ହେବ ଏସ୍‌ଆଇଆର୍ । ଏହି କ୍ରମରେ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ଘରକୁ ଘର ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ । ୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶନ ପରେ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ । ସେପ୍ଟେମ୍ବର ୬ ତାରିଖରେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ କହିଛନ୍ତି । ରାଜ୍ୟର ଏସଆଇଆର-୨୦୨୬ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଳନ କହିଛନ୍ତି ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ▶ପୃଷ୍ଠା-୭

**ସରିଛି ୯୪.୬୧% ଭୋଟର ମ୍ୟାପିଂ; ଘରକୁ ଘର ବୁଲିବେ ୪୫ ହଜାର ବିଏଲ୍ଓ**

**୫ ଜୁଲାଇରେ ଚିଠା, ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ତାଲିକା**

## ମାମଲା ସଂଖ୍ୟା ବୃଦ୍ଧି ଓ ରାୟ ପ୍ରକାଶରେ ବିଳମ୍ବକୁ ନେଇ ଚିନ୍ତା

# ସଂରକ୍ଷିତ ରାୟ ଅବଧି ସର୍ବାଧିକ ୩ ମାସ

■ ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ଦେଶର ଅଦାଲତଗୁଡ଼ିକରେ ବଢ଼ି ଚାଲିଥିବା ମାମଲା ଏବଂ ରାୟ ପ୍ରକାଶ କରିବାରେ ହେଉଥିବା ବିଳମ୍ବକୁ ନେଇ ସୁପ୍ରିମ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାର ସମାଧାନ ପାଇଁ ସର୍ବୋଚ୍ଚ ଅଦାଲତ ଏକ ସୁଦୂରପ୍ରସାରୀ ନିଷ୍ପତ୍ତି ନେଇଛନ୍ତି । ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରି ଦେଶର ସମସ୍ତ ହାଇକୋର୍ଟଙ୍କ ପାଇଁ ବାଧ୍ୟତାମୂଳକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ, ହାଇକୋର୍ଟଗୁଡ଼ିକ କୌଣସି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିବାର ଅବଧି ୩ ମାସ ଧାର୍ଯ୍ୟ କରିଛନ୍ତି । ଏହି ସମୟ ମଧ୍ୟରେ ହାଇକୋର୍ଟ ରାୟ ପ୍ରକାଶ କରିବାକୁ ବାଧ୍ୟ ହେବେ ।



ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ରାୟ ପ୍ରକାଶରେ ବିଳମ୍ବ ହେବା ଦ୍ୱାରା ଯେଉଁ କ୍ଷତି ହୁଏ, ତାହା ଅପୂରଣୀୟ । ଝାଡ଼ଖଣ୍ଡ ସରକାର ଏବଂ ପିଲା ପାହାନଙ୍କ ମଧ୍ୟରେ ଚାଲିଥିବା ଏକ ମାମଲାର ଶୁଣାଣି ସମୟରେ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି । ହାଇକୋର୍ଟଗୁଡ଼ିକରେ ଦୀର୍ଘ ସମୟଧରି ରାୟ ସଂରକ୍ଷିତ ରହିବା ନେଇ ଚିନ୍ତା ପ୍ରକଟ କରିବା ସହିତ ସୁପ୍ରିମକୋର୍ଟ ବିଶେଷ କରି ଜାମିନ ଆବେଦନ ଉପରେ ଚାରୋଟି ମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ହେଲା- ଜାମିନ ଆବେଦନ ଉପରେ ସେହି ଦିନ ହିଁ ନିଷ୍ପତ୍ତି ଶୁଣାଯିବ । ଯଦି କୌଣସି କାରଣରୁ ନିର୍ଦ୍ଦେଶ ସଂରକ୍ଷିତ ରଖାଯାଏ, ତେବେ ତାହାକୁ ପରଦିନ ମଧ୍ୟରେ ପ୍ରକାଶ ଏବଂ ଇଣ୍ଟରନେଟ୍‌ରେ ଅପଲୋଡ୍ କରାଯିବ । ଜାମିନ ମଞ୍ଜୁର କିମ୍ବା ଦଣ୍ଡାଦେଶ ସ୍ଥଗିତ ସମ୍ପର୍କିତ ନିର୍ଦ୍ଦେଶକୁ ତୁରନ୍ତ ଜେଲ୍ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯିବ । ସମ୍ଭବ ହେଲେ ଅଭିଯୁକ୍ତ ବା କଏଦୀଙ୍କୁ ସେହି ▶ପୃଷ୍ଠା-୭

**ହାଇକୋର୍ଟମାନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ଜାମିନ ପାଇବା କ୍ଷଣି ମୁକ୍ତ ହେବେ ଅଭିଯୁକ୍ତ**

# ୨୫୦ଟି ବିମାନ ଉଡ଼ାଣ ବନ୍ଦ

# ବଢ଼ିବ ଭଡ଼ା



■ ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ଦେଶର ଦୁଇ ପ୍ରମୁଖ ବିମାନ ସେବା ସଂସ୍ଥା ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଆସନ୍ତା ଜୁନ୍ ମାସରୁ ପ୍ରତିଦିନ ଚାଲୁଥିବା ପ୍ରାୟ ୨୫୦ଟି ଘରୋଇ ବିମାନ ଉଡ଼ାଣକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବିମାନ ଇନ୍ଧନର ଅତ୍ୟଧିକ ଦରବୃଦ୍ଧି ଏବଂ ଯାତ୍ରୀ ସଂଖ୍ୟାରେ ହ୍ରାସ ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି, ଯାହାଫଳରେ ଆଗାମୀ ଦିନରେ ବିମାନ ଟିକେଟର ମୂଲ୍ୟ ବହୁତ ବଢ଼ିଯିବାର ଆଶଙ୍କା ଦେଖାଦେଇଛି । ଏହି ବିମାନ ସଂଖ୍ୟା ହ୍ରାସ ଯୋଗୁଁ ଦେଶର ତିନୋଟି ବଡ଼ ସହର ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁ ସବୁଠାରୁ ଅଧିକ ପ୍ରଭାବିତ ହେବେ । ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଏହି ସହରଗୁଡ଼ିକରୁ ଚାଲୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିମାନର ଯାତ୍ରା ସଂଖ୍ୟା କମାଇ ଦିଆଯାଇଛି ।

ମୁମ୍ବାଇରୁ ପ୍ରଭାବିତ ସହରଗୁଡ଼ିକ ହେଲା ଜୟପୁର, ଗୋଆ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପାଟନା ଏବଂ ଭୋପାଳ । ସେହିପରି ଦିଲ୍ଲୀରୁ ପ୍ରଭାବିତ ସହରଗୁଡ଼ିକ ହେଲା ଗୋଆ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ଲକ୍ଷ୍ନୌ, କୋଚି ଏବଂ କୋଲକାତା । ଏୟାର ଇଣ୍ଡିଆ ନିଜର ଦୈନିକ ଘରୋଇ ଉଡ଼ାଣରୁ ପ୍ରାୟ ୨୨ ପ୍ରତିଶତ ବିମାନ କମାଇ ଦେଇଛି, ଯାହାଫଳରେ ପ୍ରତିଦିନ ପ୍ରାୟ ୧୧୦ଟି ବିମାନ କମ୍ ▶ପୃଷ୍ଠା-୭

# ବର୍ଷା କମାଇବ ଏଲ୍-ନିନୋ

**▶▶ ଜୁନ୍-ଜୁଲାଇରେ ୧୦% କମ୍ ବର୍ଷା ଆଶଙ୍କା**

**▶▶ ୧୦ ବର୍ଷ ମଧ୍ୟରେ ସବୁଠାରୁ ଦୁର୍ବଳ ମୌସୁମୀ**



■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୫ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଆଗମନରେ ପ୍ରାୟ ସପ୍ତାହେ ବିଳମ୍ବ ହେବ । ଶ୍ରୀଲଙ୍କା ନିକଟରେ ସାମୁଦ୍ରିକ ପବନର ଗତି ଦୁର୍ବଳ ହୋଇଯାଇଥିବାରୁ ପାଞ୍ଚ ଦିନ ହେବ ମୌସୁମୀ ସେଠାରେ ଅଟକି ରହିଛି । ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ ଭାରତରେ କୌଣସି ସକ୍ରିୟ ଲଘୁଚାପ ନଥିବାରୁ ମୌସୁମୀ ଆଗକୁ ବଢ଼ିପାରୁ ନାହିଁ । ଏଥିସହିତ ଚଳିତ ବର୍ଷ ସ୍ୱାଭାବିକଠାରୁ ପ୍ରାୟ ୧୦ ପ୍ରତିଶତ କମ୍ ବର୍ଷା ହେବାର ଆଶଙ୍କା ମଧ୍ୟ ରହିଛି, ଯାହାଫଳରେ ଜୁନ୍ ଏବଂ ଜୁଲାଇ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିପାରେ । ଚଳିତ ବର୍ଷ ସମୁଦାୟ ୭୮ ସେଣ୍ଟିମିଟର ବର୍ଷା ହୋଇପାରେ, ଯାହାକି ସ୍ୱାଭାବିକ ବର୍ଷା (୮୭ ସେଣ୍ଟିମିଟର) ତୁଳନାରେ ମାତ୍ର ୯୦ ପ୍ରତିଶତ । ଏହି କାରଣରୁ ଓଡ଼ିଶା, ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ବିହାର, ଛତିଶଗଡ଼, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶରେ ଜୁନ୍ ଏବଂ ଜୁଲାଇ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦେଖାଦେବ । ଏହି ସମୟରେ ତାପମାତ୍ରା ସ୍ୱାଭାବିକଠାରୁ ୩ ଡିଗ୍ରୀ ସେଲସିୟସ୍ ▶ପୃଷ୍ଠା-୭

**ତେଜିଲା ବାରଙ୍ଗ ଥାନାରେ 'ଥାର୍ଡ ଡିଗ୍ରୀ' ବିବାଦ**

# ପୁଲିସ-ଗ୍ରାମବାସୀ ମୁହାଁମୁହିଁ

## ଆନ୍ଦୋଳନରତ ଗ୍ରାମବାସୀଙ୍କୁ ଗୋଡ଼ାଇ ପିଟିଲା ପୁଲିସ

■ କଟକ/ବାରଙ୍ଗ, ୨୯।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାରେ ଜଣେ ନିରୀହ ଯୁବକଙ୍କୁ ବର୍ବରୋଚିତ ଭାବେ 'ଥାର୍ଡ ଡିଗ୍ରୀ' ପ୍ରୟୋଗ କରାଯିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଭୟଙ୍କର ରୂପ ଧାରଣ କରିଛି । ଆହତ ଯୁବକ ରାକେଶ ବେହେରାଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ସଙ୍କଟାପନ୍ନ ହେବାରେ ଲାଗିଥିବା ▶ପୃଷ୍ଠା-୭



ଜବାବରେ ପୁଲିସକୁ ବୋତଲ ମାଡ଼

## ସିପିଙ୍କୁ ରିପୋର୍ଟ ମାଗିଲେ ଡିଜିପି

■ କଟକ, ୨୯।୫ (ସମିସ): ବାରଙ୍ଗ ଘଟଣାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି ଖୁରାନିଆ ଗମ୍ଭୀରତାର ସହ ଗ୍ରହଣ କରିବା ସହ ତୁରନ୍ତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ସବିଶେଷ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ଏଥିରେ ସଂପୃକ୍ତ ଥିବା ଦୋଷୀ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଥାନା ଭିତରେ ଯୁବକଙ୍କୁ ଶାରୀରିକ ନିର୍ଯାତନା ଦିଆଯିବା ଘଟଣାକୁ କଟକ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସ୍ପଷ୍ଟ ଭାବେ ଅସ୍ୱୀକାର ▶ପୃଷ୍ଠା-୭

**'ଥାର୍ଡ ଡିଗ୍ରୀ'କୁ ଡିସିପିଙ୍କ ଖଣ୍ଡନ**




ଫ୍ଲାଟ୍ ବ୍ୟବସାୟୀ ସୁଧୀର ହତ୍ୟା ଘଟଣା

# ଅପରାଧର ଦୃଶ୍ୟାବଲୋକନ କରାଇଲେ ଦୁଇ ଅଭିଯୁକ୍ତ

ବ୍ରହ୍ମପୁର,୨୯ ।୫(ସମିସ)



ଫ୍ଲାଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ଘଟଣାରେ ଅଧିକ ଖିଅ ଖୋଜୁଛି ପୁଲିସ। ପୁଣି ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରି ସତ୍ୟ ଓଗାଳୁଛି ଗୋପାଳପୁର ପୁଲିସ। ଦୁଇ ଅଭିଯୁକ୍ତ କବିସୂର୍ଯ୍ୟନଗର ଥାନା ଅଂଚଳର ମୁକେଶ ସାହୁ ଓ ଗୁଜୁରାଟ ସୁରତ ସହରର ସୁମିତ ସିଂ ସୁନୀଲ ରାଜପୁତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ କ୍ରାଇମ୍ ସ୍ପଟକୁ ନେଇ କିଭଳି ସୁଧୀରଙ୍କୁ ଅପହରଣ କରି ନେଇଥିଲେ ତାହାର ଡେମୋ ଦେଖାଇଥିଲେ ଅଭିଯୁକ୍ତ। ପରେ ବୁଗୁଡ଼ା ଅଞ୍ଚଳର ରାମପାଦ ଓ ହତ୍ୟା ପରେ ସୋରଡ଼ା ଥାନା ଅନ୍ତର୍ଗତ ଗାଜଲବାଡ଼ି ନିକଟ ରସିପଙ୍କାଳ ସ୍ଥାନକୁ ନେଇ କ୍ରାଇମ୍ ସିନ ରିକ୍ରିଏସନ କରିଛି ପୁଲିସ। ଅପହରଣ ଓ ହତ୍ୟାକାଣ୍ଡର ଟିକିନିଖି ତଥ୍ୟ ସଂଗ୍ରହ କରିଛି ତଦନ୍ତକାରୀ ଟିମ୍। କ୍ରାଇମ ସିନ୍ ରିକ୍ରିଏସନ ବେଳେ ସଦର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଂଜନ ଲେଙ୍କାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ମାମଲାରେ ଆଉ ୨ ଅଭିଯୁକ୍ତ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ ପୁଲିସ ଏନ୍‌କାଉଣ୍ଟର କରିଥିବାରୁ ବର୍ତ୍ତମାନ ସେମାନେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧିନ ଥିବା ପୁଲିସ କହିଛି। ଉଭୟ ଅଭିଯୁକ୍ତଙ୍କୁ ପୁଲିସ ଦୁଇ

## ପୁଲିସକୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ

ଦିନିଆ ରିମାଣ୍ଡରେ ଆଣି ଖୋଳତାଡ କରୁଛି ପୁଲିସ। ରିମାଣ୍ଡର ପ୍ରଥମ ଦିନରେ ବ୍ରହ୍ମପୁର ଅତିରିକ୍ତ ଏସପି ଆଲୋକ ଜେନା, ତଦନ୍ତକାରୀ ଅଧିକାରୀ ଦୁଇ ଅଭିଯୁକ୍ତଙ୍କୁ ମାରାଥନ ଜେରା କରିଥିଲେ। ଏହି ମାମଲାରେ ଗତ ୨୫ତାରିଖ ରାତିରେ ଅଭିଯୁକ୍ତ ରଞ୍ଜନ ମଲ୍ଲିକ ଓ ସରୋଜ ପଣ୍ଡାଙ୍କୁ ପୁଲିସ ଏନ୍‌କାଉଣ୍ଟର କରିଥିଲା। ସେମାନଙ୍କୁ ଗିରଫ କରିବା ପରେ ଗିରଫ ସଂଖ୍ୟା ୧୩କୁ ବୃଦ୍ଧି ପାଇବ। ବର୍ତ୍ତମାନ ଏହି ମାମଲାରେ ମୃତ ସୁଧୀରଙ୍କ ଝିଆରୀ ନିବେଦିତା ପାତ୍ର ଓ ପୁତୁରା ତୁଷାର ପାତ୍ରଙ୍କ ସମେତ ୧୧ଜଣଙ୍କୁ ପୁଲିସ କୋର୍ଟଚାଲାଣ କରିସାରିଛି। ଗତ ଏପ୍ରିଲ ୧୫ତାରିରେ ସୁଧିରଙ୍କୁ ଅପହରଣ କରାଯିବା ପରେ ତାଙ୍କ ଗଳିତ ଶବ ୨୨ ତାରିଖରେ ଉଦ୍ଧାର କରାଯାଇଥିଲା। ପୂର୍ବରୁ ୯ ଅଭିଯୁକ୍ତଙ୍କୁ ୩ଟି ପର୍ଯ୍ୟାୟରେ ରିମାଣ୍ଡରେ ଆଣି ପୁଲିସ କ୍ରାଇମ ସିନ୍ ରିକ୍ରିଏସନ ସହ ମାରାଥନ୍ ଜେରା କରିସାରିଛି। ଏଥିରେ ଆଉ କାହାର ସମ୍ପୃକ୍ତି ଅଛି ଅଥବା ଘଟଣା ପଛରେ ଆଉ କିଛି ରହସ୍ୟ ଲୁଚି ରହିଛି ସେହି ଆଶଙ୍କାରେ ପୁଲିସ ଅଭିଯୁକ୍ତଙ୍କ ଠାରୁ ତଥ୍ୟ ଓଗାଳି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି କୁହାଯାଉଛି।

---

● ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

## ବାଳସୁଧାର ଗୃହ ଗଲେ ନାବାଳକ

ବ୍ରହ୍ମପୁର,୨୯ ।୫(ସମିସ): ଏକ ଆକ୍ରମଣ ଓ ଲୁଟ ମାମଲାରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ନାବାଳକକୁ କାବୁ କରି ଜେଜେବିରେ ହାଜର କରି ବାଳ ସୁଧାର ଗୃହକୁ ପଠାଇ ଦେଇଛି। ପୂର୍ବରୁ ଏହି ମାମଲାରେ ଲାଞ୍ଜିପଲ୍ଲୀ ଢିପ ସାହିର ବାବୁ ମହାକୁଡ଼ ଓରଫ ସମୀର ବିଷୋୟୀ(୨୦)ଙ୍କୁ ପୁଲିସ ଗିରଫ କରିଥିଲା। ସୂଚନାଯୋଗ୍ୟ ଯେ, ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅନ୍ତର୍ଗତ ଜୟନ୍ତୀପୁର କଳାପାଡ଼ଘାଟ ଅଞ୍ଚଳର ଗଜେନ୍ଦ୍ର ବେହେରା (୨୮) ନିକଟସ୍ଥ ଗୁଡସସେଡ୍ ରୋଡରେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ସେ ସେଠାରେ ଥିବା ଏକ ଘରେ ସୁରକ୍ଷାକର୍ମୀ ପ୍ରଦୀପ ଚୌଧୁରୀ (୬୦)ଙ୍କ ସହ ରହୁଥିଲେ। ୨୩ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଅଭିଯୁକ୍ତ ବାବୁ ମହାକୁଡ଼ ସମ୍ପୃକ୍ତ ନାବାଳକଙ୍କ ସହ ସେଠାରେ ପହଞ୍ଚିଥିଲା। ଉଭୟେ ମିଶି ସୁରକ୍ଷାକର୍ମୀ ପ୍ରଦୀପ ଚୌଧୁରୀ ଓ ଶ୍ରମିକ ଗଜେନ୍ଦ୍ର ବେହେରାଙ୍କୁ କାଠ ଫାଳିଆରେ ନିର୍ମମ ଭାବେ ଆକ୍ରମଣ କରିବା ସହ ଲୁଟ୍‌ପାଟ କରିଥିଲେ। ଆକ୍ରମଣରେ ଉଭୟ ଗୁରୁତର ଆହତ ହୋଇଥିଲେ। ଘଟଣାକୁ ନେଇ ଗଜେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ନାବାଳକ ଛାତ୍ର ହତ୍ୟାକାରୀକୁ ଆଜୀବନ



ବ୍ରହ୍ମପୁର,୨୯ ।୫(ସମିସ): ୨୦୧୯ର ବହୁଚର୍ଚ୍ଚିତ ଡିଏଭି ଛାତ୍ର ଆଶିଷ ଅଂଶୁମାନ ଅପହରଣ ପରେ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ(ପ୍ରଥମ) ନରେଶ ମହାନ୍ତି ଗତ ସୋମବାର ଏହି ମାମଲାର ଅଭିଯୁକ୍ତ ଯଥା ଯାଜପୁର ନିବାସୀ ଦେବାଶିଷ ପଣ୍ଡା(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆଜି ଦଣ୍ଡ ଶୁଣାଇ ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଲଦଣ୍ଡ ସହ ୧୬ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ୧୪ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବାକୁ ରାୟରେ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ସଦାନନ୍ଦ ବିହାରରେ ନିରୂପାରାଣୀ ଆଚାରୀ ନିଜର ୭ ବର୍ଷର ପୁଅ ଆଶିଷ ଅଂଶୁମାନଙ୍କ ସହ ରହୁଥିଲେ। ଶିଶୁଟି ଗାନ୍ଧୀନଗର ସ୍ଥିତ ଡିଏଭି ସ୍କୁଲରେ ଏଲକେଜି ଶ୍ରେଣୀରେ ପଢୁଥିଲେ। ଯାଜପୁର ଅଞ୍ଚଳର ଦେବାଶିଷ ପଣ୍ଡାଙ୍କ ନିରୁପାରାଣୀଙ୍କର ଫେସବୁକ ଜରିଆରେ ବନ୍ଧୁତା ହୋଇଥିଲା। ୨୦୧୯ ଜାନୁଆରୀ ୧୨ ସକାଳେ ଦେବାଶିଷ ନିରୂପାରାଣୀଙ୍କ ଘରେ ପହଞ୍ଚିଥିଲେ। ଆଶିଷ ସ୍କୁଲ ଯିବାକୁ ବାହାରିଥିଲା। ଆଶିଷକୁ ସ୍କୁଲରେ ଛାଡ଼ିଦେବାକୁ କହି ଦେବାଶିଷ ଯାଇଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ପୁଅ ଘରକୁ ନଫେରିବାରୁ ନିରୁପାରାଣୀଙ୍କ ସନ୍ଦେହ ହୋଇଥିଲା। ସେ ଘଟଣା ସମ୍ପର୍କରେ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ମୋବାଇଲ ଟ୍ରାକିଂ ଜରିଆରେ ଦେବାଶିଷଙ୍କୁ ସୋନପୁର ଜିଲା ଡୁଙ୍ଗୁରୁପଲିରୁ ଗିରଫ କରିବା ପରେ ସେ ଆଶିଷଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ସେ ଶିଶୁଟିକୁ ଅପହରଣ କରି ତାରାତାରିଣୀ ମନ୍ଦିର ପାଦଦେଶ ଜଙ୍ଗଲିଆ ସ୍ଥାନରେ ହତ୍ୟା କରିଥିବା ପୁଲିସକୁ କହିଥିଲା। ପୁଲିସ ଅଭିଯୁକ୍ତଙ୍କୁ ନେଇ ସେଠାକୁ ଯାଇ ମୃତଦେହ ଓ ରକ୍ତଭିଜା ପଥର ଜବତ କରିଥିଲା। ତତ୍କାଳୀନ ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ କୁଳମଣି ସେଠୀ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ମାମଲାର ବିଚାରଣା ବେଳେ ୨୬ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅଶୋକ କୁମାର ନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ୧୪ ଚୋରି ସାଇକଲ ଉଦ୍ଧାର; ଜଣେ ଗିରଫ

ବ୍ରହ୍ମପୁର,୨୯।୫(ସମିସ): ସହର ଓ ଉପକଣ୍ଠର ବିଭିନ୍ନ ସ୍ଥାନରୁ ଏକାଧିକ ସାଇକଲ ଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ରହିଛି। ଚୋରି ମାମଲାରେ ଟାଉନ୍ ଥାନା ପୁଲିସ ଶୁକ୍ରବାର ଏକ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଶ୍ରୀରାମ ନଗର ଆଦର୍ଶ ମାର୍ଗର ପିଣ୍ଟୁ ପ୍ରଧାନ (୩୮)। ପିଣ୍ଟୁଙ୍କ ଠାରୁ ପୁଲିସ ୧୪ଟି ସାଇକଲ ଉଦ୍ଧାର କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ ଚନ୍ଦନ ନଗର ବିଶାଳ ପ୍ରଧାନ ନିଜର ସାଇକଲ ନେଇ ଆଜି ସକାଳେ ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡକୁ ଯାଇଥିବା ବେଳେ ଚୋରି ହୋଇଯାଇଥିଲା। ଥାନାରେ ଅଭିଯୋଗ ପରେ ସିସିଟିଭି ଫୁଟେଜ ଯାଞ୍ଚ କରି ପିଣ୍ଟୁଙ୍କୁ ପୁଲିସ ଗିରଫ କରି ୧୪ଟି ଚୋରି ସାଇକଲ ଉଦ୍ଧାର କରିଥିଲା ପୁଲିସ।

---

● 'ସିଏମ କପ୍-୨୦୨୬'

## ୧ରୁ ଆନ୍ତଃଜିଲ୍ଲା ଜୋନାଲ ଫୁଟବଲ୍ ଓ ୫ରୁ କବାଡ଼ି ପ୍ରତିଯୋଗିତା




ବ୍ରହ୍ମପୁର,୨୯ ।୫(ସମିସ): ଜୁନ୍ ପହିଲାରୁ ସିଏମକପ୍-୨୦୨୬ର ଜୋନ ସ୍ତରୀୟ କବାଡି ଏବଂ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହେବ। ଏନେଇ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିଅମରେ ଆୟୋଜକ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଆସନ୍ତା ଜୁନ ପହିଲାରୁ ଅନ୍ତଃଜିଲ୍ଲା ୧୪ବର୍ଷୀୟ ବାଳକ ଓ ବାଳିକା ଫୁଟବଲ ଏବଂ ୫ତାରିଖ ଠାରୁ ୧୬ବର୍ଷୀୟ ଆନ୍ତଃଜିଲ୍ଲା ବାଳକ ଓ ବାଳିକା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୮ ଗୋଟି ଜିଲ୍ଲାରୁ ଉଭୟ ବାଳକ ଓ ବାଳିକା ଖେଳାଳି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମ୍ୟାଚ ପରିଚାଳନା ପାଇଁ ସ୍ୱତନ୍ତ୍ର ତଥା ଅଭିଜ୍ଞ ଓ ତାଲିମପ୍ରାପ୍ତ ମ୍ୟାଚ ପରିଚାଳକ ମଧ୍ୟ ଉପସ୍ଥିତ ରହିବେ। ପ୍ରଥମ ଥର ପାଇଁ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ଇନ୍‌ଡୋର ହଲର ସିନ୍ଥେଟିକ ପଡିଆରେ ୫ତାରିଖ ଠାରୁ ୭ ମଧ୍ୟରେ କବାଡି ଖେଳ ଆୟୋଜିତ ହେବ। ଦ୍ୱିତୀୟ ସଂସ୍କରଣ ଫୁଟବଲ ଚାମ୍ପିଆନସିପ ଜୁନ ପହିଲାରୁ ୭ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ଗଞ୍ଜାମ ସମେତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, କନ୍ଧମାଳ ଓ ଗଜପତି ଭଳି ୮ଟି ଜିଲ୍ଲାର ଖେଳାଳୀ ସାମିଲ ହେବେ। ଗଞ୍ଜାମ ଜିଲ୍ଲା କ୍ରୀଡା ସମ୍ପାଦକ ଜେ. କାମେଶ୍ୱର ରାଓଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ରୀଡା ସଙ୍ଘର ଉପସଭାପତି ତାରିଣୀ ସାମନ୍ତରାୟ, କେଦାରନାଥ ଚୌଧୁରୀ, ବିଜୟ କୁମାର ପଟନାୟକ, ଯୁଗ୍ମ ସମ୍ପାଦକ ଡ଼ି. ଆପ୍ପା ରାଓ, ଜିଲ୍ଲା ଫୁଟବଲ ସଂଘ ସମ୍ପାଦକ ଜି. ଏମ. ବାବୁ, କବାଡି ସଂଘ ସମ୍ପାଦକ ସୀତାରାମ ବେବର୍ତ୍ତା, ଆଜୀବନ ସଭ୍ୟ ଦୁର୍ଗା ପଟ୍ଟନାୟକ, ପ୍ରମୋଦ ମହାରଣା, ବିଶ୍ୱନାଥ ପାତ୍ର, ଭିନସେଣ୍ଟ ଦାସ, ମାନସ ପଣ୍ଡା, ଜି.ଭି.ଜି ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲ୍ଲା କ୍ରୀଡା ସଂସଦ ଏବଂ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ, ଓଡିଶା ଫୁଟବଲ ସଂଘ ଏବଂ ଓଡିଶା କବାଡି ସଂଘର ମିଳିତ ସହଯୋଗରେ ପ୍ରତିଯୋଗିତା ଆୟୋଜିତ ହେବ।

---

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷା ଫଳ

## ଜିଓଲୋଜି ବିଭାଗର ହୃଷୀକେଶ ଶ୍ରେଷ୍ଠ ସ୍ନାତକ



ବ୍ରହ୍ମପୁର,୨୯ ।୫(ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷା ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୬ ପ୍ରତିଶତ ରହିଥିବାବେଳେ ଜିଓଲୋଜି ବିଭାଗର ଛାତ୍ର ହୃଷୀକେଶ ନାହାକ ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। ସେ ୮୯.୭ ପ୍ରତିଶତ ସହ ୯.୪୭ ସିଜିପିଏ ରଖି ଟପ୍ପର ହୋଇଛନ୍ତି। ସେହିପରି କଳାରେ ଅର୍ପିତା ତ୍ରିପାଠୀ ୮୯.୬ ପ୍ରତିଶତ ସହ ୯.୪୬ ସିଜିପିଏ ଓ ବାଣିଜ୍ୟରେ ଅନୁରାଧା ଚୌଧୁରୀ ୮୫.୪ ପ୍ରତିଶତ ସହ ୯.୦୪ ସିଜିପିଏ ରଖି ବିଭାଗ ଟପ୍ପର ହୋଇଛନ୍ତି।

ପରୀକ୍ଷାଫଳ ପ୍ରକାଶ ସମୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅସୀମା ସାହୁ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ପିଜିସି ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଡ.ପ୍ରଶାନ୍ତ କୁମାର ନରେନ୍ଦ୍ର ଓ ଡ.ଉଷାରାଣୀ ରଥ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବବର୍ଷ ମାନଙ୍କର ରେକଡର୍ ଭାଙ୍ଗି ଅଧିକ ସଂଖ୍ୟାରେ ଛାତ୍ରଛାତ୍ରୀ ଚଳିତବର୍ଷ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ସ୍ନାତକ କଳାରେ ୪୨୦ଜଣ ପରୀକ୍ଷା ଦେଇଥିବା ବେଳେ ୪୦୩ (୯୬ ପ୍ରତିଶତ), ବାଣିଜ୍ୟରେ ୩୫୯ ମଧ୍ୟରୁ ୩୫୭ ଜଣ (୯୭ ପ୍ରତିଶତ) ଓ ବିଜ୍ଞାନରେ ୩୧୪ରୁ ୨୯୫ ଜଣ(୯୪ପ୍ରତିଶତ) ପାସ୍ କରିଛନ୍ତି। ମୋଟ ୧୦୯୩ ଜଣ ପରୀକ୍ଷା ଦେଇଥିବା ବେଳେ ୧୦୫୫ କୃତକାର୍ଯ୍ୟ ହୋଇଛନ୍ତି।

ନୃତତ୍ତ୍ୱ କଳା ବିଭାଗରେ ଅର୍ପିତା ତ୍ରିପାଠୀ, ଅର୍ଥନୀତିରେ ଆଦିତ୍ୟ ପ୍ରସାଦ ମହାପାତ୍ର, ଶିକ୍ଷାରେ ସ୍ନେହାରାଣୀ ପାଣିଗ୍ରାହୀ, ଇଂରାଜୀରେ ହିପଶିବ ନାୟକ, ଭୂତତ୍ତ୍ୱ ବିଜ୍ଞାନରେ ହୃଷିକେଶ ନାହାକ, ହିନ୍ଦୀରେ ଲିପିରାଣୀ ସାମନ୍ତରା, ଇତିହାସରେ ସ୍ମୃତି ରାଉଳ, ଗଣିତରେ ହରପ୍ରିୟା ମହାରଣା, ଗଣିତ ବିଜ୍ଞାନ ବିଭାଗରେ ସୀମାଞ୍ଚଳ ବେହେରା, ଓଡ଼ିଆରେ ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ରାଜନୀତି ବିଜ୍ଞାନରେ ମୋନାଲିସା ପ୍ରଧାନ, ପ୍ରାଣୀ ବିଜ୍ଞାନରେ କେ. ପ୍ରଶାନ୍ତ, ବିଜ୍ଞାନ ବିଭାଗର ନୃତତ୍ତ୍ୱ ବିଷୟର ଚିନ୍ମୟୀ ନାୟକ, ଉଦ୍ଭିଦ ବିଜ୍ଞାନର ଗୌରୀ ବେହେରା, ରସାୟନ ବିଜ୍ଞାନର ଆଶାରାଣୀ ପାତ୍ର, ବାଣିଜ୍ୟରେ ଅନୁରାଧା ଚୌଧୁରୀ, କମ୍ପ୍ୟୁଟର ବିଜ୍ଞାନରେ କୀର୍ତ୍ତିରାଜ ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନରେ ସୁହାନୀ ସାହୁ, ଦର୍ଶନ ଶାସ୍ତ୍ରରେ ଲକ୍ଷ୍ମୀ ପ୍ରିୟା ପଣ୍ଡା ଟପର୍ ହୋଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

---

## ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର: ଓଏଏସ୍ ପାଇଲେ ୪ ଛାତ୍ରଛାତ୍ରୀ




ବ୍ରହ୍ମପୁର,୨୯ ।୫(ସମିସ): ପ୍ରଶାସନିକ ସେବା ପରୀକ୍ଷା (ଓଏଏସ୍)ରେ ନୀଳକଣ୍ଠନଗରର ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ୪ଜଣ ପୂର୍ବ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଓମ୍ ପ୍ରକାଶ ସାହୁ(୧୪ତମ ସ୍ଥାନ), ପିୟୁଷ ସାହୁ (୪୦ତମ ସ୍ଥାନ), ସ୍ନିଗ୍ଧା ସେନାପତି (୬୩ତମ ସ୍ଥାନ) ଏବଂ ବନ୍ଦନା ନାୟକ(୧୯୦ ତମ ସ୍ଥାନ) ହାସଲ କରିଛନ୍ତି। ଅନୁଷ୍ଠାନରୁ ପିୟୁଷ ସାହୁ ଏବଂ ଓମ୍ ପ୍ରକାଶ ସାହୁ ୨୦୧୮ ମସିହାରେ, ସ୍ନିଗ୍ଧା ସେନାପତି ୨୦୧୩ ଓ ବନ୍ଦନା ରାଣୀ ୨୦୧୯ରେ ଯୁକ୍ତ ଦୁଇ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। କୃତିତ୍ୱ ଅର୍ଜନ କରିଥିବା ପୂର୍ବତନ ଛାତ୍ରଛାତ୍ରୀଙ୍କୁ ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ବାସନ୍ତି ବେହେରା, ଉପଦେଷ୍ଟା ନରସିଂହ ଚୌଧୁରୀ, ଧର୍ମରାଜ ସାହୁ, ମମତା ପାଣିଗ୍ରାହୀ, ଡ. ହରିକଷ୍ଣ ନାୟକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିକୃଷ୍ଣ ପାଢ଼ୀ, ସୁଦର୍ଶନ ପାଢ଼ୀ ତଥା ନିମନ୍ତ୍ରିତ ସଦସ୍ୟ ରାଜେନ୍ଦ୍ର ଡାକୁଆ ଓ କେ. ଭେଙ୍କଟ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦାଶ, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଅଭିନନ୍ଦନ ଓ ସାଧୁବାଦ ଜଣାଇଛନ୍ତି।

---

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ




ବ୍ରହ୍ମପୁର,୨୯ ।୫(ସମିସ): ଗୋପାଳପୁରରେ ବିଜେପି ଗଞ୍ଜାମ ଜିଲ୍ଲା ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧକ୍ଷତାରେ ଦୁଇ ଦିନ ଧରି ଆୟୋଜିତ ହେବାକୁ ଥିବା ପ୍ରଶିକ୍ଷଣ ବର୍ଗକୁ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିବା ସହ ପାର୍ଟିର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋକପାତ ଓ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ, ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ସତପଥୀ, ଗଞ୍ଜାମ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ପ୍ରଭାରୀ ଲଲାଟେନ୍ଦୁ ବଡୁ, ସହ ପ୍ରଭାରୀ ଜୟନ୍ତୀ ପଢ଼ିୟାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଯତୀନ୍ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗ ଦର୍ଶନ କରିଥିଲେ।

---

## ଗୋପାଳପୁର ବନ୍ଦର ଫାଟକ ସମ୍ମୁଖରେ ଶ୍ରମିକ ସଂଘର ଧାରଣା



ବ୍ରହ୍ମପୁର,୨୯ ।୫(ସମିସ): ଗୋପାଳପୁର ବନ୍ଦରରେ କାର୍ଯ୍ୟରତ ଡ୍ରାଇଭର ଓ ଅପରେଟର ମହାସଂଘର ଆନ୍ଦୋଳନ ଜାରି ରହିଛି। ନିଜର ହକ୍ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ବନ୍ଦର କର୍ତ୍ତୃପକ୍ଷ ଅଥବା ଠିକାସଂସ୍ଥା ଦାବି ପ୍ରତି କର୍ଣ୍ଣପାତ ନକରିବାରୁ ଶ୍ରମିକଙ୍କ ଜୀବନ ବାଜିରେ ଲାଗିଛି। ନିକଟରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିବା ଓ ଗୁଣ୍ଡା ଲଗାଇ ଶ୍ରମିକଙ୍କ ସ୍ୱରକୁ ବନ୍ଦ କରିବାକୁ ଅପଚେଷ୍ଟା କରାଯିବା ବିରୋଧରେ ଶ୍ରମିକ ସଂଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଲାଗି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛି ସଂଘ। ସେପଟେ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମାଧାନର ବାଟ ବାହାର କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ଆସିଛି। ଶ୍ରମିକ ନେତାଙ୍କ ମୁହଁ ବନ୍ଦ କରାଇବାକୁ ଠିକାସଂସ୍ଥା ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ଗୋପାଳପୁର ବନ୍ଦରରେ ଠିକା ସଂସ୍ଥାନ ଅଧିନରେ ଡ୍ରାଇଭର ଓ ଅପରେଟର ଭାବେ ପ୍ରାୟ ୩୦୦କର୍ମଚାରୀ କାମ କରୁଛନ୍ତି। ତେବେ ସେମାନଙ୍କୁ ମୌଳିକ ସୁବିଧା କିମ୍ବା ଠିକ ସଂସ୍ଥାନ ମିଳୁନଥିବା ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ୧୨ଘଣ୍ଟା କାମ କଲେ ୮ ଘଣ୍ଟାର ପାରିଶ୍ରମିକ ଦିଆଯାଉଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କ କ୍ଷେତ୍ରରେ ଠିକା ସଂସ୍ଥାନ ଶ୍ରମ ଆଇନର ଖୋଲା ଉଲ୍ଲଙ୍ଘନ କରୁଥିବା ଅଭିଯୋଗ ହୋଇଛି। ନିକଟରେ ପ୍ରଚଣ୍ଡ ଖରାରେ କାମ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଏହାର ପ୍ରମୁଖ କାରଣ ବୋଲି ସଂଘ ଦାବି କରିଛି। ତେବେ ବନ୍ଦର କର୍ତ୍ତୃପକ୍ଷ ଠିକା ସଂସ୍ଥାନକୁ ଦାୟିତ୍ୱ ଦେଇ ନିଜ ମୁଣ୍ଡରୁ ସମସ୍ତ ଭାର ହଟାଇଦେବା ଯୋଗୁଁ ଅଜି ବାଧ୍ୟ ହୋଇ ଶ୍ରମିକ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଥଇବା ସଂଘ ପକ୍ଷରୁ କୁହାଯାଇଛି। ଶ୍ରମିକ ସଂଘର ଆନ୍ଦୋଳନକୁ ୩ ଦିନ ବିତିଥିଲେ ହେଁ ଆଲୋଚନା ପାଇଁ କେହି ଉଦ୍ୟମ କରୁନଥିବାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନ୍ଦୋଳନ ଜାରି ରଖିବାକୁ ସଂଘ ଚେତାବନୀ ଦେଇଛି।

---

## ରଙ୍ଗେଇଲୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଆଗରେ ମହିଳା ବିଜେଡିର ବିକ୍ଷୋଭ

ବ୍ରହ୍ମପୁର,୨୯ ।୫(ସମିସ)



ଗଞ୍ଜାମ ଜିଲ୍ଲା ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ମହିଳା ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନିଷି ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଏକ ଦାବିପତ୍ର ରଙ୍ଗେଇଲୁଣ୍ଡା ବିଡ଼ିଓଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ବିଜେପି ସରକାର ମହିଳାଙ୍କୁ ୩୩ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛି। ୨୦୨୩ରୁ ମହିଳା ସଂରକ୍ଷଣ ବିଲ୍ ରାଜ୍ୟରେ ପାରିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି। ମହିଳାଙ୍କ ଉପରେ ନିର୍ଯ୍ୟାତନା ବଢ଼ି ଚାଲିଥିବା ବେଳେ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ସେହିପରି ବ୍ରହ୍ମପୁର ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ମହିଳାମାନେ ଘରୁ ବାହାରକୁ ବାହାରିବା ପାଇଁ ଭୟ କରୁଛନ୍ତି। ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇ ଭୋଟ ନେଇଗଲେ। ହେଲେ ସୁଭଦ୍ରା ଯୋଜନାରେ ୫ହଜାର ଟଙ୍କା ଦେଇ ଦରଦାମ ବୃଦ୍ଧି କରି ଚାଲିଛନ୍ତି। ତେଣୁ ମହିଳାଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଥିଲା ଦଳ ତାହା ପାଳନ କରୁନଥିବା ଅଭିଯୋଗ ହୋଇଛି। ଆସନ୍ତା ନିର୍ବାଚନରେ ମହିଳାମାନେ ବିଜେପି ସରକାରଙ୍କୁ ଉଚିତ ଜବାବ ଦେବେ ବୋଲି ରାଜ୍ୟ ବିଜେଡ଼ି ମହିଳା ସଭାନେତ୍ରୀ ଇପଶିତା ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡ଼ି ମହିଳା ନେତ୍ରୀଙ୍କ ସହ ବିଜେଡ଼ି ନେତାମାନେ ସାମିଲ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ବ୍ଲକ ସଭାପତି ଅଜିତ ଦାସ, ବ୍ଲକ ଉପାଧ୍ୟକ୍ଷ ଅନିତା ସାହୁ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ. ଜାନକୀ ରାମ, ବିନୋଦ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ଜିଲ୍ଲା ପରିଷଦ ସଭ୍ୟ ଭାରତୀ ନାୟକ, ତୋଅପୋଇ ଦାସ, ମହାନଗର ସଭାନେତ୍ରୀ ସୋନାଲି ଗନ୍ତାୟତ, ସରପଞ୍ଚ ମେନକା ରେଡି, ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, ପ୍ରତାପ ଚନ୍ଦ୍ର କୋଠିଆ, ପ୍ରବୀଣ କୁମାର, ଡିଲେଶ୍ୱର ରେଡିଙ୍କ ସମେତ ବହୁ ବିଜେଡ଼ି କର୍ମୀ ସାମିଲ ଥିଲେ।

## ୩୦ରୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୯।୫ (ସମିସ): ଭାରତୀୟ ନିର୍ବାଚନ କମିଶନ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା କାଲି ଅର୍ଥାତ୍ ୩୦ ତାରିଖ ଠାରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି।

ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଏବଂ ଜିଲ୍ଲା ନିର୍ବାଚନ ବିଭାଗୀୟ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ କହିଛନ୍ତି, ଏହି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିର୍ଭୁଲ ଓ ଅପଡେଟ୍ କରିବା।

୩୦ ମେ, ୨୦୨୬ ରୁ ୨୮ ଜୁନ୍, ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ ମାନେ ପ୍ରତ୍ୟେକ ପରିବାର ଗସ୍ତ କରି ଭୋଟରଙ୍କ ତଥ୍ୟଯାଞ୍ଚ ଏବଂ ଫର୍ମ ସଂଗ୍ରହ କରିବେ। ସେପ୍ଟେମ୍ବର ୬, ୨୦୨୬ ରେ ସମସ୍ତ ସଂଶୋଧନ ପରେ ସମ୍ପୂର୍ଣ୍ଣ ନିର୍ଭୁଲ ଓ ଚୂଡ଼ାନ୍ତ ଭୋଟର ତାଲିକା ଆନୁଷ୍ଠାନିକ ଭାବେ ପ୍ରକାଶ ପାଇବ।

### ଭାଙ୍ଗିଲା ପୋଲର ଉପରି ଭାଗ

## ସପ୍ତାହେ ହେଲା ସନ୍ତରାଗଡ଼ିଆ-ବାହାନଗା ରାସ୍ତାରେ ଯାତାୟାତ ଠପ୍

ନୀଳଗିରି, ୨୯।୫ (ସମିସ)



ଫାଟିଲା ପୋଲ, ଭାଙ୍ଗିଲା ପୋଲ ର ଉପରି ଭାଗ, ରାସ୍ତା ବନ୍ଦ, ଉଠୁଛି ଖଣ୍ଡ ଖଣ୍ଡ କଂକ୍ରିଟ। ନୀଳଗିରି ଉପଖଣ୍ଡ ଅଧୀନ ସନ୍ତରାଗଡିଆ-ବାହାନଗା ରାସ୍ତା ୭ ଦିନ ହେବ ବନ୍ଦ ହେବା ସହ ଜରୁରୀ କାଳୀନ ସେବା ଠପ୍। ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଶହ ଶହ ଯାତ୍ରୀ। ଅଭିଯୋଗ ପରେ ନିଦାବିଷ୍ଟ ପ୍ରଶାସନ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ସନ୍ତରାଗଡିଆ ଠାରୁ ପିଙ୍ଗୋବଣିଆ ପର୍ଯ୍ୟନ୍ତ ୫ କୋଟି ୧୩ ଲକ୍ଷ ୨୭ ହଜାର ୪୯୦ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ କରାଯାଇଥିଲା। କିନ୍ତୁ ରାସ୍ତାକୁ ୨ ବର୍ଷ ନ ପୂରୁଣୁ ମଧୁକରଖୁଣ୍ଟା ଗ୍ରାମର ରାମେଶ୍ୱର ମନ୍ଦିର ନିକଟରେ ଅତି ନିମ୍ନମାନର ପୋଲ ନିର୍ମାଣ କରାଯାଇଥିଲା। ଫଳରେ ସପ୍ତାହେ ହବ ଉକ୍ତ ପୋଲର ଉପରି ଭାଗ ଭାଙ୍ଗି ଯାଇଥିବା ବେଳେ ସନ୍ତରାଗଡିଆ ବାହାନଗା ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ମଧୁକରଖୁଣ୍ଟା, ଅଙ୍କୁରଖୁଣ୍ଟା, ମର୍ଦ୍ଦରାଜପୁର ଗ୍ରାମର ଶତାଧିକ ଲୋକ ଜରୁରୀ କାଳୀନ ସେବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଏ ନେଇ ଗ୍ରାମବାସୀ କିରଣ ଶ, ଯୁଧିଷ୍ଠିର ଲେଙ୍କା, କେଶବ ଚନ୍ଦ୍ର ନାୟକ, ଉତ୍ତମ କୁମାର ମହାନ୍ତି, ରାଜେଶ ବ୍ରହ୍ମ, ଈଶ୍ୱରଚନ୍ଦ୍ର ପରିଡ଼ା, କଲ୍ୟାଣୀ ଲେଙ୍କା, ସୋରେନ ମହାନ୍ତି, କାଞ୍ଚନ ଲେଙ୍କା, ଗୋଲକ ମହାପାତ୍ର ବାରମ୍ବାର ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ବେଳେ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି।

## ଜାତିଗତ ପ୍ରମାଣପତ୍ର ପ୍ରଦାନରେ ତହସିଲର ଖାମଖିଆଲି ନୀତି

ଜଳେଶ୍ୱର ବ୍ଲକ,୨୯।୫ (ସମିସ): ଜାତିଗତ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ଜଳେଶ୍ୱର ତହସିଲର କିପରି ଖାମଖିଆଲି ନୀତି ପୋଷଣ କରୁଛି, ସେ ସମ୍ପର୍କରେ ଆଇନଜୀବୀ ତଥା ସମାଜସେବୀ ଅଚିନ୍ତ କୁମାର ଦାସ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ ତାଙ୍କର ସାନ ପୁଅ ସତ୍ୟଜିତ୍ ଦାସ ଉଚ୍ଚ ଶିକ୍ଷା ନିମନ୍ତେ ଏକ ଜାତିଗତ ପ୍ରମାଣପତ୍ର(ସାଗରପଶା) ପାଇବା ପାଇଁ ଗତ ୧୧/୫/୨୦୨୫ ତାରିଖରେ ପଶ୍ଚିମବାର୍ଡ ଜନସେବା କେନ୍ଦ୍ର ମାଧ୍ୟମରେ ଆବେଦନ କରିଥିଲେ। ତାଙ୍କୁ ଗତ ୨/୬/୨୦୨୫ ତାରିଖରେ ଉକ୍ତ ପ୍ରମାଣପତ୍ର ମିଳିବା ପାଇଁ ପ୍ରାପ୍ତି ସ୍ୱୀକାର ପତ୍ରରେ ଉଲ୍ଲେଖ ଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶ୍ରୀ ଦାସ ଉକ୍ତ ପ୍ରମାଣପତ୍ର ନ ପାଇବାରୁ ସେ ପଶ୍ଚିମବାର୍ଡ ରାଜସ୍ୱ ନିରୀକ୍ଷକ ଓ ଜଳେଶ୍ୱର ତହସିଲଦାରଙ୍କ ପାଖକୁ ଅନ୍ୟୁନ ୧୦ ଥରରୁ ଅଧିକ ଥର ଯାଇ ନିରାଶ ହେବା ପରେ ସେ ନଂ ୨୪୯୮ ତା ୭/୭/୨୫ ରିଖ ବାଲେଶ୍ୱର ଜିଲ୍ଲାପାଳଙ୍କ




କାର୍ଯ୍ୟାଳୟ, ନଂ ୪୫୯୫ ତା ୪/୮/୨୫ ରିଖ ଜଳେଶ୍ୱର ବ୍ଲକ, ନଂ ୩୨୬୭ ତା ୧/୯/୨୫ ରିଖ ଭୋଗରାଇ ବ୍ଲକ, ନଂ ୩୪୭୧ ତା ୮/୯/୨୫ ରିଖ ବାଲିଆପାଳ ବ୍ଲକ ଓ ୪/୫/୨୬ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ମିଳିତ ଜିଲ୍ଲାପାଳ ଓ ଏସ ପି ଜନଶୁଣାଣି ଶିବିରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏପରିକି ଶ୍ରୀ ଦାସ ଗତ ୧୪/୫/୨୬ ତାରିଖରେ ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟଙ୍କୁ ସାକ୍ଷାତ୍ କରି ଉକ୍ତ ପ୍ରମାଣପତ୍ର ପାଇଁ ନିବେଦନ କରିବା ପରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଫଳରେ ଶ୍ରୀ ଦାସ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ନିଜର ମେଧାବୀ ପୁତ୍ରର ଉଚ୍ଚ ଶିକ୍ଷା ଓ ବୃତ୍ତି ପାଇଁ ପ୍ରମାଣପତ୍ର ଆବଶ୍ୟକ ହେଉଥିବା ବେଳେ ପ୍ରଶାସନର ଏଭଳି ଖାମଖିଆଲି ନୀତିକୁ ସେ ନାପସନ୍ଦ କରିଛନ୍ତି। ସେହି ସାଗରପଶା ଜାତିକୁ ଜଳେଶ୍ୱର ତହସିଲଦାର ବହୁ ହିତାଧିକାରୀଙ୍କୁ ଓ.ବି.ସି/ ଏସ. ଇ.ବି. ସି ପ୍ରମାଣପତ୍ର ପ୍ରଦାନ କରିଥିବା ବେଳେ ଶ୍ରୀ ଦାସଙ୍କ କ୍ଷେତ୍ରରେ ଏଭଳି ପାତର ଅନ୍ତର ନୀତି ପାଇଁ ସେ ତହସିଲଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ଜୁନ୍ ୧୫ ତାରିଖ ସୁଦ୍ଧା ଯଦି ତାଙ୍କ ପୁଅର ଜାତିଗତ ପ୍ରମାଣପତ୍ର ନ ପାଆନ୍ତି, ସେ ଜୁନ୍ ୧୬ ତାରିଖରେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଜିଲ୍ଲାପାଳ ଓ ଏସପି ମିଳିତ ଜନଶୁଣାଣି ଶିବିରରେ ଆତ୍ମାହୁତି ଦେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସୁନାମି ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ



ବାଲେଶ୍ୱର,୨୯।୫ (ସମିସ): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ ସଦର ବ୍ଲକ ଅନ୍ତର୍ଗତ ବର୍ଦ୍ଧନପୁର ପଞ୍ଚାୟତ ନିଧିପଡ଼ା ଗ୍ରାମରେ ଜିଲ୍ଲାସ୍ତରୀୟ ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଅନ୍ୟ ୩ଟି ଗ୍ରାମ କସାଫଳ, କୁସୁମୁଳିପାହି ଏବଂ ବଗଦା ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ନିଧିପଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲକୁ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଉଦଘାଟନ କରିଥିଲେ। ମକଡ୍ରିଲରେ କମ୍ୟୁନିଟି ସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା। ମକଡ୍ରିଲରେ, ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନଓ୍ୱାଡି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରସାରଣ କରାଯାଇଥିଲା। ନିଧିପଡ଼ା ଓ କୁସୁମୁଳିପାହି ଗ୍ରାମରେ ଅନୁଷ୍ଠିତ ମକଡ୍ରିଲରେ ଏନ.ଡି.ଆର.ଏଫ., ଓ.ଡ୍ରା.ଫ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ। ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ, ସେ ସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା। ଏନ.ଡି.ଆର.ଏଫ, ଓ.ଡ୍ରା.ଫ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଭିନ୍ନ ଉପକରଣ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଓସଡାମା କାର୍ଯ୍ୟାଳୟରୁ ଆସିଥିବା ପର୍ଯ୍ୟବେକ୍ଷକ ଓ ରାଜ୍ୟ ପ୍ରକଳ୍ପ ଅଧିକାରୀ ପ୍ରତିକ୍ରିୟା ରଖିଥିଲେ। ଜିଲ୍ଲାସ୍ତରୀୟ ମକଡ୍ରିଲ୍ କାର୍ଯ୍ୟକ୍ରମରେ ଦୁବୁଲାଗାଡି, ଭୀମପୁର ଓ କସାଫଳ ଗ୍ରାମ ପଂଚାୟତର ବାତ୍ୟା ଆଶ୍ରୟସ୍ଥଳୀ ସଭାପତି ତଥା ସରପଞ୍ଚ, ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ଏନ.ଡି.ଆର.ଏଫ. ଟିମ କମାଣ୍ଡର, ଚିତ୍ତ ରଞ୍ଜନ ମହାନ୍ତି, ଓ.ଡ୍ରା.ଫ ବାହିନୀର ମନୋରଞ୍ଜନ ବେହେରା, ଅଗ୍ନିଶମ ବିଭାଗୀୟ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ପର୍କ ର ସମ୍ପାଦକ ପ୍ରଦୀପ ଜେନା ଆନନ୍ଦ କୁମାର ବେହେରା ମକଡ୍ରିଲ ସଂପର୍କରେ ସୂଚନା ଦେଇଥିଲେ। ମକଡ୍ରିଲରେ ମୋ ଭାରତ ଓ ଆପଦ ମିତ୍ର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ। ବର୍ଦ୍ଧନପୁର ସରପଞ୍ଚ ଆରତୀ ମହାପାତ୍ର, ଭୀମପୁର ସରପଞ୍ଚ ହରିପାଦ ଦାସ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଓସଡାମା) ଅବନୀକାନ୍ତ ଭୂୟାଁ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

## ବାଲିଆପାଳ ଅଞ୍ଚଳରେ ବଢ଼ୁଛି ଚୋରା ମଦ ବେପାର

କାଳିପଦା, ୨୯।୫ (ସମିସ): ବାଲିଆପାଳ ଅଞ୍ଚଳରେ ଏବେ ଅତ୍ୟଧିକ ପରିମାଣରେ ଚୋରା ଦେଶୀ ମାଦକ ଦ୍ରବ୍ୟ ବିକ୍ରି ହେଉଛି। ବାଲିଆପାଳ ଅବକାରୀ ଥାନା ପକ୍ଷରୁ ଜିଲ୍ଲା ଏସ ପି ଙ୍କ ନିର୍ଦ୍ଦେଶରେ ତିନି ଦିନ ତଳେ ବିଭିନ୍ନ ସ୍ଥାନରେ ଚଢଉ କରି ଚୋରା ମଦ ଜବତ କରିବା ସହିତ କେତେ ଜଣ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହା ଧର୍ମକୁ ଆଖି ଠାର ସଦୃଶ। ଏଥିରେ କିଛି ନୂତନତା ନାହିଁ। ଦୁଇ ତିନି ଦିନ ପରେ ସେମାନେ ଜେଲ ରୁ ମୁକୁଳି ଆସିବେ। ଯଥା ପୂର୍ବଂ ତଥା ପରଂ ନୀତି ରେ ସେମାନଙ୍କ କାର୍ଯ୍ୟ ଚଳିବ। ଏହାର କଣ କୌଣସି ସ୍ଥାୟୀ ପ୍ରତିକାର ନାହିଁ? ଏହା ବୁଦ୍ଧିଜୀବୀ ମହଲରେ ଆଜି ପ୍ରଶ୍ନ ବାଚୀ ? ମଦ ଯୋଗୁଁ ଦୈନନ୍ଦିନ ଚୋରି , ରାହାଜାନି, ହିଂସା କାଣ୍ଡ ଘଟୁଛି। ଯାହାର ମୁଖ୍ୟ କାରଣ ଏ ଅଂଚଳରେ ନିଶା ସେବନ କାରୀଙ୍କ ସଂଖ୍ୟା ବୃଦ୍ଧି। ଯାହା ଫଳରେ ବାଲିଆପାଳ ବ୍ଲକରେ ଅତ୍ୟଧିକ ଚୋରା ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ବିଦେଶୀ ମଦ ଦୋକାନ ପ୍ରତି ବଜାରରେ ଖୋଲି ଯାଉଥିବା ଦେଖିବାକୁ ମିଳୁଛି। ଏହା ଛଡା ଦେଶୀ ମଦ ବିକ୍ରି କାରୀଙ୍କୁ ଧରିବା ସହ ଗାଁ ଗାଁ ରେ ବିଦେଶୀ ମଦ ଦୋକାନୀଙ୍କୁ ମାସିକିଆ ଚୁକ୍ତି ପରେ ଏହା ଏବେ ଅଧିକ ଖୋଲା ଯାଉଛି। ଏଥିପାଇଁ ନୂଆ କରି ଆସିଥିବା ଅବକାରୀ ଅଧିକାରୀ ଭଲ ରୋଜଗାର କରୁଥିବା ଦେଖିବାକୁ ମିଳୁଛି। ଯାହାକି ଏ ଅଂଚଳରୁ ବହୁ ଯୁବକଙ୍କୁ ଗଞ୍ଜେଇ, ବ୍ରାଉନ ସୁଗାର, ବିଦେଶୀ ମଦ, ମହୁଲି କାରବାର କରିବା ପାଇଁ ନିକଟବର୍ତ୍ତୀ ଜଳେଶ୍ୱର ଥାନା ରେ ଧରା ପଡୁଥିବା ବେଳେ ବାଲିଆପାଳ ଅବକାରୀ ବିଭାଗ କେବଳ ଚାନ୍ଦା ଆଦାୟ କରିବା ନିମନ୍ତେ ଖୋଲା ଯାଇଛି ବୋଲି ସମସ୍ତ ଛକ ବଜାରରେ ଚର୍ଚ୍ଚା ହେଉଛି। ଯେତେବେଳେ ଏଠାରେ ଅବକାରୀ ବିଭାଗ ଥାନା ନଥିଲା ବାଲେଶ୍ୱର ଓ ବସ୍ତା ଅବକାରୀ ବିଭାଗ ଅଧିକାରୀମାନେ ବାରମ୍ବାର ରେଡ କରି ପୂଳା ପୂଳା ଗଞ୍ଜେଇ, ମହୁଲି, ବିଦେଶୀ ମଦ ଜବତ କରୁଥିଲେ। କିନ୍ତୁ ଏଠାରେ ଥାନା ହେବା ପରଠାରୁ କୌଣସି ଗୋଟିଏ ବି ବଡ ସଫଳତା ବାଲିଆପାଳ ଅବକାରୀ ପୁଲିସକୁ କାହିଁକି ମିଳୁନି ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକୃତରେ ବାଲିଆପାଳ ଅବକାରୀ ବିଭାଗ କିଛି ଜାଣିପାରୁ ନାହିଁ ନା ସମସ୍ତେ ଠିକ୍ ଭାବରେ ଡିଲ କରି ଦେଇ ଦେଉ ଥିବାରୁ କେତେଜଣଙ୍କୁ ନାମ ମାତ୍ର ଧରିବା ସହିତ କେବଳ ଦେଶୀ ମହୁଲି ଜବତ କରିବା ନାମ ମାତ୍ର ସାର ହୋଇଛି। ଯଦି ଆଗାମୀ ଦିନରେ ବାଲିଆପାଳ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରି ଚୁପ୍ ଚାପ ଭିତିରିଆ ଡ଼ିଲରେ ସୀମିତ ରହେ ତେବେ ଜିଲ୍ଲାପାଳଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ଏହି ବିଷୟରେ ଅବଗତ କରାଯିବ ବୋଲି ସୂଚନା ଅଧିକାର ଅଭିଯାନ ସଂଘର ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା , ସୁବୋଧ କୁମାର ପାତ୍ର, ସୁଦାମ କୁମାର ଜେନା, ମନୋରଞ୍ଜନ ବେହେରା, କାହ୍ନୁ ଚରଣ ପାତ୍ର ପ୍ରମୁଖ କହିଛନ୍ତି।

### ରେଳ ଫାଟକରେ ଯାନ୍ତ୍ରିକ ତ୍ରୁଟି

## ଖୋଲିଲାନି ବ୍ୟାରିୟର, ଟାଣ ଖରାରେ ଯାତ୍ରୀ ହନ୍ତସନ୍ତ

ରାଜଘାଟ, ୨୯।୫ (ସମିସ): ବସ୍ତା ବଜାର ମୁଖ୍ୟ ରେଳ ଫାଟକରେ ଆଜି ପୁଣି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ମଧ୍ୟାହ୍ନ ୧୨:୩୦ରେ ବନ୍ଦ ହୋଇଥିବା ଫାଟକ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଖୋଲି ପାରିନଥିଲା। ୪୦ ଡିଗ୍ରୀ ଟାଣ ଖରାରେ ଶହ ଶହ ଯାତ୍ରୀ ଓ ଗାଡି ଚାଳକ ଅଟକି ରହି ନାହିଁ ନଥିବା ହଇରାଣ ହୋଇଛନ୍ତି। ପ୍ରକାଶ ଥାଉକି ଆଜି ମଧ୍ୟାହ୍ନ ୧୨:୩୦ରେ ଏକ ମାଲ ବୋଝେଇ ଟ୍ରେନ ବାଲେଶ୍ୱରରୁ ଖଡ଼ଗପୁର ଅଭିମୁଖେ ଯିବା ସମୟରେ ଫାଟକ ବନ୍ଦ କରାଯାଇଥିଲା। ଟ୍ରେନ ଗଲା ପରେ ମଧ୍ୟ ବ୍ୟାରିୟର ଗୋଟିଏ ପାଖ ଉଠିନଥିଲା। ସିଗନାଲ ପ୍ୟାନେଲରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅଟୋମେଟିକ ସିଷ୍ଟମ କାମ କରିନଥିଲା। ଗେଟମ୍ୟାନ ମ୍ୟାନୁଆଲି ଖୋଲିବାକୁ ଚେଷ୍ଟା କରି ବହୁସମୟ ପରେ ସଫଳ ହୋଇଥିଲେ। ଏଠାରେ ଦୀର୍ଘଦିନ ହେବ ଏକ ଉଡ଼ନ୍ତା ପୋଲ ପାଇଁ



ବିଭିନ୍ନ ରାଜନୈତିକ ଦଳ ଦାବି କରିଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଉଡ଼ନ୍ତା ପୋଲ ନ ଥିବାରୁ ଗେଟର ଉଭୟ ପାଶ୍ୱର୍ରେ ଲମ୍ବା ଗାଡି ଧାଡି ଲାଗିରହିଥିଲା। ଆଜି ବସ୍ତା ପଞ୍ଚାୟତ ସମିତି ବୈଠକ ଥିବାରୁ ଅନ୍ୟ ଦିନଠାରୁ ଅଧିକ ଜନଗହଳି ଥିବା ଉକ୍ତ ରାସ୍ତା ଦେଖିବାକୁ ମିଳିଥିଲା। ବସ,ଟ୍ରକ,କାର, ମଟର ସାଇକେଲ ଆଦି ଅଟକି ରହିଥିଲା। ଖରାରେ ଛୁଆ, ବୃଦ୍ଧ ଓ ରୋଗୀମାନେ ଅଧିକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଥିଲା। ବସ୍ତାରେ ଉଡ଼ନ୍ତା ପୋଲ ନଥିବାରୁ ଦିନକୁ ଶହେରୁ ଉର୍ଦ୍ଧ ଟ୍ରେନ ଯିବା ଆସିବା ସମୟରେ ପ୍ରତିଥର ୧୫-୨୦ ମିନିଟ ରାସ୍ତା ବନ୍ଦ ରହେ। ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଲୋକଙ୍କ ଧୈର୍ଯ୍ୟ ଭାଙ୍ଗିଲାଣି। ସ୍ଥାନୀୟ ଜନପ୍ରତିନିଧି ଓ ବ୍ୟବସାୟୀ ସଂଘ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି।

## ସୋର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ସୋର, ୨୯।୫ (ସମିସ): ସୋର ପୌରପାଳିକା ଅନ୍ତର୍ଗତ ଡାକ୍ତରଖାନା ଛକରେ ଗତକାଲି ଇଦ ଉଲ ଜୁହା ପର୍ବ ପାଳନ ଅବସରରେ ନମାଜ ପାଠ ପରେ ରାସ୍ତାଜାମ କାରଣରୁ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବା ସହିତ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର ଓ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ହସ୍ତକ୍ଷେପ ପରେ ପରିବେଶ ଶାନ୍ତ ପଡିଥିଲା। ମାତ୍ର ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା। ସେହି କ୍ରମରେ ଆଜି ଅପରାହ୍ଣରେ



ପୁଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଏହି ଫ୍ଲାଗ ମାର୍ଚ୍ଚ ଆଶ୍ରମ ଛକ ନିକଟରୁ ବାହାରି ଅଡଙ୍ଗ ବଜାର ଦେଇ ବାମ୍ଫି ଛକ ଦେଇ ଫେରିବା ପରେ ମେଡିକାଲ ଛକରେ ଶେଷ ହୋଇଥିଲା। ଏଥିରେ ସୋର ଭାରପ୍ରାପ୍ତ ତହସିଲଦାର ସଂଜୀବ କୁମାର ପାତ୍ର,ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ,ଡିଏସପି ତପସ୍ୱିନୀ କହଁର, ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନା ଅଧିକାରୀ ମୁକୁନ୍ଦମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସ, ଖନ୍ତାପଡ଼ା ଥାନାଧିକାରୀ ଅନୁରାଗ ମହାନ୍ତି ପ୍ରମୁଖଙ୍କ ସମେତ ସୋର ଥାନାର ସମସ୍ତ ଅଧିକାରୀ ଓ ୩ ପ୍ଲାଟୁନ ପୁଲିସ ଫୋର୍ସ ସାମିଲ ହୋଇଥିଲେ।

## ରାସ୍ତାରେ ମାଟି ବିଛାଣ ବେଳେ ବନବିଭାଗର ଚଢ଼ଉ, ମହିଳା ଫରେଷ୍ଟ ଗାର୍ଡ ହଟହଟା



ନୀଳଗିରି, ୨୯।୫ (ସମିସ) : ଜଙ୍ଗଲ ଜମିରୁ ମାଟି ଉଠାଣ ବେଳେ ବନବିଭାଗ ଚଢାଉ କରିବାକୁ ଯାଇ ମହିଳା ଫରେଷ୍ଟ ଗାର୍ଡ ହଟହଟା। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ରେଞ୍ଜ ଧୋବଶିଳା ବିଟ୍ ଅଧୀନ ରାବିଡିସାହି ଓ ଡାହିସାହି ଅଞ୍ଚଳରେ। ସୂଚନା ନୀଳଗିରି ରେଞ୍ଜ ଧୋବଶିଳା ପଞ୍ଚାୟତ ଅଧୀନ ରାବିଡ଼ିସାହିରୁ ଡାହିସାହି ପର୍ଯ୍ୟନ୍ତ ରାସ୍ତାରେ ମାଟି ବିଛାଣ କାର୍ଯ୍ୟରେ ଧୋବଶିଳା ଜଙ୍ଗଲ ନିକଟ ପାହାଡରୁ ବେଆଇନ ଭାବରେ ଚାଲୁଥିବା ସମୟରେ ଗୁରୁବାର ସନ୍ଧ୍ୟା ସମୟରେ ନୀଳଗିରି ବନବିଭାଗ ଚଢାଉ କରିଥିଲା। ଏହି ଚଢ଼ଉରେ ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ଙ୍କ ସମେତ ସବୁଜ ବାହିନୀ କର୍ମଚାରୀ ସଦଳବଳେ ସେଠାରେ ଚଢାଉ କରିଥିଲେ। ଉକ୍ତ ରାସ୍ତା ଉପରେ ପଡୁଥିବା ମାଟି ସବୁ ସଂରକ୍ଷିତ ଜଙ୍ଗଲରୁ ତଡ଼ା ଯାଉଥିବା ଅଭିଯୋଗ ପାଇ ଏହି ଚଢାଉ ହୋଇଥିଲା। ଅନ୍ୟ ଆଡୁ ମାଟି ନକିଣି ଜଙ୍ଗଲ ଜମିରୁ ମାଟି ତାଡ଼ିବା ଘଟଣାରେ ବନବିଭାଗ ସେଠାରେ ପହଞ୍ଚିବା ପରେ ଭିଡିଓ ଉତ୍ତୋଳନକୁ ନେଇ କିଛି ସମୟ ପାଇଁ ବନବିଭାଗ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଯାଇଥିଲା। ଏପରିକି ମହିଳା ଫରେଷ୍ଟଙ୍କ ମୋବାଇଲ୍ ଛଡ଼ାଇବାକୁ ଉଦ୍ୟମ ବେଳେ ଗାଡ଼ି ଛାଡି ପଳାଇଲେ ଫରେଷ୍ଟ ଗାର୍ଡ। ବନବିଭାଗ ପହଞ୍ଚିବା ପୂର୍ବରୁ ମାଟି ଉଠାଉ ଥିବା ଲୋକେ ସେଠାରୁ ଫେରାର ହେବା ସହ ଜେସିବି ମେସିନ ଓ ଟ୍ରାକ୍ଟର ସବୁ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ସେପଟେ ଗ୍ରାମବାସୀ କହିଛନ୍ତି ଯେ, ଏହି ଗାଁକୁ ଯିବା ପାଇଁ ରାସ୍ତାଟି ମରଣଯନ୍ତା ପାଲଟିଥିବା ଯୋଗୁଁ ମାଟି ବିଛାଣ କରାଯାଉଥିଲା। ଜରୁରୀ ପରିସ୍ଥିତିରେ ଉକ୍ତ ଗାଁକୁ ରାସ୍ତାର ଦୁରାବସ୍ଥା ଯୋଗୁଁ ଆମ୍ବୁଲାନ୍ସ କି ଅଗ୍ନିଶମ ଗାଡ଼ି ଯାଇ ପାରୁନଥିଲା। ବନବିଭାଗ ପହଞ୍ଚିବା ପୂର୍ବରୁ ମାଫିଆଙ୍କୁ କିଛି ଅସାଧୁ ବନକର୍ମଚାରୀ ଅବଗତ କରିଥିବା ସନ୍ଦେହ କରାଯାଉଥିବା ବେଳେ ଜଣେ ବନ କର୍ମଚାରୀଙ୍କ ମୋବାଇଲ ଜବତ କରିଛି ବନବିଭାଗ। ଏହି ଘଟଣାକୁ ନେଇ ସୁକ୍ରବାର ନୀଳଗିରି ରେଞ୍ଜର ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

## ଟିପିଏନ୍‌ଓଡିଏଲ୍‌କୁ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ପ୍ଲାଟିନମ୍ ପୁରସ୍କାର

ବାଲେଶ୍ୱର,୨୯।୫(ସମିସ)

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍, ୧୯ତମ ଫେମ୍ ଜାତୀୟ ପୁରସ୍କାରରେ ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାରରେ ସମ୍ମାନିତ ହୋଇଛି। ଏହି ସମ୍ମାନ ୨୦୨୬ ଆର୍ଥିକ ବର୍ଷରେ କମ୍ପାନୀର ସମଗ୍ର କାର୍ଯ୍ୟକ୍ଷେତ୍ରରେ କର୍ମକ୍ଷେତ୍ରର ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି। ଏହି ସମାରୋହରେ ଟିପିଏନ୍‌ଓଡିଏଲ୍‌ର ସୁରକ୍ଷା ବିଭାଗର ମୁଖ୍ୟ ଶ୍ରୀ ତପନ କୁମାର ପାତ୍ର ସଂଗଠନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆହ୍ୱାନପୂର୍ଣ୍ଣ ଏବଂ କଠିନ କ୍ଷେତ୍ର ପରିସ୍ଥିତିରେ ମଧ୍ୟ ନିଜର କାର୍ଯ୍ୟକଳାପରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ଟିପିଏନ୍‌ଓଡିଏଲ୍‌ର ନିରନ୍ତର




ଉତ୍ସର୍ଗୀକୃତ ଭାବକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି। ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅନେକ ପ୍ରତିଷ୍ଠିତ ସଂଗଠନ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହା ଏହି ସମ୍ମାନକୁ ଟିପିଏନ୍‌ଓଡିଏଲ୍‌ର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ କାର୍ଯ୍ୟକ୍ଷେତ୍ରର ଶୃଙ୍ଖଳା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ ଭାବରେ ପ୍ରତିଷ୍ଠିତ କରିଛି। ଏହି ସଫଳତାର ମାଇଲଖୁଣ୍ଟ ସମଗ୍ର ଟିପିଏନ୍‌ଓଡିଏଲ୍ ଟିମ୍‌ର ଉତ୍ସର୍ଗୀକୃତ ଭାବ ଏବଂ ସାମୂହିକ ପ୍ରୟାସକୁ ପ୍ରତିଫଳିତ କରେ, ଯେଉଁଠାରେ 'ସୁରକ୍ଷା ପ୍ରଥମେ, ସୁରକ୍ଷା ସର୍ବଦା' ଏକ ମୂଳ ମାର୍ଗଦର୍ଶକ ନୀତି ହୋଇ ରହିଛି। ଏହା ସହିତ ଏହି ବିଦ୍ୟୁତ ବଣ୍ଟନ କମ୍ପାନୀର "କାହାରି କେବେ ହେଲେ କ୍ଷତି ନହେଉ' ର ମହତ ଦୂରଦୃଷ୍ଟି ସହ ସମାନ ଅଟେ, ଯାହା ଏକ ଅନୁଭୂତି ଭାବରେ ଏହାର କର୍ପୋରେଟ୍ ନୀତି, କ୍ଷେତ୍ରସ୍ତରୀୟ କାର୍ଯ୍ୟକାରିତା ଏବଂ ଦୈନନ୍ଦିନ କାର୍ଯ୍ୟକୁ କ୍ରମାଗତ ଭାବରେ ରୂପରେଖ ଦେଇଥାଏ। ସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ ଗ୍ରହଣ କରିବା, ନିୟମିତ ସୁରକ୍ଷା ସଚେତନତା ଅଭିଯାନ ଚଲାଇବା, କର୍ମଚାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଜବୁତ କରିବା, କ୍ଷେତ୍ରସ୍ତରୀୟ ପର୍ଯ୍ୟବେକ୍ଷଣକୁ ବୃଦ୍ଧି କରିବା ଏବଂ ବିଶ୍ୱସ୍ତରରେ ଗ୍ରହଣୀୟ ସୁରକ୍ଷା ମାନଦଣ୍ଡକୁ ଆପଣାଇବା ଉପରେ କମ୍ପାନୀର ରଣନୀତିକ ଧ୍ୟାନକୁ ଏହି ସ୍ୱୀକୃତି ଦର୍ଶାଉଛି। ଏହି ହାଇ-ପ୍ରୋଫାଇଲ୍ ପୁରସ୍କାର ସମାରୋହରେ ଅନେକ ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ମାନ୍ୟଗଣ୍ୟ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ। ବିଗତ ବର୍ଷଗୁଡିକରେ, ଟିପିଏନ୍‌ଓଡିଏଲ୍ ନିଜର କର୍ମଚାରୀ, କ୍ଷେତ୍ରସ୍ତରୀୟ କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କ ମଧ୍ୟରେ କର୍ମକ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସକ୍ରିୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରମାଗତ ଭାବରେ ବିଶେଷ ପଦକ୍ଷେପମାନ ଗ୍ରହଣ କରିଆସିଛି। ଏହି ସାମ୍ପ୍ରତିକ ସମ୍ମାନ କମ୍ପାନୀର କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଉତ୍ତର ଓଡ଼ିଶାରେ ଏହାର ସମଗ୍ର ବଣ୍ଟନ ନେଟୱାର୍କରେ ଏକ ଦୁର୍ଘଟଣାମୁକ୍ତ କାର୍ଯ୍ୟ ପରିବେଶ ବଜାୟ ରଖିବାର ଦୂରଦୃଷ୍ଟି ପ୍ରତି ରହିଥିବା ସ୍ଥାୟୀ ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଆଗକୁ ବଢ଼ିବା ସହିତ, ଟିପିଏନ୍‌ଓଡିଏଲ୍ ନିଜର ସୁରକ୍ଷା ପରିଚାଳନା ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କୃଷ୍ଟତା ଆଣିବା ପାଇଁ ଉତ୍ସର୍ଗୀକୃତ ରହିଛି। ସଂଗଠନର ପ୍ରତ୍ୟେକ ସ୍ତରରେ ସକ୍ରିୟ ସୁରକ୍ଷା ଅଭ୍ୟାସକୁ ଅନ୍ତର୍ଭୁକ୍ତ କରି ଏବଂ ଉତ୍ତରଦାୟିତ୍ୱର ଏକ ଗଭୀର ସଂସ୍କୃତି ଗଠନ କରି, କମ୍ପାନୀ ସୁରକ୍ଷିତ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ କାର୍ଯ୍ୟକଳାପ ଉପରେ ନିଜର ଅଟଳ ଧ୍ୟାନ ମାଧ୍ୟମରେ ବିଦ୍ୟୁତ ବଣ୍ଟନ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବା ଜାରି ରଖିଛି।

**ଫେମ୍ ଜାତୀୟ ପୁରସ୍କାର**

## 'ମନା' ତରଫରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ



ବାଲେଶ୍ୱର,୨୯।୫(ସମିସ): ମିଳିତ ନିଶା ନିବାରଣ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଭାବେ ଯୋଗ ଦେଇଥିବା ତପନ କୁମାର ଖୁଣ୍ଟିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ସ୍ୱାଗତ କରିଥିଲେ। ସଭାପତି ପ୍ରଭାକର ସାହୁ ନିଶା ନିବାରଣ କ୍ଷେତ୍ରରେ "ମନା'ର ଆଭିମୁଖ୍ୟ ବିଷୟରେ ପ୍ରକାଶ କରିଥିଲେ। ବରିଷ୍ଠ ଉପଦେଷ୍ଟା ସୁବ୍ରତ କର "ମନା' କରୁଥିବା ସଚେତନତା କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ସାଧାରଣ ସମ୍ପାଦିକା ମମତା ମହାପାତ୍ର ଏହି ଦିଗରେ ପ୍ରଶାସନିକ ସାହାଯ୍ୟ, ସହଯୋଗ କାମନା କରିବା ସହିତ ଚଳିତବର୍ଷର "ମୁଖପତ୍ର' ଓ ନୀତିକୃଷ୍ଣ ଚୌଧୁରୀଙ୍କ ପୁସ୍ତକ ପ୍ରଦାନ କରିଥିଲେ। ସଭାପତି ଡ. କ୍ଷିତୀଶ୍ୱର ଦାଶ, ସମ୍ପାଦିକା ଗୀତାଞ୍ଜଳି ସିଂହ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଓ ଗଙ୍ଗାଧର ଦାସ ମଧ୍ୟ ଉପସ୍ଥିତ ରହି ଖୁଣ୍ଟିଆଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବିଜେଡିର ନାରୀ ଅଧିକାର ଅଭିଯାନ






ବରଗଡ଼,୨୯।୫(ସମିସ)

ମହିଳା ସଂରକ୍ଷଣକୁ ବିଜୁ ଜନତା ଦଳ ସବୁ ବେଳେ ସମର୍ଥନ ଦେଇ ଆସୁଛି। ଓଡ଼ିଶାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମହିଳାଙ୍କୁ ସଶକ୍ତ କରିବା ପାଇଁ ପଞ୍ଚାୟତିରାଜ୍ ବ୍ୟବସ୍ଥା ଓ ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ପ୍ରଦାନ କରି ଇତିହାସ ସୃଷ୍ଟି କରିଛନ୍ତି। ମହିଳା ସଂରକ୍ଷଣକୁ ପ୍ରାଧାନ୍ୟ ଦେଇ ରାଜ୍ୟରେ ପଞ୍ଚାୟତିରାଜ୍ ଓ ପୌର ପରିଷଦ କ୍ଷେତ୍ରରେ ୫୦ ପ୍ରତିଶତ ସଂରକ୍ଷଣ ପ୍ରଦାନ କରି ନାରୀଙ୍କୁ ନବୀନ ଅଧିକାର ପ୍ରଦାନ କରି ୨୦୧୯ ଓ ୨୦୨୪ ମସିହାରେ ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ ମଧ୍ୟ ପ୍ରଦାନ କରି ସମଗ୍ର ଭାରତ ବର୍ଷରେ ଉଦାହରଣ ସୃଷ୍ଟି କରିଛନ୍ତି। ବିଜେଡି ୨୦୨୩ ମସିହାରେ ଲୋକ ସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ନିସର୍ତ୍ତ ସମର୍ଥନ ମଧ୍ୟ ଦେଇଛି; ମାତ୍ର କେନ୍ଦ୍ର ସରକାର ୨୦୨୩ ମସିହାରେ ଲୋକସଭାରେ ପାସ୍ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ କାର୍ଯ୍ୟାନ୍ୱୟନ ନ କରି ମହିଳା ସଂରକ୍ଷଣ ବିଲ୍ ଆଳରେ ଲୁକ୍କାୟିତ ଭାବରେ ସୀମା ନିର୍ଦ୍ଧାରଣ ବିଲ୍‌କୁ ଆଗତ କରିବାର ଅପଚେଷ୍ଟା କରି ବିଫଳ ହୋଇଛନ୍ତି। ତେବେ ପୂର୍ବରୁ ପାସ୍ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ଅନୁସାରେ ବିଧାନସଭା ଓ ଲୋକସଭାରେ ତୁରନ୍ତ ଲାଗୁ କରନ୍ତୁ ଓ ମହିଳା ସଂରକ୍ଷଣ ବିଲ୍ ସହିତ ସୀମା ନିର୍ଦ୍ଧାରଣ ବିଲ୍‌କୁ ଯୋଡି ମହିଳାମାନଙ୍କୁ ବିଭ୍ରାନ୍ତି ନ କରନ୍ତୁ ବୋଲି ବରଗଡ଼ରେ ନାରୀ ଅଧିକାର ଅଭିଯାନରେ ବିଜେଡି ଦାବି କରିଛି। ଏହି ଅବସରରେ ବିଜୁ ଜନତା ଦଳ ବରଗଡ଼ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ହଜାର ହଜାର ମହିଳା ଏକ ବିରାଟ ଶୋଭାଯାତ୍ରାରେ ବାହାରି ସ୍ଥାନିୟ କଲ୍ୟାଣ ମଣ୍ଡପରେ ନାରୀ ଅଧିକାର ସମାବେଶ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ରାଜ୍ୟରେ ନାରୀ ନିର୍ଯାତନା ହାର ଦିନକୁ ଦିନ ବଢି ଚାଲିଥିବା ବେଳେ ନାରୀ ନିର୍ଯାତନା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ। ଶାନ୍ତିପ୍ରିୟ ଓଡ଼ିଶାରେ ନାରୀ ନିର୍ଯାତନା ହାର ଏତେ ତୀବ୍ର ଯେ ଆମେରିକା ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ବାରଣ କରି ମାର୍ଗଦର୍ଶିକା ଜାରି କରିବା ଓଡ଼ିଶାର ଚିତ୍ରକୁ ବିଶ୍ୱ ଦରବାରରେ ନିନ୍ଦିତ କରିଛି। ଏଥି ସହିତ ବିଗତ ଦୁଇ ବର୍ଷରେ ରାଜ୍ୟରେ ୪୮୦୦୦ରୁ ଅଧିକ ମହିଳା ଯୌନ ନିର୍ଯାତନାର ଶିକାର ହୋଇ ଅତ୍ୟାଚାରିତ ଓ ନିର୍ଯାତିତ ହୋଇଥିବାରୁ ଏ ସରକାର ଉପରୁ ଓଡ଼ିଶାବାସୀ ଆସ୍ଥା ହରାଇ ସାରିଲେଣି ବୋଲି ସେ ପ୍ରକାଶ କରିଥିଲେ। ସେହିଭଳି ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗଦେଇ ୨୦୨୩ ମସିହାରେ ଲୋକସଭାରେ ପାରିତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍‌କୁ ଲାଗୁ କରି ବିଧାନସଭା ଓ ଲୋକସଭାରେ ମହିଳାଙ୍କୁ ସଂରକ୍ଷଣ ଦିଆଯାଉ। କ୍ଷୀପ୍ରଗତିରେ ବଢ଼ି ଚାଲିଥିବା ମହିଳା ଅତ୍ୟାଚାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ଜଣାଥିଲେ। ବରଗଡର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ବର୍ତ୍ତମାନର ନିର୍ବାଚିତ ପ୍ରତିନିଧିଙ୍କୁ ରାଜନୀତିରେ ଶିଷ୍ଟାଚାର ପାଠ ପଢାଇଥିଲେ। ୩ ଦିନ ତଳେ ଧନୁଯାତ୍ରା ଗେଟ ଯେଭଳି ଭାବେ ଭାଙ୍ଗିଥିଲା ଓ ଏସଂପର୍କରେ ବାରମ୍ବାର ପୁଲିସ ଓ ପ୍ରଶାସନ ପାଖେ ଅଭିଯୋଗ କଲେ ମଧ୍ୟ ସମସ୍ତେ ଚୁପ୍ ହୋଇ କୌଣସି ପଦକ୍ଷେପ ନ ନେବା ହିଁ ଏଥିରେ କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବାର ସ୍ପଷ୍ଟ ପ୍ରମାଣ ବୋଲି କହିଥିଲେ। ବର୍ତ୍ତମାନ ଆରମ୍ଭ ହୋଇଥିବା ବରଗଡ କେନାଲ କାମକୁ କାହା ପ୍ରରୋଚନାରେ ଏକ କଳାତାଲିକା ଭୁକ୍ତ ଠାକାଦାରଙ୍କୁ କେତେ ଟଙ୍କାର ପିସି କାରବାର କରାଯାଇ କେଉଁ ଠିକାଦାର ସଂଘ ଦ୍ୱାରା ଟେଣ୍ଡର ଫିକ୍ସିଂ କରାଯାଇଛି ତାର ତଦନ୍ତ କରିବାକୁ ଦାବି କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ରୀତା ସାହୁ, ବିଧାୟିକା ବର୍ଷା ସିଂ ବରିହା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ବିଜେଡି ରାଜ୍ୟ ଯୁବ ଉପସଭାପତି ଜିତୁ ଭୋଇ, ଜଲ୍ଲା ଯୁବ ବିଜେଡି ସଭାପତି ବାବଲୁ ତ୍ରିପାଠି, ଛାତ୍ର ସଭାପତି କରନ ସିକନ୍ଦର, ଜଲ୍ଲା ଉପସଭାପତି କିଶୋର ମିଶ୍ର, ଅଚ୍ୟୁତାନନ୍ଦ ମହାପାତ୍ର, ଗୌରହରି ମିଶ୍ର, ରାଜୁ ଘିବେଲା, ସୁଶାନ୍ତ ମିଶ୍ର , ପ୍ରଫୁଲ୍ଲ ନାୟକ, ଉମେଶ ପଣ୍ଡା, ରାଜେଶ ଅଗ୍ରୱାଲ, ଡୁଲୁ ରାଉତ, ଅନୁପ ଶତପଥୀ, ଚନ୍ଦନ ଗୁପ୍ତା, ଲିଟୁ ପଧାନ, ଭରତ ମହାନ୍ତି, ସୁନନ୍ଦା ପଣ୍ଡା, ଜ୍ୟୋତ୍ସ୍ନା ପାଇକ, ମିନାକ୍ଷୀ ମିଶ୍ର , ଅନୁରାଧା ଅଗ୍ରୱାଲ, ପୁଷ୍ପା ଭୋଇ, ମଂଜୁ ପଣ୍ଡା, ମହାଶ୍ୱେତା ଆଚାର୍ଯ୍ୟ, ପ୍ରିୟା ତାଣ୍ଡି, କମଳ ତାଣ୍ଡି ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତି ଓ କୁମ୍ଭୀର କାନ୍ଦଣାକୁ ତୀବ୍ର ସମାଲୋଚନା କରିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।










## ରୁଚିଦାରେ ଅଷ୍ଟପ୍ରହର ନାମଯଜ୍ଞ

ଅମ୍ବାଭୋନା,୨୯। ୫(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ରୁଚିଦା ଗ୍ରାମର ଉପରପଡାରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ ଭକ୍ତିମୟ ପରିବେଶ ମଧ୍ୟରେ ସମାପନ ହୋଇଯାଇଛି। ଗ୍ରାମବାସୀ ଏବଂ ଅଟଳ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଆୟୋଜିତ ଏହି ଧାର୍ମିକ କାର୍ଯ୍ୟକ୍ରମରେ ଏକ ଭବ୍ୟ କଳସ ଶୋଭାଯାତ୍ରା ସହ ଅଖଣ୍ଡ ନାମ ପୂର୍ଣ୍ଣାହୁତି ପରେ ଯଜ୍ଞ ସମାପନ କରାଯାଇଥିଲା। ଏହି ଅବସରରେ ସୁନିତା ସାହୁ ଓ ଜ୍ୟୋତି ସାହୁଙ୍କ ମଧ୍ୟରେ ଭକ୍ତିମୟ ବୈଠକୀ କୀର୍ତ୍ତନ ପରିବେଷଣ ହୋଇଥିଲା। ଏହାକୁ ଶିବାଜୀ ପଟେଲ ଉଦ୍‌ଘାଟନ କରିଥିଲେ। ହଜାର ହଜାର ମହିଳା ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଶଙ୍ଖଧ୍ୱନି, ହରିନାମ ଓ ଭଜନ କୀର୍ତ୍ତନରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା। ମହିଳା ସଂକୀର୍ତ୍ତନ୍ୟ ମଣ୍ଡଳୀ ପକ୍ଷରୁ ଭକ୍ତିମୟ କୀର୍ତ୍ତନ ପରିବେଷଣ ସହ ନଗର ଭ୍ରମଣ ଓ ଦଧିଭାଣ୍ଡ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଯଜ୍ଞ କାର୍ଯ୍ୟରେ ମୁଖ୍ୟ ପଣ୍ଡିତ ଭାବେ ସୁରେଶ ପୁରୋହିତ ଓ ସୁବାସ ପୁରୋହିତ ଦାୟିତ୍ୱ ତୁଲାଇଥିବା ବେଳେ ଗୌର ମହାପାତ୍ର ପୂଜାରୀ ଭାବେ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ଫକୀର ପଧାନ ସପତ୍ନୀକ ଯଜ୍ଞ କାର୍ଯ୍ୟରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଟଳ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶିବାଜୀ ପଟେଲ ଯୋଗ ଦେଇଥିବା ବେଳେ ଟ୍ରଷ୍ଟି ପ୍ରଫୁଲ୍ଲ ପଧାନ, ଜୟନ୍ତ ପଧାନ, ଶଙ୍କର ଭାନୁ ପଟେଲ, ମୁକୁନ୍ଦ ପଧାନ, ଖଗେଶ୍ୱର ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଲାଉମୁଣ୍ଡାରେ ବୁଣାକାର ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବିଜେପୁର,୨୯।୫(ସମିସ): ବରଗଡ ଜିଲ୍ଲା ବିଜେପୁର ବ୍ଲକ୍ ଲାଉମୁଣ୍ଡାସ୍ଥିତ ବୁଣାକାର ସମବାୟ ସମିତିରେ ବୁଣାକାରମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ, ଅନୁସୂଚିତ ଜାତି ଜନଜାତି ବିଭାଗ ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନ ୬୦ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଆରମ୍ଭ ହୋଇଛି। ଲାଉମୁଣ୍ଡା ବୟନଶିଳ୍ପ ସମବାୟ ସମିତି ସଭାପତି ସନ୍ୟାସୀ ମେହେରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରଗଡ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦେ, ଡିଡବ୍ଲୁଓ ମଳୟ ଶତପଥୀ, ଅଶୋକ ମିଶ୍ର, ସ୍ଥାନୀୟ ସରପଞ୍ଚ ସୁରେନ ବେରିଆ, ଅନୁସୂଚିତ ଜନଜାତି ବୟନିକା ବୋର୍ଡର ନିର୍ଦ୍ଦେଶକ ନବୀନ ମହାନନ୍ଦ, ପୂର୍ବତନ ସରପଞ୍ଚ ରଂଜିତ ମେହେର, ପ୍ରଶିକ୍ଷକ ଲିଙ୍ଗରାଜ ମେହେର, ପୂର୍ବତନ ସଭାପତି ଗୋକୁଳାନନ୍ଦ ମେହେର, ଲାଉମୁଣ୍ଡା ସମବାୟ ସମିତି ନିର୍ଦ୍ଦେଶକ ମୋହନ ମେହେର, ଅନୁସୂଚିତ ଜାତି ନିର୍ଦ୍ଦେଶକ ରାଜେନ୍ଦ୍ର ମେହେର, ସମାଜିକ କର୍ମୀ ସତାରାମ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଓଡିଶାରେ ବୁଣାକାରଙ୍କ ଦକ୍ଷତା କିଭଳି ଭାବରେ ବୃଦ୍ଧି କରାଯାଇପାରିବ, ଅଣସ୍ୱୀକୃତ ବୁଣାକାରଙ୍କୁ ସ୍ୱୀକୃତୀ ପ୍ରଦାନ କରାଯାଇପାରିବ ଆଦି ଦିଗ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ବୈଠକରେ ପ୍ରଶିକ୍ଷଣର ଉଦ୍ଦେଶ୍ୟ, କାର୍ଯ୍ୟପ୍ରଣାଳୀ, ଜୀବୀକା ନିର୍ବାହ ଏବଂ ସ୍ୱୟଂ ରୋଜଗାର ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଲାଉମୁଣ୍ଡା ବୁଣକାର ସମବାୟ ସମିତିର ସଂପାଦକ କିଶୋର ମେହେର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ବରଗଡ ଜିଲ୍ଲାର ଅନୁସୂଚିତ ଜାତି ବର୍ଗର ୨୦ଜଣ ବୁଣାକାରଙ୍କୁ ୬୦ଦିନ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ।

## କାଳବୈଶାଖରେ ଉଡ଼ିଗଲା ସ୍କୁଲ ଆଜବେଷ୍ଟସ

ଭେଡେନ,୨୯।୫(ସମିସ): କାଳବୈଶାଖୀରେ ଅର୍ଜୁଣ୍ଡା ପଞ୍ଚାୟତ ବଘିଆପାଲି ୟୁଜିୟୁପି ସ୍କୁଲର ୬ଟି ଶ୍ରେଣୀଗୃହର ଟିଣ ଚାଦର ଉଡିଯିବା ସହ ଭାଙ୍ଗି ପଡିଛି। ତା ସହିତ ଗୋଟିଏ କାନ୍ଥ ମଧ୍ୟ ପଡିଯାଇଛି। ସ୍କୁଲ ଖୋଲିବା ପରେ ଛାତ୍ରଛାତ୍ରୀ କେଉଁଠି ପଢିବେ ସେ ନେଇ ଅବିଭାବକ ଚିନ୍ତାରେ ପଡିଛନ୍ତି। ଏନେଇ ପରିଚାଳନା କମିଟି, ଅବିଭାବକ ମଣ୍ଡଳୀ, ସ୍କୁଲ ଶିକ୍ଷକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅକ୍ଷୟ ଦୀପ ପ୍ରମୁଖ ଉପସ୍ଥିତ ରହି ସ୍କୁଲ ଖୋଲିବା ଆଗରୁ କେମିତି ମରାମତି ହୋଇପାରିବ ସେ ନେଇ ଆଲୋଚନା କରିଛନ୍ତି। ସ୍କୁଲ ଖୋଲିବା ଆଗରୁ ପ୍ରଶାସନ ଏହି ସ୍କୁଲ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



## କର୍କଟ ରୋଗ ସଚେତନତା ଶିବିର

ବରପାଲି,୨୯।୫ (ସମିସ): ବରପାଲି ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ସାମ୍ବାଦିକ ସଂଘ ପକ୍ଷରୁ କର୍କଟ ରୋଗ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ବିକାଶ ମଲ୍ଟି ହସ୍ପିଟାଲର ଡ. ଭରତ ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବେ ପ୍ରତିଭା ବାରିକ, ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାର, ତହସିଲଦାର ରୁକ୍ମଣ ମେହେର, ଏନଏସି ଅଧ୍ୟକ୍ଷ ଦିନେଶ ଗହିର, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବରପାଲି ଥାନା ଅଧିକାରୀ ପ୍ରମୋଦ ସାହୁ, ବିଡିଓ ସୁମନ୍ତ କୁମ୍ଭାର, ଡାକ୍ତର ରେଜେଶ ବେହେରା, ଡାକ୍ତର ନିମାଇଁ ଚରଣ ସାହୁ, ଜଗବାନ୍ଧୁ ଦାଶ, ଜେଡି ମହିଳା ଅଧ୍ୟକ୍ଷା ପଦ୍ମିନୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ବାଳକିଶୋର ଖାଡାଙ୍ଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାରୱାଡ଼ି ମହିଳା ସଂଘ, ସରସ୍ୱତୀ ମହିଳା ସଂଘ, ବରପାଲି ବ୍ଲକ ଓ ଏନଏସିର ସମସ୍ତ ଆଶା, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟ କର୍ମୀ, ସମସ୍ତ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ, ବରପାଲି ସାମ୍ବାଦିକ ସଂଘର ସଭାପତି ଚିତ୍ତରଞ୍ଜନ ସାହୁ, ସୂର୍ଯ୍ୟଦାଶ, ବ୍ରଜକିଶୋର ମେହେର, ସୁଦାମ ଦୀପ, ସୁବୋଧ ସାହୁ, ଦୁଷ୍ମନ୍ତ ମିଶ୍ର, ହର୍ଷ ବେହେରା, ବରଗଡ ଫାଇଟର୍ସ ଗ୍ରୁପର ସୁନିଲ ଶର୍ମା, ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ନିବେଦିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



## ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ



ପଦ୍ମପୁର,୨୯।୫(ସମିସ): ସ୍ଥାନୀୟ ଆର୍. ବି. ହାଇସ୍କୁଲରେ ଗୁରୁ ପ୍ରକାଶନୀ ତରଫରୁ ବିଶିଷ୍ଟ ସାରସ୍ୱତ ସାଧକ, ବାଗ୍ମୀ ତଥା ସଂସ୍କୃତବିତ୍ ଦିବଙ୍ଗତ ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସଭାରେ ପ୍ରୀତିରଞ୍ଜନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଡ. ବାଞ୍ଛାନିଧି ପଣ୍ଡା, ଶାନ୍ତନୁ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇଥିଲେ। ସହରର ବିଭିନ୍ନ ସାଂସ୍କୃତିକ, ସାମାଜିକ ଅନୁଷ୍ଠାନର ପ୍ରତିନିଧି, ସାହିତ୍ୟପ୍ରେମୀ ତଥା ବୁଦ୍ଧିଜୀବୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଡ. ବାଞ୍ଛାନିଧି ପଣ୍ଡା, ଗୋବିନ୍ଦ ପାଣିଗ୍ରାହୀ, ସତ୍ୟନାରାୟଣ ତ୍ରିପାଠୀ, ପ୍ରଫେସର ଖଗେଶ୍ୱର ଦାଶ ପ୍ରମୁଖ ସ୍ୱର୍ଗତଃ ଗୁରୁଙ୍କ ଜୀବନୀ ଓ ସାରସ୍ୱତ କୃତୀ ଉପରେ ଆଲୋଚନା କରିବା ସହ ସ୍ମୃତି ରକ୍ଷା ନେଇ ପ୍ରସ୍ତାବ ଦେଇଥିଲେ। ଯଥାଶୀଘ୍ର ଗଙ୍ଗାଧର ଗୁରୁ ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣର ପ୍ରକାଶନ ନିମନ୍ତେ ମତ ପ୍ରକାଶ ପାଇଥିଲା। ପ୍ରଫେସର ଖଗେଶ୍ୱର ଦାଶଙ୍କୁ ଗୁରୁ ପ୍ରକାଶନୀର ନୂତନ ସଂପାଦକ ଦାୟିତ୍ୱ ଦିଆ ଯାଇଥିଲା। ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ନୀରୋଜ ଦୋରା, ସ୍ୱରୂପ ପୁରୋହିତ, ପ୍ରାଧ୍ୟାପକ ବିଦ୍ୟାଧର ଦାଶ, ମୀନକେତନ ସାହୁ, କେଦାରନାଥ ସାହୁ, କିଶୋର ପାତ୍ର, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିପିନ ବିହାରୀ ସେନାପତି, ଦୈତାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଇକମାଳ ବରିଷ୍ଠ ନାଗରିକ କମିଟିର ନୂତନ କର୍ମକର୍ତ୍ତା

ପାଇକମାଳ,୨୯।୫(ସମିସ): ପାଇକମାଳସ୍ଥିତ ନୃସିଂହନାଥ ଧର୍ମଶାଳାଠାରେ ପାଇକମାଳ ବରିଷ୍ଠ ନାଗରିକ କମିଟିର ନୂତନ କର୍ମକର୍ତ୍ତାଙ୍କୁ ଶୁକ୍ରବାର ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ହାଡୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ପୂର୍ବ ବୈଠକର ପ୍ରସ୍ତାବ ଓ କମିଟିର ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋଚନା କରାଯାଇଥିଲା। ଏହାପରେ ବରିଷ୍ଠ ନାଗରିକମାନଙ୍କ ସୁବିଧା, ସମସ୍ୟା ସମାଧାନ ଏବଂ ସାମାଜିକ କାର୍ଯ୍ୟକ୍ରମକୁ ଆହୁରି ସକ୍ରିୟ କରିବା ଲକ୍ଷ୍ୟରେ ନୂତନ କମିଟି ଗଠନ କରାଯାଇଥିଲା। ପରିଚାଳନା କମିଟିର ସଭାପତି ହାଡୁ ସାହୁ ଓ ସମ୍ପାଦକ ଯୁଧିଷ୍ଠିର ସାହୁ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ପରେ ସର୍ବସମ୍ମତିକ୍ରମେ ବଳରାମ ସାହୁଙ୍କୁ ସଭାପତି, ପୁସ୍ତମ ପ୍ରଧାନଙ୍କୁ ଉପସଭାପତି, ହାଡୁ ସାହୁଙ୍କୁ ସମ୍ପାଦକ ଓ ତପନ ବଡ଼େଇଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ନୂତନ କମିଟି ଆଗାମୀ ଦିନରେ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ନେଇ କାମ କରିବା ସହ ସଂଗଠନକୁ ଆହୁରି ମଜବୁତ କରିବାକୁ ସଙ୍କଳ୍ପ ପ୍ରକାଶ କରିଥିଲା। ଶେଷରେ ନୂତନ ସଭାପତି ବଳରାମ ସାହୁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ।



## ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ସୁମନଙ୍କୁ ସମ୍ବର୍ଦ୍ଧନା



ବିଜେପୁର,୨୯।୫(ସମିସ): ଓଡିଶା ପ୍ରଶାସନିକ ସେବାରେ ସଫଳତା ଲାଭ କରିଥିବା ବରଗଡ ଜିଲ୍ଲା ସୋହେଲା ବ୍ଲକ୍ କୁଚିପାଳି ଗ୍ରାମର ସୁମନ କଲ୍ୟାଣ ଦାଶଙ୍କୁ ସ୍ଥାନୀୟ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଭାପତି ଲୋକେଶ୍ୱର ସିଂହ ବରିହାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପବିତ୍ର ବେହେରା, ଲିଙ୍ଗରାଜ ପଧାନ, ସନ୍ତ ପଧାନ, ସୁରୁବାବୁ ଚୁହାନ, ଅନନ୍ତ ମେହେର, ଶୋଭାଚନ୍ଦ୍ର ପଧାନ, ପଞ୍ଚା।ନନ ଶେଠ, କ୍ରିକେଟ ଆସୋସିଏସନ ସଭାପତି ସିବୁ ବିଶ୍ୱାଳ ଏବଂ ସଦସ୍ୟଭ୍‌କ ସହ ଗ୍ରାମବାସୀ ଉପସ୍ଥିତ ରହି ସୁମନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କୁଚିପାଳି ଗ୍ରାମର ମନ୍ଦିର ପୂଜକ ଶମ୍ଭୁ ଦାଶ ଓ ମାଆ ଶୋଭାଗିନୀ ଦାଶଙ୍କ ସୁପୁତ୍ର ସୁମନ ପ୍ରତିକୂଳ ପରିସ୍ଥିତିରେ ଆଗକୁ ବଢି ପ୍ରଥମ ପ୍ରୟାସରେ ସଫଳତା ପାଇଛନ୍ତି।

# ସ୍ୱାମୀ ବିବେକାନନ୍ଦ କଲେଜରେ ସମ୍ବର୍ଦ୍ଧନା ଉତ୍ସବ



ବରପାଲି,୨୯।୫(ସମିସ)

ବରପାଲି ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚଳିତ ବର୍ଷ ବାର୍ଷିକ ପରୀକ୍ଷା ଫଳାଫଳରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଉତ୍ସବରେ ତହସିଲଦାର ରୁକ୍ମଣ ମେହେର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ବ୍ଲକ୍ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। କଲେଜ୍ ପ୍ରତିଷ୍ଠାତା ଆଲୋକ ଗୁପ୍ତା ଏବଂ ତରଣି ସେନ୍ ବାରିକଙ୍କ ସମେତ ପୂର୍ବତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ରୁକ୍ମଣ ମେହେର ତଥା ବ୍ଲକ୍ ଶିକ୍ଷା ଅଧିକାରୀ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉଭୟ କଳା ଓ ବିଜ୍ଞାନ ବିଭାଗରେ ଯଥା କ୍ରମେ ରୋଜାଲିନ ଥପା ୯୨.୫% (୫୫୫ ମାର୍କ) ରଖି ବରପାଲି ବ୍ଲକ ଟପ୍ପର ହୋଇଥିବା ବେଳେ ଗୁଲସନ୍ ମହାକୁର ୮୦% ପ୍ରତିଶତ ମାର୍କ ରଖି କଲେଜ୍ ପାଇଁ ଗୌରବ ଆଣିଥିଲେ। ସେହିପରି ମୋନାଲିସା ଭୋଇ ୮୭% , ଶ୍ରୁତିରେଖା ମଲିକ୍ ୮୬%, ଗିରିଧାରୀ ସାହୁ ୭୮%, ରିତିକ୍ ବେହେରା ୭୭%, ସ୍ନେହା ଭୋଇ ୭୫% ମାର୍କ ରଖି ନିଜ କଠିନ ପରିଶ୍ରମର ପରାକାଷ୍ଠାକୁ ପ୍ରଦର୍ଶିତ କରିଛନ୍ତି। ଏହା ସମେତ କଲେଜ୍‌ର ୭୦ରୁ ଅଧିକ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଅଭିନନ୍ଦନ ଜଣାଇବା ସହ ନିଜର ଅଭିଭାଷଣରେ କହିଥିଲେ ଏହି ସଫଳତା ଶେଷ ନୁହେଁ; ଆରମ୍ଭ ମାତ୍ର। ଉତ୍ତମ ମାର୍ଗରେ ଗତିଶୀଳ ହେବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ବ୍ଲକ୍ ଶିକ୍ଷାଧିକାରୀ ବରପାଲି ବ୍ଲକରେ ଥିବା ୯ଟି କଲେଜ୍ ମଧ୍ୟରେ ସ୍ୱାମୀ ବିବେକାନନ୍ଦ କଲେଜର ଛାତ୍ରୀ ରୋଜାଲିନ ଥପା ପ୍ରଥମ ସ୍ଥାନରେ ରହି କଲେଜ୍ ପାଇଁ ଗୌରବ ଆଣିଥିବାରୁ ତାଙ୍କ କଠିନ ଅଧ୍ୟବସାୟ ସାଙ୍ଗକୁ କଲେଜର ଅଧ୍ୟାପକ ଅଧ୍ୟାପିକାଙ୍କ ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ। ସେ ନିଜେ ବକ୍ତବ୍ୟରେ କହିଥିଲେ ଯେ, ନିଜକୁ ସବୁବେଳେ ଶିଷ୍ୟ ରୂପରେ ବିଚରା କରୁଥିବା ବ୍ୟକ୍ତି ସମାଜରେ ଯୋଗ୍ୟତମ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ହୋଇଥାଏ। ନିଜକୁ ଆଗକୁ ନେବା ସାଙ୍ଗକୁ ଅନ୍ୟମାନଙ୍କୁ ଆଗକୁ ନେଇ ପାରେ। ଶେଷରେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରି ଶୁଭେଚ୍ଛା ଜଣାଇଥିଲେ। ଏହାପରେ କୃତୀ ଛାତ୍ରଛାତ୍ରୀ ନିଜ ମତାମତ ରଖିଥିଲେ। କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପକ ଦିନ ଛତର ପରିଚାଳନା କରିଥିଲେ। ଶେଷରେ ଇଂରାଜୀ ଅଧ୍ୟାପିକା ସୁଶ୍ରୀ ଶାଳିନି ମେହେର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମହେନ୍ଦ୍ରଗିରିର ସୁରକ୍ଷା ଲାଗି ଆଦିବାସୀଙ୍କ ଗର୍ଜନ

# ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି






## ପ୍ରଶାସନକୁ ୧୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

## ପବିତ୍ର ମହେନ୍ଦ୍ରଗିରିରେ ଜମୁଛି ମଦ, ମାଂସର ଆସର

ପାରଳାଖେମୁଣ୍ଡି,୨୯ ।୫(ସମିସ)

ପବିତ୍ର ଶୈବ ତୀର୍ଥସ୍ଥଳ, ଭଗବାନ ପର୍ଶୁରାମଙ୍କ ତପଭୂମି ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଶିଖରରେ ଚାଲିଥିବା ମନମୁଖୀ ଖନନ ଏବଂ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ସହିତ ଏହାର ପବିତ୍ର ପ୍ରାକୃତିକ ପରିବେଶର ଧ୍ୱଂସ, ଅନୈତିକ ଏବଂ ବେଆଇନ କାର୍ଯ୍ୟକଳାପ, ମହେନ୍ଦ୍ରଗିରି ଅଞ୍ଚଳର ନିରୀହ ସୌରା (ଶବର) ଆଦିବାସୀଙ୍କ ଉପରେ ଅତ୍ୟାଚାର, ଶୋଷଣ ଏବଂ ମହେନ୍ଦ୍ରର ବିକାଶ ନାମରେ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିୟମର ଖୋଲାଖୋଲି ଉଲ୍ଲଂଘନ ସହ ବନ ବିଭାଗର ମନମୁଖୀ କାର୍ଯ୍ୟକଳାପ ବିରୁଦ୍ଧରେ ଏବଂ ଜୁନ୍ ୧ରୁ ୯ ପର୍ଯ୍ୟନ୍ତ ହେବାକୁ ଥିବା "ମହେନ୍ଦ୍ର ମେଳା'କୁ ତୁରନ୍ତ ବାତିଲ କରିବା ପାଇଁ ଦାବି ହୋଇଛି। ଆଜି ଏନେଇ ମହେନ୍ଦ୍ରଗିରି ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟ, ମହେନ୍ଦ୍ରଗିରି ପୂଜା କମିଟି (ବାରଘର)ର ପୁରୋହିତ ସଦସ୍ୟ ଏବଂ ବିଶ୍ୱାବସୁ ଶବର ସଂସ୍କୃତି ସୁରକ୍ଷା ମଞ୍ଚର ଶତାଧିକ ମହିଳା ଓ ପୁରୁଷ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୩ ଦଫା ସମ୍ବଳିତ ଏକ ସ୍ମାରକପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛନ୍ତି।

ସେମାନେ ଜଣାଇଛନ୍ତି ଯେ, ମହେନ୍ଦ୍ରଗିରି କେବଳ ଏକ ପାହାଡ଼ ନୁହେଁ, ଏହା ଅନାଦି କାଳରୁ ଆଦିବାସୀ ସମ୍ପ୍ରଦାୟର ବିଶ୍ୱାସ, ପ୍ରାଚୀନ ଐତିହ୍ୟ, ସଂସ୍କୃତି, ପରମ୍ପରା, ବଂଶ ପ୍ରଥା, ସାମାଜିକ ପ୍ରଥା ଏବଂ ଆଧ୍ୟାତ୍ମିକ ପରିଚୟ ସହିତ ଗଭୀର ଭାବରେ ଜଡିତ। ପିଢ଼ି ପରେ ପିଢ଼ି ଧରି, ମହେନ୍ଦ୍ରଗିରି ପୂଜା କମିଟି (ବରାଘର) ଭାବରେ ଜଣାଶୁଣା ବରାଘର ଗ୍ରାମର ଆଦିବାସୀ ସୌରା (ଶବର) ସମ୍ପ୍ରଦାୟ ପାରମ୍ପରିକ ଭାବରେ ଏହି ପବିତ୍ର ସ୍ଥାନକୁ ସେମାନଙ୍କର ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାରୀ ଭାବରେ ପ୍ରକୃତି ପୂଜା ଏବଂ ଧାର୍ମିକ ରୀତିନୀତି ମାଧ୍ୟମରେ ସୁରକ୍ଷିତ କରିଆସୁଛନ୍ତି।

ଏବେ ବିଭିନ୍ନ ମାଫିଆ, ଦଲାଲ ଏବଂ ରାଜନୈତିକ ଭାବରେ ଶକ୍ତିଶାଳୀ ବ୍ୟକ୍ତିବିଶେଷଙ୍କ ଲୋଭ ପ୍ରଭାବରେ ଆସିଯାଇଛି। ସେମାନେ ଲାଭଖୋର ମନବୃତ୍ତି ରଖି ଆଦିବାସୀଙ୍କ ଜମି ହଡ଼ପ କରୁଛନ୍ତି, ଆଦିବାସୀଙ୍କୁ ସେମାନଙ୍କ ପୈତୃକ ଘରୁ ବଳପୂର୍ବକ ବିସ୍ଥାପିତ କରୁଛନ୍ତି ଏବଂ ସେମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଗତ କିଛିବର୍ଷ ଧରି, ଏପରି ବ୍ୟକ୍ତିମାନେ ବଳପ୍ରୟୋଗ ଏବଂ ଭୟଭୀତ କରି ମହେନ୍ଦ୍ରଗିରିରେ ଆଦିବାସୀ ଅନୁସୂଚିତ ଅଞ୍ଚଳ ମଧ୍ୟରେ ବେଆଇନ ଭାବରେ ଘର ଏବଂ ବସତି ନିର୍ମାଣ କରିଛନ୍ତି ବୋଲି ଅଭିଯୋଗ କରାଯାଇଛି ଏବଂ ଏକ ସମୟରେ ଆଦିବାସୀ ଲୋକଙ୍କୁ ବିଭିନ୍ନ ପ୍ରକାରର ହଇରାଣ, ଅତ୍ୟାଚାର ଏବଂ ଶୋଷଣର ଶିକାର କରୁଛନ୍ତି। ଏହି ସ୍ଥାନକୁ ମହେନ୍ଦ୍ର ଆଶ୍ରମ ନାମିତ କରାଯାଇଛି ଏବଂ ସେଠାରେ ମଦ, ମାଂସ ନିଶାଦ୍ରବ୍ୟ ବ୍ୟବହାର କାର୍ଯ୍ୟକଳାପ କରାଯାଉଛି ବୋଲି ଅଭିଯୋଗ ହୋଇଛି। ବିକାଶ ଏବଂ ମହେନ୍ଦ୍ର ମେଳା ନାମରେ ମହେନ୍ଦ୍ରଗିରି ଶିଖର ଉପରେ ମନ୍ଦିର ଗୁଡିକର ଚାରିପାଖରେ କରାଯାଉଥିବା ସମସ୍ତ ବେଆଇନ ଖନନ ଏବଂ ନିର୍ମାଣ କାର୍ଯ୍ୟକଳାପକୁ ତୁରନ୍ତ ବନ୍ଦ କରାଯିବାକୁ ଦାବି କରାଯାଇଛି।

ମହେନ୍ଦ୍ର ମେଳାର ମହେନ୍ଦ୍ରଗିରିର ମୂଳ ପୌରାଣିକ କାହାଣୀ କିମ୍ବା ପରମ୍ପରାରେ କୌଣସି ଆଧାର ନଥିବାରୁ ଏବଂ ଏହା ଆଦିବାସୀ ସଂସ୍କୃତି, ପ୍ରଥା, ପରମ୍ପରା, ସାମାଜିକ ପ୍ରଥା ଏବଂ ପୂଜା ପଦ୍ଧତିରେ ବିଭ୍ରାଟ ସୃଷ୍ଟି କରୁଛି, ତେଣୁ ଆମେ ଏହାକୁ ଦୃଢ଼ ବିରୋଧ କରୁଛୁ ବୋଲି ବିକ୍ଷୋଭ ବେଳେ ସେମାନେ କହିଛନ୍ତି। ଏହା ସହ ଦୋଷୀ ବ୍ୟକ୍ତି ଏବଂ ଅବହେଳାକାରୀ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ୧୯୮୭ ମସିହାରେ "ମହେନ୍ଦ୍ରଗିରି ମହାପ୍ରଭୁ' ନାମରେ ହିନ୍ଦୁ ଧାର୍ମିକ ଦାନ, ଜିଲ୍ଲା ଏବଂ ସ୍ଥାନୀୟ ଲୋକଙ୍କ ସହ ମିଶି ପ୍ରଭାବଶାଳୀ ମନ୍ତ୍ରୀଙ୍କ ଚାପରେ ଗଠିତ "ମହେନ୍ଦ୍ରଗିରି ବିକାଶ ଟ୍ରଷ୍ଟକୁ ତୁରନ୍ତ ଭାଙ୍ଗି ଆଦିବାସୀ ସମ୍ପ୍ରଦାୟକୁ ନ୍ୟାୟ ପ୍ରଦାନ କରାଯିବା, ବନ ବିଭାଗ ଦ୍ୱାରା ଗଠିତ ମହେନ୍ଦ୍ରଗିରି ଇକୋ ଡେଭଲପମେଣ୍ଟ କମିଟିକୁ ତୁରନ୍ତ ହଟାଇ ଦିଆଯାଇ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ବିଶ୍ୱାବସୁ ସବର ସଂସ୍କୃତି ସୁରକ୍ଷା ମଞ୍ଚକୁ କ୍ଷମତା ପ୍ରଦାନ କରାଯିବା , ମହେନ୍ଦ୍ରଗିରି ସମ୍ମିଳନୀରେ କୌଣସି ସରକାରୀ ବିକାଶମୂଳକ କାର୍ଯ୍ୟକଳାପ କରିବା ପୂର୍ବରୁ ବିଶ୍ୱାବସୁ ସବର ସଂସ୍କୃତି ସୁରକ୍ଷା ମଞ୍ଚ ଏବଂ ବାରଘର ଗ୍ରାମର ସ୍ଥାନୀୟ ଆଦିବାସୀ ପୁରୋହିତଙ୍କୁ ନେଇ ଗ୍ରାମସଭା/ପଲ୍ଲୀ ସଭା ମାଧ୍ୟମରେ ମତାମତ ଓ ସମ୍ମତି ଗ୍ରହଣ କରାଯିବା, ମହେନ୍ଦ୍ରଗିରିର ପବିତ୍ର ପ୍ରାକୃତିକ ପରିବେଶ ଏବଂ ଏହାର ବିରଳ ପ୍ରାଚୀନ ପ୍ରତିମା, ଶିବ ଲିଙ୍ଗ, ଔଷଧୀୟ ଉଦ୍ଭିଦ, ଲତା, ଗୁଳ୍ମ ଏବଂ ବିରଳ ଉଦ୍ଭିଦକୁ ସୁରକ୍ଷା ଏବଂ ସଂରକ୍ଷଣ କରାଯିବା, ବାରଘର ଗ୍ରାମର ଆଦିବାସୀ ବାସିନ୍ଦାଙ୍କ ବିରୁଦ୍ଧରେ ଦାୟର ସମସ୍ତ ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର , ଆଦିବାସୀ ପୁରୋହିତ ଏବଂ ସୌରା ଆଦିବାସୀ ସମ୍ପ୍ରଦାୟଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ହଇରାଣକୁ ତୁରନ୍ତ ବନ୍ଦ କରାଯାଇ ସେମାନଙ୍କୁ ଆଇନଗତ ସୁରକ୍ଷା ଯୋଗାଇ ଦିଆଯିବା, ମହେନ୍ଦ୍ର ଅଞ୍ଚଳର ସୌରା ଆଦିବାସୀଙ୍କ ଜୀବିକା, ଆଦିବାସୀ ସଂସ୍କୃତି, ପରମ୍ପରା, ସାମାଜିକ ପ୍ରଥା, ପୂଜା ପ୍ରଣାଳୀ ଏବଂ ଧାର୍ମିକ ଭାବନାକୁ ଆକ୍ଷେପ ନ କରିବା, ମହେନ୍ଦ୍ରଗିରି ଶିଖରରେ ଅବସ୍ଥିତ ମନ୍ଦିରଗୁଡ଼ିକୁ ସୁରକ୍ଷା ଦେବା ପାଇଁ, ଅନୁପ୍ରବେଶକାରୀ ବାବାଙ୍କ ଦ୍ୱାରା ନିର୍ମିତ ବେଆଇନ "ମହେନ୍ଦ୍ର ଆଶ୍ରମ' ବିରୁଦ୍ଧରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶ ସଂଖ୍ୟା ପିଏଲ୍‌ଏଚ୍/ଅଧିଗ୍ରହଣ/୨୫-୨୬/୨୬୭ ତାରିଖ ୩୦/୦୯/୨୦୨୫ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେ କରିଥିବା ଜବରଦଖଲକୁ ସମ୍ପୂର୍ଣ୍ଣ ଭାବରେ ହଟାଇଦେବା, ଆଦିବାସୀ ପୂଜାରୀ ଏବଂ ଆଦିବାସୀ ସମ୍ପ୍ରଦାୟ ପ୍ରତି ପକ୍ଷପାତିତା ମନୋବୃତ୍ତି ଓ ଉପଯୁକ୍ତ ତଦନ୍ତ ବିନା ନିର୍ଦ୍ଦୋଷରେ ସୌରା ଆଦିବାସୀଙ୍କ ବିରୁଦ୍ଧରେ ମିଥ୍ୟା ଅପରାଧୀକ ମାମଲା ରୁଜୁ କରୁଥିବା ଗାରାବନ୍ଧ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ତୁରନ୍ତ ବଦଳି କରାଯିବା ପାଇଁ ଦାବି କରିଛନ୍ତି। ଯଦି ଦାବି ପୁରଣ ନହୁଏ ଏବଂ ମହେନ୍ଦ୍ରର ବିକାଶ ଓ ମେଳା ନାମରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ, ତେବେ ଭବିଷ୍ୟତରେ କୌଣସି ଅପ୍ରୀତିକର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷେ ମହେନ୍ଦ୍ରଗିରିର ସୁରକ୍ଷାକୁ ନେଇ ଶବର ସମ୍ପ୍ରଦାୟ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଏହି ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗ୍ରହଣ କରିବା ସହ ରାଜ୍ୟସରକାର ଏବଂ ପ୍ରତ୍ନତତ୍ତ୍ୱ ବିଭାଗକୁ ଜବାବ ତଲବ କରିଛନ୍ତି। ଏହି ମାମଲାର ଶୁଣାଣି ଗ୍ରୀଷ୍ମଛୁଟି ପରେ ପରବର୍ତ୍ତୀ କରାଯିବ ବୋଲି ଜଣାପଡିଛି।

---

### ମାର୍ଲବା ଘାଟିରେ ଦୁର୍ଘଟଣା

## ଜଣେ ମୃତ, ୨ ଗୁରୁତର

ରାୟଗଡ,୨୯।୫(ସମିସ): ରାୟଗଡ଼ ଥାନା ଅନ୍ତର୍ଗତ ମାର୍ଲବା ଘାଟିରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ହିଁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି।

ଆର. ଉଦୟଗିରି ଥାନା ଅଧୀନ ଛେଲିଗଡ଼ ଗ୍ରାମର ତିନିଜଣ ଯୁବକ ବୁଲେଟ ଯୋଗେ ରାୟଗଡ଼ ଅଭିମୁଖେ ଏକ ବାହାଘର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ମାର୍ଲବା ଘାଟି ଅତିକ୍ରମ ବେଳେ ଭାରସାମ୍ୟ ହରାଇ ପାହାଡ଼ ତଳକୁ ବୁଲେଟ୍‌ଟି ଖସିପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ରୋନିତ ଲିମ୍ବା (୨୬)ଙ୍କର ମୃତ୍ୟୁ ଘଟିଥିବା ବେଳେ ରତିକ ପାଳ (୨୬) ଏବଂ ସାଇକ ବୀର (୧୬) ଗୁରୁତର ଆହତ ହୋଇଥିଲେ। ରାୟଗଡ଼ ପୁଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ପ୍ରଥମେ ରାୟଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରୋନିତଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ରତିକ ଓ ସାଇକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ରାୟଗଡ଼ ଥାନାରେ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ତଦନ୍ତ ଆରମ୍ଭ ହୋଇଥିବା ଏଏସଆଇ ଦେବାଶିଷ ପାତ୍ର ସୂଚନା ଦେଇଛନ୍ତି।

## ଓପିଏସ୍‌ସି ପାଇଲେ ଟିକାବାଲିର ଶିକ୍ଷକ ଗୁରୁପ୍ରସାଦ

ଟିକାବାଲି,୨୯।୫(ସମିସ): ଟିକାବାଲି ରାଜୀବନଗରର ବାସିନ୍ଦା ତଥା ଶିକ୍ଷକ ଗୁରୁପ୍ରସାଦ ସାହୁ ଚଳିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ୧୧୫ତମ ର୍ୟାଙ୍କ୍ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଜଣେ ଆଦର୍ଶ ଶିକ୍ଷକ ଓ ମାର୍ଗଦର୍ଶକ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା। ପୂର୍ବରୁ ସେ ଟିକାବାଲିର ଡୁଙ୍ଗି ସେବାଶ୍ରମ ବିଦ୍ୟାଳୟରେ କିଛିବର୍ଷ କାର୍ଯ୍ୟ କରିବା ପରେ, ବର୍ତ୍ତମାନ ଫୁଲବାଣୀ ବ୍ଲକର ଏକ ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତାଙ୍କର ଏହି ସଫଳତା ପରେ ଆଜି ଟିକାବାଲି ପ୍ରେସ ଆସୋସିଏସନ ପକ୍ଷରୁ ସମ୍ପାଦକ ସନ୍ତୋଷ କୁମାର ଦଳବେହେରାଙ୍କ ନେତୃତ୍ୱରେ ସଭ୍ୟ ସାନୁଜ ବେହେରା ଓ ଯୋସେଫ୍ ଦିଗାଲ ଶ୍ରୀ ସାହୁଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ।

## ପୂର୍ବତନ ୱାର୍ଡସଭ୍ୟାଙ୍କ ପରଲୋକ

ଜି.ଉଦୟଗିର,୨୯।୫(ସମିସ): ଜି.ଉଦୟଗିରି ପୂର୍ବତନ ୱାର୍ଡସଭ୍ୟା ନଳିନୀ ନାୟକ(୮୨)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ୩ ପୁଅ ୨ ଝିଅ ଥିବା ବେଳେ ଆଜି ତାଙ୍କର ଖ୍ରୀଷ୍ଟିୟ ରୀତିନୀତି ଅନୁଯାୟୀ ସମାଧି ଦିଆଯାଇଥିଲା। ପୂର୍ବରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନୁଆସାହି ସ୍ଥିତ ବାସଭାବନରେ ଶେଷ ଦର୍ଶନ କରିଥିଲେ।

## ରୋଗୀଙ୍କୁ ଯୁବ ସମାଜସେବୀଙ୍କ ଫଳ ବଣ୍ଟନ



ଦାରିଙ୍ଗବାଡ଼ି,୨୯।୫(ସମିସ): ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଅସହାୟ ଓ ଗରିବ ରୋଗୀଙ୍କୁ ଆଜି ଯୁବ ସମାଜସେବୀଙ୍କ ପକ୍ଷରୁ ଫଳ ବଣ୍ଟନ କରାଯାଇଛି। ସମାଜସେବୀ ହରେନ୍ ସାହୁ, ପ୍ରଭାକର ସାହୁ ଏବଂ ମୀନକେତନ ସାହୁ ହସ୍ପିଟାଲର ବିଭିନ୍ନ ୱାର୍ଡ ବୁଲି ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ସେଓ, କଦଳୀ ଆଦି ଫଳ ବଣ୍ଟନ କରିଥିଲେ।

## ଜି.ଉଦୟଗିରି ଲ୍ୟାମ୍ପସରେ ପ୍ରଥମ ଆମ୍ବ ମଣ୍ଡିର ଶୁଭାରମ୍ଭ



ଜି.ଉଦୟଗିରି,୨୯ । ୫(ସମିସ): ସମବାୟ ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଆମ୍ବ ଚାଷୀଙ୍କ ଠାରୁ ସିଧାସଳଖ ଲ୍ୟାମ୍ପସ ଓ ଆର୍‌ଏମସି ମାଧ୍ୟମରେ ମଣ୍ଡି କରି ଆମ୍ବ କ୍ରୟ ଓ ବିପଣନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏପରି ସ୍ଥଳେ ଶୁକ୍ରବାର କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଲ୍ୟାମ୍ପସ ଜରିଆରେ ଆମ୍ବ ମଣ୍ଡି କରି ଆମ୍ବ କ୍ରୟ ଓ ବିପଣନ ଆରମ୍ଭ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବାଲିଗୁଡା ଉପ ଜିଲ୍ଲାପାଳ ପ୍ରଣୀତା ଦାସ ଯୋଗଦେଇ ଅନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପଜିଲ୍ଲାପାଳ କନ୍ଧମାଳ ଆମ୍ବ ରାଜ୍ୟ ଏବଂ ଦେଶରେ ପରିଚିତ ହେବା ସହ ଆମ୍ବ ଚାଷୀଙ୍କ ଆର୍ଥିକ ବିକାଶ କାମନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଡେପୁଟି ରେଜିଷ୍ଟ୍ରର ସନ୍ତୋଷ କୁମାର ଦାସ, ଜି.ଉଦୟଗିରି ବିଡିଓ ସତ୍ୟନାରାୟଣ ମିଶ୍ର, ଜି.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ର, ଏଆରସିଏସ ବାଲିଗୁଡା ସୁକାନ୍ତ କୁମାର ପାଢୀ, ଏଆରସିଏସ ଫୁଲବାଣୀ ଲଳିତ କୁମାର ମାଝି, ଆରଏମସି ସମ୍ପାଦକ ସୁରେଶ କୁମାର ବେହେରା, ଲ୍ୟାମ୍ପସ ସଭାପତି ଜମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଞ୍ଚଳର ବହୁ ଚାଷୀ ଆମ୍ବ ବିକ୍ରି କରିବାକୁ ଲ୍ୟାମ୍ପସକୁ (ମଣ୍ଡି) ଆଣିଥିବା ବେଳେ ସେମାନଙ୍କୁ ଆମ୍ବର ଉଚିତ ମୁଲ୍ୟ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା। ବଜାର ମୂଲ୍ୟ ଠାରୁ ଅଧିକ ଦାମରେ ଏଠି ବିକ୍ରି କରାଯାଉଥିବାରୁ ଚାଷୀ ଅଧିକ ଲାଭବାନ ହେବ ବୋଲି ଚାଷୀ ଅକ୍ଷୟ କୁମାର ପ୍ରଧାନ କହିଛନ୍ତି। ଲ୍ୟାମ୍ପସ ଏମଡି ଶିଶିରକାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରାଷଦ ସଭ୍ୟା ଲିଲିମା ପ୍ରଧାନ, ସଭ୍ୟ କିଶୋର ନାୟକ, ବିନୋଦ ବିହାରୀ ଦାସ ଓ ସଚିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିର ପ୍ରସ୍ତୁତି ବୈଠକ

## ଜୁନ୍ ୫ରେ ମହିଳା ସମାବେଶ



ଜି.ଉଦୟଗିରି,୨୯।୫(ସମିସ): ଆସନ୍ତା ୫ ତାରିଖରେ ଜି.ଉଦୟଗିରି ନିର୍ବାଚନମଣ୍ଡଳୀସ୍ତରୀୟ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହେବ। ଡବଲ ଇଞ୍ଜିନ ସରକାରଙ୍କ ବିଭିନ୍ନ ମିଛ ପ୍ରତିଶ୍ରୁତି, ରାଜ୍ୟରେ ମହିଳା ଅସୁରକ୍ଷିତ, ତିନି ମାସ ହେଲା ଲୋକଙ୍କୁ ଭତ୍ତା ନ ମିଳିବା, ଗ୍ୟାସ, ପେଟ୍ରୋଲ, ଡିଜେଲ ଦରଦାମ ବୃଦ୍ଧି ଏଭଳି ବିଭିନ୍ନ ପ୍ରକାର ସମସ୍ୟାକୁ ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦିଆଯିବ। ଏ ସମ୍ପର୍କରେ ଆଲୋଚନା କରିବାକୁ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ପୂର୍ବତନ ଉପବାଚସ୍ପତି ତଥା ବିଧାୟକ ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବ୍ଲକ ସଭାପତି ଲିଙ୍ଗରାଜ କହଁର, ନଗର ସଭାପତି ଅନିଲ କୁମାର ଦଳବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ସମୀର କୁମାର ପାଢ଼ୀ, ବରିଷ୍ଠ କର୍ମୀ କାଳୁ ଚରଣ ପଣ୍ଡା, ସଞ୍ଜୀବ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ ଏନ. ଲୁକ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ସୁବାସ ଶତପଥୀ, କୃତାଞ୍ଜଳି ନାୟକ, କାଉନସିଲର ସିଦ୍ଧେଶ୍ୱରୀ ନାୟକ, ନନ୍ଦିତା ପ୍ରଧାନ, ମୋନାଲିସା ଦଳବେହେରା ଓ ଚିନ୍ମୟ ସେଠୀଙ୍କ ସମେତ ବହୁ ସକ୍ରିୟ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ନିମନ୍ତେ ମତାମତ ପ୍ରଦାନ କରିଥିଲେ।

## ତିନି ଦିନ ହେଲା ଅନ୍ଧାରରେ କଟଡ଼ଗଣ୍ଡାବାସୀ



ଜି.ଉଦୟଗିରି,୨୯।୫(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ବେଳେ ତିନି ଦିନ ହେଲା କରେଣ୍ଟ ନ ଥିବା ଫଳରେ ନାହିଁ ନଥିବା ହଇରାଣ ହେଉଛନ୍ତି ଲିଙ୍ଗାଗଡ଼ ପଞ୍ଚାୟତ କଟଡ଼ଗଣ୍ଡା ଗ୍ରାମବାସୀ। ଅସହ୍ୟ ଖରା ତାତିରେ ଲୋକେ ପାଣି ପାଇଁ ଆଉଟୁପାଉଟୁ ହେଉଥିବା ବେଳେ, ତାତିରେ ସିଝୁଛନ୍ତି। ପ୍ରତି କ୍ଷେତ୍ରରେ ବିଜୁଳି ଆବଶ୍ୟକ ହେଉଥିବା ବେଳେ ବିନା ବିଜୁଳିରେ ଗ୍ରାମବାସୀ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଏପରିକି ମୋବାଇଲ ଚାର୍ଜ କରିପାରୁ ନାହାନ୍ତି। ଅଭିଯୋଗ କରିବାର ତିନି ଦିନ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନି ବିଦ୍ୟୁତ୍ ସେବା। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଶୀଘ୍ର ମରାମତି କରିବାକୁ ଜିତେନ୍ଦ୍ର ନାୟକ, ଅଶୋକ ନାୟକ, ରଂଜିତ ନାୟକ, ଶ୍ରୀନିବାସ ନାୟକ ଓ ବୁଲୁ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ଘରୋଇ ବସ୍ ଜବତ କଲା ପରିବହନ ବିଭାଗ

ଖଲ୍ଲିକୋଟ,୨୯ ।୫(ସମିସ): ଆବଶ୍ୟକ କାଗଜ ପତ୍ର ନଥିବାରୁ ଗୋଟିଏ ଘରୋଇ ବସକୁ ଜବତ କରିଛି ପରିବହନ ବିଭାଗ। ଭୁବନେଶ୍ୱରରୁ ଆସିକା ଅଭିମୁଖେ ଆସୁଥିବା ଘରୋଇ ବସ ଶ୍ରୀକ୍ରିଷ୍ଣାକୁ ରାସ୍ତାରେ ଅଟକାଇ ପରିବହନ ବିଭାଗ ଅଧିକାରୀ କାଗଜପତ୍ର ଯାଞ୍ଚ କରିଥିଲେ। ଆବଶ୍ୟକ କାଗଜପତ୍ର ନଥିବାରୁ ପରିବହନ ବିଭାଗ ଅଧିକାରୀମାନେ ବସ୍‌କୁ ଜବତ କରି ଖଲ୍ଲିକୋଟ ଥାନାରେ ଜିମା ଦେଇଥିଲେ। ଏନେଇ ଗଞ୍ଜାମ ଆରଟିଓ ଦେବାଶିଷ ସ୍ୱାଇଁଙ୍କୁ ପଚାରିବାରୁ ବସକୁ ପରିବହନ ବିଭାଗର ଟେକ୍ନିକାଲ ଟିମ ଯାଞ୍ଚ କରିଥିଲେ। ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଜବତ କରିଛନ୍ତି। ଶୁକ୍ରବାର ଖଲ୍ଲିକୋଟ ଥାନାରେ ଆବଶ୍ୟକ କାଗଜ ପତ୍ର ଯାଞ୍ଚ କରିବା ପରେ ଯାହା ଫାଇନ ପଡିବ ଦେବା ପରେ ମାଲିକ ବସକୁ ନେଇ ପାରିବେ ବୋଲି କହିଥିଲେ।

## ମହାକାଶ କେନ୍ଦ୍ର ପରିଦର୍ଶନରେ ଯିବେ କେଭି ଛାତ୍ରୀ ସୁବର୍ଣ୍ଣା



ପାରଳାଖେମୁଣ୍ଡି,୨୯ ।୫(ସମିସ)

ପାରଳାଖେମୁଣ୍ଡି ସହର ଉପକଣ୍ଠରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁବର୍ଣ୍ଣା ସାହୁ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର ପରିଦର୍ଶନ କରିବାର ସୁଯୋଗ ପାଇଛନ୍ତି। ସେ ଗତ ଏପ୍ରିଲ ୧୩ରେ ଇସ୍ରୋର ଯୁଭିକା ବିଭାଗ ତରଫରୁ ନିମନ୍ତ୍ରଣ ମେଲ୍‌ରେ ପାଇଥିଲେ। ଓଡ଼ିଶାରୁ ୨ ଜଣଙ୍କ ମଧ୍ୟରୁ ଗଜପତି ଜିଲ୍ଲାରୁ ସୁବର୍ଣ୍ଣାଙ୍କୁ ଚଳିତ ମାସର ଦ୍ୱିତୀୟ ସପ୍ତାହରେ ଯୋଗଦେବା ପାଇଁ ନିମନ୍ତ୍ରଣ ହୋଇଥିଲା। ସେଠାରେ ୨ ସପ୍ତାହ କାଳ ରହି ମହାକାଶ ଜ୍ଞାନ ସମ୍ପର୍କରେ ଅନ୍ତର୍ନିହିତ ଜ୍ଞାନ, ଦକ୍ଷତା ଓ କୌଶଳ ଜାଣିବାରେ ସୁଯୋଗ ମିଳିଥିଲା। ସେ ସେଠାରେ ଇସ୍ରୋ, ଟେଲିମିଟ୍ରି, ଟ୍ରାକିଂ ଓ କମାଣ୍ଡ ନେଟ୍‌ୱାର୍କ, ଲଂଚପ୍ୟାଡ, ଟିଟିସି ଓ ଗ୍ରାଉଣ୍ଡ ଷ୍ଟେସନ ସମ୍ପର୍କରେ ଜ୍ଞାନ ହାସଲ କରିବାର ସୁଯୋଗ ପାଇଥିଲେ। ଏହାଛଡା ଆଲୋଚନାଅଚକ୍ର ମାଧ୍ୟମରେ ଚନ୍ଦ୍ରାୟନ-୩, ଆଦିତ୍ୟ ଏଲ୍‌୧ ଓ ଗଗନାୟନ ସମ୍ପର୍କରେ ଜ୍ଞାନ ହାସଲ କରିପାରିଥିଲେ। ଏଥିରେ ମହାକାଶ ବୈଜ୍ଞାନିକ ଶୁଭାଂଶୁ ଶୁକ୍ଲାଙ୍କ ଠାରୁ ଦୀର୍ଘ ଅନୁଭୂତିର ଜ୍ଞାନ ହାସଲ କରିଥିଲେ। ଏସଡିଏସସି ଏସଏଚଏଆର୍‌ର ନିର୍ଦ୍ଦେଶକ ପଦ୍ମକୁମାର ଇ.ଏସ୍.ଙ୍କ ଠାରୁ କିଛି ଅନ୍ତର୍ନିହିତ ଜ୍ଞାନ ଯଥା ମହାକାଶ ଯାତ୍ରାର ବିଫଳତା ସଫଳତାର ପୁଞ୍ଜି ସୃଷ୍ଟି କରେ, ଏହିଭଳି କିଛି ଜ୍ଞାନ,ଦକ୍ଷତା ଓ କୌଶଳ ସମ୍ପର୍କରେ ଧାରଣା ସୃଷ୍ଟି ହୋଇଥିବା ଜଣାଇଛନ୍ତି। ସୁବର୍ଣ୍ଣା ନିଜେ ଜଣେ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇ ଗଜପତି ଜିଲ୍ଲା ପାଇଁ ବହୁ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ଏହି ଦକ୍ଷତାକୁ ସେ ସେଠାରେ ରହଣି କାଳରେ ସନ୍ଧ୍ୟା ସମୟରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଦର୍ଶିତ କରି ଇସ୍ରୋ ବୈଜ୍ଞାନିକଙ୍କ ଦ୍ୱାରା ଖୁବ୍ ପ୍ରଶଂସିତ ହୋଇଥିବାର ମଧ୍ୟ ଜଣାଇଛନ୍ତି।

# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଭଦ୍ରକ,୨୯ ।୫(ସମିସ):ବାସୁଦେବପୁର ଥାନା ଖେମେଶ୍ୱରପୁର ଗାଁର ଆରତୀ ଦାସ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ସୁରେନ୍ଦ୍ର ଦାସଙ୍କ ପୁତ୍ର ମଧୁସୂଦନ ଦାସଙ୍କୁ ଭଦ୍ରକ ଜିଲ୍ଲା ତଥା ଦୌରାଜଜ୍ ଲଲାଟେନ୍ଦୁ ଜେନା ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁନଶ୍ଚ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ବିବରଣୀ ଅନୁଯାୟୀ, ବାସୁଦେବପୁର ଥାନା ବ୍ରାହ୍ମଣୀଗାଁ ଖେମେଶ୍ୱରପୁର ଗାଁର ନାରାୟଣ ଦାସଙ୍କ ପତ୍ନୀ ଆରତୀ ଗତ ୨୦୨୧ ମସିହା ଜୁଲାଇ ମାସ ୨୨ ତାରିଖରେ ବିଲରୁ କାମ କରି ଫେରୁଥିବା ବେଳେ ସେହି ଗାଁର ତିନିଛକି ପାଖରେ ତାଙ୍କର ପଡ଼ୋଶୀ ମଧୁସୂଦନ ଦାସ ପୂର୍ବ ଶତ୍ରୁତା କାରଣରୁ ହାତରେ ଧରିଥିବା ସାବଳ ଦ୍ୱାରା ତାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଆରତୀ ଗୁରୁତର ହୋଇ ସେଠାରେ ପଡ଼ି ରହିଥିବା ବେଳେ ତାଙ୍କ ସ୍ୱାମୀ ଖବର ପାଇ ସେଠାରେ ପହଞ୍ଚି ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ନେଇ ଯାଇଥିଲେ। ସେଠାରୁ ଭଦ୍ରକ ଓ ପରେ କଟକ ବଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ଚିକିତ୍ସିତ ହେଉଥିବା ବେଳେ ଆରତୀଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ନାରାୟଣଙ୍କ ଅଭିଯୋଗ ମୂଳେ ବାସୁଦେବପୁର ଥାନା କେସ ନଂ ୨୧୯/୨୧ ଦଫା ୩୦୨ରେ ଏକ କେସ ହୋଇ ଅଭିଯୁକ୍ତ ମଧୁସୂଦନକୁ ପୁଲିସ ସେହି ମାସ ୧୪ ତାରିଖରେ ଗିରଫ କରି କୋର୍ଟ ପଠାଇ ଦେଇଥିଲା। ସେହି ଦିନରୁ ସେ ବିଚରାଧୀନ ବନ୍ଦୀ ଭାବରେ ଜେଲରେ ଅଟକ ଥିଲା। ଜିଲ୍ଲା ଜଜଙ୍କ କୋର୍ଟରେ ଏସ୍‌ଟି କେସ ନମ୍ବର - ୧୯/୨୧ ମୂଳେ ବିଚାର ହୋଇ ଆଜି ତାଙ୍କର ରାୟ ପ୍ରକାଶ ପାଇ ଉପରୋକ୍ତ ଦଣ୍ଡ ପ୍ରଦାନ କରାଯାଇଛି। ସରକାରଙ୍କ ତରଫରୁ ପବ୍ଲିକ ପ୍ରୋସିକ୍ୟୁଟର ମିନା ଟପ୍ପୋ ମାମଲା ପରିଚାଳନା କରୁଥିଲେ।

# ଲୁଟେରାକୁ କାବୁକଲେ ସ୍ଥାନୀୟ ବାସିନ୍ଦା

ବାରିକପୁର,୨୯ ।୫(ସମିସ): ଭଣ୍ଡାରିପୋଖରୀ ଥାନା ଷୋଳମପୁର ପଞ୍ଚାୟତ ମଣିନାଥପୁର ନିକଟରୁ ସ୍ଥାନୀୟ ଲୋକମାନେ ଜଣେ ଲୁଟେରାକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ ଗତ ଗୁରୁବାର ରାତି ପ୍ରାୟ ୮ଟା ବେଳେ ମାଳଦା ଅଞ୍ଚଳର ଜଣେ ମହିଳା ଯାଜପୁରରୁ ଘରକୁ ଫେରୁଥିଲେ। ବୈତରଣୀ ନଦୀର ବଲ୍ଲଭି ଘାଟ ସେତୁ ଉପରେ ଗୋଟିଏ ବାଇକ୍‌ରେ ୨ଜଣ ଯୁବକ ଆସି ମହିଳାଙ୍କ ନିକଟରୁ ଭ୍ୟାନିଟି ନେଇ ଚମ୍ପଟ ମାରିଥିଲେ। ମହିଳା ଜଣଙ୍କ ପାଟି କରିବାରୁ ନିକଟରେ ଥିବା କିଛି ଯୁବକ ଓ ସ୍ଥାନୀୟ ବାସିନ୍ଦା ଲୁଟେରାଙ୍କୁ ପିଛା କରି ବରାହନାଥ ଆନିକଟ ନିକଟରେ କାବୁ କରିଥିଲେ। ଧସ୍ତାଧସ୍ତି ଭିତରେ ଜଣେ ଲୁଟେରା ଖସିଯିବାକୁ ସକ୍ଷମ ହୋଇଥିଲା। ବାଇକ୍ ସହିତ ଅନ୍ୟଜଣଙ୍କୁ ଲୋକେ ପୁଲିସ ଜିମା ଦେଇଛନ୍ତି। ଖବର ଲେଖା ହେବା ଯାଏଁ ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଏଠାରେ ସୂଚିତ ଥାନା ଶେଷ ସୀମା ବୈତରଣୀ ସେତୁ ତଥା ଆଖପାଖ ଅଞ୍ଚଳରେ ଦୈନିକ ବ୍ରାଉନ୍‌ସୁଗର୍ ବେପାର ସହିତ ଚୋରି ଡକାୟତି ମଧ୍ୟ ବୃଦ୍ଧି ପାଉଛି। ତେଣୁ ପଡ଼ୋଶୀ ଯାଜପୁର ଓ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ପୁଲିସ ପାଟ୍ରୋଲିଙ୍ଗ କଡ଼ାକଡ଼ି ପାଇଁ ଦାବି ହୋଇଛି।

# ଶିକ୍ଷାବିତ୍‌ଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ବାରିକପୁର,୨୯ ।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନେରଡ଼ା ପଞ୍ଚାୟତ ପୁରିପଡ଼ାଠାରେ ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ସ୍ୱର୍ଗତ ଗଣେଶ୍ୱର ସାହୁଙ୍କୁ ବିଶିଷ୍ଟ ଅତିଥିମାନେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଡ. ମନୋଜ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ଅକ୍ଷୟ ତ୍ରିପାଠୀ, ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଗୁଣଗାନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାଛଡ଼ା ଗ୍ରାମ ସମେତ ଆଖପାଖ ଅଞ୍ଚଳର ବହୁ ନିମନ୍ତ୍ରିତ ଅତିଥି ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମକୁ ଶ୍ରୀଦେବ ସାହୁ, ସଞ୍ଜୀବ ସାହୁ, ରାଜୀବ ସାହୁ, ଶୁଭ୍ରଜିତ ସାହୁ , ସତ୍ୟଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# 'ମୋ ଗାଁ ମୋ ତହସିଲ' କାର୍ଯ୍ୟକ୍ରମ



ଭଦ୍ରକ,୨୯ ।୫(ସମିସ): ଆଜି ଭଦ୍ରକ ତହସିଲ ଅଧୀନସ୍ଥ ବ୍ରହ୍ମପୁର, ଆମ୍ବରୋଳି, ଆର୍ଣ୍ଣପାଳ ଓ ସାବରଙ୍ଗ ଆର.ଆଇ ସର୍କିଲ୍‌ରେ 'ମୋ ଗାଁରେ ମୋ ତହସିଲ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସମୟରେ ଜନସାଧାରଣଙ୍କ ଠାରୁ ଆର ଓ ଆର୍ ର କଲମ୍ ୨ ସଂଶୋଧନ ସମ୍ବନ୍ଧୀୟ ଅନୁସନ୍ଧାନ ସହ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ଆବେଦନପତ୍ର ଗ୍ରହଣ କରାଯାଇଥିଲା ଏବଂ ସେଗୁଡିକର ତୁରନ୍ତ ନିଷ୍ପତି ପାଇଁ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲ ସୁପରଭାଇଜର ଜ୍ୟୋତିରଂଜନ ପଣ୍ଡାଙ୍କ ସହ ସଂପୃକ୍ତ ସର୍କଲର ଆର୍.ଆଇମାନେ ଉପସ୍ଥିତ ଥିଲେ।

# ବିପର୍ଯ୍ୟସ୍ତ ହେଲାଣି ରାସ୍ତା; ଶୁଣୁନି ବିଭାଗ

ବାରିକପୁର,୨୯ ।୫(ସମିସ)



ଭଣ୍ଡାରିପୋଖରୀ ପାଳଦା ବାଙ୍କଠାରୁ ପଡ଼ୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାଟି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ରାସ୍ତାରେ ଦୈନିକ କିଛି ନା କିଛି ଛୋଟ ମୋଟ ଦୁର୍ଘଟଣା ଘଟୁଛି। ରାସ୍ତାର ସରସଦା, ବରଦା ବଜାର, ପଟା ପୋଲ ଆଦି ସ୍ଥାନରେ କିଛି ମାସ ପୂର୍ବରୁ ଅଳ୍ପ କେତେ ମିଟର ମରାମତି ହୋଇଥିବା ବେଳେ ରାଢ଼ୋ, ହାଜିପୁର, ପୁରସ୍ତମପୁର, ଜଳହରି, ମଣିନାଥପୁର ଆଦି ସ୍ଥାନରେ ରକ୍ଷଣାବେକ୍ଷଣ ଜନିତ ଗୁରୁତର ସମସ୍ୟା ରହିଛି। ପ୍ରାୟ ନଅ କିମି ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେଉଁଠି କଂକ୍ରିଟ ଫାଟି ଆଁ କଲାଣି ତ ପୁଣି କେଉଁଠି ସେତୁ ଉପରେ ଲୁହା ଛଡ଼ ଦେଖାଯାଉଛି। ବିଶେଷକରି ମାଳଦା ବଜାର ମୁଣ୍ଡ କେନାଲ ନିକଟରେ ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ଦୈନିକ ଏଠାରେ ଲୋକେ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଦୁଇ ଭାଗରେ ବିଭକ୍ତ ଗୋଟିଏ ପାର୍ଶ୍ୱ ରାସ୍ତା ଦୀର୍ଘଦିନ ହେବ ଦବିଯାଇଛି। ଅନେକ ଥର ଏଠାରେ ଦୁର୍ଘଟଣା ଘଟିବାରୁ ଏହାକୁ ମରାମତି ସକାଶେ ପୂର୍ବ ବର୍ଷ ମାନଙ୍କରେ ବିଭାଗକୁ ଅବଗତ ଯାଇଥିଲା। ମାତ୍ର ପାଖାପାଖି ୨ବର୍ଷ ହେବ ବିଭାଗୀୟ ଯନ୍ତ୍ରୀ ଲୋକଙ୍କ ସମସ୍ୟାକୁ ଶୁଣୁନାହାନ୍ତି। ପୂର୍ବରୁ କାଳେ ରାସ୍ତା ମରାମତି ପାଇଁ କାଗଜପତ୍ର ହୋଇଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ କିନ୍ତୁ କୌଣସି କାମ ହୋଇନାହିଁ। ପୂର୍ବ ବିଭାଗୀୟ ଯନ୍ତ୍ରୀମାନେ ଚତୁରତାର ସହିତ କାଗଜରେ ରାସ୍ତା ମରାମତି ଦର୍ଶାଇ ଏଠାରୁ ଛୁ ମାରିଛନ୍ତି। ଏବେ ନୂଆ ଅଧିକାରୀ ଜରୁରିକାଳୀନ ସ୍ଥିତିରେ ରାସ୍ତା ମରାମତି ପାଇଁ ଅକ୍ଷମତା ପ୍ରକାଶ କରିଛନ୍ତି। ସେ ଯାହା ବି ହେଉ ଏବେ ଧୀରେଧୀରେ ରାସ୍ତା ଲୋକମାନଙ୍କ ପାଇଁ ମରଣଯନ୍ତା ସଦୃଶ ହୋଇଛି। ସ୍ଥାନୀୟ ବାସିନ୍ଦା ଦୈନିକ କିଛି ମାତ୍ରାରେ ସାବଧାନ ହୋଇ ରାସ୍ତା ଅତିକ୍ରମ କରୁଥିବାବେଳେ ଦୂରଦୂରାନ୍ତ ପଥଚାରୀ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗତ ସପ୍ତାହ ଭିତରେ ବହୁ ବାଇକ୍ ଓ ସାଇକଲ ଆରୋହୀ ଏଠାରେ ପଡ଼ି ଆହତ ହୋଇଥିବା ଜଣାପଡ଼ିଛି। ମାଳଦାର ସ୍ଥାନୀୟ ସଚେତନ ନାଗରିକ ନେତାଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରିଥିବା ସତ୍ତ୍ୱେ ବିପଦସଙ୍କୁଳ ସ୍ଥାନ ମରାମତି ହେଉନାହିଁ। ପରିଶେଷରେ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଲୋକେ ରାସ୍ତା ମଝିରେ ବାଲି ବସ୍ତା ରଖିଥିବା ଦେଖିବାକୁ ମିଳିଛି। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଜିଲ୍ଲା ଠିକାଦାର ସଂଘ ବୈଠକ, ଶପଥ ଉତ୍ସବ




ଭଦ୍ରକ,୨୯ ।୫(ସମିସ):ଭଦ୍ରକ ଶହୀଦ ସ୍ମୃତି ଭବନ ଠାରେ ଆଜି ଭଦ୍ରକ ଜିଲ୍ଲା ଠିକାଦାର ସଂଘର ସାଧାରଣ ବୈଠକ ଓ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ସ୍ଥାୟୀ ସଭାପତି କୁମୁଦବନ୍ଧୁ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଭା ସଂଚାଳନ ଜିଲ୍ଲା ସଂଘର ସମ୍ପାଦକ ଅଜିତ୍ କୁମାର ଦାସ କରିଥିଲେ । ଏହି ବୈଠକରେ ରାଜ୍ୟ ଠିକାଦାର ସଂଘ ଚେୟାରମ୍ୟାନ ତଥା ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ଦାସ, ରାଜ୍ୟ ସଭାପତି ଅନିଲ ମହାଳିକ, ସାଧାରଣ ସମ୍ପାଦକ ଦିଲୀପ ଜେନା, ଉପସଭାପତି ସଂଜୀବ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସଭାପତି ଅଦ୍ୱୈତ୍ୟ ଖୁଣ୍ଟିଆ, ଯାଜପୁର ଜିଲ୍ଲା ସଭାପତି ସଂଜୀବ ପରିଡ଼ା, କେନ୍ଦ୍ରପଡ଼ା ଜିଲ୍ଲା ସଭାପତି ରାଜକିଶୋର ସାହୁ, ଆନନ୍ଦପୁର ସଭାପତି ଗଦାଧର ନାୟକ, ବ୍ଲକ ସଭାପତି- ଲଳିତ ରାଉତ, ଭୀମସେନ୍ ମଲ୍ଲିକ, ରାକେଶ ମହାପାତ୍ର, ବିଶ୍ୱକେତନ ସାମଲ, ବିଦ୍ୟାଧର ଘଡ଼େଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପ୍ରତି ସରକାର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଇଚ୍ଛାକୃତ ଲେସ ଟେଣ୍ଡର ଆଇନ ପ୍ରଣୟନ କରିଛନ୍ତି। ତାକୁ ନେଇ ବିଭିନ୍ନ ଠିକାଦାର ସଙ୍ଘ ବିରୋଧ କରି ଆସୁଥିଲେ ବି ସରକାର ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ସମସ୍ତ ଠିକାଦାର ନିର୍ଦ୍ଧାରିତ ଟେଣ୍ଡର ସିଡ୍ୟୁଲ ମୂଲ୍ୟରେ କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ନିର୍ଦ୍ଧାରିତ ମୂଲ୍ୟରେ ଟେଣ୍ଡର ପକାଇବାକୁ ସଂଘ ନିଷ୍ପତି ନେଇଛି। ସବୁ ଠିକାଦାର ଭାଇମାନେ ଏକ ହୋଇ ଲେସ ଟେଣ୍ଡର କୁ ବିରୋଧ କରିବା ସହ ସିଡ୍ୟୁଲ ମୂଲ୍ୟରେ ଟେଣ୍ଡର ପକାଇବାକୁ ପରାମର୍ଶ ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ବୈଠକରେ ଉପସ୍ଥିତ ଶତାଧିକ ଠିକାଦାର ମାନେ ଏକସ୍ୱରରେ ଶପଥ ପାଠ କରିଥିଲେ। ଏହି ଶପଥ ପାଠରେ ସମସ୍ତ ଠିକାଦାର ଭାଇମାନେ ସରକାରଙ୍କ ନିର୍ଦ୍ଧାରିତ ରେଟ୍ ଅନୁସାରେ ଟେଣ୍ଡର ପକାଇବେ, ୩ କୋଟି ପର୍ଯ୍ୟନ୍ତ ନିଜ ଜିଲ୍ଲାର ଠିକାଦାରମାନେ ଟେଣ୍ଡର ପକାଇ ପାରିବେ ନାହିଁ, ୩ କୋଟିରୁ ଊର୍ଦ୍ଧ୍ୱ ଟେଣ୍ଡରରେ ବାହାର ଜିଲ୍ଲାର ଠିକାଦାର ଭାଇମାନେ ଅଂଶ ଗ୍ରହଣ କରିପାରିବେ ଓ ବାହାରୁ କୌଣସି ଠିକାଦାରଙ୍କ ଲାଇସେନ୍ସ ଆଣି ନିଜ ଜିଲ୍ଲାରେ ସବ୍‌ଲେଟ୍ ଆକାରରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର- ତପନ ନାୟକ, ଅଶ୍ୱିନୀ ଦାସ, ସୁବୋଧ ଜେନା, ରତ୍ନାକର ପାଣି, ଦେବେନ୍ଦ୍ର ନାୟକ, ଦେବରାଜ ନାରାୟଣ, ଚିତ୍ତରଞ୍ଜନ ନାୟକ, ନିହାର ମହାପାତ୍ର, ନାଗେଶ୍ୱର ବେହେରା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ରାଜେଶ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ୍; ଜନଜୀବନ ଅସ୍ତବ୍ୟସ୍ତ




ଅସୁରାଳି,୨୯।୫(ସମିସ): ଅସୁରାଳି ଉପଖଣ୍ଡ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅସୁରାଳି, ଗଡ଼ିଆଳି, କୋଠାର, ଗୋବିନ୍ଦପୁର, ଧୂଷୁରୀ, ପାଳସାହି, ନଦୀଗାଁ, ସାହସପୁର, ହସନବାଦ, ଅର୍ଜୁନପୁର, ରହିପୁର, ବାମକୁରା ଭଳି ପ୍ରମୁଖ ପଞ୍ଚାୟତଗୁଡ଼ିକରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଚାଲୁଥିବା ଅଘୋଷିତ ବିଦ୍ୟୁତ୍ କାଟ୍ ଏବଂ ଲୋ-ଭୋଲ୍‌ଟେଜ୍ ସମସ୍ୟା ଏବେ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଅସହ୍ୟ ହୋଇପଡ଼ିଛି। ରାଜ୍ୟ ସରକାର ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଡିଣ୍ଡିମ ପିଟୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା।
ସ୍ଥାନୀୟ ଉପଭୋକ୍ତାଙ୍କ ଅଭିଯୋଗ ଅନୁଯାୟୀ, କୌଣସି ପୂର୍ବ ସୂଚନା ନ ଦେଇ ଦିନକୁ ପ୍ରାୟ ୭ରୁ ୮ ଘଣ୍ଟା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଉଛି। ବିଶେଷ କରି ମଧ୍ୟାହ୍ନର ପ୍ରଚଣ୍ଡ ରୌଦ୍ରତାପ ଏବଂ ରାତି ସମୟରେ ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ଛୋଟ ପିଲା, ବୃଦ୍ଧବୃଦ୍ଧା ଏବଂ ରୋଗୀମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବିଦ୍ୟୁତ୍ କାଟ୍ ଯୋଗୁଁ କେବଳ ଗୃହସ୍ଥ ଜୀବନ ନୁହେଁ, ବରଂ ଗ୍ରାମାଞ୍ଚଳର ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ମଧ୍ୟ ଠପ୍ ହୋଇଯାଇଛି। ଫଳରେ ଅଞ୍ଚଳରେ ଜଳାଭାବ ଦେଖାଦେଲାଣି। ଲୋ-ଭୋଲ୍‌ଟେଜ୍ କାରଣରୁ ଘରୋଇ ଉପକରଣ ଓ ମୋଟର ଚାଲିପାରୁନାହିଁ। ଏହାଛଡ଼ା କମ୍ପ୍ୟୁଟର ଦୋକାନ, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟୀମାନେ ମଧ୍ୟ ଗଭୀର ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଏହା ଘୋର୍ ବ୍ୟାଘାତ ସୃଷ୍ଟି କରୁଛି। ବାରମ୍ବାର ବିଦ୍ୟୁତ୍ ଅଭିଯୋଗ ସତ୍ତ୍ୱେ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ସାମାନ୍ୟ ପବନ କିମ୍ବା ବର୍ଷା ହେଲେ ଦିନଦିନ ଧରି ବିଦ୍ୟୁତ ଗୋଲ୍ କରିଦିଆଯାଉଥିବା ନେଇ ଅସୁରାଳି, ଗଡ଼ିଆଳି, କୋଠାର ଓ ଗୋବିନ୍ଦପୁରବାସୀ ପ୍ରବଳ କ୍ଷୋଭ ପ୍ରକାଶ କରିଛନ୍ତି।

# କୃଷି ବିଭାଗର କ୍ଷେତ୍ର ଦିବସ




ବାରିକପୁର,୨୯ ।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଜେନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଆଞ୍ଚଳିକ ଗବେଷଣା କେନ୍ଦ୍ର ବିଶେଷଜ୍ଞ ଚିନ୍ମୟ କୁମାର ଦାସ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସହକାରୀ କୃଷି ଅଧିକାରୀ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ବିଶେଷକରି କୃଷି କ୍ଷେତ୍ରରେ ରାସାୟନିକ ସାର ବ୍ୟବହାର ଓ ଚାଷ ପ୍ରଣାଳୀ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ୍ୟ କୃଷି କର୍ମଚାରୀ ଶିବନାରାୟଣ ପାଣି, ତାରିଣୀ ପ୍ରସାଦ ନାୟକ, ଅବିନାଶ ଜେନା, ମାନସ ଜେନା, କୃଷକ ସାଥୀ ପ୍ରଣବ ଦେଓ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଅଗ୍ରଣୀ ଚାଷୀ ଯୋଗ ଦେଇଥିଲେ।

# କାଳବୈଶାଖୀ ବର୍ଷାରେ ଡ୍ରେନ ଜାମ୍; ଲୋକେ ହୀନସ୍ତା



ଭଣ୍ଡାରିପୋଖରୀ,୨୯ ।୫(ସମିସ): ଶୁକ୍ରବାର ଅପରାହ୍ନ ସମୟରେ କାଳବୈଶାଖୀ ପ୍ରଭାବରେ ୨ଘଣ୍ଟା ପବନ ସହିତ ବର୍ଷା ଛେଚିଥିଲା। ଏହି ବର୍ଷା ପ୍ରଭାବରେ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ମଧ୍ୟ ଠପ୍ ହୋଇଯାଇଥିଲା। ସାଧାରଣରେ ଲୋକେ କେହି କାହା ଘରୁ ବାହାରକୁ ବାହାରି ପାରିନଥିଲେ। କାଳ ବୈଶାଖୀ ପ୍ରଭାବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଭଣ୍ଡାରିପୋଖରୀର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା ସହ ପୋଲ ଗୁଡ଼ିକର ଶଙ୍ଖ ଫାଟି ଯାଇଥିବା ଖବର ମିଳିଛି। ଯାହା ଫଳରେ ଭଣ୍ଡାରିପୋଖରୀ ଅଞ୍ଚଳରେ ଚାରିଆଡ଼େ ବର୍ଷା ସାଙ୍ଗକୁ ଅନ୍ଧାରରେ ଲୋକମାନେ ହଇରାଣ ହୋଇଛନ୍ତି। ଏହା ସମେତ ଛୋଟ ମୋଟ ବର୍ଷା ହେଲେ ମଧ୍ୟ ସବୁବେଳେ ଭଣ୍ଡାରିପୋଖରୀ ବଜାରର ପ୍ରତ୍ୟେକ ୧୬ ନମ୍ବର ଜାତୀୟ ରାଜପଥ ବ୍ରିଜ୍ ସମ୍ମୁଖରେ ଡ୍ରେନ ର ବ୍ୟବସ୍ଥା ଠିକ୍ ଠାକ୍ ନଥିବା ଯୋଗୁଁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଠିଆ ହେଉଥିବା ଦେଖିବାକୁ ମିଳିଥିଲା। ଆଗକୁ ବର୍ଷା ଦିନ ଆସୁଥିବାରୁ ପ୍ରତ୍ୟେକ ବର୍ଷ ଏହି ପରି ବ୍ରିଜ୍ ସମ୍ମୁଖ ରାସ୍ତା ଉପରେ ଡ୍ରେନରେ ପାଣି ନିଷ୍କାସନ ସମସ୍ୟା ହେବା ଆଶଙ୍କା ରହିଛି। ଯାହା ଫଳରେ ସାଧାରଣ ଲୋକମାନେ ଯାତାୟାତ ସମସ୍ୟା ଭୋଗିବେ। ତେଣୁ ଡ୍ରେନ୍‌ଗୁଡ଼ିକୁ ସଫା କରାଯାଇ ବର୍ଷା ପୂର୍ବରୁ ଜଳନିଷ୍କାସନ ଠିକ୍ କରିବାକୁ ଦାବି ହୋଇଛି।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ଦରବୃଦ୍ଧି ବିରୋଧରେ ଗର୍ଜିଲା ସିପିଆଇଏମ୍

ଭଦ୍ରକ,୨୯ ।୫(ସମିସ)




ବାଲେଶ୍ୱର ଜିଲ୍ଲା ରେମୁଣା ଠାରେ ପିକ୍‌ଅପ୍ ଡ୍ରାଇଭରଙ୍କୁ ଭିଡ଼ହତ୍ୟା, ପୁରୀ ଜିଲ୍ଲା କଣାସରେ ଜଣେ ଯୁବକଙ୍କୁ ମାଛକଟା ପନିକିରେ ହାଣି ସର୍ବସାଧାରଣରେ ବୁଲେଟ୍ ଚଢ଼ାଇବା, ବାଲିଅନ୍ତାରେ ରେଳ ସୁରକ୍ଷା ବଳ କନେଷ୍ଟବଳ ସୌମ୍ୟଙ୍କୁ ଭିଡ଼ହତ୍ୟା, ନୟାଗଡ଼ ଜିଲ୍ଲାରେ ମାଙ୍କଡ଼ା ପଥର ଚୋରା ମାଫିଆ ମାନଙ୍କ ଦ୍ୱାରା ଜଣେ ଯୁବକଙ୍କୁ ହତ୍ୟା, କେନ୍ଦ୍ରାପଡ଼ା ଜିଲ୍ଲାରେ ଭିଡ଼ହତ୍ୟା, ବ୍ରହ୍ମପୁର ସହରରେ ଗତ ୧୮ ତାରିଖ ସନ୍ଧ୍ୟାରେ ଜଣେ ଯୁବକ ଓ ତାଙ୍କ ମହିଳା ସାଥୀଙ୍କୁ ନିଷ୍ଠୁର ଆକ୍ରମଣ ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇଛି। ଏଥିପାଇଁ ସିପିଆଇ(ଏମ) ପକ୍ଷରୁ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଇସ୍ତଫା ଦାବି କରାଯାଇଛି। ତୈଳ ଉତ୍ପାଦନକାରୀ ରାଷ୍ଟ୍ର ଇରାନ ଓ ଋଷ ଭାରତକୁ ପେଟ୍ରୋଲିୟମ ସାମଗ୍ରୀ ଦେବା ପାଇଁ ରାଜି ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଚାପରେ ନରେନ୍ଦ୍ର ମୋଦି ତୈଳ ନକିଣି ଦେଶରେ ଯେଉଁ ତୈଳ ସଂକଟ ସୃଷ୍ଟି କରିଛନ୍ତି ଓ ତୈଳ ଦର ବୃଦ୍ଧି କରିଛନ୍ତି, ତାହାକୁ ସିପିଆଇ(ଏମ) ପକ୍ଷରୁ ପ୍ରତିବାଦ କରାଯାଇଛି। ନରେନ୍ଦ୍ର ମୋଦି ଭାରତର ସ୍ୱାଧୀନ ବୈଦେଶିକ ନୀତିକୁ ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ବଂଧାପକାଇ ଡୋନାଲ୍ଡ ଟ୍ରମ୍ପଙ୍କୁ କାହିଁକି ଅଯଥା ଭୟ କରୁଛନ୍ତି, ସେ ସଂପର୍କରେ ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ନରେନ୍ଦ୍ର ମୋଦିଙ୍କ ବିରୁଦ୍ଧରେ ନ୍ୟାୟିକ ତଦନ୍ତ ନିଜଆଡୁ କରିବାକୁ ସିପିଆଇ(ଏମ) ନେତୃତ୍ୱ ଦାବି କରିଛନ୍ତି। ପେଟ୍ରୋଲ ପମ୍ପରେ ତେଲ ନମିଳିବା ଯୋଗୁଁ ଓ ଆମ୍ବୁଲାନ୍ସ ରେ ପେଟ୍ରୋଲ ସରିଯିବା ଯୋଗୁଁ ଓଡିଶାର ୪ ଜଣ ରୋଗୀ ମୃତ୍ୟୁ ବରଣ କରିଛନ୍ତି। ଏହି ରୋଗୀ ମୃତ୍ୟୁ ଘଟଣାରେ ଓଡିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ସିପିଆଇ(ଏମ) ନେତୃତ୍ୱ ଦାବି କରିଛନ୍ତି । ନିଟ୍ ପରୀକ୍ଷା ରେ ଅନିୟମିତତା ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇ ଏକ ପ୍ରତିବାଦ ସଭା ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଛକ ଠାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିବାଦ ସଭାରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ କାଳନ୍ଦୀ ପାତ୍ର, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ସେକ୍ ସନାଉଲ୍ଲା, ବରିଷ୍ଠ ନେତା ନିରଞ୍ଜନ ପାଣି, ବିଶିଷ୍ଟ ଆଇନଜୀବୀ ଅଶୋକ ନାୟକ, ବୀମା କର୍ମଚାରୀ ନେତା ନବକିଶୋର ବେହେରା, ଯୁବନେତା ମାଲିକ ସରିଫ୍, ଯୁବନେତା ସେକ୍ ଅବଦୁଲ କାଦ୍ରି ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ପୋରେଟ ସପକ୍ଷବାଦୀ ନୀତି ଓ ଜନସାଧାରଣଙ୍କ ଉପରେ ହେଉଥିବା ନବ୍ୟଫାଶୀବାଦୀ ଭିଡ ଆକ୍ରମଣ ଓ ଭିଡହତ୍ୟା ବିରୁଦ୍ଧରେ ଆଗାମୀ ଦିନରେ ତୀବ୍ର ଲଢେଇ ହେବ ବୋଲି ଚେତାବନୀ ଦେଇଥିଲେ।

**■ ସାମ୍ବାଦିକଙ୍କୁ ଆକ୍ରମଣ ମାମଲା**

# ଅଡୁଆରେ ପ୍ରଧାନଶିକ୍ଷକ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଧାମନଗର,୨୯ ।୫(ସମିସ): ସାମ୍ବାଦିକକୁ ଆକ୍ରମଣ ମାମଲାରେ ପ୍ରଧାନ ଶିକ୍ଷକଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଧାମନଗର ଏନ୍‌ଏସି ଅନ୍ତର୍ଗତ ୮ନମ୍ବର ୱାର୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଗତି ଶାମପୁରର ପ୍ରଧାନ ଶିକ୍ଷକ ସେକ ସାମସୁଦ୍ଦିନ କାର୍ଯ୍ୟରତ ସାମ୍ବାଦିକ ସେକ ଜାଫର ଅଲ୍ଲୀଙ୍କୁ ଦୁର୍ବ୍ୟବହାର ସହ ସଂଘବଦ୍ଧ ଆକ୍ରମଣ କରିଥିବା ଘଟଣାକୁ ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଶୁଭ୍ରଜିତ ଦାଶଙ୍କ ଅଭିଯୋଗ କ୍ରମେ ସଙ୍ଗେ ସଙ୍ଗେ ଥାନା କେସ ନମ୍ବର୍ ୧୭୪/ ୨୨/୦୪/ ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛନ୍ତି। ମାମଲା ଏବେ କୋର୍ଟରେ ଥିବାବେଳେ ଅଡୁଆରେ ପଡ଼ିଛନ୍ତି ପ୍ରଧାନ ଶିକ୍ଷକ। ପୁଲିସର ତଦନ୍ତ ଜାରି ରହିଥିବାବେଳେ ପୁଲିସ ପକ୍ଷରୁ ଜିଲ୍ଲା ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ହୋଇଥିବା ଆଇଆଇସିଙ୍କ ଠାରୁ ସୂଚନା ମିଳିଛି। ଚିଠି ପାଇବା ପରେ ବିଭାଗ ପକ୍ଷରୁ ଏହି ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ବିଇଓ ପ୍ରଫୁଲ୍ଲ ସାହୁଙ୍କ ଠାରୁ ସୂଚନା ମିଳିଛି। ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ କରିଥିବାରୁ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ଭଦ୍ରକ ଏସ୍‌ପି, ଧାମନଗର ଏସ୍‌ଡିପିଓ ଏବଂ ଆଇଆଇସି ଉକ୍ତ ଘଟଣାକୁ ଗୁରୁତର ସହିତ ନେଇ ଘଟଣା ଦିନର ସିସିଟିଭି ଫୁଟେଜ୍ ଖାନକା ଅଫିସରୁ ଆଣି ତଦନ୍ତ କରି ଆଇନ ଅନୁଯାୟୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାମ୍ବାଦିକଙ୍କ ମହଲରୁ ଦାବି କରାଯାଇଛି।

# ବାଲେଶ୍ୱରରେ ବୁଲା କୁକୁର ସଂଖ୍ୟା ୩୭ ହଜାର ପାର୍

ବାଲେଶ୍ୱର,୨୯।୫
(ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି)




ବାଲେଶ୍ୱର ଜିଲ୍ଲାରେ ପଶୁ ଜନ୍ମ ନିୟନ୍ତ୍ରଣ ଯୋଜନା ବାଟବଣା ହୋଇଛି। ନିୟନ୍ତ୍ରଣ ପାଇଁ ଏଯାଏଁ ଠୋସ୍ ପଦକ୍ଷେପ ଆରମ୍ଭ ହୋଇନାହିଁ। ଫଳରେ ୨୧ତମ ପଶୁଗଣନା-୨୦୨୪ ରିପୋର୍ଟ ଅନୁଯାୟୀ ଜିଲ୍ଲାରେ ବୁଲା କୁକୁର ସଂଖ୍ୟା ବିପଦଜନକ ସ୍ତରରେ ପହଞ୍ଚିଛି। ଜିଲ୍ଲାରେ ମୋଟ ୩୭ ହଜାର ୫୬୦ ବୁଲା କୁକୁର ରହିଛନ୍ତି। ୧୨ ବର୍ଷ ମଧ୍ୟରେ ବୁଲା କୁକୁରଙ୍କ ସଂଖ୍ୟା ୩ ଗୁଣା ବଢ଼ିଯାଇଛି। ଫଳରେ ବାଲେଶ୍ୱରରେ ବୁଲା କୁକୁରଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ସହରର ଗଳିକନ୍ଦିଠୁ ଆରମ୍ଭ କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି।

ସୂଚନାଯୋଗ୍ୟ, ପ୍ରତି ପାଞ୍ଚ ବର୍ଷରେ ଥରେ ପଶୁଗଣନା ହୋଇଥାଏ। ବାଲେଶ୍ୱର ଜିଲ୍ଲାରେ ୨୦୦୭ରେ ୧୮ତମ ଓ ୨୦୧୨ରେ ୧୯ତମ ପଶୁଗଣନା ହୋଇଥିଲା। ୨୦୧୭ରେ ୨୦ତମ ପଶୁଗଣନା ହେବାର ଥିଲା, କିନ୍ତୁ ହୋଇନାହିଁ। ୨୧ତମ ପଶୁଗଣନା ୨୦୨୪ ଅକ୍ଟୋବର ୨୪ରୁ ଆରମ୍ଭ ହୋଇ ୨୦୨୫ ଏପ୍ରିଲରେ ଶେଷ ହୋଇଛି। ପଶୁଗଣନା ରିପୋର୍ଟ ଅନୁସାରେ ୨୦୦୭ର ୧୮ତମ ଗଣନାରେ ବାଲେଶ୍ୱରରେ ବୁଲା କୁକୁର ସଂଖ୍ୟା ଥିଲା ୧୭,୯୮୧। ୨୦୧୨ର ୧୯ତମ ଗଣନାରେ ଏହା ୧୩,୯୪୬କୁ ଖସିଥିଲା। କିନ୍ତୁ ୨୦୨୪ର ୨୧ତମ ଗଣନାରେ କେବଳ ବୁଲା କୁକୁର ସଂଖ୍ୟା ୩୭,୫୬୦ ଛୁଇଁଛି। ଅର୍ଥାତ ୨୦୧୨ ତୁଳନାରେ ପ୍ରାୟ ୧୭୦% ବୃଦ୍ଧି। ସଦର ବ୍ଲକରେ ସର୍ବାଧିକ ୫,୮୩୯, ବସ୍ତାରେ ୪,୦୬୨, ଖଇରାରେ ୩,୯୩୫, ବାହାନଗାରେ ୩,୪୦୩, ରେମୁଣାରେ ୩,୨୫୦, ବାଲିଆପାଳରେ ୩,୧୧୪, ଜଳେଶ୍ୱରରେ ୩,୧୪୧, ସୋରରେ ୨,୮୮୯, ସିମୁଳିଆରେ ୧,୭୧୦, ଔପଦାରେ ୧,୬୬୩ ଓ ନୀଳଗିରିରେ ସର୍ବନିମ୍ନ ୧,୬୪୭ ବୁଲା କୁକୁର ଅଛନ୍ତି। ବୁଲା କୁକୁରଙ୍କ ଉତ୍ପାତ ଯୋଗୁଁ ସହରବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ୧୫ରୁ ୨୦ କୁକୁର କାମୁଡ଼ା ରୋଗୀ ଆସୁଛନ୍ତି। ସନ୍ଧ୍ୟା ପରେ ବାଇକ୍ ଆରୋହୀଙ୍କ ପଛରେ କୁକୁର ଦଳ ଗୋଡ଼ାଇବା ଯୋଗୁଁ ଦୁର୍ଘଟଣା ବଢ଼ୁଛି। ସ୍କୁଲ ପିଲାମାନେ ଏକୁଟିଆ ରାସ୍ତାରେ ଯିବାକୁ ଡରୁଛନ୍ତି। ହୋଟେଲ ଓ ଡଷ୍ଟବିନ୍ ପାଖରେ ଆବର୍ଜନା ବିଛାଡ଼ିବା ସହ ରାତିସାରା ଭୁକିବା ଯୋଗୁଁ ଲୋକଙ୍କ ନିଦ ହଜୁଛି। ଟିକାକରଣ ଅଭାବରୁ ରାବିଜ୍ ଭୟ ମଧ୍ୟ ବଢ଼ିଛି। ପ୍ରଶାସନିକ ଅବହେଳା ନେଇ ଅଭିଯୋଗ ହୋଇଛି। ମ୍ୟୁନିସିପାଲିଟି ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ପ୍ରାଣୀ ଜନ୍ମ ନିୟନ୍ତ୍ରଣ ବା ବନ୍ଧ୍ୟାକରଣ ପାଇଁ ବର୍ଷ ତଳେ ପୌରପାଳିକା ପକ୍ଷରୁ ଘର ତିଆରି ହୋଇଥିଲେ ବି ଆଜିଯାଏଁ ଗୋଟିଏ ବି କୁକୁରର ଅପରେସନ୍ ହୋଇନାହିଁ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲାଣି, କିନ୍ତୁ ଫଳ ଶୂନ। ନା ବୁଲା କୁକୁରଙ୍କୁ ଧରାଯାଉଛି ନା ବନ୍ଧ୍ୟାକରଣ ହେଉଛି। ପଶୁ ଜନ୍ମ ନିୟନ୍ତ୍ରଣ ନିୟମ ଦ୍ୱାରା ପରିଚାଳିତ ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ଯୋଜନା ଏକ ଦେଶବ୍ୟାପୀ ପଦକ୍ଷେପ। ଏହା ମାନବିକ ଭାବରେ ବୁଲା କୁକୁର ସଂଖ୍ୟାକୁ ନିୟନ୍ତ୍ରଣ କରିବା ଏବଂ ଟିକାକରଣ ମାଧ୍ୟମରେ ରାବିଜ୍ ସଂକ୍ରମଣକୁ ହ୍ରାସ କରିବା ଲକ୍ଷ୍ୟ ରଖିଛି। ଏ ନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ରବି ନାରାୟଣ ପଟ୍ଟନାୟକ କହିଛନ୍ତି, ଏହା ଏବେ ଆମ ବିଭାଗ ବୁଝୁନାହିଁ। ଏଥର ପୌରପାଳିକା ଏହା ବୁଝିବ। ସେମାନେ ଏବେ ଏକ ପ୍ରୋଜେକ୍ଟ କରୁଛନ୍ତି। ଯେଉଁ ଏନଜିଓ ପାଖରେ ପ୍ରୋଜେକ୍ଟ ରିକଗନାଇଜେସନ୍ ସାର୍ଟିଫିକେଟ ଥିବ ତାହାକୁ ପୌରପାଳିକା ଖୋଜୁଛି। ଏନଜିଓ ମିଳିବା ପରେ କାମ ଆରମ୍ଭ ହେବ।

- ୧୨ ବର୍ଷରେ ବଢ଼ିଛନ୍ତି ୩ ଗୁଣା
- ସଦର ବ୍ଲକରେ ସର୍ବାଧିକ ୫,୮୩୯ ବୁଲା କୁକୁର

● ବ୍ୟାସକବି ଫକୀରମୋହନଙ୍କ ବିରୋଧରେ ମନ୍ତବ୍ୟ ଦେବା ଘଟଣା

## ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ନିନ୍ଦା

ବାଲେଶ୍ୱର,୨୯।୫ (ସମିସ): କଥାସମ୍ରାଟ ଫକୀରମୋହନ ସେନାପତିଙ୍କୁ ଇଂରେଜଙ୍କ ଦଲାଲ କହିବା ସହିତ ନାନା କୁରୁଚିକର ମନ୍ତବ୍ୟ ଦେଇଥିବା ଘଟଣାକୁ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଘୋର ନିନ୍ଦା କରୁଛି। ଆଭାସୀ ମାଧ୍ୟମରେ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଅଧ୍ୟକ୍ଷତାରେ ଆହୂତ ଏକ କରୁରୀକାଳୀନ ସଭାରେ ଯୋଗ ଦେଇଥିବା ସଦସ୍ୟମାନେ ଏହି ଘଟଣାକୁ ନିନ୍ଦା କରିବା ସହିତ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ରାଜ୍ୟ ସରକାର କଠୋରତମ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି। ଓଡ଼ିଆ ଭାଷା ବିଲୋପ ହେବାକୁ ଯାଉଥିବା ସମୟରେ ଭାଷାର ସେନାପତି ସାଜି ଫକୀରମୋହନ ଆମ ଭାଷାକୁ ରକ୍ଷା କରିଥିଲେ ବୋଲି ଆଜି ଆମେ ଆମ ମାତୃଭାଷାରେ କଥା ହୋଇପାରୁଛୁ। ଆମ ଭାଷା ଆଜି ଶାସ୍ତ୍ରୀୟ ମାନ୍ୟତା ଲାଭ କରିପାରିଛି। "ଅଳ୍ପ ବିଦ୍ୟା ଭୟଙ୍କରୀ' ନ୍ୟାୟରେ ଅଭିଳାଷ ପଣ୍ଡା ଫକୀରମୋହନଙ୍କ ପ୍ରତି ଯେପରି ବାରମ୍ବାର କୁତ୍ସାରଟନା କରି ଚାଲିଛନ୍ତି ତାହା ଅକ୍ଷମଣୀୟବୋଲି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ସଂପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ କହିଛନ୍ତି, ଯେଉଁମାନେ ଫକୀରମୋହନଙ୍କୁ ନେଇ ଏଭଳି ମନ୍ତବ୍ୟ ଦେଉଛନ୍ତି, ସେମାନେ ତାଙ୍କର "ଉତ୍କଳ ଭୂମି' କବିତାକୁ ବାରମ୍ବାର ପଢ଼ନ୍ତୁ। ମହାତ୍ମାଗାନ୍ଧୀଙ୍କ ବହୁ ପୂର୍ବରୁ ସେ ହାତବୁଣା ଲୁଗା ପିନ୍ଧିବାକୁ ଓ ସମୁଦ୍ର ଲୁଣ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ବ୍ରିଟିଶ ଶାସନକୁ ଭାରତରୁ ତଡ଼ିବା ଲକ୍ଷ୍ୟ ନେଇ ସେ ଜାତୀୟ କଂଗ୍ରେସର ବାଲେଶ୍ୱର ପ୍ରତିନିଧି ଭାବେ କଂଗ୍ରେସ ଅଧିବେଶନରେ ଯୋଗ ଦେବା ପାଇଁ ମାଡ୍ରାସ ଯାତ୍ରା କରିଥିଲେ। ଉତ୍କଳର ବରପୁତ୍ର ଫକୀରମୋହନ ସେନାପତିଙ୍କ ବିରୋଧରେ ମନ୍ତବ୍ୟ ଦେଇ ଶ୍ରୀ ପଣ୍ଡା କେବଳ ଫକୀରମୋହନଙ୍କୁ ନୁହେଁ ବରଂ ସମଗ୍ର ଓଡ଼ିଆ ଜାତିକୁ ଅପମାନିତ କରିଛନ୍ତି ବୋଲି ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବାରଣ ଜେନା, ନିରଂଜନ ରାଉତ, ତପନ ରାୟ, ଜ୍ଞମରନାଥ ପାତ୍ର, ଶାନ୍ତିଲତା ପଣ୍ଡା, ଦୀପକ ବୋଷ, ସଂଜୟକୁମାର ପଣ୍ଡା, ଶରତ କୁମାର ମହାପାତ୍ର, ଅଞ୍ଜଳି ପଣ୍ଡା, ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା, ଅରୁଣା ରାୟ, ଜ୍ୟୋସ୍ନା ରାୟ ମହାପାତ୍ର, କଲ୍ୟାଣୀ ନନ୍ଦ, ଡ. ଭାଗବତ ପ୍ରସାଦ ଦାସ, ହେମେନ୍ଦ୍ର ମହାପାତ୍ର, ପ୍ରଦୀପ ଚାଟ୍ଟାର୍ଜୀ, ଡ. ରମାକାନ୍ତ ନାୟକ, କରୁଣାକର ସ, ସ୍ମୃତି ଦାସ, ଦୀନବନ୍ଧୁ ଲେଙ୍କା, ଡ. ରତ୍ନାକର ସିଂହ ପ୍ରମୁଖ ଯୋଗ ଦେଇଥିଲେ।

## ମିଶନଶକ୍ତି ଗୃହ ସମ୍ମୁଖରେ ମୃତ୍ୟୁର ଫାଶ

ଜଳେଶ୍ୱର,୨୯।୫ (ସମିସ): ଭିତ୍ତିଭୂମି ସଜାଡ଼ିବା ନାଁରେ ବିଦ୍ୟୁତ୍ କମ୍ପାନୀ ଗୁଡ଼ିକ କୋଟି କୋଟି ଟଙ୍କା ପାଉଥିବା ବେଳେ କେତେକ ସ୍ଥାନରେ କେବଳ କାଗଜ କଲମରେ ସୀମିତ ରହିଛି। ଜଳେଶ୍ୱର ବ୍ଲକ ଖୁଲୁଡା ପଞ୍ଚାୟତ, ୪ ନଂ ୱାର୍ଡରେ ଥିବା ମିଶନ ଶକ୍ତି ଗୃହ ସମ୍ମୁଖରେ ଦୁଇଟି ମୁକୁଳା ଟ୍ରାନ୍ସଫର୍ମର ମୃତ୍ୟୁର ଫାଶ ହୋଇ ଛିଡ଼ା ହୋଇଛି। ଦୁଇ ବର୍ଷ ପୂର୍ବେ ନିର୍ମାଣ ହୋଇଥିବା ଉକ୍ତ ମିଶନ ଶକ୍ତି କାର୍ଯ୍ୟାଳୟକୁ ପଞ୍ଚାୟତ ଅଧିନେ ୮ଟି ଗ୍ରୁପର ମହିଳାମାନେ ଯାତାୟାତ କରିଥାନ୍ତି। ସେମାନଙ୍କ ସହ ଆସୁଥିବା ଛୋଟ ପିଲା ଏବଂ ଗୃହପାଳିତ ପଶୁ ମାନଙ୍କ ଲାଗି ପରିସର ବିପଦ ସଙ୍କୁଳ ରହିଛି। ଟ୍ରାନସ୍ଫର୍ମର ଗୁଡ଼ିକ ପାଣିଥିବା ସ୍ଥାନରେ ରହିଥିବା ବେଳେ ବିଦ୍ୟୁତ୍ ତାର ଗୁଡ଼ିକ ଏଣେ ତେଣେ ଝୁଲି ରହିଛି। ବର୍ଷା ଦିନିଆ ସେଠାକୁ ଚଳାଚଳ ବିପଦପୂର୍ଣ୍ଣ ଥିବା ବେଳେ ଟ୍ରାନ୍ସଫର୍ମର ସ୍ଥାନାନ୍ତର କିମ୍ବା ମରାମତି କରାଯାଇ ସୁରକ୍ଷା ବାଡ଼ ଦେବାକୁ ଗ୍ରାମବାସୀ କହିଛନ୍ତି।



ଭାରପ୍ରାପ୍ତ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ସାମଲ, ଶଶାଙ୍କ ଆଚାର୍ଯ୍ୟ, ମନମୋହନ ଆଚାର୍ଯ୍ୟ, ଅଜୟ କୁମାର ମହାପାତ୍ର, ବ୍ରଜେନ୍ଦ୍ର ଆଚାର୍ଯ୍ୟ, ମଞ୍ଜୁଲତା ଗିରି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ବିଦ୍ୟୁତ୍ ସୁରକ୍ଷା ଦାବି କରିଛନ୍ତି।

## ୟାମାହା ଶୋରୁମ୍ ପକ୍ଷରୁ ହାଇବ୍ରିଡ୍ ବାଇକ୍ ମାଇଲେଜ ଚାଲେଞ୍ଜ ରେସ୍

ଜଳେଶ୍ୱର,୨୯।୫ (ସମିସ) : ହାଇ ସ୍ପିଡ୍, ଡାଇନାମିକ ଲୁକିଂ ଓ ଅଧିକ ମାଇଲେଜ ଓ ଯୁଗପଯୋଗୀ ବାଇକ୍‌କୁ ଯୁବପିଢ଼ି ଅଧିକ ପସନ୍ଦ କରିଥାନ୍ତି। ସେହି ପରିପ୍ରେକ୍ଷୀରେ ଗ୍ରାହକଙ୍କ ମନର ଭ୍ରାନ୍ତ ଧାରଣା ଦୂର ଲାଗି ଜଳେଶ୍ୱର ନୂଆ ବଜାର ସ୍ଥିତ ୟାମାହା ସୋରୁମ୍ ପକ୍ଷରୁ ଆଜି ହାଇବ୍ରିଡ ମଡେଲର ଏଫ୍ ଜେଡ ଏସ ୧୫୦ ସିସି ହାଇବ୍ରିଡ୍ ବାଇକ୍ ର ମାଇଲେଜ୍ ଚେଲେଞ୍ଜ ରେସ୍ ଅନୁଷ୍ଠିତ ହୋଇଯାଇଛି। ୫୭ ନଂ ରାଜ୍ୟ ରାଜପଥ,ଧରାଷ୍ଟକ ମୌଜାରେ ଥିବା ସୋରୁମ୍ ର ପରିଚାଳନା ନିର୍ଦ୍ଦେଶକ ଗଫୁର ଖାଁ ଏବଂ ଏରିଆ ସାର୍ଭିସ ଇଞ୍ଜିନିୟର ପ୍ରିୟଜିତ ବନ୍ଦୋପାଧ୍ୟାୟଙ୍କ ପରିଚାଳନାରେ ମାଇଲେଜ ଟେଷ୍ଟ ଏବଂ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୦ ଜଣ ବାଇକ୍ ଆରୋହୀ ସୁରକ୍ଷା ଉପକରଣ ପରିଧାନ କରି ଭେଲୋରା ପେଟ୍ରୋଲ ପମ୍ପଠାରୁ ଜଳେଶ୍ୱର ସୋରୁମ ପର୍ଯ୍ୟନ୍ତ ୩୦ କିମି ରାସ୍ତା ଅତିକ୍ରମ କରିଥିଲେ। ପରେ ସମସ୍ତଙ୍କ ବାଇକ୍‌ର ରିଡିଂ ନେଇ ଲିଟର ପ୍ରତି ହାଇଏଷ୍ଟ ୮୦ କିମି ମାଇଲେଜ ରିପୋର୍ଟ ବାହାରିଥିଲା। ପରେ ବାଇକ୍ ଆରୋହୀଙ୍କ ମଧ୍ୟରେ ବିଭିନ୍ନ ଇନଡୋର ପ୍ରତିଯୋଗିତା ହୋଇ ବିଜେତାଙ୍କୁ ଅର୍ଥରାଶି, କପ୍ ଓ ସମସ୍ତଙ୍କୁ ଉତ୍ତୀୟ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସାନଭାଇ ଗଫର ଅଲ୍ଲୀ ଖାଁ, ସେଲ୍ସ ମେନେଜର ରାଜେଶ ସାହୁ ,ଡାଇରେକ୍ଟର ସାଇରା ବିବି,ତାପସ କୁମାର ଚାଟାର୍ଜୀ,ଏସ କେ ଅମିରାଜୁଦ୍ଦିନ ପରିଚାଳନା କରିଥିଲେ। ଜୀବନ କୃଷ୍ଣ ମହାନ୍ତି, ଆଦିତ୍ୟ ନାରାୟଣ ଦାଶ, ଶୁଭଶ୍ରୀ ପଣ୍ଡା, ଶୁଭଶ୍ରୀ ବେହେରା, ପିଙ୍କି ରାଣୀ ଦାସ, ସମ୍ମତ୍ ଖାଁ, ଗୌରାଙ୍ଗ ଦାସ, ମନୋଜ୍ ସିଂ, ମନୋଜ୍ ହେମ୍ବ୍ରମ, ସୌମିତ୍ର ପାତ୍ର, ଦେବାଶିଷ ମହାନ୍ତି, ଚୁମ୍ମିକ୍ ଖାତୁନ, ଚିରଞ୍ଜିବୀ ଦତ୍ତ, ହିମାନୀ ପାତ୍ର, ନିମାଇଁ ଚରଣ ଭୂୟାଁ, କାହ୍ନୁ ବେହେରା, ଚନ୍ଦନ କୁମାର କର। ମୌମିନ୍ନ ଖାଁ, ରୂପକ ଦେ,ଏସ କେ ଜାହାଙ୍ଗିର, ସାହଜିଦ ଖାଁ ପ୍ରମୁଖ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ପିଇବା ପାଣି ପାଇଁ ଡହକବିକଳ ତେନ୍ତୁଳା ଓ ଉପରତୁଟାବାସୀ

ଜଳେଶ୍ୱର ବ୍ଲକ, ୨୯।୫ (ସମିସ) : ଜଳେଶ୍ୱର ବ୍ଲକ କାଳିକ ଗ୍ରାମ ପଞ୍ଚାୟତର ଏକ ଅଦବାସୀ ଓ ହରିଜନ ସାହି ଉପରତୁଟା ଏବଂ ତେନ୍ତୁଳା ଗ୍ରାମାରେ ୫୦୦ ପରିବାର ପାଇଁ ସରକାରଙ୍କ ପକ୍ଷରୁ ତେନ୍ତୁଳା ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ୫୦ହଜାର କ୍ଷମତା ସମ୍ପନ୍ନ ଏକ ବସୁଧା ଓଭର ହେଡ ପାଣି ଟାଙ୍କି ଆର୍ଥିକ ବର୍ଷ ୨୦୨୨-୨୩ ରେ କାର୍ଯ୍ୟ କରାଯାଇ ଥିଲେ ମଧ୍ୟ ଆଜିବି ଏହା ଅସମ୍ପୂର୍ଣ୍ଣ ହୋଇ ପଡିଛି। ଯାହା ଫଳରେ ଦୀର୍ଘ ୬ କିଲୋମିଟର ଦୂର ପାଇପଲାଇନ ବିଛାଯାଇଥିଲେ ମଧ୍ୟ କୋଣସି ଚେଲ୍କଭାଲ ଏବଂ ମରାମତି ନହେବା ଫଳରେ ଆଜି ଅନେକଙ୍କ ଘରେ ପିଇବା ପାଣି ସାତ ସପନ ପାଲଟି ଯାଇଛି ସେହି ହାତମଡ଼ା ନଳକୂପ ସାହ ଭରଷା ଲମ୍ବା ଲାଇନ ଲଗାଇ ଦୀର୍ଘ ସମୟ ଅପେକ୍ଷା କରି ମୁଣ୍ଡରେ ଗଗରା ଧରି ଦୂର ବାଟ ଯିବାକୁ ପଡୁଛି। ଉପର ତୁଟା ହାଟ ପଖାରୁ ବିନ୍ଧାଣି ସାହି ରେ ୫୦ ପରିବାର, ଆଦବାସୀ ସାହି ୩୦ ପରିବାର, ଆମ୍ବନାଳୀ ଗାଁରେ ୧୦ ପରିବାର ଟ୍ୟାପ ପାଣି ଏମାନଙ୍କ ପାଇଁ ସାତ ସପନ ପାଲଟି ଯାଇଛି। ଯାହାକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଠିକାଦାରଙ୍କୁ ଅବଗତି କରାଇ ଥିଲେ ମଧ୍ୟ କିଛି ସୁଫଳ ମିଳି ପାରୁ ନାହିଁ। ଯାହାଫଳରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ସେମାନଙ୍କର ପାଣି ସମସ୍ୟା ଦୂର ନହେବ ତାହାଲେ ଗ୍ରାମବାସୀ ମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଗ୍ରାମର ପୁଣ୍ଟ ମାରାଣ୍ଡି, ଶେଖର ଦାସ, ମଦନ ବିନ୍ଧାଣି, ସୁରେନ୍ଦ୍ର ବିନ୍ଧାଣି, ବକେୟା ମାରାଣ୍ଡି, ଲକ୍ଷ୍ମଣ ମାରାଣ୍ଡି, ଜସୁଦା ବେହେରା, ଶଂକୁନ୍ତଳା ବେହେରା, ମମତା ବେହେରା, ଗୌରାଙ୍ଗ ମହାପାତ୍ର, ରବୀନ୍ଦ୍ର ଦାସ, ସମର ଦାସ, ଚିତ୍ତରଞ୍ଜନ ବିଶ୍ୱାଳ ପ୍ରମୁଖ।



## ପୌର କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା



ଜଳେଶ୍ୱର, ୨୯।୫ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୦ନଂ ୱାର୍ଡ ଶାନ୍ତିଆ ଗ୍ରାମରେ ଥିବା (ଏମସିସି) ବର୍ଜ୍ୟବସ୍ତୁ ପ୍ରକ୍ରୀୟା କରଣ ସେଣ୍ଟରରେ କାର୍ଯ୍ୟ କରୁଥିବା ମହିଳା ଗ୍ରୁପର ସଦସ୍ୟା ମାନଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନକୁ ନେଇ ଲାଗିଥିବା ସମସ୍ୟାକୁ ନେଇ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଅନୁଷ୍ଠିତ ହୋଇଯାଇଛି। ସୂଚନାନୁଯାୟୀ ଶାନ୍ତିଆ ଗ୍ରାମରେ ଏମସିସି କାର୍ଯ୍ୟାଳୟ ହେବା ପରେ ଏହି ଗ୍ରାମରେ ଥିବା ଜଗନ୍ନାଥ ଓ ବଳଭଦ୍ର ନାମକ ମହିଳା ଗ୍ରୁପ ଏକ ବର୍ଷ ଲେଖାରେ ପର୍ଯ୍ୟାୟ କ୍ରମେ କାର୍ଯ୍ୟକରିବେ ବୋଲି ନିଷ୍ପତ୍ତି ହୋଇଥିଲା। ମାତ୍ର ଜଗନ୍ନାଥ ଗ୍ରୁପର ମହିଳା ମାନେ ଏକ ବର୍ଷ କାର୍ଯ୍ୟକରିବା ପରେ ବଳଭଦ୍ର ଗ୍ରୁପକୁ କାର୍ଯ୍ୟକରିବା ପାଇଁ ଦେଇଥିଲେ। କିନ୍ତୁ ବଳଭଦ୍ର ଗ୍ରୁପ ଆଜକୁ ଅଢେଇ ବର୍ଷ ଧରି କାର୍ଯ୍ୟ କରିସାରିବା ପରେ ମଧ୍ୟ ଜଗନ୍ନାଥ ଗ୍ରୁପକୁ କାର୍ଯ୍ୟ ଦେଉନାହାନ୍ତି। ଏଥିନେଇ ମ୍ୟୁନିସିପାଲିଟିରେ ବାରଂବାର ଅଭିଯୋଗ ପରେ ମଧ୍ୟ କୌଣସୀ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ଗ୍ରୁପର ମହିଳା ମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଧାରଣାରେ ବସିଥିବା ଗ୍ରୁପର ମହିଳା ମାନେ ହେଲେ ମିନତୀ ଚୌଧୁରୀ, ଝରଣା ବିଶ୍ୱାଳ, ମମତା ଖଟୁଆ, କନକ ଚୌଧୁରୀ, ସୁମତୀ ରଣା, ଅଂଜଳୀ ସାମନ୍ତରାୟ, ମିନତୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଦାସ, ମମତା ବିଶ୍ୱାଳ, ଜୟନ୍ତୀ ପାତ୍ର, ଅରତୀ ଜେନା, ବାସନ୍ତୀ ଖଟୁଆ, ଭକ୍ତିପ୍ରଦା ବ୍ରହ୍ମ, ବିଷ୍ଣୁପ୍ରୀୟା ବ୍ରହ୍ମ, ନମିତା ପାତ୍ର, ଶିବାନୀ ଧଳ, ସୁମତୀ ସାହୁ, ସବିତା ସାହୁ, ସ୍ନେହଲତା ସାହୁ, କବିତା ସାହୁ, ମଂଜୁଲତା ବେହେରା, ସମାଜସେବୀ ଅମୂଲ୍ୟ ଅଣ୍ଡିଆ ପ୍ରମୁଖ ଧାରଣରେ ବସିଥିଲେ।

## 'ଯୁଦ୍ଧ ଓ ଶାନ୍ତି: ଭାରତ ସମ୍ମୁଖରେ ଆହ୍ୱାନ ଓ ସୁଯୋଗ' ଶୀର୍ଷକ ଆଲୋଚନାଚକ୍ର

ବାଲେଶ୍ୱର,୨୯।୫ (ସମିସ): ଡ. ଜ୍ୟୋତିସ୍କର ମହାପାତ୍ର ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ଷ୍ଟେସନ୍ କ୍ଲବ୍‌ଠାରେ ଦ୍ୱିତୀୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ "ଯୁଦ୍ଧ ଓ ଶାନ୍ତି: ଭାରତ ସମ୍ମୁଖରେ ଆହ୍ୱାନ ଓ ସୁଯୋଗ' ଶୀର୍ଷକଧେ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର୍ ନେତାଜୀ ଅଭିନନ୍ଦନ କହିଥିଲେ, ପୂର୍ବରୁ ଅନ୍ତର୍ଜାତୀୟ ସମ୍ପର୍କ ଯୁଦ୍ଧ ଓ ଶାନ୍ତିକୁ ନେଇ ଆରମ୍ଭ ହୋଇଥିଲା। ହେଲେ ବର୍ତ୍ତମାନ ବିଶ୍ୱ ରାଜନୀତିକୁ ପୁଞ୍ଜିପତିମାନେ ନିୟନ୍ତ୍ରଣ କରୁଛନ୍ତି ଏବଂ ସେମାନଙ୍କ ହିସାବରେ ସରକାର ଚାଲୁଛି। ବିଶ୍? ବଜାର ନିୟନ୍ତ୍ରଣ ପାଇଁ ଯୁଦ୍ଧ କରାଯାଉଛି। ଆମେରିକା-ଇରାନ ଯୁଦ୍ଧର କୌଣସି ଯଥାର୍ଥତା ନାହିଁ'। ଭବିଷ୍ୟତ ଉପରେ ଆଲୋକପାତ କରି ସେ କହିଥିଲେ ଯେ, ୨୦୪୭ର ବିକଶିତ ଭାରତ ପାଇଁ ଆଗାମୀ ଯୁଦ୍ଧ ଡାଟା ବା ତଥ୍ୟକୁ ନେଇ ହେବ। ସ୍ୱପ୍ନ ପୂରଣ ପାଇଁ ଗବେଷଣା ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିବ, ନଚେତ୍ ଭାରତ ପଛରେ ପଡ଼ିଯିବ। ବାଲେଶ୍ୱର ଓକିଲ ସଂଘର ସଭାପତି ଆଇନଜୀବୀ ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ ପକ୍ଷରୁ ପ୍ରଫେସର୍ ନେତାଜୀ ଅଭିନନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ପ୍ରଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ଶ୍ରୀଦେବ ଓ ସନ୍ତୋଷ ଅଗସ୍ତି ପ୍ରମୁଖ ଡ. ଜ୍ୟୋତିସ୍କର ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଗୋପାମୁଦ୍ରା ମହାପାତ୍ର ପରିଚାଳନା କରିଥିଲେ। ଶେଷରେ ଉପେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଫାଉଣ୍ଡେସନର ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ରାସ୍ତା ପାଇଁ ଗୋଟିଏ ଗାଁ ଦୁଇ ଭାଗ

ଜଳେଶ୍ୱର,୨୯।୫(ସମିସ): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ବରଡିହା ପଂଚାୟତ ଉପରବାଗବୁଡ଼ା ଗ୍ରାମରେ ୬୦ ଆଦିବାସୀ ପରିବାର ବସବାସ କରନ୍ତି। କିନ୍ତୁ ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ରାସ୍ତାଟିଏ ନାହିଁ। ରାସ୍ତା ପାଇଁ ଗୋଟିଏ ଗାଁ ଦୁଇ ଭାଗ। ଗ୍ରାମରେ କୌଣସି ଲୋକଂକ ଦେହ ଖରାପ ଗ୍ରାମକୁ ଆମ୍ବୁଲାନ୍ସ ଆସିପାରି ନ ଥାଏ। ରୋଗୀଙ୍କୁ ଖଟରେ ବୋହି ପାଖ ଭଡରାପଦା ଗ୍ରାମ ଛକକୁ ଆଣିଥାନ୍ତି। ଏହି ପଂଚାୟତ ପାଖାପାଖି କୋଡ଼ିଏରୁ ଉର୍ଦ୍ଧ ବର୍ଷ ଜଣେ ସରପଞ୍ଚ ହିଁ ଶାସନ କରୁଛନ୍ତି। ଗ୍ରାମର ଲୋକ ବାରମ୍ବାର ସରପଂଚଙ୍କୁ ଗୁହାରୀ କଲେ ମଧ୍ୟ କୌଣସି ସରପଞ୍ଚ ତାଙ୍କୁ ଆଜିକାଲି ଦୀର୍ଘ ବର୍ଷ ହେବ କହି ଆସୁଛନ୍ତି। ଏ ନେଇ ଏକ ବର୍ଷ ପୂର୍ବେ ଜଳେଶ୍ୱର ବିଡ଼ିଓ ଏହି ଗ୍ରାମକୁ ପରିଦର୍ଶନ କରିଥିଲେ ଏବଂ ଗ୍ରାମରେ ରାସ୍ତା ନିର୍ମାଣ ପାଇଁ ଗ୍ରାମ ବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ପାଲଟିଲା ପାଣିର ଗାର। ଏ ନେଇ ଗ୍ରାମବାସୀ ରାମ ମୁର୍ମୁ, ସହଦେବ ମୁର୍ମୁ, ଲକ୍ଷ୍ମଣ ମୁର୍ମୁ, ଅନ୍ତା ଟୁଡୁ, ଫକିର ହେମ୍ବ୍ରମ, ବାସନ୍ତୀ ଟୁଡୁ, ସହିତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ଖୁବ୍‌ଶୀଘ୍ର ଗ୍ରାମରେ ରାସ୍ତା ନ କରାଯାଏ ଗ୍ରାମବାସୀ ଆଗକୁ ଆସିଥିବା ପଂଚାୟତ ନିର୍ବାଚନ ବାତିଲ ପାଇଁ ଚେତାବନୀ ଦେଇଛନ୍ତି।



## ଆମ୍ବୁଲାନ୍ସକୁ ପିଟିଲା ଡମ୍ଫର, ରୋଗୀ ଗୁରୁତର

ରାଜଘାଟ, ୨୯।୫ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ଟୋଲଗେଟ ନିକଟସ୍ଥ ରୁବି ବେବି ଢାବା ସମ୍ମୁଖରେ ଆମ୍ବୁଲାନ୍ସକୁ ଏକ ମାଟି ବୋଝେଇ ଡମ୍ଫର ପଛପଟୁ ଧକ୍କା ଦେବାରୁ ଆମ୍ବୁଲାନ୍ସରେ ଥିବା ରୋଗୀ ଜଣକ ଗୁରୁତର ହୋଇଛନ୍ତି। ପଶ୍ଚିମବଙ୍ଗ ଏଗ୍ରା ଅଞ୍ଚଳର ଗୌରୀବାଳା ନାୟକ କଟକ ଏସସିବି ମେଡିକାଲରୁ ଚିକିତ୍ସିତ ହୋଇ ଗତକାଲି ଡିସଚାର୍ଜ ହୋଇ ଏକ ଆମ୍ବୁଲାନ୍ସ ଭ୍ୟାନ ଯୋଗେ ଘରକୁ ଫେରୁଥିଲେ। ରାସ୍ତା ଜାଣି ନପାରିବାରୁ ଚାଳକ ଜଣକ ରାତି ପ୍ରାୟ ୧୨ଟା ସମୟରେ ଉକ୍ତ ଢାବା ନିକଟରେ ଛିଡ଼ା କରି ଦୋକାନୀ ଓ ସ୍ଥାନୀୟ ଲୋକଙ୍କୁ ପଚରା ଉଚରା କରିଥିଲେ। ଏହି ସମୟରେ ଏକ ମାଟି ବୋଝେଇ ଡମ୍ଫର ଉକ୍ତ ଆମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଗୌରୀବାଳା ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ ମାଲିକ ରବିନାରାୟଣ ଭୋଇ ଶୁକ୍ରବାର ଅମର୍ଦ୍ଦାରୋଡ ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଉଭୟ ଗାଡ଼ିକୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛନ୍ତି।

## ଜଣେ ଶିକ୍ଷକରେ ଚାଲିଛି ନିମପଦା ନାଏକ ରାମଚନ୍ଦ୍ର ଏକାଡେମୀ

ଲଙ୍ଗଳେଶ୍ୱର, ୨୯।୫ (ସମିସ)




ଜଣେ ଶିକ୍ଷକରେ ଚାଲିଛି ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତ ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀ। ସେ ବି ପୁଣି ଡେପୁଟେଶନ ଶିକ୍ଷକ। ଖବର ନେବାରୁ ଜଣାଯାଇଛି, ଗତ କିଛି ବର୍ଷ ଧରି ଏଠାରେ ଜଣେ ମାତ୍ର ଶିକ୍ଷକରେ ପାଠ ପଢା ଚାଲିଛି। ଦୁଇଟି ଶ୍ରେଣୀ ଥିବା ଏଇ ଉଚ୍ଚ ବିଦ୍ୟାଳୟରେ ନବମ ରେ ୫୫ ଏବଂ ଦଶମରେ ୬୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସବୁ ଶିକ୍ଷକ ଅବସର ନେବା ପରେ ଜଣେ ମାତ୍ର ପ୍ରଧାନ ଶିକ୍ଷକ ସୁଧୀର କୁମାର ବେହେରା ଗତ ଜାନୁଆରୀ ମାସରେ ଅବସର ନେବା ପରେ ଗତ ଫେବୃଆରୀ ମାସ ଠାରୁ ଛଡ଼ା ଗ୍ରାମ କ୍ଷେମ ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଖାଲ କୃଷ୍ଣ ଜେନାଙ୍କୁ ଏଠାରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଯଦିଓ ପୂର୍ବରୁ ଅତିଥି ଶିକ୍ଷକ ଥିଲେ ଏବେ ସେମାନଙ୍କୁ ପୋଷ୍ଟିଂ ଦିଆଯାଇନାହିଁ। କିରାଣୀ ମଧ୍ୟ ଚଳିତ ମାସ ଅବସର ନେବେ। ସ୍ଥାୟୀ ହିସାବରେ ଜଣେ ମାତ୍ର ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି। ଏଠାରେ ଦୁଇଜଣ ବିଜ୍ଞାନ ଶିକ୍ଷକ ତିନିଜଣ କଳା ଶିକ୍ଷକ, ଦୁଇଜଣ ହିନ୍ଦୀ ସଂସ୍କୃତ ଆଉ ଜଣେ ଖେଳ ଶିକ୍ଷକ ରହିବା ଜାଗାରେ ଜଣେ ଦେପୁଟେଶନ ଶିକ୍ଷକରେ କିମିତି ପାଠ ପଢ଼ା ଚାଲିବ ସେ ନେଇ ଚିନ୍ତାରେ ଅଭିଭାବକ। ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟ ୨୦୦୧ ମସିହାରେ ବ୍ଲକ ଗ୍ରାଣ୍ଟ ପାଇଥିଲା। ଏବେ ଶିକ୍ଷକ ନିଯୁକ୍ତି ନ ହେବାରୁ ବିଦ୍ୟାଳୟ ଉପରେ ନିର୍ଭର କରୁଥିବା ଏ ଅଞ୍ଚଳ ଲୋକ ଉଦବେଗ ପ୍ରକାଶ କରିଛନ୍ତି। ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ନୂଆ କମିଟି ସଦସ୍ୟ ସାଧୁ ଚରଣ ମଲ୍ଲିକ,ପିତାମ୍ବର ରାଉତ, ନମିତା ମଲ୍ଲିକ, ମହେନ୍ଦ୍ର ନାୟକ, ମଞ୍ଜୁଲତା ଦାସ, ଜୟଚନ୍ଦ୍ର ମଲ୍ଲିକ, ସୁଦାମ ଚରଣ ଦାସ, ଏବଂ ଗ୍ରାମବାସୀ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ, ବସ୍ତା ବିଧାୟିକା, ବାଲେଶ୍ୱର ସାଂସଦ ଓ ଜିଲ୍ଲାପାଳଙ୍କ ଠାରେ ବାରମ୍ବାର ଦାବି କରୁଥିଲେ ଏଯାଏ କିଛି ସୁଫଳ ମିଳିନି ଏତେ ପରେ ମଧ୍ୟ ଚଳିତ ମେଟ୍ରିକ୍ ପରୀକ୍ଷାରେ ଦୁଇଜଣ ଛାତ୍ର ଛାତ୍ରୀ ଏ-୧ରେ ପାସ କରାଇବାରେ ସଫଳ ହୋଇଥିଲା। ଖୁବ୍ ଶୀଘ୍ର ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।



## ଏସ୍ଆଇଆର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ




କୁକୁଡାଖଣ୍ଡି,୨୯ ।୫(ସମିସ): କୁକୁଡ଼ାଖଣ୍ଡି ବ୍ଲକ କାର୍ଯ୍ୟାଳୟରେ ଏସଆଇଆର୍ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଡିଓ ଡ଼ା ପଲ୍ଲବୀ ସ୍ୱାଇଁ, ସହକାରୀ ବ୍ଲକ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ ଏବଂ ଡିପିଓ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତରେ ନିଯୁକ୍ତି ପାଇଥିବା ବୁଥସ୍ତରୀୟ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମର ରୂପରେଖ ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ । ଏସ୍ଆଇଆର କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଚଳିତ ମାସ ୩୦ରୁ ଆରମ୍ଭ ହୋଇ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ବୈଠକରେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସଚେତନତା, ନିୟମିତ ତଦାରଖ ଓ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଏସ୍ଆଇଆରକୁ ନେଇ ପଦଯାତ୍ରା




ଛତ୍ରପୁର,୨୯ ।୫(ସମିସ): ରାଜ୍ୟରେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି । ଗଞ୍ଜାମ ପ୍ରଶାସନ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଜୋରଦାର କରିଛି । ଏହି ଅବସରରେ ଛତ୍ରପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ପଦଯାତ୍ରା ବାହାରିଥିଲା । ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତି ଭାସନ ଉପସ୍ଥିତ ରହି ଏହାର ଉଦଘାଟନ କରିବା ସହ ସହର ପରିକ୍ରମାରେ ସାମିଲ ହୋଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଓ ଅଦ୍ୟତନ କରିବା ଏସଆଇଆର ୨୦୨୬ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟସୀମା ଘୋଷଣା କରାଯାଇଛି । ତେଣୁ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଅନୁରୋଧ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଭୋଟର ତଥ୍ୟ ଯାଞ୍ଚ କରିବା ସହ ଆବଶ୍ୟକ ସଂଶୋଧନ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଡେପୁଟି କଲେକ୍ଟର(ନିର୍ବାଚନ) ଡଃ ଅଶୋକ କୁମାର ଖଣ୍ଡା, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥୀ ହାଁସଦା, ଛତ୍ରପୁର ପୌରପାଳିକା ନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶ, ବିଏଲଓ, ଶିକ୍ଷକ/ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସରେ ୱେବିନାର

ଗଞ୍ଜାମ,୨୯ ।୫(ସମିସ): ମାସିକ ଋତୁସ୍ରାବ ଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ସଠିକ୍ ସଚେତନତା ଅଭାବରୁ ଅଧିକାଂଶ ମହିଳା ଅନେକ ସମୟରେ ବିଭିନ୍ନ ପ୍ରକାର ଅସୁବିଧାରେ ସମ୍ମୁଖୀନ ହୁଅନ୍ତି । ତେଣୁ ଏହି ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ଗଞ୍ଜାମ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ୟୁଥ୍ ଫର୍ ଭିଲେଜ୍ ଓ ଛତ୍ରପୁର ଅଞ୍ଚଳର ୟୁନିକ୍ ମାଇଣ୍ଡସ ପକ୍ଷରୁ ଏକ ସଚେତନତା ମୂଳକ ୱେବିନାର୍ ଆୟୋଜନ କରାଯାଇଥିଲା । ଏଥିରେ ୫୦ରୁ ଉର୍ଦ୍ଧ୍ୱ ବାଳିକା, ଆଶାକର୍ମୀ, ଅଂଶଗ୍ରହଣ କରିଥିଲେ । ବ୍ରହ୍ମପୁର ନଗର ଚିକିତ୍ସାଳୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଟିକିଲି ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମାସିକ ଋତୁସ୍ରାବ ଓ ଏହି ସମୟରେ ଆବଶ୍ୟକ ସ୍ୱଚ୍ଛତା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ବଲପୁର ଜିଲ୍ଲା ଚିକିତ୍ସାଳୟ ସ୍ୱାସ୍ଥ୍ୟ ପରାମର୍ଶଦାତା ସୁସ୍ମିତା ବେହେରା, ସସ୍ମିତା ମିଶ୍ର, ୱାଇ.ଫର.ଭି ସଭାପତି କୈଳାସ ସେଠି, ଅର୍ଚ୍ଚନା ନାୟକ ପ୍ରମୁଖ ନିଜର ମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଶାକର୍ମୀ କୁମୁଦିନୀ ପ୍ରଧାନ, ଶାନ୍ତିଲତା ଆଚାର୍ଯ୍ୟ, ଭି ସରସ୍ୱତୀ, ବର୍ଷା ପ୍ରିୟଦର୍ଶିନୀ, ଦଣ୍ଡୁ ପ୍ରଧାନ, ଏସ ପାୟଲ ରେଡ଼ି, ବିଜୟଲକ୍ଷ୍ମୀ ଗୌଡ଼, ପ୍ରଜ୍ଞା ପ୍ରଧାନ ଏସ ଚଞ୍ଚଳା ରେଡ଼ି, କବିତା ବେହେରା ଓ ଆର ସୁନୀତା ରେଡ଼ି, ଯମୁନା ରେଡ଼ିଙ୍କ ସମେତ ଅନେକ ମହିଳା ଓ ବାଳିକା ଅଂଶଗ୍ରହଣ କରିଥିଲେ ।

# ବିଇଏମ୍ସିରେ କର୍ମଚାରୀ ମରୁଡ଼ି ଯୋଗୁ ଅଚଳାବସ୍ଥା

ବ୍ରହ୍ମପୁର,୨୯ ।୫(ସମିସ)





ବ୍ରହ୍ମପୁର ମହାନଗର ନିଗମରେ କର୍ମଚାରୀ ମରୁଡ଼ି । କର୍ମଚାରୀଙ୍କ ଅଭାବ ଯୋଗୁଁ ଗତ କିଛି ମାସ ହେଲା ଏକ ରକମର ଅଚଳାବସ୍ଥା ସୃଷ୍ଟି ହୋଇଛି । ଜନସାଧାରଣଙ୍କ କୌଣସି କାମ ହେଉନଥିବା ବେଳେ ଆକ୍ରୋଶର ଶୀକାର ହେଉଛନ୍ତି ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ତଥା କର୍ପୋରେଟର । ଏଭଳି ସ୍ଥିତିରେ ବର୍ତ୍ତମାନ ପୁଣି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର ପ୍ରଶାସକଙ୍କ ପକ୍ଷରୁ ଚିଠି ଜାରି କରି ରାଜ୍ୟବ୍ୟାପୀ କର୍ମଚାରୀଙ୍କ ବଦଳି କରାଯାଇଛି । ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ତାଗିଦ ମଧ୍ୟ କରାଯାଇଛି । ଫଳରେ କାର୍ଯ୍ୟାନୁଷ୍ଠାନ ଭୟରେ କର୍ମଚାରୀମାନେ ନିଜ ନିଜର ପୁରୁଣା ଦପ୍ତର ଛାଡ଼ି ନୂଆ ସ୍ଥାନକୁ ଚାଲିଯାଇଛନ୍ତି । ଏଭଳି ପରିସ୍ଥିତିରେ କର୍ମଚାରୀଙ୍କ ଅଭାବକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ବିଇଏମ୍ସି କର୍ତ୍ତୃପକ୍ଷ । ପୂର୍ବରୁ ମହାନଗର ନିଗମରୁ ବହୁ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲେ ହେଁ ସେମାନଙ୍କ ସ୍ଥାନରେ କାହାରିକୁ ଅବସ୍ଥାପିତ କରାଯାଇନାହିଁ । ବିଇଏମସିର ସିଟି ଇଂଜିନିୟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ଅଧିକାରୀଙ୍କୁ ବ୍ରହ୍ମପୁରକୁ ବଦଳି କରାଯାଇଥିଲେ ହେଁ ସେ ସମ୍ବଲପୁରରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଫଳରେ ସେ ସେଠାରେ କାର୍ଯ୍ୟ କରି ବ୍ରହ୍ମପୁରରୁ ଦରମା ଉଠାଇବେ ବୋଲି ଜଣାପଡ଼ିଛି ।

ପ୍ରକାଶ ଯୋଗ୍ୟ ଯେ' ବ୍ରହ୍ମପୁର ମହାନଗର ନିଗମରେ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁମୋଦିତ ମୋଟ କର୍ମଚାରୀଙ୍କ ସଂଖ୍ୟା ହେଉଛି (ଉଭୟ ଏଲଏଫ୍ଏସ ଓ ନନ ଏଲଏଫ୍ଏସ) ହେଉଛି ୨୧୩ । ତେବେ ସେଥିମଧ୍ୟରୁ ବର୍ତ୍ତମାନ ଅଛନ୍ତି ମାତ୍ର ୧୧୭ ଯାହା ମୋଟ ଅନୁମୋଦିତ କର୍ମଚାରୀ ସଂଖ୍ୟାର ଶତକଡା ୫୦ ପ୍ରତିଶତ । ଫଳରେ ଅବଶିଷ୍ଟ ୫୦ ପ୍ରତିଶତ ପଦବୀ ଖାଲି ପଡ଼ିଛି । ଏଭଳି ସ୍ଥିତିରେ ପୁଣି ହୋଇଥିବା ବଦଳି ତାଲିକାରେ ବିଇଏମସିରୁ ମୋଟ ୧୬ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ସେମାନଙ୍କ ସ୍ଥାନରେ ଆସିଛନ୍ତି କମ୍ ସଂଖ୍ୟକ କର୍ମଚାରୀ । ଅଭିଜ୍ଞ କର୍ମଚାରୀଙ୍କୁ ଏଠାରୁ ନିଆଯିବା ଫଳରେ କାମ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଯାହାକୁ ନେଇ ନିଗମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ମେୟର ସଂଘମିତ୍ରା ଦଳେଇ ଓ ଡେପୁଟି ମେୟର ଇ. ବିବେକ ରେଡ୍ଡୀଙ୍କ ସମେତ ପ୍ରାୟ ସମସ୍ତ କର୍ପୋରେଟରଙ୍କ ଉପସ୍ଥିତିରେ ଆଜି ଅପରାହ୍ନରେ ଜରୁରୀ ବୈଠକ ହୋଇଥିଲା । କର୍ମଚାରୀଙ୍କ ଅଭାବ ଥିବା ବେଳେ ପୁଣି ସରକାରଙ୍କ ଏଭଳି ବଦଳି ନିଷ୍ପତ୍ତି ଯୋଗୁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି । ବୈଠକରେ ସରଗରମ ଆଲୋଚନା ପରେ କର୍ପୋରେଟରମାନେ ମେୟରଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରରଣ କରାଯାଇଥିଲା । ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ୭ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି । ନଚେତ ନିଗମର ସମସ୍ତ ନିର୍ବାଚିତ ପ୍ରତିନିଧି ପରବର୍ତ୍ତି ପଦକ୍ଷେପ ନେବାକୁ ବାଧ ହେବେ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି । ସବୁଠାରୁ ବଡକଥା ହେଲା ପୂର୍ବରୁ ମଧ୍ୟ ନିଗମରେ କର୍ମଚାରୀଙ୍କ ଅଭାବକୁ ନେଇ ମେୟରଙ୍କ ନେତୃତ୍ୱରେ ସମସ୍ତ କର୍ପୋରେଟର ପୂର୍ବତନ ଜିଲ୍ଲାପାଳ ଓ ବର୍ତ୍ତମାନର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତେବେ କୌଣସି ଫଳ ମିଳିବା ତ ଦୂରର କଥା ପାଲଟା ଅବଶିଷ୍ଟ କର୍ମଚାରୀଙ୍କୁ ବଦଳି କରାଯାଉଛି । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଥିବା ବେଳେ ବିଜେଡି ହାତରେ ଥିବା ପୌରସଂସ୍ଥା ଗୁଡିକୁ ପଙ୍ଗୁ କରିବାକୁ ସରକାରଙ୍କ ଏହା ଏକ ଚାଲ୍ ବୋଲି ଅଭିଯୋଗ ହୋଇଛି ।

- ■ ମେୟରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର
- ■ କର୍ପୋରେଟରଙ୍କ ଜରୁରୀ ବୈଠକରେ ସରଗରମ ଆଲୋଚନା
- ■ ସମସ୍ୟା ସମାଧାନ ପାଇଁ ସରକାରଙ୍କୁ ୭ ଦିନର ମହଲତ
- ■ ୨୧୩ ଅନୁମୋଦିତ କର୍ମଚାରୀଙ୍କ ସ୍ଥାନରେ ଅଛନ୍ତି ମାତ୍ର ୧୧୭

## ସୋରଡ଼ା ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ




ସୋରଡ଼ା,୨୮ ।୫(ସମିସ): ସୋରଡ଼ା ବ୍ଲକ ମହିଳା ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ୟାସ, ପେଟ୍ରୋଲ, ଡିଜେଲ ସହ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି ସହ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଓ ଭିଡ଼ ହିଂସା ଡବଲ ଇଞ୍ଜିନ ସରକାରର ବିଫଳତା ବଖାଣୁଛି । ବିଜେପି ସରକାର ମହିଳାଙ୍କୁ ୩୩ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହୋଇଛି । ୨୦୨୩ରୁ ମହିଳା ସଂରକ୍ଷଣ ବିଲ୍ ରାଜ୍ୟରେ ପାରିତ ହୋଇଥିବା ବେଳେ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଉନାହାନ୍ତି । ମହିଳାଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଥିବା ବେଳେ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି । ସେହିପରି ବ୍ରହ୍ମପୁର ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ମହିଳାମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି ।

ଏଣୁ ବିଜେପି ସରକାର ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆଜି ସୋରଡ଼ା ନିର୍ବାଚନମଣ୍ଡଳୀ ଅଧିନ ବଡ଼ଗଡ଼ରେ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଞ୍ଜାମ ଜିଲ୍ଲା ବିଜୁ ଜନତା ଦଳ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବଡ଼ଗଡଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଶତାଧିକ ଗୃହିଣୀ, ଯୁବ, ଛାତ୍ର, ମହିଳା ବର୍ତ୍ତମାନର ସରକାରଙ୍କ ଜନମାରଣା ନୀତିକୁ ବିରୋଧ କରି ଶୋଭାଯାତ୍ରାରେ ସାମିଲ ହେବା ସହ ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା । ଏହି ପ୍ରତିବାଦ ସଭାରେ ସୋରଡା ବିଜୁ ଜନତା ଦଳର ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲାପରିସଦ ପ୍ରଫୁଲ୍ଲ କୁମାର ମହାଙ୍କୁଡ, ବ୍ଲକ ଛାତ୍ର ବିଜେଡି ସଭାପତି ଦେବବ୍ରତ ପ୍ରଧାନ, ନଗର ବିଜେଡି ସଭାପତି ସଂଜୀବ କୁମାର ଅଧିକାରୀ, ବିକାଶ ସ୍ୱାଇଁ, ପ୍ରଶ୍ନ ମୁନି, ବୁଦ୍ଧିରାମ ବେହେରା, କାହ୍ନୁ ବିଶୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ପଣ୍ଡା, ରଜନୀକାନ୍ତ ପଟ୍ଟନାୟକ, ସୀତାରାମ ପଣ୍ଡା, ଦୁର୍ଗା ଚରଣ ପଣ୍ଡା, ଜୟରାମ ମହାନ୍ତି, ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲ୍ଲିକଙ୍କ ସହ ବହୁ ମହିଳା ସରପଞ୍ଚ ଓ ୱାର୍ଡସଭ୍ୟାଙ୍କ ସହିତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

● ମିଳୁନି ମନେରେଗା ମଜୁରୀ

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଶ୍ରମିକ

ଛତ୍ରପୁର,୨୯ ।୫(ସମିସ): ମନେରେଗା ଯୋଜନାକୁ ନେଇ ପୁଣି ସାମ୍ନାକୁ ଆସିଛି ବଡ଼ ଅଭିଯୋଗ । ବର୍ଷେ କାଳ ପରିଶ୍ରମ କରି ମଧ୍ୟ ଗରିବ ଶ୍ରମିକଙ୍କୁ ମିଳୁନି ତାଙ୍କ ହକ୍‌ର ପାଉଣା । ଦିନ ମଜୁରିଆଙ୍କ ପେଟକୁ ଲାତ ମାରିଛନ୍ତି ସରକାରୀ ବାବୁ । ବ୍ଲକଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପାଖକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ନ୍ୟାୟ ଆଶାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ଶତାଧିକ ମହିଳା ଓ ପୁରୁଷ ଶ୍ରମିକ । ଅଭିଯୋଗ ଅନୁସାରେ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଭାଟକୁମୁରଡା ପଞ୍ଚାୟତର କିଛି ଶ୍ରମିକ ଗତବର୍ଷ ଅର୍ଥାତ୍ ୨୦୨୫ ଫେବୃଆରୀ ମାସରେ ଗାଁର ଦୁଇଟି ପୋଖରୀ ଯାହାକି ଝୁଡ଼ିଆ ବନ୍ଧ ଓ ଗଡ଼ଗଡ଼ିଆ ବନ୍ଧ ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୭୦ ଜଣରୁ ଅଧିକ ମହିଳା ଓ ପୁରୁଷ ଶ୍ରମିକ ନିୟୋଜିତ ହୋଇଥିଲେ । ଦୀର୍ଘ ୭୫ ଦିନ କାଳ ରକ୍ତକୁ ପାଣି କରି ଏହି ଶ୍ରମିକମାନେ କାମ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସେମାନଙ୍କ ବକେୟା ମଜୁରୀ ଟଙ୍କା ମିଳିନାହିଁ । ଏହି ବଡ଼ ଅବହେଳା ବିଷୟରେ ଗ୍ରାମବାସୀ ବ୍ଲକର କନିଷ୍ଠ ଯନ୍ତ୍ରୀ (ଏଇ), ସହକାରୀ ଯନ୍ତ୍ରୀ (ଏଇ) ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଙ୍କୁ ବାରମ୍ବାର ଗୁହାରି କରିଥିଲେ । ହେଲେ କୌଣସି ସୁଫଳ ମିଳିନଥିଲା, ବାଧ ହୋଇ ଆଜି ସେମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଯଦି ତୁରନ୍ତ ସେମାନଙ୍କ ପ୍ରାପ୍ୟ ନମିଳେ, ତେବେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି ।

## ସ୍ତ୍ରୀକୁ ଆକ୍ରମଣ କରି ସ୍ୱାମୀ ଗିରଫ

ବୁଗୁଡା,୨୯ ।୫(ସମିସ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗହଙ୍ଗୁ ଗ୍ରାମରେ ସ୍ତ୍ରୀ ଝିଲ୍ଲୀ ନାଇକକୁ ଆକ୍ରମଣ କରି ସ୍ୱାମୀ ଟୁକୁନା ନାଇକ(୩୫) ଗିରଫ ହୋଇ କୋର୍ଟଚାଲାଣ ହୋଇଛି ।



ଏନେଇ ପୁଲିସ ପକ୍ଷରୁ କେସ୍‌ନଂ ୨୭୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସୁରାଟରେ ଦାଦନ ଖଟୁଥିବା ଟୁକୁନା ତିନି ଦିନ ହେଲା ନିଜ ଗାଁ ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡାକୁ ଫେରିଥିଲା । ତେବେ ସେ ଗତ ଗୁରୁବାର ଦିନ ଶଶୁର ଘର ଗହଙ୍ଗୁ ଗ୍ରାମକୁ ମାତାଲ ଅବସ୍ଥାରେ ଆସି ସ୍ତ୍ରୀ ଝିଲ୍ଲୀକୁ ଲୁଣିପଡାକୁ ଯିବାକୁ ବାଧ କରିଥିଲା । ଏଥିରେ ଝିଲ୍ଲୀ ଅରାଜି ହେବାରୁ ଟୁକୁନା ଏକ ଲୁହା ରଡରେ ଆକ୍ରମଣ କରି ମୁଣ୍ଡକୁ ଆଘାତ କରିଥିଲା ବେଳେ ଶାଶୁ ଏହାର ପ୍ରତିବାଦ କରିବାକୁ ଯାଇ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ । ଏ ନେଇ ସ୍ତ୍ରୀ ଝିଲ୍ଲୀ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲା ବେଳେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡ଼ି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଟୁକୁନାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

## ରାଜନୈତିକ ଶତ୍ରୁତାରୁ ଆକ୍ରମଣ; ଦୁଇ ଗିରଫ

ବେଲଗୁଣ୍ଠା/ଧରାକୋଟ,୨୮ ।୫(ସମିସ): ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଝରପାରି ପଞ୍ଚାୟତର ଗମ୍ଭାରିଆ ଗ୍ରାମରେ ଚିକେନ୍ କଟା କାତିରେ ତିନି ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଗୁରୁତର ଅବସ୍ଥାରେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଗାଙ୍ଗପୁର ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଧରାକୋଟ ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଝରପାରି ପଞ୍ଚାୟତର ଗମ୍ଭାରିଆ ଗ୍ରାମର ଗରିବ ନାଇକଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ନାଇକଙ୍କ ଲିଖିତ ଅଭିଯୋଗ ପ୍ରକାରେ, ତାଙ୍କ ସ୍ୱାମୀ ଗରିବ ଆଜି ମଧ୍ୟାହ୍ନ ୧୨ ଟାରେ ଘରକୁ ଆସୁଥିବା ବେଳେ ସାମ୍ନାରେ ଚିକେନ ଦୋକାନ କରିଥିବା ସେହି ଗ୍ରାମର ଦୁଇ ଭାଇ ସୁବଳ ନାଇକ ଓ ସୁଦାମ ନାଇକଙ୍କ ସହିତ ସେମାନଙ୍କର ବାପା ଓ ସ୍ତ୍ରୀ ହଠାତ୍ ଚିକେନ କଟା କାତି ଧରି ଗରିବଙ୍କ ବେକକୁ ଚୋଟ ପକାଇଥିଲେ । ସେ ହାତ ଦେଖାଇ ଦେବାରୁ କାତିଟି ଡାହାଣ ହାତରେ ବାଜିଥିଲା । ଗରିବଙ୍କ ମା' ଛଡ଼ାଇବାକୁ ଉଦ୍ୟମ କରିବାରୁ ତାଙ୍କୁ ମଧ୍ୟ ହାଣି ପକାଇ ତଳେ ପକାଇ ଗୋଇଠା ମାରିଥିଲେ ଓ ଗରିବଙ୍କ ବାପାଙ୍କୁ ଓ ରାଜଲକ୍ଷ୍ମୀଙ୍କୁ ମଧ୍ୟ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି । ଆକ୍ରମଣ ବେଳେ ରାଜନୀତିରେ ବଡ଼ଗଡ଼ର ସୁନୀଲ ମହାନ୍ତି ଓ ଜାହାଡ଼ାର ରାଜେଶ ସାମଲକୁ ସହଯୋଗ କାହିଁକି କରୁନ ବୋଲି କହିଥିଲେ । ଏହି ସମୟରେ ଗ୍ରାମବାସୀ ଆସିଯିବାରୁ ସେମାନେ ଛତ୍ରଭଙ୍ଗ ଦେଇଥିଲେ । ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ସୁଦାମ ଓ ସୁବଳକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି ।

## ବିଜେଡିର 'ନାରୀ ଅଧିକାର ଅଭିଯାନ'

ପୋଲସରା,୨୯ ।୫(ସମିସ): ପୋଲସରା ମ୍ୟୁନିସିପାଲିଟି ଠାରେ ନିର୍ବାଚନମଣ୍ଡଳୀ ସ୍ତରୀୟ ''ନାରୀ ଅଧିକାର ଅଭିଯାନ' ଏକ ବିଶାଳ ମହିଳା ରାଲିରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଏବଂ ସାଂସଦ ପ୍ରାର୍ଥି ରଞ୍ଜିତା ସାହୁ ଯୋଗଦେବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଲୁଣିଘାଟି ପଡିଆ ଠାରୁ ଆରମ୍ଭ ହୋଇ ବ୍ଲକ ଛକ ପର୍ଯ୍ୟନ୍ତ ଏହି ମହିଳା ରାଲି ବାହାରି ବିକ୍ଷୋଭ ପଦର୍ଶନ କରାଯାଇଥିଲା ।



ପୋଲସରା ଓ ବୁଗୁଡ଼ା ଅଞ୍ଚଳରୁ ହଜାର ହଜାର ବିଜୁ ଜନତା ଦଳର ମହିଳା କର୍ମୀ ଓ ଜନପ୍ରତିନିଧି ଯୋଗଦେଇଥିଲେ । ଓଡିଶାର ଡବଲ ଇଞ୍ଜିନି ସରକାରରେ ନାରୀ ପ୍ରତି ହେଉଥିବା ନିର୍ଯାତନା ଓ ନାରୀକୁ ସୁରକ୍ଷା ଦେବାରେ ସମ୍ପୂର୍ଣ ବିଫଳ ବୋଲି ପୂର୍ବତନ ଶ୍ରମ ମନ୍ତ୍ରୀ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଜାଣିଶୁଣି ପୁଲିସ ଜରିଆରେ ମିଥ୍ୟା କେସରେ ଗିରଫ କରୁଥିବା ଏବଂ ପଞ୍ଚାୟତର ଜନପ୍ରତିନିଧିଙ୍କ ବିଲ୍ ନ କରିବା ଭଳି ବିଷୟ ପୋଲସରା ବିଧାୟକ ତଥା ମନ୍ତ୍ରୀ ଏବଂ ବିଜେପି କର୍ମୀ ମାନଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବା ବେଳେ ପୁଲିସ ବିଧାୟକଙ୍କ ଚାଟୁକାର ସାଜିଥିବା ଅଭିଯୋଗ କରିଛନ୍ତି । ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ଜିଲ୍ଲା ପରିଷଦ ମେମ୍ବର ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବୁଗୁଡ଼ା ଏନ୍ଏସି ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ବ୍ଲକ ସଭାପତି ଖଦାଳ ଖଟେଇ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ । ଜନପ୍ରତିନିଧି ଯୋଗଦେଇଥିଲେ ।

## ନୂତନ ଏସ୍ପିଙ୍କ ଦାୟିତ୍ୱ ଗ୍ରହଣ

ଛତ୍ରପୁର,୨୯ ।୫(ସମିସ): ଗଞ୍ଜାମ ପୁଲିସ ଜିଲ୍ଲାର ନୂତନ ଏସ୍ପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୨୦ ବ୍ୟାଚର ଆଇପିଏସ ଅଫିସର ହରିଶ ବିଶି । ପୂର୍ବରୁ ଗଞ୍ଜାମ ଏସପି ଭାବେ ଅବସ୍ଥାପିତ ଥିବା ଶୁଭେନ୍ଦୁ ପାତ୍ରଙ୍କ ଠାରୁ ସେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ରାୟଗଡ଼ା ଏବଂ କନ୍ଧମାଳ ଜିଲ୍ଲାରେ ଏସ୍ପି ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି ।



ଗଞ୍ଜାମ ଏକ ବୃହତ୍ତ ଏବଂ ସମ୍ବେଦନଶୀଳ ଜିଲ୍ଲା ହୋଇଥିବାରୁ ଏଠାରେ ଅପରାଧ ନିୟନ୍ତ୍ରଣ କରିବା ସବୁଠାରୁ ବଡ଼ ଆହ୍ୱାନ । ଦାୟିତ୍ୱ ଗ୍ରହଣ ପରେ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ନୂତନ ଏସପି ଶ୍ରୀ ବିଶି କହିଛନ୍ତି ଯେ, ଜିଲ୍ଲାକୁ ସମ୍ପୂର୍ଣ୍ଣ ଅପରାଧମୁକ୍ତ କରିବା ତାଙ୍କର ପ୍ରଥମ ପ୍ରାଥମିକତା ରହିବ । ବିଶେଷ କରି ଜିଲ୍ଲାରେ ସକ୍ରିୟ ଥିବା ପଥର ଓ ବାଲି ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅପରାଧୀଙ୍କ ଚରାଭୂଇଁ ପାଲଟିଥିବା ଅଞ୍ଚଳଗୁଡ଼ିକ ଉପରେ ପୁଲିସର କଡ଼ା ନଜର ରହିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

## ବାଲି ବୋଝେଇ ୨ ହାଇୱା ଜବତ; ୨ ଗିରଫ

ବୁଗୁଡା,୨୯ ।୫(ସମିସ): ବୁଗୁଡ଼ା ତହସିଲ ଅଞ୍ଚଳରେ ବାଲି ଚୋରା ଚାଲାଣ ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଗତ ଗୁରୁବାର ବିଳମ୍ବିତ ରାତିରେ ଦୁଇଟି ବାଲି ବୋଝେଇ ହାଇୱା ଜବତ ସହ ୨ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି ।



ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପୋଲସରା ଥାନା ଅନ୍ତର୍ଗତ କଣିଆପଲ୍ଲୀ ଗ୍ରାମର ରତ୍ନାକର ବେହେରା ଏବଂ କବିସୂର୍ଯ୍ୟନଗର ଥାନା ଅଧିନସ୍ଥ ଡୁଙ୍ଗୁରି ଗ୍ରାମର ଲିପୁ ପ୍ରଧାନ । ଏନେଇ ବୁଗୁଡା ଥାନାରେ କେସ୍‌ନଂ ୨୭୫/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ଗୁରୁବାର ରାତିରେ ବେଲଗୁଣ୍ଠାରୁ ଚୋରାରେ ଦୁଇଟି ହାଇଓ୍ୱାରେ ବାଲି ବୋଝେଇ ହୋଇ ବୁଗୁଡା ଅଭିମୁଖେ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ସଦଳବଳେ ଏକଡାଳ ଗାଁ ନିକଟ ମୁଖ୍ୟରାସ୍ତାରେ କାବୁ କରିଥିଲେ । ସେଠାରେ ବାଲି ବୋଝେଇ ହାଇୱା ଦୁଇଟିକୁ ଜବତ କରିବା ସହ ଚୋରା ଚାଲାଣକାରୀ ଦୁହିଁଙ୍କୁ ଗିରଫ କରାଯାଇଥିଲା ବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏସ୍ଆଇ ଜ୍ୟୋତିଶ୍ରୀ ସାହୁ ରହିଥିବା ଜଣାଯାଇଛି ।

**ଲୋକଙ୍କ ସରକାରକୁ ପ୍ରଶ୍ନ**

# ବିଇଏମ୍ସିରୁ କେବେ ହଟିବେ 'ଗୀତା' ଔର 'ସ୍ମିତା'

ବ୍ରହ୍ମପୁର,୨୯ ।୫(ସମିସ)

ଗାଦିମଡ଼ା ସରକାରୀ ଅଧିକାରୀଙ୍କୁ ହଟାଇବାକୁ ଯାଇ ସରକାର ବିଭିନ୍ନ ବିଭାଗରେ ୩ ବର୍ଷିଆ ବଦଳି ନୀତି ଆପଣାଇଛନ୍ତି । ଏପରିକି କର୍ମଚାରୀଙ୍କ ସାମୂହିକ ବଦଳି କରି ଛାଟ ମାରିଛନ୍ତି । ତେବେ ୩ ବର୍ଷ ଦୂରେ ଥାଉ ଗୋଟିଏ ସ୍ଥାନରେ ୩୦ବର୍ଷରୁ ଉର୍ଦ୍ଧ୍ୱକାଳ ରହିଥିବା କର୍ମଚାରୀଙ୍କ ଉପରେ ପ୍ରଶାସନ ଅଥବା ସରକାରଙ୍କ ନଜର ନପଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ବ୍ରହ୍ମପୁର ମହାନଗର ନିଗମରେ । ବ୍ରହ୍ମପୁର ପୌରପାଳିକା ସମୟରୁ ଅର୍ଥାତ୍ ୧୯୯୪ ମସିହାରୁ କନିଷ୍ଠ ଗୋଷ୍ଠୀ ସଙ୍ଗଠିକା ଭାବେ




ନିଯୁକ୍ତି ହୋଇଥିଲେ ଦୁଇଜଣ ମହିଳା ଗୀତାଞ୍ଜଳି ସାମନ୍ତରାୟ ଓ ସ୍ମିତା ଦାଶ । ବର୍ତ୍ତମାନ ସେମାନେ ବିଇଏମ୍ସିରେ ବରିଷ୍ଠ ଗୋଷ୍ଠୀ ସଙ୍ଗଠିକା ଭାବେ କାର୍ଯ୍ୟରତ । ସରକାରଙ୍କ ବଦଳି ନୀତି ପ୍ରକାରେ ବ୍ରହ୍ମପୁର ମହାନଗର ନିଗମର ଟିକସ ଆଦାୟକାରୀ ବା ଟ୍ୟାକ୍ସ କଲେକ୍ଟରଙ୍କର ଯଦି ଜିଲ୍ଲା ବାହାରକୁ ଅଥବା ଅନ୍ୟ ପୌରସଂସ୍ଥାକୁ ବଦଳି ହୋଇପାରୁଛି ତେବେ ଏହି ଦୁଇ ଜଣଙ୍କ ପାଇଁ କାହିଁକି ସରକାରଙ୍କ ବଦଳି ନୀତି ଲାଗୁ ହେଉନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ବର୍ତ୍ତମାନ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥିବା ବଦଳି ତାଲିକାରେ ମଧ୍ୟ ଉଭୟଙ୍କର ନାମ ନ ଥିବାକୁ ନେଇ ବିଇଏମସି କର୍ମଚାରୀଙ୍କ ମହଲରେ ମଧ୍ୟ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି । ସେପଟେ ନିକଟ ଅତୀତରେ କୁଆଡେ ଜଣଙ୍କର ଛତ୍ରପୁର ବଦଳି ହୋଇଥିଲା, ହେଲେ ତାହାକୁ କଳେବଳେ କୌଶଳେ ବାତିଲ କରିବାରେ ସଫଳ ହୋଇଥିବା ଶୁଣିବାକୁ ମିଳୁଛି । ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ, ସେମାନେ ଯେଉଁଠି ଚାକିରୀ ଆରମ୍ଭ କରିଥିଲେ ସେହିଠାରେ ହିଁ ଅବସର ନେଇ ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିବେ ବୋଲି ଆଲୋଚନା ହେଉଛି । ସେହିଭଳି ବିଇଏମସିରେ କାର୍ଯ୍ୟରତ ଗୋଷ୍ଠୀ ସଙ୍ଗଠିକା ମାନେ ମଧ୍ୟ ବର୍ଷ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ୱାର୍ଡରେ ସୀମିତ ରହୁଥିବାରୁ ସେମାନଙ୍କୁ ମଧ୍ୟ ଅନ୍ୟ ୱାର୍ଡକୁ ବଦଳି କରାଯିବା ଉଚିତ ବୋଲି ଅଧିକାଂଶ କର୍ପୋରେଟର ମତ ପ୍ରକାଶ କରିଛନ୍ତି ।

**ନିଯୁକ୍ତି ଆରମ୍ଭରୁ ୩୦ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ଗାଦି ମାଡ଼ି ବସିଛନ୍ତି**

**ବଦଳି ନିୟମରୁ କିପରି ପଡୁଛନ୍ତି ବାଦ୍, ପଛରେ କିଏ?**

# ୨ ମାସ ହେଲା ଭତ୍ତା ମିଳୁନି

ଡୁଙ୍ଗୁରିପାଲି,୨୯।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ପକ୍ଷରୁ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ଅଧୀନରେ ଭତ୍ତା ପାଉଥିବା ହିତାଧିକାରୀ ୨ ମାସ ହେଲା ଭତ୍ତା ପାଉ ନାହାନ୍ତି। ଡୁଙ୍ଗୁରିପାଲି କେନାଲ କଲୋନୀର ଦାମୋଦର ଷାଣ୍ଢ (୫୦) ଏହାର ଉଦାହରଣ। ସେ ଜଣେ ଦିବ୍ୟାଙ୍ଗ। ଦିବ୍ୟାଙ୍ଗ ଭାବେ ତାଙ୍କୁ ଭିଳୁଥିବା ଭତ୍ତା ହିଁ ତାଙ୍କର ଏକମାତ୍ର ସମ୍ବଳ। ଏଥିରେ ସେ ଚଳିବା ସହ ତାଙ୍କ ସାନ ଭାଇକୁ ମଧ୍ୟ ପୋଷନ୍ତି; ହେଲେ ୨ ମାସ ଧରି ଭତ୍ତା ଟଙ୍କା ନ ମିଳିବାରୁ ସେ ବହୁ କଷ୍ଟରେ ଚଳୁଛନ୍ତି। ତେବେ ତାଙ୍କ ଭଳି ବ୍ଲକ୍ର ଅନେକ ବାର୍ଦ୍ଧକ୍ୟ, ବିଧବା, ସ୍ୱାମୀ ପରିତ୍ୟକ୍ତା ଓ ଭିନ୍ନକ୍ଷମ ଭତ୍ତା ଉପରେ ନିର୍ଭର କରୁଛନ୍ତି। ଏହି ଟଙ୍କାରେ ସେମାନେ ନିଜର ଦୈନନ୍ଦିନ ଖର୍ଚ୍ଚ, ଔଷଧ କ୍ରୟ ଓ ପରିବାର ପାଳନ କରିବାରେ ନିର୍ଭରଶୀଳ। ଭତ୍ତା ବନ୍ଦ ହେବା ତାଙ୍କ ପାଇଁ ବଡ଼ ଚିନ୍ତାର କାରଣ ହୋଇଛି। ହିତାଧିକାରୀମାନଙ୍କ କହିବା ଅନୁସାରେ, ଗତ ଅପ୍ରେଲ ଓ ଚଳିତ ମେ ମାସର ଭତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଏହା ଫଳରେ ଅନେକ ବୃଦ୍ଧ ଓ ଅସହାୟ ଲୋକ ଆର୍ଥିକ ସଂକଟ ଦେଇ ଗତି କରୁଛନ୍ତି। କେହି ଔଷଧ କିଣିପାରୁନାହାନ୍ତି ତ ଅନ୍ୟମାନେ ଦୈନନ୍ଦିନ ଖର୍ଚ୍ଚ ଚଳାଇବାରେ ଅସୁବିଧାରେ ପଡ଼ିଛନ୍ତି। ମେ ମାସ ଶେଷ ହେବାକୁ ବସିଥିବା ବେଳେ ଅଧିକାଂଶ ହିତାଧିକାରୀ ଟଙ୍କା ପାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପଟେ, ବୃଦ୍ଧ ଓ ପକ୍ଷାଘାତ ପୀଡ଼ିତ ଭିନ୍ନକ୍ଷମଙ୍କ ଆଙ୍ଗୁଠି ଚିହ୍ନ ଠିକ୍ ଭାବେ ନ ଆସିବାରୁ ବ୍ୟାଙ୍କରୁ ଟଙ୍କା ଉଠାଇବାରେ ମଧ୍ୟ ସମସ୍ୟା ଦେଖା ଦେଉଛି। ଏହା ଫଳରେ ଅନେକଙ୍କ ଭତ୍ତା ଟଙ୍କା ବ୍ୟାଙ୍କରେ ପଡ଼ି ରହୁଛି। ଏହି ପରିସ୍ଥିତିରେ ବ୍ୟାଙ୍କ ପରିବର୍ତ୍ତେ ପଞ୍ଚାୟତ ମାଧ୍ୟମରେ ଭତ୍ତା ପ୍ରଦାନ କରାଯାଉ ବୋଲି ହିତାଧିକାରୀ ଦାବି କରିଛନ୍ତି।



# ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ

ବୌଦ୍ଧ,୨୯।୫(ସମିସ): ବିଷଧର ସାପ କାମୁଡାରେ ଗୁରୁତର ଜଣେ ଯୁବତୀଙ୍କ ବୌଦ୍ଧ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଏହି ଯୁବତୀ ଜଣକ ହେଲେ ପୁରୁଣାକଟକ ଥାନା ଲଇଗାଁର ପଦ୍ମିନୀ ସୁନା(୧୮)। ସେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କୌଣସି ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା; ଫଳରେ ଯୁବତୀ ଜଣକ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଆଣି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆଜି ସକାଳ ୭ଟାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୁଣାକଟକ ପୁଲିସ ତଦନ୍ତ ଆରମ୍ଭ କରିଛି।







## ୨ ଦିନ ଧରି ତାଣ୍ଡବ ରଚିଲା କାଳବୈଶାଖୀ

# ଭାଙ୍ଗିଗଲା ଘର, ଲୋକେ ବେସାହାରା

ଶଗଡା,୨୯।୫(ସମିସ)

ଗତ ଦୁଇ ଦିନ ଧରି କାଳ ବୈଶାଖୀ କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି କରିଛି। ଜୋରରେ ପବନ ବୋହିବା ସହ ପ୍ରବଳ ବର୍ଷା ଯୋଗୁଁ ଛପର ଉଡିଯିବା ସହ ଅନେକ ଘର ଭାଙ୍ଗି ଯାଇଛି। କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ବେହେରାପଡ଼ା ଓ ମାର୍ଡୋଲ ଗ୍ରାମରେ ଗୁରୁବାର ପାଖାପାଖି ସନ୍ଧ୍ୟା ୭ଟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ଜୋରରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଥିଲା। କାଳ ବୈଶାଖୀ ପ୍ରଭାବରେ ବେହେରାପଡା ଗ୍ରାମର ମନ୍ତ୍ରୀ ବଣ୍ଡକି, ଦାଶରଥି ଦିଗାଲ, ଜନ୍ମୁ ବଣ୍ଡକି, ସରଜବୁଲୁ ବଣ୍ଡକି, ଦେବରାଜ ବଣ୍ଡକି, ଗଣେଶ୍ୱର ବଣ୍ଡକି, ସଞ୍ଜୟ ବଣ୍ଡକି, କିଶୋରୀ ବଣ୍ଡକି, ବାଲ୍ମୀକି ବଣ୍ଡକି, ପ୍ରକାଶ ବଣ୍ଡକି, ମାର୍ଡୋଲ ଗ୍ରାମର ରବୀନ୍ଦ୍ର ବଣ୍ଡକି, କଳାକାହ୍ନୁ ଭୋଇନା, ଧର୍ମୁ

**ଜରି ପାଲ ଟାଣି ଗଛ ତଳେ ଆଶ୍ରୟ ନେଉଛନ୍ତି**

ନାଗ, ଗଣେଶ୍ୱର କୁମ୍ଭାର, ରାମଚନ୍ଦ୍ର କୁମ୍ଭାରଙ୍କ ଛପର ଘର ଭାଙ୍ଗି ଯାଇଛି। ଘରର ଛପର ଓ ଆଜବେଷ୍ଟସ ପବନରେ ଉଡାଇ ନେଇଛି। ଏମାନେ ବେସାହାରା ହୋଇପଡିଛନ୍ତି। ଘର ଉଜୁଡି ଯାଇଥିବାରୁ ଏମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗରିବ ଅସହାୟମାନଙ୍କ ଡାକ କିଏ ବା ଶୁଣିବ। ପ୍ରଚଣ୍ଡ ଗ୍ରୀଷ୍ମ ଓ ୪୫ ଡିଗ୍ରୀ ଖରା ସତ୍ତ୍ୱେ ଘର ଭାଙ୍ଗି ଯାଇଥିବାରୁ କିଛି ଲୋକେ ପଲିଥିନ ଟାଣି ଗଛ ତଳେ ଆଶ୍ରୟନେଉଛନ୍ତି। ଘର ଭାଙ୍ଗି ଯାଇଥିବାରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବର ତାତି ସହିବାକୁ ତାଙ୍କ ପକ୍ଷରେ ଅସହ୍ୟ ହୋଇ ପଡୁଛି। ବର୍ତ୍ତମାନ ସୁଦ୍ଧା ତାଙ୍କୁ ଜରିପାଲ ଯୋଗାଇ ଦିଆ ଯାଇ ନ ଥିବା କ୍ଷତିଗ୍ରସ୍ତ ପରିବାର ଅଭିଯୋଗ କରିଛନ୍ତି। ତୁରନ୍ତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏହାର ତଦନ୍ତ କରି ଏମାନଙ୍କ ପାଇଁ ଜରିପାଲ ସହ ଆବଶ୍ୟକ ସରକାରୀ ସୁବିଧା ସୁଯୋଗ ଯୋଗାଇଦେବାକୁ ଉଭୟ ଗ୍ରାମବାସୀ ଦାବି କରିଛନ୍ତି।

# ଗଛ ଉପୁଡ଼ି ରାସ୍ତା ଅବରୋଧ



ମନମୁଣ୍ଡା,୨୯।୫(ସମିସ): କାଳବୈଶାଖୀ ଯୋଗୁ ମନମୁଣ୍ଡା ଅଞ୍ଚଳରେ ମଧ୍ୟ କ୍ଷୟକ୍ଷତି ହୋଇଛି। ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ହେତୁ ମନମୁଣ୍ଡା ଓ ଏହାର ଆଖପାଖ ଅଞ୍ଚଳର ଅନେକ ବଡ ବଡ ଗଛ ଉପୁଡି ଯାଇଛି। ଅନେକ ଗଛର ଡାଳ ଭାଙ୍ଗିଛି। ବିଦ୍ୟୁତ୍ ଖୁଣ୍ଟ ଢଳି ପଡିଛି। ଅନେକଙ୍କ ଘର ଭାଙ୍ଗିଛି। ପ୍ରାୟ ୧୨ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏଣୁ ଲୋକମାନେ ନାହିଁ ନ ଥିବା କଷ୍ଟ ସହିବା ସହ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଲୋକମାନେ ନିଜ ନିଜ ଘରକୁ ସଜାଡିବାରେ ଲାଗି ପଡ଼ିଥିବାବେଳେ ଗୁରୁବାର ସନ୍ଧ୍ୟାରେ ପୂର୍ବଦିନ ଅପେକ୍ଷା ଆହୁରି ପ୍ରବଳ ଭାବେ କାଳବୈଶାଖୀ ମାଡ଼ି ଆସିଥିଲା। ପୁଣି ଅନେକ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଢଳି ପଡ଼ିଥିଲା। ୪୧ ଓ ୫୭ ନମ୍ବର ଜାତୀୟ ରାଜପଥ କିଛି ଘଣ୍ଟା ବନ୍ଦ ରହିଥିଲା। ଦମକଳ ବାହିନୀ ଗଛ କାଟି ରାସ୍ତା ସଫା କରିଥିଲେ। କିନ୍ତୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। କେବେ ଲାଇନ୍ ଆସିବ ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ପଷ୍ଟ ଉତ୍ତର ମିଳି ପାରୁ ନାହିଁ। ବିଦ୍ୟୁତ୍ ନ ଥିବାରୁ ସବୁ କାମ ପ୍ରଭାବିତ ହୋଇଛି। ଏପରିକି ପିଇବା ପାଣି ମଧ୍ୟ ମିଳି ପାରୁ ନାହିଁ। ବର୍ତ୍ତମାନର ୪୫ ଡିଗ୍ରୀ ଗରମ ଅତିଷ୍ଠ କରିଥିବାବେଳେ ବିଦ୍ୟୁତ୍ ନ ଥିବାରୁ କଷ୍ଟ ଦ୍ୱିଗୁଣିତ ହୋଇଯାଇଛି। ବିଶେଷ କରି ରୋଗୀ, ବୃଦ୍ଧ, ଛୋଟ ଛୁଆ ଦହଲ ବିକଳ ହେଉଥିବା ଦେଖିବାକୁ ମିଳିଛି। କାଳବୈଶାଖୀରେ ଘର ଭାଙ୍ଗି ଯାଇଥିବା ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ଅଦ୍ୟାବଧି ତାରପୋଲିନ ଯୋଗାଇ ଦିଆ ଯାଇ ନାହିଁ କି କୌଣସି ସାହାଯ୍ୟ ସହଯୋଗ ମଧ୍ୟ ପ୍ରଦାନ କରାଯାଇନି। ଅନ୍ୟ ପକ୍ଷରେ ଗଛ ପଡ଼ିବା ଦ୍ୱାରା ଅନେକଙ୍କ ଘର ଓ ଦୋକାନ ଭାଙ୍ଗି ଯାଇଛି। ପ୍ରବଳ ଘୂର୍ଣ୍ଣି ଝଡର ପ୍ରକୋପରେ ଅନେକଙ୍କ ଘରର ଛାଉଣୀ ଉଡ଼ାଇ ନେଇଥିବାବେଳେ ଘର ମଧ୍ୟ ଭାଙ୍ଗି ଯାଇଛି। ସେମାନେ ବର୍ତ୍ତମାନ ଖୋଲା ଆକାଶ ତଳେ ଜୀବନ ଯାପନ କରୁଛନ୍ତି। ପ୍ରଶାସନ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ଏନେଇ ଉଚିତ୍ ପଦକ୍ଷେପ ନେବା ତଥା ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ଦାବି ହୋଇଛି।

# ପଲ୍ସାଗୋରା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି

ପଲ୍ସାଗୋରା,୨୯।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲ୍ସାଗୋରା ଅଞ୍ଚଳରେ କାଳବୈଶାଖୀ ବର୍ଷାପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଲୋକଙ୍କ ଘରର ଆଜବେଷ୍ଟର ଉଡିଯିବା ସହ ବହୁ ପରିମାଣର ଗଛ ଉପୁଡି ପଡ଼ିଛି। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପଡି ପଡ଼ିଥିବା ହେତୁ ଖବର ଲେଖାଯିବା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବଚ୍ଛିନ୍ନ ରହିଥିଲା। ସେହିପରି ପଲ୍ସାଗୋରା ହାଇସ୍କୁଲ ପରିସରରେ ଅନେକ ଗଛ ଉପୁଡି ପଡ଼ିଥିବାବେଳେ ଛାତ ଉପରେ ନୂତନ ଭାବେ ନିର୍ମାଣଧୀନ କେରଲା ଛାତ ଭାଙ୍ଗି ପଡିଛି। କଣ୍ଟାମାଳ ଅଗ୍ନିଶମ କର୍ମଚାରୀ ବିଦ୍ୟାଳୟ ପରିସର ସଫା କରିଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୀବ ପ୍ରହରାଜ ସୂଚନା ଦେଇଛନ୍ତି।



# ଜିଲ୍ଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

ବୌଦ୍ଧ,୨୯।୫(ସମିସ): ଟୁଟୁସିଙ୍ଗା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଓଡିଶା ସ୍କୁଲ୍ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ସଭାପତି ପୀତବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ରଞ୍ଜନ ଦାଶ ମୁଖ୍ୟ ଅତିଥି ଓ ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ବିଶ୍ୱାଳ, ରାଜ୍ୟ ସଂପାଦକ ମାଣିକେଶ୍ୱର ସ୍ୱାଇଁ, ରାଜ୍ୟ ଉପସଭାପତି ତଥା ଜିଲ୍ଲା ପ୍ରଭାରୀ ରାଜଲକ୍ଷ୍ମୀ ବେହେରା, ବୌଦ୍ଧ ଜିଲ୍ଲା ଉପଦେଷ୍ଟା ନିରୋଦ ମେହେର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନବକିଶୋର ଦୀପ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ମହାପାତ୍ର, ଜିଲ୍ଲା ସଂପାଦକ ତୃପ୍ତିରଞ୍ଜନ ଦାନୀ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ମୃତ୍ୟୁଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ରାଜସ୍ୱ କୋର୍ଟରେ ଅବହେଳା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ଆଇନଜୀବୀ

ବୌଦ୍ଧ,୨୯।୫(ସମିସ): ବୌଦ୍ଧ ଜିଲ୍ଲାର ବିଭିନ୍ନ ରାଜସ୍ୱ କୋର୍ଟରେ ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ଅବହେଳା କରା ଯାଉଛି। ଏଭଳି ଅଭିଯୋଗ କରି ଜିଲ୍ଲା ଓକିଲ ସଂଘ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଆଜି ଜିଲ୍ଲା ଓକିଲ ସଂଘର ସଭାପତି ସୁରେଶ ମେହେର ଓ ସମ୍ପାଦକ ଧବଳେଶ୍ୱର ମନହୀରାଙ୍କ ନେତୃତ୍ୱରେ ଏକ ବରିଷ୍ଠ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ଦାବିପତ୍ର ପ୍ରଦାନ କରଛନ୍ତି। ୧୫ ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଚି। ଅଭିଯୋଗ ଅନୁଯାୟୀ ଜିଲ୍ଲାର ବୌଦ୍ଧ, ହରଭଙ୍ଗା ଓ କଣ୍ଟାମାଳ ତହସିଲ କାର୍ଯ୍ୟାଳୟରେ ଜମି ରେକର୍ଡ ନକଲ, ଗ୍ରାମ ମ୍ୟାପ, ମ୍ୟୁଟେସନ ନକଲ, ଓଏଲ୍ଆର୍ ଓ ଏସ୍ଏ ପ୍ରୋସିଡିଂ ନକଲ, ଲିଜ ଓ ଜବରଦଖଲ ମାମଲାର ଆବେଦନ ଅଫ୍ ଲାଇନରେ ଗ୍ରହଣ କରା ଯାଉନାହିଁ। ସେହିପରି ଉପ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ବନ୍ଦୋବସ୍ତ ଓ ଜମି ଅଧିଗ୍ରହଣ ଅଧିକାରୀଙ୍କ କୋର୍ଟ ଗୁଡିକରେ ନିୟମିତ ଶୁଣାଣି ହେଉ ନାହିଁ କି କୌଣସି ନକଲ ମିଳିବାରେ ଲୋକେ ହନ୍ତସନ୍ତ ହେଉଥିବା ଓକିଲ ସଂଘ ଅଭିଯୋଗ କରିଛି। ସାବିକ୍ ରେକର୍ଡ୍ ପାଇଁ ଲୋକେ ହଇରାଣ ହୋଇ ଜିଲ୍ଲା ହେବାର ୩୨ ବର୍ଷ ପରେ ମଧ୍ୟ ଫୁଲବାଣୀ ଯାଉଥିବା ଆଇନଜୀବୀଗଣ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।



# ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ତୃଷ୍ଣା ନିବାରଣ କାର୍ଯ୍ୟକ୍ରମ

ବୌଦ୍ଧ,୨୯।୫(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗନ୍ଧରାଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରେଡକ୍ରସ ପକ୍ଷରୁ ବୁରକଟା ଛକ ନିକଟରେ ପଥଚାରୀଙ୍କ ତୃଷ୍ଣା ନିବାରଣ କରାଯାଇଥିଲା। ବିଦ୍ୟାଳୟର ୟୁଥ୍ ରେଡକ୍ରସ ପରାମର୍ଶଦାତା ଅଶୋକ ପାଣ୍ଡିଆ ଓ ଅଧ୍ୟକ୍ଷ ପ୍ରଭାତ ଶତପଥୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫୭ନମ୍ବର ଜାତୀୟ ରାଜପଥରେ ଯାଉଥିବା ଦୁଇ ଚକିଆ, ଚାରି ଚକିଆ ଯାନକୁ ଅଟକାଇ ଛାତ୍ରଛାତ୍ରୀ ଆରୋହୀଙ୍କୁ ଦହିସର୍ବତ ପିଇବାକୁ ଦେଇଥିଲେ। ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଂଜନ ପୁରୋହିତ, ସ୍ୱାଧୀନ ପ୍ରଧାନ, ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




**ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ବୃଦ୍ଧ ଦମ୍ପତି**

ଶଗଡ଼ା,୨୯।୫(ସମିସ): ଓଡ଼ିଶାରେ ନୂତନ ସରକାର ଆସିଛି। ନୂଆଁ ନୂଆଁ ଯୋଜନା ଆରମ୍ଭ ହୋଇଛି; କିନ୍ତୁ ଯୋଜନାର ବାସ୍ତବତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯୋଜନା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲା ପଞ୍ଚାୟତ ବଉଳସିଙ୍ଗା ଗ୍ରାମର ବୃଦ୍ଧ ଦମ୍ପତ୍ତି ନାରାୟଣ ସାହୁ (୮୬) ଓ ରଙ୍ଗବତୀ ସାହୁ (୮୧)ଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ସେ ବର୍ତ୍ତମାନ ୧୨୦୦ ଟଙ୍କା ଭତ୍ତା ପାଉଛନ୍ତି। ରାଜ୍ୟ ସରକାରଙ୍କ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ଘୋଷଣା ଅନୁଯାୟୀ ସେ ଜଣେ ଯୋଗ୍ୟ ହିତାଧିକାରୀ। ଏଥିପାଇଁ ଉଭୟ ଆବଶ୍ୟକୀୟ ସମସ୍ତ କାଗଜପତ୍ର ପଞ୍ଚାୟତ କାର୍ଯ୍ୟାଳୟ ସହ ବ୍ଲକରେ ଦାଖଲ କରିଥିଲେ। ନାରାୟଣ ଏ ନେଇ ଅନେକ ଥର ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି; ହେଲେ ଉପରୁ ଆଦେଶ ଆସିଲା ପରେ ମିଳିବ କହି ପିଇଓ ତାଙ୍କୁ ଫେରାଇ ଦେଉଥିବା ସେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଉଭୟ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଅଛନ୍ତି। ତେବେ ନାରାୟଣ ଓ ରଙ୍ଗବତୀ ଭତ୍ତା ଟଙ୍କା ଉପରେ ନିର୍ଭର କରି ନିଜର ଔଷଧ ସହ ଅନ୍ୟାନ୍ୟ ଖର୍ଚ୍ଚ କରିଥାନ୍ତି। ସେହିଭଳି ବିଳାସପୁର ପଞ୍ଚାୟତ ସାନ ରାହାଯୋର ଗ୍ରାମର ପବନ କୁମ୍ଭାରଙ୍କୁ ମଧ୍ୟ ୮୧ ବର୍ଷ। ଆବଶ୍ୟକୀୟ କାଗଜପତ୍ର ଦାଖଲ କଲା ପରେ ତାଙ୍କୁ ମଧ୍ୟ ସରକାରଙ୍କ ବର୍ଦ୍ଧିତ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି।





# ୧୦ଦିନ ହେଲା ଜଳ ଯୋଗାଣ ବନ୍ଦ

ବୌଦ୍ଧ,୨୯।୫ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର କଣ୍ଟାମାଳ ପଞ୍ଚାୟତ ବନ୍ଧପାଲି, ଦେଉଳଡୁଙ୍ଗୁରି, କଣ୍ଟାମାଳ ଆଦି ଗ୍ରାମର ଲୋକ ପାନୀୟ ଜଳ ପାଇଁବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଲୋକେ ପାଣି ପାଇଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଗତ ୧୦ଦିନରୁ ଅଧିକ ସମୟ ହେବ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ବନ୍ଦ ହୋଇଛି। ଏହାଫଳରେ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପ ଲୋକଙ୍କ ଚାହିଦା ପୂରଣ କରି ପାରୁ ନ ଥିବା ବେଳେ ପାଣି ପାଇଁ ଲୋକେ ଲମ୍ବା ଧାଡିରେ ଛିଡା ହେଉଥିବା ଦେଖିବାକୁ ମିଳୁଛି। ଏପରିକି ପାଣି ନେବା ପାଇଁ ପ୍ରତିଯୋଗିତା ହୋଇ ଗଣ୍ଡଗୋଳ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ପାନୀୟଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ; ହେଲେ ଆଜିସୁଦ୍ଧା ସମସ୍ୟାର ସମାଧାନ ହୋଇନାହିଁ। ସମସ୍ୟାର ସମାଧାନ ନେଇ ଉଭୟ ପଞ୍ଚାୟତ ପକ୍ଷ ଓ ପାନୀୟ ଜଳ ଯୋଗାଣ ବିଭାଗ ଦୋଷ ଲଦାଲଦି ହେଉଛନ୍ତି।





# ହରଭଙ୍ଗାରେ ପରିସ୍ରାଗାର, ବିଶ୍ରାମାଗାର ବିନା ଯାତ୍ରୀ ହଟହଟା

ବୌଦ୍ଧ,୨୯।୫ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗାରେ ଦିନକୁ ଦିନ ବଢ଼ୁଥିବା ଯାତ୍ରୀ ସମସ୍ୟାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୈନିକ ହରଭଙ୍ଗା ଥାନା ଛକଠାରୁ ୧୫ଟିରୁ ଅଧିକ ଯାତ୍ରୀବାହୀ ଗାଡ଼ି ଏହି ଅଞ୍ଚଳ ଦେଇ ଭୁବନେଶ୍ୱର, ସୋନପୁର, ଫୁଲବାଣୀ, ନୟାଗଡ଼, ଅନୁଗୋଳ ସହ ବିଭିନ୍ନ ଜିଲ୍ଲାକୁ ଚଳାଚଳ କରୁଛି; ହେଲେ ଯାତ୍ରୀମଙ୍କ ପାଇଁ ହରଭଙ୍ଗା ଥାନା ଛକ ବସଷ୍ଟାଣ୍ଡଠାରୁ ପରିସ୍ରାଗାର କି ବିଶ୍ରାମ ଗୃହ ନାହିଁ। ଏହାଫଳରେ ଦୂରଦୂରାନ୍ତରୁ ଯାତ୍ରା କରୁଥିବା ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ଅଧିକ ସମସ୍ୟାରେ ପଡୁଛନ୍ତି କଲେଜ୍ ଛାତ୍ରଛାତ୍ରୀ, ବୃଦ୍ଧ, ମହିଳା ଓ ଶିଶୁ। ଘଣ୍ଟା ଘଣ୍ଟା ଧରି ବସ୍କୁ ଅପେକ୍ଷା କରିବା ସତ୍ତ୍ୱେ ବସିବାକୁ ସ୍ଥାନ ନ ଥିବାରୁ ଯାତ୍ରୀ ରାସ୍ତା କଡ଼ରେ ଠିଆ ହେଇ ରହୁଛନ୍ତି। ବର୍ଷା ହେଉ କି ଖରା ସବୁ ପରିସ୍ଥିତିରେ ଯାତ୍ରୀ ହଟହଟା ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏନେଇ ଅନେକ ଥର ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଫଳ ଶୂନ। ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଚୁପ୍ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ବଉଳଶିଙ୍ଗାରେ ୨୫ ଦିନ ହେବ ନଳକୂପ ଅଚଳ

ଶଗଡ଼ା,୨୯।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଦପଲା ପଞ୍ଚାୟତ ଉଳସିଙ୍ଗା ଗ୍ରାମରେ ଥିବା ନଳକୂପଟି ୨୫ ଦିନ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୫୦ ପରିବାର ୧୫୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୨୫ ଦିନ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶିମିଳିପଦର ପଞ୍ଚାୟତରେ ଶ୍ମଶାନ ନାହିଁ

ଶଗଡା,୨୯।୫ (ସମିସ): ସରକାର ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କାହିଁରୁ କେତେ ଯୋଜନା ପ୍ରଣୟନ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବ ହେଉ କିମ୍ବା ଠିକାଦାରଙ୍କ ସହ ଅଧିକାରୀଙ୍କ ମଧୁଚନ୍ଦ୍ରିକା ହେଉ ବାସ୍ତବରେ ସରକାରୀ ଯୋଜନା ପ୍ରକୃତ ସ୍ଥାନରେ ପହଞ୍ଚି ପାରୁନାହିଁ। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶିମିଳିପଦର ପଞ୍ଚାୟତରେ ଏପରି ଏକ ସମସ୍ୟା ଦେଖାଦେଇଛି। ଏହି ପଞ୍ଚାୟତଟି ମୋଟ ୧୩ଟି ରାଜସ୍ୱ ଗ୍ରାମକୁ ନେଇ ଗଠନ ହୋଇଥିବାବେଳେ ୧୬ଟି ୱାର୍ଡ ରହିଛି। ଆଜି ସୁଦ୍ଧା ପଞ୍ଚାୟତର କୌଣସି ଗ୍ରାମରେ ଶ୍ମଶାନଘାଟ ଟିଏ ନିର୍ମାଣ କରାଯାଇନାହିଁ। ଏହାଫଳରେ ଶବକୁ ସମ୍ମାନ ଦେବା ପରିବର୍ତ୍ତେ ଯେ କୌଣସି ସ୍ଥାନରେ ପୋଡ଼ି ଦିଆଯାଉଛି; କିନ୍ତୁ ଅତି ବିଡ଼ମ୍ବନାର ବିଷୟ କଣ୍ଟାମାଳ ବ୍ଲକର ସମସ୍ତ ପଞ୍ଚାୟତଙ୍କ ପ୍ରତ୍ୟେକ ଗ୍ରାମଗୁଡିକରେ ଶ୍ମଶାନଘାଟ ନିର୍ମାଣ ହୋଇଥିବାବେଳେ କେବଳ ଶିମିଳିପଦର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହାଫଳରେ ପଞ୍ଚାୟତବାସୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଅନୁଗୋଳ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

# ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଦିଆଗଲା ସମ୍ବର୍ଦ୍ଧନା

ଅନୁଗୋଳ, ୨୯ ।୫(ସମିସ)



ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପକ୍ଷରୁ ଏକ ସଭା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରୀକ୍ଷା ନିୟନ୍ତ୍ରକ ରୀନା ମାର୍ଣ୍ଡି, ପ୍ରାଣୀ ବିଜ୍ଞାନ ମୁଖ୍ୟ ସୁଶାନ୍ତ କୁମାର ପ୍ରଧାନ, ଡେପୁଟି ନିୟନ୍ତ୍ରକ ପ୍ରଭାତୀ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଏବଂ କଲେଜ କର୍ମଚାରୀମାନେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ସାହୁ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ।

ସ୍ନାତକ କଳାରେ ୮୩.୩୯ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୯୬.୨୩ ପ୍ରତିଶତ, ବାଣିଜ୍ୟରେ ୭୪.୮୫, ବିବିଏରେ ୮୬ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକ କଳା ଅର୍ଥନୀତିରେ ଲିପ୍ସା ସାହୁ ୭.୭୯ ସିଜିପିଏ ରଖି ଟପ୍ପର୍ ହୋଇଛନ୍ତି। ସେହିପରି ଶିକ୍ଷାରେ ବର୍ଷା ପ୍ରିୟଦର୍ଶିନୀ ମହାନ୍ତି ୮.୨୧ ସିଜିପିଏ, ଇଂରାଜୀରେ ବର୍ଷା ପ୍ରିୟଦର୍ଶିନୀ ନାଏକ ୭.୬୪ ସିଜିପିଏ ରଖି ଟପ୍ପର୍ ହୋଇଛନ୍ତି। ଭୂଗୋଳରେ ସୁଚିତ୍ରା ସାହୁ, ୯.୩୬, ଇତିହାସରେ ସାନିଆ ସାହୁ ୮.୯୩ ଓଡ଼ିଆରେ ଅର୍ଚ୍ଚିତା ସାହୁ ୮.୭୯, ଦର୍ଶନରେ ସୁନୀଲ କୁମାର ସାହୁ ୭.୮୬, ରାଜନୀତି ବିଜ୍ଞାନରେ ଆଦ୍ୟାଶା ନାୟକ ୮.୭୯, ସଂସ୍କୃତରେ ସୁନନ୍ଦା ସାହୁ ୮.୧୪, ସୋସିଓଲୋଜିରେ ପ୍ରଜ୍ଞାଦତ୍ତ ନାୟକ ୮.୫୦ ଏବଂ ହିନ୍ଦୀରେ ଇଶାରାଣୀ ନାଏକ ୮.୨୧ ସିଜିପିଏ ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଉଦ୍ଭିଦ ବିଜ୍ଞାନରେ ଜଗଦ୍ଧାତ୍ରୀ ପ୍ରିୟଦର୍ଶିନୀ ମହାଲିକ ୯.୨୧, କେମିଷ୍ଟ୍ରୀରେ ଅସିତ୍ କୁମାର ଦେହୁରୀ ୧୦.୦, ଗଣିତରେ ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର ୮.୭୧, ଫିଜିକ୍ସରେ ପ୍ରସ୍ମିତା ପ୍ରଧାନ ୯.୩୬, ଜୁଲୋଜିରେ ମିନାଲି ପ୍ରଧାନ ୯.୫୭, କମ୍ପ୍ୟୁଟର ବିଜ୍ଞାନରେ ଶୁଭଶ୍ରୀ ପାଣି ୯.୧୪ ଏବଂ ଜିଓଲୋଜିରେ ଜ୍ୟୋତିର୍ମୟୀ ସାହୁ ୭.୮୬ ସିଜିପିଏ ରଖି ଟପ୍ପର୍ ହୋଇଛନ୍ତି। ବାଣିଜ୍ୟରେ ଅନୁରକ୍ତ ଦାସ ୮.୭୯ ଏବଂ ବିବିଏରେ ଦେବମାଲ୍ୟ ଧର ୭.୮୦ ସିଜିପିଏ ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି।

ସ୍ନାତକୋତ୍ତର ରାଜନୀତି ବିଜ୍ଞାନରେ ପ୍ରଫୁଲ୍ଲ କୁମାର ପ୍ରଧାନ, ଅର୍ଥନୀତିରେ ପ୍ରତୀକ୍ଷା ପାତ୍ର, ଓଡ଼ିଆରେ ଶୁଭସ୍ମିତା ଦାସ, ଶିକ୍ଷାରେ ସୁଦୀପ୍ତା ପ୍ରିୟଦର୍ଶିନୀ ଦାସ, ଇଂରାଜୀରେ ରୋଶନୀ ଦାସ, ଇତିହାସରେ ଐଶ୍ୱର୍ଯ୍ୟା ତ୍ରିପାଠୀ, ସଂସ୍କୃତରେ ରାକ୍ଷୀ ପ୍ରଧାନ, ସୋସିଓଲୋଜିରେ କରିନା ପ୍ରିୟଦର୍ଶିନୀ ସାହୁ, ଭୂଗୋଳରେ ପାୟଲ ସାହୁ, ଦର୍ଶନରେ ରଶ୍ମିତା ବେହେରା ଟପ୍ପର୍ ହୋଇଛନ୍ତି। ଫିଜିକ୍ସରେ ଏସଏସ ପଟ୍ଟନାୟକ, ଜୁଲୋଜିରେ ମୋନିକା ନାୟକ, ବଟନିରେ ସୁଚିସ୍ମିତା ସାହୁ, କେମିଷ୍ଟ୍ରୀରେ ସସ୍ମିତା ଦାସ, କମ୍ପ୍ୟୁଟର ବିଜ୍ଞାନରେ ଟି ସାହୁ, ଗଣିତରେ ବର୍ଷାରାଣୀ ବେହେରା ଟପ୍ପର୍ ହୋଇଛନ୍ତି। ବାଣିଜ୍ୟରେ ବିଶ୍ୱନାଥ ମିଶ୍ର, ଏମସିଏରେ ରିତେଶ ବିଶ୍ୱାଳ ଏବଂ ଆଇଏମ୍‌ବିଏରେ ସନ୍ଦୀପ ସାହୁ ଟପ୍ପର୍ ହୋଇଛନ୍ତି। ଏହାଛଡ଼ା ସ୍ନାତକୋତ୍ତର ଜୁଲୋଜିର ମୋନିକା ନାୟକ ୯.୯୦ ସିଜିପିଏ ରଖି କଲେଜ୍‌ର ସର୍ବଶ୍ରେଷ୍ଠ ଛାତ୍ରୀ ଏବଂ କେମିଷ୍ଟ୍ରୀ ସ୍ନାତକରେ ଅସିତ୍ କୁମାର ଦେହୁରୀ ୯.୭୬ ସିଜିପିଏ ରଖି କଲେଜ୍‌ର ଶ୍ରେଷ୍ଠ ସ୍ନାତକ ଛାତ୍ର ଭାବେ ପୁରସ୍କୃତ ହୋଇଛନ୍ତି। ଅଧ୍ୟାପକ ମନୋରଞ୍ଜନ ମିଶ୍ରଙ୍କ ସୌଜନ୍ୟରୁ କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦ୍ୱିତୀୟ ଥର ସମ୍ବର୍ଦ୍ଧିତ ହେଲେ ଡ. ମନୋରଞ୍ଜନ ପଣ୍ଡା

ଅନୁଗୋଳ, ୨୯ ।୫(ସମିସ): ନ୍ୟାସନାଲ ଏଜୁକେସନ ଫୋରମ୍, ନୂଆଦିଲ୍ଲୀର ୨୦୨୫-୨୬ ବାର୍ଷିକ ସମ୍ମିଳନୀ ପରିପ୍ରେକ୍ଷୀରେ ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କୁ ଦ୍ୱିତୀୟ ଥର ସମ୍ବର୍ଦ୍ଧିତ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏହି ସମ୍ମିଳନୀରେ ଡ. ମନୋରଞ୍ଜନ ପଣ୍ଡାଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ନିବନ୍ଧ 'ଜାତୀୟ ଶିକ୍ଷାନୀତି-୨୦୨୦: ସମ୍ଭାବନା ଏବଂ ଆହ୍ୱାନ-୨' ଜାତୀୟ ସ୍ତରର ବିଚାରକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଡ. ପଣ୍ଡା ପ୍ରଥମ ପ୍ରତିଯୋଗୀ ଭାବେ ଲଗାତର ୨୦୨୪-୨୫ ଏବଂ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଫୋରମ୍ ତରଫରୁ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଭାରତର ବିଭିନ୍ନ




ରାଜ୍ୟରୁ ଶିକ୍ଷାବିତ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ମତାମତ ସଂଗ୍ରହ କରି ଜାତୀୟ ମଞ୍ଚରେ 'ଜାତୀୟ ଶିକ୍ଷାନୀତି-୨୦୨୦'ର ଶ୍ରେଣୀଗୃହରେ ସଠିକ୍ ପ୍ରୟୋଗ ପାଇଁ ବିଭିନ୍ନ ପ୍ରକ୍ରିୟା, ଆଲୋଚନା ଏବଂ ପର୍ଯ୍ୟାଲୋଚନା ପରେ ଶିକ୍ଷା ମନ୍ତ୍ରଣାଳୟର ଅନୁମୋଦନ ପାଇଁ ପଠାଇ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଏକ ପ୍ରମୁଖ ମଧ୍ୟମ ହେଉଛି ଏନଇଏଫ୍। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ରଜାଙ୍ଗ ଗ୍ରାମର ନଳିନୀପ୍ରଭା ପଣ୍ଡା ଏବଂ ବାସୁଦେବ ପଣ୍ଡାଙ୍କ ପୁଅ ଡ. ପଣ୍ଡାଙ୍କୁ ଏହି ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ସହ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଅଭିଭାବକ, ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବନ୍ୟ ପ୍ରାଣୀ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ



କିଶୋରନଗର, ୨୯ ।୫(ସମିସ): ଅନୁଗୁଳ ବନଖଣ୍ଡ କଣିହାଁ ବନାଞ୍ଚଳ ଓ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ସହଯୋଗରେ ମେ ୨୮ ଓ ୨୯ ଦୁଇଦିନ ଧରି ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ବୈଠକ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କଣିହାଁ ବନାଞ୍ଚଳର ସଂସାମରା, ଲୁହାମୁଣ୍ଡା, ଚିନ୍ତାମଣିପୁର, ପୋଡ଼ାଗଡ଼, ଲୋଧାଝରି ଗ୍ରାମରେ ଆଠମଲ୍ଲିକ ବ୍ଲକ ହରିଡ଼ାକୋଠା ଗ୍ରାମର ବାବା ଭୁବନେଶ୍ୱର ଦଣ୍ଡନୃତ୍ୟ ସଂଘ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗ୍ରାମସଭା ମାଧ୍ୟମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା, ବନାଗ୍ନି ନିରାକରଣ, ବୃକ୍ଷରୋପଣ ଓ ଜଙ୍ଗଲ ବୃଦ୍ଧି ଉପରେ ସଚେତନତା କରାଯାଇଥିଲା। ଜଙ୍ଗଲ ଉପରେ ମନୁଷ୍ୟ ଓ ସମଗ୍ର ଜୀବଜଗତର ନିର୍ଭରଶୀଳତା, ଜଙ୍ଗଲ ନଷ୍ଟ ହେଉଥିବାରୁ ବନ୍ୟା ପ୍ରାଣୀମାନେ ପାଉଥିବା କଷ୍ଟ ଓ ଧନଜୀବନ ହାନି ଓ ସେଥିପାଇଁ ବ୍ୟବସ୍ଥା ଓ ଲୋକଙ୍କ ଭୂମିକା ଉପରେ ଆଲୋଚନା କରିବା ସହ ସରକାରଙ୍କ କାର୍ଯ୍ୟକ୍ରମ ଓ ଯୋଜନା ସମ୍ବନ୍ଧରେ ଅବଗତ କରାଯାଇଥିଲା। କଣିହାଁ ବନାଞ୍ଚଳର ବନପାଳ ପ୍ରଦୀପ କୁମାର ପ୍ରଧାନ, ପଙ୍କଜ କୁମାର ବେହେରା, ବନରକ୍ଷୀ ସୁପ୍ରଭା ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ, ମନୋଜ କୁମାର ନାୟକ, ନରୋତ୍ତମ ଦେହୁରି, ଉର୍ମିଳା କିଶାନ, ଦଣ୍ଡନୃତ୍ୟ ଦଳପତି ମନ୍ମଥ ଭୁରୁଭୂରୀ, ବିଶ୍ୱ ଯୁବକେନ୍ଦ୍ର କର୍ମୀ ଅଭୟ ଚରଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଣିହାଁ ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ ଉଦଯାପିତ

### ଖୁବଶୀଘ୍ର ମିଳିବ ୧୩ ଲକ୍ଷ ଆବାସ ଓ ୬ ଲକ୍ଷ ଭତ୍ତା: ମନ୍ତ୍ରୀ




ଅନୁଗୋଳ, ୨୯ ।୫(ସମିସ): ଅନୁଗୋଳ ଜିଲ୍ଲାରେ ବିଜେପିର ଦୁଇଦିନିଆ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନର ଅନ୍ତିମ ଦିବସରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଖୁବଶୀଘ୍ର ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ଘର, ଅନ୍ତ୍ୟୋଦୟ ଯୋଜନାରେ ୩ ଲକ୍ଷ ଘର ସହ ୬ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଭାରୀ ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇ ଅନୁଗୋଳ ଜିଲ୍ଲାରେ ବିଜେପି ବିଗତ ନିର୍ବାଚନରେ ସାଙ୍ଗଠନିକ ଶକ୍ତି ଯୋଗୁଁ ସଫଳତା ପାଇଛି ଏବଂ ଆଗାମୀ ଦିନରେ କାର୍ଯ୍ୟକର୍ତ୍ତା ସରକାରଙ୍କ କାର୍ଯ୍ୟକୁ ନେଇ ଲୋକଙ୍କ ପାଖରେ ପହଞ୍ଚାଇ ସଂଗଠନକୁ ସର୍ବବ୍ୟାପୀ କରିବା ପାଇଁ କହିଥିଲେ। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ବିଜେପି ତ୍ୟାଗ ତପସ୍ୟା ବଳିଦାନର ପାର୍ଟି ବୋଲି କହିଥିଲେ। ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରଶିକ୍ଷଣ ସଂଯୋଜକ ଦିଲେଶ୍ୱର ପ୍ରଧାନ, ପ୍ରଶିକ୍ଷଣ ପ୍ରଭାରୀ ରାଧାକାନ୍ତ ମହନ୍ତ, ବର୍ଗ ପ୍ରମୁଖ ସୁଦୀପ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ପ୍ରଭାତ ପ୍ରଧାନ ଓ ନୃସିଂହ ବରାଳ, ନିୟନ୍ତ୍ରକ ବିଜୟ ମାଝୀ ଓ ଶୁଚିସ୍ମିତା ତ୍ରିପାଠୀ, ବ୍ୟବସ୍ଥା ପ୍ରମୁଖ ରତ୍ନାକର ସାହୁ, ସହ ବ୍ୟବସ୍ଥା ପ୍ରମୁଖ ବସନ୍ତ ମଞ୍ଜରୀ ପ୍ରଧାନ ଓ ସିଦ୍ଧାର୍ଥ ରାଉତରାୟ, ପ୍ରଦର୍ଶନୀ ମନୋଜ ପ୍ରଧାନ, ପ୍ରତ୍ୟୁଷ ପଣ୍ଡା ଓ ରୋଜାଲିନ ଦାସ, ଯୋଗ ଅଭୟ ରାୟ, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ବିଶ୍ୱଜିତ ମିଶ୍ର, ପଵନ କୁମାର ମାଣ୍ଡୋଟିଆ, ମିଳାପ ପ୍ରଧାନ, ସମୀର ପରିଡ଼ାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦୁଇ ଦିନର ସତ୍ରରେ ପ୍ରଥମ ସତ୍ର ବୈଚାରିକ ଅଧିଷ୍ଠାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଦ୍ୱିତୀୟ ସତ୍ର ବିଚାର ପରିବାର ଗୋଲକ ପ୍ରସାଦ ମହାପାତ୍ର, ତୃତୀୟ ସତ୍ର ବୁଥ ପ୍ରବନ୍ଧନ ସୀମାଞ୍ଚଳ ଖଟେଇ, ଚତୁର୍ଥ ସତ୍ର ରାଷ୍ଟ୍ର ସମ୍ମୁଖରେ ଆହ୍ୱାନ ବିକଶିତ ଭାରତ-୨୦୪୭ ପ୍ରଶାନ୍ତ କୁମାର ସାହୁ, ପଞ୍ଚମ ସତ୍ର କେନ୍ଦ୍ର ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସଞ୍ଜୟ ରଥ, ଷଷ୍ଠ ସତ୍ର ବ୍ୟବହାରିକ ସତ୍ର ସିପ୍ରା ବାଜପେୟୀ, ସପ୍ତମ ସତ୍ର କାର୍ଯ୍ୟ ବିସ୍ତାର ପାଇଁ ଦୃଷ୍ଟିକୋଣ ଅଶୋକ ମିଶ୍ର, ଅଷ୍ଟମ ସତ୍ର କାର୍ଯ୍ୟ ପଦ୍ଧତି କିଶୋର ପଣ୍ଡା, ନବମ ସତ୍ର ମିଡିଆ ଓ ସାମାଜିକ ଗଣମାଧ୍ୟମ ସୁଜିତ କୁମାର ଦାସ ଓ ଜ୍ୟୋତିରଞ୍ଜନ ନାୟକ, ଦଶମ ସତ୍ର କାର୍ଯ୍ୟ ପଦ୍ଧତି ବାସୁଦେବ ବାରିକ, ଏକାଦଶ ସତ୍ର ଇତିହାସ ଓ ବିକାଶ କାଳନ୍ଦୀ ସାମଲ, ଦ୍ୱାଦଶ ସତ୍ରରେ ପଞ୍ଚାୟତ ପୌର ସମବାୟ ନିର୍ବାଚନ ଉପରେ ମନ୍ତ୍ରୀ ରବି ନାରାୟଣ ନାଏକ ବିଷୟ ରଖିଥିଲେ।

## ରୋଟାରୀ ଜିଲ୍ଲା ୩୨୬୨ ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ




ଅନୁଗୋଳ, ୨୯ ।୫(ସମିସ): ରୋଟାରୀ ଜିଲ୍ଲା ୩୨୬୨ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ ରୋଟାରୀ କ୍ଲବ ଅନୁଗୋଳ ରୟାଲ୍ ପରିଦର୍ଶନରେ ଆସି କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ତଥା ପରିଚାଳନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ଲବ୍ ସଭାପତି ରୋଟାରିଆନ ଡା. କୁମାର୍ ସୋମ୍ୟକାନ୍ତ ବିଶୋଇଙ୍କ ନେତୃତ୍ୱରେ ସ୍ଥାନୀୟ ଏକ ହୋଟେଲ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପାଦକ ରୋଟାରିଆନ ନୀହାର ରଞ୍ଜନ ପ୍ରସାଦ ଚଳିତ ବର୍ଷ ହୋଇଥିବା ସମସ୍ତ ଉନ୍ନୟ କାର୍ଯ୍ୟକ୍ରମ ତଥା ଏହାର ସାମାଜିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ନିଜ ବକ୍ତବ୍ୟରେ ରୋଟାରିଆନମାନେ ଅଧିକ ସକ୍ରିୟ ହୋଇ ଜନସେବାରେ ସମର୍ପିତ ହେବାକୁ ପରାମର୍ଶ ଦେବା ସହ କ୍ଲବ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ ଅସିଷ୍ଟାଣ୍ଟ ଗଭର୍ଣ୍ଣର ଦେବବ୍ରତ ଭଞ୍ଜ ରୋଟାରୀ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବାକୁ ଅନୁରୋଧ କରିଥିଲେ। ରୋଟାରୀ ରୟାଲର ସଦସ୍ୟ ରୋଟରିଆନ ବିଷ୍ଣୁପ୍ରିୟା ଭୂୟାଁ ଏବଂ ଆନନ୍ଦ ଚନ୍ଦ୍ର ରାଉଳଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୁଇଟି ବ୍ୟାଟେରୀ ଚାଳିତ ଗାଡ଼ି ସହ ଷ୍ଟ୍ରେଚର ଦାନ କରିଥିବାରୁ, ତାଙ୍କର ଏହି ମହତ କାର୍ଯ୍ୟକୁ ପ୍ରଂଶସା କରିଥିଲେ। ଡା. ପ୍ରଭାତ କୁମାର ପଣ୍ଡା, ଡା. ମାଇକେଲ ଜନ, ମିଲନ କୁମାର ଅଗ୍ରୱାଲ, ଡା. ବିଚ୍ଛନ୍ଦ ପ୍ରଧାନ, ଅନିଲ ଗୁପ୍ତା, ମୁରାରୀଲାଲ ଅଗ୍ରୱାଲ, ମଧୁ ଗୁପ୍ତା, ମଧୁସୂଦନ ଶର୍ମା, ଡା. ରଶ୍ମିତା ଭଞ୍ଜଦେଓ, ଡା. ଦେବାଶିଷ ପ୍ରଧାନ, ଡା. ପୁଷ୍ପାଞ୍ଜଳି ପ୍ରଧାନ, କିରଣ ଅଗ୍ରୱାଲ, ଡା. ଶଶାଙ୍କ ଶେଖର ସାହୁ, ଜୟପ୍ରକାଶ ମୋଦି, ସରିତା ସାହୁ, ଉର୍ମିଳା ଅଗ୍ରୱାଲ, ପୂଜା ମୋଦୀ, କୈଳାସ ଅଗ୍ରୱାଲ, ବିକାଶ ମୋଦି, କହ୍ନେୟା ଚୌଧୁରୀ, ପ୍ରକାଶ ଅଗ୍ରୱାଲ, ମମତା ଚୌଧୁରୀ, ଡା. ବିଶ୍ୱଜିତ୍ ସାମଲ, ଶୀତଲ ଅଗ୍ରୱାଲ, ସଞ୍ଜୀବ ଦେହୁରୀ, ଶ୍ରବଣ ମଲିକ ପ୍ରମୁଖ ସହଯୋଗ କରିଥିଲେ। ବାଣୀ ଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମ୍ବିକା ପ୍ରସାଦ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

● ରାତ୍ରିକାଳୀନ କ୍ରିକେଟ ମ୍ୟାଚ୍

## ବଡ଼ଡଙ୍ଗିଆଣୀକୁ ହରାଇ ବଇଣ୍ଠା ଚାମ୍ପିଅନ

କିଶୋରନଗର, ୨୯ ।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ହତାଶିମିଳି ହନୁମାନ ମନ୍ଦିରପଡ଼ିଆ ଠାରେ ବୀର ବଜରାଙ୍ଗୀ କ୍ଲବ ହତାଶିମିଳି ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଉଦଯାପିତ ହୋଇଛି. ଏହି ଖେଳ ତିନି ଦିନ ଧରି ଚାଲିଥିଲା. ପ୍ରଥମେ ବଡ଼ ଡ଼ଙ୍ଗୀଆଣି ଟିମ ଟସ ଉଇନ କରି ବୋଲିଙ୍ଗ କରିଥିଲା ଆଠ ଓଭରରେ ବଇଣ୍ଠା ଟିମ ୭୩ରନ କରିଥିଲା ଓ ବଡ ଡଙ୍ଗିଆଣୀ ୬୫ରନ କରି ପରାସ୍ତ ହୋଇଥିଲା. ଦ୍ୱିତୀୟ ମ୍ୟାଚରେ ଛଅ ଓଭର ବିଶିଷ୍ଟ ହୋଇଥିଲା ବଡ ଡଙ୍ଗିଆଣୀ ଜିତିଥିଲା. ତୃତୀୟ ମ୍ୟାଚ ଚାରି ଓଭର ବିଶିଷ୍ଟ ହୋଇଥିଲା. ବଡ଼ ଡ଼ଙ୍ଗୀଆଣୀ ଟସ ଜିତି ବ୍ୟାଟିଙ୍ଗ କରି ଚାରି ଓଭରରେ ୫୧ରନ କରିଥିଲା ଓ ଜବାବରେ ବଇଣ୍ଠା ଟିମ ୫୪ରନ କରି ବିଜୟୀ ହୋଇଥିଲା. ଏହି ଖେଳ ସିରିଜ ମ୍ୟାଚ ହୋଇଥିଲା.ଏଥିରେ ମୁଖ୍ୟ ଅତିଥିଭାବେ ଓମ ଏଣ୍ଟରପ୍ରାଇଜ ପ୍ରପାଇଟର ମାନସ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରମୋଦ ନାୟକ, ନନ୍ଦ କିଶୋର ନାୟକ, ଯୁବ ଉଦ୍ୟଗି ବିଭୁ ସେନାପତି, ଗ୍ରାମ ସଭାପତି ଭରତ ସାହୁ, ସମ୍ପାଦକ ପ୍ରବୀଣ ବିଶ୍ୱାଳ, ମାମୁଲ ବିଶ୍ୱାଳ, ଭାଜପା ପଞ୍ଚାୟତ ସଭାପତି ଅଜିତ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ. ଏହି ଖେଳକୁ ଓମ୍ପାୟର ଭାବେ ପରିଚାଳନା କରିଥିଲେ ପ୍ରବୀଣ ସାହୁ ଓ ହିମାଂଶୁ ସ୍ୱାଇଁ ଏବଂ ଧାରା ବିବରିଣୀ ପ୍ରଦାନ କରିଥିଲେ ବାସୁଦେବ ଦେହୁରୀ.ଏହି ଖେଳକୁ ସହଯୋଗ କରିଥିଲେ ବୀର ବଜରଙ୍ଗ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଅନୁଗୋଳ, ୨୯ ।୫(ସମିସ): ଅନୁଗୋଳ ଲାଇଟ୍ ହାଉସ ଆନୁକୂଲ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ 'ଉକ୍ରର୍ଷ ପରିବାର' ପକ୍ଷରୁ ଲାଇଟ ହାଉସ ପ୍ରଶିକ୍ଷଣ ଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ସମାଜକୁ ତମାଖୁ ଓ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ସଭାରେ ଲାଇଟ୍ ହାଉସର କେନ୍ଦ୍ର ମୁଖ୍ୟ ରାଜେଶ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ଗୌରବ ଆୱାର୍ଡ ବିଜେତା ତଥା ବରିଷ୍ଠ ସମାଜସେବୀ ପର୍ଶୁରାମ ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଗୋଳର ଏନସିଡି ସହକାରୀ ମ୍ୟାନେଜର ଅଜିତ କୁମାର ତ୍ରିପାଠୀ, ଜିଲ୍ଲା ନିଶା ନିବାରଣ କେନ୍ଦ୍ରର ସାଇକ୍ରାଟିକ୍ ସୋସିଆଲ୍



ୱାର୍କର୍ ଲିଙ୍ଗରାଜ ବେହେରା ଏବଂ 'ଉତ୍କର୍ଷ ପରିବାର'ର ସଭାପତି ଭୀଷ୍ମ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତମାଖୁ ସେବନ ଦ୍ୱାରା ସୃଷ୍ଟି ହେଉଥିବା ମାରାତ୍ମକ ରୋଗ, ବିଶେଷ କରି କର୍କଟ ରୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢ଼ି କିଭଳି ନିଶା କବଳରୁ ମୁକ୍ତ ରହି ଏକ ସୁସ୍ଥ ମାନସିକତା ସହ ସମାଜ ଗଠନରେ ନିଜକୁ ନିୟୋଜିତ କରିବେ, ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିସହ ନିଶାମୁକ୍ତି କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଉପଲବ୍ଧ ବିଭିନ୍ନ ସରକାରୀ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରି ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ। ସୁସ୍ମିତା ବାରିକ ମଞ୍ଚ ପରିଚାଳନା କରିଥିଲେ। ଲାଇଟ ହାଉସର କର୍ମକର୍ତ୍ତା ଯଶୋବନ୍ତ ପରିଡ଼ା, ଶଙ୍କର୍ଷଣ ସାହୁ, ଅନୁଷ୍ଠାନର ସଦସ୍ୟ ହୋମଦ୍ୟୁତି ବେହେରା ଏବଂ ରାଜୀବ ଲୋଚନ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆଧାରକାର୍ଡ ସଂଶୋଧନ ପାଇଁ ଲୋକେ ଦହଗଞ୍ଜ

ତାଳଚେର, ୨୯ ।୫(ସମିସ)




ଆଜିକା ଦିନରେ ଯେକୌଣସି କାର୍ଯ୍ୟ ହେଉ କି, ସରକାରୀ, ବେସରକାରୀ କ୍ଷେତ୍ରରେ ଆଧାର ପ୍ରମାଣପତ୍ର ନିତାନ୍ତ ଜରୁରୀ ହୋଇପଡ଼ିଛି। ଏପରିକି, ବିନା ଆଧାରରେ ଲୋକଙ୍କ କୌଣସି କାର୍ଯ୍ୟ ହେଉ ନାହିଁ। ସରକାରଙ୍କ ପକ୍ଷରୁ ଯେକୌଣସି ଯୋଜନା ପ୍ରଣୟନ କରାଯାଉଛି ସେହି ଯୋଜନାକୁ ଯୋଗ୍ୟ ହିତାଧିକାରୀମାନେ ପାଇବା ଆଶାରେ ପ୍ରଥମେ ନିଜ ଆଧାରକାର୍ଡ ଦେଖୁଛନ୍ତି। ଆଧାର ପ୍ରମାଣପତ୍ରରେ କାହାର ନାମ ସଠିକ ନ ଥିବା ବେଳେ କାହାର ପିତାଙ୍କ ନାମ, କିମ୍ବା ମୋବାଇଲ ନମ୍ବର ବିହୀନ ଆଧାରକାର୍ଡ ରହିଛି। ତେବେ ଏସବୁର ସଂଶୋଧନ କରିବାକୁ ହେଲେ ଲୋକଙ୍କୁ ବହୁ ହଇରାଣ ହରକତ ହେବାକୁ ପଡୁଛି। ବର୍ତ୍ତମାନ ସରକାରଙ୍କ ଦ୍ୱାରା ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଥିବାରୁ ମହିଳାମାନେ ଜନସେବା କେନ୍ଦ୍ରରେ ଲମ୍ବାଧାଡ଼ି କରି ଅନଲାଇନ୍ ଆବେଦନ କରୁଛନ୍ତି। କିଛି ମହିଳାଙ୍କ ଆଧାରକାର୍ଡ ତ୍ରୁଟି ଯୋଗୁଁ ସେମାନେ ଆଧାର କେନ୍ଦ୍ରରେ ମଧ୍ୟ ଭୋକ ଉପାସରେ ଦୀର୍ଘ ସମୟ ଅପେକ୍ଷା କରି ରହୁଛନ୍ତି। କିଛିଦିନ ହେବ ବ୍ୟାଙ୍କ, ଜନସେବା କେନ୍ଦ୍ର, ପୋଷ୍ଟଅଫିସ୍ ଓ ଆଧାର କେନ୍ଦ୍ରରେ ନାହିଁ ନ ଥିବା ଭିଡ଼ ଲାଗି ରହୁଛି। କିଛି ଲୋକଙ୍କ ଆଧାରକାର୍ଡ ସଂଶୋଧନ ହେଉଥିବା ବେଳେ ଆଉ କିଛି ଲୋକ ବିରକ୍ତ ହୋଇ ନିରାଶରେ ଫେରୁଥିବା ଲକ୍ଷ୍ୟ କରାଯାଉଛି। ଆଧାର ସଂଶୋଧନ କରିବା ଲାଗି କାମଧନ୍ଦା ବନ୍ଦକରି ଆସିବାକୁ ପଡୁଛି। ଯଦି ହଠାତ୍ କୌଣସି କାମ ପଡ଼ିଯାଏ ତେବେ ତାହା କରିବା ସମ୍ଭବ ହେଉନାହିଁ ଓ ଏହାକୁ ନେଇ ବହୁ ହଇରାଣ ହରକତ ମଧ୍ୟ ହେବାକୁ ପଡୁଛି। ଅପରପକ୍ଷେ ଯେଉଁମାନେ ଆଧାର ପ୍ରମାଣପତ୍ର ସଂଶୋଧନ କରୁଛନ୍ତି, ସେମାନଙ୍କୁ ନୂଆ ଆଧାରକାର୍ଡ ପାଇବାକୁ ଆଉ ଏକ ସପ୍ତାହ ଅପେକ୍ଷା କରିବାକୁ ପଡୁଛି। ତେଣୁ ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲୋକଙ୍କ ସୁବିଧା ନିମନ୍ତେ ସଂଶୋଧନ ପ୍ରକ୍ରିୟାକୁ ସରଳୀକରଣ କରିବାକୁ ଦାବି ହେଉଛି।

■ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ସମାବେଶ

# ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି




ରାୟଗଡ,୨୯।୫(ସମିସ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାୟଗଡ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ରଣନୀତି ଆରମ୍ଭ ହୋଇଛି। ଗାଁ ସ୍ତରରେ ସଂଗଠନକୁ ଶକ୍ତିଶାଳୀ କରିବା ସହ ଜନସମ୍ପର୍କ ବଢ଼ାଇବାକୁ ନେତୃତ୍ୱ ଗୁରୁତ୍ୱ ଦେଇଛନ୍ତି। ଜିଲ୍ଲାର କୋଲନରା ବ୍ଲକ ସଦର ମହକୁମାରୁ ଆଜି ହଜାର ହଜାର ସମର୍ଥକଙ୍କ ଗହଣରେ ଏକ ରାଲି ଅମ୍ଲାଭଟା ସ୍ଥିତ ଶ୍ରୀକ୍ଷେତ୍ର ଟାଉନ୍‌ସିପ ପରିସର ପଡିଆରେ ପହଞ୍ଚିବା ପରେ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ଆବାହକ ତଥା ସଭାପତି ବରିଷ୍ଠ ନେତା ଏନ. ଭାସ୍କର ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶ ସଭାରେ ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା,ବରିଷ୍ଠ ଆଦିବାସୀ ନେତ୍ରୀ ବାମୁଣୀ ମିନିୟାକା, ଚନ୍ଦ୍ରକାନ୍ତ ସାମଲ, ବାନାଗଡି ତିରୁପତି, ଶ୍ରମିକ ନେତା ନିରଞ୍ଜନ ପାତ୍ର, ଦୁଡଲା ଶ୍ରୀନିବାସ, ହର ପ୍ରସାଦ ହେପୃକାଙ୍କ ସମେତ ସ୍ଥାନୀୟ କୋଲନରା ବ୍ଲକର ସମର୍ଥିତ ଜନ ପ୍ରତିନିଧି, ବରିଷ୍ଠ ନେତା କର୍ମୀମାନେ ଉପସ୍ଥିତ ରହିଥିଲେ। ମଞ୍ଚ ଗଠନର ଆଭିମୁଖ୍ୟ ଏବଂ ଲୋକଙ୍କ ଆଲୋଚନାକୁ ଗୁରୁତ୍ୱ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ମଞ୍ଚ ପକ୍ଷରୁ ଯୋଗ୍ୟ ପ୍ରାର୍ଥୀ ଦିଆଯିବ ବୋଲି ଲାଲ ବିହାରୀ ହିମିରିକା ପ୍ରକାଶ କରିଥିଲେ। ସମାବେଶରେ ମଞ୍ଚାସିନ ନେତୃମଣ୍ଡଳୀ ବିଜୁ ସ୍ୱାଭିମାନ ମଞ୍ଚର ସଭାପତି ଭାସ୍କର ରାଓଙ୍କ ନେତୃତ୍ୱ, କାର୍ଯ୍ୟ ଦକ୍ଷତା, ସାଂଗଠନିକ ଦକ୍ଷତାକୁ ବଖାଣିଥିଲେ। ସେହିପରି ସମାବେଶରେ ଦଳୀୟ କର୍ମୀ, ଯୁବ ଓ ମହିଳା ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗଦେଇ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବାକୁ ଏବଂ ପ୍ରାର୍ଥୀକୁ ନିର୍ବାଚନରେ ବିଜୟ କରିବାକୁ ସଂକଳ୍ପ ନେଇଥିଲେ। ପ୍ରତ୍ୟେକ ଗାଁ ଓ ୱାର୍ଡରେ କର୍ମୀମାନଙ୍କୁ ସକ୍ରିୟ କରି ଲୋକଙ୍କ ନିକଟକୁ ପହଞ୍ଚିବା ପାଇଁ ଯୋଜନା ପ୍ରସ୍ତୁତ ହେବ ଏବଂ ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ଆଗକୁ ବଢ଼ିବାକୁ ସଭାପତି ଭାସ୍କର ରାଓ ଆହ୍ୱାନ ଦେବା ସହ ୫୩ ବର୍ଷର ରାଜନୈତିକ ଜୀବନରେ ଲୋକଙ୍କ ଭଲ ପାଇବା ଓ ସମର୍ଥନକୁ ସେ ପାଥେୟ କରି ବିଜୁ ସ୍ୱାଭିମାନ ମଞ୍ଚ ଗଠନ କରିଛନ୍ତି ବୋଲି କହିଛନ୍ତି। ମୌଳିକ ଅଧିକାର ପାଇଁ ଲୋକେ ଯାହା ଚାହିଁବେ ତାହା କରିବାକୁ ସେ ସମର୍ଥନ ଦେବେ ଓ ପ୍ରୋତ୍ସାହନ କରିବେ ବୋଲି କହିଛନ୍ତି । ରାୟଗଡରେ କିଛି ବ୍ୟକ୍ତି ବିଶେଷଙ୍କ ପାଇଁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ବେଳେ ଆଇନଗତ ଭାବେ ଯାହା ପଦକ୍ଷେପ ନେବା କଥା ତାହା ହେଉ ନ ଥିବାରୁ ଆଗାମୀ ଦିନରେ ମଞ୍ଚ ପକ୍ଷରୁ ଲୋକଙ୍କୁ ସାହାସ ଦେବା ପାଇଁ ଉକ୍ତ ବ୍ୟକ୍ତି ମାନଙ୍କ କାର୍ଯ୍ୟକଳାପ ବିରୁଦ୍ଧରେ ପୋଲିସ ବ୍ୟବସ୍ଥା ମଧ୍ୟରେ ସେମାନଙ୍କୁ ଲୋକ ଲୋଚନକୁ ଆଣିବାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ରାଓ କହିଛନ୍ତି ।

**ନାବାଳିକା ଗଣଦୁଷ୍କର୍ମ ଘଟଣା**

# ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦାବି କଲେ ପୂର୍ବତନ ବିଧାୟକ



୧୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ ପାଇଁ ଏସ୍‌ପିଙ୍କ ପ୍ରତିଶ୍ରୁତି

କୋରାପୁଟ,୨୯।୫(ସମିସ): କୋରାପୁଟ ସଦର ଥାନା ଅନ୍ତର୍ଗତ ବଡ଼ସୁକୁ ଅଞ୍ଚଳରେ ଗତ ୨୫ ତାରିଖରେ ୩ ବର୍ଷର ଶିଶୁ କନ୍ୟାକୁ ଗଣଦୁଷ୍କର୍ମ ଘଟଣାର ତୀବ୍ର ସମାଲୋଚନା କରି ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳ ଓ ଏସପିଙ୍କୁ ଦାବିପତ୍ର ପ୍ରଦାନ କରା ଯାଇଥିଲା ବେଳେ ଅଭିଯୁକ୍ତ ମାନଙ୍କୁ ଫାଶୀ ଦଣ୍ଡ ଦେବା ପାଇଁ କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ ଦାବି କରିଛନ୍ତି। ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର ଗଠନ ପରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଦୁଷ୍କର୍ମ ଓ ହତ୍ୟା ଭଳି ଅପରାଧ ନିୟନ୍ତ୍ରଣ ବାହାରକୁ ଗଲାଣି। ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାରେ ମଧ୍ୟ ଅପରାଧ ବୃଦ୍ଧି ପାଇଛି ବୋଲି ପୂର୍ବତନ ବିଧାୟକ ରଘୁରାମ ପଡାଲ ପ୍ରତିକ୍ରିୟା ଦେଇ ଏ ଦିଗରେ ପୁଲିସ ଅଧିକ ଦାୟିତ୍ୱବାନ ହେବାକୁ ପରାମର୍ଶ ଦେଇଛନ୍ତି। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ଯୁବ ବିଜେଡ଼ି ସଭାପତି ତଥା କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବ୍ଲକ ସଭାପତି ମଣ୍ଟୁ ବେନିଆ, ରାଜୁ ଖରା, ଧନୁର୍ଜୟ ନାୟକ, ଭୀମ ଖିଲ,କାଉନସିଲର କାଦମ୍ବିନୀ ସେଠୀ,ସୁଭଦ୍ରା ମୁଦୁଲି, ମାଲେଶ୍ୱର ରାଓ, ପଦ୍ମା ମୁଦୁଲି, କୃଷ୍ଣ ଖେମୁଣ୍ଡୁ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ୧୦ ଦିନ ମଧ୍ୟରେ ଚାର୍ଜ ସିଟ୍ ଦାଖଲ କରି ମାମଲାର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଏସ୍‌ପି ରୋହିତ ବର୍ମା ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଥାଉକି ଗତ ୨୫ ତାରିଖ ଦିନ ୩ ବର୍ଷର ନାବାଳିକାଙ୍କୁ ସେହି ଅଞ୍ଚଳର ଦୁଇଜଣ ନାବାଳକଙ୍କ ସହ ତିନିଜଣ ଆମ୍ବ ଦେବା ବାହାନାରେ ଡାକି ନେଇ ଦୁଷ୍କର୍ମ କରିଥିଲେ। ପୀଡ଼ିତାଙ୍କ ପରିବାର ଜାଣିବା ପରେ କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ତୁରନ୍ତ ଅଭିଯୁକ୍ତ ଦୁଇ ନାବାଳକ ଓ ଅନ୍ୟ ଜଣକୁ ଗିରଫ କରିଥିଲା। ଗିରଫ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇ ଦିଆ ଯାଇଥିଲା ବେଳେ ଅନ୍ୟ ଜଣେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ହୋମଗାର୍ଡଙ୍କୁ ଆକ୍ରମଣ ମାମଲା, ଅଭିଯୁକ୍ତକୁ ଜେଲ୍

ରାୟଗଡ, ୨୯।୫(ସମିସ): ରାୟଗଡ ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ଠାରେ ଜଣେ କାର୍ଯ୍ୟରତ ହୋମଗାର୍ଡଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଦୋଷୀକୁ ଅଢ଼େଇ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ବରିଷ୍ଠ ଦେୱାନୀ ଅଦାଲତ ଜଜ୍ ଆଶିଷ ପଟ୍ଟନାୟକ। ଏଥିସହ ୫ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଜରିମାନା ଅନାଦେୟ ହେଲେ ଅଧିକ ତିନି ମାସ ଜେଲଦଣ୍ଡ ନିର୍ଦ୍ଦେଶ ରହିଛି। କାରାଦଣ୍ଡ ପାଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ରାଜେନ୍ଦ୍ର ଦୀପ୍। ଘଟଣାରୁ ପ୍ରକାଶ ଯେ, ୨୦୨୧ ମସିହା ଡିସେମ୍ବର ୧୩ ତାରିଖରେ ଟ୍ରାଫିକ ଡ୍ୟୁଟି କରୁଥିବା ବେଳେ ଟ୍ରାଫିକ ନିୟମ ଉଲ୍ଲଂଘନ କରି ଚାଲି ଯାଉଥିବାରୁ ମହିଳା ହୋମଗାର୍ଡ ରୀନା ବିଡିକା ରାଜେନ୍ଦ୍ରଙ୍କ ବାଇକ୍ ଅଟକାଇଥିଲେ। ତେବେ ରାଜେନ୍ଦ୍ର ନ ଅଟକି ଚାଲି ଯାଇଥିଲେ। ପରବର୍ତ୍ତୀ ସମୟରେ ଆସି ରୀନାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରୀନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ଏହି ମାମଲାରେ ଚାନ୍ଦିଲି ଥାନା ପୁଲିସ ରାଜେନ୍ଦ୍ରକୁ ଗିରଫ କରିଥିଲା। ଅଦାଲତ କେସ୍ ନମ୍ବର ସିଟି ୩୨ରେ ଏହି ମାମଲାର ବିଚାରଣା କରି ଅଦାଲତ ଏହି ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ଭାବେ ଭବାନୀ ଶଙ୍କର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ଗୁଣୁପୁର, ୨୯।୫(ସମିସ):

ରାୟଗଡା ଜିଲ୍ଲା ପୁଟାସିଂ ଥାନାରେ ରୁଜୁ ହୋଇଥିବା ଏକ ହତ୍ୟା ଉଦ୍ୟମ ମାମଲାରେ ଗୁଣୁପୁର ଏଡିଜେ କୋର୍ଟର ରାୟ ପ୍ରକାଶ ପାଇଛି। ବିଚାରପତି ଦେବଦତ୍ତ ପଟ୍ଟନାୟକ ଅଭିଯୁକ୍ତ ମଲିତ କାର୍ଯ୍ୟୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାର ତଥ୍ୟ ଅନୁସାରେ, ୨୮ ଏପ୍ରିଲ ୨୦୨୪ ରାତି ପ୍ରାୟ ୧୧ଟା ସମୟରେ ଶ୍ରାବଣ କାର୍ଯ୍ୟୀ ତାଙ୍କ ପରିବାର ସହ ଘର ଛାତ ଉପରେ ଶୋଇଥିବା ବେଳେ ତାଙ୍କ ପେଟର ଡାହାଣ ପାଶ୍ୱର୍ରେ ଏକ ତୀକ୍ଷ୍ଣ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ଟର୍ଚ୍ଚ ଆଲୋକରେ ଆକ୍ରମଣକାରୀଙ୍କୁ ମଲିତ କାର୍ଯ୍ୟୀ ବୋଲି ଚିହ୍ନଟ କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଥିଲା। ଆହତଙ୍କୁ ପ୍ରଥମେ ଗୁଣୁପୁର ଚିକିତ୍ସାଳୟ ଓ ପରେ ବ୍ରହ୍ମପୁର ଏମ୍ କେ ସିଜି ବଡ ମେଡିକାଲକୁ ରେଫର କରାଯାଇଥିଲା। ପୋଲିସ ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ବିଚାର ସମୟରେ ପ୍ରସିକ୍ୟୁସନ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କୁ ବୟାନ କରାଯାଇଥିଲା। ତେବେ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଅଭାବରୁ ନ୍ୟାୟାଳୟ ଅଭିଯୁକ୍ତ ମଲିତ କାର୍ଯ୍ୟୀଙ୍କୁ ଖଲାସ କରିବା ସହ ତୁରନ୍ତ ମୁକ୍ତ କରିବାକୁ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ମଲିତ କାର୍ଯ୍ୟୀଙ୍କ ପକ୍ଷରୁ ଭାଗୀରଥୀ ବାଙ୍ଗାରି ମାମଲା ପରିଚାଳନା କରଥିଲେ।

## ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି,୨୯।୫(ସମିସ):

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡରେ ଅପରେସନ ଅନ୍ତିମ ପ୍ରହାର ଅଧୀନରେ ଚାଲିଥିବା ତଲାସି ଅଭିଯାନ ବେଳେ ଯବାନମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ, ନାରାୟଣପୁର ଜିଲ୍ଲାର କାକୁର ଥାନା ଅଞ୍ଚଳର ଘନ ଜଙ୍ଗଲ ଭିତରେ ମାଓବାଦୀମାନେ ମାଟି ତଳେ ଅସ୍ତ୍ର ଓ ବିସ୍ଫୋରକ ଲୁଚାଇ ରଖିଥିବା ନେଇ ଆଇସମର୍ପଣ କରିଥିବା ମାଓବାଦୀଙ୍କ ଠାରୁ ସୁରକ୍ଷା ବାହିନୀ ଗୁପ୍ତ ସୂଚନା ପାଇଥିଲା। ଏହାପରେ ଯବାନମାନେ ଅଞ୍ଚଳରେ ତଲାସି ଅଭିଯାନ ଚଳାଇଥିଲେ। ଅଭିଯାନ ସମୟରେ ମାଟି ତଳୁ ଏକ ଇନସାସ ରାଇଫଲ, ଦୁଇଟି ସିଙ୍ଗଲ ସଟ୍ ରାଇଫଲ, ଦୁଇଟି ୧୨ ବୋର ରାଇଫଲ, ଜୀବନ୍ତ ଗୁଳି, ପ୍ରାୟ ୨୫ କିଲୋ ଆଇଇଡି ବିସ୍ଫୋରକ, କ୍ଲେମୋର ମାଇନ, ଡିଟୋନେଟର, କୋର୍ଡେକ୍ସ ତାର, ୫୦୦ରୁ ଅଧିକ ବିଜିଏଲ ସେଲ ସହ ବହୁ ସାମଗ୍ରୀ ଜବତ କରାଯାଇଛି। ଏହାସହ ଅସ୍ତ୍ର ନିର୍ମାଣରେ ବ୍ୟବହୃତ ଲେଥ ମେସିନ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଉଦ୍ଧାର ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅଞ୍ଚଳକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରିବା ପାଇଁ 'ଅପରେସନ ଅନ୍ତିମ ପ୍ରହାର' ଆଗାମୀ ଦିନରେ ମଧ୍ୟ ଜାରି ରହିବ।

● ସିଙ୍ଗାପୁର ରୋଡ଼ ଷ୍ଟେସନରେ ୭ଟି ଏକ୍ସପ୍ରେସ ଟ୍ରେନ ରହଣି ଦାବି

## କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଂସଦଙ୍କୁ ଦାବିପତ୍ର ପ୍ରଦାନ



ରାୟଗଡ,୨୯।୫(ସମିସ): ରାୟଗଡ ରେଳ ଡିଭିଜନ ଅନ୍ତର୍ଗତ ରାୟଗଡ - ଟିଟିଲାଗଡ଼ - କୋରାପୁଟ ରେଳ ସେକ୍ସନକୁ ଯୋଡୁଥିବା ସିଙ୍ଗାପୁର ରୋଡ଼ ରେଳ ଷ୍ଟେସନରେ ୭ଗୋଟି ଏକ୍ସପ୍ରେସ ଟ୍ରେନ ରହଣି ନେଇ ଦାବି ହୋଇଛି । ଏ ନେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ଛ ଦାବିପତ୍ରରେ ଜୁନାଗଡ -ଭୁବନେଶ୍ୱର ଏକ୍ସପ୍ରେସ,ଜଗଦଳପୁର - ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ, ଜଗଦଳପୁର - ହାୱାଡା ସମଲେଶ୍ୱରୀ ଏକ୍ସପ୍ରେସ,ବିଶାଖାପାଟଣାମ - ନିଜାମୁଦ୍ଦିନ ସମତା ଏକ୍ସପ୍ରେସ, ପୁରୀ ଅହମ୍ମଦାବାଦ ଏକ୍ସପ୍ରେସ, ବିଶାଖାପାଟଣାମ - ଦୁର୍ଗ ଏକ୍ସପ୍ରେସ ଓ ଟାଟା ଆଲେପି ଧନବାଦ ଏକ୍ସପ୍ରେସ ଟ୍ରେନ ଗୁଡିକ ରହଣି ଦାବି ହୋଇଛି। ସିଙ୍ଗାପୁର ରୋଡ଼ ରେଳ ଷ୍ଟେସନ ଉପରେ ଜେକେପୁର ସହର ସମେତ କୋଲନରା ବ୍ଲକ, କଲ୍ୟାଣସିଙ୍ଗପୁର ବ୍ଲକ ଓ ଆଖପାଖ ଅଞ୍ଚଳର ବହୁ ଲୋକେ ରେଳ ଯାତ୍ରା ପାଇଁ ନିର୍ଭର କରୁଥିବା ବେଳେ ଉକ୍ତ ଟ୍ରେନ ଗୁଡିକ ଏହି ଷ୍ଟେସନରେ ରହୁ ନ ଥିବାରୁ ବାଧ ହୋଇ ଲୋକେ ରାତ୍ର ସମୟରେ ମଧ୍ୟ ଦୂର ଦୁରାନ୍ତରୁ ରାୟଗଡ ରେଳ ଷ୍ଟେସନକୁ ଯିବାକୁ ପଡିଥାଏ ବୋଲି ଉଲ୍ଲେଖ କରାଯାଇଛି। ବିଶେଷ କରି ଜେକେ କାଗଜ କଳରେ ରାୟଗଡ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ଦେଶର ବିଭିନ୍ନ ରାଜ୍ୟରୁ ଲୋକେ କାମ କରୁଥିବା ବେଳେ ନିକଟସ୍ଥ ସିଙ୍ଗାପୁର ରୋଡ଼ ରେଳ ଷ୍ଟେସନରେ ଦୂରଗାମୀ ଟ୍ରେନ ରହଣି ନ ଥିବାରୁ ଅନେକ ଲୋକେ ନିଜ ଗନ୍ତବ୍ୟ ସ୍ଥଳକୁ ଠିକ ସମୟରେ ପହଞ୍ଚି ପାରୁ ନ ଥିବା ଏବଂ ବେଳେ ବେଳେ ରାୟଗଡରେ ପହଞ୍ଚିଥିଲେ ମଧ୍ୟ ବିଳମ୍ବିତା ଯୋଗୁଁ ଟ୍ରେନ ପାଇ ପାରିନ ଥାନ୍ତି । ତେଣୁ ଦୀର୍ଘ ଦିନର ଦାବିକୁ ପୂରଣ ପାଇଁ ସ୍ଥାନୀୟ ଲୋକଙ୍କ ଦାବିକୁ ନେଇ ବିଜେପି ଜିଲ୍ଲା ସମ୍ପାଦକ ତରୁଣ ଗରଡ଼ିଆଙ୍କ ସହ ଜିଲ୍ଲା ସାଂସ୍କୃତିକ ପ୍ରକୋଷ୍ଠ ସଂଯୋଜୋକ ତଥା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ କୁମାର ତାଣ୍ଡି ଓ ସ୍ଥାନୀୟ ବାସିନ୍ଦାମାନେ ଏହି ଦାବି ଜଣାଇଛନ୍ତି। ସେହିପରି ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ ମଧ୍ୟ ତାଙ୍କ ପକ୍ଷରୁ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ନିକଟକୁ ପତ୍ର ମାଧ୍ୟମରେ ଦାବି ଜଣାଇବେ ବୋଲି କହିଛନ୍ତି।

## ଚୋରି ନେଇ ଥାନା ଅଧିକାରୀଙ୍କ ସହ ଲୋକଙ୍କ ଆଲୋଚନା



କୋଷାଗୁମୁଡ଼ା,୨୯।୫(ସମିସ): ଆଜି ସନ୍ଧ୍ୟା ୭ଟା ସମୟରେ କୋଷାଗୁମୁଡ଼ା ସଦର ମହକୁମାର ଭଦ୍ରମଣ୍ଡଳି ତଥା ସରପଞ୍ଚଙ୍କ ପ୍ରତିନିଧି ହରିବନ୍ଧୁ ମାଝୀ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ବାଳକୃଷ୍ଣ ମାଦଳା, ବିନାୟକ ଷଡଙ୍ଗୀ, ସନ୍ତୋଷ କୁମାର, ପୋପୀ ପ୍ରଧାନ, ପ୍ରସନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଗ୍ରାମରେ ସିରିଏଲ ଚୋରି ଓ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ଥାନାଧିକାରୀ ବାଙ୍ଗି ମାଂଝୀଙ୍କ ସହ ଆଲୋଚନା କରିଥିଲେ। କିଭଳି ଚୋର ଏବଂ ଅସାମାଜିକ କାର୍ଯ୍ୟକଳାପ ଉପରେ ଅଧିକରୁ ଅଧିକ ପୋଲିସ ନଜର ରହିବ , ନାଇଟ୍ ପାଟ୍ରୋଲିଂ ଜୋରଦାର, ଗ୍ରାମ ଓ ଅଞ୍ଚଳ ପରିକ୍ରମା କରିବା ସହ ଛକ ନିକଟରେ ପୁଲିସ ପାଟ୍ରୋଲିଂ ପାଇଁ ଦାବି କରାଯାଇଥିଲା। ଏହି ଆଲୋଚନାରେ ଥାନାଧିକାରୀ ଶ୍ରୀମତୀ ମାଂଝୀ ସହମତି ପ୍ରକାଶ କରିବା ସହ ଲୋକଙ୍କ ସହଯୋଗ କାମନା କରିଥିଲେ। ଥାନାରେ କର୍ମଚାରୀ କମ୍ ଥିବା ଯୋଗୁଁ ରାତି ପହରା କରିବା ପାଇଁ ଟିକେ କଷ୍ଟ ହେଉଛି, ସେ ନିଜେ ଏହି ଅସାମାଜିକ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଯେଉଁ ଅଭିଯୁକ୍ତ ମାନେ ପୂର୍ବରୁ ଚୋରି କରିଛନ୍ତି ସେମାନଙ୍କୁ ଅତି ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀମତୀ ମାଂଝୀ କହିଛନ୍ତି।

## ଜାମୁକୋଳି ଗଛରୁ ପଡ଼ି ଛାତ୍ର ମୃତ

ରାୟଗଡ,୨୯।୫(ସମିସ): ଜାମୁ କୋଳି ତୋଳିବା ପାଇଁ ଗଛ ଉପରେ ଚଢିଥିବା ବେଳେ ଅସାବଧାନତା ବସତଃ ଖସିଯିବାରୁ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ରାୟଗଡ ସହରର ଅଣ୍ଟାରିଗୁଡା ଗ୍ରାମର ଗଣେଶ ମୁଦୁଲି (୧୩) । ସୂଚନାରୁ ଜଣାପଡିଛି ଯେ, ଆଜି ଅପରାହ୍ନରେ ଗଣେଶ ସାଙ୍ଗମାନଙ୍କ ସହ ଗ୍ରାମ ନିକଟସ୍ଥ ଜାମୁକୋଳି ତୋଳିବାକୁ ଯାଇ ଗଛରୁ ପଡିଯାଇଥିଲେ। ଖବରପାଇ ଗୁରୁତର ଅବସ୍ଥାରେ ଗ୍ରାମବାସୀ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗଣେଶର ସ୍ୱାସ୍ଥ୍ୟ ବିଗିଡିଯିବାରୁ ଚିକିତ୍ସା ପାଇଁ ବ୍ରହ୍ମପୁର ନେବାପାଇଁ ଡାକ୍ତର କହିଥିଲେ। ବ୍ରହ୍ମପୁର ଅଭିମୁଖେ ଆମ୍ବୁଲାନ୍ସ ଯୋଗେଁ ଯିବା ବେଳେ ଗଣେଶ ମୃତ୍ୟବରଣ କରିଥିଲେ। ଗଣେଶ ଅଣ୍ଟାରିଗୁଡା ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିଲେ। ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ରାୟଗଡା ପୁଲିସ ଏନେଇ ତଦନ୍ତ କରୁଛି।

## ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଜଣେ ଗୁରୁତର

ନନ୍ଦପୁର,୨୯।୫ (ସମିସ): ପାଡୁଆ ଥାନା ଅଧୀନସ୍ଥ ଭେଜା ରେଳ ଷ୍ଟେସନ ସମ୍ମୁଖରେ ଏକ ଇକୋ ଗାଡ଼ି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣା ଘଟିଥିବା ଜଣାପଡିଛି । ଦୁର୍ଘଟଣାରେ ଡ୍ରାଇଭର ଯତୀନ ଖିଲ ଗୁରୁତର ହୋଇଥିବା ଜଣାପଡିଛି। ଖବର ପାଇ ପାଡୁଆ ଥାନା ଏସଆଇ ଦୀପକ କୁମାର ବାରିକ ଏକ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଲମତାପୁଟ୍ ମେଡିକାଲକୁ ପଠାଇ ଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଗୁରୁତର ଥିବାରୁ ତାଙ୍କୁ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ସୂଚିତ, ଦୁଇ ଜଣ ଏ ପି ୩୧ ସି ଡବ୍ଲୁ ୫୨୫୬ ନମ୍ବର ଗାଡ଼ିରେ ପାଡୁଆ ଆସି ଫେରୁଥିବା ସମୟରେ ଭେଜା ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣା ଘଟିଥିଲା।

## ଉତ୍କଳ ଆଲୁମିନା ପକ୍ଷରୁ 'ପ୍ରକଳ୍ପ ଗ୍ରାମ୍ୟ ଶକ୍ତି' ଶୁଭାରମ୍ଭ




ଟିକିରି,୨୯।୫(ସମିସ): ରାୟଗଡ଼ ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ଖଣି ସିଏସଆର ଅନ୍ତର୍ଗତ ପ୍ରମୁଖ ଗ୍ରାମୀଣ ଉନ୍ନୟନ ପଦକ୍ଷେପ ସ୍ୱରୂପ 'ପ୍ରକଳ୍ପ ଗ୍ରାମ୍ୟ ଶକ୍ତି'ର ଶୁଭାରମ୍ଭ ହୋଇଛି। ଏଥିସହିତ ସ୍ଥାନୀୟ ଓଷାପଡ଼ା ଠାରେ ଏହି ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ ହାତ ତିଆରି ସାମଗ୍ରୀ ବିକ୍ରୟ ନିମନ୍ତେ 'ମାଣ୍ଡିଆ ରାଣୀ' କେନ୍ଦ୍ରର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର, ଖଣି ମୁଖ୍ୟ ବିଜୟ ଚୌହାନ, ସିଏସଆର ମୁଖ୍ୟ ଲୋପାମୁଦ୍ରା ମିଶ୍ରଙ୍କ ସମେତ ସରକାରୀ ପ୍ରତିନିଧି ଜ୍ୟୋତିମୟ ଦାଶ; ଜିଡିପିଓ, ପବିତ୍ର ନାୟକ; ଏବିଇଓ ଏବଂ ସିଏସଆର ବିଭାଗ ମୁଖ୍ୟ (ଖଣି) ମନୋଜ ଦାଶ ଓ ଟିମଙ୍କ ସମେତ ପ୍ରଶାସନିକ କର୍ମଚାରୀ ଓ ସଞ୍ଜିବ ପଟ୍ଟନାୟକ; ଆସା (ଆଶା) ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ପଦକ୍ଷେପଟି ଉତ୍କଳ ଆଲୁମିନା ସିଏସଆର ଓ ଟିଟିଲାଗଡ଼ ଭିତ୍ତିକ ଏନଜିଓ "ଆଶା"ର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି। ଏହା ଉତ୍କଳ ଆଲୁମିନାର ଗୋଷ୍ଠୀ କେନ୍ଦ୍ରିକ ବିକାଶ ଓ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରତି ଥିବା ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବା ସହିତ ପାଶ୍ୱର୍ସ୍ଥ ଓ ପ୍ରଭାବିତ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିଛି। ଏହି ଅବସରରେ ଆସାର ପ୍ରଦୀପ୍ତମଲ୍ଲିକ 'ଗ୍ରାମ୍ୟ ଶକ୍ତି' ପ୍ରକଳ୍ପର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରି ବାଫଲିମାଳି ବକ୍ସାଇଟ୍ ଖଣି ପରିସରର ଗ୍ରାମୀଣ ସମୁଦାୟଙ୍କ ଉନ୍ନତିରେ ଏହାର ଭୂମିକାକୁ ଉଲ୍ଲେଖ କରିଥିଲେ। ଏହି ନୂତନ ଭାବେ ଉଦ୍‌ଘାଟିତ 'ମାଣ୍ଡିଆ ରାଣୀ' ଆଉଟଲେଟ୍ ଗ୍ରାମ୍ୟ ଶକ୍ତିର ପାଞ୍ଚଟି କେନ୍ଦ୍ରରୁ ସଂଗୃହୀତ ଓ ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ, ଫିନାଇଲ୍, ଆପ୍ଲିକ୍ ସାମଗ୍ରୀ, ଜୁଟ୍ ବ୍ୟାଗ୍, କାଗଜ ପ୍ଲେଟ୍, ଅଗରବତୀ, ଲେମନଗ୍ରାସ୍ ଉତ୍ପାଦ ସହ ଅନ୍ୟାନ୍ୟ ସାମଗ୍ରୀର ବିକ୍ରୟ କେନ୍ଦ୍ର ଭାବେ କାର୍ଯ୍ୟ କରିବ।

## ବିଜୟ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋରାପୁଟ,୨୯।୫(ସମିସ): କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ନିଘାମନିଗୁଡ଼ା କ୍ରିକେଟ ଟିମ୍ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ସରପଞ୍ଚ ଚୈତନ୍ ଜାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିବା ବେଳେ ବିଷ୍ଣୁ ପ୍ରସାଦ ଦାସ, ଏସ ସୁରେଶ କୁମାର, ସୂର୍ଯ୍ୟ ନାରାୟଣ ସାହୁ, ଜିତେନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଆଜି ଉଦ୍‌ଘାଟନୀ ମ୍ୟାଚରେ ମୋହନପଡ଼ା ଏବଂ ପୁରୀମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ ମୋହନପଡ଼ା ଦଳ ବିଜୟୀ ହୋଇଥିଲା।

# ଏସ୍‌ଆଇଆର୍‌ରେ ବିଏଲଓଙ୍କୁ ସହଯୋଗ ପାଇଁ ଜିଲ୍ଲାପାଳଙ୍କ ଅନୁରୋଧ




ରାୟଗଡ଼,୨୯।୫(ସମିସ): ରାୟଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟ ସୂଚାରୁ ରୂପେ କାର୍ଯ୍ୟକରୀ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣୀ ଏହି ସଂଶୋଧନ ପ୍ରକ୍ରିୟା, ଏହାର ସମୟସୀମା ଓ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ୧ ଜୁଲାଇ ୨୦୨୬କୁ ଯୋଗ୍ୟତା ଅର୍ଜନ ତାରିଖ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ନୂତନ ଭୋଟରମାନେ ଏହି ସମୟ ମଧ୍ୟରେ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ସେ କହିଥିଲେ। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଗତ ମେ ୨୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରାଥମିକ ପ୍ରସ୍ତୁତି, ପ୍ରଶିକ୍ଷଣ ଓ ପ୍ରିଣ୍ଟିଂ କାର୍ଯ୍ୟ ମେ ୨୯ ତାରିଖରେ ଶେଷ ହୋଇଛି। ଏହାପରେ ଆସନ୍ତା ମେ ୩୦ ରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ ) ମାନେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟର ସତ୍ୟାପନ କାର୍ଯ୍ୟ କରିବେ। ଏହି ସମୟ ମଧ୍ୟରେ ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିଯୁକ୍ତକରଣ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରାଯିବ ବୋଲି ସେ ସ୍ପଷ୍ଟ କରିଥିଲେ। ସେହିପରି ଆସନ୍ତା ଜୁଲାଇ ୫ ତାରିଖରେ ରାୟଗଡ଼ା ଜିଲ୍ଲାର ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ସାଧାରଣ ଜନତା ନୂତନ ନାମ ପଞ୍ଜୀକରଣ, ସଂଶୋଧନ ଓ ଆପତ୍ତି ସମ୍ବନ୍ଧୀୟ ଦାବି ଦାଖଲ କରିପାରିବେ। ଏହି ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଓ ନୋଟିସ୍ ପ୍ରକ୍ରିୟା ଜୁଲାଇ ୫ ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଚାଲିବ। ପରେ ସମସ୍ତ ଆପତ୍ତିର ସମାଧାନ କରାଯାଇ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ତାଲିକାରେ ଥିବା ଅନୁପସ୍ଥିତ, ସ୍ଥାନାନ୍ତରିତ ଓ ମୃତ ଭୋଟରଙ୍କୁ ଚିହ୍ନଟ କରି ପୃଥକ ତାଲିକା ପ୍ରସ୍ତୁତ କରାଯିବ। ସେହିପରି ନୂତନ ଭୋଟରଙ୍କ ପଞ୍ଜୀକରଣ ପାଇଁ ଫର୍ମ-୬, ନାମ ବାଦ୍ ପାଇଁ ଫର୍ମ-୭ ଏବଂ ସଂଶୋଧନ ପାଇଁ ଫର୍ମ-୮ ବଣ୍ଟନ ଓ ସଂଗ୍ରହ କରାଯିବ। ସାମ୍ବାଦିକ ସମ୍ମିଳନୀ ଶେଷରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣୀ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ ଯେ, ସେମାନେ ବିଏଲଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଜୁଲାଇ ୫ ତାରିଖରେ ପ୍ରକାଶ ପାଇବାକୁ ଥିବା ଚିଠା ଭୋଟର ତାଲିକାକୁ ଯାଞ୍ଚ କରି ନିଜର ଗଣତାନ୍ତ୍ରିକ ଅଧିକାରକୁ ସୁନିଶ୍ଚିତ କରନ୍ତୁ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଡେପୁଟି କଲେକ୍ଟର (ନିର୍ବାଚନ) ସୁଶ୍ରୀ ମାନୁଏଲା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ସାହିରେ ପାଟ୍ରୋଲିଂ କରି ଆଇନ ଶୃଙ୍ଖଳା ସମୀକ୍ଷା କଲେ ନୂଆ ଏସ୍‌ପି



ରାୟଗଡ, ୨୯।୫(ସମିସ): ରାୟଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ନୂତନ ଭାବେ ଏସ୍‌ପି ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ରାୟଗଡ ଟାଉନ ପୋଲିସ ଷ୍ଟେସନ ପରିଦର୍ଶନ କରି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଥାନାକୁ ଆସିଥିବା ଅଭିଯୋଗକାରୀଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିବା ସହ ଉତ୍ତମ ପୋଲିସ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହା ପରେ ରାୟଗଡ ସହରର ଆମ୍ବେଦକର (ରେଲି ସାହି) ସାହି ଏବଂ ପିଟଲା ସାହି ଅଞ୍ଚଳରେ ଏବଂ ଏହାର ଆଖପାଖରେ ପାଟ୍ରୋଲିଂ କରି ଆଇନ ଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଥିଲେ। ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିଥିଲେ। ଏସପିଙ୍କ ଏହି ପରିଦର୍ଶନ ଗସ୍ତ ବେଳେ ଏସଡିପିଓ ଗୌରହରୀ ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା ଓ ଅନ୍ୟ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ଆଜିଠୁ ଜିଲ୍ଲାରେ ଏସ୍‌ଆଇଆର୍

# ଜୁନ ୨୮ ପର୍ଯ୍ୟନ୍ତ ଘରକୁ ଘର ପରିଦର୍ଶନ, ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ

ବାରିପଦା, ୨୯ ।୫(ସମିସ)

ଆସନ୍ତାକାଲିଠାରୁ ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମ ଆରମ୍ଭ ହେଉଥିବା ନେଇ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସଏ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଅଧକ୍ଷତା କରି କହିଥିଲେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଆସନ୍ତାକାଲିଠାରୁ ଜୁନ ୨୮ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ସେମାନଙ୍କର ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଓ ୨୦୦୨ର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ। ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ବିଏଲଓଙ୍କୁ ସଜାଗ ରହିବାକୁ ଶ୍ରୀ ସଏ ନିର୍ଦ୍ଦେଶ ଦେଇଛନ୍ତି।

ଜୁନ ୨୮ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର



ପୁନର୍ବିନ୍ୟାସ ହେବ। ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବା ସହିତ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ କରାଯାଇଛି। ସେହିପରି ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସଆଇଆର ସମୟରେ ୨୭୨୪ ଜଣ ବୁଥସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ରାଜନୈତିକ ଦଳଙ୍କ ପୂର୍ବ ସହଭାଗିତା ସହ କାର୍ଯ୍ୟାନ୍ୱୟନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ଜିଲ୍ଲାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ

- ଜୁଲାଇ ୫ରେ ଚିଠା ଭୋଟର ତାଲିକା
- ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ
- ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡାନ୍ତ ଭୋଟର ତାଲିକା

ପକ୍ଷରୁ ମୋଟ ୩୦୯୦ ଜଣଙ୍କୁ ବୁଥସ୍ତରୀୟ ଏଜେଣ୍ଟ (ବିଏଲଏ) ଭାବେ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯିବ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଓ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ। ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ ବୋଲି ଜିଲ୍ଲାପାଳ ଶ୍ରୀ ସଏ ପ୍ରକାଶ କରିଛନ୍ତି। ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଓ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଏଥିସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର (ସଂଲଗ୍ନ-୪) ପ୍ରଦାନ କରିବେ। କର୍ତ୍ତବ୍ୟ ସମୟରେ ବିଏଲଓମାନେ ଯଦି କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସହ ଜିଲ୍ଲାପାଳ ଶ୍ରୀ ସଏ ଆଲୋଚନା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଈଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର (ନିର୍ବାଚନ) କ୍ରିସେନସିଆ ତିର୍କୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁୟାଙ୍କ ସମେତ ଜିଲ୍ଲା ନିର୍ବାଚନ ବିଭାଗର ବିଭିନ୍ନ ଅଧିକାରୀ ରହି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା କଲେଜରେ ଇଗ୍ନୋ ବିଇଡି କର୍ମଶାଳା ଉଦ୍‌ଯାପିତ

**ବାରିପଦା, ୨୯ ।୫(ସମିସ):** ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଇଗ୍ନୋ ବିଇଡି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ୧୨ଦିନ ଧରି ଚାଲିଥିବା କର୍ମଶାଳା ଉଦଯାପିତ ହୋଇଛି। ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ ସଞ୍ଜୟ କୁମାର ଦେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଗ୍ନୋ ସଂଯୋଜକ ଡ. ରାଜକିଶୋର ରାଉଳ, ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ଡ ସଦାନନ୍ଦ ମେହେର, ନବୀନ ନାଏକ, ଲକ୍ଷ୍ମୀପ୍ରିୟା ମହାନ୍ତି ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୫୪ ଜଣ ପ୍ରଶିକ୍ଷାର୍ଥୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

## ବାରିପଦା ସହରରେ ଜବରଦଖଲ ଉଚ୍ଛେଦ



**ବାରିପଦା, ୨୯ ।୫(ସମିସ):** ବାରିପଦା ସହରର ଡ୍ରେନ ସମସ୍ୟା, ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଓ ସହରକୁ ସ୍ୱଚ୍ଛ ସୁନ୍ଦର କରିବା ଦିଗରେ ବାରିପଦା ପୌରପାଳିକା ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଶୁକ୍ରବାର ସକାଳୁ ସହରର ବ୍ୟସ୍ତବହୁଳ ଷ୍ଟିଲ ଗୋଲେଇଠାରୁ ମୁର୍ଗାବାଡ଼ି ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବ୍ୟବସାୟୀ ଦୋକାନ ସମ୍ମୁଖରେ ବେଆଇନ ଭାବେ ଆଗକୁ ମାଡ଼ି ବସିଥିବା ଅଂଶକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଛି। ଏଥିସହିତ ଡ୍ରେନ ଉପରେ ବେଆଇନ ଭାବେ ଗଢ଼ିଉଠିଥିବା ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ ଦୋକାନକୁ ଜେସିବି ସାହାଯ୍ୟରେ ଭଙ୍ଗାଯାଇଛି। ଏହି ଉଚ୍ଛେଦ ସମୟରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ରାସ୍ତାକଡ଼ ଜବରଦଖଲ ଯୋଗୁଁ ବର୍ଷାଦିନେ ସହରରେ କୃତ୍ରିମ ଜଳବନ୍ଦୀ ଓ ଟ୍ରାଫିକ ଜାମ ପରି ସମସ୍ୟା ଉପୁଜୁଥିଲା। ଏହି ଉଚ୍ଛେଦ ଦ୍ୱାରା ରାସ୍ତା ପ୍ରଶସ୍ତ ହେବା ସହ ପରିମଳ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ପୌରପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆଗକୁ ବିଭିନ୍ନ ଅଞ୍ଚଳରେ ଜାରି ରହିବ ବୋଲି କୁହାଯାଇଛି। ତେବେ ମ୍ୟୁନିସିପାଲିଟି ସଂଲଗ୍ନ ବସଷ୍ଟାଣ୍ଡ ରାସ୍ତାର ଉଚ୍ଛେଦ ହେଉ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ଦୀପତଳ ଅନ୍ଧାର ସଦୃଶ ମ୍ୟୁନିସିପାଲିଟି ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣକରିବାକୁ ସାଧାରଣରେ ଦାବି ହୋଇଛି।

## ୯୯ ବୋତଲ ବିଦେଶୀ ମଦ ଜବତ

**କୁଆମରା, ୨୯ ।୫(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ଡୁକୁରା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ବିଳମ୍ବିତ ରାତିରେ ପୁଲିସ ଏକ ଅଟୋ ସହ ୧୮୦ ମିଲିଲିଟରର ବିଭିନ୍ନ ବ୍ରାଣ୍ଡର ୯୯ଟି ବିଦେଶୀ ମଦ ବୋତଲ ଜବତ କରିଛି। ଅଟୋଟି ମଦ ନେଇ ବାରିପଦା-ଉଦଳା ୧୯ ନଂ ରାଜ୍ୟ ରାଜପଥର ଉଦଳା ଅଭିମୁଖେ ଯାଉଥିବାବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ପିଛା କରିଥିଲା। ପୁଲିସ ପିଛା କରୁଥିବା ଜାଣି ଚାଳକ ଚତୁରତାର ସହ ରାସ୍ତା ମଝିରେ ଅଟୋ ରଖି ଖସି ପଳାଇଥିଲା। ତେବେ ବେଆଇନ ଭାବେ ରାତିରେ ମଦ କେଉଁଆଡ଼େ ଚାଲାଣ ହେଉଥିଲା, ତାହା ଜଣାପଡ଼ିନାହିଁ। ପୁଲିସ ଅଟୋକୁ ଜବତ କରି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କୁଆମରା, ୨୯ ।୫(ସମିସ):** ନାଲୁହା ନଦୀରୁ ଆଜି ଜଣେ ବୃଦ୍ଧଙ୍କ ମୃତଦେହକୁ ଉଦ୍ଧାର କରିଛି ଖୁଣ୍ଟା ପୁଲିସ। ମୃତକ ହେଉଛନ୍ତି ଖୁଣ୍ଟା ବ୍ଲକ କରକଟିଆ ପଞ୍ଚାୟତ ମାଠିଆଭଙ୍ଗା ଗ୍ରାମର ଅର୍ଜୁନ ସିଂ (୫୫)। ଆଜି ପୂର୍ବାହ୍ନରେ ଅର୍ଜୁନ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ନଦୀରେ ଅର୍ଜୁନ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଉଦଳା ଡାକ୍ତରଖାନା ପଠାଇ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଶିକ୍ଷକ ନେତା ଶରତ ମହାନ୍ତଙ୍କ ବିୟୋଗରେ ଶୋକସଭା



**ବାରିପଦା, ୨୯।୫(ସମିସ):** କୁଡୁମୀ ଶିକ୍ଷକ ମଞ୍ଚ ପକ୍ଷରୁ ଶିକ୍ଷକ ନେତା ତଥା ସମାଜସେବୀ ଶରତ କୁମାର ମହାନ୍ତଙ୍କ ବିୟୋଗରେ ଏକ ଶୋକସଭା ଏଇଟି କ୍ଲାସେସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଶିଉଲାଲ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟଅତିଥି, ରାଜ୍ୟ ଉପସଭାପତି ରାଜକିଶୋର ମହାନ୍ତ, ସଂଯୋଜକ ଗୋବିନ୍ଦ ମହାନ୍ତ ଓ ଜିଲ୍ଲା ସଭାପତି ଲକ୍ଷ୍ମୀଧର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ବାପି ମହାନ୍ତ, ରାଜ୍ୟ ସମ୍ପାଦକ କେଶବ ମହାନ୍ତ, କୁଡୁମୀ ସେନା ଜିଲ୍ଲା ସଭାପତି ଡମ୍ବରୁଧର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଅଧ୍ୟାପକ ଯୋଗେଶ୍ୱର ମହାନ୍ତ, ଅଧ୍ୟାପକ ଭୁବନ ମହାନ୍ତଙ୍କ ସହିତ ସମାଜସେବୀ ଓ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ଶରତ କୁମାର ମହାନ୍ତ ଏକକାଳୀନ ୩ଟି ଶିକ୍ଷକ ସଂଘର ନେତୃତ୍ୱ ନେଉଥିଲେ। ସେ ବେତନଟୀ ପ୍ରାଥମିକ ଶିକ୍ଷକ ସଂଘ ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଓ କୁଡୁମୀ ଶିକ୍ଷକ ମଞ୍ଚର ରାଜ୍ୟ ସମ୍ପାଦକ ପଦବୀରେ ଅବସ୍ଥାପିତ ଥିଲେ।

## ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସରେ ସାନିଟାରୀ ପ୍ୟାଡ୍ ବଣ୍ଟନ



**ବାରିପଦା, ୨୯।୫(ସମିସ):** ବସୁନ୍ଧରା ଫାଉଣ୍ଡେସନ କେୟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାରିପଦା ସହରର ୱାର୍ଡ଼ ନଂ ୨୭ର ମହାରାଜପୁରସ୍ଥ ଅର୍ଗାନାଇଜେସନ୍ ଅଫ ରୁରାଲ ଡେଭେଲପମେଣ୍ଟ (ଓଆରଡି) ଅନୁଷ୍ଠାନରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଦିବସ ପାଳନ କରାଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷା ସ୍ମୃତି ରାଉତରାୟଙ୍କ ଅଧ୍ୟକ୍ଷତାରେ ୩୫ ଜଣ କିଶୋରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳାଙ୍କ ମାସିକ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ପ୍ରଜନନ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ସମାଜରେ ଆଜି ବି ଋତୁସ୍ରାବକୁ ନେଇ ଅନେକ ଅନ୍ଧବିଶ୍ୱାସ ଓ ଲଜ୍ଜାବୋଧ ରହିଛି। ଯାହାକୁ ଦୂର କରିବା ଜରୁରୀ। ସଠିକ୍ ମାସିକ ସ୍ୱାସ୍ଥ୍ୟ ଅଭ୍ୟାସ କିଶୋରୀ ଓ ମହିଳାଙ୍କୁ ଅନେକ ମାରାତ୍ମକ ରୋଗରୁ ସୁରକ୍ଷା ଦେଇଥାଏ। ଋତୁସ୍ରାବ ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା ହୋଇଥିବାରୁ ଏହାକୁ ନେଇ କୌଣସି ସଂକୋଚ ନ କରି ସଠିକ୍ ସ୍ୱଚ୍ଛତା ଓ ସୁରକ୍ଷିତ ପରିଚର୍ଯ୍ୟା ବ୍ୟବସ୍ଥା ଆପଣାଇବାକୁ ଏହି ଶିବିରରେ ଆହ୍ୱାନ ଦିଆଯାଇଥିଲା। ଏ ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ଉପସ୍ଥିତ ସମସ୍ତ କିଶୋରୀଙ୍କୁ ମାଗଣାରେ ସାନିଟାରୀ ପ୍ୟାଡ୍ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଦସ୍ୟା ଦୀପ୍ତିମୟୀ ଦାସ ଓ ହିମାନୀ ଦାସପଟ୍ଟନାୟକ ଉପସ୍ଥିତ ଥିବାବେଳେ ଓଆରଡିର ପ୍ରତିଷ୍ଠାତା ସାଇପ୍ରକାଶ ମହାନ୍ତି, ଜୟନ୍ତୀ ଓଝା, ଶ୍ରୀମତୀ ସିଂ, କଳ୍ପନା ମହାନ୍ତ, ନୟନିକା ଦାଶ, କ୍ରିଷ୍ଣା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

ବାରିପଦା, ୨୯ ।୫(ସମିସ): ବାରିପଦା ସହରର ୧୦ନଂ ୱାର୍ଡ ଗୋଲାପବାଗର ଏକ ପରିତ୍ୟକ୍ତ ସ୍ଥାନରୁ ଜଣେ ବୃଦ୍ଧାଙ୍କ ମୃତଦେହକୁ ପୁଲିସ ଉଦ୍ଧାର କରିଛି। ସ୍ଥାନୀୟ ଲୋକ ପୁଲିସକୁ ଖବର ଦେବାରୁ ବାରିପଦା ଟାଉନ ଥାନା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପିଆରଏମ ହସ୍ପିଟାଲକୁ ପଠାଇଥିଲା। ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ପାଖାପାଖି ୭୦ ବର୍ଷ ହେବ। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟରେ ଟେଣ୍ଡର ଲଟେରୀକୁ ନେଇ ବିବାଦ

# ନିରପେକ୍ଷ ତଦନ୍ତ ଦାବିକଲା ଠିକାଦାର ସଂଘ



**କରଞ୍ଜିଆ, ୨୯।୫(ସମିସ):** କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟରେ ସମ୍ପ୍ରତି ହୋଇଥିବା ଟେଣ୍ଡର ଖୋଲିବା ଓ ଲଟେରୀ ପ୍ରକ୍ରିୟାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା, ନିୟମ ଉଲ୍ଲଙ୍ଘନ ଓ କିଛି ଅଧିକାରୀଙ୍କ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ଆଣି କରଞ୍ଜିଆ ଠିକାଦାର ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ସମଗ୍ର ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅଭିଯୋଗ ଅନୁସାରେ, ଟେଣ୍ଡର ନୋଟିସ ନମ୍ବର ୭୨୭, ୮।୪।୨୬ ଅନୁଯାୟୀ ହୋଇଥିବା ଟେଣ୍ଡର ଓପେନିଂ ଓ ଲଟେରୀ ପ୍ରକ୍ରିୟାରେ ନିର୍ଦ୍ଧାରିତ ସରକାରୀ ନିୟମାବଳ ପାଳନ କରାଯାଇ ନ ଥିଲା। ଠିକାଦାରଙ୍କ କହିବା ଅନୁଯାୟୀ, ଇଦ୍ ଅବସରରେ ସରକାରୀ ଛୁଟି ଥିବା ସତ୍ତ୍ୱେ କିଛି ଚୟନିତ ଠିକାଦାରଙ୍କୁ ଫୋନ ଯୋଗେ କାର୍ଯ୍ୟାଳୟକୁ ଡାକି ଲଟେରୀ ପ୍ରକ୍ରିୟା କରାଯାଇଥିଲା। ଏହାକୁ ନେଇ ଅନ୍ୟ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଠିକାଦାର ସଂଘର ଅଭିଯୋଗ ଅନୁଯାୟୀ, ଟେଣ୍ଡର ଲଟେରୀ ପ୍ରକ୍ରିୟାକୁ ବାତିଲ କରି ପୁନର୍ବାର ସ୍ୱଚ୍ଛ ଭାବେ ଆୟୋଜନ କରିବାକୁ ଅନୁରୋଧ କରାଯାଇଥିଲେ ମଧ୍ୟ କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କ ପକ୍ଷରୁ ସହଯୋଗ ମିଳି ନ ଥିଲା। ବରଂ ଠିକାଦାରଙ୍କ ସହ ଅସଦାଚରଣ ଓ ଦୁର୍ବ୍ୟବହାର କରାଯାଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଟେଣ୍ଡର ଲଟେରୀ ସମୟରେ କାର୍ଯ୍ୟାଳୟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। କିଛି ସମୟ ପାଇଁ ପରିସ୍ଥିତି ଅଶାନ୍ତ ହୋଇପଡ଼ିଥିବାବେଳେ ଉପସ୍ଥିତ ଠିକାଦାର ପ୍ରତିବାଦ କରିଥିଲେ। ଘଟଣା ପରେ ଠିକାଦାର ସଂଘ ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରି ସମସ୍ତ ପ୍ରକ୍ରିୟାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଯଦି ଘଟଣାର ନିରପେକ୍ଷ ତଦନ୍ତ କରା ନ ଯାଇ ଦୋଷୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ନ ହୁଏ, ତେବେ ଆଗାମୀ ଦିନରେ ଠିକାଦାର ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

### ଦ୍ରୁତଗତିରେ ବାଇକ୍ ଚଳାଇବା ହେଲା କାଳ

## କାର୍ ସହ ଧକ୍କାରେ ଜଣେ ମୃତ

**ରାଇରଙ୍ଗପୁର, ୨୯।୫(ସମିସ):** ଦ୍ରୁତଗତିରେ ବାଇକ୍ ଚଳାଇବା କାଳ ହୋଇଛି। ଦ୍ରୁତଗାମୀ ବାଇକ୍ ଏକ କାର୍‌କୁ ଧକ୍କା ଦେବାରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବଡସିମଳା ଗ୍ରାମର ରାମଚନ୍ଦ୍ର ହେମ୍ବ୍ରମ। ଗୁରୁବାର ରାତିରେ ରାମଚନ୍ଦ୍ର ହେମ୍ବ୍ରମ ଓ ତାଙ୍କ ବନ୍ଧୁ ରମାକାନ୍ତ ଟୁଡୁ ଦ୍ରୁତଗତିରେ ବାଇକ ଚଳାଇ ଯାଉଥିବାବେଳେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ମହୁଲଡିହା ଛକ ନିକଟରେ ୨୨୦ନଂ ଜାତୀୟ ରାଜପଥରେ ଏକ କାରକୁ ଧକ୍କା ଦେଇଥିଲେ। ଏଥିରେ ଦୁଇ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାମଚନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦାସ୍ଥ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ରମାକାନ୍ତଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ରାଇରଙ୍ଗପୁର ଟାଉନ ଥାନା ପୁଲିସ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

## ପିଆର୍‌ଏମ୍ ହସ୍ପିଟାଲରେ ସାଂସଦଙ୍କ ସମୀକ୍ଷା ବୈଠକ



**ବାରିପଦା, ୨୯ ।୫(ସମିସ):** ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭିତର ବ୍ୟବସ୍ଥା ଓ ରୋଗୀ ସେବାରେ ସୁଧାର ଆଣିବା ପାଇଁ ଶୁକ୍ରବାର ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୩ ଦିନ ପୂର୍ବରୁ ହସ୍ପିଟାଲ ପରିଦର୍ଶନ ସମୟରେ ଅନେକ ଅବ୍ୟବସ୍ଥା ଦେଖି ସାଂସଦ କ୍ଷୋଭ ପ୍ରକାଶ କରିବା ସହ ସିଡିଏମଓ, ଡିପିଏମ୍ ଓ ସଫେଇ ସୁପରଭାଇଜରଙ୍କୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପ୍ରଶାସନର ତତ୍ପରତା ଦେଖାଇଥିଲା ଓ ହସ୍ପିଟାଲର ଚିତ୍ର ବଦଳିବା ଆରମ୍ଭ ହୋଇଛି। ଯାହାର ସମୀକ୍ଷା ଆଜି ସାଂସଦ କରିଛନ୍ତି। ଏଥିସହ ହସ୍ପିଟାଲରେ ପ୍ରବଳ ଗରମ ଯୋଗୁଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଛଟପଟ ହେଉଥିବାବେଳେ ସାଂସଦଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ୪୨ଟି କୁଲର ପ୍ରଦାନ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଆଜି ସୁଦ୍ଧା ୨୯ଟି କୁଲର ଲଗାଯାଇଥିବାବେଳେ ବାକି ଥିବା କୁଲର ଖୁବଶୀଘ୍ର ଲଗାଯିବ ବୋଲି ସାଂସଦ ସୂଚନା ଦେଇଛନ୍ତି। ରୋଗୀ ଓ ଆଟେଣ୍ଡାଣ୍ଟଙ୍କ ପାଇଁ ଥଣ୍ଡା ପିଇବା ପାଣି ସୁବିଧା, ୱାର୍ଡ ସଫେଇ ବ୍ୟବସ୍ଥା ପୂର୍ବାପେକ୍ଷା ବହୁତ ସ୍ୱଚ୍ଛ ହୋଇଥିବାରୁ ସେ ସିଡିଏମଓ ଓ ସମ୍ପୃକ୍ତ ବିଭାଗକୁ ସାଧୁବାଦ ଜଣାଇଛନ୍ତି।

## ନାବାଳିକା ଅପହରଣ ଅଭିଯୋଗ

**କୁଆମରା, ୨୯ ।୫(ସମିସ):** ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ଛାତ୍ରୀ ଅଟନ୍ତି। ସେ ୧୯ ତାରିଖରେ ଅପହରଣ ହୋଇଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପିଇବା ପାଣି ପାଇଁ ଗଡ଼ିଗାଁ, ଫୁଲବାଡ଼ିଆ ଗ୍ରାମବାସୀ ହନ୍ତସନ୍ତ

# ଗରା, ବାଲ୍‌ଟି ଧରି ବିଡିଓଙ୍କ ଅଫିସ୍‌ରେ ବସିଲେ ମହିଳା

ମୋରଡା, ୨୯।୫(ସମିସ)



ରାଜ୍ୟ ସରକାର ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇ ଦେବାକୁ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଗ୍ରାମାଞ୍ଚଳରେ ଏହି ଯୋଜନା ଉପଲବ୍ଧ ହେଉନି। ଡହଡହ ଖରାରେ ପାଣି ଟୋପେ ପାଇଁ ଆଉଟୁପାଉଟୁ ହେଉଛନ୍ତି ଗଡ଼ିଗାଁ ଓ ଫୁଲବାଡ଼ିଆ ଗ୍ରାମବାସୀ।

**ସମାଧାନ ପାଇଁ ଗ୍ରାଉଣ୍ଡକୁ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଇଲେ ବିଡିଓ**

ଶୁକ୍ରବାର ମୋରଡା ବ୍ଲକ ଅଧୀନ ଗଡ଼ିଗାଁ ଗ୍ରାମପଞ୍ଚାୟତର ଗଡ଼ିଗାଁ ଓ ଫୁଲବାଡ଼ିଆ ଗ୍ରାମର ମହିଳା ପିଇବା ପାଣି ସମସ୍ୟା ପ୍ରତିବାଦରେ ଗରା ଓ ବାଲ୍‌ଟି ଧରି ବିଡିଓଙ୍କ କାର୍ଯ୍ୟାଳୟ ମଧ୍ୟରେ ଧାରଣାରେ ବସିଥିଲେ। ପରେ ବିଡିଓ ସ୍ଥିତି ଅନୁଧ୍ୟାନ କରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ଗ୍ରାଉଣ୍ଡକୁ ପଠାଇବାରୁ ମହିଳାମାନେ ଧାରଣାରୁ ଓହରିଯାଇଛନ୍ତି।

ଫୁଲବାଡିଆ ଗ୍ରାମର ଗ୍ରାମବାସୀ ଶିଶିର ସେଠୀ ଓ ଶକୁନ୍ତଳା ମହାନ୍ତଙ୍କ ଅଭିଯୋଗ ମୁତାବକ, ପିଇବା ପାଣି ସମସ୍ୟା ନେଇ ଗତ ଚାରିଦିନ ପୂର୍ବରୁ ମୋରଡା ବିଡିଓ ଅଣାକାର ନାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପାନୀୟଜଳ ସମସ୍ୟା ଦୂର ହୋଇପାରିଲାନାହିଁ। ଗ୍ରାମରେ ଗୋଟାଏ ନୂତନ ନଳକୂପ କିଛିମାସ ପୂର୍ବରୁ ନିର୍ମାଣ କରାଯାଇଥିଲା। ତାହା ବର୍ତ୍ତମାନ ଅଚଳ ଅବସ୍ଥାରେ ରହିଛି। ସେହି ନଳକୂପ ଉପରେ ଦୁଇ ଶହରୁ ଊର୍ଦ୍ଧ୍ୱ ଲୋକେ ଭରସା କରୁଥିବାବେଳେ ସେଥିରୁ ପାଣି ବାହାରିବାରେ ବହୁତ କଷ୍ଟକର ହେଉଛି। ଯଦି ବି ପାଣି ବାହାରୁଛି, ତାହା ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଉକ୍ତ ଗ୍ରାମର ମହିଳାମାନେ ଗରା, ବାଲ୍‌ଟି ଧରି ବିଡିଓଙ୍କୁ ପାଣି ସମସ୍ୟା ଦୂର କରିବା ପାଇଁ ଦାବି କରିଥିଲେ। ବିଡିଓ ସଙ୍ଗେ ସଙ୍ଗେ ଆରଡବ୍ଲୁଏସଏସ ବିଭାଗ କନିଷ୍ଠ ଯନ୍ତ୍ରୀ ମାର୍କଣ୍ଡ ମାରାଣ୍ଡିଙ୍କୁ ତୁରନ୍ତ ଗ୍ରାଉଣ୍ଡକୁ ଯାଇ ଲୋକଙ୍କୁ ପାନୀୟଜଳ ଯୋଗାଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କନିଷ୍ଠ ଯନ୍ତ୍ରୀ ଶ୍ରୀ ମାରାଣ୍ଡି ତୁରନ୍ତ ସେମାନଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ରେଳ ଚଳାଚଳ, ଅଣ୍ଡରପାସ ଓ ଯାତ୍ରୀ ପ୍ରତୀକ୍ଷାଳୟ ଦାବି

ରାଇରଙ୍ଗପୁର, ୨୯।୫(ସମିସ): ରେଳ ଚଳାଚଳ, ଅଣ୍ଡରପାସ ଓ ଯାତ୍ରୀ ପ୍ରତୀକ୍ଷାଳୟ ନେଇ ଦାବି ହୋଇଛି। ଏନେଇ କୋଲକାତାସ୍ଥ ଦକ୍ଷିଣ-ପୂର୍ବ ରେଳ ମହାପ୍ରବନ୍ଧକଙ୍କୁ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବହଳଦା ବ୍ଲକର ଅଁଳାଜୁଡି ରେଳ ଜଙ୍କସନ ଓ ବହଳଦା ରୋଡ୍ ଷ୍ଟେସନ ମଧ୍ୟରେ ୩ଟି ଅଣ୍ଡରପାସ ନିର୍ମିତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ପ୍ରସ୍ତାବିତ ଟାଙ୍ଗରପୋଡ଼ା ରେଳ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏହାସହିତ ବାଦାମପାହାଡ଼ରୁ ରାଉରକେଲା ପର୍ଯ୍ୟନ୍ତ ନିର୍ଦ୍ଧାରିତ ଓ ନିୟମିତ ସିଧାସଳଖ ରେଳ ସେବା ନିମନ୍ତେ ଦାବି ହୋଇଛି। ପୂର୍ବତନ ବିଧାୟକ ଶ୍ରୀ ପୂର୍ତ୍ତି ଦାବି ଉପସ୍ଥାପନ କରି ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକଙ୍କ ସହ ଆଲୋଚନା କରିଛନ୍ତି। ଉପରୋକ୍ତ ଦାବି ପୂରଣ ହେଲେ ଯାତ୍ରୀ ବହୁମାତ୍ରାରେ ଉପକୃତ ହୋଇପାରିବେ ବୋଲି ଶ୍ରୀ ପୂର୍ତ୍ତି ମତ ପ୍ରକାଶ କରିଛନ୍ତି।

# କଟକ ସିଟି



## ଲେପ୍ରୋସି ହୋମ୍ ଆଣ୍ଡ ହସ୍ପିଟାଲ୍‌ରେ ଅବ୍ୟବସ୍ଥା

# ଉପାସରେ କୁଷ୍ଠାଶ୍ରମ ଅନ୍ତେବାସୀ; ଦିନତମାମ ଧାରଣା



**କଟକ, ୨୯ ।୫(ସମିସ)**

ନୂଆବଜାର ପୋତାପୋଖରୀରେ ରହିଥିବା ଲେପ୍ରୋସି ହୋମ୍ ଆଣ୍ଡ ହସ୍ପିଟାଲ୍‌ରେ ଅବ୍ୟବସ୍ଥା ଲାଗି ରହିଛି । ଏଠାରେ ୨୦୦ଜଣ ଅନ୍ତେବାସୀ ରହିଥିବା ବେଳେ ଆଜି ଦିନ ତମାମ ସେମାନଙ୍କୁ ଖାଇବାକୁ ନଦିଆଯିବାରୁ ସେମାନେ ଉପାସରେ ରହିଛନ୍ତି । ଏହାର ପ୍ରତିବାଦ କରିବାକୁ ଯାଇ ସେମାନେ ଲେପର୍ସି ହୋମ୍ ଆଣ୍ଡ ହସ୍ପିଟାଲର ସୁପରିନ୍‌ଟେଣ୍ଡାଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ । ଖାଦ୍ୟ ନମିଳିବାକୁ ନେଇ ସେମାନେ ନିଜର ଦାବି ଜଣାଇଥିବା ବେଳେ ଅଧୀକ୍ଷକ ଏହା ଉପରେ କୌଣସି ଜବାବ ନରଖି କାର୍ଯ୍ୟାଳୟ ଛାଡ଼ି ଚାଲିଯାଇଥିଲେ । ତାଙ୍କର ଏଭଳି ଅମାନବୀୟ କାର୍ଯ୍ୟକୁ ଅନ୍ତେବାସୀମାନେ ବିରୋଧ କରିବା ସହିତ ତୁରନ୍ତ ଖାଦ୍ୟ ଯୋଗାଇବାକୁ ଜିଦ୍ ଧରି ବସିଥିଲେ । ଖାଦ୍ୟ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଅନ୍ତେବାସୀମାନେ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି । ଅନ୍ୟପଟେ ଜିଲ୍ଲା ପ୍ରଶାସନ ଏହା ଉପରେ କୌଣସି ପଦକ୍ଷେପ ନେଇ ନାହିଁ । ଗତ ମାର୍ଚ୍ଚ ୨ ତାରିଖ ଠାରୁ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ଗତ ୨୭ଦିନ ହେବ ନିୟମିତ ଖାଇବାକୁ ମିଳୁନଥିଲା । କର୍ତ୍ତୃପକ୍ଷ ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଉଥିଲେ । କିନ୍ତୁ ଆଜି ହଠାତ୍ ଦିନ ତମାମ ଖାଦ୍ୟ ଦେବା ବନ୍ଦ କରି ଦେବାରୁ ଅନ୍ତେବାସୀମାନେ ଧାରଣାରେ ବସିବାକୁ ବାଧ ହୋଇଥିବା କହିଛନ୍ତି ।

ଆଶ୍ରମରେ ମୌଳିକ ସୁବିଧାର ଅଭାବ, ସରକାରୀ ସହାୟତା ଓ ଭତ୍ତା ପ୍ରଦାନରେ ଅନିୟମିତତା, ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା ଏବଂ ରହଣି ବ୍ୟବସ୍ଥାର ଦୁର୍ଦ୍ଦଶା ନେଇ ଅନ୍ତେବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଆଜି ଖାଦ୍ୟ ବନ୍ଦ କରାଯିବାରୁ ସେମାନେ ବାଧ ହୋଇ ଏହି ସମସ୍ତ ସମସ୍ୟା ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି । ତେବେ ଖାଦ୍ୟ ନଦେବାର ପ୍ରକୃତ କାରଣ ହେଉଛି, ସ୍ୱରୂପା ମହାସଂଘ

- ➤ ପହଞ୍ଚିଲାନି ଜିଲ୍ଲା ପ୍ରଶାସନ, କର୍ତ୍ତୃପକ୍ଷଙ୍କ ନାଲିଆଖି
- ➤ ୧୮ ମାସରେ ଏସ୍‌ଏଚ୍‌ଜିର ୧ କୋଟି ବକେୟା
- ➤ ଖାଦ୍ୟ ଦେବାକୁ ଅସମର୍ଥ ହେଲା ସଂସ୍ଥା
- ➤ ମିଳୁନି ଶାଢ଼ି, ଲୁଙ୍ଗି, ଗାମୁଛା ଓ ତେଲ

କଟକ (ସିଟି-୧) ଏସ୍‌ଏଚ୍‌ଜିକୁ କୁଷ୍ଠାଶ୍ରମରେ ଦିନକୁ ୩ବେଳା ଖାଦ୍ୟ ଦେବାକୁ ଦାୟିତ୍ୱ ଦିଆଯାଇଛି । ଏହି ଏସ୍‌ଏଚ୍‌ଜି ଗ୍ରୁପ୍ ୩ବେଳା ରନ୍ଧାଖାଦ୍ୟ ୧୮ ମାସ ପୂର୍ବରୁ ଦେଇ ଆସୁଥିଲା । ଅନ୍ତେବାସୀଙ୍କ କୌଣସି ସମସ୍ୟା ସୃଷ୍ଟି ହେଉ ନଥିଲା; କିନ୍ତୁ କୁଷ୍ଠାଶ୍ରମ କର୍ତ୍ତୃପକ୍ଷ ଗତ ୧୮ ମାସ ହେବ ୧କୋଟି ଟଙ୍କା ବକେୟା ରଖିବାରୁ ସମ୍ପୃକ୍ତ ସଂସ୍ଥା ଖାଦ୍ୟ ଯୋଗାଇବାରେ ଏବେ ସମର୍ଥ ହୋଇପାରିନଥିଲା । କାରଣ ଅର୍ଥାଭାବ ମୁଖ୍ୟ ବାଧକ ସାଜିଥିଲା । ସଂସ୍ଥାର କର୍ମକର୍ତ୍ତା ଧାରଉର୍ଦ୍ଧ୍ୱାର କରି ଖାଦ୍ୟ ଯୋଗାଉଥିଲେ । ଖାଦ୍ୟ ଯୋଗାଉଥିବା ଗ୍ରୁପ୍‌ର ସଦସ୍ୟା ଦୀପିକା ଜେନାଙ୍କୁ ଏହି ସମସ୍ୟା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ ୨/୩ମାସ ବକେୟା ରଖିଲେ, ଖାଦ୍ୟ ଦେବାର କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ; କିନ୍ତୁ ଲେପ୍ରୋସି ହୋମ୍ ଆଣ୍ଡ ହସ୍ପିଟାଲ୍ କର୍ତ୍ତୃପକ୍ଷ ଦୀର୍ଘ ୧୮ ମାସ ହେବ ୧ କୋଟି ଟଙ୍କା ବକେୟା ରଖିଛନ୍ତି । ଯାହାଫଳରେ ଏବେ ଖାଦ୍ୟ ଯୋଗାଣ କରିବା ସମ୍ଭବ ହେଉ ନାହିଁ । ଏ ବାବଦରେ ଜିଲ୍ଲା ପ୍ରଶାସନ, ସିଡିଏମଓଙ୍କ କାର୍ଯ୍ୟାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ବାରମ୍ବାର ଦାବି ଉପସ୍ଥାପନା କରାଯାଉଥିବା ବେଳେ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ଯେଉଁଥି ପାଇଁ ଆଜି ଏଭଳି ସମସ୍ୟା ସୃଷ୍ଟି ହୋଇଛି । ୨୦୦ଜଣ ଅନ୍ତେବାସୀ ଉପାସରେ ବସି ଖାଦ୍ୟ ଯୋଗାଇବା ପାଇଁ ହାତ ଯୋଡୁଛନ୍ତି ବୋଲି ସେ କହିଛନ୍ତି । ଅନ୍ୟପଟେ ମହିଳା ଅନ୍ତେବାସୀଙ୍କ ପାଇଁ ୬ମାସ ବ୍ୟବଧାନରେ ଖଣ୍ଡିଏ ଲେଖାଁଏ ଶାଢ଼ି ଓ ପୁରୁଷ ଅନ୍ତେବାସୀଙ୍କ ପାଇଁ ଲୁଙ୍ଗି/ଗାମୁଛା ସହିତ ତେଲ/ସାବୁନ ଯୋଗାଇ ଦିଆଯାଇଥାଏ । ଏବେ ଏହା ମିଳୁ ନଥିବାରୁ ଅସନ୍ତୋଷ ଦେଖାଦେଇଛି । ଯେପର୍ଯ୍ୟନ୍ତ ଖାଇବା ଓ ପିନ୍ଧିବାକୁ ନମିଳିବ, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ କହିଛନ୍ତି ।

## ରେଳ ଯାତ୍ରୀଙ୍କୁ ଲୁଟ୍ କରି ୨ ଗିରଫ

**କଟକ, ୨୯ ।୫(ସମିସ):** ରେଳଯାତ୍ରୀଙ୍କୁ ଲୁଟପାଟ କରୁଥିବା ୨ ଜଣ ଲୁଟେରାଙ୍କୁ ଆରପିଏଫ ଗିରଫ କରିଛି । ଅଭିଯୁକ୍ତଦ୍ୱୟ ହେଲେ ବାରଙ୍ଗ ଥାନା ଅନ୍ତର୍ଗତ ବଙ୍ଗାଳି ସାହିର ବିକି ଶିକାରୀ(୨୭) ଓ ତପୁ ଓରଫ ତାପସ କର(୩୦) । ଶୁକ୍ରବାର ସକାଳେ ଆରପିଏଫ ପକ୍ଷରୁ କଟକ ରେଳ ଷ୍ଟେସନର ପାଟ୍ରୋଲିଂ କରାଯାଉଥିଲା । ଏହି ସମୟରେ ୨ନଂ ପ୍ଲାଟଫର୍ମରେ ଇଷ୍ଟ-କୋଷ୍ଟ ଏକ୍ସପ୍ରେସ ଆସି ପହଞ୍ଚିଥିଲା । ଉକ୍ତ ଟ୍ରେନରୁ ଉପରୋକ୍ତ ଦୁଇ ଜଣ ଓହ୍ଲାଇ ପ୍ଲାଟଫର୍ମ ବାହାରକୁ ଆସୁଥିଲେ । କିନ୍ତୁ ପ୍ଲାଟଫର୍ମରେ ପାଟ୍ରୋଲିଂ କରୁଥିବା ଆରପିଏଫ କର୍ମଚାରୀଙ୍କୁ ଦେଖି ହଡବଡାଇ ଯାଇଥିଲେ । ଏହା ଦେଖି ସନ୍ଦେହ ହେବାରୁ ଆରପିଏଫ କର୍ମଚାରୀ ଉଭୟଙ୍କୁ ଅଟକାଇ ପଚରାଉଚରା କରିଥିଲେ । ମାତ୍ର ସେମାନେ ନିଜର ରେଳଯାତ୍ରା ସମ୍ପର୍କରେ କୌଣସି ସଠିକ ତଥ୍ୟ ଦେଇପାରି ନଥିଲେ । ପରେ ତଲାସୀ ନେବାରୁ ସେମାନଙ୍କ ପାଖରୁ ୩ଟା ଦାମୀ ମୋବାଇଲ ଫୋନ ମିଳିଥିଲା । ଉକ୍ତ ମୋବାଇଲ ସମ୍ପର୍କରେ ପଚରାଉଚରା କରିବାରୁ ସେଗୁଡିକୁ ଚୋରାଇ ଆଣିଥିବା ସ୍ୱୀକାର କରିଥିଲେ । ଜବତ ମୋବାଇଲ ସହିତ ଅଭିଯୁକ୍ତ ବିକି ଓ ତପୁକୁ ଜିଆରପି ଜିମା ଦିଆଯିବା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ରାସ୍ତାରୁ ଅପହରଣ, ଫୋନ୍-ପେ ଟଙ୍କା ଲୁଟ୍

**ଭୁବନେଶ୍ୱର, ୨୯।୫ (ସମିସ):** ରାସ୍ତାରେ ଅଟକାଇବା ପରେ ଅପହରଣ କରିନେଲେ । ବେକରେ ଛୁରି ଲଗାଇ ଫୋନ୍-ପେରେ ଟଙ୍କା ଲୁଟିଲେ । ତାରିଣୀ ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛନ୍ତି ମହର୍ଷି କଲେଜ ପଛପାଖେ ରହୁଥିବା ଜଗଦୀଶ ଦାସ ଓରଫ୍ ଯତିନ୍ (୨୪) ଓ ଶାନ୍ତିପଲ୍ଲୀ ବସ୍ତିର ବିଜୟ କୁମାର ମୁଦୁଲି ଓରଫ୍ ହାପି (୨୦) ।

ପୁଲିସ ସୂଚନାନୁସାରେ, ଲକ୍ଷ୍ମୀସାଗର ଉପର ସାହିର ଆଦିତ୍ୟ ରାଉତ ଗତ ୧୮ ତାରିଖ ରାତି ୧୦ଟାରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ଜଗନ୍ନାଥ ନଗର ତାରିଣୀ ବସ୍ତି ନିକଟରେ ଯତିନ୍, ହାପି ଓ ଦୁଇ ସହଯୋଗୀ ତାଙ୍କୁ ରାସ୍ତାରେ ଅଟକାଇବା ସହ ମୁହଁରେ କଳା କପଡ଼ା ଗୁଡାଇ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇଥିଲେ । ସେଠାରେ ତାଙ୍କ ବେକରେ ଛୁରି ଲଗାଇ ଭୟଭୀତ କରିବା ସହ ଫୋନ୍-ପେ ଜରିଆରେ ମୋବାଇଲ ଫୋନରୁ ୭୦ ହଜାର ଟଙ୍କା ନେଇ ଯାଇଥିଲେ । ଏଥିସହିତ ମୋବାଇଲ ନମ୍ବରରେ ୩୫୩ ଟଙ୍କାର ରିଚାର୍ଜ କରିଥିଲେ । ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଫେରାର ହୋଇ ଯାଇଥିଲେ । ପରବର୍ତ୍ତୀ ସମୟରେ ଏକ ନମ୍ବରରୁ ଫୋନ୍ କରି ଅଧିକ ଟଙ୍କା ଦେବା ଲାଗି ଆଦିତ୍ୟଙ୍କୁ ଧମକ ଦେଇଥିଲେ । ଏନେଇ ଆଦିତ୍ୟ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ଶୁକ୍ରବାର ଯତିନ୍ ଓ ହାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲା ମଧୁସ୍ମୃତି ସୁରକ୍ଷା ମଞ୍ଚ

**କଟକ, ୨୯ ।୫(ସମିସ):** ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘ ଦିନ ଧରି ଦାବି ପ୍ରକାଶ ପାଉଥିଲେ ମଧ ଚୁପ ହୋଇ ବସିଛନ୍ତି ରାଜ୍ୟ ସରକାର । ମଧୁସ୍ମୃତି ସୁରକ୍ଷା ମଞ୍ଚ ସମେତ ବିଭିନ୍ନ ସାମାଜିକ ସଂଗଠନ ଓ ଛାତ୍ରୀଙ୍କ ପକ୍ଷରୁ ଆଜିକୁ ୧୦୦ ଦିନରୁ ଅଧିକ ହେବ ଆନ୍ଦୋଳନ ଜାରି ରହିଥିଲେ ମଧ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଏପରିକି ଆନ୍ଦୋଳନକାରୀଙ୍କ ଏକ ପ୍ରତିନିଧି ଦଳ ଏନେଇ ସ୍ଥାନୀୟ ବିଧାୟିକାଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ ମଧ ଏହାର କୌଣସି ବିଶେଷ ନିଜ୍ୟାସ ବାହାରି ପାରିନାହିଁ । ଏହି ପରିପ୍ରେକ୍ଷୀରେ ଆଜି ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି । ମଞ୍ଚ ପକ୍ଷରୁ ଆଜି ଏନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ପିଡ୍ ପୋଷ୍ଟ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ୧୪୭ ଜଣ ବିଧାୟକଙ୍କୁ ମଧ ପତ୍ର ମାଧ୍ୟମରେ ନିବେଦନ କରାଯାଇଛି । ରାଜ୍ୟର ପ୍ରଥମ ମହିଳା ମହାବିଦ୍ୟାଳୟ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦିଗରେ ଦଳମତ ନିର୍ବିଶେଷରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ନିର୍ବାଚିତ ଜନ ପ୍ରତିନିଧି ସହଯୋଗ କରିବାକୁ ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା ନିବେଦନ କରିଛନ୍ତି । ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବାରେ ବିଳମ୍ବ ହେଲେ ସହରରେ ସରକାରୀ ବିରୋଧୀ ମନୋଭାବକୁ ପ୍ରଶ୍ରୟ ଦେବାସହ ଆଗକୁ ତୀବ୍ର ଆନ୍ଦୋଳନ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରୁଛି ବୋଲି ସଂଗଠନ ପକ୍ଷରୁ ମତ ପ୍ରକାଶ ପାଇଥିଲା । ଆଜିର ଏହି ଅଭିଯାନରେ ମଞ୍ଚର ସଭାପତି ଡ଼. ନଟବର ଶତପଥୀ, ଦେବୀ ପ୍ରସାଦ ସେଠୀ, ଜଗନ୍ନାଥ ମହାନ୍ତି, ପୁଷ୍ପା ସାମଲ, ସୌଦାମିନୀ ଜେନା, ଗ୍ରେଟର କଟକ ମୁଭମେଣ୍ଟ ର ମନୋଜ ପତି, କବିନ୍ଦ୍ର ବେହେରା, ବିଜୟିନୀ ମିଶ୍ର, ପ୍ରଦେଶ କୁମାରୀ ମହାରଣା, ଅକ୍ଷୟ ଆଚାର୍ଯ୍ୟ, ସତ୍ୟଜିତ ଗୋସ୍ୱାମୀ ପ୍ରମୁଖ ସାମିଲ ହୋଇଥିଲେ ।

## ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଆଜିଠୁ ଘରକୁ ଘର ତଥ୍ୟ ସଂଗ୍ରହ

**କଟକ, ୨୯ ।୫(ସମିସ):** ଏସଆଇଆର୍ ବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲାର ୯ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲଓ ମାନଙ୍କୁ ଗଣନା ଫର୍ମଗୁଡ଼ିକ ଦିଆଯାଇ ସାରିଛି । ଆସନ୍ତାକାଲି ବିଏଲଓମାନେ ଘରକୁ ଘର ଯାଇ ଫର୍ମଗୁଡିକ ଦେବେ । ଜିଲ୍ଲାର ସମସ୍ତ ମତଦାତା ବୁଥସ୍ତରୀୟ ଅଧିକାରୀମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରି ଏହି ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଆଜି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲାରେ ଜଣେ ମଧ ଯୋଗ୍ୟ ଭୋଟର ଯେପରି ବାଦ୍ ଯେପରି ନ ପଡ଼ିବେ ସେନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାର ସହ କାର୍ଯ୍ୟ କରାଯାଉଥିବା କହିଛନ୍ତି । ଜିଲ୍ଲାରେ ୩୦ ମେରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ । ୫ ଜୁଲାଇରେ ଖସଡା ଭୋଟର ତାଲିକା ପ୍ରକାଶ ପାଇବ । ଭୋଟରମାନଙ୍କ ସୁବିଧା ପାଇଁ ଆମ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ହେଲ୍ପ ଡେସ୍କ ମାନ ଖୋଲାଯାଇଛି । ଭୋଟରଙ୍କୁ ସଚେତନ କରିବା ପାଇଁ ଆଜି ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଶ୍ରୀ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ଅମ୍ଳାନ ଅପରାଜିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ପିୟର୍ ଏଜୁକେଟର୍‌ଙ୍କ ପାଇଁ ତାଲିମ୍ ଶିବିର




**କଟକ, ୨୯ ।୫(ସମିସ):** ଉତ୍କଳ ସେବକ ସମାଜ ଓ ଆପୋଲୋ ଟାୟାର୍ସ ଫାଉଣ୍ଡେସନ୍‌ର ମିଳିତ ଉଦ୍ୟମରେ ଜଗତପୁରସ୍ଥିତ ଆପୋଲୋ ଟାୟାର୍ସ ହେଲ୍ଥ କେୟାର୍ ସେଣ୍ଟରରେ ତୃଣମୂଳ ସ୍ତରରେ କାର୍ଯ୍ୟରତ ପିୟର୍ ଏଜୁକେଟର୍‌ଙ୍କ ପାଇଁ ଏକ ତାଲିମ୍ ଶିବିର ଓ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ରୋଗୀ ଅଧିକାର ମଞ୍ଚର ପ୍ରତିଷ୍ଠାତା ସଭାପତି ତଥା ଉତ୍କଳ ସେବକ ସମାଜର ସମ୍ପାଦକ ଆଇନଜୀବି ଅମୀୟ ଭୂଷଣ ବିଶ୍ୱାଳଙ୍କ ପୌରୋହିତରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ଼ଃ ଜୟନ୍ତ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ କଟକ ମହାନଗର ନିଗମର ଡେପୁଟି ମେୟର ଦମୟନ୍ତୀ ମାଝୀ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜେ ନେବା ସହିତ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ଟିବି ହେଲଥ୍ ଭିଜିଟର୍ ରଞ୍ଜନ ମହାରଣା ଟିବି ରୋଗର କାରଣ, ଲକ୍ଷଣ, ନିରାକରଣ ଓ ଉପଲବ୍ଧ ଚିକିତ୍ସା ଇତ୍ୟାଦି ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଆପୋଲୋ ଟାୟାର୍ସର ଟେରିଟୋରିୟଲ ମ୍ୟାନେଜର ରବି ତିୱାରୀ ସହକର୍ମୀଙ୍କ ସହିତ ସ୍ମିତା ପ୍ରଧାନ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ଆପୋଲୋ ଟାୟାର୍ସ ହେଲ୍ଥ କେୟାର୍ ସେଣ୍ଟରର ପ୍ରକଳ୍ପ ଅଧିକାରୀ ଅଶ୍ୱିନୀ ପାଣି ସ୍ୱାସ୍ଥ୍ୟକେନ୍ଦ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ପିୟର୍ ଏଜୁକେଟର୍‌ଙ୍କ ଭୂମିକା ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ମଳୟ କୁମାର ଷଡ଼ଙ୍ଗୀ ସଂଯୋଜନା କରିବା ସହିତ ଧନ୍ୟବାଦ ଦେଇଥିଲେ । ଭାରତୀ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବାରଙ୍ଗ ଥାନାରେ ପୁଲିସ ଅତ୍ୟାଚାର ଘଟଣା

# ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉ: ସିପିଡିଆର୍‌ଏସ୍

**କଟକ, ୨୯।୫(ସମିସ):** ବାରଙ୍ଗ ଥାନା ଭିତରେ ଜଣେ ଯୁବକଙ୍କ ଉପରେ ପୁଲିସର ଅମାନୁଷିକ 'ଥାର୍ଡ ଡିଗ୍ରୀ' ଅତ୍ୟାଚାର ପ୍ରଦର୍ଶନ ଘଟଣାରେ ସିପିଡିଆରଏସ ସଂଗଠନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି । ପୁଲିସ ମାଡ଼ରେ ଗୁରୁତର ଆହତ ଯୁବକ ଜଣକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ପରିବାର ଲୋକଙ୍କ ସହ ଦେଖା କରିବାକୁ ଦିଆଯାଉନାହିଁ କିମ୍ବା ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ସୂଚନା ଦିଆଯାଉନାହିଁ । ଗଣମାଧ୍ୟମରେ ପ୍ରକାଶିତ ଏହି ତଥ୍ୟ ଯଦି ସତ୍ୟ ହୋଇଥାଏ, ତେବେ ଏହା ଅତ୍ୟନ୍ତ ସାଂଘାତିକ ଓ ମାନବାଧିକାର ଉଲ୍ଲଂଘନ ବୋଲି ସଂଗଠନ କହିଛି । ଏହି ସମ୍ବେଦନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଥାନା ଇନ୍ସପେକ୍ଟରଙ୍କ ସମେତ ସମସ୍ତ ଅଭିଯୁକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ 'ହତ୍ୟା ଉଦ୍ୟମ' ମାମଲା ରୁଜୁ କରିବାକୁ ସିପିଡିଆରଏସ ଦାବି କରିଛି । ଏଥିସହିତ ପୀଡ଼ିତ ଯୁବକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ସହ ତାଙ୍କୁ ତୁରନ୍ତ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ସରକାରଙ୍କ ନିକଟରେ ଜୋରଦାର ଦାବି ହୋଇଛି ।

## ୩୧ରେ 'ଜନଗଣନା ଓ ଓଡ଼ିଆ ଭାଷା' ଶୀର୍ଷକ ଆଲୋଚନାଚକ୍ର

**କଟକ, ୨୯।୫(ସମିସ):** ଉତ୍କଳ ସାହିତ୍ୟ ସମାଜ ଓ ଓଡ଼ିଆ ଜନଗଣନା ଜାଗରଣ ସମିତିର ମିଳିତ ଆନୁକୂଲ୍ୟରେ ଆସନ୍ତା ମେ ୩୧ (ରବିବାର) ପୂର୍ବାହ୍ଣ ୧୦ଟାରେ କଟକସ୍ଥିତ ଶତାବ୍ଦୀ ଭବନଠାରେ 'ଜନଗଣନା ଓ ଓଡ଼ିଆ ଭାଷା' ଶୀର୍ଷକ ଏକ ସ୍ୱତନ୍ତ୍ର ଆଲୋଚନା ଓ ପ୍ରସ୍ତାବ ଗ୍ରହଣ ସଭା ଆୟୋଜିତ ହେବାକୁ ଯାଉଛି । ଚଳିତ ଜନଗଣନାକୁ ଦୃଷ୍ଟିରେ ରଖି ଓଡ଼ିଶା ସମେତ ବିଭିନ୍ନ ପ୍ରବାସୀ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ବୁଦ୍ଧିଜୀବୀମାନେ ଏହି ବିଶେଷ ଅଧିବେଶନରେ ଯୋଗଦେଇ ଭାଷାର ସୁରକ୍ଷା ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଗମ୍ଭୀର ବିଚାର ବିମର୍ଶ କରିବେ । ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ ଏବଂ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ଡାକ୍ତର ଦିନେଶ କୁମାର ଷଡ଼ଙ୍ଗୀଙ୍କ ଆହ୍ୱାନକ୍ରମେ ଏହି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ବୁଦ୍ଧିଜୀବୀଙ୍କ ମତାମତ ଆଧାରରେ ଆଗାମୀ ଦିନରେ କି କି ଦୃଢ଼ ପଦକ୍ଷେପ ନିଆଯିବ, ସଭାରେ ସେହି ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ ଷଡ଼ଙ୍ଗୀ ଓ ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି ।

## ଓଡ଼ିଶା କମ୍ପ୍ୟୁଟର୍ ଏକାଡେମୀ ପକ୍ଷରୁ ରକ୍ତଦାନ ଶିବିର




**କଟକ, ୨୯।୫(ସମିସ):** ଗ୍ରୀଷ୍ମ ଋତୁରେ ଥାଲାସେମିଆ ରୋଗୀଙ୍କ ପାଇଁ ଦେଖାଯାଉଥିବା ରକ୍ତ ଅଭାବକୁ ଦୂର କରିବା ଲକ୍ଷ୍ୟରେ କଟକର ଅଗ୍ରଣୀ ଶିକ୍ଷାନୁଷ୍ଠାନ 'ଓଡ଼ିଶା କମ୍ପ୍ୟୁଟର ଏକାଡେମୀ' ପକ୍ଷରୁ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଜନ୍ମବାର୍ଷିକୀ ଅବସରରେ ଏସସିବି ରକ୍ତଭଣ୍ଡାର ସହଯୋଗରେ ଆୟୋଜିତ ଏହି ଶିବିରକୁ ଓସିଏ ପରିଚାଳନା ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ରାଉତ ପରିଚାଳନା କରିଥିଲେ । ଏଥିରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବ ଛାତ୍ରଛାତ୍ରୀ ଓ କର୍ମଚାରୀ ଉତ୍ସାହର ସହ ରକ୍ତଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଦ୍‌ଗୁରୁ ହସ୍ପିଟାଲର ମୁଖ୍ୟ ଡାଃ ପ୍ରଦୀପ କୁମାର ମହାନ୍ତି, ଡାଃ ସମିତା ମହାନ୍ତି, ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡଃ ନରେଶ ଚନ୍ଦ୍ର ସାହୁ ଏବଂ ଡଃ ଗଜେନ୍ଦ୍ର ସେନାପତି ଉଦ୍‌ଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୧୨୫ ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ ହୋଇଥିବା ବେଳେ ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ଓ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା । ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଏସସିବି ମେଡିକାଲର ଆସୋସିଏଟ୍ ପ୍ରଫେସର ଡାଃ ସ୍ୱାଇଁ ଶ୍ରୀ ରାଉତଙ୍କ ଏହି ମହତ ପ୍ରୟାସକୁ ବେଶ୍ ପ୍ରଶଂସା କରି ପ୍ରଶଂସା ପତ୍ର ପ୍ରଦାନ କରିଥିଲେ ।

# ମୋକିମ ଫାଉଣ୍ଡେସନ ପକ୍ଷରୁ 'ଏକାଡେମୀ ଷ୍ଟାର୍ ଅଫ୍ ଦ ଇଅର' ସମ୍ବର୍ଦ୍ଧନା

**କଟକ, ୨୯ ।୫(ସମିସ)**





ମୋକିମ ଫାଉଣ୍ଡେସନ ଆନୁକୂଲ୍ୟରେ କଟକ ସହରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଶ୍ରେଷ୍ଠ ୧୦ ଜଣ ଏବଂ ଏ୧ ଗ୍ରେଡ୍ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ 'ଏକାଡେମୀ ଷ୍ଟାର୍ ଅଫ୍ ଦ ଇଅର ୨୦୨୬' ଭାବେ ସମ୍ବର୍ଦ୍ଧିତ କରାଯାଇଛି । ସମସ୍ତ କୃତୀ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଅବସରରେ ସ୍ୱତନ୍ତ୍ର ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏହି ସମାରୋହରେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଦେବଦାସ ଛୋଟରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାବକଙ୍କୁ ଏକ ପରାମର୍ଶ ଦେଇ କହିଥିଲେ ଯେ ପିଲାମାନେ ଯେଉଁ କ୍ଷେତ୍ରରେ କିମ୍ବା ସ୍ରୋତରେ ଆଗକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି, ସେହି ଦିଗରେ ହିଁ ସେମାନଙ୍କର ମାର୍ଗ ପ୍ରଶସ୍ତ କରାଯିବା ଉଚିତ । ପିଲାମାନଙ୍କ ଉପରେ କୌଣସି ପ୍ରକାରର ଚାପ ପ୍ରୟୋଗ ନ କରି ସେମାନଙ୍କୁ ମୁକ୍ତ ଭାବେ ନିଜ ସ୍ୱପ୍ନ ସାକାର କରିବାକୁ ସୁଯୋଗ ଦେବା ପାଇଁ ସେ ପିତାମାତାଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ କଟକ ମାଟିର ଗୌରବ ତଥା ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ପରୀକ୍ଷାରେ ୧୩ତମ ସ୍ଥାନ ହାସଲ କରିଥିବା କାଠଗଡ଼ା ସାହିର ମେଧାବୀ ଛାତ୍ରୀ ବିଦୁସ୍ମିତା ସାହୁଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବାରବାଟୀ-କଟକ ବିଧାୟିକା ତଥା ଫାଉଣ୍ଡେସନର ଟ୍ରଷ୍ଟି ସୋଫିଆ ଫିରଦୋଷ ଏହି ଅବସରରେ ବିଦୁସ୍ମିତାଙ୍କ ଭୂୟସୀ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ ବିଦୁସ୍ମିତାଙ୍କର ଏହି ବେଞ୍ଚମାର୍କ ସଫଳତା କେବଳ କଟକ ସହର ପାଇଁ ଏକ ଗର୍ବର ବିଷୟ ନୁହେଁ, ବରଂ ଏହା ଆଜିର ଯୁବପିଢ଼ି ଓ ଆଗାମୀ ଦିନର ପ୍ରଶାସନିକ ସେବା ଆଶାୟୀଙ୍କ ପାଇଁ ଏକ ବିରାଟ ପ୍ରେରଣା । ଉତ୍ସବରେ କଟକ ସହରର ବିଶିଷ୍ଟ ନାରୀନେତ୍ରୀ ଗିରିବାଳା ବେହେରା, ପ୍ରତିଷ୍ଠିତ ଶିକ୍ଷାବିତ ସେକ କଲିମ୍ ଉଲ୍ଲା ଓ ପୂର୍ବତନ ପ୍ରଫେସର ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୋକିମ ଫାଉଣ୍ଡେସନର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଉପସ୍ଥିତ ସମସ୍ତ ଶିକ୍ଷାର୍ଥୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଏହି ଗୌରବମୟ ସଫଳତା ପାଇଁ ସାଧୁବାଦ ଜଣାଇଥିଲେ । ସେ ଆଶା ପ୍ରକଟ କରି କହିଥିଲେ ଯେ ଆଗାମୀ ଦିନରେ ଏହି ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଆହୁରି ଅଗ୍ରଗତି କରି ଓଡ଼ିଶା ଓ ଭାରତବର୍ଷ ସମେତ ସମଗ୍ର ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ ଏବଂ ନିଜ ସହ କଟକ ତଥା ଓଡ଼ିଶାର ସୁନାମ ବଢ଼ାଇବେ । ଏହି ଅବସରରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ମୋକିମ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ କର ଧନ୍ୟବାଦ ଦେଇଥିବା ବେଳେ ପ୍ରସମିତ କାନୁନଗୋ ସଫଳତାର ସହ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ସହଯୋଗ କରିଥିଲେ ।

**କୃତୀ ଛାତ୍ରଛାତ୍ରୀ ପୁରସ୍କୃତ**

## ଆଜିଠାରୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ

# କାର୍ଯ୍ୟରେ ୧୬୩୯ ବିଏଲ୍ଓ, ୧୬୪ ସୁପରଭାଇଜର ନିୟୋଜିତ



**ଯାଜପୁର, ୨୯।୫(ସମିସ)**

ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଏସଆଇଆର୍ ସମୟ ସାରଣୀ, ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ, ବିଏଲଓ ଓ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା, ଆପତ୍ତି ଦାଖଲ ଏବଂ ସମାଧାନ, ବିଏଲଓଙ୍କ ପ୍ରଶିକ୍ଷଣ, ହେଲ୍ପଲାଇନ୍ ଡେସ୍କ ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ବୈଠକରେ ଜିଲ୍ଲାରେ ମୋଟ ମତଦାତାଙ୍କ ସଂଖ୍ୟା, ନିୟୋଜିତ ବିଏଲଓଙ୍କ ସଂଖ୍ୟା, ନିର୍ବାଚନ ମଣ୍ଡଳୀ ଅନୁଯାୟୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅଯୋଗ୍ୟ ଏବଂ ଅନଧିକୃତ ବ୍ୟକ୍ତିଙ୍କୁ ହଟାଇବା ସହ ଯୋଗ୍ୟ ମତଦାତାଙ୍କ ନାମ ସମ୍ମିଳିତ କରି ଭୋଟର ତାଲିକାକୁ ସଠିକ୍, ନିର୍ଭୁଲ ଏବଂ ପାରଦର୍ଶୀ କରିବା ଦିଗରେ ଏସ୍ଆଇଆର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା। ଏହାକୁ ସୁଚାରୁ ରୂପେ ସମ୍ପାଦନ କରିବା ଆମର ଏକ ପ୍ରମୁଖ ଦାୟିତ୍ୱ ଏବଂ ଜନସାଧାରଣଙ୍କୁ ଏସଆଇଆର ସମ୍ପର୍କରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଥିଲେ।

**କୌଣସି ଗୁଜବ କିମ୍ବା ମିଥ୍ୟା ଖବରରେ ବିଶ୍ୱାସ ନ କରିବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ**

ସୂଚନାଯୋଗ୍ୟ, ଜିଲ୍ଲାରେ ଏସଆଇଆର କାର୍ଯ୍ୟରେ ୧୬୩୯ ଜଣ ବିଏଲଓ ଏବଂ ୧୬୪ ଜଣ ବିଏଲଓ ସୁପରଭାଇଜର ନିୟୋଜିତ ଅଛନ୍ତି। ଚଳିତ ବର୍ଷ ମେ' ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିବେ। ପ୍ରତ୍ୟେକ ମତଦାତାଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏହି ଫର୍ମଗୁଡିକ ସତର୍କତାର ସହିତ ପୂରଣ କରିବାକୁ ହେବ। ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ନିର୍ବାଚନ ଫର୍ମ ଦୁଇଟି ପୂରଣ କରିସାରିଲା ପରେ, ଗୋଟିଏ ଫର୍ମକୁ ବିଏଲ୍ଓ ସଂଗ୍ରହ କରି ଆର ଫର୍ମଟିରେ ପ୍ରାପ୍ତିସ୍ୱୀକାର ପ୍ରଦାନ କରିବେ। ନିର୍ବାଚକମାନଙ୍କଠାରୁ ପ୍ରାପ୍ତ ପରିଗଣନା ଫର୍ମ ଆଧାରରେ ଚିଠା ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଜନସାଧାରଣ ଏସ୍ଆଇଆର ସମ୍ବନ୍ଧୀୟ କୌଣସି ଗୁଜବ କିମ୍ବା ମିଥ୍ୟା ଖବରରେ ବିଶ୍ୱାସ ନ କରିବା ସହ ଅଧିକ ସୂଚନା ପାଇଁ ନିକଟସ୍ଥ ନିର୍ବାଚନ ପଞ୍ଜୀକରଣ ଅଧିକାରୀ କିମ୍ବା ବିଡିଓ, ତହସିଲଦାରଙ୍କ ସହ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ। ଏହାସହ ଟୋଲ୍ ଫ୍ରୀ ନମ୍ବର ୧୯୫୦ରେ କଲ୍ କରିପାରିବେ ବୋଲି କୁହାଯାଇଛି।

## ଟ୍ରକ୍ ପଛରେ ଟ୍ରକ୍ ଧକ୍କା, ୫ ଆହତ



**ପାଣିକୋଇଲି, ୨୯।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାଣିକୋଇଲି ଏସପି ଅଫିସ ସମ୍ମୁଖରେ ଆଜି ଭୋରୁ ଏକ ଟ୍ରକ୍ ପଛରେ ଦ୍ରୁତଗତିରେ ପଛରୁ ଆସି ଏକ ଟ୍ରକ୍ ଧକ୍କା ଦେବା ଫଳରେ ଟ୍ରକର ସମ୍ମୁଖ ଭାଗ ଚୁରମାର ହେବା ସହିତ ଚାଳକ ଓ ଖଲାସୀ ସମେତ ୫ଜଣ ଆହତ ହୋଇଥିବା ବେଳେ ଖଲାସୀ ଅଳ୍ପକେ ବର୍ତ୍ତି ଯାଇଛି। ପ୍ରକାଶଯେ ବାଲେଶ୍ୱର ସେରଗଡ଼ରୁ ଏକ ଟ୍ରକ (ଓଡି୦୧ଜେଡ ୫୫୮୪) କଟକ ଅଭିମୁଖେ ଯାଉଥିଲା। ଏଥିରେ କଟକ ବଡ଼ ମେଡିକାଲକୁ ଚିକିତ୍ସା ନିମନ୍ତେ ଅନ୍ୟ ତିନି ଜଣ କେବିନରେ ବସି ଯାଉଥିଲେ। ପାଣିକୋଇଲି ପୂର୍ତ୍ତ କାର୍ଯ୍ୟାଳୟ ସମ୍ମୁଖରେ ଟ୍ରକ୍‌ଟି ଭାରସାମ୍ୟ ହରାଇ ଅନ୍ୟ ଏକ ଟ୍ରକ୍ ପଛରେ ଧକ୍କା ଦେଇ ରାସ୍ତା କଡ ଲୁହା ବାଡ଼ାରେ ଲାଗି ଅଟକି ଯାଇଥିଲା। ଦୁର୍ଘଟଣାକୁ ଦେଖି ଆଗ ଟ୍ରକଟି ଫେରାର ହୋଇ ଯାଇଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହେବା ସହ ତା' ମଧ୍ୟରୁ ଚାଳକ ଓ ଖଲାସୀ କିମ୍ବା ଯାତ୍ରୀ ବାହାରି ପାରିନଥିଲେ। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟ ଟ୍ରାନ୍ସଫର୍ମରରୁ କଏଲ ଓ ତେଲ ଚୋରି

**ପାଣିକୋଇଲି, ୨୯।୫(ସମିସ):** ପାଣିକୋଇଲି ଟ୍ରମାକେୟାରୁ ୭୫୦ କେଭି ଟ୍ରାନ୍ସଫର୍ମରରୁ କଏଲ ଚୋରି ଘଟଣା ସୁରାଗ ପୁଲିସ ପାଖରେ ନଥିବା ବେଳେ ପୁଣି ପିଏମ୍‌ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟରରୁ ଟ୍ରାନ୍ସଫର୍ମରରୁ କଏଲ ଓ ତେଲ ଚୋରି ହେବା ଅଭିଯୋଗ ପାଣିକୋଇଲି ଥାନାରେ କରାଯାଇଛି। ଏନେଇ ପୁଲିସ ଏକ ମାମଲା ୨୦୩/୨୬ ରୁଜୁ କରିଛି। ଏହି ଟ୍ରାନ୍ସଫର୍ମରରୁ ଚୋରି ଯୋଗୁଁ ସମଗ୍ର ବିଦ୍ୟାଳୟ କ୍ୟାମ୍ପସକୁ ବିଦ୍ୟୁତ ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି। ଯାହା ଫଳରେ ଏହି ଆବାସିକ ପ୍ରତିଷ୍ଠାନର ଛାତ୍ର ଏବଂ କର୍ମଚାରୀମାନେ ଗୁରୁତର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ବିଦ୍ୟାଳୟର ସାଧାରଣ କାର୍ଯ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଏହା ଅଜ୍ଞାତ ବ୍ୟକ୍ତିମାନଙ୍କ ଦ୍ୱାରା ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯିବା ସହ ତୁରନ୍ତ ଦୋଷୀମାନଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଚୋରି ସାମଗ୍ରୀର ଶୀଘ୍ର ପୁନଃ ଉଦ୍ଧାର ପାଇଁ ତୁରନ୍ତ ଆବ୍ୟାକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି।

## କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

**ଧର୍ମଶାଳା, ୨୯।୫(ସମିସ):** ଧର୍ମଶାଳା ବ୍ଲକର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଆଜି ଅପରାହ୍ନରେ ବର୍ଷା ବିଜୁଳି ସହ ପବନ ବହି ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷତିହୋଇଛି। ସୂଚନା ମୁତାବକ ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଜାରି ରହିଥିବା ବେଳେ ଦିନ ତମାମ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ କାଳ ବୈଶାଖୀ ପ୍ରଭାବରେ ଆଜି ଧର୍ମଶାଳା ବ୍ଲକର ଅଧିକାଂଶ ଅଞ୍ଚଳରେ ବର୍ଷା ସହିତ ବିଜୁଳି ଓ ପବନ ବୋହିବାରୁ ବହୁ ଅଞ୍ଚଳରେ କ୍ଷୟକ୍ଷତି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳିରୁ କିଛିଟା ଆଶ୍ୱସ୍ତି ମିଳିଛି। କାଳବୈଶାଖୀ ଯୋଗୁଁ ଆଜି ସନ୍ଧ୍ୟା ସାଢ଼େ ପାଞ୍ଚଟାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଜୁଳି ସେବା ବନ୍ଦ ରହିଛି। ଅନେକ ସ୍ଥାନରେ ବିଜୁଳି ଖୁଣ୍ଟ ଉପୁଡି ପଡ଼ିଥିବା ବେଳେ ବିଭିନ୍ନ ସ୍ଥାନରେ ଗଛ ଉପୁଡିବା ସହ ଗଛ ଡାଳ ରାସ୍ତା ଉପରେ ପଡ଼ି ରାସ୍ତା ବନ୍ଦ ରହିଛି। ଏହି ବର୍ଷା ଓ ପବନରେ କିଛି ସ୍ଥାନରେ ଛପର ଘର ଉଡିଯାଇଥିବା ଖବର ଆସୁଛି।

## ଛାତ୍ରଙ୍କୁ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସମ୍ବର୍ଦ୍ଧନା



**ପ୍ରୀତିପୁର, ୨୯।୫(ସମିସ):** ବିଞ୍ଝାରପୁର ଥାନାର ଚକ୍ରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତରଫରୁ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରକାଶ ଯେ ଚକ୍ରପୁର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିବା ବୋଇତାଳୁ ପାଟଣା ଗ୍ରାମର ସୁବ୍ରତ ସାମଲ ଓ ରଶ୍ମୀରେଖା ଜେନାଙ୍କ ପୁଅ ସୂର୍ଯ୍ୟକାନ୍ତ ସାମଲ ଯୁକ୍ତଦୁଇ ପରୀକ୍ଷାରେ ୫୮୦ ରଖିଥିବାରୁ ଚକ୍ରପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଗଣେଶ ପ୍ରସାଦ ସାମଲ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ବିବେକାନନ୍ଦ ଶିକ୍ଷାକେନ୍ଦ୍ରରୁ ପ୍ରାଥମିକ ଶିକ୍ଷା, ସ୍ଥାନୀୟ ରଙ୍ଗାଧର ହାଇସ୍କୁଲରୁ ମାଟ୍ରିକ ପାଶ୍ କରିବା ପରେ ସେ ଏକ୍ସେଲସିୟର ହାୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତଦୁଇ ଶିକ୍ଷା ଗ୍ରହଣ କରି କୃତୀତ୍ୱ ଅର୍ଜନ କରିଛନ୍ତି ବୋଲି ସ୍କୁଲ ତରଫରୁ କୁହାଯାଇଛି।

## ଶକ୍ତି ସଦନ ଗୃହରେ ଅନ୍ନଦାନ ଶିବିର

**ଯାଜପୁର, ୨୯।୫ (ସମିସ):** ତିନି ସେନା ଦ୍ୱାରା ଗଠିତ ହୋଇଥିବା ସଂସ୍ଥା ଭେଟେରାନ୍ ଆସୋସିଏସନ୍ ବୈଦ୍ୟରାଜପୁର ଯାଜପୁର ପକ୍ଷରୁ ଇଂ. ସୌରଭ ରାଉତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଯାଜପୁର ପୌରପାଳିକା ଲଳିତେଶ୍ୱର ନଗରସ୍ଥିତ ଶକ୍ତି ସଦନ ଗୃହର ଅନ୍ତେବାସୀଙ୍କୁ ଅନ୍ନଦାନ କରାଯାଇଥିଲା। ଏହି ମହତ କାର୍ଯ୍ୟକ୍ରମକୁ ସଂସ୍ଥାର ସଭାପତି ପ୍ରଦୀପ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସଂଘର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଗୟାଧର ମିଶ୍ର, ଦିଜେନ୍ଦ୍ରନାଥ ରାଉତ, ପ୍ରମୋଦ କୁମାର ମହାନ୍ତି, ଭବବାନ ସାହୁ, ବିଶ୍ୱନାଥ ସ୍ୱାଇଁ, ଦେବାଶିଷ ପଣ୍ଡା, ଦାମୋଦର ନାୟକ, ଅଜୟ କୁମାର ମହାନ୍ତି, ପତିତପାବନ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ବିଜୟ କୁମାର ସାମଲ, ନିରଞ୍ଜନ ଦାସ, ନିର୍ମଳ ଚନ୍ଦ୍ର ଦାସ, ଏନ୍.ସି. ଜେନା, ଏନ୍.କେ. ଶତପଥୀ, ବ୍ରଜକିଶୋର ପଣ୍ଡା, ସାନିଧ ସ୍ୱାଇଁ, ଡି.କେ. ପରିଡ଼ା, ପ୍ରତାପ ବେହେରା, ଅର.ଏନ୍. ମହାପାତ୍ର, ବିଭୂତି ଭୂଷର ମିଶ୍ର, ମେଜର (ଡାକ୍ତର) ଶୋଭନ୍ ରାଉତଙ୍କ ସହଧର୍ମିଣୀ ପ୍ରତ୍ୟାଶା ପଣ୍ଡା ଓ ଅବସରପ୍ରାପ୍ତ ସେନାନି ମାନଙ୍କର ସହଧର୍ମିଣୀମାନେ ମଧ୍ୟ ସହଯୋଗ କରିଥିଲେ। ଅନ୍ୱେଷଣ ଥିଏଟର ଗ୍ରୁପର ସଭାପତି ବୃନ୍ଦାବନ ମିଶ୍ର, ସମ୍ପାଦକ ଅଭିମନ୍ୟୁ ମିଶ୍ର, କୋର କମିଟିର ଅଧ୍ୟକ୍ଷ ଅବଦୁଲ୍ ସାଜିଦ୍, ଶଙ୍କର ଚିତ୍ରାଳୟର ମାଲିକ ଶଙ୍କର ସାହୁ ଯୋଗ ଦେବା ସହିତ ଶକ୍ତି ସଦନ ଗୃହର ସଦସ୍ୟ ପ୍ରଶାନ୍ତ କୁମାର ଓଝା ଓ ଦୁର୍ଯ୍ୟୋଧନ ସାହୁ, ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଗ୍ରାମବାସୀଙ୍କ ବିରୋଧ



**ବିଞ୍ଝାରପୁର, ୨୯।୫(ସମିସ):** ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତ ଅନ୍ତର୍ଗତ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୂତନ ପ୍ରଧାନ ଶିକ୍ଷକ ଭାବେ ଯୋଗ ଦେବାକୁ ଆସିଥିବା ଅନାଦି ଚରଣ ଯେନାଙ୍କୁ ଅଭିଭାବକ ଓ ଗ୍ରାମବାସୀ ବିରୋଧ କରିଥିବା ଜଣାପଡ଼ିଛି। ସୂଚନା ମୁତାବକ ଅନାଦି ଚରଣ ଯେନା ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯୋଗଦାନ କରିବାକୁ ଆସୁଥିବା ଖବର ପାଇ ଅରେଇ ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ଗତ ୨୫ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ଗ୍ରାମବାସୀ ଉକ୍ତ ଶିକ୍ଷକଙ୍କ ପୂର୍ବ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇଥିବାରୁ ତାଙ୍କୁ ପବିତ୍ର ବରୁଣେଶ୍ୱର କ୍ଷେତ୍ରରେ ଥିବା ଏହି ବିଦ୍ୟାଳୟରେ ନିଯୁକ୍ତି ନ ଦେଇ ଜଣେ ଉଚ୍ଚକୋଟିର ପ୍ରଧାନ ଶିକ୍ଷକ ନିଯୁକ୍ତ କରିବାକୁ ଦାବି କରାଯାଇଥିଲା। କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ସରପଞ୍ଚଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇନଥିବା ଅଭିଯୋଗ ହେଉଛି। ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୩ଟି ପଞ୍ଚାୟତର ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ପୂର୍ବରୁ ଏଠାରେ ଉଚ୍ଚକୋଟିର ପ୍ରଧାନ ଶିକ୍ଷକମାନେ କାର୍ଯ୍ୟରତ ଥିଲେ। ତେଣୁ ଏହି ବିଦ୍ୟାଳୟକୁ ଜଣେ ଯୋଗ୍ୟ ପ୍ରଧାନ ଶିକ୍ଷକ ନିଯୁକ୍ତ କରିବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ କିମ୍ବା ବ୍ଲକ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ କୌଣସି ମତାମତ ମିଳିପାରିନାହିଁ।

## ଜେନାପୁର ଷ୍ଟେସନରେ ଥଣ୍ଡା ପାନୀୟ ଜଳ ପାଇଁ ଦାବିପତ୍ର



**କବାଟବନ୍ଧ, ୨୯।୫(ସମିସ):** ପୂର୍ବତଟ ରେଳବାଇର ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ରେଳ ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଖରାଦିନେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ସ୍ଥାନୀୟ ଉତ୍କଳମଣି ସେବା ସଙ୍ଗଠନର ସଭାପତି ଲୋକନାଥ ପୁରୀଙ୍କ ଉଦ୍ୟମରେ ଉପଦେଷ୍ଟା ମଣ୍ଡଳୀର କାର୍ଯ୍ୟକର୍ତ୍ତାମାନେ ଜେନାପୁର ରେଳଷ୍ଟେସନ୍ ମାଷ୍ଟର ଦୁର୍ଯ୍ୟୋଧନ ପାତ୍ରଙ୍କ ଜରିଆରେ ପୂର୍ବତଟ ଖୋର୍ଦ୍ଧା ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ବ୍ରିଟିଶ ଅମଳର ଏହି ପୁରାତନ ରେଳଷ୍ଟେସନରେ ଅଦ୍ୟାବଧି ରେଳଯାତ୍ରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ମିଳିନାହିଁ। ଗ୍ରୀଷ୍ମ ଋତୁ ହୋଇଥିବାରୁ ପ୍ରବଳ ଗ୍ରୀଷ୍ମପ୍ରବାହ ପାଇଁ ଯାତ୍ରୀମାନେ ଏହି ଷ୍ଟେସନରେ ଥଣ୍ଡା ପାନୀୟ ଜଳ ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଯାତ୍ରୀମାନଙ୍କ ଆବଶ୍ୟକତା ଦୃଷ୍ଟିରୁ ଖରାଦିନିଆ ପାନୀୟ ଜଳ ସମସ୍ୟା ଦୂର କରିବା ନିମନ୍ତେ ଏକ ରେଫ୍ରିଜରେଟର (ୱାଟର ଫ୍ରିଜର) ସୁବ୍ୟବସ୍ଥା ପାଇଁ ଦାବିପତ୍ର ଉଲ୍ଲେଖ କରାଯାଇଛି। ଧର୍ମଶାଳା ବ୍ଲକ ଅଧୀନରେ ରହିଥିବା ଏହି ଷ୍ଟେସନ ସ୍ଥାନୀୟ ଜେନାପୁର, ବୃନ୍ଦାଦେଇପୁର, କମାଗଡ଼, ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, କବାଟବନ୍ଧ, ରେଖିଦେଇପୁର, ତାଳଜଙ୍ଗ, ଏଣ୍ଡଳବା, ଚକ୍ରଧରପୁର, ଅଞ୍ଜିରା ସମେତ ବିଭିନ୍ନ ପଞ୍ଚାୟତର ପ୍ରାୟ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଯାତ୍ରୀମାନେ ଦୀର୍ଘ ବର୍ଷ ହେଲା ଥଣ୍ଡା ପାନୀୟ ଜଳର ସମସ୍ୟାକୁ ଦେଖି ଆସୁଛନ୍ତି। ଦୈନିକ ହଜାର ହଜାର ଯାତ୍ରୀ ତଥା ଏହି ଷ୍ଟେସନ ଦେଇ ଛାତ୍ରଛାତ୍ରୀ, ଯାତ୍ରୀ, କର୍ମଚାରୀ, ବ୍ୟବସାୟୀ, ବରିଷ୍ଠ ନାଗରିକ ଏବଂ ରୋଗୀମାନେ ଦୂରଦୂରନ୍ତ ଷ୍ଟେସନକୁ ଯାତ୍ରା କରିଥାନ୍ତି। ମାତ୍ର ଏଠାରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ନ ଥିବାରୁ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପାନୀୟ ଜଳର ମେସିନ ତଥା ଫ୍ରିଜର ଲଗାଇବାର ବ୍ୟବସ୍ଥା କରାଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା ବୋଲି ଉତ୍କଳମଣୀ ସେବା ସଂଗଠନର ସଭାପତି ଶ୍ରୀ ପୁରୀ ଆଶାବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ଏହି ଷ୍ଟେସନର ପରବର୍ତ୍ତୀ ଷ୍ଟେସନ୍ ଯଖପୁରା ସମେତ ଅନ୍ୟାନ୍ୟ ଷ୍ଟେସନରେ ରେଫ୍ରିଜରେଟର ଲଗାଯାଇଥିବା ବେଳେ ଜେନାପୁର ଷ୍ଟେସନ୍ କାହିଁକି ଲଗାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ସଙ୍ଗଠନର ଉପଦେଷ୍ଟା ମଣ୍ଡଳୀର ପ୍ରମୋଦ ମଲ୍ଲିକ, ସୁଦର୍ଶନ ପ୍ରଧାନ, ରଘୁନାଥ ଶତପଥୀ, ସମ୍ପାଦକ ମହେଶ୍ୱର ଖଟୁଆ, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ସଂଯୋଜକ ନିଷ୍କାନ୍ତ ଖଟୁଆ ଓ ଅଶୋକ ପ୍ରଧାନ ପ୍ରମୁଖ ଷ୍ଟେସନରେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଶୀଥିଳତା

# ମିଳିତ ଶ୍ରମିକ ମଞ୍ଚର ଅସନ୍ତୋଷ

**ବ୍ୟାସନଗର, ୨୯।୫(ସମିସ):** ବ୍ୟାସନଗର ସ୍ଥିତ ଲକ୍ଷ୍ମୀନଗର କମ୍ୟୁନିଟି ସେଣ୍ଟର ଠାରେ ଯାଜପୁର ଜିଲ୍ଲା ମିଳିତ ଶ୍ରମିକ ମଞ୍ଚ ପକ୍ଷରୁ ଏକ ଜରୁରୀ କାର୍ଯ୍ୟକାରୀ କମିଟି ବୈଠକ ମିଳିତ ମଞ୍ଚର ଉପସଭାପତି ରବୀନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲ୍ଲା ମିଳିତ ଶ୍ରମିକ ମଞ୍ଚର ସାଧାରଣ ସମ୍ପାଦକ ଶ୍ରମିକ ନେତା ପରମାନନ୍ଦ ସେଠୀ ସଭାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ମାଧ୍ୟମରେ ଦୀର୍ଘ ୧୮ ବର୍ଷରୁ ଊର୍ଦ୍ଧ୍ୱ ଧରି ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ସାରା ରାଜ୍ୟରେ ୧ ଏପ୍ରିଲ ଠାରୁ କାର୍ଯ୍ୟ ବନ୍ଦ କରିଦେବାରୁ ଶ୍ରମ କାର୍ଯ୍ୟାଳୟରେ ସାଧାରଣ ନିର୍ମାଣ ଶ୍ରମିକ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାରଙ୍କ ଅନ୍ୟାୟ ଶ୍ରମିକ ଛଟେଇକୁ ମିଳିତ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ସେଥିପାଇଁ ଯାଜପୁର ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ ନିମନ୍ତେ ଶିକ୍ଷା, ପ୍ରସୂତି କାଳୀନ, ବିବାହ ଓ ମୃତ୍ୟୁକାଳୀନ, ଶବ ସତ୍କାର ସହାୟତା ରାଶି ମିଳିବାରେ ଶୀଥିଳତା ଅବଲମ୍ବନ କରାଯାଉଛି। ଯେଉଁଥିପାଇଁ ନିର୍ମାଣ ଶ୍ରମିକ ମାନେ ବିଭିନ୍ନ ବ୍ଲକ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆସି କୌଣସି ଠାରେ ନିଜର ସହାୟତା ରାଶି ପାଇବା ପାଇଁ ଉପଯୁକ୍ତ କର୍ମଚାରୀଙ୍କୁ ପାଇପାରୁନାହାନ୍ତି; ଯାହା ଫଳରେ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଅଫିସର, କର୍ମଚାରୀ ନାହାଁନ୍ତି। ସମସ୍ତ କାର୍ଯ୍ୟ କରିବାରେ ଅସୁବିଧା ହେଉଛି। ଏହି ସଭାରେ ଯୋଗଦେଇଥିବା ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକ ସଂଗଠନମାନଙ୍କ ମଧ୍ୟରେ କଳିଙ୍ଗ ବିକାଶ ନିର୍ମାଣ ଶ୍ରମିକ ସଙ୍ଘ ସଭାପତି ଦୁଷ୍ମନ୍ତ କୁମାର ରାଉତ, ଶ୍ରୀକ୍ଷେତ୍ର ନିର୍ମାଣ ଶ୍ରମିକ ସଙ୍ଘର ସଭାପତି ରଜନୀକାନ୍ତ ଦାସ, ସମ୍ପାଦକ ମନୋରଞ୍ଜନ ସାହୁ, ମା' ଅମରେଶ୍ୱରୀ ଶ୍ରମିକ ସଙ୍ଘର ସଭାପତି ଲୋକନାଥ ପଲେଇ, ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମଜୀବୀ ନିର୍ମାଣ ଶ୍ରମିକ ସଙ୍ଘର ସାଧାରଣ ସମ୍ପାଦକ ପାକିଜା ବେଗମ, ବାବା ଲକ୍ଷ୍ମଣ ଗ୍ରାମୀଣ ମଜଦୁର ସଙ୍ଘ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ସୁବାସ ବୋଷ ଶ୍ରମିକ ସଙ୍ଘ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ପତିତପାବନ ନିର୍ମାଣ ଶ୍ରମିକ ସଙ୍ଘ ସମ୍ପାଦିକା ରୁନୁ ଲାଲା, ପ୍ରମୋଦ ସାମଲ, ଅରୁଣ କୁମାର ଦାସ, ଅଭିମନ୍ୟୁ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ରଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ଏହାର ଅବହେଳା କଲେ ମିଳିତ ମଞ୍ଚ ପକ୍ଷରୁ ଶ୍ରମ କାର୍ଯ୍ୟାଳୟରେ ଆନ୍ଦୋଳନ କରିବାକୁ ବାଧ ହେବୁ ସେଥିପାଇଁ ଆପଣ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

## ଅଦାଲତ ଆଦେଶର ଅବମାନନା

# ଜମି ଜବର ଦଖଲ ଉଦ୍ୟମ ଅଭିଯୋଗ



**ପ୍ରୀତିପୁର, ୨୯।୫(ସମିସ):** ଅଦାଲତଙ୍କ ଆଦେଶର ଅବମାନନା କରି ଜନୈକ ବ୍ୟକ୍ତିଙ୍କ ଜମିକୁ ଜବର ଦଖଲ ଉଦ୍ୟମ କରିବାକୁ ନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ଗୁରୁତ୍ୱ ଦେଇ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ନିର୍ଦ୍ଦେଶରେ ଏଏସ୍ଆଇ ସସ୍ମିତା ମଙ୍ଗରାଜ ସ୍ପଟ ପରିଦର୍ଶନ ପରେ ବିଞ୍ଝାରପୁର ଥାନା କେସ୍ ନଂ ୨୫୦ରେ ରୁଜୁ କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ପ୍ରକାଶ ଯେ ବିଞ୍ଝାରପୁର ଥାନା ବରୀ ବ୍ଲକର ବୋଇତାଳୁ ପାଟଣା ଗ୍ରାମର ପ୍ରତାପ ସାମଲଙ୍କ ଅଭିଯୋଗ ଅନୁଯାୟୀ ଖାତା ନଂ. ୨୮୯/୬୨ ପ୍ଲଟ ନଂ. ୫୦ ଓ ଖାତା ନଂ. ୨୮୯/୬୮ ପ୍ଲଟ ନଂ. ୪୯ର ସତ୍ତ୍ୱାସ୍ୱତ୍ତ୍ୱକୁ ନେଇ ଫଗୁଦେବ ସାମଲ ଓ ବାରିଂ ଗ୍ରାମର ରମାକାନ୍ତ ମଲିକଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏ ନେଇ ଫଗୁଦେବ ସାମଲ ସିଭିଲ ଜଜ୍ (ସିନିଅର ଡିଭିଜନ) ଯାଜପୁରଙ୍କ କୋର୍ଟରେ ସିଭିଲ ସୁଟ ନଂ. ୩୭୫/୨୦୨୪ ରୁଜୁ କରିଥିଲେ। ଯାହାର ଅନ୍ତରିଣ ଶୁଣାଣୀ କରି ଦେଇଥିବା ଆଦେଶ ଅନୁଯାଇ ଚୂଡାନ୍ତ ରାୟ ପ୍ରକାଶ ପର୍ଯ୍ୟନ୍ତ ଷ୍ଟାଟସକୁ ବଳବତ୍ତର ରହିବ। ପ୍ରତିପକ୍ଷ ଲଢ଼ି ପାରିବେ; ମାତ୍ର ଜମିରୁ ମାଟି ଖୋଳିବା, ମାଟି ପୋତିବା, ଗଛ କାଟିବା, ନିର୍ମାଣ, ବାଡ଼ବନ୍ଦୀ ଆଦି ନକରିବା ସର୍ବୋପରି ସ୍ଥିତାବସ୍ଥାକୁ ବଜାୟ ରରଖିବା ପାଇଁ ଆଦେଶ ପ୍ରଦାନ କରିଥିଲେ। ମାତ୍ର ପ୍ରତିପକ୍ଷ ଏହାର ଅବମାନନା କରି ବାଡ଼ବନ୍ଦୀ କରିବା, ମାଟି ପକାଇବା ଭଳି କାମ କରିବା ସହିତ ଅଭିଯୋଗକାରୀଙ୍କୁ ଧମକ ଚମକ ଦେଇଥିଲେ। ସୂଚନା ଯୋଗ୍ୟ ଯେ ଫଗୁଦେବ ସାମଲଙ୍କର ପରଲୋକ ହୋଇଯାଇଥିବାରୁ ତାଙ୍କର ପୁଅ ବରିଷ୍ଠ ନାଗରିକ ପ୍ରତାପ ସାମଲ ଘଟଣା ସମ୍ପର୍କରେ ବିଞ୍ଝାରପୁର ଥାନାରେ ଅଭିଯୋଗ କଲା ପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଅଭିଯୁକ୍ତ ପ୍ରତିକ୍ରିୟାଶୀଳ ହୋଇ ବାଲିଅନ୍ତା ଘଟଣାର ପୁନରାବୃତ୍ତି ହେବ ବୋଲି ଧମକ ଦେଇଥିବା କଥା ଅଭିଯୋଗକାରୀ ବରିଷ୍ଠ ନାଗରିକ ପ୍ରତାପ ସାମଲ ଓ ତାଙ୍କର ସହଧର୍ମିଣୀ ସେବତୀ ସାମଲ କହିଛନ୍ତି। ଆକ୍ରମଣ ଧମକରେ ଭୟଭୀତ ବରିଷ୍ଠ ନାଗରିକ ଦମ୍ପତି ଆବଶ୍ୟକୀୟ ସୁରକ୍ଷା ପାଇଁ ଦାବି କରିଛନ୍ତି।

## ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷାଫଳ ପ୍ରକାଶ

# ବିଜ୍ଞାନରେ ଆକାଂକ୍ଷା, କଳାରେ ମୋନିକା, ବାଣିଜ୍ୟରେ ରୁକସର ଶ୍ରେଷ୍ଠ ସ୍ନାତକ

**ବ୍ୟାସନଗର, ୨୯।୫(ସମିସ)**









ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳା, ବାଣିଜ୍ୟ ଓ ବିଜ୍ଞାନ ଫଳ ପ୍ରକାଶ ପାଇଛି। ଜିଲ୍ଲାର ଏହି ଲବ୍ଧପ୍ରତିଷ୍ଠ ମହାବିଦ୍ୟାଳୟର ବିଜ୍ଞାନ ସ୍ନାତକ ଛାତ୍ରୀ ଆକାଂକ୍ଷା ସାମଲ, କଳାରେ ଡି. ମୋନିକା ପ୍ରିୟଦର୍ଶିନୀ ଏବଂ ବାଣିଜ୍ୟରେ ରୁକସର ଅସଗର ନିଜ ନିଜ ବିଭାଗରେ ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି। କଳା ବିଭାଗରେ ମୋଟ ୨୭୫୦ରୁ ୨୪୨୩ ନଂ. ରଖି ଡି ମୋନିକା ପ୍ରିୟଦର୍ଶିନୀ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ ମୋଟ ୨୭୫୦ରୁ ଅକାଂକ୍ଷା ସାମଲ ୨୪୬୪ ନଂ. ରଖି ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୩୬୩ ନଂ. ରଖି ରୁକସର ଅସଗର ଟପ୍ପର ହୋଇଛି। କଳାରେ ମୋଟ ୨୩୫ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ୨୧୬ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ୯୫.୫୯ ପ୍ରତିଶତ ଛାତ୍ରୀ ସଫଳତା ପାଇଥିବା ବେଳେ ୮୨ ପ୍ରତିଶତ ଛାତ୍ର ସଫଳତା ପାଇଛନ୍ତି। ବିଜ୍ଞାନରେ ମୋଟ ମୋଟ ୨୦୪ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୬ ପ୍ରତିଶତ ସଫଳତା ମିଳିଛି। ୧୯୫ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ୯୫.୯୫ ପ୍ରତିଶତ ଛାତ୍ରୀ, ୯୧.୭୪ ପ୍ରତିଶତ ଛାତ୍ର ସଫଳତା ପାଇଛନ୍ତି। ବାଣିଜ୍ୟରେ ମୋଟ ୧୧୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୧୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୯୩.୩୩ ପ୍ରତିଶତ ଛାତ୍ରୀ, ୯୪.୫୯ ପ୍ରତିଶତ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଛାତ୍ରୀର ଏହି ସଫଳତା ପାଇଁ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ, ପରୀକ୍ଷା ନିୟନ୍ତ୍ରକ ରାଧିକା ରଞ୍ଜନ କାନୁନଗୋ, ପୂର୍ବତନ ଅଧ୍ୟକ୍ଷ ପ୍ରଭାତ ସ୍ୱାଇଁ, ଅବସରପ୍ରାପ୍ତ ଅଧ୍ୟାପକ ଡ. ଅଶୋକ କୁମାର ସାହୁ, ଦଶରଥ ସାହୁ, ବିବେକାନନ୍ଦ ଜେନା, ସନାତନ ଦାସ, ଦିଲ୍ଲୀପ କୁମାର ବେହେରା, ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ସୁବାସିନୀ ମିଶ୍ର, ଅତସି କୁସୁମ ନାୟକ, ଗୋଲକ ବିହାରୀ ମହାକୁଡ, ବରିଷ୍ଠ କିରାଣୀ ଶରତ କୁମାର ଦାସ, ସ୍ମୃତି ରଞ୍ଜନ ରାଉତ, କଳ୍ପତରୁ ପରିଡ଼ା, ଦାମୋଦର ରାଉତ, କାର୍ତ୍ତିକ ଚନ୍ଦ୍ର ସାହୁ, ଅଶୋକ କୁମାର ଦକ୍ଷୀଣ ରାୟ, ରବୀନ୍ଦ୍ର କୁମାର ରାଉଳ, ପ୍ରମୋଦ ପାତ୍ର ଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକାମାନେ ଶୁଭେଚ୍ଛା ଜଣାଇଛନ୍ତି।

**କୋଟି କୋଟି ଟଙ୍କା ଦୁର୍ନୀତି ମାମଲା**

# ଝରିଗାଁ ପୂର୍ବତନ ସବ୍ ପୋଷ୍ଟମାଷ୍ଟର ନିଲମ୍ବିତ



ଜୟପୁର,୨୯।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ଡାକ ମଣ୍ଡଳ କାର୍ଯ୍ୟାଳୟ ଅଧିନରେ ରହିଥିବା ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଉପ ଡାକଘର ଗୁଡିକରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଏନଆରଇଜିଏସ) ଏବଂ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ହିତାଧିକାରୀ ମାନଙ୍କୁ ପ୍ରଦାନ କରାଯାଇଥିବା ବିଭିନ୍ନ ଯୋଜନାର ପ୍ରାୟ ୫୦ କୋଟି ଟଙ୍କା ବିଭିନ୍ନ ଉପାୟରେ ଜାଲିଆତି କରାଯାଇ ଡାକଘରର କର୍ମଚାରୀ ଏବଂ ଦଲାଲ ମାନେ ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଥିଲା। ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଗତ ରବିବାର ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଏବଂ ପୂର୍ବତନ ଲୋକସଭା ସାଂସଦ ଗତ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଇ ଗତକାଲି ଜୟପୁର ଡାକ ବିଭାଗ ମଣ୍ଡଳ ଅଧିକ୍ଷକ ନବରଙ୍ଗପୁର ଜିଲ୍ଲା ପୂର୍ବତନ ଡାକଘର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। କିନ୍ତୁ ଏହି ମାମଲାରେ ଜୟପୁର ମଣ୍ଡଳର ଅନ୍ୟାନ୍ୟ ଡାକଘରର ଯାଞ୍ଚ ଚାଲିଥିବା ବେଳେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଏବଂ କୋଡିଗାଁ ଉପ ଡାକଘରର ପୂର୍ବତନ ସବପୋଷ୍ଟ ମାଷ୍ଟରଙ୍କ ବିରୋଧରେ ହୋଇଥିବା ଅଭିଯୋଗର ତଦନ୍ତ ଜାରି ରହିଛି। ନିଲମ୍ବିତ ପୂର୍ବତନ ଝରିଗାଁ ସବ ପୋଷ୍ଟମାଷ୍ଟରଙ୍କ ବିରୋଧରେ ଶ୍ରୀ ସରକାରଙ୍କ ବିରୋଧରେ ଏମଏନଆଇଇଜିଏସର ୭ଲକ୍ଷ ୭୦ ହଜାର ଟଙ୍କା ପ୍ରକୃତ ହିତାଧାରୀଙ୍କ ବଦଳରେ ବେଆଇନ ଭାବେ ଅନ୍ୟ ଲୋକଙ୍କ ଟିପ ଚିହ୍ନ ନିଆଯାଇ ପ୍ରଦାନ କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ଉକ୍ତ ଟଙ୍କା ଉଠାଣକାରୀଙ୍କୁ ଚିହ୍ନଟ କରିବା ନେଇ କେବଳ ଜଣେ ଲୋକଙ୍କ ସାକ୍ଷ୍ୟ ଭାବେ ସ୍ୱାକ୍ଷର ନିଆଯାଇଛି। ତେଣୁ ଏହା ଏକ ସୁଚିନ୍ତିତ ଦୁର୍ନୀତି ବୋଲି ପ୍ରମାଣିତ ହୋଇଥିଲା। ଏହିପରି ବିଭାଗ ପକ୍ଷରୁ ତଦନ୍ତ ବେଳେ ଅଭିଯୁକ୍ତ ସବ୍ ପୋଷ୍ଟମାଷ୍ଟର ଶ୍ରୀ ସରକାରଙ୍କୁ ନୋଟିସ କରାଯାଇଥିଲା। ଅଭିଯୋଗକୁ ସହ ପୋଷ୍ଟମାଷ୍ଟର ଅଭିଯୁକ୍ତ ଶ୍ରୀ ସରକାର ଲିଖିତ ଭାବେ ସ୍ୱୀକାର କରିବା ସହିତ ଦୁର୍ନୀତି ହୋଇଥିବା ସମସ୍ତ ଟଙ୍କାରୁ ଡାକବିଭାଗରେ ପୈଠ କରିଥିଲେ। ତେଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଭାବେ ତାଙ୍କୁ ଝରିଗାଁ ସବ୍‌ପୋଷ୍ଟ ମାଷ୍ଟରରୁ ହଟାଯାଇ କୋରାପୁଟ ଜିଲ୍ଲା ବୈପାରୀଗୁଡା ଉପଡାକ ଘରରେ ପୋଷ୍ଟାଲ ଆସିଷ୍ଟେଣ୍ଟ ଭାବେ ବଦଳି କରାଯାଇଥିଲା। ସେହିପରି ନବରଙ୍ଗପୁର ଜିଲ୍ଲା କୋଡିଗାଁ ସବ୍ ପୋଷ୍ଟମାଷ୍ଟର ବସନ୍ତ କୁମାର ଦାସ ଏବଂ ଡାବୁଗାଁ ସବ୍ ପୋଷ୍ଟମାଷ୍ଟର ଶମ୍ଭୁ ଶଙ୍କର ପାଣିଗ୍ରାହୀଙ୍କ ବିରୋଧରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଉଭୟଙ୍କ ବିରୋଧରେ ତଦନ୍ତ ଜାରି ରହିଥିବା ବେଳେ କୋଡିଗାଁ ସବପୋଷ୍ଟ ମାଷ୍ଟର ଶ୍ରୀ ଦାସଙ୍କୁ ମାଲକାନଗିରି ଜିଲ୍ଲା ସଦର ମହକୁମା ଏବଂ ଶମ୍ଭୁଶଙ୍କର ପାଣିଗ୍ରାହୀଙ୍କୁ ମାଲକାନଗିରି ଜିଲ୍ଲା ମାଥିଲି ଉପ ଡାକଘରକୁ ପୋଷ୍ଟାଲ ଆସିଷ୍ଟେଣ୍ଟ ଭାବେ ବଦଳି କରାଯାଇ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହିପରି ଏମଏନଆରଇଜିଏସ ଏବଂ ଅନ୍ୟାନ୍ୟ ସରକାରୀ ଯୋଜନାରେ ପ୍ରାୟ ୫୦ କୋଟି ଟଙ୍କାର ଦୁର୍ନୀତି କରାଯାଇ ଡାକ ବିଭାଗର ଅଧିକାରୀ, କର୍ମଚାରୀ ଏବଂ କିଛି ଦଲାଲ ମିଳିତ ଭାବେ ଟଙ୍କା ହଡପ କରିଥିବା ଏବଂ ସିବିଆଇ ଦ୍ୱାରା ତଦନ୍ତ କରିବାକୁ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅଭିଯୋଗ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ , ଦୋଷୀଙ୍କ ବିରୋଧରେ କୋଠର ପଦକ୍ଷପ ସହିତ ତୁରନ୍ତ ପ୍ରକୃତ ହିତିଧାରୀଙ୍କୁ ଟଙ୍କା ଫେରସ୍ତ କରା ନଗଲେ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଥିଲା। ଅନ୍ୟପକ୍ଷରେ ଜୟପୁର ମଣ୍ଡଳ କେବଳ ନବରଙ୍ଗପୁର ଜିଲ୍ଲାର ଉପରୋକ୍ତ ୩ଟି ଉପଡାକଘରରେ ଦୁର୍ନିତୀ ହୋଇ ଟଙ୍କା ଆତ୍ସାତ କରିଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଅନ୍ୟାନ୍ୟ ଡାକଘରରେ ଏହିପରି ହଡପ ନେଇ କୌଣସି ଅଭିଯୋଗ ହୋଇନାହିଁ। ତେଣୁ ବର୍ତ୍ତମାନ ତଦନ୍ତ ଜାରୀ ରହିଛି ଏବଂ ଏହି ତଦନ୍ତ ବେଳେ କୌଣସି ଦୁର୍ନିତୀ ନେଇ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜୟପୁର ମଣ୍ଡଳର ବରିଷ୍ଠ ଡାକ ଅଧିକ୍ଷର ସତ୍ୟବାଦୀ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ନାବାଳିକା ଶାଳୀକୁ ଭିଣୋଇର ଦୁଷ୍କର୍ମ

ନାରାୟଣପଟଣା ୨୯।୫(ସମିସ): କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ ଉପର ଗୁମାଣ୍ଡିର ନାବାଳିକା ଝିଅକୁ ଭିଣୋଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଲକ୍ଷ୍ମୀପୁର ଏସ୍‌ଡିପିଓ ମନୋଜ ବେହେରା ଦୁଷ୍କର୍ମ ଘଟଣାକୁ ନେଇଁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଜଣେ ବିବାହିତ ପୁରୁଷ ନିଜ ଦାଦା ଶ୍ୱଶୁରଙ୍କ ନାବାଳିକା ଝିଅ, ଯିଏକି ସମ୍ପର୍କରେ ଶାଳୀ ହେବେ ତାଙ୍କୁ ଘରେ ଛାଡି ଦେବି କହି ଅଧା ବାଟରେ ଦୁଷ୍କର୍ମ କରିଥିଲା। ଏ ନେଇ ନାରାୟଣ ପାଟଣା ଥାନାରେ ଲିଖିତ ଅଭିଯୋଗ ହେବା ପରେ ଅଭିଯୁକ୍ତ ଢାଇଁ କୁ ଗିରଫ କରାଯାଇଛି। ଗତକାଲି ସନ୍ଧ୍ୟାରେ ନାବାଳିକା ଶାଳୀକୁ ଘରେ ଛାଡି ଦେବି କହି ଅଭିଯୁକ୍ତ ଜଣକ କାରରେ ନେଇ ଯାଉଥିଲା। ଶୂନ୍‌ଶାନ ରାସ୍ତା ଦେଖି ପ୍ରଥମେ ତାକୁ ରାଜି କରାଇବାକୁ ଉଦ୍ୟମ କରିଥିଲା। କିନ୍ତୁ ସେ ନ ମାନିବାରୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା ଭିଣୋଇ। ଚତୁରତା ସହ ଗାଡିରୁ ଖସି ଯାଇ ଘରକୁ ଫେରି ସବୁ କଥା ପରିବାରକୁ ଜଣାଇବା ପରେ ପୀଡିତାର ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ବ୍ୟବହାର କରୁଥିବା ମୋବାଇଲ ଓ କାରକୁ ଜବତ କରାଯାଇଛି। ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇ ଥିବା ବେଳେ ଅଭିଯୁକ୍ତକୁ କେଶ ନମ୍ବର ୪୦/ ଏସ୍-୬୪ (୨) (ଏଫ୍)/୬୫(୧) ବିଏନ୍‌ଏସ୍/ଆର୍.ଡବ୍ଲୁ ଧାରା ୪/୬ ପୋକ୍ସୋ ଆଇନ ଲଗାଇ କୋର୍ଟ ଚାଲାଣ କରିଛି ପୁଲିସ।

# ‘ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ’



ସେମିଳିଗୁଡା, ୨୯।୫(ସମିସ): ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ରେ ଗ୍ରାମାଞ୍ଚଳରେ ଶିକ୍ଷାର ଭିତ୍ତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି ବୋଲି ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ କହି ଥିଲେ। ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଖୁଡ଼ୀ ଗ୍ରାମପଞ୍ଚାୟତର ମାଲିଖୁଡ଼ୀଠାରେ ନୂତନ ଭାବେ ନିର୍ମିତ ୨ଟି ଅତିରିକ୍ତ ଶ୍ରେଣୀଗୃହକୁ ବିଧାୟକ କାଡାମ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବ ବୋଲି ବିଶ୍ୱାସ ପ୍ରକାଶ କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସହ ସାମିଲ ହୋଇ ଲୋକମାନଙ୍କୁ ଭେଟି ଗାଁ ଗହଳିର ଅଭିଯୋଗ ଶୁଣିବା ସହ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶୃତି ଦେଇଥିଲେ। ପରେ ବିଭିନ୍ନ ଉନୟନମୂଳକ କାର୍ଯ୍ୟ ପରିଦର୍ଶନ କରି ସମୀକ୍ଷା କରିଥିଲେ। ବିଧାୟକଙ୍କ ସହ ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ, ସହକାରୀ ଅଧିକ୍ଷଣ ଯନ୍ତ୍ରୀ ତୋଫାନ କୁମାର ନାୟକ, ସାଂସଦ ପ୍ରତିନିଧି ଜଗତ ରାୟ କିନବୁଡ଼ୀ, ବିଧାୟକ ପ୍ରତିନିଧି ମହେଶ୍ୱର ଖିଲ , ରାଜପୁଟ ସରପଞ୍ଚ ପିତାମ୍ବର କିର୍ଶନୀ, ବ୍ଲକ୍ କଂଗେସ ସଭାପତି ସୋନିଆ ମାଝୀ, ଜନ ପ୍ରତିନିଧି, କଂଗ୍ରେସ ନେତା କର୍ମୀ ପ୍ରମୁଖ ଉପସ୍ଥି ଥିଲେ।

# ରବି ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ



ଗୁଣୁପୁର,୨୯।୫ (ସମିସ): ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଆଜି ଗୁଣୁପୁର ନିୟନ୍ତ୍ରୀତ ବଜାର କମିଟ ପ୍ରାଙ୍ଗଣରେ ରବି ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୁଣୁପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପ୍ ପହଞ୍ଚି ସେଠାରେ ପୂଜାର୍ଚ୍ଚନା କରି ମଣ୍ଡିର ଶୁଭଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣୁପୁର ଲ୍ୟାମ୍ପ୍‌ସ ସଭାପତୀ କୁଞ୍ଜ ବିହାରି ଶବର, ଲ୍ୟାମ୍ପ୍‌ସ ଏମ୍ଡି ତ୍ରିଲୋଚନ ସ୍ୱାଇଁ, ନିୟନ୍ତ୍ରିତ ବଜାର କମିଟି ସଂମ୍ପାଦକ ଦଳପତୀ କାର୍ଯ୍ୟୀ, ଯୋଗାଣ ନିରୀକ୍ଷକ ନିଖିଲ ବସ୍ତିଆ, ମିଲର ଓ ଚାଷି ଏଥାରେ ଉପସ୍ଥିତ ରହିଥିଲେ। ମଣ୍ଡିର ସୁପରିଚାଳନା ନେଇ ଉପଜିଲ୍ଲାପାଳଙ୍କ ସହ ଚାଷୀ ଓ ମିଲର ମାନେ ଆଲୋଚନା କରିଥିଲେ। ଏଥିସହ ମଣ୍ଡିରେ ଚାଷୀଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏଫ୍‌ଏକ୍ୟୁ ଧାନର ଗୁଣାତ୍ମକ ମାନ ମଧ୍ୟରେ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚଳିତ ରବି ରୁତୁରେ ଗୁଣୁପୁର ବ୍ଲକ୍ ଅଞ୍ଚଳରେ ୯୨ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ସେଥିରୁ ୭୬ ଜଣ ଚାଷୀ ପ୍ରଥମ ପର୍ଯ୍ୟାୟରେ ଟୋକେନ ଦିଆଯାଇ ଧାନ କ୍ରୟ କରିବା ବ୍ୟବସ୍ଥା କରାଯାଇଛି। ପାଖାପାଖି ୪ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ନେଇ ଲକ୍ଷ ରଖାଯାଇଥିବା ବେଳେ ପ୍ରଥମକରି ୨ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ନେଇ ଟାର୍ଗେଟ୍ ଦିଆଯାଇଥିବା ଲ୍ୟାମ୍ପ୍‌ସ ଏମ୍ଡିଙ୍କ ପକ୍ଷରୁ ସୁଚନା ମିଳିଛି।

# ଏନ୍‌ଏଚ୍‌ରେ ଡ୍ରେନ୍ ନିର୍ମାଣ ନେଇ ପୌରାଧକ୍ଷାଙ୍କ ଚିଠି

ଜୟପୁର, ୨୯।୫ (ସମିସ) :

କୋରାପୁଟ ଜିଲ୍ଲା ଜୟପୁର ସହରର ଭିତରେ ୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ କରିବା ନେଇ ଜୟପୁର ପୌରସଂସ୍ଥା ଅଧ୍ୟକ୍ଷଙ୍କ ପକ୍ଷରୁ ସ୍ଥାନୀୟ ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି। ଉପାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଚିଠରେ ଉଲ୍ଲେଖ କରିଛନ୍ତି ଯେ, ଜୟପୁର ସହରରେ ଜାତୀୟ ରାଜପଥର ଢେପଗୁଡା ଠାରୁ ଗାନ୍ଧୀଛକ, ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଏବଂ ଜିଲ୍ଲାକୋର୍ଟ ରାସ୍ତାକୁ ସଂଯୋଗ କରୁଥିବା ଖ୍ରୀଷ୍ଟିଆନ ସାହି ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରିବାକୁ ଅନୁରୋଧ କରିଛନ୍ତି। ବର୍ଷା ଦିନ ପୂର୍ବରୁ ଏହାର ନିର୍ମାଣ କରି ନଗରେ ଏହି ଚିହ୍ନଟ ହୋଇଥିବା ରାସ୍ତାରେ ପ୍ରବଳ ଜଳସ୍ରୋତ ଯୋଗୁଁ ରାସ୍ତା ନଷ୍ଟ ହେଉଛି ଏବଂ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ପୂର୍ବରୁ ଜାତୀୟରାଜପଥ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଅବଗତ କରାଯାଇଥିଲେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ ହୋଇଛି। ତେଣୁ ବର୍ଷା ଦିନ ପୂର୍ବରୁ ଯୁଦ୍ଧାକାଳୀନ ଭିତ୍ତିରେ ନିର୍ମାଣ କରିବାକୁ ଉପାଧ୍ୟକ୍ଷ ଶ୍ରୀ ମହାନ୍ତି ଚିଠି ଲେଖିଥିବା ନେଇ ସୂଚନା ଦେଇଛନ୍ତି।

# ଚମକିଲା କୋରାପୁଟର ବାରାକୁଟୁଣୀ ଗ୍ରାମ



ପଟ୍ଟାଙ୍ଗି,୨୯।୫(ସମିସ): ପ୍ରକୃତି ସୁରକ୍ଷା ଓ ସ୍ୱାବଲମ୍ବୀ ଗ୍ରାମସଭାର ଏକ ଅଭିନବ ଉଦାହରଣ ସାଜିଛି କୋରାପୁଟ ଜିଲ୍ଲା ଦୁଧାରୀ ପଞ୍ଚାୟତର ବାରାକୁଟୁଣୀ ଗ୍ରାମ। ଏହି ଗ୍ରାମର ପାରମ୍ପରିକ ଜ୍ଞାନ, ଜଙ୍ଗଲ ସୁରକ୍ଷା ଏବଂ ମିଳିତ ଜାତିସଂଘ ସ୍ତରରେ ଏହାର ସଫଳତା ଯାତ୍ରା ବିଷୟରେ ଶିଖିବା ପାଇଁ କଳାହାଣ୍ଡି ଗ୍ରାମସଭା ମହାସଂଘ ଓ "ସେବା ନିକେତନ' ଏନଜିଓ ପକ୍ଷରୁ ଏଠାରେ ଦୁଇ ଦିନିଆ ଅନୁଭୂତି ଅନୁଧ୍ୟାନ ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ସ୍ଥିତ "କୋଟ୍ସ' ଅନୁଷ୍ଠାନରେ ଏକ ବିଶେଷ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର ପ୍ରତିନିଧି ଦିଲ୍ଲୀପ ଖୋସଲା ଓ ମୋହନ ଗ୍ରାମର ସଫଳତା ସମ୍ପର୍କରେ ଉପସ୍ଥାପନା ରଖିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ସମୁଦାୟ ୯୧ଟି ପରିବାର ଥିବା ଏହି ଗ୍ରାମର ମୁଖ୍ୟ ଶକ୍ତି ହେଉଛି ସେମାନଙ୍କର ଏକତା ଓ ପ୍ରକୃତି ସହ ନିବିଡ଼ ସମ୍ପର୍କ। ତିନି ଋତୁର ଚାଷ ଓ ମହିଳା ନେତୃତ୍ୱର ଆଭିମୁଖ୍ୟ ଦର୍ଶାଉଥିବା ବାରାକୁଟୁଣୀ ଗସ୍ତର ଦ୍ୱିତୀୟ ଦିନରେ ଅତିଥିମାନେ ଗ୍ରାମବାସୀଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ଗ୍ରାମର ମହିଳା ନେତ୍ରୀ ବାସନ୍ତୀ ମାଆ ସମସ୍ତଙ୍କୁ ସ୍ୱାଗତ କରି ଗ୍ରାମର ନିଷ୍ପତ୍ତି ପ୍ରକ୍ରିୟାରେ ମହିଳାମାନଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ଗ୍ରାମର ସବୁଠାରୁ ବଡ଼ ସଫଳତା ହେଉଛି ଜଳ ପରିଚାଳନା। ୨୦୧୧ ପୂର୍ବରୁ ଏଠାରେ ଜଳସେଚନର ସୁବିଧା ନଥିଲା। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟିର ସହଯୋଗରେ ପ୍ରଥମେ ଏକ ଡିବିଆଇ ତଥା ସ୍ରୋତ ଭିତ୍ତିକ ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହେବା ପରେ ଏବେ ଚାଷୀମାନେ ବର୍ଷ ସାରା ତିନୋଟି ଯାକ ଋତୁରେ ଚାଷ କରିପାରୁଛନ୍ତି। ଏଥିରୁ ପ୍ରେରଣା ପାଇ ଗ୍ରାମବାସୀ ନିଜ ପ୍ରୟାସରେ ଆଖପାଖ ଅଞ୍ଚଳରେ ଆହୁରି ତିନୋଟି ଡିବିଆଇ ନିର୍ମାଣ କରିଛନ୍ତି। ପ୍ରକୃତି ମିତ୍ର ପୁରସ୍କାର ଓ ଆଗାମୀ ଲକ୍ଷ୍ୟ ନିମନ୍ତେ ଗ୍ରାମର ବରିଷ୍ଠ ସଦସ୍ୟ ଜିସୁଦାନ ଦିସାରୀ ଜଣାଇଛନ୍ତି ଯେ, ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୧୦୫୭ ଏକର ଗୋଷ୍ଠୀଗତ ଜଙ୍ଗଲର ସୁରକ୍ଷା କରାଯାଇଛି ଏବଂ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଏହାର ପଟ୍ଟା ମଧ୍ୟ ମିଳିଛି। ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଗ୍ରାମକୁ ୨୦୨୨ରେ "ପ୍ରକୃତି ମିତ୍ର ପୁରସ୍କାର' ମିଳିଛି। ଗ୍ରାମସଭା ଏବେ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ପ୍ରଦାନ କରିଛି। ଆଗାମୀ ଦିନରେ ବାହାରୁ ଋଣ ନଆଣି ନିଜସ୍ୱ ପାଣ୍ଠିରୁ ଅନ୍ୟମାନଙ୍କୁ ଋଣ ଦେବା ଭଳି ଆର୍ଥିକ ସ୍ୱାବଲମ୍ବିତା ହାସଲ କରିବା ଗ୍ରାମସଭାର ମୁଖ୍ୟ ଲକ୍ଷ୍ୟ। ଅନ୍ୟ ଜଣେ ସଦସ୍ୟ ଦୁର୍ଜୟ କହିଛନ୍ତି ଯେ, ଗ୍ରାମର ପାରମ୍ପରିକ ଜ୍ଞାନକୁ ଯୁବପିଢ଼ିକୁ ହସ୍ତାନ୍ତର କରାଯାଉଛି। ଏହାସହ ଗ୍ରାମ ପରିବେଶ ରେଜିଷ୍ଟର ମଧ୍ୟ ସୁରକ୍ଷିତ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିରୁ ୨୭ ଜଣ ଗ୍ରାମସଭା ନେତା, ସେବା ନିକେତନର ୩ ଜଣ କର୍ମଚାରୀ ସାମିଲ ହୋଇ ବାରାକୁଟୁଣୀର ଏହି ବିରଳ ମଡେଲକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି ପ୍ରଦୀପ ମିଶ୍ର, ତପନ ଖୋସଲା, ଦିଲୀପ ଖୋସଲା, ତ୍ରିନାଥ ଗୁଣ୍ଡା, ମୋହନ ଜାନି, କେ ମୁରଲୀ କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗକୁ ନେଇଥିଲେ।

# ମାଓବାଦୀ ପ୍ରଭାବିତ ଅଞ୍ଚଳରେ ‘ଗ୍ରାମୋଦୟ’ ଯୋଜନା



ବୈପାରୀଗୁଡ଼ା, ୨୯।୫(ସମିସ): ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଲାଗୁ ହେଲା "ଗ୍ରାମୋଦୟ' ଯୋଜନା। ବୈପାରୀଗୁଡା ବ୍ଲକ ଚନ୍ଦ୍ରପୋଡା ପଞ୍ଚାୟତର ପାଲିଗୁଡାରେ ବ୍ଲକ ତରଫରୁ ପଲ୍ଲୀକୁ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଡିଓ ନିବେଦିତା ଦାନସେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସରକାରୀ ଯୋଜନା ବିଷୟରେ ଆଲୋକପାତ କରିଛନ୍ତି। ବ୍ଲକର ୨୦ ପଞ୍ଚାୟତ ମଧ୍ୟରୁ ୧୦ ପଞ୍ଚାୟତର ୨୩ ଟି ଗାଁରେ ଏହି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ରହିଛି। ଆଜି ପାଲିଗୁଡା ଏବଂ ବଳିଗୁଡା ଗାଁରେ ବିଭିନ୍ନ ଜନହିତକାରୀ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ମଧ୍ୟରୁ ଗ୍ରାମୀଣଜଳ ଯୋଗାଣ ଓ ପରିମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ସାମାଜିକ ସୁରକ୍ଷା, ସୁଭଦ୍ରା, ଅନ୍ତଦାୟ, ଯୋଗାଣ ବିଭାଗ ଓଏଲଏମ ବିଭାଗର ଅଧିକାରୀ ଉପସ୍ଥିତ ରହିଥିବା ବେଳେ ସ୍ଥାନୀୟ ପଂଚାୟତ ନିର୍ବାହୀ ଅଧିକାରୀ ଗଣେଶ ବିଶ୍ୱାସରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। "ଗ୍ରାମୋଦୟ' ଯୋଜନାର ଲକ୍ଷ୍ୟ ମାଓବାଦୀ ପ୍ରଭାବିତ ଗ୍ରାମଗୁଡିକରେ ସରକାରୀ ଯୋଜନା ଏବଂ ମୌଳିକ ସୁବିଧାସୁଯୋଗ ସୁଚାରୁ ରୂପେ ପହଞ୍ଚାଇବା ସହିତ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଦୂରତା ହ୍ରାସ କରି ବିଶ୍ୱାସ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

# ଟାଲେଣ୍ଟ କଲେଜ ଅଧ୍ୟକ୍ଷଙ୍କ ମାତୃ ବିୟୋଗ



କୋରାପୁଟ,୨୯।୫(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷା ଅନୁଷ୍ଠାନ ଟାଲେଣ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ପଟ୍ଟନାୟକଙ୍କ ମାତା ବିଳାସିନୀ ପଟ୍ଟନାୟକଙ୍କ ପରଲୋକ ହୋଇଛି। ସ୍ୱର୍ଗୀୟା ପଟ୍ଟନାୟକଙ୍କ ତିନି ପୁଅ ଦୀପକ ରଞ୍ଜନ ପଟ୍ଟନାୟକ, ରଶ୍ମୀ ରଞ୍ଜନ ପଟ୍ଟନାୟକ ଏବଂ ମାନସ ରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଶ୍ରୀମତୀ ପଟ୍ଟନାୟକଙ୍କ ବିୟୋଗରେ ସକାଳ ଓ ନନ୍ଦିଘୋଷ ମିଡିଆ ପ୍ରାଇଭେଟ୍ ଲିମିଟେଡ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ସମେତ ସକାଳ ପରିବାର ପକ୍ଷରୁ ଗଭୀର ଦୁଃଖ ପ୍ରକାଶ କରାଯିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି।

● **ଅମୃତ କାଳ ସାଂସ୍କୃତିକ ସମାରୋହ ଉଦ୍‌ଯାପିତ**

# ଦର୍ଶକଙ୍କ ମନମୋହିଲେ ପାରମ୍ପରିକ ଲୋକ ନୃତ୍ୟ ଦଳ



ନବରଙ୍ଗପୁର,୨୯।୫(ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ଦୁଇଦିନିଆ ଅମୃତ କାଳ ସାଂସ୍କୃତିକ ସମାରୋହ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରମୋଦ କୁମାର ପୃଷ୍ଟି ଏବଂ ସମ୍ମାନିତ ଅତିଥି ଭାବରେ ନବରଙ୍ଗପୁର ନଗରପାଳ କୁନୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନର ସହଯୋଗରେ ଦୁଇ ଦିନଧରି ଅନୁଷ୍ଠିତ ହେଉଥିବା ଏହି ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ ସନ୍ଧ୍ୟାରେ ପୁରୁଷୋତ୍ତମ କଳା କେନ୍ଦ୍ର, ନବରଙ୍ଗପୁର ଗୋଣ୍ଡି ନୃତ୍ୟ ଦଳ, ରାଇଘର ଘୁମୁରା ନୃତ୍ୟ ଦଳ, ଚନ୍ଦାହାଣ୍ଡି ଗୋଟି ବାଜା ଦଳ, ଉମରକୋଟ ସାଇରମ କଳା କେନ୍ଦ୍ର, ନବରଙ୍ଗପୁର ଇତ୍ୟାଦି ପାରମ୍ପରିକ ନୃତ୍ୟ ଓ ଲୋକକଳା କଳାକାର ମାନେ ନିଜର ନୃତ୍ୟ ପରିବେଷଣ କରିଥିଲେ। କଳାକାର ଗ୍ରୁପ ମାନଙ୍କୁ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ନବରଙ୍ଗପୁର ଜିଲ୍ଲାର କଳାକାର ମାନଙ୍କୁ ଉତ୍ସାହିତ କରିବାକୁ କଲିକତା ସ୍ଥିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ରଙ୍କ ଉଦ୍ୟମକୁ ସହଯୋଗ ଦେଇଛନ୍ତି ନବରଙ୍ଗପୁର ଜିଲ୍ଲା ପ୍ରଶାସନ। ଏହି ଅବସରରେ ଗୁରୁମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇ ଥିଲା। ଉଦ୍‌ଘୋଷିକା ଭାବେ ଜିଭିକେ ରଂଜିତା ମଞ୍ଚ ସଂଚାଳନ କରିଥିଲେ ଓ ବିଭୁ ପ୍ରସାଦ ମିଶ୍ର ଇଭେଣ୍ଟ ପରିଚାଳନା କରିଥିଲେ।

# ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ



**ବିସ୍ତୃତ ସୂଚନା ଦେଲେ ଜିଲ୍ଲାପାଳ**

ନବରଙ୍ଗପୁର,୨୯।୫(ସମିସ) : ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଅଶୋକ ମେହେତା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଡ. ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଜିଲ୍ଲାପାଳ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ମତଦାତା ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଜିଲ୍ଲାରେ ଆରମ୍ଭ ହୋଇଛି ବୋଲି କହିଥିଲେ। ଏହାର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକଙ୍କ ନାମ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟଙ୍କ ନାମ ବାଦ ଦେବା ଏବଂ ତାଲିକାକୁ ସଠିକ୍, ସମ୍ପୂର୍ଣ୍ଣ ଓ ତ୍ରୁଟିମୁକ୍ତ କରିବା। ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜ ନାମ, ଠିକଣା ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରି ଆବଶ୍ୟକ ପଡ଼ିଲେ ଫର୍ମ ନଂ. ୬, ୭, ୮ ମାଧ୍ୟମରେ ଆବେଦନ କରିବେ। ସଂଶୋଧନ କାର୍ଯ୍ୟକୁ ସ୍ୱଚ୍ଛ, ନିରପେକ୍ଷ ଓ ସମୟାନୁସାରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପ୍ରତିବଦ୍ଧ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ସେ ଜିଲ୍ଲାର ସମସ୍ତ ମତଦାତା, ରାଜନୈତିକ ଦଳ, ଗଣମାଧ୍ୟମ ଓ ନାଗରିକ ସମାଜର ସହଯୋଗ ମଧ୍ୟ କାମନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରା ଏକ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରାଯାଇଥିଲା। ବର୍ତ୍ତମାନ ଜିଲ୍ଲାରେ ୭୩- ଉମରକୋଟ, ୭୪ - ଝରିଗାଁ, ୭୫-ନବରଙ୍ଗପୁର ଏବଂ ୭୬ - ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ମୋଟ ୮,୫୮,୩୪୯ ଜଣ ମତଦାତା ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ତନ୍ମଧ୍ୟରୁ ପୁରୁଷ ଭୋଟର ୪୨୨୮୧୬ , ମହିଳା ଭୋଟର ୪୩୫୪୭୩ ଏବଂ ତୃତୀୟ ଲିଙ୍ଗ ଭୋଟର ୬୦ ଜଣ ଅଟନ୍ତି। ଜିଲ୍ଲାରେ ସମୁଦାୟ ୯୯୪ ଗୋଟି ବୁଥ ସ୍ତରୀୟ ଅଧିକାରୀ ନିୟୋଜିତ ଅଛନ୍ତି। ପ୍ରତ୍ୟେକ ବୁଥ ସ୍ତରୀୟ ଆଲୋଚନା ଅଧିକାରୀଙ୍କ ନିକଟରେ ୪ ଜଣ ସେଚ୍ଛାସେବୀ ରହିବେ। ୩୦ ମେ ୨୦୨୬ ତାରିଖରୁ ଆରମ୍ଭ ହୋଇ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ଦେବେ ଏବଂ ମତଦାତା ତାହା ପୁରଣ କରି ବିଏଲଓଙ୍କୁ ଫେରସ୍ତ କରିବେ। ଆସନ୍ତା ୫ ଜୁଲାଇ ୨୦୨୬ ତାରିଖ ଦିନ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ୫ ଜୁଲାଇ ୨୦୨୬ ରୁ ୪ ଅଗଷ୍ଟ ୨୦୨୬ ରିଖ ମଧ୍ୟରେ ମତଦାତା ନିୟମ ଅନୁଯାୟୀ ଦାବି ଏବଂ ଆପତ୍ତି ଦାଖଲ କରିପାରିବେ। ସେହିଭଳି ୫ ଜୁଲାଇ ୨୦୨୬ ରୁ ୨ ସେପ୍ଟେମ୍ବର ୨୦୨୬ ମଧ୍ୟରେ ନୋଟିସ ଜାରି ଏବଂ ଦାବି/ ଆପତ୍ତିର ନିଷ୍ପତି କରାଯିବ। ଆସନ୍ତା ୬ ସେପ୍ଟେମ୍ବର ୨୦୨୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ମତଦାତା ଅଧିକ ସୂଚନା ପାଇଁ ଝକ୍ଟଗ୍ରରକ୍ସଗ୍ଧ. ରମସ.ଶକ୍ଟଝ.ସଭ ପରିଦର୍ଶନ ସହ ଇସିଆଇ ଏନ୍‌ଇଟି ଆପ ବ୍ୟବହାର କରିପାରିବେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକଟର ନିର୍ବାଚନ ଚିନ୍ମୟ ସାହୁ, ପୌର ପରିଷଦର ନିର୍ବାହୀ ଅଧିକାରୀ ଡ. ଅଶୋକ କର୍ଣ୍ଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ନିର୍ବାଚନ ଶାଖାର କର୍ମଚାରୀ ଏବଂ ଗଣମାଧ୍ୟମ ଜିଲ୍ଲା ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

**ଶିଶୁ ଶ୍ରମିକ ନିୟୋଜିତ ଘଟଣା**

# ଜିଲ୍ଲା ପ୍ରଶାସନର ସାନି ତଦନ୍ତ

ଯାଜପୁର, ୨୯।୫(ସମିସ)



ରସୁଲପୁର ବ୍ଲକ ମୁଗୁପାଳ ବର୍ଣ୍ଣୀଲକ୍ଷିତ ପ୍ରିତମ ଟ୍ରେଡର୍ସ ଗୋଲ କୋଇଲା କାରଖାନାରେ ଶିଶୁ ଶ୍ରମିକ ନିୟୋଜିତ ନେଇ ଅଭିଯୋଗ ପାଇବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗତ ୨୮ ତାରିଖରେ ଚଢ଼ଉ କରାଯାଇଥିଲା। ଏଥିରେ ମୋଟ ୭୦ଜଣ ଶିଶୁ ଶ୍ରମିକ ଓ ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ଚିହ୍ନଟ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହି ଘଟଣା ପରେ କାରଖାନାରେ ବିଭିନ୍ନ ଶ୍ରମ ଆଇନ ଓ ଶିଶୁ ସୁରକ୍ଷା ଆଇନ ଉଲ୍ଲଘଂନ ହୋଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ଗୁରୁତ୍ୱ ଦେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆଜି ସେହି କାରଖାନାରେ ପୁନର୍ବାର ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ରସୁଲପୁର ଅତିରିକ୍ତ ତହସିଲଦାର, କୁଆଖିଆ ଥାନା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟଙ୍କ ମିଳିତ ଟିମ୍ ଏହି ଚଢ଼ଉ କରିଥିବା ସୂଚନା ମିଳିଛି।

ଅଭିଯୋଗ ଅନୁସାରେ, ଫ୍ୟାକ୍ଟରୀରେ ଶିଶୁମାନଙ୍କୁ ବିପଦପୂର୍ଣ୍ଣ ପରିବେଶରେ କାମ କରାଯାଉଥିଲା। ଆଜି ଟିମର ତଦନ୍ତ କାରଖାନାରେ ଶ୍ରମିକମାନଙ୍କ ଆବଶ୍ୟକ ମୌଳିକ ସୁବିଧା ଓ ଅଧିକାର ମିଳୁନଥିବାର ଦେଖିବାକୁ ମିଳିଥିବା ସୂଚନା ରହିଛି। ରହିବା ପାଇଁ ଆବଶ୍ୟକ ବାସଗୃହ, ଶୌଚାଳୟ, ଗାଧୁଆ ଘର ନଥିବା ବେଳେ କୋଇଲା ଗୁଣ୍ଡ ଓ ଧୂଆଁ ପରିବେଶ କାରଖାନା ଭିତରେ ରହୁଛନ୍ତି। ନିର୍ଦ୍ଧାରିତ ସମୟ ଠାରୁ ଅଧିକ ସମୟ କାମ ଓ କାମ କରିବା ସମୟରେ ସୁରକ୍ଷା ନଥିବା ଘଟଣା ମଧ୍ୟ ନଜରକୁ ଆସିଛି। ଏହି ଘଟଣାରେ କୁଆଖିଆ ଥାନା ପୁଲିସ କେସ୍ ନଂ ୨୩୧/୨୦୨୬ରେ କିଶୋର ନ୍ୟାୟ ଆଇନ, ଶିଶୁ ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଆଇନ, ବନ୍ଧକ ଶ୍ରମ ଉଚ୍ଛେଦ ଆଇନ ଓ ଅନୁସୂଚିତ ଜନଜାତି ସୁରକ୍ଷା ଆଇନ ଅନୁଯାୟୀ ବିଭିନ୍ନ ଦଫା ଲଗାଇ ମାମଲା ପଞ୍ଜିକୃତ କରିଥିବା ଜଣାପଡ଼ିଛି। ସେହିପରି ଶ୍ରମ ବିଭାଗ ମଧ୍ୟ ଶିଶୁ ଶ୍ରମିକ ନିଯୁକ୍ତି ଘଟଣାକୁ ଗୁରୁତ୍ୱ ଦେଇ କୋଇଲା ଫ୍ୟାକ୍ଟ୍ରି ମାଲିକ ପ୍ରମୋଦ କୁମାର ସାମଲଙ୍କୁ ନୋଟିସ୍ ଜାରି କରିବା ସହ ପ୍ରତି ଶିଶୁଙ୍କ ମଙ୍ଗଳ ପାଇଁ ୨୦ ହଜାର ଟଙ୍କା ଜମା କରିବା ଏବଂ ଆସନ୍ତା ମାସ ୯ ତାରିଖରେ ଶ୍ରମ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଆଜିର ଚଢ଼ଉ ସମୟରେ ଶ୍ରମିକମାନଙ୍କ ଅବସ୍ଥା ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ତଦନ୍ତ କରାଯାଇ ଏକ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଘଟଣା ଦିନ ଉଦ୍ଧାର କରାଯାଇଥିବା ଶିଶୁଙ୍କ ମଧ୍ୟରୁ ମାତ୍ର ୧୦ ଜଣ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। ସେଥିମଧ୍ୟରୁ ୪ ଜଣ ଶିଶୁଙ୍କୁ କୌଣସି ତଦନ୍ତ କରାନଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଅଭିଯୋଗ କରିଛନ୍ତି। ଏହି ପ୍ରକ୍ରିୟା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ର ଧାରା ୩୭ର ଉଲ୍ଲଘଂନ। ଏହି ଘଟଣାରେ ଶିଶୁମାନେ ପୁନର୍ବାର ବିପଦସଙ୍କୁଳ ପରିସ୍ଥିତିକୁ ଫେରିଯିବାର ସମ୍ଭାବନା ଥିବାରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଯାଜପୁର, ୨୯।୫(ସମିସ): ଚଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ବାହାରିବା ପରେ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଉଛି। ପରୀକ୍ଷାରେ ଯାଜପୁର କଲେଜ ଛକରେ ଥିବା ଜିଲ୍ଲା ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଅଭୂତପୂର୍ବ ସଫଳତା ଲାଭ କରିଛି। ଏକାଡେମୀର ଛାତ୍ରୀ ଆକାଂକ୍ଷା ସିଂ ସର୍ବାଧିକ ୯୩ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା ବେଳେ ଦୃଷ୍ଟିହୀନ ଛାତ୍ରୀ ଦେବରାଣୀ ମଣ୍ଡଳ ୯୨ ପ୍ରତିଶତ ମାର୍କ ରଖିଛନ୍ତି। ଏଥିସହିତ ଅନୁଷ୍ଠାନର ୫ ଜଣ ୯୦ ପ୍ରତିଶତ, ୧୫ ଜଣ ୮୦ ପ୍ରତିଶତ ଏବଂ ୩୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଏକାଡେମୀ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଉଜ୍ଜ୍ୱଳ କାମନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଜଣେ ମୃତ

ଯାଜପୁର, ୨୯।୫(ସମିସ): ଯାଜପୁର ଥାନା ଅନ୍ତର୍ଗତ ମକେଇପୁର ପେଟ୍ରୋଲ ପମ୍ପ ନିକଟରେ ଆଜି ଅପରାହ୍ନରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ନାଥସାହି ଗ୍ରାମର ରାମଚନ୍ଦ୍ର ଦାସ। ଆହତ ଆଦିତ୍ୟ ମିଶ୍ର ଓ ସତ୍ୟଜିତ ସାହୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଦୁଇଟି ବାଇକ ବିପରୀତ ଦିଗରୁ ଆସୁଥିବା ବେଳେ ଘଟଣାସ୍ଥଳରେ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ

ମଙ୍ଗଳା, ୨୯।୫(ସମିସ): ଆଜି ଅପରାହ୍ନରେ ବିଞ୍ଝାରପୁର ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ହଠାତ୍ ପବନ ସାଙ୍ଗକୁ ବର୍ଷା ହୋଇଥିଲା। ପବନର ବେଗ ଘଣ୍ଟାପ୍ରତି ୬୦ କିମି ଅନୁମାନ କରାଯାଇଛି। କାଳ ବୈଶାଖୀ ଦ୍ୱାରା ଅନେକ ଘର ଓ ଦୋକାନ ଘର ଛପର ଉଡିଯିବା ସହିତ ରାସ୍ତା ଉପରେ ଗଛ ପଡ଼ି ରାସ୍ତା ହେବାର ଦେଖିବାକୁ ମିଳିଛି। ବିଞ୍ଝାରପୁର ବ୍ଲକର ଚିକଣା, ତଳବନ୍ଧ, ଉତଙ୍ଗରା, ବରପଦା, କପିଳା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେଇଥିବାର ଦେଖିବାକୁ ମିଳିଛି। ଚିକଣା ରାସ୍ତାରେ ଗଛପଡ଼ି ରାସ୍ତା ଅବରୋଧ ହୋଇଥିଲା। ବହୁ ଗାଡି ଅଟକି ଥିଲା ସ୍ଥାନୀୟ ସରପଞ୍ଚ ଓ ଲୋକ ମାନେ ରାସ୍ତା ପରିଷ୍କାର କରିଥିଲେ। ଗମନାଗମନ ସ୍ୱାଭାବିକ ହୋଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ବିଷୁବ ସମାରୋହ

ପାଣିକୋଇଲି, ୨୯।୫(ସମିସ): ପାଣିକୋଇଲିର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଷୁବ ସମାରୋହ କାର୍ଯ୍ୟକ୍ରମ ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଅର୍ଥଶାସ୍ତ୍ରୀ ଡ. ଦାମୋଦର ମହାପାତ୍ର ଯୋଗ ଦେଇଥିବା ବେଳେ ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଏଥିସହିତ ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳିତ ମାସରେ ସଭ୍ୟ ମାନଙ୍କ ଥିବା ଜନ୍ମଦିବସ ଅବସରରେ ଅଭିନନ୍ଦନ ଜଣାଇଥିଲେ। ମଞ୍ଚ ପକ୍ଷରୁ ପୂର୍ବରୁ ପାଣିକୋଇଲି ଅଞ୍ଚଳରେ ରହିଥିବା ଶୌଚାଳୟ ସମସ୍ୟା, ଆଙ୍କୁଲା-ପାଣିକୋଇଲି ରାସ୍ତାରେ ରହିଥିବା ଖାଲ ଓ ହମ୍ପସ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ପୁନର୍ବାର ଏହି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ମୁଖ୍ୟ ଅତିଥିଙ୍କ ସମେତ ରବୀନ୍ଦ୍ର କୁମାର ପହୀ, ସତ୍ୟରଞ୍ଜନ ସ୍ୱାଇଁ, ଅଦ୍ୱୈତ ଚନ୍ଦ୍ର ଦାସ, ପ୍ରାଣକୃଷ୍ଣ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେବା ସହିତ କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗୌରାଙ୍ଗ ବାରିକ, ସୁଦର୍ଶନ ପହୀ, ବସନ୍ତ କୁମାର ବେହେରା, ମୁରଲୀ ଧର ଖଣ୍ଡାଇ, ଭରତ ଚନ୍ଦ୍ର ବାରିକ, ଅଭିରାମ ବାରିକ, ବୃନ୍ଦାବନ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଧର୍ମଶାଳାରେ ଇଦ୍ ଉଲ୍ ଜୁହା ପାଳିତ

ଧର୍ମଶାଳା, ୨୯।୫(ସମିସ): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ମୁସଲମାନ ଭାଇମାନଙ୍କ ବଳିଦାନ ଓ ତ୍ୟାଗର ପର୍ବ ଇଦୁଲ ଅଜହା ଆଡମ୍ବର ଓ ଶାନ୍ତିଶୃଙ୍ଖଳା ସହକାରେ ପାଳିତ ହୋଇଯାଇଛି। ଆଜି ସକାଳୁ ମୁସଲମାନ ଭାଇମାନେ ଶୌଚ ହୋଇ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଇଦଗାହା ଓ ମସଜିଦରେ ଏକତ୍ରିତ ହୋଇ ସମୁହ ନମାଜପାଠ କରିଥିଲେ। ଧର୍ମଶାଳା ବ୍ଲକର ଚୋରମୁହାଁ, ଚହଟା, ବଡମଙ୍ଗଳପୁର, କାଏମା, ତରାପୁର, ନେଉଳପୁର ଆଦି ମୁସଲିମ ବସ୍ତିରେ ଥିବା ମସଜିଦ ଓ ଇଦଗାହାରେ ସମୁହ ନମାଜ ପାଠ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଧର୍ମଶାଳା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଇଦୁଲ ଅଜାହା ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖହର ସାହୁ, କଂଗ୍ରେସ ନେତା କିଶାନ ପଣ୍ଡା, ସମାଜସେବୀ ମିନତୀ ସାହୁ, ପ୍ରମୁଖ ମୁସଲମାନ ଭାଇ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**● ଦୁଇଘଣ୍ଟାର କାଳବୈଶାଖୀ ତାଣ୍ଡବ**

## ଉପୁଡିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

ଧାମନଗର, ୨୯।୫(ସମିସ): ଧାମନଗର ଅଞ୍ଚଳରେ ଦୁଇଘଣ୍ଟାର କାଳବୈଶାଖୀ ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହୋଇଛି। ଫଳରେ ଏହି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ପରିଲକ୍ଷିତ ହୋଇଛି। ଅପରାହ୍ନ ୪ଟାରୁ ଦୀର୍ଘ ୨ଘଣ୍ଟା ଧରି ଲାଗି ରହିଥିଲା ତାଣ୍ଡବ। ପବନ ଯୋଗୁଁ କେଉଁଠି ଗଛ ପଡ଼ି ଯାନବାହନ ଚଳାଚଳ ବନ୍ଦ ହୋଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା



ସହିତ ତା'ର ଛିଣ୍ଡି ବହୁ କ୍ଷୟକ୍ଷତି ହୋଇଛି। ଧାମନଗର-କୋଠାର ମୁଖ୍ୟ ରାସ୍ତା ଉପରେ ବିରାଟ ବଡ଼ ଗଛ ପଡ଼ି କିଛି ସମୟ ପାଇଁ ରାସ୍ତାରେ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅଗ୍ନିଶମ ବିଭାଗ ଉକ୍ତ ସ୍ଥାନରେ ପହଞ୍ଚି ଗଛକୁ କାଟିବାରୁ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏପଟେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କଲେ ମଧ୍ୟ ବିଦ୍ୟୁତ ସଂଯୋଗରେ ସମୟ ଲାଗିବ ବୋଲି ସୂଚନା ଦିଆଯାଇଛି। ବର୍ଷା ପବନ ଯୋଗୁଁ ପନିପରିବା ଫସଲ ନଷ୍ଟ ହେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି ବୋଲି ଚାଷୀମାନଙ୍କ ମଧ୍ୟରେ ଚିନ୍ତା ଓ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଧାମନଗର ସହରାଞ୍ଚଳରେ ଦୋକାନ ବଜାର ବନ୍ଦ ସାଙ୍ଗକୁ ରାସ୍ତାଘାଟ ଶୂନ ଶାନ ଦେଖିବାକୁ ମିଳିଥିଲା। ତଳିଆ ଅଞ୍ଚଳରେ ଛପର ଘରକୁ ପବନ ଉଡ଼ାଇ ନେଇଥିବାବେଳେ କେତେକ ଘର ଭାଙ୍ଗିଥିବା ସୂଚନା ମିଳିଛି। ଉକ୍ତ ଅଞ୍ଚଳର ରାଜସ୍ୱ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି।

## ମୃତ୍ତିକା ସ୍ୱାସ୍ଥ୍ୟ ଓ ଉର୍ବରତା ପରିଚାଳନା ଅଭିଯାନ

ଦୋଳସାହି, ୨୯।୫(ସମିସ): ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତର ଗାଜିପୁର ଗାଁରେ ସରକାରଙ୍କ ପକ୍ଷରୁ ମୃତ୍ତିକା ସ୍ୱାସ୍ଥ୍ୟ ଓ ଉର୍ବରତା ପରିଚାଳନା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ବ୍ଲକ କୃଷି ଅଧିକାରୀ ଅମରପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଚାଷୀମାନଙ୍କୁ ଜୈବିକ ସାର, ସବୁଜ ସାର ପରି ରାସାୟନିକ ସାରର ବିକଳ୍ପକୁ ବାଛିବା ପାଇଁ ଉପଦେଶ ଦେବା ସହ ତିହିଡ଼ି ଅଞ୍ଚଳରେ ତୈଳବୀଜ



ଓ ଅଣଧାନ ଚାଷ ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀଙ୍କୁ ସ୍ୱଦେଶୀ ଜ୍ଞାନ କୌଶଳରେ ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପିର ବ୍ୟବହାର କୃଷି କର୍ମଚାରୀ ଗଣ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥାଲେ ସହକାରୀ କୃଷି ଅଧିକାରୀ ବିଦ୍ୟୁତ କୁମାର ସାହୁ, ଦୋଳସାହି ପଞ୍ଚାୟତ ଭିଏଡବ୍ଲୁ ବାସନ୍ତୀ ସ୍ୱାଇଁ, ଗଣେଶ ଖାମୁରାଇ, ହରେକୃଷ୍ଣ ପଣ୍ଡା, ଅଶୋକ ଦୀକ୍ଷିତ, ସୁରେନ୍ଦ୍ର ଖାମୁରାଇ, କହ୍ନେଇ ସାହୁ, ବିନୋଦ ନାୟକ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ୨ ବର୍ଷ ଧରି ମିଳୁନି ହରିଶ୍ଚନ୍ଦ୍ର ସହାୟତା

ଦୋଳସାହି, ୨୯।୫(ସମିସ): ତିହିଡ଼ି ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତ ର ସରପଞ୍ଚଙ୍କୁ ବିଗତ ୨ବର୍ଷ ରୁ ଅଧିକ ସମୟ ଧରି ହରିଶ୍ଚନ୍ଦ୍ର ସହାୟତା ଅର୍ଥ ମିଳୁନଥିବା ନେଇ ଭଦ୍ରକ ଜିଲ୍ଲାପାଳଙ୍କ ଠାରେ ଦୁଇ ଥର ଅଭିଯୋଗ ହୋଇଛି। ତେବେ ଅଭିଯୋଗ ସତ୍ତ୍ୱେ ଅଦ୍ୟାବଧି ଏହି ସହାୟତା ଅର୍ଥ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇନଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ତିହିଡ଼ି ବ୍ଲକ ସୟା ପଞ୍ଚାୟତରେ ବିଗତ ୨ବର୍ଷ ଧରି ହରିଶ୍ଚନ୍ଦ୍ର ସହାୟତା ଅର୍ଥ ମିଳୁନଥିବାବେଳେ ନିଜ ହାତରୁ ଏହି ସହାୟତା ପ୍ରଦାନ କରିଥିବା ସୁଚନା ଦେଇଛନ୍ତି ସରପଞ୍ଚ ଗୀତାଞ୍ଜଳି ପଣ୍ଡାଙ୍କ ପ୍ରତିନିଧି ରବିନାରାୟଣ ଶତପଥୀ।

# ପନିପରିବାର ଅଭାବୀ ବିକ୍ରି; କ୍ଷତି ସହୁଛନ୍ତି ଚାଷୀ

ଅସୁରାଳି, ୨୯।୫(ସମିସ): ବୈତରଣୀ ଓ କୋଚିଲା ନଦୀର ଅବବାହିକାରେ ଥିବା ଗ୍ରାମଗୁଡ଼ିକରେ ବ୍ୟାପକ ପନିପରିବା ଚାଷ ହେଉଥିଲେ ମଧ୍ୟ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ସ୍ଥାନୀୟ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। କଷ୍ଟ ଉପାର୍ଜିତ ଫସଲର ଉଚିତ ମୂଲ୍ୟ ନମିଳିବା କାରଣରୁ ଚାଷୀ କୁଳ ନିରାଶ ହେବା ସହ କ୍ଷତି ସହିବାକୁ ବାଧ ହେଉଛନ୍ତି।ଅସୁରାଳି ଅଞ୍ଚଳର ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ଶୈଳ, ମମାଦୁଲା, ନଦୀଗାଁ ପଞ୍ଚାୟତର ତିନିଘରିଆ, ହସନାବାଦ ପଞ୍ଚାୟତର ପଙ୍ଗଟା, ପଞ୍ଚସାହି, ନୂଆସାହି, ମଠସାହି, ପାଳସାହି ଓ ଗଡ଼ଗଡ଼ି, କୁଳ ସାହି, ଗାନ୍ଧୀ ଘାଟ ଶାସନ ଆଦି ଗ୍ରାମଗୁଡ଼ିକ ସମ୍ପୂର୍ଣ୍ଣ ଭାବେ କୃଷିଭିତ୍ତିକ। ଏହି ସବୁ ଗାଁର ମୋଟ ଜନସଂଖ୍ୟା ୨୦ ହଜାରରୁ ଅଧିକ ଏବଂ ପ୍ରାୟ ୮୦ ପ୍ରତିଶତ ଲୋକ ସମ୍ପୂର୍ଣ୍ଣ ଭାବେ କୃଷି ଉପରେ ନିର୍ଭରଶୀଳ। ବୈତରଣୀ ଓ କୋଚିଲା ନଦୀର ଜଳକୁ ବ୍ୟବହାର କରି ଚାଷୀମାନେ ବର୍ଷ ସାରା (୧୨ ମାସ) ବିଭିନ୍ନ ପନିପରିବା ସମେତ ବିରି, ମୁଗ ଏବଂ ଧାନ ଚାଷ କରିଥାନ୍ତି। ଖରିଫ୍ ସମୟରେ ଧାନ ଏବଂ ରବି ଋତୁରେ ବ୍ୟାପକ ପନିପରିବା



ଚାଷ କରି ଲୋକେ ଜୀବିକା ନିର୍ବାହ କରନ୍ତି। ପ୍ରାୟ ୨ ହଜାର ଏକରରୁ ଅଧିକ ଚାଷଜମି ରହିଥିବା ବେଳେ ଏଠାରେ ଉତମ ଉଠାଜଳସେଚନ ବ୍ୟବସ୍ଥା ମଧ୍ୟ ରହିଛି। ଅଞ୍ଚଳରେ ବହୁ ପରିମାଣରେ ଟମାଟୋ, ଆଳୁ ଓ ଅନ୍ୟାନ୍ୟ ପନିପରିବା ଉତ୍ପାଦନ ହେଉଥିଲେ ବି ଏହାକୁ ସାଇତି ରଖିବା ପାଇଁ କୌଣସି ଶୀତଳଭଣ୍ଡାର ନାହିଁ। କଷ୍ଟ କରି ଫସଲ ଉପଜାଉଥିଲେ ମଧ୍ୟ ସଂରକ୍ଷଣ ଅଭାବରୁ ବେପାରୀମାନେ ଏହାର ସୁଯୋଗ ନେଇ ଶସ୍ତାରେ କିଣି ଅଧିକ ଲାଭବାନ ହେଉଛନ୍ତି। ଚାଷୀମାନେ ବାଧ ହୋଇ ଗାଡ଼ି ଭଡ଼ା କରି ଯାଜପୁର, ଭଦ୍ରକ ଆଦି ଅନ୍ୟାନ୍ୟ ଗଦିକୁ ଯାଇ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମରେ ପନିପରିବା ବିକ୍ରି କରୁଛନ୍ତି। ଯଦି ଏହି ଅଞ୍ଚଳରେ ଏକ ଶୀତଳଭଣ୍ଡାର ସ୍ଥାପନ କରାଯାନ୍ତା, ତେବେ ଟମାଟୋ ସସ୍, ଆଳୁ ଚିପ୍ସ ଆଦି ଛୋଟ ଛୋଟ କୃଷି ଭିତିକ ଉଦ୍ୟୋଗ ଗଢ଼ିଉଠନ୍ତା। ଏହାଦ୍ୱାରା ଚାଷୀଙ୍କ ଆର୍ôଥକ ସ୍ଥିତିରେ ବଡ଼ ସୁଧାର ଆସିପାରନ୍ତା ବୋଲି ମତପ୍ରକାଶ ପାଇଛି। ଏ ନେଇ ଉଦ୍ୟାନ କୃଷି ଅଧିକାରୀଙ୍କ ସୂଚନା ଅନୁଯାୟୀ, ବୈତରଣୀ ଓ କୋଚିଲା ପାର୍ଶ୍ୱବର୍ତୀ ଗ୍ରାମଗୁଡ଼ିକ ପନିପରିବା ଚାଷର ପ୍ରେକ୍ଷାପଟ୍ଟ (ହବ୍) ସରକାରଙ୍କ ପକ୍ଷରୁ ଏଥିପାଇଁ ବିଭିନ୍ନ ସହାୟତା ଯୋଜନା ରହିଛି ଯଥା 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ଶୀତଳ ଭଣ୍ଡାର ପାଇଁ ଆର୍ôଥକ ସହାୟତା ପ୍ରଦାନ କରାଯାଉଛି। ରାଷ୍ଟ୍ରୀୟ ଉଦ୍ୟାନ ଓ ସମନ୍ୱିତ କୃଷି ବିକାଶ ଯୋଜନା' ମାଧ୍ୟମରେ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ତେବେ ଅଧିକାରୀଙ୍କ କହିବା ଅନୁସାରେ, ଚାଷୀଙ୍କୁ ବିଭିନ୍ନ ସଭା ସମିତି ଜରିଆରେ ସଚେତନ କରାଯାଉଥିଲେ ମଧ୍ୟ, ନିଜସ୍ୱ ପୁଞ୍ଜି ବିନିଯୋଗ କରି ବ୍ୟକ୍ତିଗତ ଭାବେ ଶୀତଳ ଭଣ୍ଡାର କରିବାକୁ କୌଣସି ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଯଦି ଆଗାମୀ ଦିନରେ କୌଣସି ଚାଷୀ କିମ୍ବା ଚାଷୀ ସଂଗଠନ ଏଥିପାଇଁ ଆଗ୍ରହ ଦେଖାନ୍ତି, ତେବେ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ପ୍ରଶାସନିକ ଓ ଆର୍ଥିକ ସହଯୋଗ ଯୋଗାଇ ଦିଆଯିବ।

**● ଜୟଚଣ୍ଡୀ ହାଇସ୍କୁଲରେ ଖେଳ ସାମଗ୍ରୀ କିଣାରେ ଅନୀୟମିତତା**

## ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ତଦନ୍ତ

ମଙ୍ଗଳପୁର, ୨୯।୫(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ବିଭିନ୍ନ ସାମଗ୍ରୀ କିଣାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏଡିଓ) ଆଲୋକ କୁମାର ବନ୍ଧ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାଇ ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଜନାରେ ପ୍ରତିଦିନ ୧୦ରୁ ୧୫ଟି ମିଲ ଏକ୍ସଟ୍ରା ପକାଯାଉଛି। ଏକ୍ସଟ୍ରା ମିଲ ପକାଇବା ପାଇଁ ବ୍ଲକର ଏବିଓ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟ ଏସ୍ଏମଡିସି ବୈଠକରେ କହିଥିବାର ଅଡିଓ ଅଭିଯୋଗକାରୀ ଏଡିଓଙ୍କୁ ଶୁଣାଇବା ଶହ ଅଡିଓ ପ୍ରଦାନ କରିଥିଲେ। ସେହିପରି ଅଭିଯୋଗକାରୀଙ୍କ ପକ୍ଷରୁ ତଦନ୍ତ ପୂର୍ବରୁ ଏହି ଭାଇରାଲ ଅଡିଓ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ବ୍ଲକର ବିଇଓ ଶାନ୍ତନୁ ମଲ୍ଲିକ ଓ ଏବିଓ ସାବିତ୍ରୀ ସେଠୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ଖେଳ ସାମଗ୍ରୀ କିଣିବା ପାଇଁ ସ୍ପୋର୍ଟ୍ସ ଦୋକାନକୁ ୨୫ ହଜାର ଟଙ୍କା ଡିଜି ଗଭରୁ ପ୍ରଦାନ କରାଯାଇଥିବା ବେଳେ ୨୫ ହଜାରେ ଟଙ୍କାରେ ଖେଳସାମଗ୍ରୀ ନକିଣି ୧୫ ହଜାରେ ଟଙ୍କାରେ ଖେଳ ସାମଗ୍ରୀ କିଣି ଦୋକାନୀଠାରୁ ୧୦ ହଜାରେ ଟଙ୍କା ଫେରାଇ ଆଣି ତାଙ୍କୁ ଦେବା ପାଇଁ କ୍ରୀଡ଼ା ଶିକ୍ଷକ ଓ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ ବୋଲି ଅଭିଯୋଗ ହୋଇଥିଲା। ତଦନୁଯାଇ କ୍ରୀଡ଼ା ଶିକ୍ଷକ ଓ ବିଦ୍ୟାଳୟର କର୍ମଚାରୀ ୧୫ ହଜାରେ ଟଙ୍କାର ଖେଳ ସାମଗ୍ରୀ କିଣିବା ଶହ ୧୦ ହଜାରେ ଟଙ୍କା ଫେରେଇ ଆଣି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଫେରେଇ ଥିବାର ମୌଖିକ ଓ ଲିଖିତ ପ୍ରମାଣ ତଦନ୍ତ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସେହିପରି ବିଦ୍ୟାଳୟକୁ ବର୍ଷକୁ କମ୍ପୋଜିଟ ଗ୍ରାଣ୍ଟ ବାବଦରେ ୫୦ ହଜାରେ ଟଙ୍କା ଆସିଥିବା ବେଳେ ତଦନ୍ତ ସମୟରେ ନିୟମ ଉଲ୍ଲଘଂନ କରାଯାଇ ଏହି ଟଙ୍କା ଭେଣ୍ଡର ଏକାଉଣ୍ଟ ଦ୍ୱାରା ଖର୍ଚ୍ଚ କରାନଯାଇ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କ ଏକାଉଣ୍ଟକୁ ପଠାଯାଇ ଏହି ଅର୍ଥ ଖର୍ଚ୍ଚ କରାଯାଇଥିବା ଜାଣିବାକୁ ପାଇଥିଲେ।

## ଅସହାୟ ପରିବାରଙ୍କୁ ଲାୟନ୍ସ କ୍ଲବ ପକ୍ଷରୁ ସହାୟତା

କୁଆଖିଆ, ୨୯।୫(ସମିସ): ରସୁଲପୁର ବ୍ଲକ କୁଆଖିଆ ସ୍ଥିତ ଲାୟନ୍ସ କ୍ଲବ ପରିସରରେ ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା କ୍ୟାନ୍ସର ରୋଗୀ, କିଡ୍ନୀ ରୋଗୀ ଓ ଅସହାୟ ଲୋକଙ୍କୁ କ୍ଲବ୍ର ସଭାପତି ସମାଜସେବୀ ଜନ୍ମେଜୟ ସାହୁଙ୍କ ଦ୍ୱାରା ଆର୍ଥିକ ଓ ରାସନ ସାମଗ୍ରୀ ସାହାଯ୍ୟ କରାଯାଇଛି। ଏହି ଅବସରରେ କ୍ୟାନ୍ସର ରୋଗୀ ରାମ ଚନ୍ଦ୍ର ମଲ୍ଲିକ ଓ ସ୍ୱରସ୍ୱତୀ ମହାରଣା, ଅକ୍ଷୟ ସାହୁ କିଡ୍ନୀ ରୋଗୀ ଓ ନିଜର ରୋଜଗାରକ୍ଷମ ପୁତ୍ରକୁ ହରାଇଥିବା ସୁରେନ୍ଦ୍ର ମଲ୍ଲିକଙ୍କୁ ସହାୟତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାନସ ଆଚାର୍ଯ୍ୟ, ଶିଶିର ପଣ୍ଡା, ଚିତ୍ତରଞ୍ଜନ ଦାଶ, ଦେବାଶିଷ ନାୟକ, ନାରାୟଣ ପରିଡ଼ା, ବୈଖୁଣ୍ଠ ନାଥ, ସରୋଜିନୀ ପ୍ରଧାନ, ବିକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗତିପଥ ବଦଳାଉଛି ନଦୀ; ବିପଦରେ ନଈକୂଳିଆ

ବନ୍ତ/ଆଗରପଡ଼ା, ୨୯।୫(ସମିସ)

ଆବାହନ କାଳରୁ ସାଳନ୍ଦୀ ନଦୀ ବନ୍ତ ବ୍ଲକର ଆଗରପଡ଼ା ଦେଇ ବହି ଯାଇଥିବା ବେଳେ ଏହାର ଶାଖା ପ୍ରଶାଖା ନଦୀ ଗୁଡ଼ିକ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାକୁ ପ୍ରବାହିତ ହୋଇଛି। ଏହି ନଦୀ କୂଳରେ ଶତାଧିକ ବେଆଇନ ଇଟାଭାଟି ଚାଲିଛି। ନଦୀ ପଠାରୁ ମାଟି ଖନନ କରାଯାଇ ଏଥିରେ ବ୍ୟବହୃତ ହେଉଛି। ଯଦ୍ଦ୍ୱାରା ନଦୀ କୂଳ ସବୁ ଖାଇ ଯାଇଛି। ବର୍ଷାଋତୁ ଆସିଲେ ବର୍ଷା ପ୍ରଭାବରେ ନଦୀ ପାଣି କ୍ରମଶଃ ଫୁଲି ଗ୍ରାମାଭିମୁଖୀ ହେଉଥିବାରୁ ନଦୀ କୂଳିଆ ଗ୍ରାମବାସୀ ବିପଦ ଆଶଙ୍କାରେ ରହିଛନ୍ତି। ଏହି ନଦୀର ଜଳକୁ କୃଷି କ୍ଷେତ୍ରରେ ବିନିଯୋଗ କରିବା ପାଇଁ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ସେହି ସମୟରେ ପାର୍ଶ୍ୱବର୍ତ୍ତୀ କେନ୍ଦୁଝର ଜିଲ୍ଲା ହଦଗଡ଼ ଠାରେ ଏକ ଡ୍ୟାମ ପ୍ରତିଷ୍ଠା କରିଥିଲେ। ଏଥିରେ ଜଳନିୟନ୍ତ୍ରିତ ହେବା ସହ ଏହି ଜଳକୁ ବିଭିନ୍ନ କେନାଲ ମାଧ୍ୟମରେ ଛଡାଯିବା ଫଳରେ



୩ଗୋଟି ଜିଲ୍ଲା କୃଷିଅର୍ଥନୀତି ଉପରେ ବେଶ ପ୍ରଭାବ ପକାଉଥିବା ବେଳେ ଏବେ ସାଳନ୍ଦୀ ନଦୀ କୂଳ ଖାଇ ଗ୍ରାମାଭିମୁଖୀ ହେବାଯୋଗୁଁ ନଦୀ କୂଳିଆ ଗ୍ରାମକୁ ବିପଦ ସୃଷ୍ଟି କରୁଛି। ପ୍ରତିବର୍ଷ ବର୍ଷାଦିନରେ ସାଳନ୍ଦି ନଦୀରେ ଏହିପରି ମନୁଷ୍ୟ କୃତ ବନ୍ୟା ଆସି ନଦୀ ଜଳ ଲୋକଙ୍କର କ୍ଷୟକ୍ଷତି ପହଞ୍ଚାଉଛି। ସୂଚନାଯୋଗ୍ୟ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୨୦୦୨-୦୩ ଆର୍ଥିକ ବର୍ଷରେ ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ତଥା ପୂର୍ବତନ ଭଦ୍ରକ ସାଂସଦ ସ୍ୱର୍ଗତ ଅର୍ଜୁନଚରଣ ସେଠୀଙ୍କ ଉଦ୍ୟମ କ୍ରମେ ସାଳନ୍ଦି ସଂସ୍କାର ଯୋଜନାରେ୧୦୨କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇ ୨୦୦୫-୦୬ ଆର୍ଥିକ ବର୍ଷରେ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇ କାର୍ଯ୍ୟ କରାଯାଇଥିଲା। ଏହାର ଲକ୍ଷ୍ୟଥିଲା ସାଳନ୍ଦୀ ସଂସ୍କାର ଯୋଜନାରେ ପୋତି ହୋଇଯାଇଥିବା ନଦୀ ଗର୍ଭ ପୁନଃଦ୍ଧାର ଓ ସାଳନ୍ଦୀ ସଂଯୋଗୀକରଣ କରି ସାଳନ୍ଦୀ ନଦୀକୁ ସୁରକ୍ଷିତ ରଖିବା। ମାତ୍ର ଉକ୍ତ ଯୋଜନା ଅନୁଦାନ ରାଶି ଉପଯୁକ୍ତ ବିନିଯୋଗ ନହେବାରୁ କ୍ରମଶଃ ନଦୀର ଗତିପଥ ବଦଳି ଜନବସତି ଆଡକୁ ମାଡ଼ି ଆସୁଛି। ଏ ଅଞ୍ଚଳରେ ନଦୀକୂଳରେ ଅବସ୍ଥିତ ପାଟକନା, ମହାନ୍ତିପଡ଼ା, ରାଉତରାପୁର, ହଳଦୀପହଣି, କାଣ୍ଡବା, ଗୋପୀନାଥପୁର, କୁଆଁଶମଡିଆ, ହରିପୁର, ଘଣ୍ଟଗଡ଼ିଆ, ନରାଜପୁର, ବଡ଼ମହିଷଗୋଠ, ଟିକିରା, ଚାରିଗାଁ, ଶ୍ରୀରାମପୁର, ଯଶୋବନ୍ତପୁର, ରାଜନଗର ମଙ୍ଗଳପୁର, ଅଣିଜୋ, ନରିପୁର, ବିରିଡିହି ଆଦି ଗ୍ରାମବାସୀ ଏନେଇ ଚିନ୍ତା ପ୍ରକଟ କରିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ବିନା ସୂଚନାଫଳକରେ ପ୍ରକଳ୍ପ

# ନିମ୍ନମାନର ଢଳେଇରୁ ନବନିର୍ମିତ ରାସ୍ତାରେ ଫାଟ

ନିଶ୍ଚିନ୍ତକୋଇଲି, ୨୯।୫(ସମିସ)



ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟକଳାପ, ସରକାରୀ ନିୟମର ଉଲ୍ଲଙ୍ଘନ ଏବଂ ଚରମ ଦାୟିତ୍ୱହୀନତା ଯୋଗୁଁ ଗ୍ରାମାଞ୍ଚଳର ବିକାଶମୂଳକ କାର୍ଯ୍ୟରେ ବ୍ୟାପକ ପିସି କାରବାର ଓ ଦୁର୍ନୀତି ହେଉଥିବା ନେଇ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ବ୍ଲକ ଅଧୀନ କେନ୍ଦୁପାଟଣା ପଞ୍ଚାୟତ ଚମ୍ପତିପାଟଣା ଗ୍ରାମରେ ସରକାରୀ ଗାଇଡଲାଇନକୁ ଆଖିଠାର ମାରି ସମ୍ପୂର୍ଣ୍ଣ ଗୋପନୀୟ ଭାବେ ତଥା କୌଣସି ସୂଚନା ଫଳକ ନ ଥାଇ ଏକ କଂକ୍ରିଟ୍ ଢଳେଇ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ପ୍ରକଳ୍ପ ପାଇଁ ସରକାରଙ୍କ କେଉଁ ପାଣ୍ଠିରୁ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ ଏହାର କାର୍ଯ୍ୟକାରୀ ଅବଧି କେତେ, ସେ ନେଇ ସ୍ଥାନୀୟ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ଅନ୍ଧାରରେ ରଖାଯାଇଛି। ସରକାରୀ ନଥିପତ୍ର ଅନୁଯାୟୀ, ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଜାରି କରାଯାଇଥିବା ବେଳେ ବାସ୍ତବ କ୍ଷେତ୍ରରେ କେତେକ ସ୍ଥାନୀୟ କୁଜିନେତା ଓ ଠିକାଦାର ମେଣ୍ଟ କରି ଏହି ନିର୍ମାଣ କାର୍ଯ୍ୟ କରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ, ରାସ୍ତା ନିର୍ମାଣ ସମୟରେ ଅଟକଳ ଅନୁଯାୟୀ ସିମେଣ୍ଟ, ଗୋଡ଼ି ଓ ବାଲିର ସଠିକ୍ ଭାଗମାପ ଦିଆଯାଇ ନାହିଁ। ମଞ୍ଜୁରୀପ୍ରାପ୍ତ ଅର୍ଥକୁ ହଡ଼ପ କରିବା ଉଦ୍ଦେଶ୍ୟରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ

**ତଦନ୍ତ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ**

ସାମଗ୍ରୀ ବ୍ୟବହାର କରାଯାଇଥିବାରୁ, ରାସ୍ତା କାର୍ଯ୍ୟ ଶେଷ ହେବାର ମାତ୍ର ଅଳ୍ପ କେଇଟା ଦିନ ଭିତରେ ହିଁ ପୂରା ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ପ୍ରଶାସନିକ ଉଦାସୀନତା ଯୋଗୁଁ ନବନିର୍ମିତ କଂକ୍ରିଟ୍ ରାସ୍ତାର ସ୍ଥାୟିତ୍ୱ ନେଇ ଏବେ ସାଧାରଣରେ ଗଭୀର ସନ୍ଦେହ ଓ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ବିନା ସୂଚନାଫଳକରେ ଏବଂ ବିଧିବଦ୍ଧ ଯାଞ୍ଚ ବିନା କିପରି ଏହି ପ୍ରକଳ୍ପର ବିଲ୍ ପାସ୍ ପାଇଁ ମସୁଧା ଚାଲିଛି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଭଳି ସରକାରୀ ଅର୍ଥର ବାଟମାରଣାକୁ ଗ୍ରାମବାସୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ତେଣୁ ସମ୍ପୃକ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ବୈଷୟିକ କମିଟି ଦ୍ୱାରା ବିଧିବଦ୍ଧ ସରଜମିନ ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବାସିନ୍ଦା କଟକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

## ବାଲିପୁଟ ବୋମାମାଡ଼ ଘଟଣା: ଜଣେ ଗିରଫ



ତିଗିରିଆ, ୨୯।୫(ସମିସ): ତିଗିରିଆ ଥାନା ଅଧୀନ ବାଲିପୁଟ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ସଂଗଠିତ ବୋମାମାଡ଼ ଘଟଣାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ କରଡ଼ାପଲ୍ଲୀ ଗ୍ରାମର ମହମ୍ମଦ ମୁସାଫ୍ ବୋଲି ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରୁ ୪ଟି ମୋଟର ସାଇକଲ ଜବତ କରିଥିବା ବେଳେ ସନ୍ଦେହରେ ଅଣାଯାଇଥିବା ମଦ ବ୍ୟବସାୟୀଙ୍କ ଏଥିରେ ସମ୍ପୃକ୍ତି ନ ଥିବାରୁ ତାଙ୍କୁ ନୋଟିସ ଦେଇ ଛାଡ଼ି ଦିଆଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଏହି ଘଟଣାରେ ପୁଲିସ କେସ୍ ନମ୍ବର ୧୬୦/୨୬ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୁରୁବାର ରାତିରେ କରଡ଼ାପଲ୍ଲୀ ଗ୍ରାମର ୪ ଜଣ ଯୁବକ ବାଲିପୁଟ ଗ୍ରାମର ଏକ ଦୋକାନରେ ମଦ୍ୟପାନ କରିବା ସହ ଲୋକଙ୍କୁ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଯୁବକମାନେ ଉତ୍ତ୍ୟକ୍ତ ହୋଇ ବାଇକ୍‌ରେ ଯାଇ ଗ୍ରାମର ବିଭିନ୍ନ ଛକକୁ ଲକ୍ଷ୍ୟ କରି ୪ଟି ବୋମା ମାଡ଼ କରିଥିଲେ। ଏଥିମଧ୍ୟରୁ ୩ଟି ବୋମା ଫୁଟିଥିବା ବେଳେ ବୋମାମାଡ଼ରେ ଗ୍ରାମର ପ୍ରୀତିରଞ୍ଜନ ପଣ୍ଡା ଓ ହରି ଜେନା ଆହତ ହୋଇଛନ୍ତି। ଗ୍ରାମବାସୀଙ୍କ ହୋହାଲ୍ଲା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଆହତ ପ୍ରୀତିରଞ୍ଜନଙ୍କ ଅଭିଯୋଗ କ୍ରମେ ଆଇଆଇସି ଶ୍ରୀ ନାୟକ ଫରେନସିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏତେ ଶୀଘ୍ର ଯୁବକମାନେ ବୋମା କେଉଁଠାରୁ ଆଣିଲେ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ତିଗିରିଆରେ କଂଗ୍ରେସର ମଶାଲ ଶୋଭାଯାତ୍ରା




ତିଗିରିଆ, ୨୯।୫(ସମିସ): ଦେଶରେ ମହିଳାମାନଙ୍କୁ ଶାସନ କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ୨୦୨୩ ମସିହାରେ ସଂସଦରେ ପାରିତ ହୋଇଥିବା ଆଇନକୁ କେନ୍ଦ୍ରର ବିଜେପି ସରକାର ଲାଗୁ କରୁ ନ ଥିବା ପ୍ରତିବାଦରେ ଶୁକ୍ରବାର ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଏହି ପ୍ରତିବାଦରେ ସାମିଲ ହୋଇଥିଲେ। ଶୋଭାଯାତ୍ରାଟି ବ୍ଲକ ସଦର ମହକୁମାସ୍ଥିତ ରାଜବାଟୀଠାରୁ ବାହାରି ଗୋହିରିମୁଣ୍ଡା ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ କଂଗ୍ରେସ ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ମହିଳା ବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ନିର୍ମଳ ଦାସ, ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ, ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଅଭିଷେକ ପଟ୍ଟନାୟକ, ଶୁଭାଶିଷ ମିଶ୍ର, ମାନସ ଜେନା ଓ ନିରଞ୍ଜନ ସାମଲଙ୍କ ସମେତ ବହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତିଗିରିଆ ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ସରକାରୀ ଗାଡ଼ିରେ ଶାଗୁଆନ କାଠ ଚାଲାଣ ଘଟଣା

## ରେଞ୍ଜରଙ୍କ ଗିରଫ ଦାବିରେ ପ୍ରଜା ମେଳି

ନରସିଂହପୁର, ୨୯।୫(ସମିସ): ବିଭାଗୀୟ ଗାଡ଼ିରେ ଚୋରା ଶାଗୁଆନ କାଠ ଚାଲାଣ କରିବା ଜିଲିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲିଙ୍ଗରାଜ ଭୋଇଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଦୁଇ ଦିନ ତଳେ ରେଞ୍ଜର ଶ୍ରୀ ଭୋଇ ସରକାରୀ ବୋଲେରୋ ଗାଡ଼ିରେ ମୂଲ୍ୟବାନ ଶାଗୁଆନ କାଠ ରେଢ଼ାଖୋଲସ୍ଥିତ ନିଜ ଘରକୁ ନେଉଥିଲେ। ଏ ସମ୍ପର୍କରେ ଖବର ପାଇ ଅନୁଗୁଳ ଜିଲ୍ଲା ଜରପଡ଼ା ପୁଲିସ ଗାଡ଼ିକୁ ଅଟକାଇ ଯାଞ୍ଚ କରିବା ସହ କାଠ ଜବତ କରିଥିଲା। ହେଲେ ଗାଡ଼ିରେ ବନ୍ୟପ୍ରାଣୀ ରେଞ୍ଜର ଥିବାରୁ ପୁଲିସ ତାଙ୍କୁ କାଠ ସହ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣା ସମ୍ପର୍କରେ ରେଞ୍ଜରଙ୍କୁ ପଚାରିବାରୁ ସେ ଏହାକୁ ସ' ମିଲରୁ ଆଣିଥିବା କହିଛନ୍ତି, କିନ୍ତୁ କୌଣସି ସ୍ପଷ୍ଟ ପ୍ରମାଣ ଦେଇପାରି ନାହାନ୍ତି। ରକ୍ଷକ ସାଜି ଭକ୍ଷକ ଭୂମିକା ଗ୍ରହଣ କରିବା ପ୍ରତିବାଦରେ ଆଜି ଜିଲିଣ୍ଡା ହାଟପଡ଼ିଆରେ ଏକ ବିଶାଳ ପ୍ରଜାମେଳି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସ୍ଥାନୀୟ ନେତା ଦୁର୍ଲ୍ଲଭ ସାହୁ, ନିରଞ୍ଜନ ସାହୁ, ପବିତ୍ର ପ୍ରଧାନ, ସୁରେନ୍ଦ୍ର ସାହୁ, ପ୍ରଭାକର ପ୍ରଧାନ ଓ ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ଶତାଧିକ ଲୋକ ଏକତ୍ରିତ ହୋଇ ରେଞ୍ଜରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଏ, ତେବେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରଜା ଆନ୍ଦୋଳନ ପକ୍ଷରୁ ଚେତାବନୀ ଦିଆଯାଇଛି।



## ଇମ୍ଫାର ୩୩ଟି ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କଲେ ଜିଲ୍ଲାପାଳ




ଚୌଦ୍ୱାର, ୨୯।୫(ସମିସ): ଇମ୍ଫା ଶିଳ୍ପ ଗୋଷ୍ଠୀ ଏବଂ ଏହାର ସାମାଜିକ ଦାୟିତ୍ୱବୋଧ ଶାଖା 'ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ' ପକ୍ଷରୁ ଚୌଦ୍ୱାର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନିର୍ମିତ ୩୩ଟି ସିଏସଆର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଏହି ସମସ୍ତ ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସାମୂହିକ ଗୋଷ୍ଠୀ କେନ୍ଦ୍ର, ପାଠାଗାର ଗୃହ, ପାନୀୟ ଜଳ ପ୍ରକଳ୍ପ, ରୋଷେଇ ଶାଳ, ଶୌଚାଳୟ, ସାଇକଲ ଷ୍ଟାଣ୍ଡ ଓ ଖେଳ ପଡ଼ିଆର ବିକାଶ ଆଦି ସାମିଲ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମୁଖ୍ୟତଃ ଦୁଇଟି ସ୍ଥାନରେ ଆୟୋଜିତ ହୋଇଥିଲା। ପ୍ରଥମେ ଚୌଦ୍ୱାର ବିରାଟ ବଜାରଠାରେ ଯାତ୍ରୀ ବିଶ୍ରାମାଗାର ଏବଂ ପରେ ମଙ୍ଗରାଜପୁରସ୍ଥିତ ନେକ୍ଟାର ବୃଦ୍ଧାଶ୍ରମରେ ନିର୍ମିତ ସ୍ୱତନ୍ତ୍ର ଶୌଚାଳୟକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଇମ୍ଫା ଚୌଦ୍ୱାରର ଉପସଭାପତି ବିନୟ ଅଗ୍ରୱାଲ, ବିଆଇପିଏଫ୍‌ର ଉପସଭାପତି ଧର୍ମେଶ ଗୋହେଲ ଏବଂ ଇମ୍ଫାର କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱନୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିରାଟ ବଜାର କମିଟିର ପ୍ରଶାନ୍ତ ବରାଳ ଓ ନେକ୍ଟାରର ପ୍ରତିଷ୍ଠାତା ଡ. ଲକ୍ଷ୍ମୀଧର ପଣ୍ଡାଙ୍କ ଉପସ୍ଥିତିରେ ଇମ୍ଫାର ଲୋକସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂଯୋଜନା କରିଥିଲେ।

## ପ୍ରଶାସନର ଜବରଦଖଲ ଉଚ୍ଛେଦ

ବଡ଼ମ୍ବା, ୨୯।୫(ସମିସ): ବଡ଼ମ୍ବା ମୋହନ ସୁବୁଦ୍ଧି କଲେଜ ଖେଳପଡ଼ିଆକୁ ଲାଗିଥିବା ସରକାରୀ ରାସ୍ତାରୁ ଦୀର୍ଘ ୪୦ ବର୍ଷର ଜବରଦଖଲକୁ ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। କଟକ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥରୁ ବନବିଭାଗ,



କୃଷିବିଭାଗ ଓ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ଏହି ମୁଖ୍ୟରାସ୍ତାକୁ ସ୍ଥାନୀୟ ଜଗନ୍ନାଥ ପାଟଶାଣି ଅବରୋଧ କରି ରଖିଥିଲେ। ଏନେଇ ପୂର୍ବରୁ ମାମଲା ରୁଜୁ ହୋଇଥିଲେ ମଧ୍ୟ ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଯୋଗୁଁ ଉଚ୍ଛେଦ କାର୍ଯ୍ୟ ଅଟକି ରହିଥିଲା। ଶୁକ୍ରବାର ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ସସ୍ମିତା ଶତପଥି, ଅତିରିକ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ଫୋର୍ସ ଉପସ୍ଥିତିରେ ଏହି ଜବରଦଖଲ ହଟାଯାଇଛି। ପ୍ରଶାସନର ଏହି ପଦକ୍ଷେପକୁ କଲେଜର ଛାତ୍ରଛାତ୍ରୀ, ବଡ଼ମ୍ବା ଫୁଟବଲ ଆସୋସିଏସନ, ନାଗରିକ ମଞ୍ଚ ଓ ବୁଦ୍ଧିଜୀବୀ ମହଲ ସ୍ୱାଗତ କରିଛନ୍ତି। ଅପରପକ୍ଷରେ, ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ତାଙ୍କ ପୈତୃକ ଜମିରୁ ବେଆଇନ ଭାବେ ଉଚ୍ଛେଦ କରାଯାଇଥିବା ଅଭିଯୋଗ କରି ଶ୍ରୀ ପାଟଶାଣୀ ପୁନର୍ବାର ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ଯୁବତୀଙ୍କୁ ଅପହରଣ; ଥାନାରେ ଅଭିଯୋଗ

ନିଶ୍ଚିନ୍ତକୋଇଲି, ୨୯।୫(ସମିସ): ନିଶ୍ଚିନ୍ତକୋଇଲି ଥାନା ସୁକରପଡ଼ା ପଞ୍ଚାୟତ ହଳଧରପୁର ଗ୍ରାମର ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରାଯାଇଥିବା ନେଇ ତାଙ୍କ ବାପା ପ୍ରେମାନନ୍ଦ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ରବିବାର ରାତିରେ ଘରେ କେହି ନଥିବା ସମୟରେ ସେହି ଗ୍ରାମର ସୁଫିଆନ୍ ଖାନ୍ ତାଙ୍କ ଝିଅକୁ କେଉଁଆଡ଼େ ନେଇଯାଇଛନ୍ତି। ଘରୁ ଯିବା ସମୟରେ ଯୁବତୀ ଜଣକ ନିଜ ସାଙ୍ଗରେ ୧ ଲକ୍ଷ ୪ ହଜାର ଟଙ୍କା ସମେତ ସୁନା ଓ ରୁପାର ଅଳଙ୍କାର ମଧ୍ୟ ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସମ୍ପୃକ୍ତ ଯୁବକଙ୍କ ସହ ପୂର୍ବରୁ ପରିବାରର ଭଲ ସମ୍ପର୍କ ଥିବା ବେଳେ ଘଟଣା ଦିନଠାରୁ ସେ ମଧ୍ୟ ଫେରାର ଅଛନ୍ତି ଏବଂ ତାଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଛି। ସୋମବାର ପରିବାର ପକ୍ଷରୁ ପୁଲିସର ଦ୍ୱାରସ୍ଥ ହେବାକୁ ପଡ଼ିଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ତୁରନ୍ତ ଝିଅକୁ ଉଦ୍ଧାର କରିବା ସହ ନେଇଥିବା ଟଙ୍କା ଓ ସୁନା ଜବତ କରିବାକୁ ଶ୍ରୀ ଦାସ ପୁଲିସ ନିକଟରେ ନିବେଦନ କରିଛନ୍ତି।

## ଗଣଗଣା ଗ୍ରାମରେ ନାଟକ ମଞ୍ଚସ୍ଥ

ନରସିଂହପୁର, ୨୯।୫(ସମିସ): ନରସିଂହପୁର ବ୍ଲକ ପାଇକବାରବାଟୀ ପଞ୍ଚାୟତ ଅନ୍ତର୍ଗତ ଗଣଗଣା ଗ୍ରାମର ମଲ୍ଲିକ ସାହିରେ 'ଡାଇନାମିକ୍ କ୍ଲବ' ଆନୁକୂଲ୍ୟରେ ତୃତୀୟ ବାର୍ଷିକ ନାଟକ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ସ୍ଥାନୀୟ ସମିତିସଭ୍ୟ ପବିତ୍ର ମଲ୍ଲିକ, ଆଞ୍ଚଳିକ ନେତା ସରୋଜ ବେହେରା ଏବଂ ମା ମଙ୍ଗଳା ଯୁବ କ୍ଲବର ସଭାପତି ନଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ରାଜେଶ ମଲ୍ଲିକ ମଞ୍ଚ ସଂଯୋଜନା କରିଥିବା ବେଳେ ନାଟକ ନିର୍ଦ୍ଦେଶକ ତଥା ସାହି ମୁଖିଆ ଦଣ୍ଡଧର ମଲ୍ଲିକ, କ୍ଲବ ସଭାପତି ଜିତେନ୍ଦ୍ର ମଲ୍ଲିକ ଓ ସୁଶୀଲ ମଲ୍ଲିକ ବକ୍ତବ୍ୟ ରଖିଥିଲେ। ଗଣଗଣା ଏବଂ ଏହାର ଆଖପାଖ ଅଞ୍ଚଳର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଚଳକୋଟରେ ଚକ୍ଷୁ ପରୀକ୍ଷା ଶିବିର

ତିଗିରିଆ, ୨୯।୫(ସମିସ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅଧୀନ ତିନିଗଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟରେ 'କେୟାର ନେତ୍ରମ ଏଲଏଲପି' ପକ୍ଷରୁ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଇଡ୍‌କୋର ପୂର୍ବତନ ସହପରିଚାଳକ ତଥା ବରିଷ୍ଠ ସମାଜସେବୀ ବିରଞ୍ଚି ନାରାୟଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ସମାଜସେବୀ ପ୍ରତାପଚନ୍ଦ୍ର ମାଝୀ, ନରେଶଚନ୍ଦ୍ର ଛତାର ଏବଂ ପଞ୍ଚାୟତ ବିଜେଡି ନିର୍ବାଚନ କମିଟି ଅଧ୍ୟକ୍ଷ ସୁବାସଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱନାମଧନ୍ୟ ଡାକ୍ତରଙ୍କ ଦ୍ୱାରା ଅଞ୍ଚଳର ୧୨୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୭୦ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିବା ବେଳେ ୨୫ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଆଯାଇଛି। ଚକ୍ଷୁ ବିଭାଗ ସହାୟକ ରାଜେଶ ବେହେରା ଶିବିରଟିକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଡିଜେନ ରାଉତ, ଶିଶିର ଦାସ, ରଞ୍ଜିତା ଜେନା, ଦୁର୍ଗା ଦେବୀ ଓ ମମତା ବିଶ୍ୱାଳଙ୍କ ସମେତ ସ୍ଥାନୀୟ ଜନସାଧାରଣ ସହଯୋଗ କରିଥିଲେ।

## ସମାଜସେବୀ ବୀରବର ସ୍ୱାଇଁଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, ୨୯।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ଗ୍ରାମପଞ୍ଚାୟତ ପଶ୍ଚିମଖଣ୍ଡଭୋଳ (ମୀରାସାହି) ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଅସୁରେଶ୍ୱର ବ୍ୟବସାୟୀ ସଙ୍ଘର ବର୍ଷିୟାନ ସଦସ୍ୟ ବୀରବର ସ୍ୱାଇଁ(୯୨)ଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସାନଭାଇ ନିରଞ୍ଜନ ସ୍ୱାଇଁ, କ୍ଷୀରୋଦ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ଚିତ୍ତରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ବୀରବରଙ୍କ ପରଲୋକରେ ଅସୁରେଶ୍ୱର ବଜାର ବ୍ୟବସାୟୀ ସଙ୍ଘର ସଭାପତି ରଘୁନାଥ ନାୟକ ଏବଂ ରାଜକିଶୋର ସିଂଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

## ରାମଲୀଳା କଳାକାରଙ୍କ ପରଲୋକ



ନରସିଂହପୁର, ୨୯।୫(ସମିସ): ନରସିଂହପୁର ବ୍ଲକ ବୋକଡ଼ା ଗ୍ରାମପଞ୍ଚାୟତ ବାହାଳୀ ଗ୍ରାମର ବିଶିଷ୍ଟ ରାମଲୀଳା କଳାକାର ସଦାନନ୍ଦ ସାହୁ (୫୮)ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି କିଡ଼ନୀ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଶ୍ରୀ ସାହୁ ନିଜର ଚମତ୍କାର ଅଭିନୟ ଓ କଳା ମାଧ୍ୟମରେ ସମାଜକୁ ସଦାସର୍ବଦା ଆଧ୍ୟାତ୍ମିକ ଚେତନା ଏବଂ ଶିକ୍ଷଣୀୟ ସାମାଜିକ ବାର୍ତ୍ତା ପ୍ରଦାନ କରୁଥିଲେ। ତାଙ୍କର ଏହି ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ନରସିଂହପୁର ବ୍ଲକ ସମେତ ସ୍ଥାନୀୟ କଳାକାର ସଂଘ ଓ ଆଖପାଖ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ଅଞ୍ଚଳ ଜଣେ ଦକ୍ଷ ସାଂସ୍କୃତିକ ସାଧକଙ୍କୁ ହରାଇଲା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରକାଶ ପାଇଛି।

## କଟକ ସଦର ମହିଳା ବିଜେଡିର ନାରୀ ଅଧିକାର ଅଭିଯାନ




ଫୁଲନଖରା, ୨୯।୫(ସମିସ): କଟକ ସଦର ମହିଳା ବିଜେଡି ପକ୍ଷରୁ ଏକ ମହିଳା ଅଧିକାର ଅଭିଯାନ ଓ ପ୍ରତିବାଦ ସଭା ବାଲିକୁଦାସ୍ଥିତ କ୍ରିଏଟିଭ୍ କନଭେନସନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଉପସଭାନେତ୍ରୀ ରାଜକୁମାରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ନାରୀମାନଙ୍କ ଅଧିକାର ପ୍ରଦାନ ପ୍ରସଙ୍ଗରେ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। କଟକ ଜିଲ୍ଲା ମହିଳା ବିଜେଡି ସଭାପତି ଅନୀତା ବେହେରା ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ଲାଗୁ କରିବା ଓ ନାରୀ ନିର୍ଯାତନା ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରକାଶ କରିଥିଲେ। ଶତାଧିକ ମହିଳା ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଦର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବିଜେଡି ସଭାପତି ପ୍ରଫୁଲ୍ଲ ସିଂହ, ଜିଲ୍ଲା ପରିଷଦ ସଦସ୍ୟା ଆଶାଲତା ବେହେରା, ସସ୍ମିତା ମହନ୍ତ, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାନ୍ତି, ଇଂ ଅଭିଷେକ ବେହେରା, ପ୍ରମୋଦ ମହାପାତ୍ର ଓ ସଞ୍ଜୟ ବରାଳଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅରିନ୍ଦମ ଓ ଅଭୟଙ୍କ ଗିରଫ ଦାବିରେ ଟାଙ୍ଗୀ ଥାନା ଘେରଉ

ଟାଙ୍ଗୀ, ୨୯।୫(ସମିସ)



ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ଅଭିଯୁକ୍ତଙ୍କୁ ପୁଲିସ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ କରି ଶୁକ୍ରବାର ଅପରାହ୍ଣରେ ଟାଙ୍ଗୀ ଥାନା ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ବିଜୁ ଜନତା ଦଳ (ବିଜେଡି) ଏବଂ ସିପିଆଇ(ଏମ୍)ର ଶତାଧିକ କର୍ମୀ ଏକାଠି ହୋଇ ବିଜେପି ନେତା ଅରିନ୍ଦମ ରାୟ ଓ ଅଭୟ ବାରିକଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଥାନା ଘେରଉ କରିବା ସହ ଏକ ସ୍ମାରକପତ୍ର ଟାଙ୍ଗୀ ଥାନା ଆଇଆଇସି ବିକାଶ ସେଠୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଗତ ମେ ୧୫ ତାରିଖରେ ବିଜେପି ନେତା ଅରିନ୍ଦମ ଓ ଅଭୟ ବ୍ଲକ କାର୍ଯ୍ୟାଳୟରେ ପଶି ଏବିଡିଓ ଓ ଜଣେ ମହିଳା କର୍ମଚାରୀଙ୍କୁ ଅତ୍ୟନ୍ତ ଅଶୋଭନୀୟ ବ୍ୟବହାର ସହ ଦୁର୍ବ୍ୟବହାର କରିଥିଲେ, ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ଘଟଣାରେ ବ୍ଲକ ପ୍ରଶାସନ ସମେତ ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଏବଂ ମିଶନ ଶକ୍ତି ମହିଳା ମହାସଂଘ ପକ୍ଷରୁ ପୃଥକ ପୃଥକ ଭାବେ ଥାନାରେ ଏତଲା ଦିଆଯାଇଥିଲା। ସେହିପରି ମେ ୨୩ ତାରିଖରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତିଗିରିଆ ପଞ୍ଚାୟତ ସମିତି ବୈଠକକୁ ଯାଉଥିବା ସମୟରେ ବିଜେପି କର୍ମୀମାନେ ତାଙ୍କ ଗାଡ଼ିକୁ ବୋତଲ ମାଡ଼ କରି ଆକ୍ରମଣ କରିଥିଲେ। ଏହି ଦୁଇଟି ସଙ୍ଗୀନ ମାମଲାରେ ଟାଙ୍ଗୀ ଓ ତିଗିରିଆ ପୁଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଓଲଟା ସେମାନଙ୍କୁ ସୁରକ୍ଷା ଯୋଗାଉଥିବା ନେଇ ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ଅଞ୍ଚଳରେ ରାଜନୈତିକ ଉତ୍ତେଜନା ଓ ଲୋକଙ୍କ ପ୍ରବଳ ପ୍ରତିବାଦକୁ ଦେଖି କୌଣସି ଅଘଟଣ ଆଶଙ୍କାରେ ଅତିରିକ୍ତ ଏସପି ଏବଂ ଏସଡିପିଓ ଉମାକାନ୍ତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ଚାରିପାଖେ ପ୍ରାୟ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏହି ମିଳିତ ଗଣବିକ୍ଷୋଭରେ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ଆଠଗଡ଼ ବିଧାୟକଙ୍କ ପ୍ରତିନିଧି ସେକ ସାହାଜାହାନ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସୁବୋଧ ସାମଲ, ରଣଜିତ ରାଉତ, ମିତା ରାଉତ ଓ ପ୍ରଦିପ୍ତ ଦାସ ଉପସ୍ଥିତ ଥିଲେ। ଅପରପକ୍ଷରେ ସିପିଆଇ(ଏମ୍) ପକ୍ଷରୁ ବଦ୍ରିନାରାୟଣ ଦାଶ, ପୁଷ୍ପା ଦାଶ, ରମେଶ ଚନ୍ଦ୍ର ବେହେରା ଓ ଡମ୍ବରୁଧର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ଉଭୟ ଦଳର ଶତାଧିକ କର୍ମୀ ସାମିଲ ହୋଇ ପ୍ରଶାସନ ବିରୋଧରେ ସ୍ଲୋଗାନବାଜି କରିଥିଲେ। ଯଦି ଆଗାମୀ ଦିନରେ ଅଭିଯୁକ୍ତ ଅରିନ୍ଦମ ଓ ଅଭୟଙ୍କୁ ତୁରନ୍ତ ଗିରଫ କରା ନ ଯାଏ, ତେବେ ଏହି ଆନ୍ଦୋଳନ ଆଗକୁ ଆହୁରି ବ୍ୟାପକ ରୂପ ଧାରଣ କରିବ ବୋଲି ନେତୃମଣ୍ଡଳୀ ଚେତାବନୀ ଦେଇଛନ୍ତି।

- ଏକାଠି ହେଲେ ବିଜେଡି ଓ ସିପିଆଇ-ଏମ୍ କର୍ମୀ
- ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

# ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ

ରାଇରଙ୍ଗପୁର, ୨୯।୫(ସମିସ)




ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ନାରୀ ଅଧିକାର ଲଢେଇ ନେଇ ଆନ୍ଦୋଳନ ହୋଇଛି। ହଜାର ହଜାର କର୍ମୀଙ୍କୁ ନେଇ ରଣହୁଙ୍କାର ଦେଇଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ଶାରିରୀକ, ମାନସିକ ନିର୍ଯାତନା, ବ୍ୟଭିଚାର, ଦରଦାମ ବୃଦ୍ଧି, ପେଟ୍ରୋଲ ଓ ଗ୍ୟାସର ମାତ୍ରାଧିକ ଦରବୃଦ୍ଧି, ମହିଳା ସୁରକ୍ଷା ନେଇ ଶୁକ୍ରବାର ରାଇରଙ୍ଗପୁର ସଦର ମହକୁମାରେ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜଗତସିଂହପୁର ସାଂସଦ ଡା ରାଜଶ୍ରୀ ମଲ୍ଲିକ, ପ୍ରାକ୍ତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡୀ, ପ୍ରାକ୍ତନ ରାଜ୍ୟ ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଉଦଳା ନିର୍ବାଚନମଣ୍ଡଳୀ ପ୍ରାକ୍ତନ ବିଧାୟକ ଶ୍ରୀନାଥ ସୋରେନ, ବଡ଼ସାହିର ପ୍ରାକ୍ତନ ବିଧାୟକ ମଣ୍ଟୁ ପାତ୍ର, ବିଜେଡି ଜିଲ୍ଲା ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପ୍ରାକ୍ତନ ଯୁବ ବିଜେଡି ଜିଲ୍ଲା ସଭାପତି ଅଭିଷେକ ପଟ୍ଟନାୟକ, ମହିଳା ନେତ୍ରୀ ତନୁଜା ମହାନ୍ତଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ସାମିଲ ହୋଇଥିଲେ। ନାରୀ ଅଧିକାର ଲଢେଇ ପଦଯାତ୍ରାରେ ୫୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ କେନ୍ଦ୍ର ସରକାରଙ୍କର ଦୋମୁହାଁ ନୀତିକୁ ନିନ୍ଦା କରିଥିଲେ। ସ୍ଥାନୀୟ ପିସିଏମ କଲ୍ୟାଣ ମଣ୍ଡପ ପରିସରରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ସହର ପରିକ୍ରମା କରି ବାମନଘାଟୀ ଉପଖଣ୍ଡ କାର୍ଯ୍ୟାଳୟ ନିକଟରେ ପହଞ୍ଚି ସଭାରେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ନାରୀମାନେ ଦେଶର ତଥା ସମାଜର ପ୍ରଗତିର୍ ମେରୁଦଣ୍ଡ

**୫ ହଜାରରୁ ଊର୍ଦ୍ଧ୍ୱ ମହିଳା ସାମିଲ**

ଅଟନ୍ତି। ସେମାନେ ଯଦି ନିର୍ଯାତିତ, ଶୋଷିତ, ଚାପଗ୍ରସ୍ତ, ଅସୁରକ୍ଷିତ, ଲାଞ୍ଛିତ ତାହା ହେଲେ ଦେଶ ହେଉ ଅବା ସମାଜ ଆଗକୁ ବଢ଼ିବ କେମିତି ? ନାରୀ ନିର୍ଯାତନାରେ ଓଡ଼ିଶା ଦେଶର ୨ ନମ୍ବର ସ୍ଥାନରେ ଅଛି। ତତସହ କେନ୍ଦ୍ର ସରକାର ୨୦୨୩ରେ ପାରିତ ମହିଳା ବିଲକୁ ଶୀଘ୍ର ପାରିତ କରନ୍ତୁ। ତେଣୁ ସରକାର ନାରୀ ସୁରକ୍ଷା ଓ ଅଧିକାରକୁ ଅଗ୍ରାଧିକାର ଦେବା ପାଇଁ କହିଥିଲେ।

## ସାତକୋଶିଆରେ ଗଛ ପଡ଼ି ରାସ୍ତା ଅବରୋଧ



ମହୁଲଡିହା, ୨୯।୫(ସମିସ): କାଳବୈଶାଖୀ ପ୍ରଭାବରେ ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡ-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ସାତକୋଶିଆ ସାପ୍ତାହିକ ହାଟ ନିକଟରେ ଆଜି ଏକ ବିରାଟ ତେନ୍ତୁଳି ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ଏ ସମୟରେ ଠାକୁରମୁଣ୍ଡା ତହସିଲଦାର ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଅବିନାଶ କୁମାର ନାୟକ ଯାଉଥିଲେ। ତହସିଲଦାରଙ୍କ ସୂଚନା ପାଇ ଠାକୁରମୁଣ୍ଡା ଦମକଳ ବାହିନୀ ପହଞ୍ଚି ପ୍ରାୟ ୮.୩୦ରେ ଗଛ କଟା ଆରମ୍ଭ କରିଛନ୍ତି। ଗଛ କାଟିଲେ ଯାତାୟାତ ସ୍ୱାଭାବିକ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଜନ୍ମମାଟିରେ ସୁବେଦାର ଶମ୍ଭୁଜୀ ରଥଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ହେଲା ଶେଷକୃତ୍ୟ

ଖୁଣ୍ଟା, ୨୯।୫(ସମିସ): ସେନାବାହିନୀରେ ସୁବେଦାର ଭାବେ କାର୍ଯ୍ୟରତ ଥିବା ଖୁଣ୍ଟା ଥାନା ଅଧୀନ କରକଚିଆ ଗ୍ରାମର ଶମ୍ଭୁଜୀ ରଥଙ୍କ ୪୮ ବର୍ଷ ବୟସରେ ପରଲୋକ ଘଟିଛି। ଆଜି ଜନ୍ମମାଟିରେ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶ୍ରୀ ରଥ



ରାଜସ୍ଥାନର ଯଦପୁରର ୫୭ ଏଫଏମଏସଡିରେ ସୁବେଦାର ଭାବେ କାର୍ଯ୍ୟରତ ଥିଲେ। ଗତ କିଛିମାସ ପୂର୍ବେ ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ତାଙ୍କୁ କୋଲକାତାସ୍ଥ କମାଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବା ଅବସ୍ଥାରେ ଗୁରୁବାର ୧୧.୫ ମିନିଟ୍ ସମୟରେ ତାଙ୍କର ପରଲୋକ ଘଟିଥିଲା। ଗୁରୁବାର ବିଳମ୍ବିତ ରାତିରେ କୋଲକାତାରୁ ସେନା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ମରଶରୀର ଜନ୍ମ ସ୍ଥାନ କରକଚିଆରେ ପହଞ୍ଚିଥିଲା। ଶୁକ୍ରବାର ଷ୍ଟେସନ ହେଡ଼କ୍ୱାଟର, ବାଲେଶ୍ୱରର ସୁବେଦାର ଏସ୍. ବିଶ୍ୱାଳଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ସ୍ୱର୍ଗତ ସୁବେଦାର ଶ୍ରୀ ରଥଙ୍କ ବାସଗୃହରେ ପହଞ୍ଚି ତାଙ୍କ ମରଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଥିଲେ। ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାୟକ, ବିଜେଡିର ବରିଷ୍ଠ ସଦସ୍ୟ ତଥା ମୟୂରଭଞ୍ଜ ଜିଲ୍ଲା ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାରିପଦା ମ୍ୟୁନିସିପାଲିଟିର ପୂର୍ବତନ ଉପାଧ୍ୟକ୍ଷ ତଥା ଜିଲ୍ଲା ବିଜେଡିର ଉପସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତ୍ୟଶଯ୍ୟା ନିକଟରେ ପତ୍ନୀ, ବଡ଼ପୁଅ ଦେବାଶିଷ, ଭାଇ କାବୁ ତ୍ରିପାଠୀ, ଶିବାଜୀ ରଥ, ଲାଲାଜୀ ରଥ, ଅମ୍ଭୁଜୀ ରଥ, ସାମ୍ବାଦିକ ନେତାଜୀ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଗ୍ରାମପଞ୍ଚାୟତସ୍ତରୀୟ ସଂଘ କାର୍ଯ୍ୟାଳୟ ଗୃହ ନିର୍ମାଣରେ ଅନିୟମିତତା

ତେଲକୋଇ, ୨୯।୫(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତରେ ୩୦ ଲକ୍ଷ ବ୍ୟୟ ଅଟକଳରେ ପଞ୍ଚାୟତସ୍ତରୀୟ ସଂଘ କାର୍ଯ୍ୟାଳୟ ନିର୍ମାଣ କରାଯାଉଛି। କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ବେଳେ ସିମେଣ୍ଟ କାର୍ଯ୍ୟରେ ପାଣି ଦିଆଯାଉ



ନଥିବା ଅଭିଯୋଗ ହୋଇଛି। ଏଷ୍ଟିମେଣ୍ଟ ଅନୁଯାୟୀ କୌଣସି କାର୍ଯ୍ୟ କରାଯାଉ ନଥିବା ଦେଖିବାକୁ ମିଳିଛି। ବ୍ୟୟଅଟକଳରେ ସଂଘ କାର୍ଯ୍ୟାଳୟ ସହିତ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ତିଆରି ହେବାର ନିୟମ ରହିଛି। ହେଲେ ସେମିତି କୌଣସି କନଷ୍ଟ୍ରକସନ ତିଆରି ହୋଇ ନଥିବା ଦେଖିବାକୁ ମିଳିଛି। ସରକାରୀ ଅନୁମୋଦିତ ସିମେଣ୍ଟ ବଦଳରେ ନିମ୍ନମାନର ସିମେଣ୍ଟ ଲଗାଯାଇଥିବା ଅଭିଯୋଗ ହୋଇଛି। ଛାତ ଉପରେ ୱାଟର ସେଡ କରି ପାଣି ରହିବାର ବ୍ୟବସ୍ଥା ଥିଲେ ମଧ୍ୟ ତାହା କରାଯାଇନାହିଁ। ଫଳରେ ଛାତର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ କାର୍ଯ୍ୟରେ ଅନିୟମିତତା କରିବା ପାଇଁ ଜାଣିଶୁଣି କାର୍ଯ୍ୟ ଆରମ୍ଭରୁ ସୂଚନାଫଳକ ମଧ୍ୟ ଲଗା ଯାଇ ନଥିବା ଅଭିଯୋଗ ହେଉଛି। ସ୍ୱଚ୍ଛତା ପାଇଁ କାର୍ଯ୍ୟ ଆରମ୍ଭରୁ ସରକାର ସୂଚନାଫଳକ ଲଗାଇବା ପାଇଁ ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି। ହେଲେ ଏଠି କାର୍ଯ୍ୟ ପାଇଁ କେତେ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ତାହା ଲୋକଙ୍କ ଆଢୁଆଳରେ ରଖିଛନ୍ତି ପ୍ରଶାସନ ଆଉ ଠିକାଦାର। ସରକାରୀ ଅର୍ଥ ଆତ୍ମସାତ କରିବା ପାଇଁ ଯନ୍ତ୍ରୀ ଓ ଠିକାଦାର ମସୁଧା ଚଳାଇଥିବା ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ଜୋର ଧରିଛି। କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି।

## ବ୍ରାଉନ୍‌ସୁଗର ଜବତ; ୨ ଗିରଫ



ବାରିପଦା, ୨୯।୫(ସମିସ): ଭଞ୍ଜପୁର ପୁଲିସ୍ ପାଖାପାଖି ୭.୮ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ କରିଛି। ଏହି ମାମଲାରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମଗୁଲୁ ମୁଖି (୩୨) ଓ ବାପି ସାହୁ (୩୦)। ତକତପୁର ଅଞ୍ଚଳରେ ମଗୁଲୁ ବାପିକୁ ବ୍ରାଉନସୁଗର ବିକ୍ରି କରୁଥିବା ସମୟରେ ପୁଲିସ ମାଡି ବସିଥିଲା। ସେମାନଙ୍କ ପାଖରୁ ଏକ ବାଇକ, ନଗଦ ୪୬୨୦ ଟଙ୍କା ଓ ୨ଟି ମୋବାଇଲ୍ ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମାମଲା ରୁଜୁ ପୂର୍ବକ ତଦନ୍ତ ଜାରି ରହିଛି।

## ଜେଏମ୍ଏମ୍‌ର ସାମ୍ବାଦିକ ସମ୍ମିଳନୀ

ଉଦଳା, ୨୯।୫(ସମିସ): ଉଦଳା ଜେଏମଏମ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜେଏମଏମର ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ଶିରିଶ ଟୁଡୁ ଉପସ୍ଥିତ ରହି ଉଦଳା ବିଧାୟକ ଭାସ୍କର ମଢେଇଙ୍କୁ ଟାର୍ଗେଟ କରିଥିଲେ। ବୁଧବାର ଉଦଳା ରଥ ଖଳାରେ ଆୟୋଜିତ ବୈଠକରେ ବିଧାୟକ ଜେଏମଏମ ଉପସଭାପତି ଉଦଳାରେ ଚାଲିଥିବା ଉନ୍ନୟନ କାମରେ ବଟି ନେଉଥିବା କହିଥିଲେ। ଯାହାକୁ ତୀବ୍ର ବିରୋଧ କରିଛି ଜେଏମଏମ। ଅଭିଯୋଗ ଆଣି ଜେଏମଏମ କହିଛି ବିଧାୟକ କହିଥିବା କଥାର ପ୍ରମାଣ କରି ଦେଖାନ୍ତୁ। ନଚେତ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ। ଯଦି ଏହା ନ ହୁଏ, ତେବେ ଆଗାମୀ ଦିନରେ ଉଦଳା ବନ୍ଦ ହେବ ବୋଲି କହିଛି। ଅନ୍ୟପକ୍ଷରେ ବିଧାୟକ କହିଛନ୍ତି, ମୁଁ ଜେଏମଏମ ଦଳ ବା ଉପସଭାପତିଙ୍କୁ ଆକ୍ଷେପ କରି କୌଣସି ମତ ଦେଇନାହିଁ।

## କଇଁସାରି ଗ୍ରାମରେ ଜବରଦଖଲ ଉଚ୍ଛେଦ

ଉଦଳା, ୨୯।୫(ସମିସ): ଜବରଦଖଲ ହୋଇଥିବା ଘର ଆଜି ଉଚ୍ଛେଦ ହୋଇଛି। ଉଦଳା ତହସିଲ କଇଁସାରି ଗ୍ରାମରେ ଆଜି ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। କଇଁସାରି ଜଗନ୍ନାଥ ମନ୍ଦିର ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଜବର ଦଖଲ ହୋଇଥିଲା। ଯାହା ବାବଦରେ ଉଦଳା ତହସିଲରେ ଅଭିଯୋଗ ମଧ୍ୟ ହୋଇଥିଲା। ଅଭିଯୋଗ ପାଇବା ପରେ ତହସିଲ ପକ୍ଷରୁ ଜବରଦଖଲ ଚିହ୍ନଟ କରାଯାଇଥିଲା। ଆଜି ତହସିଲ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଇଛି। ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ୧୭ରୁ ଅଧିକ ଜବରଦଖଲ ଘର ଉଚ୍ଛେଦ ହୋଇଥିବାବେଳେ ଉଚ୍ଛେଦ ପ୍ରକ୍ରିୟା ସରିବା ପରେ ରାସ୍ତା କାମ ହେବ ବୋଲି ସୂଚନା ମିଳିଛି।



**● ଆଦିବାସୀଙ୍କୁ ବନବାସୀ ସମ୍ବୋଧନର ପ୍ରତିବାଦ**

## କଂଗ୍ରେସ ପକ୍ଷରୁ ଗୃହମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ

ରାଇରଙ୍ଗପୁର, ୨୯।୫(ସମିସ): ଆଦିବାସୀଙ୍କୁ ବନବାସୀ ସମ୍ବୋଧାନ କରିବା ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରାଇରଙ୍ଗପୁରରେ ଗୃହମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଗତ ମଇ ୨୪ ତାରିଖରେ ଦିଲ୍ଲୀର ଲାଲକିଲ୍ଲାଠାରେ ଆୟୋଜିତ ଜନଜାତି ସାଂସ୍କୃତିକ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଆଦିବାସୀ ସମାଜକୁ 'ବନବାସୀ' ବୋଲି ସମ୍ବୋଧନ କରିଥିବାରୁ ସମଗ୍ର ଆଦିବାସୀ ସମାଜକୁ ଅପମାନିତ କରାଯାଇଛି। ଏହାର ପ୍ରତିବାଦରେ ସମଗ୍ର ଭାରତବର୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିରୋଧ କରି କୁଶ ପୁତ୍ତଳିକା ଦାହ କରାଯାଇଛି। ଗୃହମନ୍ତ୍ରୀ ଆଦିବାସୀ ସମାଜର ଲୋକଙ୍କୁ 'ବନବାସୀ' କହିଥିବାବେଳେ ଆମେ ଏହି ଦେଶର ମୂଳ ନିବାସୀ ଆଦିବାସୀ। ତେଣୁ ଗୃହମନ୍ତ୍ରୀ ଆଦିବାସୀ ସମାଜକୁ ଅପମାନିତ କରିବା ପାଇଁ ଷଡ଼ଯନ୍ତ୍ର ଉଦ୍ୟମ କରିଛନ୍ତି ବୋଲି ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଆଜି ସମଗ୍ର ଭାରତବର୍ଷରେ ତାଙ୍କର କୁଶ ପୁତ୍ତଳିକା ଦାହ କରାଯାଉଛି। ଏ ପରିପ୍ରେକ୍ଷୀରେ ରାଇରଙ୍ଗପୁର ଆଦିବାସୀ କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ବେରେଲ ସିର୍କାଙ୍କ ନେତୃତ୍ୱରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁତ୍ତଳିକା ଦାହ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ



କଂଗ୍ରେସର ରାଜ୍ୟ ଉପସଭାପତି ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତି, ଆଦିବାସୀ କୃଷକ କଂଗ୍ରେସ ନେତା କିଶୋର ମହାନ୍ତ, ନଗର ସଭାପତି ଅମରଦେବ ପ୍ରଧାନ ହେମ୍ବ୍ରମ, ରାଇରଙ୍ଗପୁର ବ୍ଲକ ସଭାପତି ଶିମଲ ମାଝୀ, ଭୀମସେନ ଟୁଡୁ, ପରମେଶ୍ୱର କୋଣ୍ଡାଙ୍କେଲ, ବୁଢାନ ମାଝୀ ଓ ଖେଲାରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଡ଼ାଗଲା ଜବତ ବାଣ ଓ ବିସ୍ଫୋରକ ସାମଗ୍ରୀ



ବେତନଟୀ, ୨୯।୫(ସମିସ): ବେତନଟୀ ପୁଲିସ ପାଟ୍ରୋଲିଂ ଟିମ ପକ୍ଷରୁ ଗତବର୍ଷ ଏକ ବେଆଇନ ବାଣ ବୋଝେଇ ଭ୍ୟାନରୁ ଜବତ ହୋଇଥିବା ବିପୁଳ ପରିମାଣର ବାଣ ଓ ବିସ୍ଫୋରକ ସାମଗ୍ରୀ ଆଜି ନଷ୍ଟ କରାଯାଇଛି। ୨୦୨୫ ଅକ୍ଟୋବର ୯ ତାରିଖରେ ବେତନଟୀ ପୁଲିସ ଏକ ସନ୍ଦେହଜନକ ଭ୍ୟାନକୁ ଜବତ କରିଥିଲା। ବେତନଟୀ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଦୀର୍ଘଦିନ ପରେ ଆଜି ବେତନଟୀ ପୁଲିସ ପକ୍ଷରୁ ବୋମା ସ୍କ୍ୱାଡ ଓ ଅଗ୍ନିଶମ ବାହିନୀ ସହାୟତାରେ ଜବତ ସମସ୍ତ ବାଣ ଓ ବିସ୍ଫୋରକ ସାମଗ୍ରୀ ନିରାପଦ ଭାବେ ନଷ୍ଟ କରାଯାଇଛି।

## ଶିକ୍ଷକ ନେତାଙ୍କ ବିୟୋଗରେ ଶୋକସଭା

ବୈଶିଙ୍ଗା/ପୁରୁଣିଆ, ୨୯।୫(ସମିସ): ବେତନଟୀ ପ୍ରାଥମିକ ଶିକ୍ଷକ ସଂଘ ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଓ କୁଡୁମୀ ଶିକ୍ଷକ ମଞ୍ଚର ରାଜ୍ୟ ସମ୍ପାଦକ ଭାବେ ଏକକାଳୀନ ୩ଟି ଶିକ୍ଷକ ସଂଗଠନର ନେତୃତ୍ୱ ନେଉଥିବା ସ୍ୱର୍ଗତ ଶରତ ମହାନ୍ତଙ୍କ ରାସ୍ତା ଦୁର୍ଘଟଣାରେ ବିୟୋଗ ପରେ ବେତନଟୀ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଶୋକସଭା



ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ମୀନକେତନ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋକସଭାରେ ବେତନଟୀ ଶିକ୍ଷକ ସଂଘ (ପୁରୁଣା ପେନସନ ଭୁକ୍ତ)ର ସଭାପତି ସୁନୀଲ ବଡେ ପୌରୋହିତ୍ୟ କରିଥିଲେ। ବୈଶିଙ୍ଗା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତୀଭା ମଞ୍ଜରୀ ପ୍ରଧାନ, ବରିଷ୍ଠ ଶିକ୍ଷକ ନେତା ଭବେଶ ପାଣିଗ୍ରାହୀ, ଶୈଳେନ୍ଦ୍ର ପଣ୍ଡା ଓ ଯାମିନୀକାନ୍ତ ମହାନ୍ତ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ଶୋକସଭାରେ ବ୍ଲକର ବହୁ ବରିଷ୍ଠ ଓ କନିଷ୍ଠ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ଏକାଦଶାହ ଦିନ ତାଙ୍କ ବାସଭବନରେ ଅନୁଷ୍ଠିତ ହେବାକୁ ଥିବା ସ୍ମୃତିଚାରଣ ସଭାରେ ସମସ୍ତେ ଯୋଗଦେବା ସହ ଶିକ୍ଷକ କଲ୍ୟାଣ ପାଣ୍ଠିରୁ ତାଙ୍କ ପରିବାରକୁ ଆର୍ଥିକ ସହଯୋଗର ନିଷ୍ପତ୍ତି ନିଆଯାଇଥିଲା।

**● ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ପରିବାରକୁ ଆକ୍ରମଣ**

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ସୁରକ୍ଷା ଦାବି

ବାରିପଦା, ୨୯।୫(ସମିସ): ବିଶୋଇ ଥାନା ଅଞ୍ଚଳରେ ଧର୍ମାନ୍ତରୀତ ଖ୍ରୀଷ୍ଟିଆନଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିବା ନେଇ ଶୁକ୍ରବାର ସେମାନେ ମୟୂରଭଞ୍ଜ ଜିଲ୍ଲାପାଳ ହେମାକାନ୍ତ ସଏ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଫେରାଦ



ହୋଇଛନ୍ତି। ଘଟଣା ସମ୍ପର୍କରେ ଅବଗତ ହେବା ପରେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯିବା ନିମନ୍ତେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆଶ୍ୱାସନା ଦେଇଛି। ତାଡ଼ନାପ୍ରାପ୍ତ ଖ୍ରୀଷ୍ଟ ବିଶ୍ୱାସୀ ରାଷ୍ଟ୍ରୀୟ ଖ୍ରୀଷ୍ଟୀୟାନ ମୋର୍ଚ୍ଚାର ସଭାପତି କାମେଶ୍ୱର ହେମ୍ବ୍ରମଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ଦିଆଯାଇଥିବା ଜଣାଯାଇଛି।

ବିଶୋଇ ଥାନା ଅଞ୍ଚଳର କେନ୍ଦୁମାରା ଗ୍ରାମରେ ଖ୍ରୀଷ୍ଟ ବିଶ୍ୱାସୀମାନେ ୨୫ ତାରିଖରେ ପ୍ରାର୍ଥନା କରୁଥିବା ସମୟରେ ଗ୍ରାମର କିଛି ବ୍ୟକ୍ତି ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣକାରୀ ଛୋଟ ପିଲାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ବର୍ତ୍ତମାନ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରରେ ଆକ୍ରମଣକାରୀଙ୍କ ନାମ ଉଲ୍ଲେଖ ଥିବା ଜଣାଯାଇଛି। ଅଭିଯୋଗପତ୍ର ସହିତ ଡାକ୍ତରଖାନାରେ ଚିକିତ୍ସା ହୋଇଥିବା ଚିକିତ୍ସାଜନିତ ସମସ୍ତ କାଗଜପତ୍ର ସଂଲଗ୍ନ କରାଯାଇଛି। ଦୁଲାରୀ ହେମ୍ବ୍ରମ, ମାଧବ ହେମ୍ବ୍ରମ, ରାମକ୍ରିଷ୍ଣା ମାରାଣ୍ଡି, ଗୋବିନ୍ଦ ମୁର୍ମୁ, ଯୋହନ ଟୁଡୁ ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ଦାଖଲ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବାରିପଦା, ୨୯।୫(ସମିସ): ଶାମାଖୁଣ୍ଟା ବ୍ଲକ ବାଉଁଶବିଲ୍ଲା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କାର୍ଯ୍ୟରତ ସାମ୍ବାଦିକ କାଶୀନାଥ ସିଂ (୬୫)ଙ୍କ ପରଲୋକ ଘଟିଛି। ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲରେ ପିତ୍ତକୋଶରେ ପଥର ଅସ୍ତ୍ରୋପଚାର ପରେ ତାଙ୍କର ହୃଦଜନିତ ସମସ୍ୟା ସୃଷ୍ଟି ହେବାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଗୁରୁବାର ଦ୍ୱିପ୍ରହରରେ ଚିକିତ୍ସାଧୀନ



ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ବାଉଁଶବିଲ୍ଲା ପଞ୍ଚାୟତରେ ସେ ୫ ବର୍ଷ ସରପଞ୍ଚ ଥିବାବେଳେ ତାଙ୍କ ସ୍ତ୍ରୀ ଦୁଲାଳୀ ସିଂ ୧୦ ବର୍ଷ ଧରି ସରପଞ୍ଚ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ସମୟରେ ପଞ୍ଚାୟତରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ନିମନ୍ତେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପୋଡାଅସ୍ତିଆସ୍ଥ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କର ଦୁଇପୁଅ ଅଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ସୁନେଇ ପାଣି ପଞ୍ଚାୟତ ପକ୍ଷରୁ ଖରିଫ ଚାଷ ପାଇଁ ବୈଠକ




କପ୍ତିପଦା, ୨୯।୫(ସମିସ): ଚଳିତ ବର୍ଷ ଖରିଫ ଚାଷ ପାଇଁ ସାଧାରଣ ବୈଠକ ଶାଳଚୁଆ ସୁନେଇ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ସୁନେଇ ପାଣି ପଞ୍ଚାୟତ ପ୍ରକଳ୍ପ କମିଟି ପକ୍ଷରୁ ଖରିଫ ଚାଷ ପାଇଁ ସୁନେଇ ପ୍ରକଳ୍ପ କମିଟି ସଭାପତି ହେମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଆଗାମୀ ଖରିଫ ଚାଷ ନିମନ୍ତେ ଚାଷୀ କେମିତି ସଠିକ ସମୟରେ ବିହନ, ଚାଷ ପ୍ରଣାଳୀ ଓ କେନାଲ ମାଧ୍ୟମରେ ସଠିକ ଜଳ ବଣ୍ଟନର ଖସଡ଼ା ପ୍ରସ୍ତୁତ ହେବ କହିଥିଲେ। ତେବେ କେନାଲର ଉନ୍ନତି ଓ ତଳି ଅଞ୍ଚଳର କେନାଲ ମରାମତି ଦିଗରେ ମଧ୍ୟ ଉପସ୍ଥିତ ସୁନେଇ କର୍ମଚାରୀଙ୍କୁ ଚାଷୀ ଅବଗତ କରିଥିଲେ। ବୈଠକରେ ସୁନେଇ ପାଣି ପଞ୍ଚାୟତର ପ୍ରକଳ୍ପ କମିଟି ସମ୍ପାଦକ ବିରଞ୍ଚିନାରାୟଣ ପାତ୍ର, ସୁନେଇ ଜଳସେଚନ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ଦାସ, କାଡା ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ, ଉପଖଣ୍ଡ ଜିଲ୍ଲା କୃଷି ଜିଲ୍ଲା ଅଧିକାରୀ, ଉଦଳା କୃଷି ବିଭାଗ ଓ ନୀଳଗିରି କୃଷି ବିଭାଗ ଅଧିକାରୀ ଉପସ୍ଥିତ ରହି ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରି ବିଭାଗ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ସୁନେଇ ପାଣି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ପାଣି ପଞ୍ଚାୟତ ସଭାପତି, ସମ୍ପାଦକ ଓ ଚାଷୀ ଉପସ୍ଥିତ ଥିଲେ।

**ଜିଲ୍ଲାବ୍ୟାପୀ ଏପିଓଙ୍କ ଆନ୍ଦୋଳନ**

## ହୋଇପାରୁନି ମନରେଗା କାମ; ଶ୍ରମିକ ହନ୍ତସନ୍ତ

ମହୁଲଡିହା, ୨୯।୫(ସମିସ)

ଓଡ଼ିଶାର ସମସ୍ତ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ନିଜ ଚାକିରି ସ୍ଥାୟୀକରଣ ଦାବିରେ ଗତ ଏପ୍ରିଲ ୨୦ ତାରିଖରୁ ଭୁବନେଶ୍ୱରଠାରେ ଧାରଣାରେ ବସିଛନ୍ତି। ଏହି ଦୀର୍ଘ୍ୟମିଆଦି କାର୍ଯ୍ୟ ବନ୍ଦ ଆନ୍ଦୋଳନର ପ୍ରଭାବ ଏବେ ଗ୍ରାମାଞ୍ଚଳରେ ସ୍ପଷ୍ଟ ଭାବେ ପଡ଼ିଛି। ବିଶେଷ ଭାବେ ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ସହ ଅନ୍ୟାନ୍ୟ ବ୍ଲକରେ ମନରେଗା କାମ ପ୍ରାୟ ଠପ ହୋଇଯାଇଛି। ଏପିଓଙ୍କ ଅନୁପସ୍ଥିତି କାରଣରୁ ନୂତନ କାମ ଆରମ୍ଭ, ଶ୍ରମିକ ମଷ୍ଟର ରୋଲ ପ୍ରସ୍ତୁତି, କାମର ତଦାରଖ, ମାପ ଓ ବିଲ ପ୍ରକ୍ରିୟାରେ ଗୁରୁତର ବାଧା ସୃଷ୍ଟି ହେଉଛି। ଫଳରେ ଗ୍ରାମାଞ୍ଚଳର ଶ୍ରମିକ କାମ ପାଉ ନ ଥିବାବେଳେ ଅନେକ ଶ୍ରମିକଙ୍କ ମଜୁରି ଅଟକି ରହିଥିବା ଅଭିଯୋଗ ହେଉଛି।

ଠାକୁରମୁଣ୍ଡା ବ୍ଲକର କିଛି ଗ୍ରାମବାସୀ କହିଛନ୍ତି, ଗ୍ରୀଷ୍ମଋତୁରେ କୂଅ ପୋଖରୀ ଖନନ, ମାଟି କାମ, ରାସ୍ତା ମରାମତି ଓ ଜଳ ସଂରକ୍ଷଣ ଭଳି ବିଭିନ୍ନ କାମ ଆରମ୍ଭ ହେବା କଥା। ଏବେ ସବୁ କାର୍ଯ୍ୟ ଅଚଳ ହୋଇପଡ଼ିଛି। ଗରିବ ଶ୍ରମିକ ପରିବାର ରୋଜଗାର ନ ପାଇ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ବାଧ୍ୟ ହୋଇ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପଞ୍ଚାୟତ ସ୍ତରରେ ମଧ୍ୟ ପ୍ରଶାସନିକ କାର୍ଯ୍ୟରେ ଅସୁବିଧା ଦେଖାଦେଉଛି। ଅନେକ ସ୍ଥାନରେ କାର୍ଯ୍ୟ ଅନୁମୋଦନ ଓ ଅନଲାଇନ ଏଣ୍ଟ୍ରି ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ପ୍ରଶ୍ନ ଉଠିଛି। ଆନ୍ଦୋଳନରତ ଏପିଓଙ୍କ କହିବା ଅନୁଯାୟୀ, ଦୀର୍ଘ ବର୍ଷ ଧରି ସେମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ଚାକିରି ସ୍ଥାୟୀ ହୋଇନାହିଁ। ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଏଭଳି ପରିସ୍ଥିତିରେ ସାଧାରଣ ଲୋକ ଶୀଘ୍ର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ଯଦି ଶୀଘ୍ର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାମ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ଏଣୁ ସରକାର ଏହାକୁ ଗୁରୁତ୍ୱ ଦେଇ ସମାଧାନ ନ କଲେ ଅଧିକ ବଦନାମ ହେବା ହିଁ ସାର ହେବ।

■ ଅଘୋଷିତ ବିଜୁଳି କାଟ, ଅସହ୍ୟ ତାତି

# ଗରମରେ ଲୋକେ ହନ୍ତସନ୍ତ



ନନ୍ଦପୁର,୨୯।୫ (ସମିସ): ଗତ ସପ୍ତାହେ ହେବ ନନ୍ଦପୁର ଅଞ୍ଚଳରେ ଲଗାତାର ଅଘୋଷିତ ବିଦ୍ୟୁତ୍ କାଟ ସାଧାରଣ ଜନତାଙ୍କ ଦୈନନ୍ଦିନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଅସହ୍ୟ ତାତିରେ ଯମ ଦଣ୍ଡ ଭୋଗୁଛନ୍ତି ଜନତା। କେବେ ଦିନରେ ତ କେବେ ରାତିରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ବିଚ୍ଛିନ୍ନ ରହୁଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପୂର୍ବ ସୂଚନା ଦିଆଯାଉ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ପାଗ ମଧ୍ୟରେ ବିଦ୍ୟୁତ୍ କାଟ ଯୋଗୁଁ ଛୋଟ ଶିଶୁ, ବୃଦ୍ଧ ଓ ରୋଗୀମାନେ ବିଶେଷ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତ୍ରି ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହେବାରୁ ଲୋକେ ଶାନ୍ତିରେ ଶୋଇ ପାରୁନଥିବା ବେଳେ ପାଣି ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ କାଟ ଯୋଗୁଁ ଛୋଟ ବ୍ୟବସାୟୀ ଓ ଦୋକାନୀମାନେ ମଧ୍ୟ ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି। ବିଶେଷ କରି ଥଣ୍ଡା ପାନୀୟ, ଆଇସକ୍ରିମ ଓ ଦୁଗ୍ଧ ଜାତ ପଦାର୍ଥ ବିକ୍ରେତାମାନେ ଅଧିକ ପ୍ରଭାବିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁଁ ବିଭିନ୍ନ ବୈଦ୍ୟୁତିକ ସାମଗ୍ରୀ ମଧ୍ୟ ନଷ୍ଟ ହେଉଛି। ଏନେଇ ବିଦ୍ୟୁତ୍ ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ଶୀଘ୍ର ସମାଧାନ ପୂର୍ବକ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରି ନିୟମିତ ବିଦ୍ୟୁତ୍ ସରବରାହ ଯୋଗାଇଦେବାକୁ ସାଧାରଣ ଲୋକେ ଦାବି କରିଛନ୍ତି।

## ଗାଁକୁ ପହଞ୍ଚୁନି ବସୁଧା ପାଣି

# ଦୂଷିତ ପାଣି ପିଇ ଗ୍ରାମବାସୀ ରୋଗାକ୍ରାନ୍ତ





ଅମ୍ବାଦଳା,୨୯।୫(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଇଛାପୁର ପଞ୍ଚାୟତର ଗାଡିଆଝୋଲା ଗ୍ରାମରେ ଦେଖାଦେଇଛି ଭୟାବହ ପାନୀୟ ଜଳ ସମସ୍ୟା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ ଅଭାବ ଗ୍ରାମବାସୀଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଗ୍ରାମରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଥିବା ବେଳେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ବସୁଧା ଯୋଜନାର ପାଣି ମଧ୍ୟ ଗାଁକୁ ପହଞ୍ଚି ପାରୁନଥିବା ଅଭିଯୋଗ ହୋଇଛି। ଗାଡିଆଝୋଲା ଗ୍ରାମର କନ୍ଧ ଗାଡିଆଝୋଲା, ଗୌଡ ଗାଡିଆଝୋଲା ଓ ଦଳିତ ଗାଡିଆଝୋଲା ସାହିରେ ପ୍ରାୟ ୧୦୦ ଲୋକ ବସବାସ କରୁଛନ୍ତି। ହେଲେ ପାନୀୟ ଜଳର ସ୍ଥାୟୀ ସୁବିଧା ନଥିବାରୁ ପ୍ରତିଦିନ ଜଳ ପାଇଁ ଲୋକଙ୍କୁ ନାହିଁନଥିବା ହଇରାଣ ହେବାକୁ ପଡୁଛି। ଗାଁରେ ଥିବା ଗୋଟିଏ ନଳକୂପ ଉପରେ ଲୋକେ ଭରସା କରିଆସୁଥିବା ବେଳେ ବର୍ତ୍ତମାନ ସେହି ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଚୁଆ ଓ ଅନ୍ୟ ଅସୁରକ୍ଷିତ ଉତ୍ସରୁ ପାଣି ସଂଗ୍ରହ କରୁଛନ୍ତି।"ଅନ୍ୟପଟେ ସରକାରଙ୍କ ବସୁଧା ଯୋଜନା ଗ୍ରାମ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହେବା ବଦଳରେ କେବଳ ନାମକୁ ମାତ୍ର ସୀମିତ ରହିଥିବା ଅଭିଯୋଗ କରିଛନ୍ତି ଲୋକେ। କୋଟି କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ୍ୟ ଗାଁକୁ ପାଣି ପହଞ୍ଚୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଦୂଷିତ ପାଣି ବ୍ୟବହାର କରିବା ଫଳରେ ବିଭିନ୍ନ ସମୟରେ ଗ୍ରାମରେ ଝାଡା, ବାନ୍ତି ଭଳି ରୋଗ ବ୍ୟାପୁଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରତିବର୍ଷ ଖରାଦିନ ଆସିଲେ ଏଭଳି ଜଳକଷ୍ଟରେ ଦହଗଞ୍ଜ ହେଉଥିବା ଗ୍ରାମବାସୀ ତୁରନ୍ତ ନୂତନ ନଳକୂପ ଖନନ ସହ ବସୁଧା ଯୋଜନାକୁ ସଚଳ କରିବାକୁ ଦାବି କରିଛନ୍ତି। ପ୍ରଶାସନ ଏହାକୁ କେତେ ଗୁରୁତ୍ୱ ଦେଉଛି ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ବିକଳ୍ପ' ପକ୍ଷରୁ 'ଶୃଙ୍ଖଳା ହିଁ ସଫଳତା' କାର୍ଯ୍ୟକ୍ରମ



ରାୟଗଡ଼,୨୯।୫ (ସମିସ): "ବିକଳ୍ପ' ଆମ ମାଟି ଆମ ସଂକଳ୍ପ ସଂଗଠନ, ରାୟଗଡ଼ର ଉଦ୍ୟମରେ ସଦର ବ୍ଲକ ଜପାଖାଲ ଗ୍ରାମର ପିଲାମାନଙ୍କ ବିକାଶ ନେଇ ଏକ ଅଭିନବ କାର୍ଯ୍ୟକ୍ରମ ଶୃଙ୍ଖଳା ହିଁ ସଫଳତାର ଚାବିକାଠି ହୋଇ ସାରିଛି। କାର୍ଯ୍ୟକ୍ରମ ଆରମ୍ଭରେ, ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଗଠନର ସଭାପତି ଡ.ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ସେ ପିଲାମାନଙ୍କୁ ସକାଳୁ ଉଠିବା ଠାରୁ ରାତ୍ର ଶୋଇବା ପର୍ଯ୍ୟନ୍ତ ଦୈନନ୍ଦିନ ଜୀବନର ଦିନଚର୍ଯ୍ୟା ଉପରେ ବୁଝାଇଥିଲେ ଏବଂ ଶୃଙ୍ଖଳିତ ଛାତ୍ରଛାତ୍ରୀ ହେବାପାଇଁ ମାର୍ଗଦର୍ଶନ କରିଥିଲେ। ସଂଗଠନର ସଦସ୍ୟ ସଦସ୍ୟା, ଡ.ଅର୍ଚ୍ଚନା ପଟ୍ଟନାୟକ, କୃଷ୍ଣପ୍ରୀ ଯ୍ଯା ସାହାଣୀ , ଶଶିଭୂଷଣ ପଟ୍ଟନାୟକ , ଡ଼ ବିନୋଦ ଚନ୍ଦ୍ର ପାତ୍ର, କୁମୁଦ ଚନ୍ଦ୍ର ସାମନ୍ତରାୟ, ବୀର ବାବୁ, ଗୌରୀ ଶଙ୍କର ରାଓ, ରାଜେନ୍ଦ୍ର ସାହୁ, ରଘୁନାଥ ଭୁଏ, ରୋମ୍ୟ ରଞ୍ଜନ ସାହୁ, ତ୍ରିବେଣୀ ମିଶ୍ର, ସନ୍ଧ୍ୟାରାଣୀ ପାତ୍ର, ପଦ୍ମନ ଚୌଧୁରୀ, ଆଦି ପିଲାମାନଙ୍କୁ ତଥା ଗାଁ ଲୋକମାନଙ୍କୁ ସମୟର ସଦ୍ ଉପଯୋଗ କରିବା ତଥା ନିଜେ ପରିଷ୍କାର ରହି ପରିବେଶ କୁ ପରିଷ୍କାର ରଖିବାପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ୫୮ ଜଣ ଛାତ୍ରଛାତ୍ରୀ ତଥା ବହୁ ମାତ୍ରାରେ ଗ୍ରାମବାସୀ ଭାଗ ନେଇଥିଲେ। ସଦସ୍ୟ ରାଜେନ୍ଦ୍ର କୁମାର ସାହୁ କୁଇ ଭାଷାରେ ସମୟାନୁ ବାର୍ତିତା ଉପରେ ପିଲାଙ୍କୁ ବୁଝେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଶୁଭଶ୍ରୀ ଦୋରା, ସ୍ୱାଗତ ଦୋରା ତଥା କୁନି ଅତିଥି ଭାବେ ଶ୍ରେୟା ଶିବାଂଶି ସାହୁ ଯୋଗ ଦେଇଥିଲେ ଏବଂ ପିଲାଙ୍କ ପାଇଁ କିଛି ପଠନ ଲିଖନ ସାମଗ୍ରୀ ଆଣି ବଣ୍ଟନ କରିଥିଲେ। ପିଲାଙ୍କ ଖୁସିକୁ ଦୃଷ୍ଟିରେ ରଖି ବିଭିନ୍ନ ଖେଳର ଆୟୋଜନ କରାଯାଇ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀ, ଛାତ୍ରଛାତ୍ରୀ, ତଥା ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ତଥା ଗ୍ରାମର ଯୁବକ ରାଜୀବ ହୁଇକା ଏବଂ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ ସଦସ୍ୟ ରବି ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

# କାଇ ଚଟଣୀ ଦେଉଛି ରୋଜଗାର



ଉମରକୋଟ ୨୯।୫( ସମିସ): କାଇ ଚଟଣୀ ହେଉଛି ନବରଙ୍ଗପୁର ଜିଲ୍ଲାର ଏକ ପ୍ରସିଦ୍ଧ ଆଦିବାସୀ ଖାଦ୍ୟ। ଲାଲ୍ ପିମ୍ପୁଡ଼ି (କାଇ) ଏବଂ ସେମାନଙ୍କ ଅଣ୍ଡାରୁ ପ୍ରସ୍ତୁତ ଏହି ଚଟଣୀ ସ୍ୱାଦରେ ଖଟା ଓ ମସଲାଯୁକ୍ତ ହେବା ସହ ଜିଙ୍କ୍, କ୍ୟାଲ୍ସିୟମ୍ ଏବଂ ଭିଟାମିନ୍ ବି ୧୨ ଭଳି ଅନେକ ପୋଷକ ତତ୍ତ୍ୱରେ ଭରପୂର ରହିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏଠାକାର ଆଦିବାସୀ ମାନେ ବର୍ଷ ତମାମ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ମହୁଲ , ଟୋଳା, ଶିଆଳି ପତ୍ର, କେନ୍ଦୁ , ସର୍ଗୀ ଫୁଲ, ଆମ୍ବ, ପଣସ, ଜାମୁ, ଛତୁ ଓ କରଡ଼ି, ମହୁ, ଔଷଧୀୟ ଗୁଳ୍ମ: ଅଶ୍ୱଗନ୍ଧା, ଶତାବରୀ, ବାହାଡ଼ା, ହରିଡ଼ା ଏବଂ ଆମଳକୀ, କେନ୍ଦୁପତ୍ର, ବାବୁଲ ଅଠା, ଝୁଣା, ବାଉଁଶ, ଜାଳେଣି କାଠ, କାୟୀ ଭଳି ପ୍ରମୁଖ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। ସେଥିମଧ୍ୟରୁ କାଇ ହେଉଛି ଅନ୍ୟତମ । ସକାଳୁ ଜଙ୍ଗଲକୁ ଯାଇ କାଇ ଅଣ୍ଡା ସଂଗ୍ରହ କରି ଘରକୁ ଆଣିଥାନ୍ତି। ପ୍ରଥମେ କାୟୀ ଏବଂ ସେମାନଙ୍କ ଅଣ୍ଡାକୁ ଖରାରେ କିମ୍ବା ହାଲକା ଆଞ୍ଚରେ ସାମାନ୍ୟ ଶୁଖାଇ ଦିଅନ୍ତି। ଏହାପରେ ପିମ୍ପୁଡ଼ି, ରସୁଣ, ଅଦା, ଲଙ୍କା ଏବଂ ଲୁଣକୁ ଏକାଠି ଶିଳାପୁଆ କିମ୍ବା ଗ୍ରାଇଣ୍ଡରରେ ପେଷି ଶେଷରେ ସ୍ୱାଦ ବଢ଼ାଇବା ପାଇଁ ସେଥିରେ ଧନିଆ ପତ୍ର, ସାମାନ୍ୟ ଚିନି ଏବଂ ତେନ୍ତୁଳି ମିଶାଇ ଭଲଭାବେ ବାଟି ଦିଅନ୍ତି। ଏହି ଚଟଣୀକୁ ପଖାଳ କିମ୍ବା ଭାତ ସହିତ ଖିଆଯାଏ। ଏହି ଚଟଣୀ ଖାଇବା ଦ୍ୱାରା ଅନେକ ରୋଗ ଭଲ ହୋଇଯାଇଥାଏ ବୋଲି କୁହାଯାଏ। ଏହି କାଇ ଚଟଣୀକୁ ମଧ୍ୟ ବଜାର ଓ ହାଟ ଠାରେ ବିକ୍ରି କରି ସେହି ଟଙ୍କାରେ ଅନେକ ଲୋକେ ପରିବାର ପ୍ରତିପୋଷଣ କରନ୍ତି।

# ଢେମସାପୁଟ ଗ୍ରାମରୁ ଗଞ୍ଜେଇ ଜବତ, ଜଣେ ଗିରଫ

ନନ୍ଦପୁର,୨୯।୫ (ସମିସ): ନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ପାଡୁଆ ଥାନା ଅଞ୍ଚଳରେ ଚାଲିଥିବା ପାଟ୍ରୋଲିଂ ସମୟରେ ଏକ ଗଞ୍ଜେଇ ମାମଲା ଧରାପଡ଼ିଛି। ନନ୍ଦପୁର ଅବକାରୀ ଅଧିକାରୀ ରାଜୁ କୁମାର ଖିତି, ଏଏସଆଇ ଶକ୍ତି ବେହେରା, ଦେବେନ୍ଦ୍ର ଖରା, ଗୀତାରାଣୀ ଦଳପତି, ଜ୍ଞାନ ଦୀକ୍ଷିତ, ଗଙ୍ଗା ଶଙ୍କର, ତ୍ରିଲୋଚନ ସିଂହଙ୍କ ସହ ଗୁରୁବାର ପେଟ୍ରୋଲିଂ କରୁଥିବା ବେଳେ ପାଡୁଆ ଥାନା ଅଧୀନ ଢେମସାପୁଟ ଗ୍ରାମ, ପୋଷ୍ଟ- ପରଜା ବଡ଼ପଡା ଅଞ୍ଚଳରେ ସନ୍ଦେହଜନକ ଭାବେ ଗଞ୍ଜେଇ କାରବାର ହେଉଥିବା ଖବର ପାଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ନିକଟରୁ ୧୫ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ନନ୍ଦପୁର ଆବକାରୀ ଷ୍ଟେସନରେ ପିଆର ନମ୍ବର ୪୮/୨୬-୨୭ ଅନୁସାରେ ଏନଡିପିଏସ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବାସନ୍ତୀ ଖରାଙ୍କୁ କୋରାପୁଟ ସ୍ଥିତ ଏଡିଜେ କମ୍ ସ୍ପେଶାଲ ଜଜ୍ଙ୍କ ଅଦାଲତକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି।



# ଜୈବସାର ପ୍ରସ୍ତୁତ, ବ୍ୟବହାର ନେଇ ତାଲିମ

ଉମରକୋଟ ୨୯।୫ (ସମିସ): ନାୟକଗୁଡ଼ାରେ ଜୈବସାର ପ୍ରସ୍ତୁତି ଓ ବ୍ୟବହାର ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍‌ର ନାୟକଗୁଡ଼ା ଠାରେ ଆକ୍ସେସ୍ ଡେଭଲପମେଣ୍ଟ୍ ସର୍ଭିସେସ୍‌ର ପେଣ୍ଡ୍ରାଣୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ସିଆରଆରଆଇ ତରଫରୁ ସନ୍ତୁଳିତ ଖତସାର ପ୍ରୟୋଗ, ଜୈବସାରର ବ୍ୟବହାର ଏବଂ ପରିବେଶ ଅନୁକୂଳ କୃଷି ପଦ୍ଧତି ଉପରେ କୃଷକ ଉତ୍ପାଦକ କମ୍ପାନୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପେଣ୍ଡ୍ରାଣୀ କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍ ଅଧୀନରେ କାର୍ଯ୍ୟରତ ଗ୍ରାମର ୭୫ ଜଣ କୃଷକ ତାଲିମ୍ ଶିବିରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ପାଣ୍ଠିରେ 'ଧାନ ଆଧାରିତ ଫସଲ ଏବଂ କୃଷି ପ୍ରଣାଳୀରେ ଗୁଣାଳକ ବାୟୋଇନୋକୁଲାଣ୍ଟର ଉତ୍ପାଦନ, ଲୋକପ୍ରିୟତା ଓ ଯୋଗାଣ' ପ୍ରକଳ୍ପ ଅଧୀନରେ ଏହି ତାଲିମ ଶିବିର ଆୟୋଜନ କରାଯାଇଥିଲା। ଆଇସିଏଆର ଏବଂ ଡିଏଏଫଇ ନୂଆଦିଲ୍ଲୀର 'ମେରା ଗାଁ ମେରା ଗୌରବ' କାର୍ଯ୍ୟକ୍ରମର ଅଂଶ ଭାବେ ଆୟୋଜିତ ଏହି ତାଲିମରେ ସାରର ସନ୍ତୁଳିତ ବ୍ୟବହାର ଓ ଜୈବସାରର ଗୁରୁତ୍ୱ ଉପରେ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିଶ୍ୱଜିତ ମଣ୍ଡଳ ସଂଯୋଜନା କରିଥିଲେ। ସେ ଜୈବସାରର ଆର୍ଥିକ ଲାଭ ସହ ପରିବେଶ ସୁରକ୍ଷାରେ ଏହାର ଭୂମିକା ବିଷୟରେ ଚାଷୀମାନଙ୍କୁ ସଚେତନ କରିଥିଲେ। ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁଦୀପ୍ତ ପାଉଲ ଏନ୍ଆରଆରଆଇ- ଇଣ୍ଡୋର ଗୁରୁତ୍ୱ ବିଷୟରେ କହିଥିଲେ। ଏହା ଫସଲର ନାଇଟ୍ରୋଜେନ ଆବଶ୍ୟକତାର ପ୍ରାୟ ୨୫ ପ୍ରତିଶତ ପର୍ଯ୍ୟନ୍ତ ପୂରଣ କରିପାରିବ ବୋଲି ସେ ଉଲ୍ଲେଖ କରିଥିଲେ। ସେହିପରି ବୈଜ୍ଞାନିକ ଡକ୍ଟର ରାଘବେନ୍ଦ୍ର ଗୌଡ କ୍ଷତିକାରକ ରାସାୟନିକ ସାର ବଦଳରେ ପରିବେଶ ଅନୁକୂଳ ଜୈବସାର ବ୍ୟବହାର ଓ ବିଜ୍ଞାନ ଆଧାରିତ ପ୍ରାକୃତିକ କୃଷି ପଦ୍ଧତି ଅପଣାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କେଭିକେ ନବରଙ୍ଗପୁରର ମୁଖ୍ୟ ଡକ୍ଟର ଶଶାଙ୍କ ଲେଙ୍କା ଉମରକୋଟ ଅଞ୍ଚଳର କୃଷି ପଦ୍ଧତି ଓ ଜୈବସାର ବ୍ୟବହାରର ଆବଶ୍ୟକତା ଉପରେ ମତ ରଖିଥିଲେ। ଏଥିସହ ରିସର୍ଚ୍ଚ ଆସୋସିଏଟ୍ ଡକ୍ଟର ସାଇକୃଷ୍ଣ ରେପୋଲି ଧାନ ନଡ଼ା ପଚାଇବା ପାଇଁ ଟ୍ରାଇକୋଡର୍ମା ଏବଂ ଏନ୍ଆରଆରଆଇ ଟେକ୍ ଡିକମ୍ପୋଜରର ପ୍ରୟୋଗର ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଏଡିଏସ୍‌ର ଅଞ୍ଜଳି ସାହୁ ପରିଚାଳନା କରିଥିବା ବେଳେ ପ୍ରକଳ୍ପ କର୍ମଚାରୀ ଓ ଟେକ୍ନିସିଆନ୍ ଅମିତ କୁମାର ମାଇତି ସହଯୋଗ କରିଥିଲେ।



# ଜଗମଣ୍ଡାରେ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ



ପଦ୍ମପୁର,୨୯।୫(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଜଗମଣ୍ଡା ଗ୍ରାମରେ ଏକ ସପ୍ତାହ ବ୍ୟାପି ଚାଲିଥିବା ଗ୍ରାମଦେବୀଙ୍କ ଠାକୁରାଣୀ ଯାତ୍ରା ଆଜି ଉଦ୍‌ଯାପିତ ହୋଇଯାଇଅଛି। ଏହି ଉପଲକ୍ଷେ ପ୍ରତ୍ୟେକ ଦିନ ଗ୍ରାମ କଳାକାର ମାନେ ବିଭିନ୍ନ ବେଶଭୂଷାରେ ଲୋକଙ୍କ ମନୋରଞ୍ଜନ କରୁଥିବା ବେଳେ ଗ୍ରାମ ନାଚ ମାଧ୍ୟମରେ ପୌରାଣିକ ଶବର ଶବରୁଣୀ, ଲବକୁଶ, ଭଳି ଓ ବିଭିନ୍ନ ହାସ୍ୟ ନୃତ୍ୟ ମାଧ୍ୟମରେ ଲୋକଙ୍କ ଆକ୍ରଷଣୟ କରିଥିଲେ। ଏଭଳି ଠାକୁରାଣୀ ଯାତ୍ରା ଦୀର୍ଘ ୫୦ବର୍ଷରୁ ଅଧିକ ହେବ ଏହି ଗ୍ରାମରେ କରାଯାଉଥିବା ବେଳେ ଗ୍ରାମବାସୀମାନେ ଏହି ପର୍ବ ପାଇଁ ଘରକୁ ଝିଅମାନଙ୍କୁ ନିମନ୍ତ୍ରଣ କରି ଡାକିଥାନ୍ତି। ଲୋକଙ୍କ ବିଶ୍ୱାସ ଯେ ମା' ଠାକୁରାଣୀଙ୍କୁ ପର୍ବରେ ଗ୍ରାମ ପରିକ୍ରମା କଲେ ଗ୍ରାମରେ ବିଭିନ୍ନ ରୋଗ, ଭୂତପ୍ରେତ ଦାଉରୁ ଗ୍ରାମକୁ ରକ୍ଷା କରନ୍ତି। ଏହି ଠାକୁରାଣୀ ଯାତ୍ରା ଦେଖିବାକୁ ପ୍ରତ୍ୟହ ଶହଶହ ଲୋକଙ୍କ ସମାଗମ ସାଙ୍ଗକୁ ଆଜି ଠାକୁରାଣୀଙ୍କ ଘଟ ବିସର୍ଜନରେ ଶହଶହ ଲୋକ ସାମିଲ ହୋଇଥିଲେ। ଏହି ପର୍ବ ସମଗ୍ର ଗ୍ରାମ ସହ ଅଞ୍ଚଳରେ ଭାଇ ଚାରା ସୃଷ୍ଟି ହୋଇଥିବା ବେଳେ ଶାନ୍ତି ଶୃଙ୍ଖଳା ମଧ୍ୟରେ ଘଟ ବିସର୍ଜନ କରାଯାଇଥିବା ଗ୍ରାମବାସୀ କହିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ

# ଘରକୁ ଘର ବୁଲିବେ ୫୪୯ ବିଏଲ୍ଓ

ମାଲକାନଗିରି,୨୯।୫(ସମିସ):

ମାଲକାନଗିରି ଜିଲ୍ଲାରେ ଭୋଟର ତାଲିକାର ସଠିକତା ଏବଂ ସଂଶୋଧନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂଚନା ଦେଇଛନ୍ତି ଯେ ଆସନ୍ତାକାଲି ଅର୍ଥାତ୍ ୩୦ ମେ ଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଭୋଟର ତାଲିକାରେ ନୂତନ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଯୋଗ୍ୟତା ତାରିଖ ୦୧.୦୭.୨୦୨୬ ସ୍ଥିର କରାଯାଇଛି। ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ ଏକ ସ୍ୱଚ୍ଛ ଓ ସଠିକ ଭୋଟର ତାଲିକା ହିଁ ସୁଦୃଢ଼ ଗଣତନ୍ତ୍ରର ମୂଳଦୁଆ। ବିଏଲଓମାନେ ପ୍ରତି ଘରକୁ ଯାଇ ତଥ୍ୟ ସଂଗ୍ରହ କରିବେ। ଜିଲ୍ଲାର କୌଣସି ବି ଯୋଗ୍ୟ ଭୋଟର ଯେପରି ଏହି ପ୍ରକ୍ରିୟାରୁ ବଞ୍ଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ। ବିଏଲଓମାନଙ୍କୁ ସଠିକ ତଥ୍ୟ ପ୍ରଦାନ କରି ଏହି ସ୍ୱତନ୍ତ୍ର ସଂଶୋଧନ ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟା ଅଧୀନରେ ଜିଲ୍ଲାର ଦୁଇଟି ନିର୍ବାଚନମଣ୍ଡଳୀରେ ସମୁଦାୟ ୫୪୯ ଜଣ ବିଏଲଓ ୩୦.୫.୨୦୨୬ ରୁ ୨୮.୬.୨୦୨୬ ପର୍ଯ୍ୟନ୍ତ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏଥିମଧ୍ୟରୁ ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀର ୩୦୨ ଜଣ ଏବଂ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ୨୪୭ ଜଣ ବିଏଲଓ ସାମିଲ ଅଛନ୍ତି। ସେମାନେ ମାଲକାନଗିରିର ୨,୫୨,୬୯୧ ଭୋଟର ଏବଂ ଚିତ୍ରକୋଣ୍ଡାର ୨,୦୯, ୪୮୦ ଭୋଟରଙ୍କୁ ୨ଟି ଲେଖାଏଁ ପରିଗଣନା ଫର୍ମ ପ୍ରଦାନ କରିବା ସହ ଫର୍ମ ପୂରଣରେ ମାର୍ଗଦର୍ଶନ କରିବେ। ବର୍ତ୍ତମାନ ସୁଦ୍ଧା ମାଲକାନଗିରି ନିର୍ବାଚନମଣ୍ଡଳୀର ୨,୩୬,୦୭୮ (୯୩.୪୩ ପ୍ରତିଶତ) ଏବଂ ଚିତ୍ରକୋଣ୍ଡାର ୧,୯୯,୭୩୧ (୯୫.୩୫ ପ୍ରତିଶତ) ଭୋଟରଙ୍କ ନାମ ୨୦୦୨ ମସିହା ଭୋଟର ତାଲିକା ସହିତ ମ୍ୟାପିଂ କରାଯାଇସାରିଛି। ଅବଶିଷ୍ଟ ମାଲକାନଗିରିର ୧୬,୬୧୩ ଏବଂ ଚିତ୍ରକୋଣ୍ଡାର ୯, ୭୪୯ ଭୋଟର ପରିଗଣନା ଫର୍ମ ସହ ଆବଶ୍ୟକୀୟ ଦସ୍ତାବିଜ ବିଏଲଓ ମାନଙ୍କୁ ହସ୍ତାନ୍ତର କରିବେ। ଏହି ସ୍ୱତନ୍ତ୍ର କାର୍ଯ୍ୟସୂଚୀ ଅନୁଯାୟୀ, ୩୦.୦୫.୨୦୨୬ ରୁ ୨୮.୦୬.୨୦୨୬ ପର୍ଯ୍ୟନ୍ତ ପରିଗଣନା ଫର୍ମ ପୂରଣ ଅବଧି ଚାଲିବ। ଏହାପରେ ୦୫.୦୭.୨୦୨୬ ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ୫. ୭.୨୦୨୬ ରୁ ୪. ୮.୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ ଏବଂ ୦୫.୦୭.୨୦୨୬ ରୁ ୨. ୯.୨୦୨୬ ମଧ୍ୟରେ ନୋଟିସ ଜାରି ସହ ଆପତ୍ତିର ନିଷ୍ପତ୍ତି ନିଆଯିବ। ଶେଷରେ ୬. ୯.୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଧତନ କରିବା ପାଇଁ ଏସଆଇଆର ପ୍ରକ୍ରିୟାରେ ବିଏଲଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ସହାୟକ ଜିଲ୍ଲାପାଳ ଅଶୋକ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ।



# ଗ୍ରୀଷ୍ମକାଳୀନ ଭାରତ୍ତୋଳନ ତାଲିମ ଶିବିର



ଉମରକୋଟ,୨୯।୫ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଉମରକୋଟ ସ୍ଥିତ ଇଣ୍ଡୋର ଷ୍ଟାଡିୟମଠାରେ ଷ୍ଟାଡିୟମର ଭାରପ୍ରାପ୍ତ ଅଧିକାରୀ ଅଶୋକ କୁମାର ସାହୁଙ୍କ ନିରୀକ୍ଷଣରେ ତଥା ମଲ୍ଟି-ପର୍ପସ ସ୍ପୋର୍ଟ୍ସ ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ଏମ. ବିଜୟ କୁମାରଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଶିକ୍ଷକ ନକୁଳ ସାନ୍ତାଙ୍କ ସହଯୋଗରେ ଏକ ଗ୍ରୀଷ୍ମକାଳୀନ ଭାରତ୍ତୋଳନ ତାଲିମ ଶିବିର ଆରମ୍ଭ ହୋଇଛି। ଉକ୍ତ ଶିବିର ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉଦ୍‌ଘାଟନୀ ଉତ୍ସବରେ ସାଂସଦ ପ୍ରତିନିଧି ରାମକୃଷ୍ଣ ନାୟକ ଏବଂ ଜିଲ୍ଲା କ୍ରୀଡ଼ା ସଙ୍ଘର ମହିଳା କ୍ରୀଡ଼ା ସଂଯୋଜିକା ଚନ୍ଦନା ମଲ୍ଲିକ ଉପସ୍ଥିତ ରହି କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତଙ୍କୁ ଓଡ଼ିଶା କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ସ୍ୱତନ୍ତ୍ର ମାନପତ୍ର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି କ୍ରୀଡ଼ା ଶିବିର ଉମରକୋଟର ଯୁବ ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଏକ ଶ୍ରେଷ୍ଠ ମାଧ୍ୟମ ଯୋଗାଇ ଦେଇଥିବାରୁ ସ୍ଥାନୀୟ ଅଞ୍ଚଳର ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି।



# ସରକାରୀ ଆଇଟିଆଇ ଓ ଆର୍‌ଏସ୍‌ପିର ବୁଝାମଣାପତ୍ର ସ୍ୱାକ୍ଷରିତ

**ରାଉରକେଲା, ୨୯।୫(ସମିସ)**



ରାଉରକେଲା ଇସ୍ପାତ କାରଖାନା ଆର୍ଥିକ ବର୍ଷ ୨୦୨୬-୨୭ରେ 'ଡୁଆଲ୍ ସିଷ୍ଟମ୍ ଅଫ୍ ଟ୍ରେନିଂ' (ଡିଏସଟି) କାର୍ଯ୍ୟକାରୀ କରିବା ପାଇଁ ସରକାରୀ ଆଇଟିଆଇ, ରାଉରକେଲା ସହିତ ଏକ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଶିଳ୍ପର ଆବଶ୍ୟକତା ଅନୁଯାୟୀ ପ୍ରାୟ ୬୦୦ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଟ୍ରେଡ୍‌ରେ ଦକ୍ଷ କରି ଗଢ଼ିତୋଳିବା ଏହି ବୁଝାମଣା ପତ୍ରର ଲକ୍ଷ୍ୟ ରହିଛି। ୨୭ ମଇ ୨୭ରେ ଆର୍‌ଏସ୍‌ପିର ଏଲ୍ ଆଣ୍ଡ ଡି ସେଣ୍ଟରଠାରେ ମୁଖ୍ୟ ମହାପ୍ରବନ୍ଧକ (ଏଚ ଆର-ଏଲଆଣ୍ଡଡି ) ପିକେ ସାହୁ ଏବଂ ସରକାରୀ ଆଇଟିଆଇ, ରାଉରକେଲାର ଅଧକ୍ଷ ଉତ୍ତମ କୁମାର ପଟ୍ଟନାୟକଙ୍କ ଦ୍ୱାରା ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଡିଏସ୍‌ଟି ବ୍ୟବସ୍ଥା ଅଧୀନରେ କ୍ଲାସରୁମ୍ ଶିକ୍ଷା ସରକାରୀ ଆଇଟିଆଇରେ ପ୍ରଦାନ କରାଯିବ, ଯେତେବେଳେ କି ଛଅରୁ ନଅ ମାସ ପାଇଁ ବ୍ୟବହାରିକ ତଥା କାର୍ଯ୍ୟକ୍ଷେତ୍ରରେ ପ୍ରଶିକ୍ଷଣ ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଏବଂ କାର୍ଯ୍ୟ ୟୁନିଟ୍ ଗୁଡ଼ିକରେ କରାଯିବ। ଏହା ଦ୍ୱାରା ଫିଟର୍, ଇଲେକ୍ଟ୍ରିସିଆନ୍, ୱେଲ୍ଡର, ମେସିନିଷ୍ଟ/ଟର୍ନର, ଇନଷ୍ଟ୍ରୁମେଣ୍ଟ ମେକାନିକ୍, ଡିଜେଲ ମେକାନିକ୍ ଏବଂ କୋପା ଭଳି ଅନ୍ୟାନ୍ୟ ଟ୍ରେଡ୍‌ର ଛାତ୍ରଛାତ୍ରୀମାନେ ଉପକୃତ ହେବେ। କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ରର ପ୍ରତିଷ୍ଠାନଗୁଡ଼ିକ ମଧ୍ୟରେ ଶିଳ୍ପ ଅଭିଜ୍ଞତାକୁ ସମ୍ପ୍ରସାରିତ କରି ନିଯୁକ୍ତି-ଭିତ୍ତିକ ଦକ୍ଷତା ପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ଇସ୍ପାତ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ପରେ ଏହି ପଦକ୍ଷେପ ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆରଏସପି ପୂର୍ବରୁ ୧୬୭ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଚାରି ସପ୍ତାହର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳାଉଛି ଏବଂ ଆଗାମୀ ମାସଗୁଡ଼ିକରେ ଏହି ପ୍ରଶିକ୍ଷଣକୁ ଆହୁରି ବ୍ୟାପକ କରିବାକୁ ଯୋଜନା ରଖିଛି। ଏହି କାର୍ଯ୍ୟକ୍ରମ ବ୍ୟବହାରିକ ଶିଳ୍ପ ଅଭିଜ୍ଞତା ପ୍ରଦାନ କରିବ, ଶିଳ୍ପ ପାଇଁ ପ୍ରସ୍ତୁତ ମାନବ ସମ୍ବଳର ବିକାଶ କରିବ ଏବଂ ଜାତୀୟ ଦକ୍ଷତା ମିଶନକୁ ସମର୍ଥନ କରି ଏହି ଅଞ୍ଚଳରେ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

**୬୦୦ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଲକ୍ଷ୍ୟ**

# ଜିଲ୍ଲା ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର



**ରାଉରକେଲା, ୨୯।୫(ସମିସ):** ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସ୍ଦନ ପାଠାଗାର ଛେଣ୍ଡ ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଗାଳ୍ପିକ ଭୂପେନ ମହାପାତ୍ରଙ୍କ ସଭାପତିତ୍ୱ ଓ କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ 'ଆମ ସାହିତ୍ୟରେ ସାମ୍ୟବାଦର ଚିନ୍ତାଧାରା' ଶୀର୍ଷକରେ ଆଲୋଚନା ହୋଇଥିଲା। ମୁଖ୍ୟବକ୍ତା ଆଇନଜୀବୀ ସୁଶୀଲ କୁମାର ଜେନା କହିଲେ ଶ୍ରେଣୀ ହୀନ ସମାଜ ଗଠନ ଏବଂ ସାମାଜିକ ନ୍ୟାୟ ପ୍ରତିପାଦନ ହେଉଛି ସାମ୍ୟବାଦ ସାହିତ୍ୟର ଲକ୍ଷ୍ୟ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡ. ନାରାୟଣ ସନାପତି କହିଲେ ୧୯୩୬ ମସିହାରେ ଭଗବତୀ ପାଣିଗ୍ରାହୀଙ୍କ ପ୍ରତିଷ୍ଠିତ ନବଯୁଗ ସାହିତ୍ୟ ସଂସଦର ମୁଖପତ୍ର ଆଧୁନିକରୁ ସାମ୍ୟବାଦର ଯୁଗ ଆରମ୍ଭ ହୋଇ କବି ଅନନ୍ତ ପଟ୍ଟନାୟକ, କବି ସଚ୍ଚି ରାଉତରାୟ, କବି ମନମୋହନ ମିଶ୍ର, ଗୋଦାବରୀଶ ମହାପାତ୍ର, ରବି ସିଂଙ୍କ ଲେଖନୀରେ ଧନୀ ଦରିଦ୍ର ମଧ୍ୟରେ ଥିବା ତାରତମ୍ୟକୁ ବିରୋଧ କରାଯାଇଛି। ସମ୍ମାନିତ ବକ୍ତା ଇଂଅଭୟ କୁମାର ଦାସ କହିଲେ ବର୍ତ୍ତମାନ ସମୟ ଆସିଛି ଲେଖକ ଲେଖିକାମାନ ପୁଞ୍ଜିବାଦ ବିରୋଧରେ ଓ ଶୋଷଣ ମୁକ୍ତ ସମାଜ ଗଠନ କରିବ ଦିଗରେ ଲେଖନୀ ମାଧ୍ୟମରେ ମୁଖ୍ୟ ଭୂମିକା ଗ୍ରହଣ କରିବା ଉଚିତ୍। ବିଶିଷ୍ଟ ଗାଳ୍ପିକ ଆର୍ତ୍ତତ୍ରାଣ ମହାପାତ୍ର 'ଏଠି ଗୋଟେ ଗାଁ ଥିଲା' ଶୀର୍ଷକରେ ଏକ ସୁନ୍ଦର ସାମ୍ୟବାଦର ଗଳ୍ପ ପାଠ କରିଥିଲେ। କବି ନିରୁପମା ନାୟକ ମଞ୍ଚ ପରିଚାଳନା କରିଥିଲାବେଳେ କବି ସୁଶାନ୍ତ କୁମାର ନାୟକ ସମ୍ପାଦକୀୟ ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଶିଷ୍ଟ ସାହିତ୍ୟିକା ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ ଓ କବି ସୁଚିସ୍ମିତା ପଣ୍ଡାଙ୍କ ସଂଯୋଜନାରେ କବି ଉପେନ୍ଦ୍ର ବସ୍ତିଆ, ବଳରାମ ଦାଶ, ଜ୍ଞାନ ରଞ୍ଜନ ମିଶ୍ର, ଦେବେନ୍ଦ୍ର ବଳ, ସଂଗ୍ରାମ ସାମଲ, ବିଜୟନ ଲକ୍ଷ୍ମୀ ପଟ୍ଟନାୟକ, ପ୍ରତାପ କୁମାର ପଣ୍ଡା, କୁଞ୍ଜ ବିହାରୀ ରାଉତ ପ୍ରମୁଖ ୧୫ ଜଣ କବି କବିତା ପାଠ କରିଥିଲେ। ପଶୁପତି ନାଥ ଚାଟାର୍ଜୀ, ବ୍ରଜ କିଶୋର ପାଣି, ଲକ୍ଷ୍ମଣ କୁମାର ଦାଶ, ସୂର୍ଯ୍ୟମଣି ପଣ୍ଡା ସହଯୋଗ କରିଥିଲେ। ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଆର୍‌ଏସ୍‌ପି ପକ୍ଷରୁ ମାରାଥନ ଦୌଡ଼ାଳିଙ୍କୁ ପୁରସ୍କାର



**ରାଉରକେଲା, ୨୯।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗତ ଜାନୁଆରୀ ୨୪ ରେ ଆୟୋଜିତ 'ରାଉରକେଲା ହାଫ୍ ମାରାଥନ- ୨୦୨୫-୨୬'ର ପ୍ରଥମ ସଂସ୍କରଣରେ ୨୧.୧ କିଲୋମିଟର ବିଭାଗରେ ପ୍ରଥମ ତିନି ସ୍ଥାନ ଅଧିକାର କରିଥିବା ପାର୍ଶ୍ୱବର୍ତ୍ତି ଅଞ୍ଚଳର ବିଜେତା ଯୁବକଙ୍କୁ ମେ ୨୬ ତାରିଖରେ ପୁରସ୍କୃତ କରାଯାଇଛି। ଆରଏସପିର ସିଏସ୍‌ଆର୍ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡୁମେର୍ତ୍ତା ଗ୍ରାମର ସଞ୍ଜୟ କେରକେଟା, ଯିଏ ୧ ଘଣ୍ଟା ୩୫ ମିନିଟ୍ ୪୬ ସେକେଣ୍ଡରେ ଦୌଡ଼ ପୂରଣ କରିଥିଲେ, ତାଙ୍କୁ ପୂର୍ବରୁ ମିଳିଥିବା ୫୦୦୦ ଟଙ୍କା ବ୍ୟତୀତ ଅତିରିକ୍ତ ୪୬, ୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୧ ଘଣ୍ଟା ୩୯ ମିନିଟ୍ ୨୩ ସେକେଣ୍ଡରେ ଦୌଡ ପୂରଣ କରିଥିବା ମଧୁପୁର ଗ୍ରାମର ପୂର୍ଣ୍ଣ ମାଝୀଙ୍କୁ ୨୬, ୦୦୦ ଟଙ୍କା ଏବଂ ୧ ଘଣ୍ଟା ୪୪ ମିନିଟ୍ ୩୦ ସେକେଣ୍ଡରେ ଦୌଡ ପୂରଣ କରିଥିବା ଡୁମେର୍ତ୍ତା ଗ୍ରାମର ପଲ୍ ଅଭିନାଶ ଜାଟେଙ୍କୁ ୧୬, ୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏହାଛଡ଼ା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଅନ୍ୟ ୨୦ ଜଣ ଦୌଡ଼ାଳିଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ସିଏସ୍‌ଆର୍‌ର ଭାରପ୍ରାପ୍ତ ମହାପ୍ରବନ୍ଧକ ମୁନମୁନ ମିତ୍ର, ଉପ ମହାପ୍ରବନ୍ଧକ ପୁରୁଷୋତ୍ତମ ସାହୁ ଏବଂ ଅନ୍ୟାନ୍ୟ ସିଏସ୍‌ଆର୍ ଅଧିକାରୀଙ୍କ ଉପସ୍ଥିତିରେ ସିଜିଏମ୍ (ଟି.ଏସ ଆଣ୍ଡ ସି.ଏସ.ଆର) ଟିଜି କାନେକର ପୁରସ୍କାର ରାଶି ଏବଂ ଉପହାରଗୁଡ଼ିକ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗତ ଜାନୁଆରୀ ୨୪ ରେ ଆୟୋଜିତ 'ରାଉରକେଲା ହାଫ୍ ମାରାଥନ- ୨୦୨୫-୨୬'ର ପ୍ରଥମ ସଂସ୍କରଣରେ ଅନ୍ୟ ରାଜ୍ୟରୁ ଆସିଥିବା ୧୨୫୧ ଜଣ ଜାତୀୟସ୍ତରର ଦୌଡ଼ାଳି ଓ କିଛି ଆନ୍ତର୍ଜାତୀୟ ଆଥଲେଟ୍‌ଙ୍କ ସମେତ ୫୦୦୦ରୁ ଅଧିକ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। 'ଏମ୍ସ' ( ଆସୋସିଏସନ ଅଫ୍ ଇଣ୍ଟରନ୍ୟାସନାଲ ମାରାଥନସ ଆଣ୍ଡ ଡିଷ୍ଟାନ୍ସ ରେସେସ) ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମଟି ବେଶ୍ ସଫଳ ହୋଇଥିଲା ଏବଂ ଏଥିରେ ମାରାଥନର ବିଭିନ୍ନ ବିଭାଗର ବିଜେତାମାନଙ୍କୁ ମୋଟ ୭, ୭୦, ୮୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପ୍ରତିଯୋଗୀଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ରହିଥିଲା। ଯେଉଁଥିରେ ଶୀର୍ଷ ଦଶ ଜଣ ଦୌଡ଼ାଳିଙ୍କୁ ୫୦୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ତେବେ ସ୍ଥାନୀୟ ଯୁବକମାନଙ୍କର ଏଭଳି ଅସାଧାରଣ ପ୍ରଦର୍ଶନ ଏବଂ ପ୍ରତ୍ୟକ୍ଷ ଉତ୍ସାହ ଦେଖି ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏକ ସ୍ୱତଃସ୍ଫୂର୍ତ୍ତ ଏବଂ ପ୍ରେରଣାଦାୟୀ ନିଷ୍ପତ୍ତି ନେଇଥିଲେ। ସେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଏହି ବିଭାଗର ପୁରସ୍କାର ଗଠନକୁ ଜାତୀୟସ୍ତରର ପେସାଦାରମାନେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସର୍ବୋଚ୍ଚ ବିଭାଗ ସହିତ ସମକକ୍ଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଯୁବକମାନଙ୍କ ମଧ୍ୟରୁ ୨୧.୧ କିଲୋମିଟର ବିଭାଗରେ ପ୍ରଥମ ତିନି ସ୍ଥାନ ଅଧିକାର କରିଥିବା ବିଜେତାଙ୍କ ପାଇଁ ପୁରସ୍କାର ରାଶି ଯଥାକ୍ରମେ ୫୧, ୦୦୦ ଟଙ୍କା, ୩୧, ୦୦୦ ଟଙ୍କା ଏବଂ ୨୧, ୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା, ଯାହା ମାରାଥନର ଶୀର୍ଷ ତିନି ଦୌଡ଼ାଳିଙ୍କୁ ଦିଆଯାଇଥିବା ପୁରସ୍କାର ସହ ସମାନ ଥିଲା। ଏହି କ୍ରମରେ ଚଳିତମାସ ୨୬ ତାରିଖରେ ଉକ୍ତ ବିଜେତାଙ୍କୁ ଆର୍‌ଏସ୍‌ପି ପକ୍ଷରୁ ଘୋଷିତ ପୁରସ୍କାର ରଶି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି।

# ଆର୍‌ଏସ୍‌ପି ରିଫ୍ରାକ୍ଟୋରୀ ବିଭାଗର ଏକାଧିକ ରେକର୍ଡ ସ୍ଥାପନ



**ରାଉରକେଲା, ୨୯।୫(ସମିସ):** ରାଉରକେଲା ଇସ୍ପାତ କାରଖାନାର 'ରିଫ୍ରାକ୍ଟୋରିଜ୍ ଇଞ୍ଜିନିୟରିଂ ସର୍ଭିସେସ୍' ବିଭାଗ ଗତ ଆର୍ଥିକ ବର୍ଷ ୨୦୨୫-୨୬ରେ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଯାହା ପ୍ରମୁଖ ଇସ୍ପାତ ଉତ୍ପାଦନ ୟୁନିଟ୍ ଗୁଡ଼ିକରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବା ସହ କାରଖାନାକୁ ବହୁ ପରିମାଣର ଆର୍ଥିକ ଲାଭ ପ୍ରଦାନ କରିଛି। ଏସ୍‌ଏମ୍‌ଏସ-୨ କନଭର୍ଟରରେ ଏହି ବିଭାଗ ବାର୍ଷିକ ହାରାହାରି ୭, ୫୬୭ ହିଟ୍‌ସର ସର୍ବୋତ୍ତମ ଆୟୁଷ ହାସଲ କରିଛି। ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିବା ସହ ୩.୪୬ କୋଟି ଟଙ୍କାର ଆର୍ଥିକ ଲାଭ ପ୍ରଦାନ କରିଛି। ସେହିପରି ସିସିଏମ୍-୨ ଷ୍ଟିଲ୍ ଲାଡଲ୍ ୟୁନିଟ୍ ଜାନୁଆରୀ-୨୦୨୬ରେ ସର୍ବାଧିକ ୨୧୦ ହିଟ୍‌ସର ଷ୍ଟିଲ୍ ଲାଡଲ୍ ଆୟୁଷ ରେକର୍ଡ କରି ଅସାଧାରଣ ସଫଳତା ଦେଇଛି, ଯାହା ସମଗ୍ର 'ସେଲ୍‌ଫ' କାରଖାନା ଗୁଡ଼ିକ ମଧ୍ୟରେ ସର୍ବୋତ୍ତମ ପ୍ରଦର୍ଶନ ଭାବେ ପରିଗଣିତ ହୋଇଛି ଏବଂ ଏହାଦ୍ୱାରା ୨୩.୩୫ ଲକ୍ଷ ଟଙ୍କାର ଆର୍ଥିକ ଲାଭ ମିଳିଛି। ସିସିଏମ୍-୨ ବାର୍ଷିକ ହାରାହାରି ୧୪୭ ହିଟ୍‌ସର ସର୍ବକାଳୀନ ଶ୍ରେଷ୍ଠ ଷ୍ଟିଲ୍ ଲାଡଲ୍ ଆୟୁଷ ମଧ୍ୟ ହାସଲ କରିଛି, ଯାହା ସେଲ୍‌ଫ ମଧ୍ୟରେ ଆଉ ଏକ ଶ୍ରେଷ୍ଠ ସଫଳତା ଅଟେ। ଏହା ରେଫ୍ରାକ୍ଟୋରୀ ସ୍ଥାୟିତ୍ୱ କ୍ଷେତ୍ରରେ କାରଖାନାର ନେତୃତ୍ୱକୁ ଅଧିକ ମଜବୁତ କରିଛି। ଆରଏଚ୍-ଓବି ୟୁନିଟ୍ ବାର୍ଷିକ ହାରାହାରି ୧୫୦ ହିଟ୍‌ସର ସର୍ବୋତ୍ତମ ଆୟୁଷ ରେକର୍ଡ କରିଛି, ଯାହା ସେଲ୍‌ଫ ମଧ୍ୟରେ ସର୍ବଶ୍ରେଷ୍ଠ ଏବଂ ଏହାଦ୍ୱାରା ୩୭.୫୦ ଲକ୍ଷ ଟଙ୍କାର ଆର୍ଥିକ ଲାଭ ହୋଇଛି। ସେହିଭଳି ଏସ୍‌ଏମ୍‌ଏସ୍-୧ କନଭର୍ଟରରେ, ବିଭାଗ ପକ୍ଷରୁ ଫେବୃଆରୀ ୨୦୨୬ ମଧ୍ୟରେ କନଭର୍ଟର-କ୍ୟୁରେ ୨, ୧୭୨ ହିଟ୍‌ସର ସର୍ବାଧିକ କନଭର୍ଟର ଆୟୁଷ ହାସଲ କରାଯାଇଛି, ଯାହା ୪୩.୧୯ ଲକ୍ଷ ଟଙ୍କାର ଆର୍ଥିକ ଲାଭ ଆଣିଦେଇଛି। ଏହା ସହିତ ସିସିଏମ-୧ ଷ୍ଟିଲ୍ ଲାଡଲ୍ ବାର୍ଷିକ ହାରାହାରି ୯୧ ହିଟ୍‌ସର ସର୍ବୋତ୍ତମ ଆୟୁଷ ହାସଲ କରିଛି, ଯାହା ବିଭାଗର ନିରନ୍ତର ଉତ୍କର୍ଷତାକୁ ଅଧିକ ପ୍ରମାଣିତ କରୁଛି। ଏହି ସମସ୍ତ ପ୍ରଦର୍ଶନ ରେଫ୍ରାକ୍ଟୋରୀ ବିଭାଗର ବୈଷୟିକ ଜ୍ଞାନକୌଶଳ, ପ୍ରକ୍ରିୟା ଉନ୍ନତୀକରଣ କ୍ଷମତା ଏବଂ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ପ୍ରତି ଥିବା ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଅଟେ, ଯାହା ରାଉରକେଲା ଇସ୍ପାତ କାରଖାନାକୁ ସେଲ୍‌ଫ ଗ୍ରୁପ୍ ମଧ୍ୟରେ ବୈଷୟିକ-ଅର୍ଥନୈତିକ ଦକ୍ଷତାରେ ଏକ ଅଗ୍ରଣୀ ଭାବେ ସ୍ଥାପିତ କରିଛି।

# ଉଦିତ୍‌ନଗରରେ କ୍ୟାରାଟଲେନ୍ ଶୋ'ରୁମ୍ ଉଦ୍‌ଘାଟିତ



**ରାଉରକେଲା, ୨୯।୫(ସମିସ):** ଭାରତର ଅଗ୍ରଣୀ ଓମ୍ନି-ଚ୍ୟାନେଲ୍ ଅଳଙ୍କାର ବ୍ରାଣ୍ଡ କ୍ୟାରାଟଲେନ୍ ତାର ରାଉରକେଲା ବିଶ୍ରା ରୋଡରେ ଥିବା ଷ୍ଟୋରକୁ ଉଦିତନଗର ସ୍ଥିତ ଏକ ନୂତନ ନବୀକୃତ, ବୃହତ୍ତ ଶୋ'ରୁମକୁ ସ୍ଥାନାନ୍ତରିତ କରିଛି। ୫, ୦୦୦ ବର୍ଗ ଫୁଟ ପରିବ୍ୟାପ୍ତ ଏହି ନୂତନ ଶୋ'ରୁମକୁ ପାରମ୍ପରିକ କୋଇଲା ଭାଙ୍ଗି ହୀରା ବାହାର କରି ଉଦ୍‌ଘାଟନ କରାଯାଇଥିଲା। କ୍ୟାରାଟଲେନର ପରିଚାଳନା ନିର୍ଦ୍ଦେଶକ ସୌମେନ ଭୌମିକ ଉଦ୍‌ଘାଟନ କରିଥିଲେ। ପାର୍କିଂ ଏବଂ ଟ୍ରାଫିକ ସମସ୍ୟା ଯୋଗୁଁ ଏହି ଷ୍ଟୋରକୁ ବିଶ୍ରା ରୋଡରୁ ଉଦିତନଗରର ନୂତନ ବୃହତ୍ତ ଷ୍ଟୋରକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଷ୍ଟୋରରେ ୩ ହଜାରରୁ ଊର୍ଦ୍ଧ୍ୱ ବିଭିନ୍ନ ଆକର୍ଷଣୀୟ ଡିଜାଇନର ହୀରା ଓ ସୁନା ଅଳଙ୍କାର ଉପଲବ୍ଧ ଅଛି ବୋଲି ନିର୍ଦ୍ଦେଶକ ସୌମେନ ଭୌମିକ ସୂଚନା ଦେଇଥିଲେ। ପୂର୍ବାଞ୍ଚଳ ମାର୍କେଟିଂ ଅଧିକାରୀ ଶ୍ରୀଜୟୀ ଦତ୍ତା ଏହି ଷ୍ଟୋରରେ ବହୁ ଦର୍ଶକ ଏବଂ ବିଭିନ୍ନ ଅବସର ପାଇଁ ପିଲାମାନଙ୍କ ପାଇଁ ଅତି କମରେ ୫ ହଜାର ଟଙ୍କା ଅଳଙ୍କାର ଏବଂ ପ୍ରାକୃତିକ ହୀରା ସହିତ ଉପହାର ଦେବା ପାଇଁ ପ୍ରଚୁର ବିକଳ୍ପ ଉପଲବ୍ଧ ହେବ ବୋଲି କହିଛନ୍ତି।

# ଓସିଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରଜ୍ଞାପାରମିତା, ସନ୍ଦୀପ ସମ୍ବର୍ଦ୍ଧିତ



**ବଣାଇଁ, ୨୯।୫(ସମିସ):** ଓଡ଼ିଶା ସିଭିଲ ସର୍ଭିସ୍(ଓସିଏସ୍) ପରୀକ୍ଷା-୨୦୨୪ରେ ୨୯ତମ ସ୍ଥାନ ଅଧିକାର କରିଥିବା ବଣାଇଁଗଡ଼ ସହର ଜଗନ୍ନାଥପୁର ସାହିର ପ୍ରଜ୍ଞାପରମିତା ନାଏକ ଏବଂ ଲହୁଣୀପଡ଼ା ବ୍ଲକ ଶରଧାପୁର ଗ୍ରାମର ସନ୍ଦୀପ କୁମାର ମହାନ୍ତଙ୍କୁ ଶନିବାର ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ଉପଜିଲ୍ଲାପାଳ ଅଶୋକ କୁମାର ଦାସ ମିଳିତ ଭାବେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ପାଇଁ ବିଧାୟକ ଏବଂ ଉପଜିଲ୍ଲାପାଳ ଉଭୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଜନସେବା ହେଉଛି ପ୍ରଶାସନର ମୂଳଲକ୍ଷ୍ୟ। ସମାଜର ଶିଶୁ, ମହିଳା ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ଉପଜିଲ୍ଲାପାଳ କହିଥିଲେ। ଏହି ଅବସରରେ ବଣାଇ ବିଡ଼ିଓ ଦିବ୍ୟ ଶଙ୍କର ଜୟପୁରିଆ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତି, ଶିବାଙ୍ଗି ଆନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ସୁଶୀଳା ମୁଣ୍ଡା ଉପସ୍ଥିତ ଥିଲେ।

# ଯାତ୍ରୀବାହୀ ଅଟୋକୁ ଧକ୍କା ଦେଲା ବାଇକ୍; ୩ ଗୁରୁତର

**ଲହୁଣୀପଡ଼ା, ୨୯।୫(ସମିସ):** ଲହୁଣୀପଡ଼ା ଥାନା ରାଜାମୁଣ୍ଡା-ଲହୁଣୀପଡ଼ାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଗୁଡିଆଲି କିସାନ ସାହି ଛକ ନିକଟରେ ଏକ ବାଇକ ଅଟୋକୁ ସାମ୍ନାପଟରୁ ଧକ୍କା ଦେବାରୁ ଅଟୋରେ ବସିଥିବା ୨ ନାବାଳକ ଭାଇ ଭଉଣୀ ସମେତ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଗୁରୁତର ଆହତଙ୍କ ମଧ୍ୟରେ ସ୍ୱାଧିନ କିଷାନ(୧୩) ଏବଂ କଣ୍ଡେଇ କିଷାନ(୭) ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ବୁଢ଼ୀକୁଟୁଣୀ ଗ୍ରାମର ରଣଜିତ କିଷାନ ତାଙ୍କ ପରିବାର ସହ ନିଜସ୍ୱ ଅଟୋ(ଓଡି ୧୪ ସି ୮୧୧୪) ଯୋଗେ ଲହୁଣୀପଡ଼ାରୁ ଘରକୁ ଫେରୁଥିବା ବେଳେ ତାଲବାହାଲି ଗ୍ରାମର ସୁମେଇ ଓରାମ(୫୦) ଏବଂ ସମ୍ପର୍କୀୟା ଭାଇ ସମ୍ବାରୁ ଓରାମ ବାଇକ(ଓଡି ୧୪ ଏସ ୫୩୬୨) ଯୋଗେ ତାଲବାହାଲି ପଟୁ ରାଜାମୁଣ୍ଡା ପଟେ ଦୃତ ଗତିରେ ଆସୁଥିଲେ। ଗୁଡ଼ାଆଲି କିଷାନ ସାହି ଛକରେ ଯାତ୍ରୀବାହୀ ଅଟୋକୁ ବାଇକ୍‌ଟି ସମ୍ମୁଖରୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ବସିଥିବା ସ୍ୱାଧିନ ଓ ତାଙ୍କ ଭଉଣୀ କଣ୍ଡେଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ୨ ଭାଇ ଭଉଣୀଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରିଥିବା ଜଣାପଡ଼ିଛି। ସେପଟେ ବାଇକ ଚାଳକ ସମେଇ ଓରାମଙ୍କୁ ମଧ୍ୟ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ପତ୍ନୀଙ୍କୁ ପିଟିପିଟି ହତ୍ୟା; ସ୍ୱାମୀ ଗିରଫ

**ରାଉରକେଲା, ୨୯।୫(ସମିସ):** ପାରିବାରିକ କଳହରୁ ସ୍ୱାମୀ ତାର ପତ୍ନୀକୁ ଲାଠିରେ ପିଟି ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ମୃତ ମହିଳା ହେଉଛନ୍ତି କ୍ରିଷ୍ଣା ନାଏକ(୩୪)। ସୂଚନାନୁଯାୟୀ, ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ମୁଣ୍ଡାପଡ଼ା ବସ୍ତିରେ ବାସ କରୁଥିବା ପିଙ୍କୁ କିଷାନ ଏବଂ ପତ୍ନୀ କ୍ରିଷ୍ଣା ନାଏକଙ୍କ ମଧ୍ୟରେ ପାରିବାରିକ କଳହକୁ କେନ୍ଦ୍ର କରି ଗତ ୨୮ ତାରିଖ ରାତିରେ ପାଟିତୁଣ୍ଡ ହୋଇଥିଲା। ପରେ ତାହା ଉଗ୍ର ରୂପ ଧାରଣ କରିଥିଲା। ଏଥିରେ ପିଙ୍କୁ କ୍ଷୁବ୍ଧ ହୋଇ ଏକ ଲାଠି ସାହାଯ୍ୟରେ ପିଟି ପିଟି ତାର ପତ୍ନୀ କ୍ରିଷ୍ଣାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଫଳରେ କ୍ରିଷ୍ଣାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା କ୍ରିଷ୍ଣାଙ୍କ ପିତା ସୁନ୍ଦରଗଡ଼ ନିବାସୀ ଭ୍ରମରବର ନାଏକ ଏନେଇ ଟାଉନ ଥାନାରେ ଏତଲା ଦେଇଥିଲେ। ଟାଉନ ଥାନା ପୁଲିସ ଏବଂ ସାଇଣ୍ଟିଫିକ୍ ଅଫିସର ମୁଣ୍ଡାପଡ଼ାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ହତ୍ୟାକାରୀ ପିଙ୍କୁ କିଷାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

## ମହିଳା ବିଜେଡିର ନାରୀ ଅଧିକାର ଅଭିଯାନ

# 'ଆଚ୍ଛା ଦିନ୍ ନାଁରେ ଡବଲ ଇଞ୍ଜିନ୍ ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି'




**ରାଉରକେଲା, ୨୯।୫(ସମିସ)**

ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ରାଉରକେଲା ବିଜୁ ମହିଳା ଜନତା ଦଳ ତରଫରୁ ନାରୀ ଅଧିକାର ଅଭିଯାନ ରାଉରକେଲାରେ ଅନୁଷ୍ଠିତ ହୋଇଛି। କେନ୍ଦ୍ର ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଅମଳରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ଏବଂ ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ବିଜେପି ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରା ଉଦିତନଗର ସ୍ଥିତ ମା ସିଙ୍ଘାସିନୀ ମନ୍ଦିର ଠାରୁ ବାହାରି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଉରକେଲା ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବିଜେଡି ସଭାନେତ୍ରୀ ସଂଧ୍ୟା ଲାକ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ

ପ୍ରଥମେ ବିଜୁ ଜନତା ଦଳର ଯୁବନେତା ଶଙ୍କର ଅବୁନିଙ୍କ ନିଧନ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ ଯୋଗଦେଇ ଡବଲ ଇଞ୍ଜିନ ସରକାର ମହିଳାମାନଙ୍କୁ ଅଣଦେଖା କରୁଛି, କେନ୍ଦ୍ର ସରକାର ୩୩ ପ୍ରତିଶତ ଆରକ୍ଷଣ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବେଳେ ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ନବୀନ ବାବୁଙ୍କ ସରକାର ସମୟରେ ଓଡ଼ିଶାର ସାଧାରଣ ଲୋକମାନେ ଅତ୍ୟନ୍ତ ସୁଖ, ଶାନ୍ତିରେ ଜୀବନଜାପାନ କରୁଥିବା ବେଳେ ଏବେ ଲୋକମାନେ ଡବଲ ଇଞ୍ଜିନ ସରକାର ଶୋଷଣ ଶୀକାର ହୋଇଛନ୍ତି। ଆଜି ରନ୍ଧନ ଗ୍ୟାସ ସିଲିଣ୍ଡର, ପେଟ୍ରୋଲ ଦାମ ଆକାଶ ଛୁଆଁ ହୋଇ ସବୁ ଜିନିଷର ଦରଦାମ ବୃଦ୍ଧିହୋଇଛି। ଆଚ୍ଛା ଦିନ ନାଁରେ ଡବଲ ଇଂଜିନ୍ ସରକର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କହିଛନ୍ତି। ବିଧାୟକ ସାରଦା ପ୍ରସାଦ ନାୟକ ବିଜୁ ସ୍ୱାସ୍ଥ୍ୟ କାର୍ଡ ଭଳି ପୂର୍ବ ସରକାରଙ୍କ ଲୋକାମୁଖୀ ଯୋଜନା ଗୁଡିକ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି ବୋଲି କହିଥିଲେ। ଜିଲ୍ଲା ସଭାନେତ୍ରୀ ସନ୍ଧ୍ୟା ଲାକ୍ରା, ରାଉରକେଲା ସଭାନେତ୍ରୀ ଜ୍ୟୋସ୍ନା ନାୟକ, ପୂର୍ବତନ ପୌରଧକ୍ଷା ରଶ୍ମିବାଳା ମିଶ୍ର, ଛବି ମହାନ୍ତି, ଜୟଶ୍ରୀ ପାଣିଗ୍ରାହୀ, ସୁନନ୍ଦା ସେନାପତି, ଆରତି ଚୌଧୁରୀ, ତାରିଣୀ ସେଠୀ, ପ୍ରତିଭା ଦାସ, ବୀଣା କୁଜୁର, ରୀତା ସାମଲ, ରାଉରକେଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବରିଷ୍ଠ ନେତା ବିରେନ ସେନାପତି, ଗଗନ ପଣ୍ଡା, ସନ୍ତୋଷ ନାୟକ, ଜୟନ୍ତ କୁମାର ମିଶ୍ର, ପ୍ରଶାନ୍ତ ସେଠୀ, ବ୍ରିଜେଶ ମାହାନ୍ତୋ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଗାନ୍ଧୀ ପଣ୍ଡା, ଯୁବନେତା ବୁବୁଲି ରାଉତ, ବାବୁ ଖାନ, ସୁବାଷ ସ୍ୱାଇଁ, ସଞ୍ଜିପ୍ତ ଛୋଟରାୟ, ପିଙ୍କୁ ଜୟସ୍ୱାଳ, କାବୁଲି ପ୍ରତିହାରୀ, ସୁଧାଂଶୁ ସାମଲ, କୃଷ୍ଣ ଚନ୍ଦ୍ର ଭଞ୍ଜ, ମାନସ ମହାନ୍ତି, ଶିତୁ ସାମଲ, ପିତବାସ କାଣ୍ଡି, ପ୍ରଶାନ୍ତ ନାୟକ, ରାହୁଲ ମହାନ୍ତି, ପ୍ରକାଶ ଧଳ, ସତ୍ୟବତୀ ବିଭାର, ସପନା ରାଉତରାୟ, ପଦ୍ମା ରାଓ, ଚନ୍ଦନ ତରାଇ, ସୀତା ପ୍ରଧାନ, କଲ୍ୟାଣୀ ଲେଙ୍କା, ସୋନି କୌର, ରଜଞ୍ଜିରି ରାଉତ, ରୀତା ସାମଲ, କବିତା ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

# ଦାରୁ ବିଗ୍ରହଙ୍କ ରଥ ପାଇଁ କାଠ ଅଭାବ

ନୟାଗଡ଼,୨୯ ।୫(ସମିସ)

ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ପାଇଁ ରଥକାଠ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ରଥକାଠ ଯୋଗାଡ଼ ପାଇଁ ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି। ପବିତ୍ର ଘୋଷଯାତ୍ରା ପାଇଁ ଆବଶ୍ୟକ ଅନୁସାରେ ନୟାଗଡ଼ ବନଖଣ୍ଡରୁ ଦୀର୍ଘବର୍ଷ ଧରି କାଠ ଯୋଗାଇ ଦିଆଯାଉଥିବା ବେଳେ କିଛିବର୍ଷ ହେବ କାଠ ସମସ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ନୟାଗଡ଼ ବନଖଣ୍ଡ ଅଧୀନ ଦଶପଲ୍ଲା ବନାଞ୍ଚଳ ପକ୍ଷରୁ ଗଣିଆ ବ୍ଲକ ବଡ଼ରାଉଳ ପୀଠରେ ରଥକାଠ ଅନୁକୂଳ କରାଯାଇ ପରମ୍ପରାକୁ ବଞ୍ଚାଇ ରଖାଯାଇଥିବା ବେଳେ ଚଳିତ ବର୍ଷ ରଥକାଠ ୧୧ଟି ବନଖଣ୍ଡରୁ ସଂଗ୍ରହ ହୋଇଛି। ନୟାଗଡ଼ ବନଖଣ୍ଡ ସମେତ ଘୁମୁସର ଉତ୍ତର, ଘୁମୁସର ଦକ୍ଷିଣ, ବୌଦ୍ଧ, ରେଢ଼ାଖୋଲ, ଢେଙ୍କାନାଳ, ବାଲିଗୁଡ଼ା, ଆଠଗଡ଼, ଅନୁଗୋଳ, ସୁବର୍ଣ୍ଣପୁର, ଭୁବନେଶ୍ୱର ସିଟି ଡିଭିଜନ୍ ଏବେ ରଥପାଇଁ କାଠ ଯୋଗାଉଛନ୍ତି।

- ଆବଶ୍ୟକତା ମେଣ୍ଟାଇଲେ ୧୧ ବନଖଣ୍ଡ
- ଆଗକୁ ସୃଷ୍ଟି ହେବ ଜଟିଳ ପରିସ୍ଥିତି
- ପଦକ୍ଷେପ ଗ୍ରହଣ କରନ୍ତୁ ସରକାର

୨୦୨୬ ରଥଯାତ୍ରା ପାଇଁ ୮୧୮ ଖଣ୍ଡ କାଠ ଆବଶ୍ୟକ ଥିଲା। ସ' ମିଲ୍ ପାଇଁ ୪୦୨ ଖଣ୍ଡ ଏବଂ ରଥଖଳାକୁ ୪୧୬ ଖଣ୍ଡ କାଠ ପଠାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। ଏହି କାଠଗୁଡ଼ିକ ମଧ୍ୟରେ ୧୨ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଅସନ ୨୨୦ ଖଣ୍ଡ, ୧୨ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଧଉରା ୨୧୪ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଅସନ ୯୦ ଖଣ୍ଡ, ୨୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଧଉରା ୧୦୧ ଖଣ୍ଡ, ୨୦ ଫୁଟ ଲମ୍ବ ୪ ଫୁଟ ଚଉଡ଼ା ଧଉରା ୧୨ ଖଣ୍ଡ, ୨୦ ଫୁଟ ଲମ୍ବ ୬ ଫୁଟ ଚଉଡ଼ା ଧଉରା ୬ ଖଣ୍ଡ, ୪୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଅସନ ୩୦ ଖଣ୍ଡ, ୪୦ ଫୁଟ ଲମ୍ବ ୩ ଫୁଟ ଚଉଡ଼ା ଧଉରା ୪୩ ଖଣ୍ଡ, ୪୦ ଫୁଟ ଲମ୍ବ ୩.୬ ଫୁଟ ଚଉଡ଼ା ଧଉରା ୨୧ ଖଣ୍ଡ, ୪୦ ଫୁଟ ଲମ୍ବ ୪ ଫୁଟ ଚଉଡ଼ା ଧଉରା ୬ ଖଣ୍ଡ, ୧୪ ଫୁଟ ଲମ୍ବ ୬ ଫୁଟ ଚଉଡ଼ା ଫାଶି ୭୨ ଖଣ୍ଡ, ୧୪ ଫୁଟ ଲମ୍ବ ୬ ଫୁଟ ଚଉଡ଼ା ଶିମୁଳି ୩ ଖଣ୍ଡ ଅବଶ୍ୟକ ଥିଲା। ରଥଯାତ୍ରା ପାଇଁ ସ' ମିଲ ଏବଂ ରଥଖଳାକୁ ୮୧୬ ଖଣ୍ଡ କାଠ ପଠାଯାଇଥିବା ସୂଚନା ମିଳିଛି।

ଏହି କାଠ ମଧ୍ୟରୁ ନୟାଗଡ଼ ବନଖଣ୍ଡ ପକ୍ଷରୁ ୨୪୦ ଖଣ୍ଡ ପଠାଯାଇଥିବା ବେଳେ ବୌଦ୍ଧ ବନଖଣ୍ଡ ପକ୍ଷରୁ ୨୭୮, ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ୧୧୮, ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ୭୨, ରେଢ଼ାଖୋଲ ବନଖଣ୍ଡ ପକ୍ଷରୁ ୮୮, ବାଲିଗୁଡା ବନଖଣ୍ଡରୁ ୨୩, ସୁବର୍ଣ୍ଣପୁର ବନଖଣ୍ଡରୁ ୫, ଭୁବନେଶ୍ୱର ବନଖଣ୍ଡରୁ ୨, ଅନୁଗୋଳରୁ ୨, ଢେଙ୍କାନାଳ ବନଖଣ୍ଡ ପକ୍ଷରୁ ୫, ଆଠଗଡ ବନଖଣ୍ଡ ପକ୍ଷରୁ ଖଣ୍ଡେ କାଠ ଯୋଗାଇ ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ତିନି ଦଶନ୍ଧି ମଧ୍ୟରେ ନୟାଗଡ଼ ବନଖଣ୍ଡକୁ ଜଗନ୍ନାଥ ରଥକାଠ ପ୍ରକଳ୍ପ ନାଁରେ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ନୟାଗଡ଼ ବନଖଣ୍ଡରେ ଆବଶ୍ୟକତା ଅନୁସାରେ କାଠ ସଂଗ୍ରହ ହୋଇପାରୁନାହିଁ। ଫଳରେ ରଥକାଠ ପାଇଁ ନିକଟସ୍ଥ ବନଖଣ୍ଡଗୁଡ଼ିକ ଉପରେ ଚାପ ପଡୁଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଆଗାମୀ କିଛି ବର୍ଷ ପରେ ରଥକାଠ ସମସ୍ୟା ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏବର୍ଷ ୧୧ ବନଖଣ୍ଡରୁ ରଥକାଠ ସଂଗ୍ରହ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ବନଖଣ୍ଡରୁ କାଠ ସଂଗ୍ରହ କରିବାକୁ ପଡ଼ିବ ବୋଲି ଅନୁମାନ କରାଯାଉଛି।

- ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

# ସେପ୍ଟେମ୍ବର ୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ



ନୟାଗଡ଼,୨୯ ।୫(ସମିସ): ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ନୟାଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଉପରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଭାରତ ନିର୍ବାଚନ ଆୟୋଗ ଜୁଲାଇ ୧କୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଅଭିଯାନ ଓଡ଼ିଶାରେ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାର ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଓ ଅଦ୍ୟତନ କରିବା। ଏଥିପାଇଁ ମେ ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଭୋଟରମାନେ ଏହି ଦୁଇ ଫର୍ମ ସଠିକ ଭାବେ ପୂରଣ କରିବେ ଓ ଗୋଟିଏ କପି ନିଜ ପାଖରେ ରଖି ଅନ୍ୟ କପି ବିଏଲଓଙ୍କୁ ପ୍ରଦାନ କରିବେ। ତେଣୁ ସମସ୍ତ ଭୋଟର ବିଏଲଓଙ୍କୁ ସହଯୋଗ କରନ୍ତୁ ଓ ସଠିକ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଜିଲ୍ଲାପାଳ କହିଛନ୍ତି। ସମସ୍ତ ଫର୍ମ ସଂଗ୍ରହ କରି ପରେ ଖସଡ଼ା ନିର୍ବାଚନୀ ତାଲିକା ପ୍ରସ୍ତୁତ କରାଯାଇ ପ୍ରତି ବୁଥ, ଇଆରଓଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରେ ଜୁଲାଇ ୫ ତାରିଖ ପ୍ରକାଶନ କରାଯିବ। ସମସ୍ତ ଭୋଟର ନିଜ ନାମ ନିର୍ବାଚନୀ ତାଲିକାରେ ଯାଞ୍ଚ କରିବେ ଓ ତ୍ରୁଟି ଥିଲେ ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଦାଖଲ କରିବେ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ମଧ୍ୟରେ ନୋଟିସ ଦେଇ ଦାବି ଓ ଆପତ୍ତିର ଶୁଣାଣି କରାଯିବ। ସେପ୍ଟମ୍ବର ୬ରେ ଅନ୍ତିମ ନିର୍ବାଚନୀ ତାଲିକା ପ୍ରକାଶନ କରାଯିବ। ଜିଲ୍ଲାର ସମସ୍ତ ଭୋଟର ବିଏଲଓ, ବିଏଲଏ ଓ ସ୍ୱେଚ୍ଛାସେବୀଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଡେପୁଟି କଲେକ୍ଟର ଶିବାନୀ ରାଉତ, ତପସ୍ୱିନୀ ହାଁସଦା, ସନ୍ତୋଷ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବେରୁଆଁବାରୀରେ ଚାଷୀ ସଚେତନତା ଶିବିର

ନୂଆଗାଁ,୨୯ ।୫(ସମିସ): ରାସାୟନିକ ସାର ବହୁଳ ବ୍ୟବହାର ଦ୍ୱାରା ମାଟି ଉପରେ ପଡୁଥିବା କୁପ୍ରଭାବ ଯୋଗୁଁ ମାଟିରେ ଥିବା ଉପକାରୀ ଜୀବାଣୁ ସଂଖ୍ୟା କମିଯାଇ ଉର୍ବରତା ଉପରେ ଖରାପ ପ୍ରଭାବ ପଡୁଛି। ଏଥିସହ ସାର ପାଇଁ ସରକାରଙ୍କ ତରଫରୁ ପ୍ରତିବର୍ଷ ଯାଉଥିବା ରିଆତି ଅର୍ଥ ଦେଶର ଅର୍ଥନୀତି ଉପରେ ବୋଝ ହେଲାଣି। ଏହାକୁ ପ୍ରତିହିତ କରିବା ପାଇଁ ଶୁକ୍ରବାର ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ବେରୁଆଁବାରୀରେ ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ନୂଆଗାଁ କୃଷି ବିଭାଗ ଏବଂ ଇଫକୋ କମ୍ପାନୀ ମିଳିତ ସହଯୋଗରେ ସନ୍ତୁଳିତ ସାର ବ୍ୟବହାର ଏବଂ ସମନ୍ୱିତ ଖାଦ୍ୟସାର ପରିଚାଳନା ଉପରେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୧୦୦ରୁ ଅଧିକ କୃଷକ ଯୋଗଦେଇଥିବା ବେଳେ କୃଷକମାନେ ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଶେଷରେ କୃଷକମାନଙ୍କ ସହ ଆଲୋଚନା କରାଯାଇ ସେମାନଙ୍କ ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ବିଷୟରେ ମତାମତ ନିଆଯାଇଥିଲା।

# ନୂତନ ଏବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭାପୁର,୨୯ ।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ନୂତନ ଏବିଇଓ ଭାବେ ଯଶୋଦା ସାହୁ ଯୋଗଦେଇଛନ୍ତି। ପୂର୍ବରୁ ଏଠାରେ ସହଶିକ୍ଷା ଅଧିକାରୀ ଥିବା ସନ୍ତୋଷ କୁମାର କରଙ୍କ ସ୍ଥାନରେ ସେ ଆସିଛନ୍ତି। ସନ୍ତୋଷ କୁମାର କରଙ୍କ ବଦଳି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକକୁ ହୋଇଥିଲା ବେଳେ ସେହି ବାଲିପାଟଣା ବ୍ଲକର ସହ ଶିକ୍ଷା ଅଧିକାରିଣୀ ଥିବା ଯଶୋଦା ସାହୁଙ୍କ ବଦଳି ଭାପୁର ବ୍ଲକକୁ ହୋଇଛି। ଶୁକ୍ରବାର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଭାପୁର ବ୍ଲକ ସଭାପତି ପ୍ରକାଶ ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ ଓ ରାଜ୍ୟ ସମ୍ପାଦକ ବିଭୁପ୍ରସାଦ ସାହୁଙ୍କ ନେତୃତ୍ୱରେ ଶିକ୍ଷକ ଦୁର୍ବାଶା ସାମଲ, ଚିତ୍ତରଞ୍ଜନ ପଣ୍ଡା, ବସନ୍ତ ଖଟୁଆ, ପ୍ରତାପ ସ୍ୱାଇ, ବିରଞ୍ଚି ନାରାୟଣ ବେହେରା, ଶିକ୍ଷୟିତ୍ରୀ ଛବିତା ଜାଲି ଏବିଇଓ ସାହୁଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।

# ଦୁର୍ଘଟଣାରେ ଜଣେ ମୃତ

ନୂଆଗାଁ,୨୯ ।୫(ସମିସ): ନୂଆଗାଁ ଥାନା ଆମ୍ବଝରୀ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଲକ୍ଷ୍ମୀଧର ଡାକୁଆ ଓ ଆହତ କାଳିଆ ଡାକୁଆ ବୋଲି ଜଣାପଡ଼ିଛି। ଉଭୟ ବାଇକରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନୟାଗଡ଼ ମେଡିକାଲ ପଠାଇଥିଲେ। ସେଠାରେ ଲକ୍ଷ୍ମୀଧରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନୂଆଗାଁ ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଲୁଆ ସହ ବାଇକ ଧକ୍କା: ସାମ୍ବାଦିକ ଆହତ

ଭାପୁର,୨୯ ।୫(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ କାର୍ଯ୍ୟରତ ଯୁବ ସାମ୍ବାଦିକ ସତ୍ୟବ୍ରତ ପଟ୍ଟନାୟକଙ୍କ ବାଇକ ସହ ଏକ ବିଲୁଆ ଧକ୍କା ହେବାରୁ ସେ ବାଇକରୁ ପଡି ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସତ୍ୟବ୍ରତ କୌଣସି କାମରେ ଭାପୁର ବ୍ଲକ ଛେଳିଆ ଗ୍ରାମକୁ ଯାଇଥିଲେ। ଫେରିବା ବେଳେ ଛେଳିଆ ଗ୍ରାମ ରାସ୍ତାର ଏକ ବୁଦା ଭିତରୁ ଗୋଟିଏ ବିଲୁଆ ବାହାରି ଆସି ତାଙ୍କ ବାଇକ ସହ ଧକ୍କା ହୋଇଥିଲା। ଫଳରେ ସେ ବାଇକରୁ ଛିଟିକି ପଡ଼ିଥିଲେ। ତାଙ୍କ ଡାହାଣ ହାତ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ଭାପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

# ମୁଖ୍ୟ ବନସଂରକ୍ଷକଙ୍କ ନୟାଗଡ଼ ଗସ୍ତ

ଓଡ଼ଗାଁ,୨୯ ।୫(ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ରାଜ୍ୟ ପ୍ରଧାନ ବନ ସଂରକ୍ଷକ କେ. ମୁରୁଗେସନ ଏବଂ ଭୁବନେଶ୍ୱର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ଅର୍ଥନାରୀ ଶୁକ୍ରବାର ନୟାଗଡ଼ ଜିଲ୍ଲା ଗସ୍ତରେ ଆସି ଓଡ଼ଗାଁ ବନାଞ୍ଚଳର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଚାରାରୋପଣ କାର୍ଯ୍ୟକ୍ରମ ପରିଦର୍ଶନ କରିଛନ୍ତି। ଏମାନେ ଓଡ଼ଗାଁ ସେକ୍ସନର ମଠ ଖଜୁରିଆ ଓ କୁମ୍ଭିଆପଲ୍ଲୀ ସହରାଞ୍ଚଳ ଚାରାରୋପଣ କ୍ଷେତ୍ର ସହ ନାଉଖାଲ ଏବଂ ବାହାଡ଼ାଝୋଲା ସେକ୍ସନର କେତେକ ଗ୍ରାମାଞ୍ଚଳ ଚାରାରୋପଣ ପ୍ରକଳ୍ପ ପରିଦର୍ଶନ କରିଥିଲେ। ମଠ ଖଜୁରିଆ ସହରାଞ୍ଚଳ ଚାରାରୋପଣ ପ୍ରକଳ୍ପରେ ଅଳ୍ପ ସମୟ ମଧ୍ୟରେ ଗଛଗୁଡ଼ିକର ସନ୍ତୋଷଜନକ ବୃଦ୍ଧି ଦେଖି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ବନ ସଂରକ୍ଷକ ସତ୍ୟଜିତ୍ କର, ଆଏଶା ଅଖତାରି ନିଶା, ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକ, ବନପାଳ ସରିତା ବରାଳ ଓ ବାହାଡ଼ାଝୋଲା ବନପାଳ ମନୋଜ ସେଠୀ ଉପସ୍ଥିତ ରହି ଚାରାରୋପଣ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହାସହ ପିସିସିଏଫ୍ ପଞ୍ଚରିଡ଼ା ଓ ମହିପୁର ବନାଞ୍ଚଳର ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ।




# ଦାୟିତ୍ୱ ଗ୍ରହଣ କଲେ ନୂଆ ଏସ୍‌ପି

ନୟାଗଡ଼,୨୯ ।୫(ସମିସ): ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ଶୁଭେନ୍ଦୁ କୁମାର ପାତ୍ର ଶୁକ୍ରବାର ନୟାଗଡ଼ ଏସ୍‌ପି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ଏସ୍‌ପି ଏସ୍. ସୁଶ୍ରୀ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଏସ୍‌ପିଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବା ସହ ପୁଲିସ ଅଧିକାରୀମାନେ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଗଞ୍ଜାମ ଜିଲ୍ଲାରୁ ବଦଳି ହୋଇ ଆସିଥିବା ଶୁଭେନ୍ଦୁ ନୟାଗଡ଼ ଜିଲ୍ଲାରେ ଆଇନ୍‌ଶୃଙ୍ଖଳା ରକ୍ଷା, ନାରୀ ନିର୍ଯାତନା ରୋକିବା ଆଦି ଦିଗରେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ଏଥିପାଇଁ ସେ ସମସ୍ତ ପୁଲିସ କର୍ମଚାରୀ, ଜନସାଧାରଣ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଛନ୍ତି। ଜିଲ୍ଲାରେ ଖଣି ଏବଂ



ବାଲି ଚୋରାଚାଲାଣ ପାଇଁ ବିଗତ ଦିନରେ ହୋଇଥିବା ବିଭିନ୍ନ ଅପରାଧିକ ମାମଲାକୁ ରୋକିବା ପାଇଁ ଏହାର ରୁଟ୍‌କୁ ଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜିଲ୍ଲାର ଆଇନ୍‌ଶୃଙ୍ଖଳା ଏବଂ ଅନ୍ୟାନ୍ୟ ସ୍ଥିତି ସମ୍ପର୍କରେ ଅବଗତ ହେବା ପାଇଁ ଆଜି ସେ ସମସ୍ତ ପୁଲିସ ଅଧିକାରୀଙ୍କୁ ନେଇ ଏକ ବୈଠକ କରିଛନ୍ତି।

ଭାଙ୍ଗିଲା ଶତାଧିକ ଦୋକାନ

# ଶ୍ରୀହୀନ ହୋଇପଡ଼ିଲା ଭାପୁର ବଜାର

ଭାପୁର,୨୯ ।୫(ସମିସ): ଭାପୁର ବ୍ଲକର ପ୍ରମୁଖ ବଜାର ହେଲା ଭାପୁର ବଜାର। ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ଦୁଇ ଶହ ଦୋକାନ ଭାଙ୍ଗିଥିବା ବେଳେ ଶୁକ୍ରବାର ବଜାରର ଗୋଳାପୋଖରୀ ରାସ୍ତାରେ ଥିବା ଶତାଧିକ ଦୋକାନ ଉଚ୍ଛେଦ ହୋଇଛି। ଭାପୁର ଡାକ୍ତରଖାନାର ପ୍ରାଚୀରକୁ ଲାଗି ରହିଥିବା ଦୋକାନଗୁଡ଼ିକ ସମ୍ପୂର୍ଣ୍ଣ ଭଙ୍ଗା ଯାଇଥିବା ବେଳେ ପୂର୍ବ ପଟେ ଥିବା ଅନେକ ଦୋକାନର ପାହାଚ ଭଙ୍ଗାଯାଇଛି। ସରକାରୀ ଜମିରେ ଥିବା ଅନେକ ଦୋକାନ ମାଟିରେ ମିଶିଛି। ଭାପୁର ତହସିଲଦାର ଲୋପାମୁଦ୍ରା ରଥ ଓ ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା। ତହସିଲ ସୁପରଭାଇଜର ପ୍ରଫୁଲ୍ଲ କୁମାର ନାୟକ, ଭାପୁର ରାଜସ୍ୱ ନିରୀକ୍ଷକ ସଞ୍ଜୟ ପ୍ରଧାନ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିଶ୍ୱରଞ୍ଜନ ମଲ୍ଲା ଓ ଜ୍ଞାନେଞ୍ଜୟ ମିଶ୍ର, ଅମିନ ପ୍ରଭାସ ରଞ୍ଜନ ସାହୁ ସହଯୋଗ କରିଥିଲେ। ଆଇନଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ ଓ ଭାପୁର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ଉପସ୍ଥିତ ଥିଲେ। କୌଣସି ଅଘଟଣକୁ ରୋକିବା ପାଇଁ ଭାପୁର ଦମକଳ ବାହିନୀ ପକ୍ଷରୁ ନୀଳକଣ୍ଠ ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଗୋଳାପୋଖରୀ ପଞ୍ଚାୟତ ଗୋଳାପୋଖରୀ ବଜାରସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମ୍ମୁଖରେ ଥିବା ତିନିଟି ଦୋକାନ ଭଙ୍ଗାଯାଇଛି।



# ଇଡି ବିରୋଧରେ ସିପିଆଇଏମ୍‌ର ବିକ୍ଷୋଭ




ନୟାଗଡ଼,୨୯ ।୫(ସମିସ): ରାଜନୈତିକ ଦାଉ ସାଧିବା ଲାଗି କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ଉପରେ କେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୋଦି ଓ ଶାହାଙ୍କ ପ୍ରତ୍ୟକ୍ଷ ଉଦ୍ୟମ ଏବଂ ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଯେଭଳି ବର୍ବରୋଚିତ ଚଢ଼ଉ କରିଛି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଆଇଏମ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ନୟାଗଡ଼ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜମେଶ୍ୱର ସାମନ୍ତରାୟ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏହି ଆକ୍ରୋସମୂଳକ ଦମନ ନୀତିକୁ କଟୁ ସମାଲୋଚନା କରି କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ, କର୍ମନିଯୁକ୍ତି, ସାଧୁତା, ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷାରେ ସାରା ବିଶ୍ୱରେ ରେକର୍ଡ ସୃଷ୍ଟି କରିଥିବା ଦୀର୍ଘକାଳର କମ୍ୟୁନିଷ୍ଟ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବା ଲକ୍ଷ୍ୟରେ ପିନାରାଇଙ୍କ ପରିବାର ଉପରେ ଚଢ଼ଉ କରିଥିବା ଇଡିକୁ ବିଫଳ ହୋଇ ଖାଲିହାତ ଫେରିବାକୁ ପଡ଼ିଛି। ଗଣତନ୍ତ୍ରର କଣ୍ଠରୋଧ କରିବା ପାଇଁ ଯଦି ମୋଦି ସରକାର ଏଭଳି ନଗ୍ନ ପାଗଳାମି ପ୍ରଦର୍ଶନ କରେ, ତେବେ ତାଙ୍କୁ ବାଟକୁ ଆଣିବା ଲାଗି ଆଗାମୀ ଦିନରେ ଦୁର୍ବାର ଲଢ଼େଇ ହେବ ବୋଲି ସାମନ୍ତରାୟ ପ୍ରକାଶ କରିଛନ୍ତି। ପାର୍ଟିର ବରିଷ୍ଠ ସାଥୀ ନିତ୍ୟାନନ୍ଦ ପରିଡ଼ା, ସୁରେଶ ଚନ୍ଦ୍ର ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, ଜ୍ୟୋତିପ୍ରଭା ଜେନା, ବୈକୁଣ୍ଠ ଖୁଣ୍ଟିଆ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ବିକ୍ଷୋଭ

# ଟିପିସିଓଡିଏଲ୍ କାର୍ଯ୍ୟାଳୟକୁ ଟମାଟୋ ମାଡ଼

ନୟାଗଡ଼,୨୯ ।୫(ସମିସ): ନୟାଗଡ଼ ଜିଲ୍ଲାବ୍ୟାପୀ ଟାଟାପାୱାର କମ୍ପାନୀ ଅଘୋଷିତ ବିଦ୍ୟୁତ କାଟ କରି ଗ୍ରାହକ ଶୋଷଣ ନୀତି ଜାରି ରଖିଛି। ଏହାକୁ ବନ୍ଦ ଦାବିରେ ଜିଲ୍ଲା କଂଗ୍ରେସ କମିଟି ଏବଂ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ନୟାଗଡ଼ ଟାଟାପାୱାର ମୁଖ୍ୟାଳୟ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଜିଲ୍ଲାରେ ବାରମ୍ବାର ବିଦ୍ୟୁତ କାଟ ଦ୍ୱାରା ଲୋକଙ୍କୁ କଲବଲ କରି ଟାଟାପାୱାର ଜନଜୀବନକୁ ଅସ୍ତବ୍ୟସ୍ତ କରିସାରିଲାଣି। ନିରନ୍ତର ବିଦ୍ୟୁତ ସେବା ଯୋଗାଇବାରେ ବିଫଳ ହୋଇ ଟାଟାପାୱାର ଚୁକ୍ତି ସର୍ତ୍ତାବଳୀ ଖିଲାପ କରିଛି। ଜିଲ୍ଲାର ପ୍ରତ୍ୟେକ ବିଦ୍ୟୁତ ଉପଭୋକ୍ତାଙ୍କୁ ଲାଇନ କାଟିକାଟି ଅଣାୟତ୍ତ କରିସାରିଲେଣି ବୋଲି କହିଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ। ଟାଟାପାୱାର ଏଗ୍ରିମେଣ୍ଟ ବାତିଲ କରାଯାଉ ବୋଲି ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ଦାବି କରିଛନ୍ତି। ଉପଭୋକ୍ତାଙ୍କ ଚାହିଦା ମୁତାବକ ପ୍ରତ୍ୟେକ ବିଦ୍ୟୁତ ଟ୍ରାନ୍ସଫର୍ମର କ୍ଷମତା ବୃଦ୍ଧି କରାଯାଉ। ପୁରୁଣା ତାର ବଦଳାଯାଉ, ଠିକା କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରା ନ ଯାଉ, ଏପରି ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ଶକ୍ତିମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ପୂର୍ବତନ ଡିସିସି ସଭାପତି ସତ୍ୟବ୍ରତ ନାୟକ, କମଳ ଚରଣ ସାହୁ, ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଫକୀର ଚରଣ ମଲ୍ଲ, ବିନୋଦିନୀ ମହାନ୍ତି, ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସିମ ଖାଁ, ଓଡଗାଁ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ନୂଆଗାଁ ସଭାପତି ଅଶୋକ କୁମାର ନାୟକ, ଖଣ୍ଡପଡ଼ା ଏନଏସି ସଭାପତି ସନ୍ତୋଷ ସାହୁ, ଯୁବ କଂଗ୍ରେସ ନେତା ପ୍ରତୀକ ମହାପାତ୍ର, ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଓମପ୍ରକାଶ ପ୍ରଧାନ, ଅରବିନ୍ଦ ପାଢ଼ୀ, ଶାଶ୍ୱତ ପ୍ରଧାନ, ଓମପ୍ରକାଶ ବିଶ୍ୱାଳ, ନିଶିକାନ୍ତ ବେହେରା, ସରାଫତ ଖାଁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ସାମୟିକ ଭାବେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରଯିବା ସହ ଟାଟା ପାୱାର କାର୍ଯ୍ୟାଳୟ ଉପରକୁ ଟମାଟୋ ମାଡ଼ କରାଯାଇଥିଲା।



ଖୋଲିଲା ମଦ ଦୋକାନୀଙ୍କ ଭାଗ୍ୟ

# ଲଟେରୀରେ ବିକ୍ରେତା ଚୟନ କଲେ ଜିଲ୍ଲାପାଳ

ନୟାଗଡ଼,୨୯ ।୫(ସମିସ)



ନୟାଗଡ଼ ଜିଲ୍ଲାରେ ୩୫ ମଦ ଦୋକାନ ପାଇଁ ଶୁକ୍ରବାର ଲଟେରୀ ମାଧ୍ୟମରେ ବିକ୍ରେତା ଚୟନ ହୋଇଛି। ଏହି ୩୫ ଦୋକାନ ମଧ୍ୟରେ ୧୧ଟି ଦେଶୀମଦ ଦୋକାନ ଏବଂ ୨୪ଟି ବିଦେଶୀ ମଦ ଦୋକାନ ରହିଛି। ୧୧ ଦେଶୀ ମଦ ଦୋକାନ ପାଇଁ ୮୪ ଆବେଦନ ଥିବା ବେଳେ ୨୪ ବିଦେଶୀ ମଦ ଦୋକାନ ପାଇଁ ୩୧୭ ଆବେଦନ ଥିଲା। ବିଦେଶୀ ମଦ ଦୋକାନ ମଧ୍ୟରେ ନୟାଗଡ଼ ଜିଲ୍ଲାର ବାହାଡ଼ଝୋଲା ଦୋକାନ ପାଇଁ ୩ଟି ଆବେଦନ ଥିବା ବେଳେ ଦିଲୀପ କୁମାର ନାୟକଙ୍କୁ ଲାଇସେନ୍ସ ମିଳିଛି। ସେହିଭଳି ବାଲୁଗାଁ ପାଇଁ ୮ ଆବେଦନ ମଧ୍ୟରୁ ମଞ୍ଜୁ ସାହୁ, ଭାପୁର ପାଇଁ ୧୫ ଆବେଦନ ମଧ୍ୟରୁ ଶ୍ରୀବତ୍ସ ପାଣିଗ୍ରାହୀ, ଚାନ୍ଦପୁର ପାଇଁ ୧୧ ଆବେଦନ ମଧ୍ୟରୁ ରବୀନ୍ଦ୍ର କୁମାର ସାହୁ, ଦର୍ପନାରାୟଣପୁର ୨ ଆବେଦନ ମଧ୍ୟରୁ ଚିତ୍ତରଞ୍ଜନ ପ୍ରଧାନ, ଦଶପଲ୍ଲା ପାଇଁ ୧୯ ଆବେଦନ ମଧ୍ୟରୁ ରାକେଶ କୁମାର ସାହୁ, ଗଣିଆ ପାଇଁ ୧୧ ଆବେଦନ ମଧ୍ୟରୁ ବିରଞ୍ଚିନାରାୟଣ ସାହୁ, ଗୋଡ଼ିପଡ଼ା ପାଇଁ ୨୩ ଆବେଦନ ମଧ୍ୟରୁ ସୁମନ୍ତ ତାରେଣିଆ, ଗୋପାଳପୁର ପାଇଁ ୬ ଆବେଦନ ମଧ୍ୟରୁ ଶାନ୍ତିସ୍ୱରୂପା ପ୍ରଧାନ, ଇଟାମାଟି ପାଇଁ ସର୍ବାଧିକ ୨୮ ଆବେଦନ ମଧ୍ୟରୁ ଲକ୍ଷ୍ମୀଧର ପାତ୍ର, କଣ୍ଟିଲୋ ପାଇଁ ୨୫ ଆବେଦନ ମଧ୍ୟରୁ ବିରଞ୍ଚନାରାୟଣ ସାହୁ, କେରେଣ୍ଡାଟାଙ୍ଗି ପାଇଁ ୧୩ ଆବେଦନ ମଧ୍ୟରୁ ମଣିନ୍ଦ୍ରା କୁମାର ସାମଲ, ଖଣ୍ଡପଡ଼ା ପାଇଁ ୨୩ ଆବେଦନ ମଧ୍ୟରୁ ପ୍ରଶାନ୍ତ କୁମାର ରାଉତ, ଲେଙ୍କୁଡ଼ିପଡ଼ା ପାଇଁ ୯ ଆବେଦନ ମଧ୍ୟରୁ ଦୀପାଞ୍ଜଳି ପତି, ନୟାଗଡ଼ ୧ ନମ୍ବର ଦୋକାନ ପାଇଁ ୧୮ ଆବେଦନ ମଧ୍ୟରୁ ରଶ୍ମି ସାହୁ, ନୟାଗଡ଼ ୨ନଂ ଦୋକାନ ପାଇଁ ୨୦ ଆବେଦନ ମଧ୍ୟରୁ ସ୍ୱର୍ଣ୍ଣଲତା ପଟ୍ଟନାୟକ, ନୟାଗଡ଼ ୩ନଂ ଦୋକାନ ପାଇଁ ୯ ଆବେଦନ ମଧ୍ୟରୁ ବଦ୍ରିନାରାୟଣ ସାହୁ, ନୂଆଗାଁ ପାଇଁ ୪ ଆବେଦନ ମଧ୍ୟରୁ ଅନିତା ସୁବୁଦ୍ଧି, ଓଡ଼ଗାଁ ପାଇଁ ୧୯ ଆବେଦନ ମଧ୍ୟରୁ ବଦ୍ରିନାରାୟଣ ସାହୁ, ରାଜପାଟଣା ପାଇଁ ଗୋଟିଏ ଆବେଦନରେ ବିରଞ୍ଚି ନାରାୟଣ ସାହୁ, ରାଜସୁନାଖଳା ପାଇଁ ୨୮ ଆବେଦନ ମଧ୍ୟରୁ ଚିତ୍ତରଞ୍ଜନ ପ୍ରଧାନ, ରଣପୁର ପାଇଁ ୧୪ ଆବେଦନ ମଧ୍ୟରୁ ତୁଳସୀ ପ୍ରଧାନ, ଶରଣକୁଳ ପାଇଁ ୪ ଆବେଦନ ମଧ୍ୟରୁ ସ୍ୱର୍ଣ୍ଣଲତା ପଟ୍ଟନାୟକ, ସିଧାମୂଳା ପାଇଁ ୪ ଆବେଦନ ମଧ୍ୟରୁ ସୁଚେତା ପାଲଙ୍କୁ ଲାଇସେନ୍ସ ମିଳିଛି। ବିଦେଶୀ ଠିପିବନ୍ଦ ମଦ ଦୋକାନ ପାଇଁ ୯ କୋଟି ୫୧ ଲକ୍ଷ ଅମାନତ ରାଶି ଅବକାରୀ ବିଭାଗକୁ ଆସିଛି। ସେହିଭଳି ୧୧ ଦେଶୀ ମଦ ଦୋକାନ ମଧ୍ୟରୁ ରାଜସୁନାଖଳା ପାଇଁ ଜଲବତ୍ ହୋସେନ୍ ଖାଁ, ନୂଆଗାଁ ପାଇଁ ଓମପ୍ରକାଶ ଗୁପ୍ତା, କନ୍ଧ ନୟାଗଡ଼ ଓ ଚାନ୍ଦପୁର ପାଇଁ ରଶ୍ମିତା ବେହେରା, ଭାପୁର ପାଇଁ ଶିଶିର କୁମାର ସାମନ୍ତରାୟ, ରଣପୁର ପାଇଁ ବାସନ୍ତି ଜେନା, ଗୋପାଳପୁର ପାଇଁ କ୍ରିଷ୍ଣଚନ୍ଦ୍ର ସ୍ୱାଇଁ, କେରେଣ୍ଡଟାଙ୍ଗି ପାଇଁ ସଞ୍ଜୟ ପ୍ରଧାନ, ହରିହରପୁର ପାଇଁ ସୁରେଶ ପ୍ରଧାନ, ରଙ୍ଗଣିପାଟଣା ପାଇଁ ଅନଙ୍ଗ ସିଂସାମନ୍ତଙ୍କୁ ଲାଇସେନ୍ସ ମିଳିଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଲଟେରୀ ଉଠାଣ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅବକାରୀ ଅଧିକ୍ଷକ ଜ୍ଞାନରଞ୍ଜନ ପଣ୍ଡାଙ୍କ ସମେତ ଅବକାରୀ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠାରୁ ଜିଲ୍ଲାରେ ଏସ୍ଆଇଆର୍

ଖୋର୍ଦ୍ଧା,୨୯।୫(ସମିସ) : ଭାରତର ନିର୍ବାଚନ ଆୟୋଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଲା "ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ଯୋଡିବା ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ ଦେବା। ଶନିବାର (ଆଜି)ଠାରୁ ଆନୁଷଙ୍ଗିକ ହେବ ଏସ୍ଆଇଆର୍। ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି।




ଖୋର୍ଦ୍ଧା ଜିଲ୍ଲାରେ ୫ଟି ନିର୍ବାଚନ ମଣ୍ଡଳୀରେ ୨୦୦୨ ମସିହା ଓ ୨୦୨୫ ମସିହା ଭୋଟର ତାଲିକା ସହିତ ମେଳକ (ମ୍ୟାପିଂ) ୯୪.୨% (ଶତକଡ଼ା) ହୋଇଛି। ୫ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୧୧୮୨୬୦ଭୋଟରଙ୍କ ମଧ୍ୟରୁ ୧୦୫୩୩୯୦ଜଣ ଭୋଟରଙ୍କ ମେଳକ ହୋଇଛି। ସେଥିରୁ ୬୪୮୭୦ଜଣ ଭୋଟରଙ୍କର ଭେଳକ ହୋଇନଥିବା ଜିଲ୍ଲାପାଳ କହିଥିଲେ। ତନ୍ମଧ୍ୟରେ ଜୟଦେବ ନିର୍ବାଚନ ମଣ୍ଡଳୀ ରେ ୧୮୨୧୨୬ ଭୋଟର ରହିଥିବା ବେଳେ ମେଳକ ହୋଇଛି ୧୭୪୨୪୨। ସେଥିରୁ ୭୮୮୪ ମେଳକ ହୋଇନି। ଜଟଣୀ ନିର୍ବାଚନ ମଣ୍ଡଳୀରେ ୨୩୮୨୩୧ ଭୋଟ ର ରହଛନ୍ତି। ସେଥିମଧ୍ୟରୁ ୨୧୨୪୬୬ ଜଣଙ୍କ ର ମେଳକ ହୋଇଥିବାବେଳେ ୨୫୭୬୫ ଭୋଟର ମେଳକ ହୋଇନଥିବା କହିଥିଲେ।

ସେହିପରି ବେଗୁନିଆ ନିର୍ବାଚନ ମଣ୍ଡଳୀରେ ୨୧୮୧୮୬ ଭୋଟରଙ୍କ ମଧ୍ୟରୁ ୨୦୫୯୭୧ ଜଣଙ୍କ ମେଳକ ଏବଂ ୧୨୨୧୫ ଜଣଙ୍କ ମେଳକ ହୋଇନି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ୨୪୭୪୪୬ ଭୋଟରଙ୍କ ମଧ୍ୟରୁ ୨୩୪୭୯୦ ଜଣଙ୍କର ମେଳକ ଏବଂ ୧୨୬୭୫୬ ଭୋଟରଙ୍କ ମେଳକ ହୋଇନି। ଏଥିସହିତ ଚିଲିକା ନିର୍ବଚନ ମଣ୍ଡଳୀରେ ୨୩୨୨୭୧ ଭୋଟରଙ୍କ ମଧ୍ୟରୁ ମେଳକ ହୋଇଛି ୨୨୫୯୨୧ଏବଂ ୬୩୫୦ ଭୋଟରଙ୍କ ମେଳକ ହୋଇନଥିବା ଜିଲ୍ଲାପାଳ ସୂଚନା ଦେଇଥିଲେ।

ଏହି ସ୍ୱତନ୍ତ ସଘନ ସଂଶୋଧନ କାର୍ଯ୍ୟକ୍ରମ ୨୦୦୨ ମସିହାରେ ଓଡ଼ିଶାରେ ହୋଇଥିଲା। ଚଳିତ ବର୍ଷ ୨୦୨୬ରେ ପୁନର୍ବାର କରାଯାଉଛି। ମଇ ୩୦ ତାରିଖରୁ ଜୁନ ୨୮ତାରିଖ ପର୍ଯ୍ୟନ୍ତ ବୁଥସ୍ତରୀୟ ଅଧିକାରୀଙ୍କ(ବିଏଲଓ) ଘରକୁ ଘର ବୁଲି ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ କରିବେ। ବୁଥ୍ ଗୁଡିକର ପୁନଃଗଠନ ଜୁନ ୨୮ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶନ କରାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଦାବୀ ଓ ଅଭିଯୋଗ ଶୁଣାଣି, ଜୁଲାଇ ୫ଠାରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଦାବି ଓ ଅଭିଯୋଗ ନିଷ୍ପତ୍ତି କରାଯିବ। ସେପ୍ଟେମ୍ବର ୬ତାରିଖ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ହେବ।

କାର୍ଯ୍ୟସୂଚୀ ଅନୁଯାୟୀ ବିଏଲ୍ଓମାନେ ଘରକୁ ଘର ବୁଲିବା ସମୟରେ ଭୋଟର ମାନଙ୍କୁ ଆବଶ୍ୟକୀୟ ସହାୟତା କରିବା ସହିତ ପ୍ରତି ଭୋଟରଙ୍କୁ ୦୨ଟି ପରିଗଣନା ଫର୍ମ ଦେବେ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ ଯାହାକୁ ଭୋଟର ମାନେ ଭବିଷ୍ୟତ ପାଇଁ ସାଇତି ରଖିବେ। ପରିଗଣନା ଫର୍ମ ଭୋଟର ମାନଙ୍କ ଠାରୁ ସଂଗ୍ରହ ହୋଇ ସାରିଲା ପରେ ତା ୦୫.୦୭.୨୦୨୬ ରେ ଚିଠା ଭୋଟର ତାଲିକା ପ୍ରକାଶନ ହେବ। ନୂଆ ଯୋଗ୍ୟ ଭୋଟର ମାନଙ୍କୁ ପଞ୍ଜିକରଣ କରାଇବା ପାଇଁ ଫର୍ମ-୬ ଓ ସ୍ୱତନ୍ତ୍ର ଘୋଷଣା ପତ୍ର ପ୍ରଦାନ କରିବେ।

- ୨୮ ପର୍ଯ୍ୟନ୍ତ ଘରକୁ ଘର ବୁଲି ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ ବିଏଲ୍ଓ
- ୮ ନିର୍ବାଚନ ମଣ୍ଡଳୀରେ ଚିହ୍ନଟ ହୋଇଛି ୪୭୩ଟି ନୂଆ ବୁଥ
- ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶନ
- ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଅଭିଯୋଗ ଶୁଣାଣି
- ୫ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଦାବି ଓ ଅଭିଯୋଗ ନିଷ୍ପତ୍ତି
- ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ

ଖୋର୍ଦ୍ଧା ଜିଲ୍ଲାର ସମୁଦାୟ ୮ ଟି ନିର୍ବାଚନ ମଣ୍ଡଳୀରେ ୨୦୨୫ ମସିହା ପରିସଂଖ୍ୟାନ ଅନୁଯାୟୀ ୧୯୬୧ ବୁଥ ରହିଥିଲା। ବୁଥ ଗୁଡିକର ପୁନଃଗଠନ ହେଲାପରେ ୪୭୩ ନୂଆ ବୁଥ ଚିହ୍ନଟ କରାଯାଇଛି। ଏହିପରି ସମୁଦାୟ ୨୪୩୪ ବୁଥ ହେବ। ବିଏଲ୍ଓ ମାନଙ୍କୁ ସହାୟତା ପାଇଁ ରାଜନୈତିକ ଦଳ ମାନେ ସେମାନଙ୍କର ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତି କରିଛନ୍ତି। ଜିଲ୍ଲା ପ୍ରଶାସନ ତରଫରୁ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ସହଯୋଗ କରିବା ପାଇଁ ଜନ ସାଧାରଣଙ୍କୁ ଆହ୍ୱାନ କରାଯାଉଛି। ଏସ୍ଆଇଆର୍ ସମ୍ପର୍କିତ ଅଧିକ ତଥ୍ୟ ପାଇବା ପାଇଁ ନିକଟସ୍ଥ ବିଏଲ୍ଓ ଅଥବା ସିଇଓ ଓଡିଶା.ଏନ୍ଆଇସି. ଇନ୍ ଅଥବା / ଇସିଆଇ ନେଟ୍ ଆପ୍ ରେ ବୁକ୍ ଏ କଲ ଅଥବା ଟୋଲ ଫ୍ରୀ / ଭୋଟର ସହାୟତା ନମ୍ବର ୧୯୫୦ ର ସହାୟତା ନିଆଯାଇ ପାରିବ। ଚଳିତ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମୟରେ ଖୋର୍ଦ୍ଧାବାସୀ ପୂର୍ଣ୍ଣ ସହଯୋଗ କରିବା ପାଇଁ ଜିଲ୍ଲାପାଳ ନିବେଦନ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ଡେପୁଟି ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଜେନା ପରିଚାଳନା କରିଥିଲେ।

## ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରଶିକ୍ଷଣ



ଟାଙ୍ଗୀ,୨୯।୫ (ସମିସ): ଟାଙ୍ଗୀ ବ୍ଲକ କୁହୁଡି ପଞ୍ଚାୟତର ଲକ୍ଷ୍ମୀଧରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଏଲଓ ସୁପରଭାଇଜର ଲଳିତ ନାରାୟଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଏଲଓ ଏବଂ ସ୍ୱେଚ୍ଛାସେବୀ ମାନଙ୍କର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଶିକ୍ଷଣ କରାଯାଇଥିଲା। କୁହୁଡି ଏବଂ ରତନପୁର ପଞ୍ଚାୟତ ଅଧିନସ୍ଥ ୧୧ଟି ବୁଥର ବିଏଲଓ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଶ୍ରୀ ମହାପାତ୍ର ଏନୁମରେସନ ଫର୍ମ ପୁରଣ , ଡ୍ରାଫ୍ଟ ଭୋଟର ତାଲିକା ଜୁଲାଇ ୫ତାରିଖରେ ପ୍ରକାଶ, ଜୁଲାଇ ୫ରୁ ଅଗଷ୍ଟ ୪ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ଓ ଗ୍ରହଣ, ସେପ୍ଟେମ୍ବର ୨ତାରିଖ ସୁଧା ଦାବି ଓ ଆପତ୍ତି ନିଷ୍ପତ୍ତି ଗ୍ରହଣ ସେପ୍ଟେମ୍ବର ୬ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ, ଚଳିତ ମାସ ୩୦ତାରିଖରୁ ଜୁନ ୨୮ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ, କ୍ଷେତ୍ର ଭ୍ରମଣ ସମୟରେ ଜନସାଧାରଣଙ୍କୁ ବ୍ୟବହାର ସଚେତନତା, ସ୍ୱାସ୍ଥ୍ୟର ଯତ୍ନ, ସାବଧାନତା ଅବଲମ୍ବନ କରିବା ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇବା ସହିତ ସମ୍ପୂର୍ଣ୍ଣ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କରିବାପାଇଁ ଆବଶ୍ୟକୀୟ ସଠିକ୍ ତଥ୍ୟ ପ୍ରଦାନ କରି ବିଏଲଓ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରିବାପାଇଁ ଜନସାଧାରଣ ତଥା ମତଦାତା ମାନଙ୍କୁ ଅନୁରୋଧ କରିଥିଲେ।ଏହି ଅବସରରେ ବିଏଲଓମାନଙ୍କୁ ମାର୍ଗଦର୍ଶୀକା ଏସଓପି,ଫର୍ମ ସାମ୍ପଲ କପି ପ୍ରଦାନ କରିବା ସହିତ ଭିଜୁଆଲ ପ୍ରଦର୍ଶିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ପାତ୍ର,ଚିନ୍ମୟ କୁମାର ସାହୁ, ଦିଲ୍ଲୀପ କୁମାର ପଟ୍ଟନାୟକ, କିଶୋର କର, ମମତା ପଲେଇ, ଦୀନବନ୍ଧୁ ପରିଡ଼ା, କାହ୍ନୁ ବେହେରା, ମଞ୍ଜୁଳା ନାଇଡୁ, କସ୍ତୁରୀ ବେହେରା, ପ୍ରଦୀପ ମୁଦୁଲି, ସୌଦାମିନୀ ମିଶ୍ର, ସସ୍ମିତା ଉଦୟସିଂ, ପ୍ରଦୀପ ଭୁଜବଳ ପ୍ରମୁଖ ପ୍ରଶିକ୍ଷଣରେ ଅଂଶ ଗ୍ରହଣ କରିଥିଲେ।

## ଚିଲିକାରୁ ୯ ଶହ ଏକର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ



ବାଲୁଗାଁ, ୨୯।୫(ସମିସ): ଚିଲିକାକୁ ବେଆଇନ ଘେରି ମୁକ୍ତ କରିବା ପାଇଁ ମତ୍ସ୍ୟଜୀବୀ ମାନେ ବାରମ୍ବାର ଅଭିଯୋଗ କରିଆସୁଥିବା ସ୍ଥଳେ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ପ୍ରଶାସନ ପକ୍ଷରୁ ଚିଲିକା ଜଳ ରାଶିରୁ ବାରମ୍ବାର ଘେରି ଉଚ୍ଛେଦ କରାଯାଉଥିଲେ ମଧ୍ୟ ପରେ ଉକ୍ତ ସ୍ଥାନରେ ବେଆଇନ ଘେରି ଗଢି ଉଠୁଥିବା ଦେଖିବାକୁ ମିଳୁଛି। ଚିଙ୍ଗୁଡି ଘେରି ଗଢି ଉଠିଥିବା ଯୋଗୁଁ ଚିଲିକାରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଉଥିବାରୁ ମତ୍ସ୍ୟଜୀବୀମାନେ ଅନ୍ୟ ଉପାୟ ନପାଇ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଚିଙ୍ଗୁଡି ମାଫିଆ ମାନେ ଚିଲିକା ମଧ୍ୟରେ ଶହ ଶହ ଏକର ଜାଗାରେ ଜାଲ ବିଛାଇ ଘେରି ସୃଷ୍ଟି କରି ସେ ମଧ୍ୟରେ ବେଆଇନ ଭାବେ ଚିଙ୍ଗୁଡି ଚାଷ କରି ପ୍ରଚୁର ଲାଭବାନ ହେଉଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରେ ବିଗତ ଦିନରେ ପ୍ରଶାସନ ପକ୍ଷରୁ ବହୁ ଅର୍ଥ ବ୍ୟୟ କରାଯାଇ ଲୋକ ଦେଖାଣିଆ ଘେରି ଉଚ୍ଛେଦ କାର୍ଯ୍ୟକ୍ରମ ମାନ କରି ପ୍ରଶାସନ ଚୁପ ବସି ଯାଇଥିଲେ। ତେବେ ପ୍ରଶାସନର କଠୋର କାର୍ଯ୍ୟାନୁଷ୍ଠାନ ନ ନେବାର ସୁଯୋଗ ନେଇ ପୁଣିଥରେ ଚିଲିକାରେ ଘେରିମାନ ମୁଣ୍ଡ ଟେକୁଛି। ଫଳରେ ଘେରି ଉଚ୍ଛେଦ କାର୍ଯ୍ୟ ଏକ ପ୍ରହସନ ପାଲଟିଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ଚିଙ୍ଗୁଡି ମାଫିଆ ମାନଙ୍କ ସହ ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ଚିଲିକା ହ୍ରଦରେ ଘେରି ମାନ ଗଢି ଉଠୁଥିବା ମତ୍ସ୍ୟଜିବୀ ମାନେ ଅଭିଯୋଗ କରିଆସୁଥିଲେ। ତେବେ ଦୀର୍ଘ ଚାରି ମାସ ପରେ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚିଲିକାରୁ ୯ ଶହ ଏକର ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିଛି। ଚିଲିକା ଅତିରିକ୍ତ ତହସିଲଦାର ବିଷ୍ଣୁପିୟା ବେହେରାଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚିଲିକା ତହସିଲ ଅଧିନ ଚିଲିକା ଉପକୂଳ ସିଡ଼ିଏ କାର୍ଯ୍ୟାଳୟଠାରୁ କଳିଯୁଗେଶ୍ୱର ପାହାଡ଼ ପର୍ଯ୍ୟନ୍ତ ପ୍ରାୟ ୯ ଶହ ଏକର ପରିମିତ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଘେରି ଉଚ୍ଛେଦ କରାଯାଇଛି। ଘେରିରୁ ଜାଲ ସହ ବାଉଁଶ ଓ କିଲା ଆଦି ଜବତ ସେସବୁକୁ ପୋଡି ନଷ୍ଟ କରି ଦିଆ ଯାଇଥିବା ସୁଚନା ମିଳିଛି। ଏହି ଘେରି ଉଚ୍ଛେଦ କାର୍ଯ୍ୟରେ ଅତିରିକ୍ତ ତହସିଲଦାରଙ୍କ ସମେତ ସ୍ଥାନୀୟ ପ୍ରଶାସନ, କର୍ମଚାରୀ ଓ ଶ୍ରମିକ ସାମିଲ ହୋଇଥିଲେ।

## ମତ୍ସ୍ୟଜୀବୀ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର



ବାଲୁଗାଁ,୨୯।୫(ସମିସ) : ମତ୍ସ୍ୟ ନିର୍ଦ୍ଦେଶାଳୟ, କଟକ ଏବଂ କେନ୍ଦ୍ରୀୟ ମତ୍ସ୍ୟ ନୌଚାଳନା ଓ ଇଂଜିନିୟରିଙ୍ଗ ପ୍ରଶିକ୍ଷଣ କେନ୍ଦ୍ର, ବିଶାଖାପାଟଣାଙ୍କ ମିଳିତ ଆନୁକୂଲ୍ୟରେ ବାଲୁଗାଁ ନିକଟସ୍ଥ ବଡକୁଳସ୍ଥିତ ସିଡିଏ ଆର୍ଦ୍ରଭୂମି ଗବେଷଣା କେନ୍ଦ୍ର ପରିସରରେ ଚିଲିକା ମତ୍ସ୍ୟଜୀବୀମାନଙ୍କୁ ନେଇ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶେଷକରି ଚିଲିକାରେ ଚଳାଚଳ କରୁଥିବା ବୋଟ ଗୁଡିକର ଇଂଜିନ ତ୍ରୁଟି ସଂଶୋଧନ ଏବଂ ଏହାର ଦୀର୍ଘ ସ୍ଥାୟୀ ରକ୍ଷଣା ବେକ୍ଷଣ ସମ୍ପର୍କରେ ଉପସ୍ଥିତ ମତ୍ସ୍ୟଜୀବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଥିଲା । ଉକ୍ତ ଶିବିର ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ ମତ୍ସ୍ୟଜିବୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ମତ୍ସ୍ୟ ଅଧିକାରୀ (ଜୈବ ପ୍ରଯୁକ୍ତି), ବାଲୁଗାଁ ଗଜେନ୍ଦ୍ର ପ୍ରଧାନ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ ବିଜୟାନନ୍ଦ ସେଠ ଅତିଥି ପରିଚୟ ଦେଇଥିବା ବେଳେ ଉମେଶ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମାନସ ନାରାୟଣ ପୁରୁଧୁଲ ଓ ରଜନୀକାନ୍ତ ମଲ୍ଲିକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ପୂର୍ବଶତ୍ରୁତାରୁ ଆକ୍ରମଣ**

## ଥାନାରୁ ମିଳୁନି ନ୍ୟାୟ, ଏସ୍‌ପିଙ୍କୁ ଗୁହାରି କଲେ ଦମ୍ପତି

ଖୋର୍ଦ୍ଧା,୨୯।୫(ସମିସ): ପୂର୍ବଶତ୍ରୁତା ଏବଂ ଜମିଜମାକୁ କେନ୍ଦ୍ର କରି ଦମ୍ପତି ଓ ତାଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ ଘଟଣାରେ ଟାଙ୍ଗି ପୁଲିସର ନିରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀଣୀ। ଅଭିଯୋଗ କପି ଧରି ଆହତ ମହିଳା କୁହୁଡି ଫାଣ୍ଡି ଠାରୁ ଆରମ୍ଭ କରି ଟାଙ୍ଗୀ ଥାନା ପର୍ଯ୍ୟନ୍ତ ଦୌଡିଥିଲେ ମଧ୍ୟ ଥାନାରୁ ସେ କୌଣସି ନ୍ୟାୟ ପାଇନଥିବା ଅଭିଯୋଗ ଆଣି ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପିଙ୍କୁ ଗୁହାରୀ କରିଛନ୍ତି।

ପ୍ରକାଶ ଥାଉକି, ଟାଙ୍ଗୀ ଥାନା କୁହୁଡି ଫାଣ୍ଡି ଅନ୍ତର୍ଗତ କୁହୁଡ଼ି ଜଗନ୍ନାଥ ବିହାର ବାସିନ୍ଦା ହାର ପ୍ରଧାନ ଅଭିଯୋଗ କରିଛନ୍ତି ଯେ ପରିବାର ମଧ୍ୟରେ ଜମିଜମା ବିବାଦକୁ ନେଇ ଗତ ମାର୍ଚ୍ଚ ୧୭ରେ ତାଙ୍କ ପୁତୁରା ଓ ତାର ଶଶୁରଙ୍କୁ ଅନ୍ୟ ପୁତୁରା ଏବଂ ତାଙ୍କ ଯାଆମାନେ ଆକ୍ରମଣ କରିଥଲେ। ଏହାକୁ ହାର ବିରୋଧ କରିବାରୁ ସେ ମଧ୍ୟ ଯାଆ ଓ ପୁତୁରାଙ୍କ ଆକ୍ରମଣର ଶିକାର ହୋଇଥିଲେ। ପରେ ଅଭିଯୋଗ ହେବାରେ ଫଟାୟତରେ ସମାଧାନ କରାଯାଇଥିଲା। ମାତ୍ର ଫଟାୟତ ନିଷ୍ପତ୍ତିକୁ ହେୟଜ୍ଞାନ କରିଥଲେ ହାରଙ୍କୁ ଆକ୍ରମଣ କରିଥିବା ତାଙ୍କ ଯାଆ ଓ ପୁତୁରା ମାନେ। ଏ ନେଇ ହାର ଗତ ମଇ ମାସ ୨ତାରିଖରେ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ପୁଲିସ ୩୪୪/୨୬ ରେ ଏକ ମାମଲା ରୁଜୁ କରିଥିଲା। ମାତ୍ର ମାମଲା ରୁଜୁ କରି ପୁଲିସ ଚୁପ ବସିବା ଫଳରେ ଆକ୍ରମଣକାରୀମାନେ ପୁନର୍ବାର ସେମାନଙ୍କ ଉପରେ ଆକ୍ରମଣ କରିଥିଲେ। ତେବେ ଗତ ୨୪ତାରିଖରେ ଏହା ଉଗ୍ରରୂପ ଧାରଣ କରିଥିଲା। ହାର ଓ ତାଙ୍କ ସ୍ୱାମୀ କୈଳାସ ପ୍ରଧାନଙ୍କୁ ଆକ୍ରମଣକାରୀମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟ ସ୍ୱାମୀ ସ୍ତ୍ରୀ ଆହତ ହୋଇଥିବାବେଳେ ତାଙ୍କ ପରିବାର ଏବେ ଭୟରେ ରହିଥିବା ସେ କହିଛନ୍ତି। ଏ ନେଇ ହାର କୁହୁଡ଼ି ଫାଣ୍ଡି ଓ ଟାଙ୍ଗୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ନ୍ୟାୟ ମିଳିପାରିନଥିବା ସେ ଅଭିଯୋଗ କରିଛନ୍ତି।



ଏପରିକି ହାରଙ୍କ ଅଭିଯୋଗ ପତ୍ରକୁ ମଧ୍ୟ ଗ୍ରହଣ କରି ନ ଥିଲା ପୁଲିସ। ସ୍ୱାମୀ ମେଡିକାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ସ୍ତ୍ରୀ ହାର କୁହୁଡ଼ି ଫାଣ୍ଡି ଠାରୁ ନେଇ ଟାଙ୍ଗୀ ଥାନା ବୁଲି ହତାଶ ହେବା ପରେ ନ୍ୟାୟ ଆଶାରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆରକ୍ଷୀ ଅଧିକ୍ଷକଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ ପାଇଁ ଗୁହାରି କରିବା ସହ ପରିବାରକୁ ସୁରକ୍ଷା ପ୍ରଦାନ କରିବାକୁ ଦାବି କରିଛନ୍ତି। ଯଦି ଏଠାରେ କିଛି ନ୍ୟାୟ ନ ମିଳେ, ତା ହେଲେ ଆଇନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି ହାର ଓ ତାଙ୍କ ପରିବାର ଲୋକ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି।

## ବେଗୁନିଆ ଜୋନ୍ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସଭା



ବେଗୁନିଆ,୨୯।୫ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳିସ୍ଥିତ ସିପିଆଇ କାର୍ଯ୍ୟାଳୟ ପରିସରରେ ବେଗୁନିଆ ଜୋନ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସଭା ଅନୁଷ୍ଠିତ ହୋଇଛି। ବରିଷ୍ଠ ସିପିଆଇ କମ୍ରେଡ ଲକ୍ଷ୍ମଣ ସେଠୀଙ୍କ ଅଧ୍ୟକ୍ଷତାରେ ବେଗୁନିଆ ଜୋନ ସମ୍ପାଦକ ବିଜୟ କୁମାର ଗୁମାନସିଂହ ଓ ବସନ୍ତ କୁମାର ସେଠୀ ଯୋଗଦେଇ ଆଗାମୀ ଦିନରେ ପ୍ରତ୍ୟେକ ପଞ୍ଚାୟତରେ ସଙ୍ଗଠନକୁ ସୁଦୃଢ଼ କରିବା ସହ ଆବଶ୍ୟକୀୟ ସମସ୍ୟାକୁ ସମାଧାନ କରିବା ପାଇଁ ବ୍ୟାପକ ଜନ ଆନ୍ଦୋଳନ ଓ ପଦଯାତ୍ରା କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ସଭାର ପ୍ରାରମ୍ଭରେ ଦିବଂଗତ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାୟଗୁରୁ, ବିନୋଦିନୀ ପଟ୍ଟନାୟକ ଓ ଦାଶରଥି ମହାପାତ୍ରଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ରମାକାନ୍ତ ମହାରଣା, ରାଧାଶ୍ୟାମ ବଳିୟାରସିଂହ, ସୁବାସ ନାୟକ, ବେଙ୍ଗ ନାୟକ, ଭାରତୀ ନାୟକ, ଲବଣୀ ନାୟକ ଓ ବିଳାସ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ରାସ୍ତା ପାର୍ଶ୍ୱରେ ଜମୁଛି ଆମ୍ବର ପସରା

### ଆକର୍ଷିତ କରୁଛି ସୁନ୍ଦରୀ, ଦଶେରି, କଦଳିଆ, ଧୋବଲି ସ୍ୱାଦିଷ୍ଟ ଆମ୍ବ

ଖୋର୍ଦ୍ଧା,୨୯।୫(ସମିସ): ଚାଲିଛି ଜ୍ୟେଷ୍ଠ ମାସ। ଆଉ ଏ ସମୟ ହେଉଛି ଆମ୍ବ ଓ ପଣସର ପାଚିଲା ସମୟ। ଗାଁଠୁ ସହର ସବୁଠି ଖେଳିଯାଉଛି ଆମ୍ବ ଓ ପଣସର ବାସ୍ନା। ଖରା ଦିନରେ ଆମ୍ବ କାହାକୁ ବା ଭଲ ନଲାଗେ। ଖରା ଦିନରେ ଏହି ଫଳ ବଜାରରେ ପସରା ମେଲାଇଥାଏ। ଭାରତୀୟ ସଂସ୍କୃତି ସହ ଓତୋପ୍ରୋତଃ ଭାବରେ ଜଡିତ ଆମ୍ବ ପ୍ରାୟ ସମସ୍ତଙ୍କର ପ୍ରିୟ ଫଳ।

ତେବେ ଜାତୀୟରାଜପଥ ପାଶ୍ୱର୍, ବିଭିନ୍ନ ଛକସ୍ଥାନ, ଗାଁ ଗହଳୀ ରାସ୍ତାପାଶ୍ୱର୍ ଏବେ ଆମ୍ବ ବ୍ୟବସାୟୀଙ୍କ ପେଣ୍ଠସ୍ଥଳ ପାଲଟିଛି। ଖରାଦିନିଆ କଂଚା ଓ ପାଚିଲା ଆମ୍ବ ପ୍ରଭୃତି ବିକ୍ରି କରି ଚାଷୀ ବେଶ ଦୁଇପଇସା ପାଉଥିବା ଦେଖାଯାଉଛି। ଆମ୍ବ ମଧ୍ୟରେ ସୁନ୍ଦରୀ, ଚିତାପଲ୍ଲୀ, ବାଇଗଣପଲ୍ଲୀ, ଆମ୍ରପଲ୍ଲୀ, ଦଶେରି, ଲେଙ୍ଗ୍‌ଡ଼ା, ତୋଟାପଲ୍ଲୀ, ଆଖୁରସ, ଭେଲେଇ, ରସୁଣିଆ, କଦଳିଆ, ଧୋବଲି, ଚେରୁଆ, ଗିରୁଡି, ଜହ୍ନା, ଭଳି ବହୁ ସ୍ୱାଦିଷ୍ଟ ଆମ୍ବ ମିଳୁଛି। ସୁନ୍ଦରୀ ଆମ୍ବ କିଲୋପ୍ରତି ୫୦ରୁ ୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ନିଲମ ଆମ୍ବ କିଲୋ ୬୦ ଟଙ୍କା, ଦଶେରୀ ଆମ୍ବ କିଲୋ ୬୦ଟଙ୍କା, ବାଇଗଣପଲେଇ ଆମ୍ବ କିଲୋ ୫୦ ଟଙ୍କାରେ ବିକ୍ରି ହେଉଛି। ଏଥିସହିତ ଦେଶୀ ଲେତି ଆମ୍ବ କିଲୋପ୍ରତି ଦର ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଚଳିତ ବର୍ଷ ପ୍ରତ୍ୟେକ ଅଞ୍ଚଳରେ ଭଲ ଆମ୍ବ ହୋଇଥିବାବେଳେ ପ୍ରବଳ ଗୁଳୁଗୁଳି ଯୋଗୁ ଏବେ ପାଚିବାରେ ଲାଗିଛି। ଚାଷୀମାନେ ଏହାକୁ ରାସ୍ତା କଡ଼ରେ ବିକ୍ରି କରୁଥିବା ଦେଖାଦେଇଛି। ଏହାର ଭଲ ଚାହିଦା ଥିବାବେଳେ ରାସ୍ତାରେ ଦେଶୀ ଆଚାର କରିବା ପାଇଁ ରାସ୍ତାରେ ଯାତାୟାତ କରୁଥିବା ୪ଚକିଆ ଯାନରେ ଆସୁଥିବା ଲୋକେ, ଟ୍ରକ ଚାଳକ ଏହାକୁ କିଣି ନେଉଥିବା ଦେଖାଦେଇଛି। ଏଠାରେ ଆଚାର ତିଆରି କ୍ଷୁଦ୍ର ଶିଳ୍ପ ନ ଥିବାରୁ ଏଠାରୁ ବେପାରୀମାନେ ଶସ୍ତାରେ ବିଦେଶୀ କଂଚା ଆମ୍ବ କିଣି ଆଚାର କମ୍ପାନୀକୁ ଯୋଗାଉଥିବା ମଧ୍ୟ କୁହାଯାଉଛି। ତଥାପି ଘର ପାଖରେ ବିକ୍ରି ସୁଯୋଗ ଥିବାରୁ ରାସ୍ତା କଡ଼ରେ ଲୋକେ ଆମ୍ବ ବେପାରରେ ଆଗ୍ରହ ରଖୁଛନ୍ତି।



ସ୍ୱାସ୍ଥ ବିଶେଷଜ୍ଞଙ୍କ କହିବା ଅନୁସାରେ, ଆମ୍ବରେ ରହିଛି ଅନେକ ଔଷଧୀୟ ଗୁଣ। ଉଭୟ କଂଚା ଓ ପାଚିଲା ଆମ୍ବରେ ପୌଷ୍ଟିକ ତତ୍ତ୍ୱ ଭରପୁର ଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତିରେ ସାହାଯ୍ୟ କରିବା ସହ ପେଟରେ ସମସ୍ତ ପ୍ରକାର ବିକାର ଦୂର ହୋଇଥାଏ। କଂଚା ଆମ୍ବ ନିୟମିତ ଖାଇବା ଫଳରେ ତ୍ୱଚା ଉଜ୍ଜ୍ୱଳ ହୁଏ। ଶରୀରରେ ଆଇରନ ଅଭାବ ରହିଥିଲେ ତାହା ମଧ୍ୟ ପୂରଣ ହୋଇପାରିବ। ମଧୁମେହ ରୋଗରେ ପୀଡିତ ହୋଇଥିଲେ କଂଚା ଆମ୍ବ ଖାଇବା ଦ୍ୱାରା ସୁଗାର ସ୍ତର କମ୍ ହୋଇଥାଏ। ଏପରିକି ଆମ୍ବ ଟାକୁଆରେ ସାଇଟ୍ରିକ୍ ଏସିଡ୍ ଥାଏ। ଏହା ହଜମ ପ୍ରକ୍ରିୟାକୁ ଠିକ୍ ରଖିବାରେ ସହାୟକ ହୋଇଥାଏ। ଶରୀରରେ କ୍ୟାଲସିୟମ ବଢାଇବା ଏବଂ ହାଡକୁ ମଜବୁତ କରିବା ସହ ଓଜନ କମାଇବାରେ ସାହାଯ୍ୟ କରେ।

ଜାତୀୟ ରାଜପଥ ପାଶ୍ୱର୍ରେ ବ୍ୟବସାୟ କରୁଥିବା ଆଶିଷ ସେଠୀଙ୍କ କହିବା ଅନୁଯାୟୀ, ଅସହ୍ୟ ଖରା ପାଇଁ କିଛିଦିନ ହେବ ବିକ୍ରିରେ ସାମାନ୍ୟ ପ୍ରଭାବ ପଡ଼ିଛି। ସକାଳ ବେଳା ଓ ଅପରାହ୍ଣରେ ଆମ୍ବ ବିକ୍ରି ଭଲ ହେଉଥିବା ବେଳେ ମଧ୍ୟାହ୍ନରେ ବିକ୍ରି ବହୁତ କମି ଯାଉଛି। ଦଶେରୀ ଓ ନିଲମ ଆମ୍ବ ସବୁଠୁ ଅଧିକ ବିକ୍ରି ହେଉଥିବା ସେ କହିଛନ୍ତି। ସେ ପ୍ରତିଦିନ ଆମ୍ବ ଧରି ଗାଁରୁ ଆସି ରାସ୍ତାକଡରେ ବସନ୍ତି। ବିକ୍ରି ସାରି ସନ୍ଧ୍ୟା ସମୟକୁ ଗାଁକୁ ଫେରି ଯାଆନ୍ତି। ତାଙ୍କ ଭଳି ଅନେକ ବ୍ୟକ୍ତି ଆମ୍ବ ଆଣି ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଗାଁ ଦେଶୀ ଆମ୍ବର ସ୍ୱାଦ ନିଆରା ହୋଇଥିବା ବେଳେ ତାକୁ ନେବା ପାଇଁ ଲୋକେ ମଧ୍ୟ ଭିଡ ଜମାଉଛନ୍ତି।

## ଟ୍ରେଲର ପଛରେ ଧକ୍କାହେଲା ଟ୍ରକ, ଚାଳକ ମୃତ

କାମାକ୍ଷାନଗର,୨୯ ।୫(ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଜିରିଡ଼ାମାଳି ବାଇପାସ ନିକଟରେ ଗୁରୁବାର ରାତିରେ ଏକ ଟ୍ରେଲର ପଛରେ ଟ୍ରକ ଧକ୍କାହେବା ଫଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ଜିଲ୍ଲା ଖମାର ଥାନା ରଜଡଙ୍ଗ ଗ୍ରାମର ପରମାନନ୍ଦ ଦଣ୍ଡପାଟ। ଟ୍ରେଲର ଯାଜପୁର ଅଞ୍ଚଳରୁ ତାଳଚେର ଆଡ଼କୁ ଯାଉଥିବା ବେଳେ କୋଇଲା ଖାଲି କରି ତାଳଚେର ଅଭିମୁଖେ ଯାଉଥିବା ଟ୍ରକ ଟ୍ରେଲର ପଛରେ ଧକ୍କା ହୋଇଥିଲା। ଫଳରେ ଟ୍ରକର ସାମ୍ନା ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଚାଳକ କ୍ୟାବିନରେ ଚାପିହୋଇ ରହିଯାଇଥିଲେ। କାମାକ୍ଷାନଗର ଅଗ୍ନିଶମବାହିନୀ ଓ ପୁଲିସ କ୍ୟାବିନ ଭାଙ୍ଗି ଡ୍ରାଇଭରଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଗଛରୁ ପଡ଼ି ଜଣେ ମୃତ

କାମାକ୍ଷାନଗର,୨୯ ।୫(ସମିସ): ଶୁକ୍ରବାର ମଧ୍ୟାହ୍ନରେ ଗଛରୁ ପଡ଼ି କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ପାଣ୍ଡବ ଦେହୁରୀ (୩୬)ଙ୍କ ମୃତ୍ୟୁ ହୋଇଛି। କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ସେ କାମାକ୍ଷାନଗର ଏନଏସି ୧ ନମ୍ବର ୱାର୍ଡ ଇନ୍ଦିପୁର ଗ୍ରାମରେ ରହୁଥିଲେ। ଆଜି ଆମ୍ବ ଗଛରେ ଚଢ଼ିଥିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଏମଜିଏମ୍ କାରଖାନାରେ ଦୁର୍ଘଟଣା: ଜଣେ ଆହତ

ଢେଙ୍କାନାଳ/ଖଜୁରିଆକଟା,୨୯ ।୫(ସମିସ): ମୋଟଙ୍ଗା ଥାନା ନିମିଧା ଗ୍ରାମ ନିକଟ ଏମଜିଏମ ଲୌହ କାରଖାନାରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀ ଆହତ ହୋଇଛନ୍ତି। କାରଖାନା ସମ୍ପ୍ରସାରଣ ପାଇଁ ସ୍ଥାପିତ ମୋବାଇଲ ସ୍କ୍ରିନ୍ ଭାଙ୍ଗି ପଡ଼ିବାରୁ ତଳେ ଛିଡ଼ା ହୋଇଥିବା ଇଞ୍ଜିନିୟର ଶତାବ୍ଦୀ ରାଜମୋହନ ଚାପି ହୋଇଯାଇଥିଲେ। ଏଥିରେ ତାଙ୍କ ଡାହାଣ ହାତ, ଅଣ୍ଟା, ବାମ ଗୋଡ଼ ଭାଙ୍ଗିଯାଇଛି। ସେଠାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ଓ କାରଖାନା କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଓଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ କାରଖାନାର ପ୍ରୋସେସ ମୁଖ୍ୟ ଶୁଭେନ୍ଦୁ ପଣ୍ଡା ଉପସ୍ଥିତ ଥିଲେ। ଦୁର୍ଘଟଣାସ୍ଥଳରେ ଦୁଇଜଣଙ୍କ ଡ୍ୟୁଟି ନ ଥିଲା। ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନୂତନ ଭାବେ ନିର୍ମାଣ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଛି। ଫଳରେ ଶ୍ରମିକ ଓ କର୍ମଚାରୀମାନେ ଭୟ ଓ ଆଶଙ୍କା ଭିତରେ କାର୍ଯ୍ୟ କରୁଛନ୍ତି। କାରଖାନାର ବରିଷ୍ଠ ପଦାଧିକାର ଥାଉ ଥାଉ ଜଣେ କନିଷ୍ଠ ପଦାଧିକାରୀଙ୍କୁ କାରଖାନା ପରିଚାଳନା ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ସବୁ ଜାଣି ଫ୍ୟାକ୍ଟ୍ରି ଓ ବଏଲର ବିଭାଗ ଏବଂ ଶ୍ରମ ବିଭାଗ ଚୁପ୍ ଥିବା ଅଭିଯୋଗ ହେଉଛି।



### ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ପରୀକ୍ଷାଫଳ ପ୍ରକାଶ

# ପାସ୍‌ହାର ୭୭.୮୩ ପ୍ରତିଶତ, ବିଷ୍ଣୁପ୍ରିୟା ଶ୍ରେଷ୍ଠ ଗ୍ରାଜୁଏଟ

ଢେଙ୍କାନାଳ,୨୯ ।୫(ସମିସ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ଏବଂ ପିଜି ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ଡିଗ୍ରୀ ପରୀକ୍ଷାଫଳ ୭୭.୮୩ ପ୍ରତିଶତ ହୋଇଛି। ମହାବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି ବିଷ୍ଣୁପ୍ରିୟା ରଥ ଶ୍ରେଷ୍ଠ ଗ୍ରାଜୁଏଟ ବିବେଚିତ ହୋଇଛନ୍ତି। ଚଳିତ ବର୍ଷ ପୁଅଙ୍କ ତୁଳନାରେ ଝିଅମାନେ ଭଲ କରିଛନ୍ତି। ଚଳିତ ବର୍ଷ ମୋଟ ୫୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନରେ ୨୨୯, ପ୍ରଥମ ଶ୍ରେଣୀରେ ୧୧୦, ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍କସନରେ ୪, ଦ୍ୱିତୀୟ ଶ୍ରେଣୀରେ ୭୫ ଜଣ ଅନର୍ସରେ ପାସ କରିଥିବା ବେଳେ ମୋଟ ୪୨୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୧୧୫ଜଣ ଫେଲ ହୋଇଥିବା ବେଳେ ୪ ଜଣଙ୍କ ଫଳ ସ୍ଥଗିତ ରହିଛି।

ଅର୍ଥନୀତିରେ ଶାଶ୍ୱତୀ ଶ୍ୱେତପଦ୍ମା ଟପ୍ପର ହୋଇଥିବା ବେଳେ ଶିକ୍ଷାବିଭାଗରେ ବର୍ଷାରାଣୀ ଦେହୁରୀ, ଇଂରାଜୀରେ ଅଭିପ୍ସା ଧଳ, ହିନ୍ଦୀରେ ଅନିତା ନାଏକ, ଇତିହାସରେ ଜୟପ୍ରକାଶ ସାହୁ, ଓଡ଼ିଆରେ ଓଜସ୍ୱିନୀ ରାଉତ, ଫିଲୋସୋଫିରେ



ଜସ୍ମିନ ସାହୁ, ସାଇକୋଲୋଜିରେ ଶ୍ରାବଣୀ ଖୁଣ୍ଟିଆ, ଫିଜିଓଲୋଜିରେ ସି ଅଭିପ୍ସା, ସଂସ୍କୃତରେ ଶର୍ମିଷ୍ଠା ସାହୁ, ସୋସିଓଲୋଜିରେ

**ଝିଅଙ୍କ ପାସହାର ଅଧିକ**

ସସ୍ମିତା ପଣ୍ଡା, ବଟାନୀରେ ପ୍ରଭୁଦତ୍ତ ସାହୁ, କେମେଷ୍ଟ୍ରିରେ ହିମାଂଶୁ ଶେଖର ନାୟକ, କମ୍ପ୍ୟୁଟର ବିଜ୍ଞାନରେ ସୁଶ୍ରୀ ସଙ୍ଗିତା ସାହୁ, ଗଣିତରେ ମଧୁସ୍ମିତା ସାହୁ, ଫିଜିକ୍ସରେ ଲକ୍ଷ୍ମୀପ୍ରିୟା ହୋତା, ଜୁଲୋଜିରେ ବିଷ୍ଣୁପ୍ରିୟା ରଥ ଓ କମର୍ସ ଆକାଉଣ୍ଟାନ୍ସିରେ ଆଲିସା ରଣା ଟପ୍ପର ହୋଇଛନ୍ତି। ଫିଜିକ୍ସର ଲକ୍ଷ୍ମୀପ୍ରିୟା ହୋତା ସର୍ବାଧିକ ୧୬୮୪ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ପରୀକ୍ଷା ଫଳ ପ୍ରକାଶ ଅବସରରେ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସହ ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଏକାଡେମିକ ବର୍ସାର ଡ. ରଜନୀକାନ୍ତ ଖୁଣ୍ଟିଆ, ସହକାରୀ ପ୍ରଫେସର ଶକ୍ତିପ୍ରସାଦ କବି ଶତପଥୀ, ଏକାଡେମିକ ବର୍ସାର ଭୁପେଶ ଚନ୍ଦ୍ର ସାହୁ, ଡେପୁଟି କଣ୍ଟ୍ରୋଲର ଦିଲୀପ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ● ସ୍ୱୟଂଶାସିତ ମହାବିଦ୍ୟାଳୟ ପିଜି ପରୀକ୍ଷାଫଳ ପ୍ରକାଶ | ପାସ୍‌ହାର ୯୩.୧୦ ପ୍ରତିଶତ



ଢେଙ୍କାନାଳ,୨୯ ।୫(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷା ଫଳ ଶୁକ୍ରବା ପ୍ରକାଶିତ ହୋଇଛି। ଚଳିତ ବର୍ଷ ମୋଟ ୨୧୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୧୮୯ଜଣ ପାସ କରିଥିବା ବେଳେ ୧୪ ଜଣ ଫେଲ ହୋଇଛନ୍ତି। ପାସ ହାର ୯୩.୧୦ ପ୍ରତିଶତ ରହିଛି। ବଟାନୀରେ ୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୦ଜଣ ପାସ କରିଛନ୍ତି। କେମେଷ୍ଟ୍ରିରେ ୧୬ଜଣଙ୍କ ମଧ୍ୟରୁ ୧୫, କମର୍ସରେ ୩୨ଜଣଙ୍କ ମଧ୍ୟରୁ ୩୦, ଅର୍ଥନୀତିରେ ୧୫ଜଣଙ୍କ ମଧ୍ୟରୁ ୧୦, ଇଂରାଜୀରେ ୧୬ଜଣଙ୍କ ମଧ୍ୟରୁ ୧୪, ଇତିହାସରେ ୩୧ଜଣଙ୍କ ମଧ୍ୟରୁ ୨୯, ଗଣିତରେ ୧୬ଜଣଙ୍କ ମଧ୍ୟରୁ ୧୬, କମ୍ପ୍ୟୁଟର ବିଜ୍ଞାନରେ ୫ଜଣଙ୍କ ମଧ୍ୟରୁ ୪, ଓଡ଼ିଆରେ ୧୬ଜଣଙ୍କ ମଧ୍ୟରୁ ୧୩, ଫିଲୋସୋଫିରେ ୭ଜଣଙ୍କ ମଧ୍ୟରୁ ୫, ଫିଜିକ୍ସରେ ୧୬ଜଣଙ୍କ ମଧ୍ୟରୁ ୧୪ ଓ ସାଇକୋଲୋଜିରେ ୧୧ଜଣଙ୍କ ମଧ୍ୟରୁ ୯ ଜଣ ପାସ କରିଛନ୍ତି। ବଟାନୀରେ ସୁଧୀର କୁମାର ସେଠୀ, କେମେଷ୍ଟ୍ରିରେ ବିଷ୍ଣୁପ୍ରିୟା ସାହୁ, କମର୍ସରେ କିରଣବାଳା ମହାନ୍ତି, ଅର୍ଥନୀତିରେ ରତୁପର୍ଣ୍ଣା ସାହୁ, ଇଂରାଜୀରେ ଆକାଂକ୍ଷା ରଥ, ଇତିହାସରେ ଶ୍ରୀୟଙ୍କା ସାମଲ, ଗଣିତରେ ଅମନ କୁମାର ବେହେରା, ଓଡ଼ିଆରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, କମ୍ପ୍ୟୁଟର ବିଜ୍ଞାନରେ ଅନନ୍ୟା ମହାପାତ୍ର, ଫିଲୋସୋଫିରେ ପୂଜାରିଣୀ ସାହୁ, ଫିଜିକ୍ସରେ ଅମ୍ରିତା ନାୟକ, ସାଇକୋଲୋଜିରେ ସୁହାନୀ ବେହେରା ଟପ୍ପର ହୋଇଛନ୍ତି। ସେହିପରି ଏମବିଏରେ ୩୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୩ଜଣ ପାସ କରିଛନ୍ତି। ପାସ ହାର ୯୭.୦୫ ପ୍ରତିଶତ ରହିଛି। ଏମବିଏରେ ନତାଶା ସ୍ୱାଇଁ ଏବଂ କମ୍ପ୍ୟୁଟର ସାଇନ୍ସରେ ଜୟକୃଷ୍ଣ ବହେରା ଟପ୍ପର ହୋଇଛନ୍ତି। ଏମସିଏରେ ୧୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି।

## ଋତୁସ୍ରାବ ସ୍ୱଚ୍ଛତା ସଚେତନତା ଓ ସାନିଟାରୀ ନାପ୍‌କିନ୍ ବଣ୍ଟନ

ଢେଙ୍କାନାଳ,୨୯ ।୫(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ତରଫରୁ ଲତାଦେଇପୁର ଶବରସାହିରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଛି। ଋତୁସ୍ରାବ ସମୟରେ ମହିଳାମାନେ କିଭଳି ସ୍ୱଚ୍ଛତା ଅବଲମ୍ବନ କଲେ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇପାରିବେ ସେ ସଂକ୍ରାନ୍ତରେ କ୍ଲବ୍ ସଦସ୍ୟାମାନେ ସଚେତନ କରିବା ସହ ସାନିଟାରୀ ନାପ୍‌କିନ୍ ବ୍ୟବହାରର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ଗ୍ରାମର ପ୍ରତ୍ୟେକ ମହିଳାଙ୍କୁ ସାନିଟାରୀ ନାପ୍‌କିନ୍ ବଣ୍ଟନ କରିଥିଲେ।



କ୍ଲବ୍ ସଦସ୍ୟା ନେହା ଶ୍ରେୟା ଶିବାନୀ, ଶୁଭଶ୍ରୀ ଦାସ, ସମୀକ୍ଷା ଦାଶ, ମମତା ମହାପାତ୍ର, ମାତୃଶକ୍ତି ରଣା, ସସ୍ମିତା ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବ୍ ତରଫରୁ ପୂର୍ବରୁ ଏଭଳି କାର୍ଯ୍ୟକ୍ରମ ସଦର ବ୍ଲକ୍ ସପ୍ତଶଯ୍ୟା ପଞ୍ଚାୟତ ନୂଆଗାଁ ଓ ଗଁଦିଆ ବ୍ଲକ୍ ଚଟିଘରଠାରେ ଅନୁଷ୍ଠିତ ହୋଇଥିଲା।

## ଶିବ ବିବାହ ପାଇଁ ଲଗ୍ନଧରା ନୀତି ସମ୍ପନ୍ନ

ଢେଙ୍କାନାଳ,୨୯ ।୫(ସମିସ): ସ୍ଥାନୀୟ ଖମାରସାହିସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଆସନ୍ତା ଜୁନ ୧୮ ତାରିଖ ହେବାକୁ ଥିବା ଶିବ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁକ୍ରବାର ଲଗ୍ନଧରା ନୀତି ସମ୍ପନ୍ନ ହୋଇଛି। ବରପିତା ଭାବେ ପ୍ରଭାତ କୁମାର ସାହୁ ଓ କନ୍ୟାପିତା ଭାବେ ହରପ୍ରସାଦ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜକ ସର୍ବେଶ୍ୱର ପତିଙ୍କ ପୌରୋହିତ୍ୟରେ ଲଗ୍ନଧରା ନୀତି ହୋଇଥିଲା। ପ୍ରଥମେ ନୀଳକଣ୍ଠେଶ୍ୱରଙ୍କ ପାଖରେ ସଂକଳ୍ପ, ପଞ୍ଚାମୃତ ସ୍ନାନ, ନୂତନ ବସ୍ତ୍ର ଓ ଫୁଲ ଅର୍ପଣ କରାଯାଇଥିଲା। ପରେ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ବରପିତା ପ୍ରଭାତ କୁମାର ସାହୁ ଓ କନ୍ୟାପିତା ହର ପ୍ରସାଦ ଦାସ ପରସ୍ପରକୁ ଗୁଆ, ନଡ଼ିଆ, ବସ୍ତ୍ର ଦେଇ ସମ୍ପର୍କ ସ୍ଥାପନ କରିଥିଲେ। ପାଞ୍ଜି ଦେଖି ଆସନ୍ତା ୧୮ ତାରିଖ ରାତି ୧୦ଟା ୨୭ରେ ବିବାହ ପାଇଁ ଶୁଭଲଗ୍ନ ସ୍ଥିର କରାଯାଇଛି।



ମନ୍ଦିର ପରିଚାଳନା କମିଟି ସଭାପତି କହିଛନ୍ତି, ପ୍ରତିବର୍ଷ ପରି ଚଳିତ ବର୍ଷ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହାସମାରୋହରେ ପାଳନ ହେବ। ୧୮ ତାରିଖ ସକାଳୁ ମଙ୍ଗଳାର୍ପଣ, ଜଳଯାତ୍ରା, ସନ୍ଧ୍ୟାରେ ବରଯାତ୍ରୀ ଶୋଭାଯାତ୍ରା ଓ ରାତିରେ ବିବାହ ନୀତି ଅନୁଷ୍ଠିତ ହେବ। ୧୯ ତାରିଖ ଶୀତଳ ଷଷ୍ଠୀ ଯାତ୍ରା ଓ ଭଣ୍ଡାର ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁକାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ବସନ୍ତ ରଥ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ନଳରାମ ବାରିକ, ଟ୍ରଷ୍ଟ ସଦସ୍ୟ ପ୍ରମୋଦ ଲେଙ୍କା, ପୂଜକ ପୀତବାସ ପତ୍ରୀଙ୍କ ସମେତ ସର୍ବେଶ୍ୱର ପ୍ରଧାନ, ଅବଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ● ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ

## ୭ ମହିଳାଙ୍କ ଅଭିଯୋଗ ଶୁଣାଣି

ଢେଙ୍କାନାଳ,୨୯ ।୫(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଛି। ଯୌତୁକ ନିର୍ଯାତନା, ବୈବାହିକ ଜୀବନରେ କଳହ, ଶାରୀରିକ ନିର୍ଯାତନା, ସମ୍ପତ୍ତି ହେରଫେର, ଘରୋଇ ହିଂସା, ଯୌନ ନିର୍ଯାତନା, ନାବାଳିକା ଅତ୍ୟାଚାର ତଥା ମହିଳାମାନେ କୌଣସି ପ୍ରକାର




ଅନ୍ୟାୟ ଅତ୍ୟାଚାରରେ ପୀଡ଼ିତ ହୋଇ ନିଜ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଲେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲାପାଳ କିମ୍ବା ଏସ୍‌ପିଙ୍କୁ ଅବଗତ କରାଇବା, ଆବଶ୍ୟକ ସ୍ଥଳେ ମହିଳା କମିଶନଙ୍କ ଦ୍ୱାରସ୍ଥ ହେବାକୁ କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ପରାମର୍ଶ ଦେଇଛନ୍ତି। ଶିବିରରେ କମିଶନ ଅଧ୍ୟକ୍ଷା ମହାନ୍ତି ଏବଂ ସଦସ୍ୟା ପ୍ରତିଭା ଶତପଥୀ ଘରୋଇ ହିଂସାର ଶିକାର ୭ ମହିଳାଙ୍କ ଅଭିଯୋଗ ଶୁଣାଣି କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା କୁମାରୀ ପାତ୍ର, ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜିନୀ କର ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

### ■ ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ

## ପ୍ରଚଣ୍ଡ ଖରାରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜନ

ଗଁଦିଆ,୨୯ ।୫(ସମିସ): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି ରହିଥିବା ବେଳେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳରେ



ତାତି ସୀମା ପାର୍ କରିଛି। ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଉଥିବା ବେଳେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଝାଞ୍ଜି ପବନରେ ଲୋକଙ୍କ ଦେହ ପୋଡ଼ିଗଲା ଭଳି ଅନୁଭୂତ ହେଉଛି। ସକାଳ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଛି। ମଧ୍ୟାହ୍ନରେ ସମସ୍ତ ଦୋକାନ ବଜାର ଓ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଏଭଳି ସାଙ୍ଘାତିକ ପରିସ୍ଥିତିରେ ସରକାରୀ କଟକଣା ଓ ଶ୍ରମ ନିୟମକୁ କିଛି ଅମାନିଆ ଠିକାଦାର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଗଁଦିଆ ନିକଟରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାମରେ ଶ୍ରମିକଙ୍କୁ ପ୍ରଚଣ୍ଡ ଖରାବେଳେ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି। ମଧ୍ୟାହ୍ନର ନିଆଁ ବର୍ଷା ସମୟରେ ମଧ୍ୟ ଗରିବ ଶ୍ରମିକ ଖୋଲା ଆକାଶ ତଳେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଯାହା ସରକାରଙ୍କ ଶ୍ରମ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ। ଏଭଳି ପ୍ରତିକୂଳ ପରିସ୍ଥିତିରେ କାମ କରୁଥିବାରୁ ଯେକୌଣସି ସମୟରେ ଶ୍ରମିକ ଅଂଶୁଘାତର ଶିକାର ହେବାର ଆଶଙ୍କା ରହିଛି। ଠିକାଦାରଙ୍କ ଏଭଳି ବେପରୁଆ କାର୍ଯ୍ୟ ଯୋଗୁଁ ଶ୍ରମିକଙ୍କ ଜୀବନ ବିପଦକୁ ଠେଲି ହୋଇଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ଶ୍ରମ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରଚଣ୍ଡ ଖରାରେ ଚାଲିଥିବା ଏହି ଶ୍ରମିକ ନିର୍ଯାତନାକୁ ତୁରନ୍ତ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଁଦିଆ,୨୯ ।୫(ସମିସ): ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁରସ୍ଥିତ ରାମଚନ୍ଦ୍ରପୁର ସରକାରୀ ପ୍ରାଥମିକ



ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ହୃଷୀକେଶ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଧର ପରିଡ଼ା, ଶତ୍ରୁଘ୍ନ ମିଶ୍ର, ସିଆରସିସି ବିନୋଦ ଦେହୁରୀ, ବିମଳ କୁମାର ମିଶ୍ର, ଛବୀନ୍ଦ୍ର ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମିଳା ସ୍ୱାଇଁ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଆଦର୍ଶ ତଥା ଗୁଣଗାନ କରିଥିଲେ। ପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାସ ମିଶ୍ର, ନିତ୍ୟାନନ୍ଦ ପାତ୍ର, ମାନସୀ ବରାଳ, ସାବିତ୍ରୀ ସ୍ୱାଇଁ, ପଦ୍ମିନୀ ବ୍ରହ୍ମ, ନିରଞ୍ଜନ ଖଟୁଆ, ପ୍ରତିମା ଖଟୁଆ, ପୁରାତନ ଛାତ୍ର ଦୋଳଗୋବିନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ● ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ଘଟଣା

## ଖବର ପ୍ରକାଶ ପରେ ଘରେ ପହଞ୍ଚିଲେ ମହିଳା କମିଶନ ଅଧ୍ୟକ୍ଷା

କାମାକ୍ଷାନଗର,୨୯ ।୫(ସମିସ): କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକା ଉତ୍ତରପ୍ରଦେଶର ଝାନ୍ସିଠାରେ ବାରମ୍ବାର ବିକ୍ରି ହେବା ଓ ଯୌନ ନିର୍ଯାତନାର




ଶିକାର ହେବା ନେଇ ଖବର ପ୍ରକାଶ ପରେ ଶୁକ୍ରବାର ନାବାଳିକାଙ୍କ ଘରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି। ନାବାଳିକାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ନାବାଳିକା ଜଣକ ଜଣେ ସମ୍ପର୍କୀୟଙ୍କ ସହ କାମ ଅନ୍ୱେଷଣରେ ଭୁବନେଶ୍ୱର ଯାଇଥିବା ବେଳେ ତାଙ୍କୁ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତିଙ୍କୁ ଏକଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ସେହି ବ୍ୟକ୍ତି ଜଣକ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ଗର୍ଭନଷ୍ଟ କରାଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାରେ ବିକ୍ରି କରିଥିଲେ। ସେଠାରେ ମଧ୍ୟ ବାରମ୍ବାର ଯୌନ ନିର୍ଯାତନାର ଶିକାର ହୋଇଥିବା ବେଳେ ନାବାଳିକା ଜଣଙ୍କ ସେଠାରୁ କୌଶଳକ୍ରମେ ଖସିଆସି କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଖବର ପ୍ରସାରଣ ପରେ ଶୁକ୍ରବାର ମହିଳା କମିଶନ ଅଧ୍ୟକ୍ଷା, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଢେଙ୍କାନାଳ ଅତିରିକ୍ତ ଏସପି ଇନ୍ଦୁରେଖା ପଶ୍ଚିମକବାଟ, କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ନାବାଳିକାଙ୍କ ଘରେ ପହଞ୍ଚିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସର ଏକ ତିନିଜଣିଆ ଟିମ ଉତ୍ତରପ୍ରଦେଶ ଯାଇଥିବା ବେଳେ ନାବାଳିକାଙ୍କୁ କଙ୍କଡାହାଡ଼ ଥାନା ଅଞ୍ଚଳର ଯେଉଁ ସମ୍ପର୍କୀୟ ଭୁବନେଶ୍ୱର ନେଇ ବିକ୍ରି କରିଥିଲେ ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମହିଳା କମିଶନ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି।

## ହିନ୍ଦୋଳ ବ୍ଲକ୍‌ରେ ଆଣ୍ଠେଇଛି ବସୁଧା ଯୋଜନା

ହିନ୍ଦୋଳ,୨୯ ।୫(ସମିସ)



ହିନ୍ଦୋଳ ଉପଖଣ୍ଡରେ ବସୁଧା ଯୋଜନା ଆଣ୍ଠେଇଛି। ପାନୀୟ ଜଳ ସଂକଟ ଯୋଗୁଁ ଶତାଧିକ ମହିଳା ସାତମାଇଲ ଛକ ନିକଟରେ ରାସ୍ତାରୋକ କରିଥିବାର ଜଣାପଡ଼ିଛି। ବସୁଧା ଯୋଜନା ମାଧ୍ୟମରେ ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ୫ ବର୍ଷ ହେବ ୫୦୦ କୋଟି ଟଙ୍କାର ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏପର୍ଯ୍ୟନ୍ତ ଉପଖଣ୍ଡର ୭୦ ଭାଗ ଗ୍ରାମରେ ମେଗା ପାନୀୟ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଇ ଦିଆଗଲାଣି ବୋଲି ବିଭାଗ କହୁଥିବା ବେଳେ ପ୍ରକୃତରେ କୌଣସି ଗ୍ରାମରେ ପ୍ରକଳ୍ପ ଦ୍ୱାରା ସଠିକ ଭାବେ ଜଳ ଯୋଗାଇ ଦିଆଯାଇ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ପାଣି ଟୋପେ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାସୋଳ ଥାନା ବଡ଼ବହାଳ ଗ୍ରାମର ଶତାଧିକ ମହିଳା ଗୁରୁବାର ସକାଳେ ଗରା ବାଲ୍ଟି ଧରି ସାତମାଇଲ ଛକର ହରତାଳ କରିବା ସହ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା।

> ■ ବାରମ୍ବାର ଅଭିଯୋଗ ପରେ ବି ଶୁଣିଲାନି ପ୍ରଶାସନ
> ■ ସାତମାଇଲ ଛକରେ ଶତାଧିକ ମହିଳାଙ୍କ ରାସ୍ତାରୋକ
> ■ ଅଟକି ରହିଲା ଶହ ଶହ ଗାଡ଼ି

ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା।

ବଡ଼ବହାଳ ଗ୍ରାମର ମହିଳାମାନଙ୍କ କହିବା କଥା, ଗ୍ରାମରେ ଏବେ ଆମେ ପାଣି ଟୋପେ ପାଇଁ ନାହିଁ ନ ଥିବା ହୀନସ୍ଥା ହେଉଛୁ। ଗ୍ରାମରେ ୨ଟି ନଳକୂପ ଥିଲେ ମଧ୍ୟ ଏବେ ତାହା ଅଚଳ ହୋଇପଡ଼ିଛି। ପୋଖରୀ ସବୁ ଶୁଖିଯାଇଛି। ସରକାର ବସୁଧା ଯୋଜନାରେ ସମସ୍ତ ପରିବାରକୁ ପାଣି ଯୋଗାଇଦେବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ନିର୍ବାଚନ ପରେ ସେ ସବୁ ଭୁଲିଯାଇ ଆମକୁ ପ୍ରତାରଣା କରିଛନ୍ତି ବୋଲି ଆନ୍ଦୋଳନରତ ମହିଳାମାନେ କହିଥିଲେ। ପାଣି ପାଇଁ ଗ୍ରାମବାସୀ ପଞ୍ଚାୟତଠାରୁ ବ୍ଲକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଅଭିଯୋଗ କରି ନିରାଶ ହେବା ପରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ମହିଳା ରାସ୍ତାରୋକ କରିଥିଲେ। ଦୀର୍ଘ ୨ ଘଣ୍ଟା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରି ପାଣି ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



## ଶବକୁ ନେଇ ପୁଲିସ ଚିନ୍ତା

# ଉପକଣ୍ଠରୁ ଆଉ ଦୁଇ ମୃତଦେହ ଉଦ୍ଧାର

ବଡ଼ରଘୁନାଥପୁର/ଯାଁଳା୨୯।୫(ସମିସ)

ରାଜଧାନୀ ଉପକଣ୍ଠ ଅଞ୍ଚଳରୁ ଗତ ଦୁଇଦିନ ତଳେ ଏକ ମୃତହେଦ ଉଦ୍ଧାର କରାଯାଇଥିବା ବେଳେ ଶୁକ୍ରବାର ଏକକାଳୀନ ଦୁଇଟି ସ୍ଥାନରୁ ଦୁଇଦୁଇଟି ମୃତଦେହ ଉଦ୍ଧାର କରାଯାଇଛି। ଗୋଟିଏ ମଦନପୁର ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟଟି ରଙ୍ଗମାଟିଆ ଅଞ୍ଚଳରୁ ଉଦ୍ଧାର କରାଯାଇଛି।

**■ ଜଣଙ୍କ ପରିଚୟ ମିଳିଲା, ଅନ୍ୟଜଣଙ୍କର ମିଳୁନି**

ପ୍ରକାଶ ଥାଉ କି ମଦନପୁର ତଳସାହିର ଏକ ଜଙ୍ଗଲ ନିକଟରୁ ଇନ୍‌ଫୋଭ୍ୟାଲି ଥାନା ପୁଲିସ୍ ଜଣେ ୭୦ ବର୍ଷିୟ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ନାମ ବିଶ୍ୱନାଥ ନାୟକ। ବିଶ୍ୱନାଥଙ୍କ ଘର କାନିଆପଲ୍ଲୀ, ଦୁଖାପଡ଼ା, ଗଞ୍ଜାମ ଜିଲ୍ଲାରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ମଦନପୁର ତଳ ସାହିର ଲୋକେ ଯାତାୟତ କରୁଥିବା ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଥାନାକୁ ଜଣାଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲକୁ ପଠାଇଥିଲା। ମୃତକ ଏକ ନୀଳ ରଙ୍ଗର ଲୁଙ୍ଗି ପିନ୍ଧିଥିଲେ,



ମୃତକ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ମୃତକ ଜଣକ ଜଣେ ଶ୍ରମିକ ହୋଇଥିବା ଜଣାପଡ଼ିଛି। ସେ ଭରତପୁର ଥାନା ଅଧୀନ ଆଇଗିଣିଆ ଅଞ୍ଚଳରେ ରହୁଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ୭ରେ ସେଭିଙ୍ଗ ହେବାକୁ ଯାଇଥିଲେ ଆଉ ଘରକୁ ଫେରି ନ ଥିବା ବୋଲି ପୁଲିସ୍ ସୂଚନା ଦେଇଛି, ଆଜି ସବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରକାଶ ଥାଉ କି ଗତ ଦୁଇଦିନ ପୂର୍ବରୁ ପିତାପଲ୍ଲୀ କାଜୁ ଜଙ୍ଗଲର ଏକ ଖଣିରୁ ବୀଭତ୍ସ ମୃତଦେହ ଉଦ୍ଧାର କରିଥିବା ବେଳେ ଶୁକ୍ରବାର ମଦନପୁର ପଞ୍ଚାୟତର ତଳ ସାହିର ଏକ ଜଙ୍ଗଲରୁ ପୁଣି ଏକ ବ୍ୟକ୍ତିଙ୍କ ଶବ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସେହିଭଳି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳରୁ ଏକ ଅଜଣା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମଞ୍ଚେଶ୍ୱର ଲେବଲ କ୍ରସିଂ ରଙ୍ଗମାଟିଆ ଗ୍ରାମ ଉପରସାହି ଚୁଆ ନିକଟରେ ପ୍ରାତଃଭ୍ରମଣରେ ଯାଉଥିବା ଲୋକମାନେ ମୃତଦେହକୁ ଦେଖିଥିଲେ। ସେମାନେ ଖବର ଦେବାରୁ ପ୍ରଥମେ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତ ବ୍ୟକ୍ତିଙ୍କ ବୟସ ୫୦ରୁ ୬୦ ମଧ୍ୟରେ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ମଞ୍ଚେଶ୍ୱର ଅଞ୍ଚଳରେ ଦୁଇ ଜଣ ଭିକ୍ଷୁକ ବୁଲୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଏହି ମୃତ ବ୍ୟକ୍ତି ବୋଲି ଅନୁମାନ କରାଯାଉଛି। ସହଯୋଗୀ ଜଣକ ଦେଖାଯାଉ ନ ଥିବାରୁ ତାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହେଉଛି। ମଞ୍ଚେଶ୍ୱର ପୁଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପରିଚୟ ପାଇବାକୁ ପୁଲିସ ଟିମ୍ ସ୍ଥାନୀୟ ଅଞ୍ଚଳରେ ପଚରାଉଚରା ଜାରି ରଖିଛି। ମଞ୍ଚେଶ୍ୱର ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି, ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ମୃତ ବ୍ୟକ୍ତିଙ୍କ ଶରୀରରେ କୌଣସି କ୍ଷତ ସ୍ଥାନ ନାହିଁ। ତାଙ୍କ ପରିଚୟ ପାଇବାକୁ ଉଦ୍ୟମ ଚାଲିଛି ବୋଲି ସେ କହିଛନ୍ତି।

ତେବେ ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ଏଭଳି ଗୋଟିଏ ପରେ ଗୋଟିଏ ମୃତଦେହ ମିଳିବା ଏବେ ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ବିଗତ ଦିନରେ ରାଜଧାନୀ ସମେତ ଉପକଣ୍ଠବର୍ତ୍ତୀ ଅଞ୍ଚଳରୁ ମିଳିଥିବା ଅଜଣା ମୃତହେହଗୁଡ଼ିକ ମଧ୍ୟରୁ କେତେକର ପରିଚୟ ମିଳିଥିବା ବେଳେ ଅଧିକାଂଶ ହତ୍ୟାକାଣ୍ଡ ବୋଲି ପୁଲିସ ଜାଣିବାକୁ ପାଇଥିଲା। ତେବେ ଅନେକ ମୃତଦେହର ପରିଚୟ ମିଳି ନ ଥିବାରୁ ସେଗୁଡ଼ିକର ଅସ୍ୱାଭିବିକ ମୃତ୍ୟୁ ନା ହତ୍ୟା ତାହା ଜଣାପଡ଼ିନାହିଁ।

## ବିବାହ ଆଳରେ ଯୁବତୀଙ୍କୁ ପ୍ରତାରଣା



ଭୁବନେଶ୍ୱର, ୨୯।୫ (ସମିସ): ଯୁବତୀଙ୍କୁ ବିବାହ ଆଳରେ ପ୍ରତାରଣା କରିଥିବା ପ୍ରେମିକକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅଧିନସ୍ଥ ପଲଙ୍ଗଘାଟିର ଟିକସନାଲ୍ ନାୟକ (୨୩)।

ପୁଲିସ ସୂଚନାନୁସାରେ, କନ୍ଧମାଳ ଜିଲ୍ଲାର ଜଣେ ୨୩ ବର୍ଷୀୟା ଯୁବତୀ ଚନ୍ଦକା ଥାନା ଅଞ୍ଚଳରେ ରହିବା ସହ ସ୍ଥାନୀୟ କମ୍ପାନୀରେ ଶ୍ରମିକ ଭାବେ କାମ କରୁଛନ୍ତି। କର୍ମସ୍ଥଳକୁ ଯିବାଆସିବା ସମୟରେ ନିକଟସ୍ଥ କମ୍ପାନୀରେ କାମ କରୁଥିବା ଟିକସନାଲ୍ ସହ ପରିଚୟ ହୋଇଥିଲା। ପରେ ସେମାନଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିବା ସହ ସମ୍ପର୍କ ପ୍ରେମର ରୂପ ନେଇଥିଲା। ଟିକସନାଲ୍ ତାଙ୍କୁ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ବିବାହ କରିବା ଆଳରେ ଯୁବତୀଙ୍କ ଭଡ଼ା ଘରେ ଟିକସନାଲ୍ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ୩/୪ ମାସ ଧରି ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରି ଦେଇଥିଲା। ଏଥିସହିତ ଯୁବତୀଙ୍କ ଚରିତ୍ରକୁ ନେଇ ସନ୍ଦେହ କରିବା ସହ ବିବାହ କରିବ ନାହିଁ ବୋଲି ରୋକ୍ ଠୋକ୍ ମନା କରିଥିଲା। ଏନେଇ ଯୁବତୀ ଜଣକ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ବିଳମ୍ବିତ ରାତିରେ ଟିକସନାଲକୁ ଗିରଫ କରିଥିବା ବେଳେ ଆଜି କୋର୍ଟ ଚାଲାଣ କରିଛି।

## ରାସ୍ତାରୁ ଅପହରଣ, ଫୋନ୍-ପେ ଟଙ୍କା ଲୁଟ୍

ଭୁବନେଶ୍ୱର, ୨୯।୫ (ସମିସ): ରାସ୍ତାରେ ଅଟକାଇବା ପରେ ଅପହରଣ କରିନେଲେ। ବେକରେ ଛୁରି ଲଗାଇ ଫୋନ୍-ପେରେ ଟଙ୍କା ଲୁଟିଲେ। ତାରିଣୀ ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ମହର୍ଷି କଲେଜ ପଛପାଖେ ରହୁଥିବା ଜଗଦୀଶ ଦାସ ଓରଫ୍ ଯତିନ୍ (୨୪) ଓ ଶାନ୍ତିପଲ୍ଲୀ ବସ୍ତିର ବିଜୟ କୁମାର ମୁଦୁଲି ଓରଫ୍ ହାପି (୨୦)।



ପୁଲିସ ସୂଚନାନୁସାରେ, ଲକ୍ଷ୍ମୀସାଗର ଉପର ସାହିର ଆଦିତ୍ୟ ରାଉତ ଗତ ୧୮ ତାରିଖ ରାତି ୧୦ଟାରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଜଗନ୍ନାଥ ନଗର ତାରିଣୀ ବସ୍ତି ନିକଟରେ ଯତିନ୍, ହାପି ଓ ଦୁଇ ସହଯୋଗୀ ତାଙ୍କୁ ରାସ୍ତାରେ ଅଟକାଇବା ସହ ମୁହଁରେ କଳା କପଡ଼ା ଗୁଡାଇ ନିଛାଟିଆ ସ୍ଥାନକୁ ଅପହରଣ କରି ନେଇଥିଲେ। ସେଠାରେ ତାଙ୍କ ବେକରେ ଛୁରି ଲଗାଇ ଭୟଭୀତ କରିବା ସହ ଫୋନ୍-ପେ ଜରିଆରେ ମୋବାଇଲ ଫୋନରୁ ୭୦ ହଜାର ଟଙ୍କା ନେଇ ଯାଇଥିଲେ। ଏଥିସହିତ ମୋବାଇଲ ନମ୍ବରରେ ୩୫୩ ଟଙ୍କାର ରିଚାର୍ଜ କରିଥିଲେ। ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ସମୟରେ ଏକ ନମ୍ବରରୁ ଫୋନ୍ କରି ଅଧିକ ଟଙ୍କା ଦେବା ଲାଗି ଆଦିତ୍ୟଙ୍କୁ ଧମକ ଦେଇଥିଲେ। ଏନେଇ ଆଦିତ୍ୟ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଓ ଆଦିତ୍ୟଙ୍କ ନିକଟକୁ ଆସିଥିବା ଶେଷ ଫୋନର ନମ୍ବରକୁ ପାଥେୟ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ଶୁକ୍ରବାର ଯତିନ୍ ଓ ହାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୁକୁର ଟିକାକରଣ ପାଇଁ ବିଏମ୍‌ସି ଜାତୀୟସ୍ତରରେ ସମ୍ମାନିତ

ଭୁବନେଶ୍ୱର, ୨୯।୫(ସମିସ): ଭୁବନେଶ୍ୱର ମହାନଗର ନିଗମକୁ ଜାତୀୟସ୍ତରରେ ମିଳିଲା ଆଉ ଏକ ସଫଳତା। ରାବିଜ୍ ମୁକ୍ତ ସହର ଗଠନ ନିମନ୍ତେ ବିଏମ୍‌ସି ନେଇଥିବା ପଦକ୍ଷେପ ଏବଂ ସାମୂହିକ ଟିକାଦାନ ପଦ୍ଧତି ପାଇଁ ଜାତୀୟସ୍ତରରେ ସମ୍ମାନିତ ହୋଇଛି। ଦିଲ୍ଲୀଠାରେ ଅନୁଷ୍ଠିତ ଜଳାତଙ୍କ ମୁକ୍ତ ରାଜ୍ୟ ଗଠନ ସଂକ୍ରାନ୍ତ ଦୁଇ ଦିନିଆ (୨୮-୨୯) କର୍ମଶାଳାରେ ବିଏମ୍‌ସିକୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆଗାମୀ ଦିନରେ ରାଜ୍ୟକୁ ଜଳାତଙ୍କ ମୁକ୍ତ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ଏକ ଡ୍ରାଫ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଅଛି। ସ୍ୱାସ୍ଥ୍ୟ, ପଶୁପାଳନ, ସିଡିସି(ଆଟଲାଣ୍ଟା) ଓ ମେଡିକାଲ, ପଶୁ ଚିକିତ୍ସା, ଜନସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ବିଭିନ୍ନ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ଓ ମହାନଗର ନିଗମର ସଦସ୍ୟ ସଦସ୍ୟାମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଆସନ୍ତା ୨୦୩୦ ସୁଦ୍ଧା ଭାରତକୁ ଜଳାତଙ୍କ ରୋଗମୁକ୍ତ କରିବା ଏବଂ ତଦନୁଯାୟୀ ରାଜ୍ୟସ୍ତରରୁ କାର୍ଯ୍ୟ ଯୋଜନାକୁ ସୁଦୃଢ କରିବା। କାରଣ ରାବିଜ୍ ହେଉଛି ଏକ ମାରିକ ରୋଗ ଯେଉଁଥିରେ ଶତପ୍ରତିଶତ ମୃତ୍ୟୁ ହୁଏ। ନାଗରିକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ତଥା ଭୁବନେଶ୍ୱରକୁ ରାବିଜ୍ ମୁକ୍ତ ସହର କରିବା ପାଇଁ ବିଏମ୍‌ସି ପକ୍ଷରୁ ଏନ୍‌ଏପିଆର୍‌ଇ ଅନୁଯାୟୀ ସାମୂହିକ କୁକୁର ଟିକାକରଣ (ଏମ୍‌ଡିଭି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟସ୍ତରର କର୍ମଶାଳାରେ ବିଏମ୍‌ସି ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଡାକ୍ତର ପ୍ରଶାନ୍ତ କୁମାର ସିକାଙ୍କ ନେତୃତ୍ୱରେ ଯାଇଥିବା ଟିମ୍ ତଥ୍ୟ ଉପସ୍ଥାପନ କରିଥିଲେ।

## ବାଲ୍ୟବିବାହ ଅଟକାଇଲା ପାହାଳ ଥାନା ପୋଲିସ



ହଂସପାଳ, ୨୯।୫(ସମିସ): ପାହାଳ ଥାନା ଅଧୀନରେ ଏକ ବାଲ୍ୟବିବାହକୁ ବନ୍ଦକଲା ପୋଲିସ। ସୂଚନା ଅନୁସାରେ ଏକ ନାବାଳିକାର ବିବାହକୁ ନେଇ ଘରେ ସଜା ସରିଥିଲା। ବିଭିନ୍ନ ଯାକଜମକର ତୋରୋଣ ବି ଲାଗିଥିଲା। ବେଙ୍ଗାଲୁରୁର ଏଚ ଏଲ୍ ଥାନା ମରତାଲି ଗ୍ରାମର ଜୟ କୁମାର(୨୪) ଯିଏକି ବର ବିଭିନ୍ନ ପାରମ୍ପାରିକ ବାଦ୍ୟରେ ରୋଷୋଣି କରି ପହଞ୍ଚି ସାରିଥିଲା ଗାଁ ମୁଣ୍ଡରେ। ଅଚାନକ ଗାଁ ରେ ରୁଚିକା ସାମାଜିକ କଲ୍ୟାଣ ସଂଗଠନ ପାହାଳ ପୋଲିସ ସହାୟତାରେ ପହଞ୍ଚି ଘରେ ବସିଥିବା ନାବାଳିକା କନ୍ୟାଙ୍କ ଆଧାରକାର୍ଡ ସମେତ ବିଭିନ୍ନ ଦସ୍ତାବିଜ୍ ଯାଞ୍ଚ୍ କରାଯାଇଥିଲା। ଯାହାକି ଯାଞ୍ଚ୍ ପରେ ବାଲ୍ୟବିବାହ ହେଉଥିବା ଅଧିକାରୀ ଏବଂ ପୋଲିସ ଜାଣିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ନାବାଳିକା ଓ ବରକୁ ସାଙ୍ଗରେ ଥାନାକୁ ନେଇଯିବା ସହ ବାଲ୍ୟବିବାହକୁ ବନ୍ଦ କରିଥିଲା ପୋଲିସ। ପରେ ଉଭୟ ବର ଓ କନ୍ୟା ପକ୍ଷ ପାହାଳ ଥାନାରେ ପହଞ୍ଚି ଆଲୋଚନା କରିଥିଲେ। ନାବାଳିକାକୁ ପ୍ରାପ୍ତବୟସ ପରେ ବିବାହ କରାଯିବ ବୋଲି ଉଭୟ ପକ୍ଷ ସହମତି ପ୍ରକାଶ କରିଥିଲେ। ପରେ ନାବାଳିକାକୁ ଶିଶୁ କଲ୍ୟାଣ ବିଭାଗ ନିଜ ହେପାଜତକୁ ନେଇଥିଲେ।

## ବିଗତ ଆର୍ଥିକ ବର୍ଷରେ ଓମ୍‌ଫେଡ୍‌ର ୧୦.୨୩ କୋଟି ଲାଭ




**ବିପଣନ, ନୂତନ ଉତ୍ପାଦ ଓ ପରିଚାଳନାଗତ ସଂସ୍କାର ପାଇଁ ପରାମର୍ଶ**

ଭୁବନେଶ୍ୱର, ୨୯।୫ (ସମିସ): ଉତ୍ତମ ସ୍ୱାଦ, ଉତ୍କୃଷ୍ଟ ଗୁଣବତ୍ତା ଓ ବିଶୁଦ୍ଧତାର ପ୍ରତୀକ ସାଜିଛି ଓମ୍‌ଫେଡ୍। ଓଡ଼ିଶାରେ ଶ୍ୱେତ ବିପ୍ଳବକୁ ଆଗେଇ ନେବା ସହ ଲକ୍ଷ ଲକ୍ଷ ଚାଷୀଙ୍କ ଜୀବନ-ଜୀବିକାର ସମୃଦ୍ଧିରେ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିଛି ବୋଲି ମାନ୍ୟବର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ କହିଛନ୍ତି। ସହିଦନଗର ସ୍ଥିତ ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ବିପଣନ, ନୂତନ ଉତ୍ପାଦ ଓ ପରିଚାଳନାଗତ ସଂସ୍କାର ମାଧ୍ୟମରେ ଚାଷୀଙ୍କ ସମୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅତୀତର ସମସ୍ତ ରେକର୍ଡକୁ ଭାଙ୍ଗି ୧୦୩୬.୮୨ କୋଟି ଟଙ୍କାର କାରବାର କରିବା ସହ ନିଟ୍ ଲାଭ ୧୦.୨୩ କୋଟି ଟଙ୍କା ହୋଇଛି। ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧରୀ ଯୋଗ ଦେଇ କହିଥିଲେ, ଦୁଗ୍ଧ ଚାଷୀଙ୍କ କଲ୍ୟାଣ ପାଇଁ ବିଭାଗ ପ୍ରତିବଦ୍ଧ ଅଛି। ସୋନପୁରଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏବଂ ଟାଙ୍ଗୀଠାରେ ୩୦ ହଜାରେ ଲିଟର କ୍ଷମତା ବିଶିଷ୍ଟ ନୂତନ ଡେରୀ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି। ଭିତ୍ତିଭୂମି ବିକାଶ ଉପରେ ବିଭାଗ ଗୁରୁତ୍ୱ ଦେଉଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୧୦୬୧ ଗୋଟି ନୂତନ ଦୁଗ୍ଧ ସମବାୟ ସମିତି ପଞ୍ଜିକରଣ ହୋଇଛି। ଓମ୍‌ଫେଡ୍‌ର ଭବିଷ୍ୟତ ଯୋଜନା ସମ୍ପର୍କରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବାଧାମୁକ୍ତ ଦୁଗ୍ଧକ୍ରୟ ବ୍ୟବସ୍ଥା ଗ୍ରହଣ କରିବା, ୨୦୩୦ ମସିହା ସୁଦ୍ଧା ୩.୨୮ ଲକ୍ଷ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମୃଦ୍ଧି ସୁନିଶ୍ଚିତ କରିବା, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ସେ ଗୁରୁତ୍ୱ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଓମ୍‌ଫେଡ୍ ସଭାପତି କିଶୋରଚନ୍ଦ୍ର ପ୍ରଧାନୀ ପ୍ରମୁଖ ଯୋଗ ଦେଇଥିଲେ।

## ମେୟରଙ୍କୁ ଭେଟିଲେ ଚୁନୁକୋଳି ବସ୍ତିବାସିନ୍ଦା

# ବିସ୍ଥାପନ ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆଶ୍ୱାସନା

ଭୁବନେଶ୍ୱର, ୨୯।୫(ସମିସ): ଜଟଣୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଏମସି ଅଞ୍ଚଳରେ ଅବସ୍ଥିତ ଚୁନୁକୋଳି ଗ୍ରାମର ଆଦିବାସୀ ବାସିନ୍ଦାମାନଙ୍କ ଏକ ପ୍ରତିନିଧି ଦଳ ବିଏମସି ମେୟର ସୁଲୋଚନା ଦାସଙ୍କୁ ଭେଟି ବିସ୍ଥାପନ ଓ ଥଇଥାନ ସମ୍ବନ୍ଧୀୟ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ସ୍ଥାନୀୟ ଆଦିବାସୀ ସମୁଦାୟ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରତିନିଧି ଦଳ ମେୟରଙ୍କୁ ଅବଗତ କରାଇଥିଲେ ଏବଂ ପ୍ରଭାବିତ ପରିବାର ମାନଙ୍କର ଅଧିକାର, ଜୀବିକା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଥିଲେ। ଆଦିବାସୀ ବାସିନ୍ଦାଙ୍କ ସମସ୍ୟାର ସମାଧାନ ଉପରେ ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ଓ ଡଃ ପ୍ରିୟବ୍ରତ ମାଝୀ, ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଏବଂ ଖୋର୍ଦ୍ଧା ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ ଉପସ୍ଥିତ ଥିଲେ। ମେୟର ଶ୍ରୀମତୀ ଦାସ ଗ୍ରାମବାସୀଙ୍କ ଅଭିଯୋଗ ଓ ସମସ୍ୟାଗୁଡ଼ିକୁ ବିସ୍ତୃତ ଭାବେ ଶୁଣିଥିଲେ ଏବଂ ଏହି ପ୍ରସଙ୍ଗରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ଆଶ୍ୱାସନ ଦେଇଥିଲେ।



ଆଦିବାସୀ ସମୁଦାୟଙ୍କ ସ୍ୱାର୍ଥ ସୁରକ୍ଷା ଏବଂ ସମସ୍ୟାର ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ ପ୍ରତି ପ୍ରଶାସନ ସର୍ବଦା ବଦ୍ଧପରିକର। ବିଜୁ ଜନତା ଦଳ ସଦାସର୍ବଦା ଆଦିବାସୀ ସମୁଦାୟଙ୍କ ସହିତ ରହିଛି ଓ ଆଗକୁ ମଧ୍ୟ ରହିବ। ଆଦିବାସୀ ସମୁଦାୟଙ୍କ ପାଇଁ ବିକାଶମୂଳକ ପଦକ୍ଷେପଗୁଡ଼ିକ ଯେପରି ସମ୍ବେଦନଶୀଳତା, ନ୍ୟାୟ ଏବଂ ପ୍ରଭାବିତ ଲୋକଙ୍କ ଅଧିକାର ପ୍ରତି କିପରି ସମ୍ମାନ ରକ୍ଷା କରାଯାଇପାରିବ, ତାହା ସୁନିଶ୍ଚିତ କରିବାକୁ ବିଜୁ ଜନତା ଦଳ ଦୃଢ଼ ପ୍ରତିବଦ୍ଧ ବୋଲି ଦଳ ପକ୍ଷରୁ କୁହାଯାଇଛି।

**● ବାରଙ୍ଗ ତ୍ରିଶୂଳିଆ ରାସ୍ତାରେ ବ୍ୟାପକ ପୁଲିସ ଛାଉଣି**

# ବ୍ୟାରିକେଡ୍ ପାଇଁ ଅଟକିଲା ୧୫ 'ଆମ ବସ୍'

ଭୁବନେଶ୍ୱର, ୨୯।୫(ସମିସ): କମିସନରେଟ୍ ପୁଲିସ ଥାର୍ଡ ଡିଗ୍ରୀ ମାମଲାରେ ବାରଙ୍ଗ ଅଞ୍ଚଳରେ ପରିସ୍ଥିତି ସାଂଘାତିକ୍ ହୋଇପଡ଼ିଛି। ପୁଲିସର ଏଭଳି କାର୍ଯ୍ୟକୁ ନିନ୍ଦା କରି ଏବଂ ସମ୍ପୃକ୍ତ ପୁଲିସ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଚଣ୍ଡୀପ୍ରସାଦ ଗ୍ରାମବାସୀ ଏବଂ ସ୍ଥାନୀୟ ଲୋକେ ବାରଙ୍ଗ ଥାନା ଘେରାଉ କରିଥିଲେ। ଏଠାରେ ବହୁ ସଂଖ୍ୟାରେ ଲୋକେ ଏକତ୍ରୀତ ହୋଇ ପୁଲିସ ବିରୋଧି ନାରାବାଜି କରିଥିଲେ। ଏଥିରେ ଭୟବିତ ହୋଇ ବାରଙ୍ଗ ତ୍ରିଶୁଳିଆ ଭୁବନେଶ୍ୱର ରାସ୍ତାରେ ବ୍ୟାପକ ପୁଲିସ ଛାଉଣି କରାଯାଇଥିଲା। ଏହାସହ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରାଯାଇଥିଲା। ପୁଲିସ ଗାଡ଼ି ଚଳାଚଳକୁ ବନ୍ଦ କରିଦେଇଥିଲା। ଏହାଧିକ ସ୍ଥାନରେ ବ୍ୟାରିକେଡ୍ ଲଗାଇ କଟକ ଜୁଡ଼ିସିଆଲ୍ କମ୍ପ୍ଲେକ୍ସ ଆଡୁ ଆସୁଥିବା ଗାଡ଼ିଗୁଡ଼ିକୁ ପଥ କରିବର୍ତ୍ତନ କରାଯାଇଥିଲା। ତ୍ରିଶୁଳିଆ ପାଖରୁ ବାଲିକୁଦା ରାସ୍ତା ଦେଇ ଜାତୀୟ ରାଜପଥରେ ଯାତ୍ରୀଙ୍କୁ ଯିବାକୁ ବାଧ କରିଥିଲା। ଫଳରେ ୧୫ରୁ ଊର୍ଦ୍ଧ୍ୱ ଆମ ବସ୍ ଅଟକି ଯାଇଥିଲା।

ସୂଚନା ଅନୁସାରେ ଶୁକ୍ରବାର ପ୍ରାୟ ୩ଟାରୁ ରୁଟ୍ ନମ୍ବର ୧୦, ୧୧, ୧୫, ୧୮, ୩୬, ୩୭, ୪୭, ୪୮, ୯୩ ଆମ ବସ୍ ସବୁ ଅଧା ରାସ୍ତାରେ ଅଟକି ରହିଥିଲା। ଭୁବନେଶ୍ୱରରୁ ବାହାରିଥିବା ପ୍ରାୟ ୧୦ଟି ଆମ ବସ୍ ଅଧା ରାସ୍ତାରେ ଅଟକି ରହିଥିଲା। ଫଳରେ ଏହି ବସ୍ ଉପରେ ନିର୍ଭର କରୁଥିବା ଯାତ୍ରୀମାନେ ରାସ୍ତା ଉପରେ ଫସି ରହିଥିଲେ। ଗୁରୁତ୍ୱପୂର୍ଣ୍ଣ କାମ ପାଇଁ ଯାଉଥିବା ଲୋକେ ତଥା ଘରକୁ ଫେରୁଥିବା ଲୋକେ ରାସ୍ତା ଅଟକି ରହି ହଇରାଣ ହରକତ ହୋଇଥିଲେ। ଏନେଇ କ୍ରୁଟ୍‌ର ଜଣେ ଅଧିକାରୀ କହିଛନ୍ତି କି ବାରଙ୍ଗ ପାଖରେ ସବୁ ଗାଡ଼ିକୁ ପୁଲିସ ଅଟକାଇ ଦେଇଥିଲା। ଫଳରେ ନା ସେପଟୁ ବସ୍ ସବୁ ଭୁବନେଶ୍ୱରକୁ ଆସିଥିଲା ନା ଭୁବନେଶ୍ୱର ପଟୁ ଆମ ବସ୍ କଟକକୁ ଯାଇପାରିଥିଲା। ଫଳରେ ଯେଉଁ ବସ୍‌ର ସମୟ ସବୁ ସରିଯାଇଥିଲା ସେହି ବସ୍ ସବୁ ସେମାନଙ୍କ ଡ଼ିପୋକୁ ଫେରିଯାଇଥିଲେ ବୋଲି ସେ କହିଛନ୍ତି।

# ନଡ଼ିଆ କତାରୁ ଜୀବନ ଜୀବିକା

**■ ବିଭିନ୍ନ ଉପକରଣ ତିଆରିକରି ସ୍ୱାବଲମ୍ବୀ ହେଉଛନ୍ତି ମହିଳା**
**■ ଆକର୍ଷିତ କରୁଛି ପଟ୍ଟଚିତ୍ର କୁଣ୍ଡ**

ଭୁବନେଶ୍ୱର, ୨୯।୫(ସମିସ)

ବର୍ତ୍ତମାନ ସମୟରେ ପରିବେଶ ଅନୁକୂଳ ବିଭିନ୍ନ ସାମଗ୍ରୀ ତିଆରି ହେଉଥିବା ଦେଖିବାକୁ ମିଳୁଛି। ପ୍ରଦୂଷଣର ମାତ୍ରା କମେଇବା ଓ ଲୋକଙ୍କୁ ସଚେତନ କରାଇବା ଉଦେଶ୍ୟରେ ନିଆରା ପ୍ରୟାସ ପରିଲକ୍ଷିତ ହେଉଛି।

ସେହିପରି କିଛି ଉଦାହରଣ ଦେଖିବାକୁ ମିଳିଛି ପୁରୁଣା ଭୁବନେଶ୍ୱରରେ, ଯେଉଁଠି ନଡିଆ କତାରେ ତିଆରି ହେଉଛି ବିଭିନ୍ନ ପ୍ରକାରର ଫୁଲ କୁଣ୍ଡ। ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ପରିବେଶ ସଚେତନତାର ବାର୍ତ୍ତା ମଧ୍ୟ ଦେଉଛି। ଯେଉଁ ସମୟରେ ଲୋକ ପ୍ଲାଷ୍ଟିକ ଓ ସେରାମିକ୍ ତିଆରି କୁଣ୍ଡ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି ଦୂର୍ଗା ନନ୍ଦନ ଜେନା ତାଙ୍କ ପ୍ରୟାସରେ ନଡିଆକତାକୁ ଆକର୍ଷଣୀୟ ରୂପ ଦେଇ ଲୋକ ଆଦର କରାଇ ପାରୁଛନ୍ତି। କେବଳ ସେତିକି ନୁହଁ ଏଡି ନଡିଆ କତା ହିଁ ୨୦ ରୁ ୨୫ ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ ମଧ୍ୟ କରୁଛି। ମହିଳାମାନେ ଆଜିର ଯୁଗରେ ସବୁ କ୍ଷେତ୍ରରେ ଆଗକୁ



ବଢ଼ିଲେଣି। ଅନେକ କ୍ଷେତ୍ରରେ ସେମାନେ ପୁରୁଷଙ୍କୁ ମଧ୍ୟ ପଛରେ ପକାଇଦେଇଛନ୍ତି। ଦୀର୍ଘ ୫ ବର୍ଷ ହେବ ଦୂର୍ଗା ନନ୍ଦନଙ୍କ ପ୍ରୟାସରେ ଏକ ଅନୁଷ୍ଠାନ ଗଢି ଉଠିଛି। ଯେଉଁଠି ସେ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଇ ଫୁଲ କୁଣ୍ଡଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ସାଜସଜା ଉପକରଣ ତିଆରି କରୁଛନ୍ତି। କେବଳ ଫୁଲ କୁଣ୍ଡ ତିଆରି କରୁନାହାନ୍ତି ସେଥିରେ ପଟ୍ଟଚିତ୍ର ଆଙ୍କି ତାକୁ ସୁନ୍ଦର ରୂପ ମଧ୍ୟ ଦେଉଛନ୍ତି। ଏହାବ୍ୟତିତ ସେଠାରେ କାମ



କରୁଥିବା ମହିଳାମାନେ ଗେଣ୍ଡୁଫୁଲ ମଧ୍ୟ ଚାଷ କରୁଛନ୍ତି। ସେମାନଙ୍କୁ ଏଥିପାଇଁ ତାଲିମ ଦିଆଯାଉଛି ଯେଉଁଥିପାଇଁ ୨ ଜଣ ପ୍ରଶିକ୍ଷକ ରହିଛନ୍ତି। ଏସବୁ ତିଆରି କରିବାକୁ ଦିନକୁ ନିର୍ଦ୍ଦିଷ୍ଟ କୌଣସି ସମୟ ସୀମା ନାହିଁ ବରଂ ପର୍ଯ୍ୟାୟକ୍ରମେ ନିଜ ସୁବିଧା ହିସାବରେ ମହିଳାମାନେ ତିଆରି କରୁଛନ୍ତି ବୋଲି ଦୂର୍ଗା ନନ୍ଦନ କହିଥିଲେ। ଏହି ଉପକରଣ ଗୁଡିକର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ପର୍ଯ୍ୟନ୍ତ ରହିଛି। ଏଥିପାଇଁ ତାଙ୍କୁ ବାହାରୁ ନଡିଆ କତା ଏବଂ ସଢେଇ ବାହାରୁ ଦୁଇ ଟଙ୍କା ହିସାବରେ କିଣିବାକୁ ପଡ଼ିଥାଏ। ତିଆରି ପରେ ଏହାକୁ ବଜାର ସମେତ ବିଭିନ୍ନ ମେଳା, ପ୍ରଦର୍ଶନୀ ଓ ଫୁଲ ପ୍ରଦର୍ଶନୀରେ ମଧ୍ୟ ବିକ୍ରି କରାଯାଉଛି। ଯେଉଁଠି ମହିଳାମାନେ ନିଜ ତିଆରି ଉପକରଣକୁ ସେଠାରେ ବିକ୍ରି କରିଥାନ୍ତି ଏବଂ ପରିବେଶ ଅନୁକୂଳ କୁଣ୍ଡ ବ୍ୟବହାର କରି ପରିବେଶ ସଚେତନତାର ବାର୍ତ୍ତା ଲୋକଙ୍କୁ ବୁଝାଇଥାନ୍ତି।



# ଭୁବନେଶ୍ୱର ସିଟି

### ନାମକୁ ମାତ୍ର ନୂତନ ଏଆରସି

# ବସିବାକୁ ଜାଗା ନାହିଁ; ରହିବାକୁ ହନ୍ତସନ୍ତ

ଭୁବନେଶ୍ୱର, ୨୯ ।୫(ସମିସ)

ଦିବ୍ୟାଙ୍ଗମାନଙ୍କ ଅକ୍ଷମତା ଦୂର ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କ୍ୟାପିଟାଲ ହସ୍ପିଟାଲ ପରିସରରେ ରହିଥିବା ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର (ଆଡଭାନ୍ସ ରିହାବିଲିଟେସନ୍ ସେଣ୍ଟର-ଏଆର୍‌ସି) ଗତ ୨୦୨୫ ମସିହା ଅକ୍ଟୋବର ମାସରୁ ଖୋର୍ଦ୍ଧାକୁ

### ■ ସୂଚନା ନ ଥିବାରୁ ପୁରୁଣା ସ୍ଥାନରୁ ଫେରୁଛନ୍ତି ଲୋକେ

ସ୍ଥାନାନ୍ତର ହୋଇସାରିଛି । କିନ୍ତୁ ଏନେଇ କାହାରି ପାଖରେ ସୂଚନା ନାହିଁ। ବିଭାଗ ପକ୍ଷରୁ ମଧ୍ୟ ସେଭଳି କୌଣସି ସୂଚନାମୂଳକ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି । ଫଳରେ ପ୍ରତିଦିନ ଦୂର ଦୂରାନ୍ତରୁ କୃତ୍ରିମ ଅଙ୍ଗ ଲଗାଇବାକୁ ପୁରୁଣା ସ୍ଥାନକୁ ଆସି ନିରାଶ ହେଉଛନ୍ତି ଲୋକେ । ଗୋଟେପଟେ ଅହସ୍ୟ ଗୁଳୁଗୁଳି ସାଙ୍ଗକୁ ବିଭିନ୍ନ ଜିଲ୍ଲାରୁ ବସ୍ କିମ୍ବା ଟ୍ରେନ୍‌ରେ ଯିବାଆସିବା ପାଇଁ ଖର୍ଚ୍ଚାନ୍ତ ହୋଇ ମଧ୍ୟ ସେବା ନ ପାଇ ଫେରି ଯାଉଛନ୍ତି। ଏଠାକୁ ଆସିବା ପରେ ଏଆର୍‌ସି ଖୋର୍ଦ୍ଧା ସ୍ଥାନାନ୍ତର ହୋଇଥିବା ସୂଚନା ପାଇ ସେଠାରେ ପହଞ୍ଚୁଛନ୍ତି। ହେଲେ ସମସ୍ୟା ସେତିକିରେ ସରି ନାହିଁ। କାରଣ ଖୋର୍ଦ୍ଧାରେ ନିର୍ମିତ ନୂତନ ଏଆରସିକେନ୍ଦ୍ରରେସେବାବଦଳରେସମସ୍ୟାଭୋଗୁଛନ୍ତି ଦିବ୍ୟାଙ୍ଗ ବ୍ୟକ୍ତି। କାରଣ ଏହା ଅତ୍ୟନ୍ତ ଅଣଓସାରିଆ ହୋଇଥିବାରୁ ରୋଗୀ ବସିବାକୁ ମଧ୍ୟ ଜାଗା ନାହିଁ। ଫଳରେ ଦିବ୍ୟାଙ୍ଗମାନେ ଦୂରରୁ ଆସି ଘଣ୍ଟା ଘଣ୍ଟା ଛିଡ଼ା ହେଉଥିବା ଦେଖିବାକୁ ମିଳିଛି । ସେହିପରି ରୋଗୀଙ୍କ ସହ ଆଟେଣ୍ଡାଣ୍ଟ ମାନଙ୍କ ରହିଣୀ ସୁବିଧା ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ କ୍ୟାପିଟାଲ ହସ୍ପିଟାଲ ପରିସରରେ ରହିଥିବା ଏଆରସିରେ ମାଗଣା ସେବା ସହ ରୋଗୀ ଏବଂ ସେମାନଙ୍କ ଆଟେଡାଣ୍ଟଙ୍କ ରହିବା ସୁବିଧା ମଧ୍ୟ ଏସଆଇଡିଆର(ଷ୍ଟେଟ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାବିଲିଟି ରିହାବିଲିଟେସନ)ରେ ରହିଥିଲା।



ଯେଉଁଠାରେ ରୋଗୀମାନେ ରହି ଉକ୍ତ ଏଆର୍‌ସିରେ ଚିକିତ୍ସିତ ହୋଇଥାନ୍ତି। ବର୍ତ୍ତମାନ ସେଠାରେ ତାଲା ଝୁଲୁଥିବା ବେଳେ ଖୋର୍ଦ୍ଧାରେ ରହିବାକୁ ସୁବିଧା ନଥିବାରୁ ବାହାରେ ରହିବାକୁ ଦିବ୍ୟାଙ୍ଗମାନେ ଖର୍ଚ୍ଚାନ୍ତ ହେଉଥିବା ଜଣାପଡ଼ିଛି। ତେବେ ଏଭଳି ଏକ ସମ୍ବେଦନଶୀଳ ସେବା ଯୋଗାଇଦେବା ପାଇଁ ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ସମସ୍ତ ସୁବିଧାକୁ ସୁଗମ କରିବା ବଦଳରେ ଜଟିଳ କରିଦେଉଥିବା ଦିବ୍ୟାଙ୍ଗମାନେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୨୦୧୯ ମସିହା ମାର୍ଚ୍ଚ ମାସରେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଅତ୍ୟାଧୁନିକ ପର୍ନବାସ କେନ୍ଦ୍ର ବା ଏଆରସି ନିର୍ମାଣ କରାଯାଇଥିଲା। ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରରେ ରୋବଟିକ୍ ମେସିନ୍‌ର ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଇଥାଏ। ହୃଦ୍‌ଘାତର ଶିକାର ହୋଇ ଗୋଡ଼ କିମ୍ବା ହାତ ଅଚଳ ହୋଇଯାଇ ଥିବା ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ସ୍ନାୟୁ ଜନିତ ସମସ୍ୟା, ଟ୍ରୋମାଟିକ୍ ବ୍ରେନ୍ ଇନ୍‌ଜୁରି (ମସ୍ତିଷ୍କ ଆଘାତ ଯୋଗୁଁ ଅଙ୍ଗ ପ୍ରତ୍ୟଙ୍ଗ ଅକାମି ହୋଇଯିବା), ସ୍ପର୍ଶ ଅନୁଭବ କରି ନ ପାରିବା, ଗୋଡ଼ କିମ୍ବା ହାତ ବଙ୍କା ହୋଇଯିବା, ଅନ୍ୟର କଥୋପକଥନକୁ ବୁଝି ନ ପାରିବା, ପୋଲିଓ, ଭଳି ରୋଗର ଶିକାର ହେଉଥିବା ପିଲାଙ୍କ ଠାରୁ ବୟସ୍କଙ୍କୁ ଏଠାରେ ଚିକିତ୍ସା ଦିଆଯାଇଥାଏ। ସବୁଠାରୁ ବଡ଼କଥା ହେଉଛି, ବିଭିନ୍ନ କାରଣରୁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟେକଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ ଏଠାରେ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥାଏ। ଯେଉଁଥିପାଇଁ ପ୍ରତିଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏଠାରୁ କୃତ୍ରିମ ଅଙ୍ଗ ଲଗାଇବା ସହ ଏହାକୁ ବଦଳାଇବା, ଯଦି କିଛି ସମସ୍ୟା ଉପୁଜିଥାଏ ତାହାର ଚିକିତ୍ସା କରିବା ଏବଂ ଆବଶ୍ୟକୀୟ ଉପକରଣ ନେବାକୁ ଆସିଥାନ୍ତି। ତେବେ ଏହି ଏଆର୍‌ସି ଏକ ଘରୋଇ ସଂସ୍ଥା ସହ ୫ବର୍ଷିଆ ଚୁକ୍ତିନାମ ହୋଇଥିବା ବେଳେ କାର୍ଯ୍ୟକାଳ ଶେଷ ହେବା ପରେ ସରକାର ସିଧାସଳଖ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ଜାରୀ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ଦ୍ୱନ୍ଦ୍ୱରେ ଦୀର୍ଘ ଦେଢ଼ବର୍ଷ କାଳ ଏଆରସି ବନ୍ଦ ରହିବା ପରେ ପ୍ରାୟ ୭ମାସ ହେବ ଖୋର୍ଦ୍ଧାରେ ଏହା କାର୍ଯ୍ୟକାରୀ ହେଉଛି। ଏଠାରେ ଯଦିଓ ସମସ୍ତ ଉନନ୍ନତମାନର ମେସିନ୍ ରହିଛି କିନ୍ତୁ ଏସମ୍ପର୍କରେ ଅଧିକାଂଶ ଦିବ୍ୟାଙ୍ଗ ଜାଣିନଥିବାରୁ ପୂର୍ବଭଳି ସେମାନେ କ୍ୟାପିଟାଲ ହସ୍ପିଟାଲକୁ ଆସୁଛନ୍ତି। ଗୁରୁବାର ବୌଦ୍ଧରୁ ଆସିଥିବା ଜଣେ ଦିବ୍ୟାଙ୍ଗ କହିଛନ୍ତି ଯେ, ଏଠାକୁ ଆସିବାକୁ ଉଦ୍ଧାର କରଜ କରି ଟଙ୍କା ଆଣିଛି। ହେଲେ ଏଠାରୁ ପୁଣି ଖୋର୍ଦ୍ଧା ଯିବାକୁ ପଡ଼ିବ। ଯାହାକି ବୋଝ ଉପରେ ଲଳିତା ବିଡ଼ା। ତେଣୁ ପ୍ରତ୍ୟେକ ଜିଲ୍ଲାରେ ଡିଏସଏସଓମାନଙ୍କ ମାଧ୍ୟମରେ ଏବାଦରେ ସୂଚନା ପ୍ରଦାନ କରାଯିବା ଉଚିତ୍।

ନଚେତ୍ ସମସ୍ତେ ଏଠାକୁ ଆସି ନିରାଶ ହେବା ସହ ଆର୍ଥିକ କ୍ଷତି ମଧ୍ୟ ସହିବାକୁ ପଡ଼ିବ। ଏଥିପାଇଁ ବିଭାଗ ଗୁରୁତ୍ୱ ଦେବା ଉଚିତ୍ ବୋଲି ସେ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ନିଆଯାଇପାରି ନାହିଁ।

## ବିଶ୍ୱ ପାଚନତନ୍ତ୍ର ସ୍ୱାସ୍ଥ୍ୟ ଦିବସ

### ● ପେଟ ସୁସ୍ଥ ତ ଶରୀର ସୁସ୍ଥ: ଡ. ମନୋଜ ସାହୁ




ଭୁବନେଶ୍ୱର, ୨୯।୫(ସମିସ): 'ବିଶ୍ୱ ପାଚନତନ୍ତ୍ର ସ୍ୱାସ୍ଥ୍ୟ ଦିବସ' ବା ୱାର୍ଲ୍ଡ ଡାଇଯେଷ୍ଟିଭ ହେଲଥ ଡେ ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର୍ କେୟାର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ହୋଇଯାଇଛି । ଏକ ବିଶାଳ ୱାକାଥନ ବା ପଦଯାତ୍ରାରେ ଚଳିତ ବର୍ଷର ଥିମ୍ 'ଅନେକଦିନ ଧରି ପେଟ ଖରାପ ହେବାକୁ ଅଣଦେଖା ନକରିବା' ନେଇ ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଏକାମ୍ରହାଟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିବା ବେଳେ ଚିକିଟି ବିଧାୟକ ମନୋରଞ୍ଜନ ଡ୍ୟାନ ସାମନ୍ତରା, ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ଅଭିନେତ୍ରୀ ଶୀତଲ ପାତ୍ରଙ୍କ ସମେତ ବହୁ ସ୍ୱାସ୍ଥ୍ୟ ବିଶେଷଜ୍ଞ, ୪୦୦ରୁ ଅଧିକ ସ୍କାଉଟ୍ସ, ଅଗ୍ନିଶମ ବିଭାଗ କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ଯୋଗ ଦେଇଥିଲେ। ଗ୍ୟାଷ୍ଟ୍ରୋ ଆଣ୍ଡ ଲିଭର୍ କେୟାର ଫାଉଣ୍ଡେସନ ଓଡ଼ିଶାର ମୁଖ୍ୟ ଦାୟିତ୍ୱରେ ଥିବା ପେଟ ରୋଗ ବିଶେଷଜ୍ଞ ଡା. ପ୍ରଫେସର୍ ମନୋଜ ସାହୁ ଓ ତାଙ୍କ ସହଯୋଗୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ରୁପେ ସମ୍ପାଦନ କରିବା ପାଇଁ ଡ.କନିଷ୍କ ଉଥାନ୍ ସିଂ, ଡ.ଭାଗ୍ୟଲକ୍ଷ୍ମୀ ବେହେରା, ଭାରତ ସ୍କାଉଟ ଗାଇଡ ବରିଷ୍ଠ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ପରିବାରକୁ ଚିକିତ୍ସା ସହାୟତା



ଭୁବନେଶ୍ୱର, ୨୯।୫(ସମିସ): ବାପା ଛେଉଣ୍ଡ ଦିବ୍ୟାଙ୍ଗ ପରିବାରକୁ ଚିକିତ୍ସା ନିମନ୍ତେ ସହାୟତାର ହାତ ବଢ଼ାଇଛି ଆମ ଅନୁଷ୍ଠାନ। ଖବର ଅନୁଯାୟୀ ଏହି ଦିବ୍ୟାଙ୍ଗ ପରିବାରର ୩ ଭାଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ। ସେମାନଙ୍କ ମଧ୍ୟରୁ ଜଣଙ୍କର ଅସ୍ତ୍ରୋପଚାର ସରିଯାଇଛି। ବର୍ତ୍ତମାନ ୨ ଭାଇ ସେମାନଙ୍କର ଅସ୍ତ୍ରୋପଚାର ପାଇଁ ଏମ୍‌ସ ହସ୍ପିଟାଲ୍‌ରେ ଆଡ଼ମିଶନ ହୋଇଛନ୍ତି। କିନ୍ତୁ ଏଠି ତାଙ୍କୁ ଅର୍ଥ ବଡ଼ ବାଧକ ସାଜିଛି। ଗତ ମାସରେ ରଞ୍ଜନ ମଲ୍ଲିକଙ୍କର ଚିକିତ୍ସା ସମୟରେ ଏକ ଏ ପଜିଟିଭ୍ ରକ୍ତ ମିଳୁ ନ ଥିଲା। ଏହି ସମୟରେ ଆମ ଅନୁଷ୍ଠାନ ସଦସ୍ୟମାନେ ରକ୍ତ ସଂଗ୍ରହ କରି ତାଙ୍କୁ ଦେଇଥିଲେ। ବର୍ତ୍ତମାନ ଆମ ଅନୁଷ୍ଠାନ ତରଫରୁ ସେହି ଦିବ୍ୟାଙ୍ଗ ପରିବାରକୁ କିଛି ଆର୍ଥିକ ସହାୟତା ଯୋଗାଇ ଦିଆଗଲା। ଆଗକୁ ମଧ୍ୟ ଏହି ୨ ଭାଇଙ୍କୁ ସବୁ ପ୍ରକାର ସାହାଯ୍ୟ ଯୋଗାଇଦିଆଯିବ ଓ ସେ ଦୁହିଁଙ୍କର ସଫଳ ଅସ୍ତ୍ରୋପଚାର ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ସିଆନ ଶ୍ରମିକ ବସ୍ତି ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ



ଭୁବନେଶ୍ୱର, ୨୯ ।୫(ସମିସ):ଚନ୍ଦ୍ରଶେଖରପୁର ସ୍ଥିତ ସିଆନ୍ ଶ୍ରମିକ ବସ୍ତି ପ୍ରାଙ୍ଗଣରେ ବସ୍ତି ଉନ୍ନୟନ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ରାଜୀବ ଆବାସ ଯୋଜନାର ଅନ୍ତର୍ଭୁକ୍ତ ସଭ୍ୟ ଓ ସଭ୍ୟା ମାନଙ୍କର ସମର୍ଥନରେ ରୁଷିଆ ଦିଗଲଙ୍କୁ ସଭାପତି ଓ ରମେଶ ଚନ୍ଦ୍ର ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଛି । ନୂତନରୂପେ ଚୟନ ହୋଇଥିବା ସଭାପତି ଓ ସମ୍ପାଦକ ତାଙ୍କ ଦାୟିତ୍ୱକୁ ଗୁରୁତ୍ୱ ଦେବା ସହ ମୈତ୍ରୀ ବିହାର ଥାନା ଅଧିକାରୀଙ୍କୁ ଆଇନ ଶୃଙ୍ଖଳା ରକ୍ଷା କରିଥିବାରୁ ପରିଷଦ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ପଞ୍ଚାନନ ସାହୁ, ପ୍ରଶାନ୍ତ ପ୍ରଧାନ, ଜିଗର ଦିଗଲ, ବିଜେପି ନେତା ଅନିରୁଧ ମଲ୍ଲିକ, ସୁବ୍ରତ ନାୟକ, କ୍ରୀଷ୍ଣା ସାମନ୍ତରାୟ, ୱାର୍ଡ ନମ୍ବର ୧୩ ଯୁବ ନେତା ଚନ୍ଦ୍ରଜିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଉପଦେଷ୍ଟା ଅଶୋକ ପାଲଟାସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ଡାଏରୀ ଉନ୍ମୋଚିତ



ଭୁବନେଶ୍ୱର, ୨୯।୫(ସମିସ): ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ରଚିତ ଡାଏରୀର ଚତୁର୍ଥ ଖଣ୍ଡ 'ଖରାବେଳର ଛାଇ' ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଉନ୍ମୋଚିତ ହୋଇଛି । ବିଶ୍ୱଭାରତୀ ଶାନ୍ତିନିକେତନ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ, ତୁଳନାତ୍ମକ ସାହିତ୍ୟର ସମାଲୋଚକ ପ୍ରଫେସର ମନୋରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ପୁସ୍ତକଟିକୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ପ୍ରଫେସର ମେହେରଙ୍କ ନିରବଚ୍ଛିନ୍ନ ସାହିତ୍ୟ ସାଧନାର ପ୍ରଶଂସା କରିଥିଲେ । ଏଥିରେ ଅଧ୍ୟକ୍ଷତା କରିଥିଲେ ବିଭାଗ ମୁଖ୍ୟ ଡ. ରୁଦ୍ରନାରାୟଣ ମହାପାତ୍ର ।

## ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ




ଭୁବନେଶ୍ୱର, ୨୯ ।୫(ସମିସ): ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପରମାନଙ୍କୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ୍ୟ କହିଛନ୍ତି । ଶୁକ୍ରବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ମାଧ୍ୟମିକ ଶିକ୍ଷା ବୋର୍ଡ, ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶ୍ରେଣୀଗୃହ ବାହାରେ ଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ। ଜୀବନ ଆପଣଙ୍କୁ କେବଳ ଆପଣ ରଖିଥିବା ମାର୍କ ଦ୍ୱାରା ମାପିବ ନାହିଁ, ବରଂ ଆପଣ ରଖିଥିବା ମୂଲ୍ୟବୋଧ, ଆପଣ ଦେଖାଉଥିବା କରୁଣା ଏବଂ ଅନ୍ୟର ଜୀବନରେ ରଖିଥିବା ସକାରାତ୍ମକ ପାର୍ଥକ୍ୟ ଦ୍ୱାରା ମାପିବ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ।ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## 'ସମଗ୍ର ଶିକ୍ଷା ଅଭିଯାନ'ର ସମୀକ୍ଷା କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

### ବିଭିନ୍ନ ପ୍ରମୁଖ ଯୋଜନାର ସମନ୍ୱୟରେ ସୁଦୃଢ଼ ହେବ ସ୍କୁଲ ଶିକ୍ଷା ବ୍ୟବସ୍ଥା- ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୯।୫(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀ ଠାରେ 'ସମଗ୍ର ଶିକ୍ଷା ଅଭିଯାନ' ଅଧୀନରେ ପାଣ୍ଠି ପ୍ରଦାନ ଏବଂ ଏହାର ବିନିଯୋଗ ନେଇ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ 'ସମଗ୍ର ଶିକ୍ଷା ୩.୦' କୁ ଆଗାମୀ ଦିନରେ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ଫଳାଫଳ-ଭିତ୍ତିକ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ଠାରୁ ଦେଶର ସ୍କୁଲ ଶିକ୍ଷା ବ୍ୟବସ୍ଥାରେ ଅଧିକ ସମନ୍ୱୟ ତଥା ବ୍ୟାପକ ପ୍ରଭାବ ପକାଇବା ପାଇଁ ଏକ ଏକୀକୃତ ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି,



ଏହି ଯୋଜନା ଅନୁଯାୟୀ ସମଗ୍ର ଶିକ୍ଷା ଅଭିଯାନ, ପିଏମ୍-ପୋଷଣ, ଉଲ୍ଲାସ, ପିଏମ୍-ଶ୍ରୀ ଏବଂ ଅନ୍ୟାନ୍ୟ ସମସ୍ତ ପ୍ରମୁଖ ଫ୍ଲାଗସିପ୍ ଯୋଜନାଗୁଡ଼ିକର ମିଶ୍ରଣ ବା ସମନ୍ୱୟ କରାଯିବ, ଯାହା ସମଗ୍ର ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସହାୟକ ହେବ।

ଏହା ବ୍ୟତୀତ, ବୈଠକରେ ସହଯୋଗୀ ସଂଘୀୟ ବ୍ୟବସ୍ଥାର ବିଚାରକୁ ବଜାୟ ରଖି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆଗାମୀ ଦିନର ସମ୍ପର୍କ ଏବଂ ସହଯେଗକୁ ଆହୁରି ମଜବୁତ କରିବା ଉପରେ ମଧ୍ୟ ବିସ୍ତୃତ ଭାବେ ଚର୍ଚ୍ଚା କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି ଯେ, ଏହି ସମସ୍ତ ସାମଗ୍ରିକ ପ୍ରୟାସ ଦେଶର ଶିକ୍ଷାର୍ଥୀମାନଙ୍କୁ ଆଗାମୀ ଦିନରେ ଅଧିକ ସଶକ୍ତ ଓ ସମର୍ଥ କରି ଗଢ଼ିତୋଳିବ। ଏହାସହ ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ସାକାର କରିବା ପାଇଁ ଦେଶକୁ ଆବଶ୍ୟକ ହେଉଥିବା ଦକ୍ଷ ମାନବ ସମ୍ବଳ ବା ମାନବ ପୁଞ୍ଜି ଗଠନରେ ଏହି ପଦକ୍ଷେପ ଏକ ପ୍ରମୁଖ ଏବଂ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଦର୍ଶକ ବିମୋହିତ




ଭୁବନେଶ୍ୱର, ୨୯ ।୫(ସମିସ): କୋକିଳା ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଏକାଡେମୀ ପକ୍ଷରୁ ୫ମ ପ୍ରତିଷ୍ଠା ଦିବସ ଅବସରରେ ଏକ ସାଂସ୍କୃତିକ ସମାରୋହ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି । ଅତିଥି ଭାବରେ ଛବିନ୍ଦ୍ର ଜେନା, ଅଶ୍ୱିନୀ ସୁନ୍ଦର ରାୟ, ସଂଯୁକ୍ତା ସୁନ୍ଦର ରାୟ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତରେ ଶିଳ୍ପୀମାନେ ପରିବେଷଣ କରିଥିଲେ । ପରେ ଯୁଗଳବନ୍ଦୀରେ ଗିଟାର୍ ଓ ତବଲା ବାଦନ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ଅନୁଷ୍ଠାନର କାଳାକାରମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ପରିବେଷଣ ହୋଇଥିଲା। ଯାହା ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ୍ ଦେଇଥିଲା । ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶିକା ମୋନାଲିସା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ ।

## ସାମ୍ବାଦିକ ପବିତ୍ର ଗୌଡ଼ଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୯ ।୫(ସମିସ): ଯୁବ ସାମ୍ବାଦିକ, ସିନେ ସମୀକ୍ଷକ, ଗାଳ୍ପିକ ପବିତ୍ର ଗୌଡ଼ଙ୍କ ବିୟୋଗରେ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହାସହ ପବିତ୍ରଙ୍କ ପ୍ରତିଭା ଆଗାମୀ ଯୁବ ପ୍ରତିଭାଙ୍କୁ ସର୍ବଦା ପ୍ରେରଣା ଯୋଗାଇବ ବୋଲି ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଶୋକ ବାର୍ତ୍ତା ମାଧ୍ୟମରେ ସ୍ମୃତିଚାରଣପୂର୍ବକ ମତବ୍ୟକ୍ତ କରିଛନ୍ତି । ଏହି ଶୋକସଭାରେ ମୁଖପାତ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସାମ୍ବାଦିକ ରମେଶ କୁମାର ମହାପାତ୍ର, ପ୍ରମୋଦ ପରିଡ଼ା, ଡ. ପ୍ରଦୀପ କୁମାର ବିଶ୍ୱାଳ, ସଂଯୋଜକ ବାପୁ ଓଝା, ସମ୍ପାଦକ ମଦନ ମୋହନ ପାଢ଼ୀ, ସମାଜସେବୀ ଲୋକନାଥ ଦାଶ, ବିଜୟ କୁମାର ପ୍ରଧାନ ଗଭିର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ନିଷ୍ଠା, କାର୍ଯ୍ୟ ସବୁଦିନ ପାଇଁ ମନେ ରହିବ ବୋଲି କହିଥିଲେ । ତେବେ ଦୀର୍ଘଦିନ ଧରି ଶାରୀରିକ ଅସୁସ୍ଥତା ପାଇଁ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗତକାଲି ତାଙ୍କର ମୃତ୍ୟୁ ଘଟିଥିଲା।

## ସରକାରଙ୍କ ନିକଟରେ କର୍ମଚାରୀ ମିଳିତ ସଂଘର ଦାବି

ଭୁବନେଶ୍ୱର, ୨୯ ।୫(ସମିସ): ଓଡ଼ିଶା ସରକାରୀ କର୍ମଚାରୀ ମିଳିତ ସଂଘ (ଓଜିଇୟୁଏ) ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଆଉଟସୋର୍ସିଂ କର୍ମଚାରୀ, ୱାର୍କଚାର୍ଜ୍ଡ, ଦୈନିକ ମଜୁରୀଭୋଗୀ ଏବଂ ସରକାରୀ ବ୍ୟବସ୍ଥା ସହିତ ସମ୍ପୃକ୍ତ ଅସଙ୍ଗଠିତ ଶ୍ରମିକମାନଙ୍କ ପାଇଁ ନିଃଶୁଳ୍କ ସମନ୍ୱିତ ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଚଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି । ବର୍ତ୍ତମାନ ସମୟରେ ଅକାଳ ମୃତ୍ୟୁ, ଦୁର୍ଘଟଣା, ଗୁରୁତର ରୋଗ, କାର୍ଯ୍ୟକ୍ଷେତ୍ର ଜନିତ ବିପଦ ଓ ବଢୁଥିବା ଚିକିତ୍ସା ଖର୍ଚ୍ଚ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଚିନ୍ତାର ବିଷୟ ପାଲଟିଛି । ତେଣୁ ଓଡ଼ିଶା ସରକାରୀ କର୍ମଚାରୀ ମିଳିତ ସଂଘ ସମସ୍ତ କର୍ମଚାରୀଙ୍କ ପାଇଁ ୨କୋଟି ଟଙ୍କାର ଟର୍ମ ଇନ୍ସୁରାନ୍ସ କଭରେଜ, ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ୨୫ ଲକ୍ଷ ଟଙ୍କାର କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ବୀମା ସୁବିଧା, ଚୁକ୍ତିଭିତ୍ତିକ, ଆଉଟସୋର୍ସିଂ, ୱାର୍କଚାର୍ଜ୍ଡ, ଦୈନିକ ମଜୁରୀଭୋଗୀ ଏବଂ ଅସଙ୍ଗଠିତ କର୍ମୀମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯିବା, ବିପଦପୂର୍ଣ୍ଣ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ରିସ୍କ୍ ଇନ୍ସୁରାନ୍ସ ପ୍ୟାକେଜ୍, ଗୁରୁତର ରୋଗ, ଜରୁରୀକାଳୀନ ଚିକିତ୍ସା, ଅପରେସନ୍, ମାତୃତ୍ୱ ସେବା ଓ ଦୀର୍ଘକାଳୀନ ରୋଗକୁ ଅନ୍ତର୍ଭୁକ୍ତ, ପେନସନଭୋଗୀ, କର୍ମଚାରୀ ଓ ଶ୍ରମିକଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ୱେଲଫେୟାର ଫଣ୍ଡ ଗଠନ ଆଦି ପୂରଣ କରିବାକୁ ସରକାରଙ୍କୁ ଦାବି କରିଛନ୍ତି। ଦାବୀ ଗୁଡ଼ିକ ଉପରେ ବିଚାର କରି ଯଥାଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି । ଏନେଇ ସଂଘର ଅଧ୍ୟକ୍ଷ ପ୍ରଯତ୍ନ ବରାଳ କହିଛନ୍ତି କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ ହେଲେ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇବା ସହ ଜନସେବା ଅଧିକ ସୁଦୃଢ଼ ହେବ।

## ଟ୍ରାଜେକ୍‌ଟୋରିସ୍ ଅଫ୍ ଡେଭେଲପ୍‌ମେଣ୍ଟ: ଓଡ଼ିଶା-୧୦୦ ଉନ୍ମୋଚିତ

ଭୁବନେଶ୍ୱର, ୨୯ ।୫(ସମିସ)

ପ୍ରଫେସର ଅମରେନ୍ଦ୍ର ଦାସ, କେଶବ ଦାସ, ଦୀପକ କୁମାର ମିଶ୍ର ଏବଂ ଉଦୟ ଶଙ୍କର ମିଶ୍ରଙ୍କ ସମ୍ପାଦନାରେ ପ୍ରସ୍ତୁତ ଟ୍ରାଜେକ୍ଟୋରିସ ଅଫ୍ ଡେ଼ଭଲପମେଣ୍ଟ: ଓଡ଼ିଶା-୧୦୦ ଗବେଷଣାଧର୍ମୀ ପୁସ୍ତକ ଶୁକ୍ରବାର ରାଉଟ୍‌ଲେଜ(ଟ୍ରେଲର-ଫ୍ରାନ୍ସ)ଲଣ୍ଡନ ପକ୍ଷରୁ ପ୍ରକାଶିତ ହୋଇଛି। ୧୯୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନ ପରଠାରୁ ଏହାର ଆର୍ଥିକ, ସାମାଜିକ, ରାଜନୈତିକ ଏବଂ ଢାଞ୍ଚାଗତ ପରିବର୍ତ୍ତନର ଏକ କ୍ଷେତ୍ରୀୟ, ସମସ୍ୟାଗତ, ପ୍ରାସଙ୍ଗିକ ଏବଂ ସାମଗ୍ରିକ ଅଧ୍ୟୟନ ଓ ବିଶ୍ଳେଷଣ -ଏହି ପୁସ୍ତକରେ ଉପସ୍ଥାପିତ ହୋଇଛି।

୪୫ ଜଣ ପ୍ରତିଷ୍ଠିତ ଗବେଷକ ଓ ବିଶେଷଜ୍ଞଙ୍କ ଦ୍ୱାରା ରଚିତ ୨୪ଟି ଅଧ୍ୟାୟ ସମ୍ମିଳିତ ଏହି ପୁସ୍ତକରେ ଓଡ଼ିଶାର ଅର୍ଥନୈତିକ ପରିବର୍ତ୍ତନ, ରାଜକୋଷର ପୁନରୁତ୍ଥାନ, କୃଷି, ଶିଳ୍ପାୟନ, ଶ୍ରମ ଏବଂ ପ୍ରବାସନ, ଶିକ୍ଷା, ସ୍ୱାସ୍ଥ୍ୟ, ଆଦିବାସୀ ବିକାଶ, ଆଞ୍ଚଳିକ ବୈଷମ୍ୟ, ଶାସନ ବ୍ୟବସ୍ଥା, ନଗରୀକରଣ, ଜଳବାୟୁ ପରିବର୍ତ୍ତନ, ବିପର୍ଯ୍ୟୟ ପରିଚାଳନା, ଏବଂ ପର୍ଯ୍ୟଟନ ପରି ବିଷୟଗୁଡ଼ିକୁ ସ୍ଥାନ ପାଇଛି। ଏହି ପୁସ୍ତକ ନୀତି ଏବଂ ଶାସନ ସମ୍ବନ୍ଧୀୟ ଚର୍ଚ୍ଚାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସହିତ ଓଡ଼ିଶାର ଭବିଷ୍ୟତ ବିକାଶ ପଥ ପାଇଁ ଏକ ଯୋଜନା ଦସ୍ତାବିଜ ଭାବେ ମାର୍ଗ ଦର୍ଶନ କରାଇବ। ଏହି ମହତ୍ତ୍ୱାକାଂକ୍ଷୀ ପୁସ୍ତକର ସମ୍ପାଦକୀୟରେ ନେତୃତ୍ୱ ଅମରେନ୍ଦ୍ର ଦାସ, ସହଯୋଗୀ ପ୍ରଫେସର, ସ୍କୁଲ୍ ଅଫ୍ ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ୍ ସାଇନ୍ସେସ୍, ନାଇଜର୍, କେଶବ ଦାସ, ଭିଜିଟିଂ ପ୍ରଫେସର, ଇନ୍ସଟିଚ୍ୟୁଟ୍ ଫର୍ ହ୍ୟୁମାନ୍ ଡେଭେଲପମେଣ୍ଟ ଏବଂ ନିର୍ଦ୍ଦେଶକ, ସେଣ୍ଟର୍ ଫର୍ ରିସର୍ଚ୍ଚ ଇନ୍ ରିଜିଅନ୍ସ ଆଣ୍ଡ ଡେଭେଲପମେଣ୍ଟ, ଭୁବନେଶ୍ୱର। ଦୀପକ କୁମାର ମିଶ୍ର, ପ୍ରଫେସର, ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ। ଉଦୟ ଶଙ୍କର ମିଶ୍ର ପ୍ରଫେସର, ଇଣ୍ଟରନ୍ୟାସନାଲ୍ ଇନ୍ସଟିଚ୍ୟୁଟ୍ ଫର୍ ପପୁଲେସନ୍ ସାଇନ୍ସେସ୍, ମୁମ୍ବାଇର ଏହି ଚାରିଜଣ ଗବେଷକ ରହିଛନ୍ତି। ଏହି ପୁସ୍ତକ ପ୍ରସ୍ତୁତିରେ ଅନେକ ଗବେଷକ, ସମାଜସେବୀ, ସମ୍ପୃକ୍ତ ନାଗରିକ ଓ ବୁଦ୍ଧିଜୀବିଙ୍କର ସକ୍ରିୟ ସହଯୋଗ ରହିଥିଲା ଓ ଓଡ଼ିଶା ଅର୍ଥନୀତି ସଂଘ ଦ୍ୱାରା ଆୟୋଜିତ ବିଭିନ୍ନ ପରାମର୍ଶ କର୍ମଶାଳା ମାଧ୍ୟମରେ ସେମାନେ ନିଜର ମତାମତ ଏବଂ ଦୃଷ୍ଟିକୋଣ ବିନିମୟ କରିଥିଲେ। ବର୍ତ୍ତମାନ ଏହାର ଆନ୍ତର୍ଜାତୀୟ ସଂସ୍କରଣ ବିଶ୍ୱ ପାଠକମାନଙ୍କ ପାଇଁ ପ୍ରକାଶିତ ହୋଇଥିବାବେଳେ, ଖୁବ ଶୀଘ୍ର ଏହାର ଭାରତୀୟ ସଂସ୍କରଣ ମଧ୍ୟ ପ୍ରକାଶ ପାଇବ।

## ଭିମ୍‌ସାର୍‌ରେ ସଂକେତ ସାହୁ ମୃତ୍ୟୁ ଘଟଣା

# ତଦନ୍ତ ପାଇଁ ଆସିଲେ; ପରିବାରକୁ ଭେଟିଲେନି

**ସମ୍ବଲପୁର, ୨୯।୫ (ସମିସ)**

ଭିମସାର ବୁର୍ଲାରେ ଚିକିତ୍ସିତ ହେଉଥିବା ଯୁବକ ସଙ୍କେତ ସାହୁଙ୍କ ମୃତ୍ୟୁ ଘଟଣାକୁ ନେଇ ବିବାଦ ତେଜିବାରେ ଲାଗିଛି। ଏହି ଘଟଣାରେ ଗତ ବୁଧବାର ଡିଏମ୍‌ଇଟି ଆସି ତଦନ୍ତ କରି ଫେରିଯାଇଛନ୍ତି। ସେମାନେ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ପ୍ରଦାନ କରିବେ। ତେବେ, ସେମାନଙ୍କ ତଦନ୍ତ ସମୟରେ ପରିବାରକୁ ଭେଟି ନ ଥିବାରୁ ମୃତକଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ଅନ୍ୟପକ୍ଷରେ ଭିମସାର୍‌ର ଆନ୍ତରୀଣ ତଦନ୍ତରେ ଡାକ୍ତରଙ୍କ କୌଣସି ଭୁଲ ନ ଥିବା କୁହାଯାଇଛି। ମୃତ ସଙ୍କେତଙ୍କ ପରିବାରବର୍ଗଙ୍କ କହିବା ଅନୁଯାୟୀ, ଗତ ୧୨ ତାରିଖରେ ସଂକେତ ସାହୁ ନାକର ଏକ ମାଂସ ପିଣ୍ଡୁଳା ସମସ୍ୟା ନେଇ ଭିମସାରକୁ ଯାଇଥିଲେ। ସମସ୍ତ ରିପୋର୍ଟ ଯାଞ୍ଚ କରିବା ସମୟରେ ଡାକ୍ତର ସମସ୍ତ ରିପୋର୍ଟ ଠିକ୍ ଥିବା କହିବାସହ ୧୩ ତାରିଖରେ ଅପରେସନ୍ କରିବାକୁ କହିଲେ। ଅପରେସନ୍ ପରେ ତରଳ ଖାଦ୍ୟ ଦେବାକୁ କୁହାଯାଇଥିଲା। ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ଖାଦ୍ୟ ଦିଆଯାଇଥିଲା। ତେବେ, ୧୪ ତାରିଖ ସନ୍ଧ୍ୟାରେ ସଂକେତଙ୍କ ହାଲୁକା ପେଟ ଦରଦ ହେଲା, ପରିସ୍ରା ଓ ଝାଡ଼ା ଲାଗିଲେ ମଧ ହେଲା ନାହିଁ। ରାତିରେ ପେଟ ଦରଦ ହେଉଥିବା ନେଇ କହିଲେ ମଧ କେହି ଆସି ନ ଥିଲେ, ପରଦିନ ସକାଳେ ଯାଇ ଡାକ୍ତର ଦେଖିଥିଲେ। ସେତେବେଳେ ସଂକେତଙ୍କ କିଡ୍‌ନୀ, ଫୁସଫୁସ୍ ଆଦି ସମସ୍ତ ଅଙ୍ଗ ଫେଲ୍ କରିଯାଇଥିବା ଡାକ୍ତର କହିଥିବା କହିଛନ୍ତି ବଡ଼ ଭଉଣୀ ସିଲୋଞ୍ଜଳି ସାହୁ। ଅସ୍ତ୍ରୋପଚାର ପୂର୍ବରୁ ହୋଇଥିବା ସମସ୍ତ ଡାକ୍ତରୀ ପରୀକ୍ଷଣରେ ସଂକେତଙ୍କ କୌଣସି ପ୍ରକାର ସ୍ୱାସ୍ଥ୍ୟଗତ ଜଟିଳତା ନ ଥିବା ଜଣାପଡ଼ିଥିବାବେଳେ ଅସ୍ତ୍ରୋପଚାର ପରେ କ'ଣ ଏମିତି ହେଲା ଯେ ତାଙ୍କ କିଡ୍‌ନୀ, ଫୁସଫୁସ୍ ଆଦି ଶରୀରର ସମସ୍ତ ଅଙ୍ଗ ଗୁଡ଼ିକ ହଠାତ୍ ଖରାପ ହୋଇଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ତଦନ୍ତ କରିବାକୁ ଆସିଥିବା ଡିଏମ୍‌ଇଟି ମୃତକଙ୍କ ପରିବାରର ପକ୍ଷ ଶୁଣିବା କଥା କିନ୍ତୁ ସେମାନଙ୍କୁ ସୂଚନା ମଧ ଦେଲେନାହିଁ ବୋଲି ବଡ଼ଭଉଣୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାସହ ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଏନେଇ ଆଜି ପ୍ରୋଗ୍ରେସିଭ ସମ୍ବଲପୁର ସଂଗଠନ ପକ୍ଷରୁ ଭିମସାରରେ ଅସ୍ୱାଭାବିକ ମୃତ୍ୟୁ, ଚିକିତ୍ସାରେ ଅବହେଳା ଏବଂ ଓଟିରେ ସଂକ୍ରମଣ ମାମଲାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସାଂସଦ ଏବଂ ସ୍ୱାସ୍ଥ୍ୟ ସଚିବଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।



ଏନେଇ ଭିମସାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଲାଲମୋହନ ନାୟକ କହିଛନ୍ତି, ଗତ ବୁଧବାର ଡିଏମ୍‌ଇଟି, ଯୁଗ୍ମ ଡିଏମ୍‌ଇଟି ଏବଂ ଅତିରିକ୍ତ ନିର୍ଦ୍ଦେଶକ ତଦନ୍ତ ପାଇଁ ଭିମସାର୍‌କୁ ଆସିଥିଲେ। ସେମାନେ ତଦନ୍ତ କରି ଫେରିଯାଇଛନ୍ତି। ଅନ୍ୟପକ୍ଷରେ, ସଂକେତ ମୃତ୍ୟୁ ଘଟଣାରେ ଭିମ୍‌ସାର ପକ୍ଷରୁ ନିଜସ୍ୱ ଅନ୍ତରୀଣ ତଦନ୍ତ କରାଯାଇଥିଲା ଏବଂ ଚିକିତ୍ସାରେ ଅବହେଳା ନାହିଁ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ଡାକ୍ତରଙ୍କ କୌଣସି ଭୁଲ ନାହିଁ ବୋଲି ଡା. ନାୟକ ମତବ୍ୟକ୍ତ କରିଛନ୍ତି।

# ନିରପେକ୍ଷ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିକଲା 'ପ୍ରୋଗ୍ରେସିଭ୍ ସମ୍ବଲପୁର'

**ସମ୍ବଲପୁର, ୨୯।୫ (ସମିସ) :** ବୁର୍ଲାସ୍ଥିତ ଭିମସାରରେ ବାରମ୍ବାର ଘଟୁଥିବା ଚିକିତ୍ସାଜନିତ ଅଘଟଣ, ଅବହେଳା ଓ ରୋଗୀ ସୁରକ୍ଷାକୁ ନେଇ ବଢୁଥିବା ଜନଅସନ୍ତୋଷ ମଧ୍ୟରେ ଆଜି ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସମ୍ବଲପୁର



ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ସଂକେତ ସାହୁଙ୍କୁ ନ୍ୟାୟ ଓ ଭିମସାରରେ ଘଟୁଥିବା ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମୃତ ସଂକେତ ସାହୁଙ୍କ ମା' କାଜଲ ସାହୁ, ଭଉଣୀ ସିଲୋଞ୍ଜଳି ସାହୁ ପ୍ରମୁଖ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

ସଂକେତ ସାହୁ ଗତ ୧୨ ଦିନ ଧରି ମୃତ୍ୟୁସହ ସଂଘର୍ଷ ପରେ ମୃତ୍ୟୁବରଣ କରିଥିବାବେଳେ, ଏହି ଘଟଣା ପରେ ଭିମସାରର ଚିକିତ୍ସା ବ୍ୟବସ୍ଥା, ରୋଗୀ ସୁରକ୍ଷା ଓ ଉତ୍ତରଦାୟୀତ୍ୱକୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ପ୍ରତିନିଧି ଦଳ ଅଭିଯୋଗ କରିଛି ଯେ, ଗତ କିଛି ସପ୍ତାହ ମଧ୍ୟରେ ଛୋଟ ଅପରେସନ ପାଇଁ ଆସିଥିବା ରୋଗୀଙ୍କ ଲିଭର, କିଡନୀ ଓ ଫୁସଫୁସ ଭଳି ଅନ୍ତର୍ନିହିତ ଅଙ୍ଗ କ୍ଷତିଗ୍ରସ୍ତ ହେବା ଅଭିଯୋଗ, ମୃତ୍ୟୁ ଓ ଗୁରୁତର ରୋଗୀଙ୍କୁ ବେସରକାରୀ ଆଇସିୟୁକୁ ସ୍ଥାନାନ୍ତର ଭଳି ଏକାଧିକ ଘଟଣା ସାମ୍ନାକୁ ଆସିଛି। ଏହାସହ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଅଳ୍ପ ସମୟ ମଧ୍ୟରେ ୭ ଜଣ ମା'ଙ୍କ ମୃତ୍ୟୁ ମଧ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ସାଧାରଣ ଲୋକଙ୍କ ମନରେ ଗଭୀର ଅବିଶ୍ୱାସ ସୃଷ୍ଟି କରିଛି। ପ୍ରୋଗ୍ରେସିଭ ସମ୍ବଲପୁର ପ୍ରତିନିଧି ଦଳ କହିଛି ଯେ, ପଶ୍ଚିମ ଓଡ଼ିଶାର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ଭିମସାରରେ ଡାକ୍ତର ଅଭାବ, ଖାଲି ବିଶେଷଜ୍ଞ ପଦବୀ, ଦୁର୍ବଳ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଅବ୍ୟବସ୍ଥିତ ପ୍ରଶାସନ ସତ୍ତ୍ୱେ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗର ନିଷ୍କ୍ରିୟତା ଚିନ୍ତାଜନକ। ସଂକେତ ସାହୁଙ୍କୁ ନ୍ୟାୟ, ଘଟଣାର ସ୍ୱଚ୍ଛ ଓ ନିଷ୍ପକ୍ଷ ତଦନ୍ତ, ଭିମସାର ବାହାରର ବରିଷ୍ଠ ଡାକ୍ତରଙ୍କୁ ନେଇ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ, ଅବହେଳା କିମ୍ବା ତ୍ରୁଟି ଥିଲେ ଦାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ, ଖାଲି ଡାକ୍ତର ପଦବୀ ପୂରଣ ଓ ରୋଗୀ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦାବି କରିଛି ପ୍ରୋଗ୍ରେସିଭ ସମ୍ବଲପୁର। ପ୍ରତିନିଧି ଦଳରେ ଆବାହକ ସଞ୍ଜିତ ମହାନ୍ତି, ରାଜ୍ୟ ଏଚ୍‌ଏମ୍‌ଏସ୍ ଉପ-ସାଧାରଣ ସମ୍ପାଦକ ଗୋକୁଳ ମେହେର, ଏ.ଆଇ.ଟି.ୟୁ.ସି ଜିଲ୍ଲା ସାଧାରଣ ସମ୍ପାଦକ ନଟୁ ଗୋପାଳ, ଚାଷୀ ନେତା ସରୋଜ ମହାନ୍ତି, ରୋଟାରୀ କ୍ଲବ ବୀରଭୂମି ସଭାପତି ଆଲେଖିକା ପାଣି, ମହମ୍ମଦ ସନାଉଲ୍ଲା, ମନୋଜ ମହାପାତ୍ର, ପ୍ରଦୋଷ ମହାନ୍ତି, ସୁମିତ କୁମାର ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ଚୁମନ କୁମାର ପ୍ରଧାନ, ମହମ୍ମଦ ଜାଫର ଖାନ, ସୁକେସ ସିଂ ମହମ୍ମଦ ସନାଉଲ୍ଲା, ଅଶୋକ ପଟେଲ, ପ୍ରଶାନ୍ତ ଥାପା, ଦୁଲାଲ ଚନ୍ଦ୍ର ରାୟ, ମହମ୍ମଦ ଇଶାକ, ଶୁଭମ ସାହୁ, ଅତୁଲ ହାସନ୍ ପ୍ରଭାତ କୁମାର ସାହୁ, ଶିବୁ ସେଠ, ଚନ୍ଦନ ବାଗ, ଚିରଞ୍ଜିବୀ ପ୍ରଧାନ, ଆର୍ଯ୍ୟନ ନାୟକ, ମନୀଷ ସେନାପତି, ଓମ୍ ପ୍ରକାଶ ନାୟକ, ଶେଖ୍ ହୁସେନ ଶାହରୁଖ ଖାଁ, ଆକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଭାତୃହନ୍ତାକୁ ଆଜୀବନ କାରାଦଣ୍ଡ ଆଦେଶ

**ରେଢ଼ାଖୋଲ, ୨୯ ।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏଡିଜେ କୋର୍ଟରେ ଜଣେ ଭାତୃ ହନ୍ତାକୁ ଶୁକ୍ରବାର ଦିନ ଆଜୀବନ କାରାଦଣ୍ଡ ଆଦେଶ ଦେଇଛନ୍ତି ନ୍ୟାୟାଧୀଶ। ୨୦୨୧ ମସିହାରେ ନାକଟିଦେଉଳ ଥାନା ଅଧୀନ ଯାମୁଜୋରି ଗ୍ରାମର ବାସିନ୍ଦା ଅଭିଯୁକ୍ତ ବଡ଼ଭାଇ ଅର୍ଜୁନ ପ୍ରଧାନ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କର ସାନଭାଇ ଅଶୋକ କୁମାର ପ୍ରଧାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏ ସଂକ୍ରାନ୍ତରେ ମୃତକ ଅଶୋକଙ୍କ ପତ୍ନୀ ନାକଟିଦେଉଳ ଥାନାରେ ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ତତ୍କାଳୀନ ଥାନା ଦାୟିତ୍ୱ ପ୍ରାପ୍ତ ଅଧିକାରୀ ଧର୍ମେନ୍ଦ୍ର ଭୋଇ ଏହି ଘଟଣାରେ ତଦନ୍ତ କରି ଅଭିଯକ୍ତ ଅର୍ଜୁନଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲେ। ପରେ ଘଟଣାର ତଦନ୍ତଭାର ତତ୍କାଳୀନ ଥାନା ଅଧିକାରୀ ବିଦ୍ଯୁ ଭୂଷଣ ମିଶ୍ର ଚୂଡ଼ାନ୍ତ ଅଭିଯୋଗପତ୍ର କୋର୍ଟରେ ଦାଖଲ କରିଥିଲେ। ଏହି କେସରେ ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପାର୍ଥସାରଥୀ ପଟ୍ଟନାୟକ ୧୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ଓ ୧୬ ଗୋଟି ଦସ୍ତାବିଜ୍‌କୁ ଆଧାର କରି ଅଭିଯୁକ୍ତ ଅର୍ଜୁନ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସଂଯୁକ୍ତା କଚ୍ଛପ ଓ ତୁଷାରକାନ୍ତ କର ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ।

## ଟ୍ରକ୍-କାର ମୁହାଁମୁହିଁ ଧକ୍କା ୩ ଗୁରୁତର, ୨ ଆହତ

**କୁଚିଣ୍ଡା, ୨୯ ।୫(ସମିସ):** ଗରିଆମାଲବାମରା ମୁଖ୍ୟ ରାସ୍ତାର ବଙ୍ଖେଇ ଗ୍ରାମ ନିକଟରେ ଶୁକ୍ରବାର ଏକ ଟ୍ରକ୍ ଓ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିବାରୁ ୩ ଜଣ ଗୁରୁତର ଆହତ ହୋଇଥିବା ବେଳେ ଆଉ ୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁସାରେ, ବଙ୍ଖେଇ ଗ୍ରାମର ଏକ ପରିବାର କାର୍‌ରେ ବଡ଼ଗାଁରୁ ବାମରାକୁ ଆସୁଥିବା ବେଳେ ବଙ୍ଖେଇ ବୁଲାଣି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ସରଗି ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରକ୍‌ଟି ରଙ୍ଗ୍ ସାଇଡରେ ଆସୁଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଦୁର୍ଘଟଣାରେ କାର୍ ଚାଳକ ଶେଷଦେବ ବାଗଙ୍କ ସହ ବଙ୍ଖେଇ ଗ୍ରାମର ଗୋକୁଳ ସା ଓ ପ୍ରଣତି ଅମାତ ଗୁରୁତର ଆହତ ହୋଇଥିଲେ। ସେହିପରି ଗୋକୁଳ ସାଙ୍କ ଶିଶୁକନ୍ୟା ମନମୟୀ ଏବଂ ଜମନକିରା ଅଞ୍ଚଳର ପ୍ରଭାତୀ ନାଏକ ଆହତ ହୋଇଛନ୍ତି। ଗୋବିନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ପରେ କିଛି ସମୟ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ସୂଚନା ମିଳିଛି।

## ରେଙ୍ଗାଲି ବ୍ଲକ୍ ସମିତି ଅଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

**ସମ୍ବଲପୁର, ୨୯।୫(ସମିସ):** ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ବିଜୁ ଜନତା ଦଳପକ୍ଷରୁ ଏକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ ସତ୍ୟ ନାରାୟଣ ଅଗ୍ରୱାଲଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଦଳର ସୁପ୍ରିମୋ ତଥା ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ସାଧାରଣ ସମ୍ପାଦକ ବିଜୟ ନାୟକ ଆଜି ଏହି ଆଦେଶ ଜାରି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିବା ଅଭିଯୋଗରେ ତାଙ୍କୁ ତତ୍କାଳ ପ୍ରଭାବରୁ ଦଳରୁ ବହିଷ୍କାର କରାଯାଇଛି। ସୂଚନା ଅନୁସାରେ ଆଜି ଏକ କାର୍ଯ୍ୟକ୍ରମ ସେ ଆୟୋଜନ କରିଥିଲେ। କିନ୍ତୁ ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଓ ରେଙ୍ଗାଲି ବିଧାୟକଙ୍କୁ ଏ ସମ୍ପର୍କରେ ଜଣାଇ ନ ଥିଲେ। ତେଣୁ ଏ ସମ୍ପର୍କରେ ଦଳ ଜାଣିବାକୁ ପାଇଥିଲା। ଫଳରେ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ ରେଙ୍ଗାଲି ନିର୍ବାଚନୀମଣ୍ଡଳୀସ୍ତରୀୟ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମରେ ସେ ଯୋଗଦେଇ ନ ଥିଲେ। ତେଣୁ ବିଭିନ୍ନ ଦଳବିରୋଧୀ କାର୍ଯ୍ୟ ଯୋଗୁଁ ନିଲମ୍ବିତ କରାଯାଇଥିବା ନେଇ ଆଶଙ୍କା କରାଯାଉଛି।

## ମିନି ଟ୍ରକ୍ ମାଲିକ ସଂଘର ବିଭିନ୍ନ ସମସ୍ୟା ସମାଧାନ ଦାବି

**ସମ୍ବଲପୁର, ୨୯।୫ (ସମିସ) :** ସମ୍ବଲପୁର ଜିଲ୍ଲା ମିନି ଟ୍ରକ୍ ମାଲିକ ସଂଘ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ସଂଘର ସଭାପତି ରୂପେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରତିନିଧି



ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗାଡ଼ି ମାଲିକ ଓ ଚାଳକମାନେ ସମ୍ମୁଖୀନ ହେଉଥିବା ଆର୍ଥିକ ଏବଂ ପରିଚାଳନାଗତ ସମସ୍ୟାଗୁଡ଼ିକ ପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦାବିଗୁଡ଼ିକ ମଧ୍ୟରେ ମଦ୍ୟପାନ କରି ଗାଡ଼ି ଚଳାଇବା ମାମଲାରେ ଗାଡ଼ିକୁ ଅଟକ ନ ରଖି କେବଳ ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସମ୍ବଲପୁର ଜିଲ୍ଲା ମଧ୍ୟରେ ବରଗଡ଼ ଟୋଲ୍ ଗେଟ୍ ଭଳି ୨୦ କିଲୋମିଟର ପରିସରଭୁକ୍ତ ସ୍ଥାନୀୟ ବ୍ୟବସାୟିକ ଗାଡ଼ିଗୁଡ଼ିକୁ ଟୋଲ୍ ଟ୍ୟାକ୍ସରୁ ମୁକ୍ତ କରିବା, ବିଭିନ୍ନ ଚେକ୍ ପଏଣ୍ଟରେ ହେଉଥିବା ଅଯଥା ହଇରାଣ ବନ୍ଦ କରିବା, ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ବ୍ୟବସାୟିକ ଗାଡ଼ିଗୁଡ଼ିକ ପାଇଁ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା, ମୋଟର ଯାନ ଆକ୍ଟ ଅନୁଯାୟୀ ଗାଡ଼ିର ଫିଟନେସ୍ ଯାଞ୍ଚ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସହଜ କରିବା, ଅଚଳ କିମ୍ବା ସ୍କ୍ରାପ୍ ଗାଡ଼ିଗୁଡ଼ିକର ବକେୟା ଟ୍ୟାକ୍ସ ଓ ଜୋରିମାନା ଛାଡ଼ କରି ସେଗୁଡ଼ିକୁ ବିକ୍ରି କରିବା ପାଇଁ ସରଳୀକୃତ ପ୍ରକ୍ରିୟା ଆପଣାଇବା ଆଦି ରହିଛି। ଏହାସହିତ ବସ ଭଡ଼ା ନିୟନ୍ତ୍ରଣ ବ୍ୟବସ୍ଥା ଭଳି ବ୍ୟବସାୟିକ ଗାଡ଼ି ପାଇଁ ମଧ ସର୍ବନିମ୍ନ ମାଲ ପରିବହନ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ସଂଘ ଦାବି ଜଣାଇଛି। ଏହା ପୂର୍ବରୁ ସଂଘ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ମଧ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ କହିଛନ୍ତି, ମୋଟର ଯାନ ଆକ୍ଟର ନିୟମାନୁଯାୟୀ ଗାଡ଼ି ଗୁଡ଼ିକର ବଡ଼ି ଯାହା ପରିବର୍ତ୍ତନ କରାଯାଇପାରିବ ତାହାକୁ ହିଁ ଅନୁମୋଦନ ପ୍ରଦାନ କରାଯିବ। ସେଭଳି ଗାଡ଼ିର ଡାଲା ଉଚ୍ଚତା ଓ ଅନ୍ୟ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଏଗୁଡ଼ିକ କରାଗଲେ ଏମ୍‌ଭି ଆକ୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଟୁଡୁ ସୂଚନା ଦେଇଛନ୍ତି।

## ବଧୂ ନିର୍ଯାତନା ମାମଲାରେ ଦଣ୍ଡାଦେଶ

**ସମ୍ବଲପୁର, ୨୯।୫ (ସମିସ) :** ସମ୍ବଲପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଏଲ.ଆର ଏଣ୍ଡ ଏଲ.ଟି.ଭି) ବ୍ରଜେଶ ମିଶ୍ର ଏକ ବଧୂ ନିର୍ଯାତନା ମାମଲାର ବିଚାର କରି ପୀଡ଼ିତାଙ୍କ ସ୍ୱାମୀ ହୃଦାନନ୍ଦ ତ୍ରିପାଠୀ, ଦେଢ଼ଶୁର ଭୀମ ଓରଫ ଭୀମସେନ ତ୍ରିପାଠୀ ଏବଂ ଯାଆ ଆନନ୍ଦିନୀ ତ୍ରିପାଠୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ପ୍ରତ୍ୟେକ ଦୋଷୀଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮(ଏ) / ୩୪ ଅଧୀନରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଲେଖାଏ ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ଆଉ ୧ ମାସ ଲେଖାଏ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଏପିପି ଟିକେଶ୍ୱର ପ୍ରଧାନ, ଶୁଭମ ଅଗ୍ରୱାଲ ଓ ମହେଶ ମୁନ୍ସି ମାମଲା ପରିଚାଳନା କରିଥିଲେ।

ମାମଲାର ସୂଚନା ଅନୁଯାୟୀ, ୧୯୯୭ ମସିହା ଫେବୃଆରୀ ୧୬ ତାରିଖରେ ସୌଦାମିନୀଙ୍କ ସମ୍ବଲପୁର ଜିଲ୍ଲା ଧମା ଥାନା ତେନ୍ତୁଳିକୁର୍ଲା ଗ୍ରାମର ହୃଦାନନ୍ଦ ତ୍ରିପା।ଠୀଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ଯୌତୁକ ପାଇଁ ଏବଂ ସନ୍ତାନ ହେଉ ନଥିବା ଦର୍ଶାଇ ଶ୍ୱଶୁର ଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ଫଳରେ ସେ କିଛି ଦିନ ବାପଘରକୁ ପଳାଇଥିଲେ ୨୦୦୪ ମସିହାରେ ପୁତ୍ର ସନ୍ତାନ ଜନ୍ମ ହେବା ପରେ ମଧ ନିର୍ଯାତନା କମି ନ ଥିଲା। ଏପରିକି ଦେଢ଼ଶୁର ଭୀମସେନ ତ୍ରିପାଠୀ ତାଙ୍କୁ ସାଇକେଲ ଚେନ୍‌ରେ ମାଡ଼ ମାରିବାରୁ ତାଙ୍କର ଶ୍ରବଣ ଶକ୍ତି ମଧ ପ୍ରଭାବିତ ହୋଇଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଏକ କୋଠରୀରେ ବନ୍ଦ କରି ଭୋକିଲା ରଖାଯିବା ପରେ ୨୦୧୭ ମସିହା ଜୁନ ୧୭ ତାରିଖରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ପୀଡ଼ିତା ଶେଷରେ ୨୦୨୧ ମସିହା ଜାନୁଆରୀ ୭ ତାରିଖରେ ମହିଳା ଥାନାରେ ଏଫଆଇଆର ଦେଇଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ଏହି ମାମଲାର ଶୁଣାଣି କରି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଏଲ.ଆର ଏଣ୍ଡ ଏଲ.ଟି.ଭି) ବ୍ରଜେଶ ମିଶ୍ର ପୀଡ଼ିତାଙ୍କ ସ୍ୱାମୀ ହୃଦାନନ୍ଦ ତ୍ରିପାଠୀ, ଦେଢ଼ଶୁର ଭୀମ ଓରଫ ଭୀମସେନ ତ୍ରିପାଠୀ ଏବଂ ଯାଆ ଆନନ୍ଦିନୀ ତ୍ରିପାଠୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ପ୍ରତ୍ୟେକ ଦୋଷୀଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୮(ଏ) / ୩୪ ଅଧୀନରେ ୧ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଲେଖାଏ ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ଆଉ ୧ ମାସ ଲେଖାଏ କାରାଦଣ୍ଡ ଭୋଗିବେ। ଏହାସହ ଦଫା ୩୨୩ / ୩୪ ଆଇପିସିରେ ପ୍ରତ୍ୟେକଙ୍କୁ ଆଉ ୧ ମାସର ଜେଲ୍ ଦଣ୍ଡ ଓ ୫୦୦ ଟଙ୍କା ଜୋରିମାନା ଏବଂ ଜୋରିମାନା ନଦେଲେ ଅଧିକ ୨ ଦିନ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ସମସ୍ତ ଦଣ୍ଡାଦେଶ ଏକାକାଳୀନ ଲାଗୁ ହେବ ବୋଲି ଅଦାଲତ ରାୟରେ ପ୍ରକାଶ କରିଛନ୍ତି।

## ମଙ୍ଗଳା ମନ୍ଦିରରେ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ କାର୍ଯ୍ୟ ଆରମ୍ଭ

**ସମ୍ବଲପୁର, ୨୯।୫ (ସମିସ) :** ସମ୍ବଲପୁର ଭୁତାପଡ଼ାସ୍ଥିତ ମା' ମଙ୍ଗଳା ମନ୍ଦିର ପରିସରରେ ଶ୍ରୀଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଗ୍ରହ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଯାଇଛି। ପବିତ୍ର ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥି ଅବସରରେ ଆଜି ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ବିଶ୍ୱକର୍ମା ମହାରଣା ରୂପକାର ସେବକ କଳ୍ପତରୁ ପଣ୍ଡା ଏବଂ ଗୋବିନ୍ଦ ମହାରଣା ପବିତ୍ର ନିମ୍ବ ବୃକ୍ଷର କାଠରେ ଶ୍ରୀ ଜଗନ୍ନାଥଙ୍କ ଦାରୁ ମୂର୍ତ୍ତି ବିଗ୍ରହ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ କରିଥିଲେ। ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ବିଧି ଅନୁସାରେ ପୂଜାକାର୍ଯ୍ୟ କରିଥିଲେ। ମନ୍ଦିର କମିଟିର ରବୀନ୍ଦ୍ର ଜେନା, ସରୋଜ ସାହୁ, କଳ୍ପତରୁ ବେହେରା, ରସାନନ୍ଦ ବେହେରା, ସାଧବ ପ୍ରଧାନ, ଅଶୋକ ପଟ୍ଟନାୟକ, ଇନ୍ଦ୍ରମଣୀ ଦାସ, ଅସିତ ବିଶ୍ୱାଳ, ପୀତବାସ ବେହେରା, ଓମ୍ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ୧୦୦ ଲିଟର ମଦ ଜବତ, ୨ ଗିରଫ

**ସମ୍ବଲପୁର, ୨୯।୫ (ସମିସ) :** ସଦର ଥାନା ପୁଲିସ ଜାତୀୟ ରାଜପଥ ନଂ. ୫୩ କୁଦୋପାଲି ପୋଲ ନିକଟରେ ଗତକାଲି ସନ୍ଧ୍ୟାରେ ଚଢ଼ଉ କରି ୧୦୦ ଲିଟର ଅପମିଶ୍ରିତ ମଦ ଜବତ କରିବାସହ ୨ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ମିର୍ଗାମୁଣ୍ଡାର ମହାଦେବ ଓରାମ ଓ ମନୋଜ ଓରାମ। ପୁଲିସର ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ ମିରଗାମୁଣ୍ଡା ଗ୍ରାମର ମହାଦେବ ଓରାମ (୩୧) ଏବଂ ମନୋଜ ଓରାମ (୪୧) ପ୍ରାୟ ୧୦୦ ଲିଟର ଅପମିଶ୍ରିତ (ଆଇ/ଡି) ମଦ ଦୁଇଟି ବସ୍ତାରେ ରଖି ପରିବହନ କରୁଥିବା ସମୟରେ ପୁଲିସ ପାଟ୍ରୋଲିଂ ଦଳ ଦ୍ୱାରା ଗିରଫ ହୋଇଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ରାୟ ୫୦ ଲିଟର ବେଆଇନ ଭାବରେ ପ୍ଲେଜର ସ୍କୁଟିରେ ବେଆଇନ ଭାବେ ବିକ୍ରୟ କରିବା ଉଦ୍ଦେଶ୍ୟରେ ନେଉଥିଲେ ବୋଲି ପୁଲିସ କହିଛି। ସଦର ଥାନାରେ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଶୌଚାଳୟରେ ପଡ଼ି ପ୍ରାଣ ହରାଇଲେ ୱାର୍ଡର

**ସମ୍ବଲପୁର, ୨୯।୫ (ସମିସ) :** ସମ୍ବଲପୁର ମଣ୍ଡଳ କାରାଗାରର ଜଣେ ୱାର୍ଡର ଆଜି ଶୌଚାଳୟ ଭିତରେ ପଡ଼ି ପ୍ରାଣ ହରାଇଛନ୍ତି। ୱାର୍ଡର ଜଣକ ବରଗଡ଼ ଥାନା ଅଧୀନ କଟାପାଲିର ରଶ୍ମୀରଞ୍ଜନ ମିଶ୍ର (୩୭) ବୋଲି ପୁଲିସ କହିଛି। ପୁଲିସର ସୂଚନା ଅନୁଯାୟୀ, ଆଜି ସକାଳେ ସମ୍ବଲପୁର ଜେଲ୍ ନିକଟରେ ଥିବା ବାରାକ୍ ଶୌଚାଳୟକୁ ଶ୍ରୀ ମିଶ୍ର ଯାଇଥିଲେ। ବହୁ ସମୟ ଧରି ସେଠାରୁ ନ ବାହାରିବାରୁ ସାଥୀ କର୍ମଚାରୀମାନେ ଶୌଚାଳୟ କବାଟ ବାଡ଼େଇଥିଲେ। କିନ୍ତୁ ତଥାପି ସେ ନ ଖୋଲିବାରୁ କବାଟ ଭଙ୍ଗା ଯାଇଥିଲା। ଶ୍ରୀ ମିଶ୍ର ଅଚେତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧନୁପାଲି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିବାର ଲୋକଙ୍କୁ ସୂଚନା ଦିଆଯିବା ସହିତ ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ଉଷାକୋଠିରେ ୧୦ହଜାର ବର୍ଷର ପ୍ରାଚୀନ ଯୁଗର ଶୈଳଚିତ୍ର ଓ ଅସ୍ତ୍ରଶସ୍ତ୍ରର ପ୍ରମାଣ



**ରେଢ଼ାଖୋଲ, ୨୯ ।୫ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅଧୀନ ଲୁହାପଙ୍କ ପଞ୍ଚାୟତ ଅଧୀନ ବେତଗଡ଼ରୁ ମାତ୍ର ୭ କିଲୋମିଟର ଦୂରରେ ଗବେଷକମାନଙ୍କ ଗବେଷଣାରେ ରହସ୍ୟ ଜନକ ତଥ୍ୟ ପ୍ରମାଣ ମିଳିଛି। ଏଥିରେ ଐତିହାସିକ ଉଷା କୋଠି ପାହାଡ଼ସ୍ଥଳରେ ବିଭିନ୍ନ ସଭ୍ୟତାର ପ୍ରମାଣ ମିଳିଥିବା ଗବେଷକମାନେ ଦାବି କରିଛନ୍ତି। ଏହି ସ୍ଥାନକୁ ପୁରୀ ମଣ୍ଡଳର ଭାରତର ପ୍ରତ୍ନତାତ୍ତ୍ୱିକ ବିଭାଗ ଗତ ଜାନୁଆରୀ ମାସରେ ଗସ୍ତ କରିଥିଲେ। ଏହାପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ. ଅତୁଲ୍ୟ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଜି ଛତାଗଡ଼, ପାରାଭାଡି, ଉଷାକୋଠି ଅଞ୍ଚଳ ଗସ୍ତକରି ଗବେଷଣା ପରେ ପୁରାତନ ଯୁଗର ଅସ୍ତ୍ରଶସ୍ତ୍ର, ଶୈଳ ଚିତ୍ର ଅନ୍ୟାନ୍ୟ ସାମଗ୍ରୀ ମିଳିବା ସହିତ ଏହା ୧୦ ହଜାର ବର୍ଷ ତଳର ମାନବ ସଭ୍ୟତା ପ୍ରମାଣ ବୋଲି ପ୍ରତିକ୍ରିୟା ଦେଇଥିଲେ।

# ତାଣ୍ଡବ ରଚିଲା କାଳବୈଶାଖୀ: ଉଡ଼ିଲା ଆଜବେଷ୍ଟସ୍; ୩ ଆହତ

**ନାକଟିଦେଉଳ, ୨୯ ।୫(ସମିସ)**

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅଧୀନ ଶିମିଳିପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ କାଳବୈଶାଖୀ ତାଣ୍ଡବ ରଚିଛି। ବୁଧବାର ରାତ୍ରିରେ ହୋଇଥିବା ଏହି କାଳ ବୈଶାଖୀର ପ୍ରଭାବରେ ପଞ୍ଚାୟତ ଅଧୀନ କାଉଁଶୀପାଳ, ଶରଧାପୁର ଏବଂ ଚରଡ଼ପଶି ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଲୋକଙ୍କ ଘର ଛାତରୁ ଆଜବେଷ୍ଟସ୍ ଏବଂ ଟାଇଲ ସବୁ ଉଡିଯିବା ସହ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ତାର ଛିଡି ଯାଇଥିବାରୁ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହିଛି। କାଳବୈଶାଖୀ ପ୍ରଭାବରେ କାଉଁଶିପାଳ ଗ୍ରାମର ୨ ଜଣ ଛୋଟ ଶିଶୁ ସମେତ ୩ ଜଣ ଆହତ ହୋଇଛନ୍ତି। ସେହିପରି କାଉଁଶୀପାଳ ଗ୍ରାମର ରାଧାକାନ୍ତ ପଣ୍ଡାଙ୍କ ଘର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆଜବେଷ୍ଟସ ପଡ଼ି ତାଙ୍କ ଝିଅ ଛନ୍ଦିତା



ପଣ୍ଡା (୯) ଏବଂ ବବଲୀ ପଣ୍ଡା (୧୪)ଙ୍କ ମୁଣ୍ଡ ଫାଟି ଆହତ ହୋଇଥିବାବେଳେ ପଡୋଶୀ ସମ୍ପର୍କୀୟ ଦିଲୀପ ପଣ୍ଡା ମଧ ଆହତ ହୋଇଛନ୍ତି। ସେହିପରି ନିକଟରେ ଥିବା ବିଧବା ବୃଦ୍ଧା ଉଷାମଣୀ ପଣ୍ଡାଙ୍କ ମଧ ମଧ ୪ ବଖରା ଘରର ଟାଇଲ, ଆଜବେଷ୍ଟସ ସବୁ ଉଡିଯିବା ସହ କାନ୍ଥ ଭାଙ୍ଗି ଯାଇଛି। ଶରଧାପୁର ଗ୍ରାମରେ ୩୦ ଲୋକଙ୍କ ଘର ଛପର ଉଡିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୁରୁବାର ସକାଳୁ ଉଇଁଚା ରାଜସ୍ୱ ନିରୀକ୍ଷକ ଧନଞ୍ଜୟ ସାହୁ ପ୍ରଭାବିତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏ ସମ୍ପର୍କରେ ନାକଟିଦେଉଳ ତହସିଲଦାର ଅମର ଯଶପ୍ରୀତ ଡୁଙ୍ଗଡୁଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଆରଆଇ ପ୍ରଭାବିତ ଗ୍ରାମକୁ ଯାଇ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ମିଳିବା ପରେ ଜିଲ୍ଲାପାଳଙ୍କ ନିକଟକୁ ପଠାଇ ଦିଆଯିବ। କ୍ଷୟକ୍ଷତି ଆଧାରରେ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ବେଆଇନ ମଦ ଭାଟିରେ ଚଢ଼ଉ; ୭ କୋର୍ଟ ଚାଲାଣ

## ଅନ୍ୟ ୨ ଜଣଙ୍କୁ ନୋଟିସ ଦେଇ ଛାଡ଼ିଲା ପୁଲିସ

**ଝାରସୁଗୁଡା, ୨୯।୫(ସମିସ)**

ଝାରସୁଗୁଡା ଜିଲ୍ଲା ବେଲପାହାଡ଼ ଥାନା ଅଞ୍ଚଳରେ ବଡ଼ ଧରଣର ଅବକାରୀ ଚଢ଼ଉ କରାଯାଇଛି। ବେଲପାହାଡ଼ ଥାନା ଅନ୍ତର୍ଗତ ମୋହନପୁର ଏବଂ ଉଜ୍ଜଳପୁର ଗ୍ରାମରେ ଚାଲିଥିବା ବେଆଇନ ମଦ ପ୍ରସ୍ତୁତି ଓ ବିକ୍ରି ଉପରେ ପୁଲିସ ପକ୍ଷରୁ ଅତର୍କିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପରେ ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ୨ ଜଣଙ୍କୁ ପୁଲିସ ନୋଟିସ ଦେଇ ଛାଡିଛି। କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତମାନେ ହେଲେ ନାନ୍ସି ଟିଟିଙ୍ଗାଲ (୩୨), ମାଲତୀ ଡିଗି (୪୦), ବିସାଙ୍ଗୀ ହେମ୍ବ୍ରମ (୪୦. ବୈଜୟନ୍ତୀ ଚାକି (୫୮), ଦୁମେ ପୁର୍ତ୍ତି (୪୪), ରାଜେନ୍ଦ୍ର କିଶାନ (୩୩)। ସେମାନଙ୍କ ନିକଟରୁ ବହୁ ପରିମାଣର ବେଆଇନ ମହୁଲ ମଦ, ମହୁଲ ଫୁଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ନେଇ ବେଲପାହାଡ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ବେଲପାହାଡ଼ ଏବଂ ଲଖନପୁର ଥାନାର ମିଳିତ ଟିମ୍, ବ୍ରଜରାଜନଗର ପୁଲିସ ଏବଂ ସଶସ୍ତ୍ର ପୋଲିସ ବାହିନୀର ସହାୟତାରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ୭୨୨ ଲିଟର ଚୋରା ମହୁଲ ମଦ, ୪୭ କ୍ୱିଣ୍ଟାଲ ମହୁଲ ଫୁଲ, ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ୧୦ କିଲୋ ୟୁରିଆ ସହ ଅନ୍ୟାନ୍ୟ ସାମଗ୍ରୀ ପୁଲିସ ଜବତ କରିଥିଲା।



ଘଟଣାସ୍ଥଳରେ ପ୍ରାୟ ୧୨ କ୍ୱିଣ୍ଟାଲ ଫେର୍ମେଣ୍ଟେଡ୍ (ଗଜା) ମହୁଲ ପୋଚକୁ ପୁଲିସ ଟିମ୍ ପକ୍ଷରୁ ଢାଳି ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଏହି ମାମଲାରେ ଓଡ଼ିଶା ଅବକାରୀ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରା ଅନୁଯାୟୀ ୯ ଟି ଅବକାରୀ ମାମଲା ରୁଜୁ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଚୋରା ମଦ ଚାଲାଣ ଅଭିଯୋଗରେ ୨ ଗିରଫ

**ଇବଥର୍ମାଲ, ୨୯।୫(ସମିସ):** ଝାରସୁଗୁଡା ଜିଲ୍ଲା ବନହରପାଲି ଥାନା ଅଞ୍ଚଳରେ ଚୋରା ବିଦେଶୀ ମଦ ଚାଲାଣ ବେଳେ ବ୍ୟାପକ ପରିମାଣର ମଦ ଗତ ଗୁରୁବାର ରାତିରେ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବନହରପାଲି ପୋଲିସ।




ପ୍ରାୟ ୧୦୧.୮୯୫ ଲିଟରର ବିଦେଶୀ ମଦ ସହ ଏକ ଏରଟିଗା କାର୍ ଜବତ କରିବା ସହ ୨ ଚୋରା ବ୍ୟବସାୟୀଙ୍କୁ ଗିରଫ କରିଛି ପୁଲିସ। ତେଲେନପାଲି ପଟରୁ ବାନ୍ଧବାହାଲ ଆଡ଼କୁ ବିପୁଳ ପରିମାଣର ଚୋରା ବିଦେଶୀ ମଦ ଚାଲାଣ ହେଉଥିବା ନେଇ ବନହରପାଲି ପୁଲିସ ଖବରପାଇ ଆଇଆଇସି ବିନୋଦ କୁମାର ରାଓଙ୍କ ନିର୍ଦ୍ଦେଶରେ ପୁଲିସ ମଦ ବୋଝେଇ କାରକୁ ପିଛା କରିଥିଲା। କାର୍‌ଟି ଇବଥର୍ମାଲ ପଟୁ ବନ୍ଧବାହାଲ ପଟେ ଆସୁଥିବା ବେଳେ ଝରଝରି ଛକ ନିକଟରେ ଗାଡ଼ିଟିକୁ ଦେଖି ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା, ହେଲେ ଗାଡ଼ିଟି ଖସିଯିବାକୁ ଚେଷ୍ଟା କରିବାରୁ ପୁଲିସ ପିଛାକରି ଜଗନ୍ନାଥ ନଗର ଓ ନୂଆଁ ଛରଲା ଶ୍ମଶାନ ପଡ଼ିଆ ମଝିରେ ଗାଡ଼ିଟିକୁ କାବୁ କରିଥିଲା। ଗାଡ଼ି ଯାଞ୍ଚ ବେଳେ ସେଥିରୁ ବିପୁଳ ପରିମାଣର ନାମୀଦାମୀ ବ୍ରାଣ୍ଡର ବିଦେଶୀ ମଦ ଓ ବିଅର ବୋତଲ ଜବତ କରାଯାଇଛି। ପ୍ରାୟ ୧୦୧.୮୯୫ ଲିଟର ବିଦେଶୀ ମଦ ଜବତ ହୋଇଛି। ମଦ ସହିତ ବେଆଇନ କାରବାରରେ ବ୍ୟବହୃତ ଏରଟିଗା କାର୍ (ଓଡ଼ି୨୩ପି୮୭୫୩) ଏବଂ ନଗଦ ୧, ୮୫୦ ଟଙ୍କା ଜବତ କରାଯାଇଛି। ମଦ ପରିବହନ ଅନୁସାରେ ଲାଇସେନ୍ସ କିମ୍ବା କାଗଜପତ୍ର ମନଦେଇ ଯାଉଥିବା ଦୁଇଜଣ ଅଭିଯୁକ୍ତ ଦେଖେଇ ପାରିନଥିବା କୁହାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତ ମୁକେଶ ପ୍ରଧାନ ଓରଫ ମଣ୍ଟୁ (୩୪), ନବୀନ କୁମାର ନନ୍ଦ (୫୨) ଙ୍କୁ ବନହରପାଲି ଥାନାରେ କେସ୍ ନମ୍ବର ୧୪୮/୨୦୨୬, ଓଡ଼ିଶା ଅବକାରୀ ଆକ୍ଟର ଧାରା ୫'୫୨(ବ)(ସ)' ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଆଇଆଇସି ଶ୍ରୀ ରାଓ କହିଛନ୍ତି।

## ପୁଅର ଟାଙ୍ଗିଆ ଚୋଟରେ ବାପା ସମେତ ୨ ଗୁରୁତର; ଅଭିଯୁକ୍ତ ଗିରଫ

**ଝାରସୁଗୁଡା, ୨୯।୫(ସମିସ):** ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କୁଡ଼ାବଗା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ପୁଅ ନିଜ ବାପାଙ୍କ ବେକକୁ ଏକ ଟାଙ୍ଗିଆରେ ଆକ୍ରମଣ କରିବା ସହ ଅନ୍ୟ ଜଣେ ଯୁବକଙ୍କୁ ମଧ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା କୁଡାବଗା ଗ୍ରାମର ଅଣ୍ଡାରାମ ମଲ୍ଲିକଙ୍କ ମୁଣ୍ଡକୁ କୌଣସି କାରଣକୁ ନେଇ ଏକ ଟାଙ୍ଗିଆରେ ଅଭିଯୁକ୍ତ ପୁଅ ଛନ୍ଦାଚରଣ ମଲ୍ଲିକ ଓରଫ ଗୁଡ଼ଡୁ(୩୫) ଆକ୍ରମଣ କରିବା ସହିତ ଗ୍ରାମର ଜଣେ ଯୁବକ ନିରଞ୍ଜନ ବଗାରଙ୍କୁ ମଧ ଆକ୍ରମଣ କରିଥିଲେ। ଏଥିରେ ଉଭୟେ ଗୁରୁତର ଆହତ ହୋଇଥିଲେ। ଉଭୟ ଆହତଙ୍କୁ ସ୍ଥାନୀୟ ଜନସାଧାରଣ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ରେଙ୍ଗାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣା ଘଟାଇ ଅଭିଯୁକ୍ତ ପୁଅ ଘଟଣାସ୍ଥଳରୁ ଫେରାର ମାରିଥିଲା। ପରେ ରେଙ୍ଗାଲି ଥାନା ପୁଲିସ ଫେରାର ଅଭିଯୁକ୍ତ ପୁଅ ଛନ୍ଦାଚରଣ ମଲ୍ଲିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ପୁଲିସ ଆକ୍ରମଣରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛି।

## ପଶୁ ପକ୍ଷୀଙ୍କ ଦେବଦୂତ ସାଜିଲେ ସମାଜସେବୀ

**ଗୋଲାମୁଣ୍ଡା, ୨୯ ।୫(ସମିସ):** ପ୍ରଚଣ୍ଡ ରୁଦ୍ରତାପ ମଧ୍ୟରେ ଜୀବଜନ୍ତୁ ମାନଙ୍କ ଦୁର୍ଦ୍ଦଶାକୁ ଗଭୀର ଭାବେ ଅନୁଭବ କରି ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଗାଇ, ବଳଦ ସହ ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ତୀବ୍ର ଗ୍ରୀଷ୍ମ ଓ ଖରା ପରିସ୍ଥିତିରେ ଯେତେବେଳେ ପାଣି ଓ ଖାଦ୍ୟର ଅଭାବରେ ଜୀବଜନ୍ତୁମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ତାଙ୍କର ଏହି ପଦକ୍ଷେପ ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ହୋଇଉଠିଛି। ସେ ନିଜ ପ୍ରୟାସରେ ଗୋଲାମୁଣ୍ଡା ଏବଂ ଆଖ ପାଖ ଅଞ୍ଚଳର ବିଭିନ୍ନ ବଣଜଙ୍ଗଲ, ଚାଷ ଜମିରେ ଥିବା ବୃକ୍ଷ ଡାଳ, ପଡ଼ିଆ ସ୍ଥାନରେ ଜଳପାତ୍ର ବ୍ୟବସ୍ଥା କରିବା ସହ ଗାଇ ବଳଦମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ପହଞ୍ଚାଇ ଆସୁଛନ୍ତି। ସମାଜସେବାକୁ ଜୀବନର ଲକ୍ଷ୍ୟ କରି ଶ୍ରୀ ଅଗ୍ରୱାଲ ଖରା ଦିନେ ପ୍ରାୟ ୨ ମାସରୁ ଅଧିକ ସମୟ ଧରି ଗରିବ ଓ ଅସହାୟ ଲୋକଙ୍କ ସେବାରେ ନିରନ୍ତର ନିୟୋଜିତ ରହି ଆସୁଛନ୍ତି। ଏହାଛଡ଼ା ସେ ଗାଁ ଗାଁ ବୁଲି ଲୋକଙ୍କ ଦୁଃଖସୁଖ ବୁଝିବା, ପ୍ରଶାସନ ପାଖରେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା, ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା, ଜନସାଧାରଣଙ୍କୁ ସଚେତନ କରିବା ଭଳି ଅନେକ ସାମାଜିକ କାର୍ଯ୍ୟରେ ସେ ସକ୍ରିୟ ଭୂମିକା ନିଭାଇଆସୁଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ଏହିପରି ସହାନୁଭୂତିଶୀଳ କାର୍ଯ୍ୟ ସମାଜରେ ମାନବିକତାକୁ ଆହୁରି ଦୃଢ଼ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ କରିଛି।



## ଚୀନ୍‌ରେ ଉଚ୍ଚତର ଗବେଷଣା ପାଇଁ ଯୁବ ଗବେଷକ ମନୋନୀତ

**ଦେବଗଡ଼, ୨୯।୫(ସମିସ):** ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ରାଜାମୁଣ୍ଡାର ଲିଲିମା ମିଶ୍ର ଓ ଜଗବନ୍ଧୁ ମିଶ୍ରଙ୍କ ପୁତ୍ର ଯୁବ ଗବେଷକ ଡ଼. ସାଇ ସ୍ୱାଗତ ମିଶ୍ର ଚୀନର ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଫ୍ ଚାଇନାର ଆଷ୍ଟ୍ରୋନୋମି ବିଭାଗରେ ଉଚ୍ଚତର ଗବେଷଣା କରିବା ପାଇଁ ଯୋଗଦେବାକୁ ଚୟନିତ ହୋଇଛନ୍ତି। ସେ ସମ୍ପ୍ରତି ଭାରତର ସମ୍ମାନଜନକ ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସ, ହାଇଦ୍ରାବାଦ କ୍ୟାମ୍ପସର ଗଣିତ ବିଭାଗରୁ ପ୍ରଫେସର ପିକେ ସାହୁଙ୍କ ତତ୍ତ୍ୱାବଧାନରେ ପିଏଚ୍‌ଡି ସମ୍ପୂର୍ଣ୍ଣ କରି ତେଲେଙ୍ଗାନାର ୱରଙ୍ଗଲଠାରେ ଥିବା ୟୁନିଭର୍ସିଟିରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଡ଼. ମିଶ୍ରଙ୍କ ଗବେଷଣା କ୍ଷେତ୍ର ହେଉଛି ସୈଦ୍ଧାନ୍ତିକ ବ୍ରହ୍ମାଣ୍ଡ ବିଜ୍ଞାନ, ଯେଉଁଥିରେ ବ୍ରହ୍ମାଣ୍ଡର ତ୍ୱରିତ ପ୍ରସାରଣ, ଡାର୍କ ଏନର୍ଜି, ସଂଶୋଧିତ ମାଧ୍ୟାକର୍ଷଣ ତତ୍ତ୍ୱ ଏବଂ ବିଭିନ୍ନ କସ୍ମୋଲୋଜିକାଲ୍ ସମସ୍ୟା ଉପରେ ସେ ଗବେଷଣା କରୁଛନ୍ତି। ତାଙ୍କର ୨୫ ରୁ ଅଧିକ ଗବେଷଣା ପ୍ରବନ୍ଧ ଅନ୍ତର୍ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ପତ୍ରିକାରେ ପ୍ରକାଶିତ ହୋଇଛି। ସେ ବିଭିନ୍ନ ପାଞ୍ଚଟି ଦେଶ ଗସ୍ତ କରି ଆନ୍ତର୍ଜାତୀୟ ସମ୍ମିଳନୀ ଓ ଗବେଷଣା କାର୍ଯ୍ୟକ୍ରମରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ଡ଼ ମିଶ୍ର ପୋଷ୍ଟ ଡକ୍ଟରାଲ୍ ଗବେଷକ ଭାବେ ଚୟନିତ ହେବା ଡ଼. ମିଶ୍ରଙ୍କ ଶିକ୍ଷା ଓ ଗବେଷଣା ଜୀବନର ଏକ ଉଲ୍ଲେଖନୀୟ ସଫଳତା। ତାଙ୍କ ଏହି ସଫଳତା ପାଇଁ ଦେବଗଡ଼ ଜିଲ୍ଲାର ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇବା ସହ ଶୁଭେଚ୍ଛୁମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**କେସିଙ୍ଗା, ୨୯ ।୫(ସମିସ):** କେସିଙ୍ଗା ରେଲଷ୍ଟେସନରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ଏକ ମାଲଗାଡ଼ିରେ ନିଆ ଲାଗିଥିବା ଦେଖିବାକୁ ମିଳଇଥିଲା। କୋଇଲା ବୋଝେଇ ଡବାରେ ନିଆଁ ଲାଗିଯାଇଥିଲା। ଟ୍ରେନ୍‌ଟି ବିଶାଖାପାଟଣାରୁ ଦୁର୍ଗକୁ ଯାଉଥିବା ଜଣାପଡ଼ିଛି। ଟ୍ରେନ୍‌ଟି କେସିଙ୍ଗାଷ୍ଟେସନ ଅତିକ୍ରମ କରିଥିବାବେଳେ କେହି ଏହାର ଭିଡିଓ କରି ଛାଡ଼ିଥିଲା। ଯାହା ସାମାଜିକ ଗଣ ମାଧ୍ୟମରେ ବୁଲିଥିଲା। କେସିଙ୍ଗା ଷ୍ଟେସନ କର୍ତ୍ତୃପକ୍ଷ ନିଆଁ ଲାଗିବା କଥା ସ୍ୱକାର କରିଛନ୍ତି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବାବେଳେ ଶୁକ୍ରବାର ଦିନ ଅଞ୍ଚଳରେ କାଳ ବୈଶାଖୀ ବର୍ଷା ଓ ବିଜୁଳି ମାରିଥିବାରୁ କୌଣସି ସ୍ଥାନରେ ବଜ୍ର ପଡ଼ି କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗି ଯାଇଥିବା ଅନୁମାନ କରାଯାଉଛି।



## ଲଇକେରା ଓ କିର୍ମିରା ଆଇଟିଡିଏ ବ୍ଲକ ପ୍ରତିଷ୍ଠା ଦିବସ




**ଝାରସୁଗୁଡା, ୨୯।୫(ସମିସ):** ଝାରସୁଗୁଡା ଜିଲ୍ଲା ଲଇକେରା ଓ କିର୍ମିରା ଆଇଟିଡିଏ ବ୍ଲକ ପ୍ରତିଷ୍ଠା ଦିବସ ଝାରସୁଗୁଡ଼ା ଜିଲ୍ଲା ବେହେରାମାଲ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ସମ୍ମିଳିତ ଆଦିବାସୀ ସମାଜ ସଂଯୋଜନାରେ ଶୁକ୍ରବାର ଆୟୋଜିତ ଏହି ସଭାରେ ଝାରଖଣ୍ଡ ମନୋହରପୁର ପୂର୍ବତନ ବିଧାୟକ ଗୁରୁଚରଣ ନାଏକ ଝାରଖଣ୍ଡ ଅବସରପ୍ରାପ୍ତ ପ୍ରଶାସକ ଜ୍ୟୋତି ଭ୍ରମର ଟୁବିତ, ଛତିଶଗଡ଼ ରାୟପୁର ଆଦିବାସୀ ସରକାରୀ କର୍ମଚାରୀ ଉନ୍ନୟନ ସଂଘର ସଭାପତି ଆର.ଏନ. ଧ୍ରୁବ, ଝାରସୁଗୁଡ଼ା ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୀବ ପଟେଲ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଝାରସୁଗୁଡ଼ା ଜିଲ୍ଲାର ୧୪ ଜଣ ଆଦିବାସୀ ଛାତ୍ରଛାତ୍ରୀ ଯଥା ବଞ୍ଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱସ୍ତିକା କାଲୋ, ପ୍ରିୟଙ୍କା ବୁଢ଼ା, ଗୌରବ ସା, ସୋଡାମାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଗାୟତ୍ରୀ ମେହେର, ଉମାକାନ୍ତି ମୁଣ୍ଡା, ବର୍ଷା ମୁଣ୍ଡା, ଲୋଜି ଭୋଇ, ଶ୍ରାବଣୀ ଭୋଇ, ଦୀପିକା କୁମୁରା, କିର୍ମିରା ଏକଲବ୍ୟ ସ୍କୁଲର ଲିପୁ ବାଗ, ଚର୍ଚିତା ବୁଦୁଲା, ମୁକେଶ ପୃସେଠ, ଚନ୍ଦ୍ର ଶେଖର ଡୁଡୁମ, ଅର୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ମିଲୁ ବରିହାଙ୍କୁ ମେଧା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ସମ୍ମିଳିତ ଆଦିବାସୀ ସମାଜ ଏକ ଅଭିଯୋଗ ପ୍ରକୋଷ୍ଠ ପ୍ରତି ମାସର ୨୯ ତାରିଖ ଦିନ ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ ହୋଇଛି। ଏହି ସଭାରେ ସମ୍ମିଳିତ ଆଦିବାସୀ ସମାଜର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ, ସଭାପତି ରତ୍ନାକର ପ୍ରଧାନ, ମହାସଚିବ ମହେନ୍ଦ୍ର ନାଏକ, ଆଇନ ଉପଦେଷ୍ଟା ସୀୟାରାମ ଦାସ, ଉପଦେଷ୍ଟା ପରମାନନ୍ଦ ବାଗ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ କିର୍ମିରା ଏକଲବ୍ୟ ସ୍କୁଲର ଅଧକ୍ଷ ଅରବିନ୍ଦ ସିଂ, ସୋଡାମାଲ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ସୁଦର୍ଶନ ସରାଫ, ମେଘନାଦ ନାଏକ, ସିରିଜୁ ଖମାରୀ, ଗୌରୀ ଶଙ୍କର ପାତ୍ର, କୃଷ୍ଣ ଚନ୍ଦ୍ର ଭୋଇ, ସବିତା ପ୍ରଧାନ, ସେବତୀ ବାଗ, ସରସ୍ୱତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀର ମାଡ଼ରେ ସ୍ତ୍ରୀ ମୃତ; ସ୍ୱାମୀ ଅଟକ

**ଦେବଗଡ଼, ୨୯।୫ (ସମିସ):** ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଦୁଧିଆନାଳୀ ଗ୍ରାମରେ ସ୍ୱାମୀର ନିର୍ଯାତନା ଓ ନିସ୍ଠୁକ ମାଡ଼ରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ଦୁଧିଆନାଳୀ ଗ୍ରାମର ଭୀଷ୍ମ ଛତ୍ରିଆ(୫୫)ଙ୍କ ସ୍ତ୍ରୀ ସୁହାସିନୀ ଛତ୍ରିଆ (୫୦)। ଗତକାଲି ପାରିବାରିକ କଳହରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଭୀଷ୍ମ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ସୁହାସିନୀକୁ ନିସ୍ଠୁକ ମାଡ଼ ମାରିବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକ ତାକୁ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ରିଆମାଳ ଥାନା ଓ କଂସର ଫାଣ୍ଡି ପୁଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀ ଭୀଷ୍ମକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ



**ଝାରସୁଗୁଡା, ୨୯।୫(ସମିସ):** ଦଲକି ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷଠାରେ ବିକଳ୍ପ ବିବାଦ ସମାଧାନର ବିଭିନ୍ନ ଉପାୟ ଯଥା ଲୋକ ଅଦାଲତ, ମଧ୍ୟସ୍ଥତା, ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ ଗୁଡ଼ିକର ପ୍ରତିଷ୍ଠା ଏବଂ କାର୍ଯ୍ୟକାରିତା ତଥା ଏହା ଦ୍ୱାରା ବିଚାରକୁ ନିଆଯାଉଥିବା ବିବାଦର ପ୍ରକୃତି ଏବଂ ଆଇନ ସେବା ପ୍ରାଧିକରଣ ଅଧିନିୟମ ଅନୁଯାୟୀ ଯୋଜନାର ଲାଭ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ଓ ମୁଖ୍ୟ ଆଇନ୍ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଉପରୋକ୍ତ ବିଷୟ ବସ୍ତୁମାନଙ୍କ ଉପରେ ଆଲୋଚନା କରିବା ସହିତ ଜିଲ୍ଲା ଆଇନସେବା ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡ଼ିତା କ୍ଷତି ପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ କୋର୍ଟରେ ବିଚାରାଧୀନ ମାମଲା ଗୁଡ଼ିକର ସମାଧାନ, ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହା ସଙ୍ଗେ ସଙ୍ଗେ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ, ସୁପ୍ରିମ କୋର୍ଟଙ୍କ ଦ୍ୱାରା ଆସନ୍ତା ୨୧, ୨୨ ଓ ୨୩ ଅଗଷ୍ଟରେ ହେବାକୁଥିବା ସମାଧାନ ସମାରୋହରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହୋଇପାରିବ ତାହା ବିଷୟରେ ପ୍ରାଧିକରଣ ସଚିବ ଉପସ୍ଥିତ ଜନ ସାଧାରଣମାନଙ୍କୁ ଅବଗତ କରିଥିଲେ। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା ଓ ଜନ ସାଧାରଣ ତଥା ଆଇନ୍‌ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

## ଫଟୋଗ୍ରାଫର୍ସଙ୍କ ଜିଲ୍ଲାସ୍ତରୀୟ କର୍ମଶାଳା



**ଝାରସୁଗୁଡା, ୨୯।୫(ସମିସ):** ଝାରସୁଗୁଡା ଜିଲ୍ଲା ଫୋଟୋଗ୍ରାଫରର୍ସ ଆସୋସିଏସନର ସଦସ୍ୟଙ୍କ ପାଇଁ ଜିଲ୍ଲାସ୍ତରୀୟ କ୍ୟାମେରା 'କର୍ମଶାଳା' ବ୍ରଜରାଜନଗର ସ୍ଥିତ କାଳୀମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ନିକନ ଇଣ୍ଡିଆ କମ୍ପାନୀ ଲିମିଟେଡ୍ ଆନୁକୂଲ୍ୟରେ ପଲ୍ଲବୀ ପାଲ ଏବଂ ଦୀପକ ଅଗ୍ରୱାଲ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ରାଜେଶ କୁମାର ସିଂହ ସଭାପତିତ୍ୱ କରିଥିଲେ। ଏଥିରେ ଝାରସୁଗୁଡା ଜିଲ୍ଲାର କୋଲାବିରା, ଝାରସୁଗୁଡା, ବ୍ରଜରାଜନଗର, ବେଲପାହାଡ, ଥର୍ମାଲ, ଲଖନପୁର ବ୍ଲକର ସମୁଦାୟ ୬୦ ଜଣ ଫୋଟୋ ବ୍ୟବସାୟୀ ପହଞ୍ଚି ଶିକ୍ଷା ନେଇ ଅଭିଜ୍ଞତା ସାର୍ଟିଫିକେଟ ପ୍ରାପ୍ତ କରିଥିଲେ। ପୂର୍ବତନ ସଭାପତି ତଥା ମୁଖ୍ୟ ଉପଦେଷ୍ଟା ଅଭୟ ଚରଣ ହୋତା, ବରଗଡ଼ ଏବଂ ଫୋଟୋ ମହାସଙ୍ଘ ଓଡ଼ିଶାର ସଭାପତି, ସମ୍ପାଦକ, ପିଆରଓ, ସଞ୍ଜୟ ରଥ, ଶୁଶାନ୍ତ ମହାନ୍ତି, ଚିତ୍ତରଞ୍ଜନ ପାତ୍ର, ଦିଲ୍ଲୀପ ମହାନ୍ତି, ପ୍ରକାଶ ମହାକୁଲ ଏବଂ ଆରପିଏସ ରାଉରକେଲାର ସଭ୍ୟମନେ ଯୋଗଦେଇଥିଲେ। ସଂଘର ସମ୍ପାଦକ ସୁଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇସିଡିଏସ ସମୀକ୍ଷା ବୈଠକ

## ସମସ୍ତ ହିତାଧିକାରୀଙ୍କ 'ଆଭା ଆଇଡି' ସଂଯୋଗ ପାଇଁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୨୯।୫(ସମିସ)**

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆଜି ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଶିଶୁ ଓ ମାତୃ ମଙ୍ଗଳ ଯୋଜନାର ଅଗ୍ରଗତି ଏବଂ ବିଭିନ୍ନ ବୈଷୟିକ ବ୍ୟବସ୍ଥାର ସଫଳ ରୂପାୟନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଚଳିତ ମାସ ମଧ୍ୟରେ ପୋଷଣ ଟ୍ରାକର ଆପ୍ ଅଧୀନରେ ଥିବା ସମସ୍ତ ହିତାଧିକାରୀଙ୍କ 'ଆଭା ଆଇଡି' ପ୍ରସ୍ତୁତ ଓ ସଂଯୋଗ ପ୍ରକ୍ରିୟା ଶେଷ କରିବାକୁ ସେ ସିଡିପିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟଦକ୍ଷତା ମାପିବା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ୧୦୦ ପ୍ରତିଶତ ଫେସ୍ ରେକଗ୍ନିସନ ସିଷ୍ଟମ ବା ମୁଖମଣ୍ଡଳ ଚିହ୍ନଟ ପ୍ରକ୍ରିୟା ଲାଗୁ କରିବାକୁ କୁହାଯାଇଛି। ଅଙ୍ଗନବାଡ଼ି ଗୃହ ନିର୍ମାଣ କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ପାଇଁ ବୈଠକରେ ଏକ ବିକଳ୍ପ ରଣନୀତି ପ୍ରସ୍ତୁତ କରାଯାଇଛି। ଡିଏମଏଫ ଅଞ୍ଚଳରେ ଯେଉଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ପାଇଁ ପାଣ୍ଠି ମଞ୍ଜୁର ହୋଇଛି ମାତ୍ର ଜମି ଅଭାବ ଯୋଗୁଁ ନିର୍ମାଣ କାର୍ଯ୍ୟ ହୋଇପାରୁ ନାହିଁ, ସେହି ପାଣ୍ଠିକୁ ଅନ୍ୟତ୍ର ଡାଇଭର୍ସନ କରାଯିବ। ଜମି ଚିହ୍ନଟ ହୋଇସାରିଥିବା ଅନ୍ୟାନ୍ୟ ଜରାଜୀର୍ଣ୍ଣ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ନୂତନ ଗୃହ ନିର୍ମାଣ ପାଇଁ ଏହି ଅର୍ଥ ବିନିଯୋଗ କରିବାକୁ ବୈଠକରେ ପ୍ରସ୍ତାବ ଦେବା ପାଇଁ ସମସ୍ତ ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ ଯେପରି ସରକାରୀ ସେବାରୁ ବଞ୍ଚିତ ନହେବେ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗାର୍ତିଆ ଏବଂ ଜିଲ୍ଲା ପୋଷଣ ସଂଯୋଜକ ରମାକାନ୍ତ ନାୟକଙ୍କ ସମେତ ସମସ୍ତ ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ସାମଲ, କର୍ପୂର ପଟେଲ, ସଲମା ଟୁଡୁ, ତରୁଲତା ପଟେଲ, ବନିତା ପାଣ୍ଡେ, ସନ୍ତୋଷିନୀ ପଟେଲ ଓ ଶୀଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ୪ ମାସ ହେଲା ଜଳଯୋଗାଣ ଠପ୍: ହନ୍ତସନ୍ତ ତେଣ୍ଡାପାଲିବାସୀ



**ଧର୍ମଗଡ଼, ୨୯ ।୫(ସମିସ):** ଧର୍ମଗଡ଼ ବ୍ଲକ ଅଧୀନ ତେଣ୍ଡାପାଲି ପିଡବ୍ଲୁଡି ରାସ୍ତା ନିର୍ମାଣ ସମୟରେ ଜେସିବି ମାଡ଼ରେ ବସୁଧା ଯୋଜନାର ପାଇପ୍ ଭାଙ୍ଗିଯିବା ଫଳରେ ଗତ ୪ ମାସ ହେବ ଗ୍ରାମକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ପାନୀୟଜଳ ପାଇଁ ଏବେ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁସାରେ, ସମ୍ପୃକ୍ତ ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଭାଙ୍ଗିଯାଇଥିବା ପାଇପ୍‌ର ମରାମତି କରାଯାଉ ନାହିଁ। ନିମ୍ନମାନର ଯନ୍ତ୍ରପାତିର ବ୍ୟବହାର ଯୋଗୁଁ ଏଠାରେ ବସୁଧା ଯୋଜନା ବାରମ୍ବାର ଫେଲ୍ ମାରୁଥିବାବେଳେ ଚୋରି ସମସ୍ୟା ମଧ୍ୟ ଲାଗି ରହିଛି। ଏହି ପ୍ରକଳ୍ପର ୫ ବର୍ଷିଆ ରକ୍ଷଣାବେକ୍ଷଣ ଅବଧି ଶେଷ ହୋଇଯାଇଥିବାରୁ ଏବେ ଏହାର ଦାୟିତ୍ୱ ପଞ୍ଚାୟତ ହାତକୁ ନେଇଛି। ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ ପ୍ରତିକ୍ରିୟା ରଖିଛନ୍ତି। ସେ ପାଇପ୍‌ର ପୁନଃ ନିର୍ମାଣ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେବା ସହ ଆସନ୍ତା ୩ ଦିନ ମଧ୍ୟରେ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ସୂଚନା ଦେଇଛନ୍ତି।

### ଓଡ଼ିଆ ଗାଈ ଚରାଳିଙ୍କୁ ଛତିଶଗଡ଼ ବନବିଭାଗର ମାଡ଼ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଯାଦବ ସମାଜ ଏସ୍‌ପିଙ୍କୁ ଫେରାଦ

**ନୂଆପଡ଼ା, ୨୯ ।୫ (ସମିସ):** ନୂଆପଡ଼ା ଜିଲ୍ଲା ବୋଡେନ ଥାନା ଅଧୀନ କୁସୁମ ଖୁଣ୍ଟା ଗାଁର ଜଳଧର ବଗର୍ତ୍ତି ନାମକ ଜନୈକ ଗାଈ ଚରାଳିଙ୍କୁ ଛତିଶଗଡ଼ ରାଜ୍ୟର ବନ ବିଭାଗ କର୍ମଚାରୀ ଗାଁରୁ ଟେକି ନେଇ ନିସ୍ତୁକ ମାଡ଼ ପିଟ୍ କରି ଛାଡ଼ିଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ନୂଆପଡ଼ା ଜିଲ୍ଲା ଯାଦବ ସମାଜ ତରଫରୁ ଏକ ପ୍ରତିନିଧି ମଣ୍ଡଳ ନୂଆପଡ଼ା ଏସପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟ ଯେ କିଛି ଦିନ ତଳେ ଓଡ଼ିଶା -ଛତିଶଗଡ଼ ସୀମାନ୍ତ ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକ ଅଞ୍ଚଳରେ ଛତିଶଗଡ଼ ରାଜ୍ୟର ମୈନପୁର ବନବିଭାଗର କର୍ମଚାରୀମାନେ ବର୍ବର କାଣ୍ଡ ଭିଆଇଥିଲେ। ଜଳଧରଙ୍କୁ ଘରୁ ଟେକି ନେଇଁ କୌଣସି ଦୋଷ ନଥିଲେ ମଧ୍ୟ ବିନା ତଦନ୍ତ କରି ଅମାନୁଷିକ ଅତ୍ୟାଚାର କରିଥିଲେ। ଗାଈଗୋରୁଙ୍କ ଭଳି ଅତ୍ୟନ୍ତ ନିଷ୍ଠୁର ଅମାନବିକ ଭାବେ ମାଡ ମାରିଥିଲେ। ଏହାକୁ ଗୁରୁତ୍ୱର ସହ ବିଚାରକରି



ଯାଦବ ସମାଜ ତରଫରୁ ରାଜ୍ୟ ଉପସଭାପତି ଲମ୍ବୋଦର ନିଆଲ, ସମ୍ପାଦକ ତ୍ରିଲୋଚନ ନାଗଙ୍କ ନେତୃତ୍ୱରେ ଏକ ଟିମ ନୂଆପଡ଼ା ଆସି ଏସପି ଅମ୍ରିତ ପାଲସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏସ୍‌ପି ସିଂ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଟିମରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଜିଲ୍ଲା ସଭାପତି ଭରତଲାଲ ରାଉତ, ଉପସଭାପତି ଚଞ୍ଚଳ ସଗରିଆ, ଉତ୍କଳ ଯୁବ ଯାଦବ ସାଧାରଣ ସମ୍ପାଦକ କପିଳେନ୍ଦ୍ର ଯାଦବ, ନୂଆପଡ଼ା ଏନ୍‌ଏସି ସଭାପତି ମହେଶ ନିଆଲ, ଜିଲ୍ଲା ଯାଦବ ସମାଜ ମିଡିଆ ପରାମର୍ଶଦାତା ଘନଶ୍ୟାମ ଭୋଇ, ସାମ୍ବାଦିକ ରତନ କେତକୀ, ରାହୁଲ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

### ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁଁ ସନ୍ତୁଳି ହେଉଛନ୍ତି ଲାଞ୍ଜିଗଡ଼ବାସୀ

# ଗ୍ରୀଡ୍‌ରେ ତାଲା ପକାଇ ଧାରଣା; ଏସ୍‌ଡିଓଙ୍କୁ ଦାବିପତ୍ର ପ୍ରଦାନ

**ଲାଞ୍ଜିଗଡ଼, ୨୯ ।୫(ସମିସ)**

ସାରା ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ଆଉଟୁପାଉଟୁ ହେଉଥିବାବେଳେ ଅଘୋଷିତ ବିଦ୍ୟୁତ୍ ଗରମ ସମସ୍ୟାକୁ ଆହୁରି ବଢ଼ାଇ ଦେଉଛି। ଏହାର ପ୍ରତିବାଦରେ ଲାଞ୍ଜିଗଡ଼ ଗ୍ରାମବାସୀ ଶୁକ୍ରବାର ବିଦ୍ୟୁତ ଗ୍ରୀଡରେ ଶୁକ୍ରବାର ତାଲାପକାଇ ଧାରଣା ଦେବାସହ ଯନ୍ତ୍ରୀଙ୍କ ଜରିଆରେ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁସାରେ ଲାଞ୍ଜିଗଡ଼ରେ ଗ୍ରୀଷ୍ମ ପ୍ରବାହ ୪୫ ଡିଗ୍ରୀ ଉପରେ ରହୁଥିବା ଗରମ ଓ ଗୁଳୁଗୁଳି ପ୍ରବଳ ହେଉଛି। ଏହାସହ ଲୋ ଭୋଲ୍ଟେଜ ଓ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଉତ୍ୟକ୍ତ ହୋଇ ଲାଞ୍ଜିଗଡ଼ ଅଞ୍ଚଳବାସୀ ଶୁକ୍ରବାର ସକାଳେ ଲାଞ୍ଜିଗଡ଼ ଗ୍ରୀଡ଼ରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବା ସହିତ ତାଲା ପକାଇ ଧାରଣା ଦେଇଥିଲେ। ଖବରପାଇ ଯନ୍ତ୍ରୀ ଛବିଲାଲ ସାହୁ ଓ ସନ୍ଦୀପ ଠାକୁର



ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଅଞ୍ଚଳବାସୀ ଯନ୍ତ୍ରୀ ଛବିଲାଲ ସାହୁଙ୍କ ଜରିଆରେ ଏସ୍‌ଡିଓ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। ଯନ୍ତ୍ରୀଙ୍କୁ ଫୋନ କଲେ ୩୩ କେଭି ଲାଇନରେ ଭୁଲ ଥିବା ଦର୍ଶାଯାଉଥିବାବେଳେ ୩୩ ଫିଡ୍‌ର ମରାମତି କରୁଥିବା ବିଦ୍ୟୁତ ବିଶେଷଜ୍ଞ ନର୍ଲାରେ ରହୁଥିବା ଯୋଗୁଁ ବିଦ୍ୟୁତସେବା ବ୍ୟାହତ ହେଉଛି। ବିଜୁଳି କାଟ ବନ୍ଦ ହେଉ ଏବଂ ଏହାର ସମାଧାନ ପାଇଁ ରାୟଗଡ଼ା ଜିଲ୍ଲା ମୁନିଗୁଡାରୁ ଲାଞ୍ଜିଗଡ଼କୁ ୩୩ କେଭି ଲାଇନ ସଂଯୋଗ କରାଯାଉ ବୋଲି ଗ୍ରାମବାସୀ ଦାବି କରିଥିଲେ। ଏହାସହ ସ୍ଥାୟୀ ଲାଇନ୍ ମେନ ନିଯୁକ୍ତି କରାଯାଉ ଓ ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରାଯିବା ସହିତ ଲାଞ୍ଜିଗଡ଼ ଉପଭୋକ୍ତା ମାନଙ୍କ ବିଲ ସଂଶୋଧନ, ଲାଞ୍ଜିଗଡ଼ ସହରପାଇଁ ସ୍ୱତନ୍ତ୍ର ଫିଡ଼ର ବ୍ୟବସ୍ଥା କରାଯିବା ନେଇ ଦାବିପତ୍ର ଦେଇଥିଲେ। ଯନ୍ତ୍ରୀ ଶ୍ରୀ ସାହୁ ମୁନିଗୁଡାରୁ ଲାଞ୍ଜିଗଡ଼କୁ ୩୩ କେଭି ଲାଇନ ସଂଯୋଗ କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ପାଇଁ ପ୍ରତିଶ୍ରୁତି ପରେ ଦୀର୍ଘ ୬ ଘଣ୍ଟା ପରେ ଅଞ୍ଚଳବାସୀ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ରାଜେନ୍ଦ୍ର ସିଂଦେଓ, ରାଜେନ୍ଦ୍ର ମାଳି, ଏମ୍‌ଚନ୍ଦ୍ର ଶେଖର, ପ୍ରୋଦୋଷ ପୁଷ୍ଟି, ସୁମନ୍ତ ଦଳବେହେରା, କିଶୋର ପେଶନିଆ, ବିନୋଦ ଗୌଡ଼, ଶ୍ରୀମୁଖ ଅଗସ୍ତି, ପରମାନନ୍ଦ ନାଏକ, କୁମର ଗୌଡ଼, ସମେତ ଲାଞ୍ଜିଗଡ଼, ବସନ୍ତପଡ଼ା, ଜଗନ୍ନାଥପୁର, ତ୍ରିଲୋଚନପୁର ଗ୍ରାମର ଗ୍ରାମବାସୀ ସମେତ ଅଞ୍ଚଳବାସୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏଏସ୍‌ଆଇ ମୋହନ ପରଜା ପୁଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ।

# ରାଜ୍ୟସ୍ତରୀୟ ହାକାଥନ୍‌ରେ ସାଲେଭଟା ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ଭବାନୀପାଟଣା, ୨୯ ।୫ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ଅଧୀନ ସାଲେଭଟା ହାଇସ୍କୁଲର ତିନି ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ହ୍ୟାକାଥନ୍ କାର୍ଯ୍ୟକ୍ରମ 'ହ୍ୟାକ୍ ଟୁ ଦି ଫ୍ୟୁଚର ଓଡ଼ିଶା ଓଡିସନ ୩.୦' ରେ ଉଲ୍ଲେଖନୀୟ ସଫଳତା ହାସଲ କରି ଜାତୀୟସ୍ତର ପାଇଁ ଚୟନ ହୋଇଛନ୍ତି। ଦିବ୍ୟନାଗ, ଶ୍ୱସ୍ତି ବଛା, ମନଶ୍ରୀ ସାହୁ ପ୍ରମୁଖ 'ଫରେଷ୍ଟ ପାୟାର, ଆର୍ଲି ପ୍ରେଡିକ୍ସନ' ମନିଟରଂ ଏବଂ ମ୍ୟାନେଜମେଣ୍ଟ ସିଷ୍ଟମ୍ ନାମକ ଏକ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ଏହି ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ଆଗ୍ନିକାଣ୍ଡ ଘଟିବା ପୂର୍ବରୁ ତାହାର ସନ୍ଦେହଜନକ ପରିସ୍ଥିତି ଚିହ୍ନଟ, ଘଟଣାସ୍ଥଳର ସଠିକ୍ ଅବସ୍ଥାନ ନିର୍ଣ୍ଣୟ ଏବଂ ଶୀଘ୍ର ସତର୍କ ସୂଚନା ପଠାଇବାର



ବ୍ୟବସ୍ଥା ରହିଛି। ଏହା ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସହ ପରିବେଶ ସୁରକ୍ଷାରେ ମଧ୍ୟ ଉପକୃତ ହେବ ବୋଲି ଆଶା କରାଯାଉଛି।

# ବିଲକୁ ଓଲଟିଲା ଟ୍ରକ୍; ଅଳ୍ପକେ ବର୍ତ୍ତିଲେ ଚାଳକ

**କୋକସରା, ୨୯ ।୫(ସମିସ):** ବିଜୁ ଏକ୍ସପ୍ରେସୱେର ଆମପାଣି ଥାନା ଅଧୀନ ବଡକେନ୍ଦୁଗୁଡା ବଜା ପଡ଼ିଆ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଜମିକୁ ଓଲଟି ପଡ଼ିଛି। ତେବେ ସୌଭାଗ୍ୟବଶତଃ ଟ୍ରକ୍ ଚାଳକଙ୍କ ସମେତ ଅନ୍ୟ ଜଣେ କର୍ମଚାରୀ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଟ୍ରକ୍‌ଟି ଉମରକୋଟରୁ ସାମଗ୍ରୀ ଖାଲିକରି ରାଜୀନ ଅଭିମୁଖେ ଫେରୁଥିଲା। ଏହି ସମୟରେ ବଡକେନ୍ଦୁଗୁଡା ବଜାର ପଡ଼ିଆ ନିକଟସ୍ଥ କେନାଲ ପାଖରେ ଜଣେ ବାଇକ୍ ଚାଳକ ହଠାତ୍ ରାସ୍ତା ପାର ହେଉଥିଲେ। ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଦ୍ରୁତ ଗତିରେ ଥିବା ଟ୍ରକ୍ଟି ନିୟନ୍ତ୍ରଣ ହରାଇ ଜମି ଭିତରକୁ ଓଲଟି ପଡ଼ିଥିବା ନେଇ ଟ୍ରକ୍ ଚାଳକ ଅର୍ଜୁନ ଭାସ୍କର ପ୍ରକାଶ କରିଛନ୍ତି।

# ନୂତନ ପୋଷ୍ଟମାଷ୍ଟରଙ୍କ ଦାୟିତ୍ୱ ଗ୍ରହଣ

**କେସିଙ୍ଗା, ୨୯ ।୫(ସମିସ):** କେସିଙ୍ଗା ସହରରେ ଥିବା ମୁଖ୍ୟପୋଷ୍ଟ ଅଫିସରେ ଶୁକ୍ରବାର ନୂତନ ପୋଷ୍ଟ ମାଷ୍ଟର



ଭାବରେ ଆରତୀ ପୃଷ୍ଟି ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀମତୀ ପୃଷ୍ଟି ନିଜର ୨୭ ବର୍ଷର ଚାକିରି ଜୀବନରେ ଜିଲ୍ଲାର ବିଭିନ୍ନ ପୋଷ୍ଟ ଅଫିସରେ ଜଣେ ଅଧିକାରୀ ଭାବରେ ବେଶ ଭଲ ଭାବରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି କେସିଙ୍ଗା ଆସିବା ଆଗରୁ ଜିଲ୍ଲା ମୁଖ୍ୟ ଡାକଘର ଭବାନୀପାଟଣାରେ ଡେପୁଟି ପୋଷ୍ଟ ମାଷ୍ଟର ଭାବରେ କାର୍ଯ୍ୟ କରିଥିଲେ।

# ୨ ମାସ ହେଲା ହିତାଧିକାରୀଙ୍କୁ ମିଳିନି ଭତ୍ତା

**କେସିଙ୍ଗା, ୨୯ ।୫(ସମିସ):** କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକର ୨୬ଟି ପଞ୍ଚାୟତର ପ୍ରାୟ ୬ ହଜାର ହିତାଧିକାରୀଙ୍କ ଆକାଉଣ୍ଟରେ ଡିବିଟି ମାଧ୍ୟମରେ ତାଙ୍କ ଖାତାରେ ପଡୁଥିବା ଭତ୍ତା ଗତ ଏପ୍ରିଲ ମାସରୁ ପଡ଼ିନି। ଫଳରେ ବୁଢ଼ାବୁଢ଼ୀମାନେ ବ୍ଲକ କାର୍ଯ୍ୟାଳୟ ଓ ପଞ୍ଚାୟତକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଅତ୍ୟାବଶ୍ୟକ ଔଷଧ ଓ ଚଳିବା ପାଇଁ ଅନେକ ଅସୁବିଧା ହେଉଥିବା ହିତାଧିକାରୀମାନେ କହିଛନ୍ତି। ଫଳରେ ବିଜେପି ସରକାର ଉପରେ ହିତାଧିକାରୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେପଟେ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ଏପ୍ରିଲ ମାସରେ ଡିବିଟି ପ୍ରକ୍ରିୟାରେ ସଂଶୋଧନ କରିଛନ୍ତି; ଏଣୁ ଜାତୀୟ ସାମାଜିକ ସହାୟତା ଏପ୍ରିଲ ମାସରେ ଦେବାକୁ ମନା କରିଛନ୍ତି। ଏପ୍ରିଲ ଓ ମେ' ମାସର ଭତ୍ତା ଏକକାଳୀନ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ଜଣେ ବିଭାଗୀୟ ଉଚ୍ଚ ଅଧିକାରୀଏକ ସରକାରୀ ବିଜ୍ଞପ୍ତି ମାଧ୍ୟମରେ ଜଣାଇଥିବା ଜଣାପଡ଼ିଛି। ଏନେଇ କେସିଙ୍ଗା ବ୍ଲକର ଭତ୍ତା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ ଦୁଇ ତିନି ଭିତରେ ମିଳିଯିବ ବୋଲି କହିଥିଲେ।

# ରଙ୍କାବାହାଲ ଗ୍ରାମରେ ଲକ୍ଷ୍ମୀ ବସ୍‌କୁ ସ୍ୱାଗତ

**ଧର୍ମଗଡ଼, ୨୯ ।୫(ସମିସ):** ଧର୍ମଗଡ଼ ବ୍ଲକ ଅଧୀନ ରଙ୍କାବାହାଲ ଗ୍ରାମବାସୀଙ୍କ ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ଗ୍ରାମକୁ ଓଡ଼ିଶା ସରକାରଙ୍କ ପ୍ରତିଷ୍ଠିତ 'ଲକ୍ଷ୍ମୀ ବସ୍' ସେବା ଆରମ୍ଭ ହୋଇଛି। ବିଗତ ଦୁଇଦିନ ହେବ ଏହି ବସ ଚଳାଚଳ କରୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ପକ୍ଷରୁ ବସ୍ ଏବଂ ଏହାର କର୍ମଚାରୀଙ୍କୁ ଏକ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗ୍ରାମବାସୀ ଧର୍ମଗଡ଼ ବିଡିଓ ସଦାଶିବ ନାୟକ, ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଏବଂ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କୁ ସେମାନଙ୍କ ପ୍ରଶାସନିକ ସହଯୋଗ ପାଇଁ ବିଶେଷ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ଧର୍ମଗଡ଼ ବିଜୁ ଜନତା ଦଳର ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ମହିଳା ସଭାନେତ୍ରୀ ମମତା ରାଣୀ ଗୋପାଳ, ସନ୍ତୋଷ ପାଢ଼ୀ ଏବଂ ରତନ ନାଏକଙ୍କ ସମେତ ସମସ୍ତ ବିଜେଡି କର୍ମକର୍ତ୍ତାଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ଏହି ବସ ଚଳାଚଳ ସମ୍ଭବ ହୋଇପାରିଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

### ଗଞ୍ଜେଇ ଚାଲାଣ ମାମଲାର ରାୟ ପ୍ରକାଶ

# ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୨୯ ।୫(ସମିସ):** କଳାହାଣ୍ଡି ଜିଲ୍ଲା ଅଧୀନ ଏମ୍.ରାମପୁର ଥାନା ସୁଡେଙ୍ଗପଦର ଗ୍ରାମରେ୨୦୨୫ରେ ହୋଇଥିବା ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ଥିତ ଜିଲ୍ଲା ଓ ଦୌରା ଜର୍ଜ ଅନୁପ ରଞ୍ଜନ ପଟ୍ଟନାୟକ ଏହି ମାମଲାର ବିଚାର କରି ଘଟଣାରେ ଅଭିଯୁକ୍ତ ଥିବା ଆବେଦନ କୁମାର ଓ ରାଜା ନାଏକଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଗଷ୍ଟ ୨୦୨୫ରେ ଏମ୍.ରାମପୁର ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ପକ୍ଷରୁ ମିଳିତ ଭାବେ ସୁଡେଙ୍ଗପଦର ଗ୍ରାମରେ ପାଟ୍ରୋଲିଂ କରିବା ସମୟରେ ଏକ କାର୍‌ରେ ଆବେଦନ କୁମାର ଓ ରାଜା ନାଏକ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଧରାପଡ଼ିଥିଲେ। ଏହି ସମୟରେ କାରରୁ ୧ କୁଇଣ୍ଟାଲ ୪୬ କେଜି ୩୦୦ ଗ୍ରାମ ଜବତ ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅବକାରୀ ବିଭାଗ ସେତେବେଳେ ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ ମଧ୍ୟ କରିଥିଲା। ହେଲେ ଆବଶ୍ୟକ ପ୍ରମାଣ ଅଭାବରୁ ଜିଲ୍ଲା ଓ ଦୌରା ଜର୍ଜ ପଟ୍ଟନାୟକ ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲାଟିକୁ ଆଇନଜୀବି ଜୟଦେବ ସୁନାନୀ ଓ ଧର୍ମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

# ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ



**ଭବାନୀପାଟଣା, ୨୯ ।୫(ସମିସ):** ଭବାନୀପାଟଣା ଟାଉନହଲଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ୨୦୨୬ର ଦଶମ ଓ ଦ୍ୱାଦଶ ଶ୍ରେଣୀର ବିଭିନ୍ନ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। କୃତୀ ଛାତ୍ରଛାତ୍ରୀ ଯେତେବେଳେ ସଫଳତାର ପ୍ରାସଙ୍ଗିକତାକୁ ଚିନ୍ତା କରନ୍ତି ସେତେବେଳେ ବାପା- ମାଆ ଏବଂ ଶିକ୍ଷକଙ୍କ ତ୍ୟାଗର ମହାଯଜ୍ଞ ପ୍ରାଥମିକତା ଦେବା ନିଶ୍ଚିତ। ଅନ୍ୟପକ୍ଷରେ ଅନୁସନ୍ଧିତ୍ସୁ ମନ ଏବଂ ଜାତୀୟ ଚେତନା ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣର ମୂଳ ଆଧାରବୋଲି ଆଜିର ଅତିଥିମାନେ ମତ ରଖିଥିଲେ। ଏଥିରେ ଉତ୍କଳ ଆଲୁମିନା, ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପ୍ରଗତି ଶିକ୍ଷାନୁଷ୍ଠାନ ସହଯୋଗ କରିଥିଲେ। ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଡ. ସନ୍ଦୀପ କୁମାର ନାୟକ, ପ୍ରଫେସର ନିବେଦିତା ନାଥ, ଇଂ ପୁରୁଷୋତ୍ତମ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ରାଜ୍ୟସଭା ସାଂସଦ ସୁଜିତ କୁମାର ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହେଇଥିଲା। ବିରଞ୍ଚିନାରାୟଣ ମୁଣ୍ଡ ପରିଚାଳନା କରିଥିବା ବେଳେ ଚିନ୍ମୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବିନାଶ ମୁଣ୍ଡ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଊର୍ଦ୍ଧ୍ୱ କୃତୀ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଚତୁର୍ଥ ସ୍ଥାନ ରଖିଥିବା କନକ ଜୈନ, ଷଷ୍ଠସ୍ଥାନ ରଖିଥିବା ଅମନ ଗୋୟଲ ଓ ୧୧୩ନଂ ସ୍ଥାନ ରଖିଥିବା ସଙ୍ଗୀତା ସେଠୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଶ୍ୱରଞ୍ଜନ ରଥ ଓ ଅଧ୍ୟାପକ ମୋହନ ବିଶି ପୁରସ୍କାର ପରିଚାଳନା କରିଥିବାବେଳେ ଲଳିତ ବିଶି, ଭୁଜବଳ ନାଏକ, ଶୁଶୀଲ ନାଗ, ଗଣେଶ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଗୋଲାମୁଣ୍ଡା ବ୍ଲକରେ ଭତ୍ତା ବଣ୍ଟନ

**ଗୋଲାମୁଣ୍ଡା, ୨୯ ।୫(ସମିସ):** ଗୋଲାମୁଣ୍ଡା ପଞ୍ଚାୟତ ସମିତିସ୍ତରୀୟ 'ମଧୁବାବୁ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ' ଆଜି ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବଣ୍ଟନ କରାଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଅସହାୟ ଓ ସାମାଜିକ ସହାୟତା ଲୋଡୁଥିବା ବ୍ୟକ୍ତିଙ୍କୁ ନୂତନ ଭତ୍ତା ମଞ୍ଜୁରୀପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ଅଧୀନ ୨୮ଟି ପଞ୍ଚାୟତର ସମୁଦାୟ ୨୨୯ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅବସରରେ ନୂତନ ଭତ୍ତା ପ୍ରଦାନ କରାଯାଇଛି। ଭିନ୍ନକ୍ଷମ ଭତ୍ତା ୧୦୪ ଜଣ, ବାର୍ଦ୍ଧକ୍ୟ ଭତ୍ତା ୮୫ ଜଣ, ବିଧବା ଭତ୍ତା ୨୮ ଜଣ, ସ୍ୱାମୀ ପରିତ୍ୟକ୍ତା ଭତ୍ତା ୭ ଜଣ, ଅବିବାହିତ ମହିଳା ଭତ୍ତା ୫ ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ନାୟକ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରହାସ୍ୟ ବିହାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଳିଆପାଲୀ ସରପଞ୍ଚ ଜିମୁତ ବାହାନ ହରପାଳ, ଧାମନପୁର ସରପଞ୍ଚ ଦିଗାମ୍ବର ତାଣ୍ଡି, ଲେତେର ସରପଞ୍ଚ ଦମୟନ୍ତି ଭୋଇ, ନୂଆଗାଁ ସମିତି ସଭ୍ୟ ରମେଶ ଶବର, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଗଙ୍ଗାବିଷ୍ଣୁ ମୁଣ୍ଡ ଏବଂ ପଞ୍ଚାୟତ ସମିତିର ଅଧିକାରୀମାନେ ଉପସ୍ଥିତ ଥିଲେ।

### ୨୦୨୬-୨୭ ପାଇଁ ଆଇଏମ୍‌ଏଫଏଲ୍ ଦୋକାନ ବଣ୍ଟନ

# ଆଖିରେ ପଟି ବାନ୍ଧି ଲଟେରି ଉଠାଇଲେ ଜିଲ୍ଲାପାଳ

**ନୂଆପଡ଼ା, ୨୯ ।୫ (ସମିସ):** ନୂଆପଡ଼ା ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ଆଇଏମଏଫଏଲ(ଠିପି ବନ୍ଦ ବିଦେଶୀ ମଦ ଦୋକାନ) ଦୋକାନଗୁଡ଼ିକର ବଣ୍ଟନ ନିମନ୍ତେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଖୋଲା ଲଟେରି ପ୍ରକ୍ରିୟା ସମ୍ପନ୍ନ ହୋଇଯାଇଛି। ଚଳିତବର୍ଷ ଜିଲ୍ଲାର ମୋଟ୍ ୯ଟି ଆଇଏମ୍‌ଏଫ୍‌ଏଲ୍ 'ଅଫ୍' ଦୋକାନ ଯଥା ଖଡ଼ିଆର ରୋଡ୍-୧, ଖଡ଼ିଆର ରୋଡ୍-୨, ବେଲଟୁକୁରି, ବୋଡେନ, ଖଡ଼ିଆଳ, କୋମନା, ଲଖନା, ନୂଆପଡ଼ା ଓ ସିନାପାଲି ଦୋକାନ ପାଇଁ ମୋଟ ୨୮୦ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ନୂଆପଡ଼ା ଦୋକାନ ପାଇଁ ସର୍ବାଧିକ ୧୦୬ଟି ଆବେଦନ ମିଳିଥିବାବେଳେ ସିନାପାଲି ପାଇଁ ୫୦ଟି, କୋମନାପାଇଁ ୪୦ଟି ଏବଂ ବୋଡେନ ପାଇଁ ୩୯ଟି ଆବେଦନ ଦାଖଲ ହୋଇଥିଲା। ଲଟେରି ପ୍ରକ୍ରିୟା ୯ଟି ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଲଟେରୀରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଞ୍ଚ ପରେ ଏବଂ ନିର୍ଦ୍ଧାରିତ ଫି' ପ୍ରଦାନ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ। ଲଟେରିର ଫଳାଫଳ ଇ-ଆବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି। ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଞ୍ଚ ବ୍ୟବସ୍ଥା



କରାଯାଇଥିବାବେଳେ କେବଳ ଆବେଦନକାରୀ ଓ ସେମାନଙ୍କ ଅନୁମୋଦିତ ପ୍ରତିନିଧିଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଆବେଦନକାରୀଙ୍କ ସୁବିଧା ପାଇଁ ପ୍ରଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଜିଲ୍ଲାପାଳଙ୍କ ମୁହଁରେ କଳାପଟି ବନ୍ଧାହେବା ପରେ ଲଟେରି ବାଛିଥିଲେ। ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଆବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଏସ୍‌ଡିପିଓ ଖୀରେଶ୍ୱର ସାହୁ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିନୟ କୁମାର ତିୱାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସଙ୍କ ସମେତ ଜିଲ୍ଲା ପ୍ରଶାସନ ଏବଂ ଆବକାରୀ ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଗୋତମୁଣ୍ଡା-ଡାହିମାଲ ରାସ୍ତା କାମ ନିମ୍ନମାନର

**କୋକସରା, ୨୯ ।୫ (ସମିସ)**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡାଠାରୁ ନବରଙ୍ଗପୁର ଜିଲ୍ଲାର ଡାହିମାଲ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏପଟେ ପିଚୁ ପଡୁଥିବା ବେଳେ ସେପଟେ ତାହା ହାତରେ ସାଉଁଟିଲେ ଉଠିଯାଉଛି। ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଯୋଗୁଁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ



**ଅଧୀକ୍ଷକ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ଗ୍ରାମବାସୀ**

ହେଉଥିବାରୁ ଦୁଇ ଜିଲ୍ଲାର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରାୟ ୮ କିଲୋମିଟର ବିଶିଷ୍ଟ ଏହି ନୂତନ ରାସ୍ତା ପାଇଁ ୭ କୋଟି ୫୧ ଲକ୍ଷ ୩୨ ହଜାର ୮୨୧ ଟଙ୍କା ବ୍ୟୟ ଅଟକଳ କରାଯାଇଛି। କିନ୍ତୁ କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ କି ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ। ମୂଳ ଠିକା ସଂସ୍ଥା ନିଜେ କାମ ନକରି ଏହାକୁ ଲଡୁଗାଁ ଅଞ୍ଚଳର ଜଣେ ଠିକାଦାରଙ୍କୁ ହସ୍ତାନ୍ତର କରିଦେଇଛି। ରାସ୍ତାରେ ମୋରମ ବଦଳରେ ନାଳି ମାଟି ବ୍ୟବହାର କରାଯାଇଥିବା ବେଳେ, ପିଚୁ କାମ ଏତେ ନିମ୍ନମାନର ଯେ' ଚାରିଚକିଆ ଯାନ ଗଲେ ରାସ୍ତା ଦବି ଯାଉଛି। ଏହି ମନମାନି ବିରୋଧରେ ଆମପାଣି ଜିଲ୍ଲାପରିଷଦ ସଭ୍ୟ ହେମନ୍ତ ମାଝୀଙ୍କ ନେତୃତ୍ୱରେ ଗ୍ରାମବାସୀ ପ୍ରତିବାଦ କରିଥିଲେ ମଧ୍ୟ ଠିକାଦାର କର୍ଣ୍ଣପାତ କରିନଥିଲେ। ଶୁକ୍ରବାର ଜିଲ୍ଲାପରିଷଦ ସଭ୍ୟ ଶ୍ରୀମାଝୀଙ୍କ ସହ ପାର୍ଥବ ମାଝୀ, ରମେଶ ମେହେର, ତୁଳସୀ ବିହାରୀ, ଓ ଭାରତ ଭୂଷଣ ଦୁର୍ଗା ପ୍ରମୁଖ ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷକ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। କାର୍ଯ୍ୟ ଠିକ୍ ନହେଲେ ଆଗକୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଅଧୀକ୍ଷକ ଯନ୍ତ୍ରୀ ତଦନ୍ତ କରି ଉନ୍ନତମାନର କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଥାଉକି ଦିର୍ଘ ୨୩ ବର୍ଷ ଧରି ଅଞ୍ଚଳବାସୀଙ୍କ ଦାବିପରେ ପୂର୍ବ ବିଜେଡି ସରକାର ସମୟରେ ଏହାକୁ ଗୁରୁତର ସହ ନେଇଥିଲେ। ଏବଂ ରାସ୍ତା କାର୍ଯ୍ୟ ଅନେକ ପ୍ରତିକୂଳ ପରିସ୍ଥିତିରେ ଆରମ୍ଭ ହୋଇଥିଲା। ଏହି ରାସ୍ତା ଦ୍ୱାରା ସ୍ଥାନୀୟ ଅଞ୍ଚଳର ୨୫ଟି ପଞ୍ଚାୟତର ୫୫ ଗାଁର ଲୋକେ ଉପକୃତ ହୋଇ ପାରିବେ। କିନ୍ତୁ ଏବେ ଠିକା ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ନିମ୍ନମାନର କାର୍ଯ୍ୟହୋଇ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂଖ୍ୟାଲଘୁ ସମ୍ପ୍ରଦାୟର ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

# ଜେଲ୍ ଗଲେ ୫ ଅଭିଯୁକ୍ତ

ବଳଙ୍ଗା,୨୯।୫(ସମିସ): ପବିତ୍ର ଇଦ୍ ପର୍ବରେ ପୂର୍ବ ଶତ୍ରୁତାରୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ ନୂଆ ଗୋପାଳ ପୁର ବସ୍ତିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ମାମଲାରେ ପୁଲିସ ଉଭୟ ପକ୍ଷରୁ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ଦିନ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗ୍ରାମର ଗୋଟିଏ ଗୋଷ୍ଠୀରସାୟଦକରନ୍,ମିରରିଆଜତଅଲ୍ଲୀଓତାଙ୍କଭାଇମିରନୌଶାଦଅଲ୍ଲୀ।ଅନ୍ୟ ଗୋଷ୍ଠୀର ୨ଜଣ ହେଲେ ଶୟଦ୍ ଆକବର୍ ଅଲ୍ଲୀ ଓ ରିଆଜତ ଅଲ୍ଲୀ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ପୁର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ୨ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ୩ଜଣ ଆହତ ହୋଇଥିଲେ। ଏ ସମ୍ପର୍କରେ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ଆଧାରରେ ୨ଟି ମାମଲା ରୁଜୁ କରାଯାଇଥିଲା।

# ଗଛ ପଡ଼ି ରାସ୍ତା ଅବରୋଧ




ଚାରିଛକ,୨୯।୫(ସମିସ): ଚାରିଛକ-କାକଟପୁର ରାସ୍ତାର ଚାରିଛକ ପେଟ୍ରୋଲ ପମ୍ପ ନିକଟରେ ଏକ ଗଛ କାଳବୈଶାଖୀ ପବନରେ ଉପୁଡ଼ି ପଡ଼ିବା ଦ୍ୱାରା ଗଛଟି ରାସ୍ତା ପଡ଼ିଯାଇଥିଲା। ଯାହା ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ି ମଟର ଅଟକି ରହିଥିଲା। ସ୍ଥାନୀୟ ଲୋକମାନେ ରାସ୍ତାଉପରୁ ଗଛଟିକୁ ହାଣି ରାସ୍ତା ସଫା କରିବା ପରେ ଅଟକି ରହିଥିବା ଗାଡ଼ି ମଟର ସବୁ ଯାଆସ କରିଥିଲା।

■ ନୂଆ ଜଗନ୍ନାଥ ସଡ଼କରେ ଦୁର୍ଘଟଣା

# ଗଛରେ ପିଟିହେଲା ବୋଲେରୋ; ୧୦ ଆହତ

ପୁରୀ,୨୯।୫(ସମିସ): ନିରାକାରପୁର-ପୁରୀ ନୂଆ ଜଗନ୍ନାଥ ସଡ଼କରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟି ହେବାରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନେ ସମସ୍ତେ ଗଞ୍ଜାମ ଜିଲ୍ଲା ସୋରଡ଼ା ଅଞ୍ଚଳର ଗୋଟିଏ ପରିବାରର ସଦସ୍ୟ। ଆହତଙ୍କ ମଧ୍ୟରୁ ୯ ଜଣଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଜଣଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ସୋରଡ଼ାରୁ ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବଡ଼ ଗଛରେ ପିଟି ହୋଇଥିଲା। ଡ୍ରାଇଭରଙ୍କ ଆଖି ଲାଗିଯିବା କିମ୍ବା ଦ୍ରୁତଗତି ଯୋଗୁଁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ରାସ୍ତାରେ ପୂର୍ବରୁ ମଧ୍ୟ ଅତ୍ୟଧିକ ବେଗ ଓ ଡ୍ରାଇଭରଙ୍କ ନିଦ୍ରା ଯୋଗୁଁ ଏକାଧିକ ଦୁର୍ଘଟଣା ଘଟିସାରିଛି। ବିଶେଷକରି ଭୋର ସମୟରେ ଦୂରଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି ପୁଲିସ।

● କଣାସରେ ଗଞ୍ଜେଇ ଚାଷ

# ନିଦରେ ଅବକାରୀ ବିଭାଗ



କଣାସ,୨୯।୫(ସମିସ): କଣାସ ବ୍ଲକ୍ ଗଡ଼ବଡ଼ପୁଟ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ କରାଯାଉଥିବାବେଳେ ପୁରୀ ଜିଲ୍ଲା ଅବକାରୀ ବିଭାଗ ଅଚିନ୍ତା ନିଦରେ ଶୋଇଛି। ଯେଉଁ ବିଲରେ ପନିପରିବା ଚାଷ ହେଉଛି, ସେହି ବିଲର ଚାରିପାଖେ ଗଞ୍ଜେଇ ଚାଷ କରୁଛନ୍ତି ଲୋକେ। ଏପରିକି କଣାସ ଗଡ଼ସାନପୁଟ ଅଞ୍ଚଳରେ ମଧ୍ୟ ଗଞ୍ଜେଇ ଗଛ ବିଲରେ ଲଗାଯାଇଛି। ଗହୀର ମଝିରେ ଏଭଳି ଗଞ୍ଜେଇ ଚାଷ ହେଉଥିବାବେଳେ କାହାରି ନଜର ପଡ଼ୁନାହିଁ। ଅବକାରୀ ବିଭାଗ ମଧ୍ୟ ଏହି ଘଟଣା ପ୍ରତି ଆଖି ବୁଜିଦେଇଛି ଦେଇଛି ବୋଲି ଚର୍ଚ୍ଚା ହେଉଛି। କଣାସ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ କାରବାର ହେଉଥିବାବେଳେ ଯୁବ ପିଢ଼ି ଏହାର ଶିକାର ହେଉଛନ୍ତି। ଫଳରେ ଏହି ଅଞ୍ଚଳରେ ଅସମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପ୍ରଶାସନ ଯଦି ଏବେ ଠୁ ଏହି ଘଟଣାରେ ରୋକ ନଲଗାନ୍ତି, ତେବେ ଆଗକୁ ଗଞ୍ଜେଇ ଚାଷ ବୃଦ୍ଧି ସହ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି କୁହାଯାଇଛି।

**ପିପିଲିରେ ଜମି ଜାଲିଆତି**

# ବାଦ୍‌ପଡୁନି ଗୋଚର, ଶ୍ମଶାନ ଜମି

ପିପିଲି,୨୯।୫(ସମିସ)

ପୁରୀ ଜିଲ୍ଲା ପିପିଲିରେ ଗୋଚର ଓ ଶ୍ମଶାନ ଜମିକୁ ନେଇ ବଡ଼ ଧରଣର ଜମି ଜାଲିଆତି ଅଭିଯୋଗ। ଗ୍ରାମବାସୀଙ୍କ ପାଇଁ ସଂରକ୍ଷିତ ଏକର ଏକର ସରକାରୀ ଜମି ଏବେ ପ୍ରଭାବଶାଳୀ ଓ ବିଲଡରଙ୍କ କବଜାରେ ଥିବା ଅଭିଯୋଗ ହୋଇଛି। କେବଳ କାଗଜ କଲମରେ ରହିଛି ଗୋଚର ଓ ଶ୍ମଶାନ ଜମି। ବାସ୍ତବରେ ଚାଲିଛି ଜବରଦଖଲ ଓ ଅଟାଳିକା ନିର୍ମାଣ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଏସପିଙ୍କ ନିକଟରେ ମାଟିଆପଡା ଗ୍ରାମବାସୀଙ୍କ ନିକଟରେ ହୋଇଛି ଲିଖିତ ଅଭିଯୋଗ। ପିପିଲି ତହସିଲ ଅନ୍ତର୍ଗତ ମାଟିଆପଡା ମୌଜାରେ ଥିବା କିଛି ମୂଲ୍ୟବାନ ସରକାରୀ ଜମିକୁ ନେଇ ଏବେ ଜୋର ଧରିଛି ବିବାଦ। ଅଭିଯୋଗ ଅନୁସାରେ ପ୍ଲଟ ନମ୍ବର ୩୦୩, ୩୦୪, ୩୩୧ ଓ ୩୩୨ ଗ୍ରାମବାସୀଙ୍କ ପାଇଁ ସଂରକ୍ଷିତ ଗୋଚର ଓ ଶ୍ମଶାନ ଜମି।

ପ୍ଲଟ ନଂ ୩୦୩ ରେ ୨୮ ଡିସିମିଲି ଶ୍ମଶାନ ଜମି ଥିବା ବେଳେ ପ୍ଲଟ ନଂ ୩୦୪ରେ ରହିଛି ୧ ଏକର ୪ ଡିସିମିଲି ଗୋଚର ଜମି। ସେହିପରି ୩୩୧ ପ୍ଲଟରେ ୧ ଏକର ୨୫ ଡିସିମିଲି ଗୋଚର ଓ ୩୩୨ ପ୍ଲଟରେ ୬୦ ଡିସିମିଲି ଶ୍ମଶାନ ଜମି ରହିଛି। ଅର୍ଥାତ୍ ସମୁଦାୟ ୩ ଏକର ୧୭ ଡିସିମିଲି ସରକାରୀ ଜମି ଗ୍ରାମବାସୀଙ୍କ ସାଧାରଣ ସ୍ୱାର୍ଥ ପାଇଁ ସଂରକ୍ଷିତ ଥିଲା। ମାତ୍ର ଚମକାଉଥିବା କଥା ହେଉଛି ଏହି ସମସ୍ତ ଜମି ଏବେ କେବଳ ରେକର୍ଡରେ ରହିଛି। ବାସ୍ତବରେ ଅଧିକାଂଶ ଜମି ଜବରଦଖଲରେ ଥିବା ଅଭିଯୋଗ ହୋଇଛି। କେଉଁଠି ବିଲଡର ମାନେ



କବଜା କରିଛନ୍ତି ତ ଆଉ କେଉଁଠି ପ୍ରଭାବଶାଳୀ ବ୍ୟକ୍ତି ଗୋଚର ଓ ଶ୍ମଶାନ ଜମିକୁ ମାଡ଼ି ବସି ଅଟାଳିକା ନିର୍ମାଣ କରିଥିବା ଅଭିଯୋଗ ଆସିଛି। ଯାହାର ପ୍ରଭାବ ସିଧାସଳଖ ଭାବେ ପଡ଼ିଛି ସ୍ଥାନୀୟ ଗୋପାଳକଙ୍କ ଉପରେ। ଗୋଚର ଜମି ଅଭାବରୁ ଗୋ ପାଳନରେ ନାନା ସମସ୍ୟା ଦେଖାଦେଇଛି। କେବଳ ସେତିକି ନୁହେଁ ଶ୍ମଶାନ ଜମି ମଧ୍ୟ ଜବରଦଖଲରେ ରହିଥିବାରୁ ସ୍ଥାନୀୟ ଲୋକେ ଶବ ସତ୍କାର ପାଇଁ ମଧ୍ୟ ଅସୁବିଧା ଭୋଗୁଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକାରୀଙ୍କ ଦାବି ଅନୁସାରେ ଗୋଚର ଓ ଶ୍ମଶାନ ଜମିକୁ ଲାଗି ରହିଥିବା ଅନ୍ୟ ସରକାରୀ ଜମିକୁ ମଧ୍ୟ ପ୍ରଭାବଶାଳୀ ମାନେ ମାଡ଼ି ବସିଛନ୍ତି। ଏହା ପଛରେ କେବଳ ଜମି ମାଫିଆ ନୁହେଁ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଭୂମିକା ଥିବା ସନ୍ଦେହ ମଧ୍ୟ କରାଯାଉଛି। ତେଣୁ ସମଗ୍ର ଘଟଣାର ଭିଜିଲାନ୍ସ ତଦନ୍ତ କରାଯାଇ ଏଥିରେ ଜଡ଼ିତ ଅଧିକାରୀ ଓ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି ଉଠିଛି। ଭିଜିଲାନ୍ସ ତଦନ୍ତ ମାଧ୍ୟମରେ ଜମି ଜାଲିଆତିର ପ୍ରକୃତ ମାଷ୍ଟରମାଇଣ୍ଡ କିଏ ତାହା ସାମ୍ନାକୁ ଆସିବ କି ନାହିଁ ଏବେ ସେଥିପାଇଁ ସମସ୍ତଙ୍କ ନଜର। ଗ୍ରାମବାସୀଙ୍କ ପାଇଁ ସଂରକ୍ଷିତ ଗୋଚର ଓ ଶ୍ମଶାନ ଜମି ଯଦି ପ୍ରଭାବଶାଳୀଙ୍କ କବଜାକୁ ଯାଉଛି ତେବେ ସାଧାରଣ ଲୋକଙ୍କ ଅଧିକାର ସୁରକ୍ଷିତ କେତେ? ଏବେ ପ୍ରଶ୍ନ ଉଠୁଛି ପ୍ରଶାସନ କେବେ ଚେତିବ? ଏବଂ କେବେ ମୁକ୍ତ ହେବ ସରକାରୀ ଜମି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ କରିବାପାଇଁ ପିପିଲି ତହସିଲଦାରଙ୍କ ପାଖରେ ମାଟିଆପଡ଼ା ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପିପିଲି ତହସିଲଦାରଙ୍କ ନିରବତା ଯୋଗୁଁ ବାଧ୍ୟ ହୋଇ ଗ୍ରାମବାସୀ ଭୁବନେଶ୍ୱର ଭିଜିଲାନ୍ସ ଏସପିଙ୍କ ପାଖରେ ଅଭିଯୋଗ କରିଛନ୍ତି। ତେବେ ଏ ସମ୍ପର୍କରେ ପିପିଲି ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ପଚାରିବାରେ ସେ ଏବେ ୧୫ ଦିନ ହେଲା ଆସିଛନ୍ତି ଏବଂ ତାଙ୍କ ପାଖରେ କିଛି ଅଭିଯୋଗ ପହଞ୍ଚିନାହିଁ ତଥାପି ସେ ଉକ୍ତ ଘଟଣାକୁ ଦେଖିବେ ବୋଲି କହିଛନ୍ତି।

# ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପର ବାର୍ଷିକ ଉତ୍ସବ




ନିମାପଡ଼ା,୨୯।୫(ସମିସ): ନିମାପଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପର ୮ମ ବାର୍ଷିକ ଉତ୍ସବ ସ୍ଥାନୀୟ ଦୁର୍ଗାମଣ୍ଡପ ପଡ଼ିଆ ଠାରେ ମହାସମାରୋହରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ସମ୍ମାନିତ ଅତିଥି ଭାବେ ନିମାପଡ଼ା ପ୍ରେସ କ୍ଲବର ସଭାପତି ଅକ୍ଷୟ କୁମାର ବେହେରା, ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପ ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସାହୁ ଯୋଗଦେଇ ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପର ନୃତ୍ୟ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର କୁନିକୁନି ନୃତ୍ୟଶିଳ୍ପୀଙ୍କ ପକ୍ଷରୁ ପାରମ୍ପରିକ, ଆଧୁନିକ, ଦେବଦାସୀ ଲୋକନୃତ୍ୟ, ସମ୍ବଲପୁରୀ, ପଞ୍ଜାବୀ, ଭାରତନାଟ୍ୟମ୍, ଆଦି ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। କୃତୀ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ଯୁଗୋପଯୋଗୀ ସଙ୍ଗୀତଜ୍ଞ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ପଲତା ଉତ୍ସବର ସଂଯୋଜନା କରିଥିଲେ। ଷ୍ଟ୍ରେଞ୍ଜର ଡ୍ୟାନ୍ସ ଗ୍ରୁପ ଅନୁଷ୍ଠାନର ଶିକ୍ଷକ ଅଭୟ ସେଠୀ, ବିଶ୍ୱଜିତ ମହାନ୍ତି, ଜଗନ୍ନାଥ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ତରଫରୁ ଭୁବନେଶ୍ୱରର ଡ୍ୟାନ୍ସ ମାଷ୍ଟର କବିର ପ୍ରସାଦ, ଯାତ୍ରା କଳାକାର ବ୍ରହ୍ମାନନ୍ଦ ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ସମସ୍ତ ସଦସ୍ୟ, କଳାକାର, ସଙ୍ଗୀତ ଗୁରୁ, ନୃତ୍ୟ ଶିଳ୍ପୀଙ୍କ ସମେତ ଅନେକ ଦର୍ଶକ ଓ ଅଭିଭାବକ ଉପସ୍ଥିତଥିଲେ।

# ହୃଦ୍‌ଘାତରେ ଯୁବ ଗାଁ ସାଥୀ ଦୁଷ୍ମନ୍ତ ବିଶ୍ୱାଳଙ୍କ ମୃତ୍ୟୁ



କାକଟପୁର,୨୯।୫(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ କେନ୍ଦ୍ରାପଟି ପଞ୍ଚାୟତ ଅଞ୍ଚଳରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଜିଉନ୍ତି ଗ୍ରାମର ଅଗ୍ରଣୀ ଯୁବ ଅନୁଷ୍ଠାନ ଗୋପବନ୍ଧୁ ଯୁବ ସାମାଜିକ ସଂଗଠନର ଜଣେ ଜଣାଶୁଣା ଉଦୀୟମାନ ସଭ୍ୟ ତଥା ସ୍ଥାନୀୟ ଗାଁ ସାଥି ଦୁଷ୍ମନ୍ତ ବିଶ୍ୱାଳଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୧ ବର୍ଷ ବୟସ ହୋଇଥିବା ବେଳେ ଏହି ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

ସୂଚନା ଅନୁଯାୟୀ ଦୁଷ୍ମନ୍ତ ଜଣେ କର୍ତ୍ତବ୍ୟନିଷ୍ଠ ଗାଁ ସାଥୀ ଭାବେ ପଞ୍ଚାୟତରେ ବେଶ୍ ପରିଚିତ ଥିଲେ। ସେ ସଦାସର୍ବଦା ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଆଗଭର ରହୁଥିଲେ। ତାଙ୍କର ମେଳାପୀ ଓ ପରୋପକାରୀ ଗୁଣ ଯୋଗୁଁ ସେ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା ସାଜିଥିଲେ। ଶୁକ୍ରବାର ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ସହ ଛାତିରେ ଯନ୍ତ୍ରଣା ହେବାରୁ ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବାପା ରାଜକିଶୋର, ବଡବାପା ବାବାଜୀ ବିଶ୍ୱାଳ ଦାଦା ବିଜୟ ବିଶ୍ୱାଳ, ବଡଭାଇ ପ୍ରଭାତ ବିଶ୍ୱାଳ,ସହଧର୍ମିଣୀ ଖୁଲଣା, ଭାଉଜ ସୀମା, ଭଉଣୀ, ଭିଣୋଇ, ଭଣଜା, ଭାଣେଜୀ ଝିଆରୀ, ପୁତୁରା ପ୍ରମୁଖ ଉପସ୍ଥିତ ଥିଲେ । ଦୁଷ୍ମନ୍ତଙ୍କ ଏଭଳି ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ଗୋପବନ୍ଧୁ ଯୁବ ସାମାଜିକ ସଂଗଠନ ର ସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ଆଦିତ୍ୟ ରାଉତ, ଉପସଭାପତି ଆଦିକନ୍ଦ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବାପି ସ୍ୱାଇଁ,ସୋମ କୁମାର ସ୍ୱାଇଁ,କାଲୁ, ଟୁକୁନା ସମେତ ସମସ୍ତ ସଭ୍ୟ,କେନ୍ଦ୍ରାପଟି ପଞ୍ଚାୟତ ଏବଂ ଆଖପାଖ ଗ୍ରାମର ଶତାଧିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ମୃତ୍ୟୁରେ ଅଞ୍ଚଳ ଏକ ଅମାୟିକ ଓ ପ୍ରତିଭାବାନ ଯୁବକଙ୍କୁ ହରାଇଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରକାଶ କରିଛନ୍ତି।

# ବାଙ୍ଗର ଗ୍ରାମରେ ସୁନାମି ମୁକାବିଲା ମକ୍‌ଡ୍ରିଲ୍

କୋଣାର୍କ,୨୯।୫(ସମିସ): ଶୁକ୍ରବାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା) ଓ ଗୋପ ବ୍ଲକ ପ୍ରଶାସନର ମିଳିତ ଆନୁକୂଲ୍ୟରେ ବଙ୍ଗୋପସାଗର ଉପକୂଳ ତରୋକର ଗ୍ରାମପଞ୍ଚାୟତର ବାଙ୍ଗର ଗ୍ରାମଠାରେ ସୁନାମି ମୁକାବିଲା ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର, ଢୋଲ ଓ ଘଣ୍ଟ ବାଜା ମାଧ୍ୟମରେ ସୁନାମି ଆସୁଚି ବୋଲି ସତର୍କ ସୂଚନା ଦିଆଯାଇଥିଲା। ଏହାପରେ ସମୁଦ୍ର ଉପକୂଳ ବାଙ୍ଗର ଓ ନିକଟସ୍ଥ ଗ୍ରାମରୁ ଆସିଥିବା ଗ୍ରାମବାସୀମାନେ ନିଜ ନିଜର ମୂଲ୍ୟବାନ ଜିନିଷ ଗୃହପାଳିତ ପଶୁ ସାଙ୍ଗରେ ନେଇ ସମୁଦ୍ର ବିପରୀତ ଦିଗରେ ଚିହ୍ନଟ କରାଯାଇଥିବା ଆଶ୍ରୟ ସ୍ଥଳୀରେ ଆଶ୍ରୟ ନେଇଥିଲେ। ପ୍ରଶାସନର ସହଯୋଗରେ ଏକ ସାଧାରଣ ବୈଠକ ବଳିକପିଳେଶ୍ୱର ଉଚ୍ଚବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୋପର ଅତିରିକ୍ତ ମଣ୍ଡଳ ଅଧିକାରୀ ଦୀପକ କୁମାର ଜେନା, ଜିପିଡି ଓ ଟି. ନୈନା, ତରୋକର ପଞ୍ଚାୟତ ସରପଞ୍ଚ ସୁଶାନ୍ତ ପରିଡ଼ା, ପିଓ ରଞ୍ଜିତା ପ୍ରଧାନ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଶିକ୍ଷକ ପ୍ରମୋଦ କୁମାର ଦଳାଇ, ଗୋପ ଅଗ୍ନିଶମ ଅଧିକାରୀ ମନୋଜ କୁମାର ପାତ୍ର, ରାମଚଣ୍ଡୀ ଥାନା ଏଏସଆଇ ପ୍ରାଣକୃଷ୍ଣ ବେହେରା ଓ ବାଙ୍ଗର ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ଅନ୍ନଦା ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ଜରୁରିକାଳୀନ ପରିସ୍ଥିତିରେ କିପରି ସୁନାମି ମୁକାବିଲା କରାଯିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗୋପ ଅଗ୍ନିଶମ ବିଭାଗ ଏବଂ ଆପଦମିତ୍ର ପ୍ରଶିକ୍ଷକ ସୁନାମି ମୁକାବିଲାର ବିଭିନ୍ନ କୌଶଳ ସଂପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୋଲାର ସଂଯୋଜକ ଚିତ୍ତରଞ୍ଜନ ପରିଡ଼ା, ପ୍ରେମାନନ୍ଦ ସାମନ୍ତରାୟ, ପ୍ରୀତି ମଞ୍ଜରୀ ଦାସ ଓ ବିନାୟକ ପାଣି ପ୍ରମୁଖ ପରିଚାଳନା କରିଥିଲେ।



# ଓସିଏସ୍‌ରେ କୃତକାର୍ଯ୍ୟ ଅରିଜିତଙ୍କୁ ସମ୍ବର୍ଦ୍ଧନା



କଣାସ,୨୯।୫(ସମିସ): କଣାସ ବ୍ଲକ୍ ବଡ଼ାସ ପଞ୍ଚାୟତ କଖାରୁବସ୍ତ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ହରିଚନ୍ଦନଙ୍କ ପୁତ୍ର ଅରିଜିତ ହରିଚନ୍ଦନ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ୨୫ତମ ର୍‌ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଓଡ଼ିଶା ପ୍ରଶାସନିକ ସେବାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଅରିଜିତ ହରିଚନ୍ଦନ ଓ ସମାଜସେବୀ ହାଡ଼ିବନ୍ଧୁ ପାଢ଼ୀଙ୍କୁ ଶ୍ରୀ ବୈଦ୍ୟନାଥ ଦେବ ଚାରିଟେବୁଲ ଟ୍ରଷ୍ଟ ଜନକଲ୍ୟାଣ ଭବନ ପଞ୍ଚମୁଖୀଙ୍କ ପରିସରରେ ସମ୍ବର୍ଦ୍ଧନା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ହରିଚନ୍ଦନ କୁହନ୍ତି ଦିନକୁ ୮ ଘଣ୍ଟା ପାଠ ପଢ଼ି ଏହି ସଫଳତା ପାଇଛନ୍ତି। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଷ୍ଠାର ସହିତ ପାଠ ପଢ଼ିଲେ ନିଶ୍ଚିତ ଏହି ସେବା ପାଇଁ ଉତ୍ତୀର୍ଣ୍ଣ ହୋଇପାରିବେ ବୋଲି କୁହନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥାନ୍ତି କଣାସ ତହସିଲଦାର ହିମାଂଶୁ ଶେଖର ଗିରି, କଣାସ ବଡ଼ ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ମହାରାଜ, ବଡ଼ାସ ପୂର୍ବତନ ସରପଞ୍ଚ ବଳରାମ ପଲାଇ, ସମାଜସେବୀ କବିରାଜ ନାୟକ, ବଡ଼ାସ ଗ୍ରାମ କମିଟି ସଭାପତି ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଅରିଜିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କର ଏଭଳି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେହିପରି ବୈଦ୍ୟନାଥ ପାଟଣା ଗ୍ରାମର ହାଡ଼ିବନ୍ଧୁ ପାଢ଼ୀ ଦୀର୍ଘ ୨୫ ବର୍ଷ ହେଲା ପୁରୀ , ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଜିଲ୍ଲାର ୫ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ବିବାଦ, ଜମିବାଡ଼ି ବିବାଦ ଟଙ୍କା ନେଣଦେଣ ବିବାଦ, ପାରିବାରିକ କଳହ ଆଦି ସମାଧାନ କରି ଆସିଥିବାରୁ ମୁଖ୍ୟ ଅତିଥି ତହସିଲଦାର ହିମାଂଶୁ ଶେଖର ଗିରି ହାଡ଼ିବନ୍ଧୁ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବସ୍‌ଷ୍ଟାଣ୍ଡରେ ଏଲଇଡି ଲାଇଟ୍ ଅଚଳ



ଗଣିଆ,୨୯ ।୫(ସମିସ): ଗଣିଆ ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଲୋକୀକରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ବିଭିନ୍ନ ଗ୍ରାମରେ ଲାଗିଥିବା ଲାଇଟଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡ଼ିଥିବା ବେଳେ ଗଣିଆ ବସଷ୍ଟାଣ୍ଡରେ ଫେଲ୍ ମାରିଛି ଆଲୋକୀକରଣ ବ୍ୟବସ୍ଥା। ବସଷ୍ଟାଣ୍ଡ ବାହାରେ ଲାଗିଥିବା ଉଚ୍ଚ କ୍ଷମତାସମ୍ପନ୍ନ ଏଲଇଡି ଲାଇଟ୍ ପ୍ରାୟ ଦୁଇମାସ ହେବ ଅଚଳ ହୋଇ ପଡ଼ିରହିଛି। ସରକାର ବସଷ୍ଟାଣ୍ଡଗୁଡ଼ିକର ଆଲୋକୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଗଣିଆ ବସଷ୍ଟାଣ୍ଡରେ ଏଲଇଡି ଲାଇଟ୍ ଅଚଳ ହୋଇ ପଡ଼ିରହିଛି। ଫଳରେ ସନ୍ଧ୍ୟା ହେଲେ ବସଷ୍ଟାଣ୍ଡ କିଟିକିଟି ଅନ୍ଧାର ହୋଇପଡ଼ୁଛି। ବସଷ୍ଟାଣ୍ଡ ପାଖରେ ବସକୁ ଅପେକ୍ଷା କରି ରହୁଥିବା ଯାତ୍ରୀ ଅନ୍ଧାରରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏତେଦିନ ଧରି ଏଲଇଡି ଲାଇଟ୍ ଅଚଳ ହୋଇଥିଲେ ମଧ୍ୟ ମରାମତି ପାଇଁ ଦୃଷ୍ଟି ଦେଉନାହାନ୍ତି। ବସଷ୍ଟାଣ୍ଡ ଭଳି ସ୍ଥାନରେ ଏଲଇଡି ବ୍ୟବସ୍ଥା ଫେଲ୍ ମାରିଥିବା ବେଳେ ଗାଁ ଗହଳି ଅବସ୍ଥା ନ କହିବା ଭଲ। ତୁରନ୍ତ ଅଚଳ ଏଲଇଡି ଲାଇଟ୍ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

**କାକଟପୁର ବ୍ଲକ୍‌ରେ ଆତ୍ମା ଯୋଜନା ବାଟବଣା**

# ଚାଷୀଙ୍କୁ ଅଣଦେଖା; ଉଚିତ୍ ସମୟରେ ମିଳୁନି ବିହନ

ଗମ୍ଭାରୀପଦା,୨୯।୫(ସମିସ)

କାକଟପୁର ବ୍ଲକ୍ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ପକ୍ଷରୁ ଆୟୋଜିତ ହେଉଥିବା ବିଭିନ୍ନ ତାଲିମ ଶିବିରକୁ ଆତ୍ମାର ଅଧିକାଂଶ ସଭ୍ୟ ସଭ୍ୟାଙ୍କୁ ଆଗୁଆ ସୂଚନା କିମ୍ବା ଡକାଯାଉନଥିବାରୁ ଏ ନେଇ କେତେକ ସଭ୍ୟ ସଭ୍ୟା ତ୍ରୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସବସିଡ଼ି (ସମ୍ବନ୍ଧୀୟ) ସଚେତନତା କରାଇବା ସହ କୃଷି ଯନ୍ତ୍ରପାତିର ବ୍ୟବହାର, ବୈଜ୍ଞାନିକ ପଦ୍ଧତିରେ ଚାଷ, ଚାଷୀଙ୍କ ଆର୍ଥିକ ଉନ୍ନତି ପାଇଁ (ସମନ୍ୱିତ) ଚାଷ ପ୍ରଣାଳୀ (ସମ୍ବନ୍ଧ) ରେ କର୍ମଶାଳାର ଆୟୋଜନ ଓ କୃଷିର ଉନ୍ନତି ସମ୍ପର୍କରେ ସରକାର ରାଜ୍ୟର ପ୍ରତି ବ୍ଲକରେ ଗଠନ କରିଛନ୍ତି କୃଷି ବୈଷୟିକ ପରିଚାଳନା ସଂସ୍ଥା ବା ଆତ୍ମା। ଏହି ସଂସ୍ଥାରେ ମତ୍ସ୍ୟ, ପଶୁ, କୃଷି, ଉଦ୍ୟାନ ଆଦି ୪ଟି ବିଭାଗର ଅଧିକାରୀଙ୍କ ସହିତ ୨ ଜଣ ସରକାରୀ ଲାଇସେନ୍ସପ୍ରାପ୍ତ ସାର ବିକ୍ରୟକାରୀ ଡିଲର, ଏକ ସ୍ୱେଚ୍ଛାସେବୀ ସଂଗଠନ, ଜଣେ ପଞ୍ଚାୟତ ସମିତିର ସରପଞ୍ଚ, ଅଥବା ସମିତିସଭ୍ୟ ଏବଂ ଉପରୋକ୍ତ ୪ ବିଭାଗରୁ ପ୍ରତି ବିଭାଗରେ ୪ ଜଣ ଲେଖାଏଁ ଚାଷୀ ହିସାବରେ ୪ ବିଭାଗରୁ ୮ ଜଣ ପୁରୁଷ ଓ ୮ ଜଣ ମହିଳା ଚାଷୀ ଆତ୍ମାରେ ସଦସ୍ୟ ରହିବେ। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ମାସରେ ବୈଠକ ବସି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯିବ। ମାତ୍ର କାକଟପୁର ବ୍ଲକ ଆଳା ପକ୍ଷରୁ ୪ ରୁ ୫ ମାସ ମଧ୍ୟରେ ଥରୁଟିଏ ବୈଠକ ବସୁନଥିବା ଅଭିଯୋଗ ହେଉଛି। ୨ ବର୍ଷ ମଧ୍ୟରେ ଚାଷୀ ଓ ଚାଷର ଉନ୍ନତି ନିମନ୍ତେ କାକଟପୁର ବ୍ଲକ୍ କୃଷି ବିଭାଗ ଏବଂ ଆତ୍ମା ପାଇଁ ଯେତିକି ଟଙ୍କାର ସରକାରୀ ଅନୁଦାନ ମିଳିଛି। ଉକ୍ତ ଅନୁଦାନ ଅର୍ଥର ବ୍ୟାପକ ଦୁରୁପଯୋଗ କରାଯାଇ ଏହାର ସିଂହଭାଗ ଅର୍ଥ ବାଟମାରଣା କରାଯାଇଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି। କାକଟପୁର ବ୍ଲକ କୃଷି ବିଭାଗରେ ରାଜନୈତିକ ଛତ୍ରଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଆସ୍ଥାନ ଜମାଇଥିବା କେତେକ ଅଧିକାରୀଙ୍କ ସହିତ କିଛି କର୍ମଚାରୀଙ୍କ ଖାମଖିଆଲି ନୀତି ଓ ବେପରୁଆ ମନୋଭାବ ଯୋଗୁଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ଗୋଟିଏ ଯୋଜନାର ସଫଳ ରୂପାୟନ ଏହି ବ୍ଲକ୍ ଅଞ୍ଚଳରେ ହୋଇପାରୁନାହିଁ। ଏହି ଯୋଜନାରେ ମୁଗ ବିହନ, ଜାତୀୟ ଖାଦ୍ୟ ତୈଳ ମିଶନ ଏନଏମଓପି ଯୋଜନାରେ ସୋରିଷ ବିହନ, ସୂର୍ଯ୍ୟମୁଖି ବିହନ ଠିକଣା ସମୟରେ ଚାଷୀଙ୍କୁ ବ୍ଲକରୁ ନମିଳିବାରୁ ଚାଷୀ ହାଟ ବଜାରରୁ ବିହନ କିଣିବା ସହିତ ନିଜ ଘରେ ସାଇତି ରଖିଥିବା ମୁଗ, ସୋରିଷ ବିହନ ତାଙ୍କ କ୍ଷେତରେ ବୁଣି ଗଛ ଉଠିସାରିବା ପରେ ଉପରୋକ୍ତ ଯୋଜନାରେ ବ୍ଲକ୍‌କୁ ମୁଗ ସୋରିଷ ବିହନ ଆସିଥିଲା। ଏହି ବିହନ ସବୁ କିଏ ନେଲା କେଉଁ ଆଧାରରେ କାହାକୁ ଦିଆଗଲା ଓ କେଉଁଠି ଚାଷ ହେଲା ଏ ସଂକ୍ରାନ୍ତରେ ସୂଚନା ଅଧିକାର ବଳରେ ତଥ୍ୟ ମାଗିଲେ ବ୍ଲକ କୃଷି ବିଭାଗରୁ ତଥ୍ୟ ମିଳୁନାହିଁ। ଅପରପକ୍ଷରେ ଗତ ୨ ବର୍ଷ ତଳେ ମହୁ ଚାଷ ପାଇଁ ଆତ୍ମା ପକ୍ଷରୁ ଚାଷୀଙ୍କୁ ଦିଆଯାଇଥିବା ମହୁ ବାକ୍ସ ସହିତ ରାଣୀ ମହୁ ମାଛି ଏବେ କେଉଁଠି କିପରି ଅଛି ତାହା ତଦନ୍ତ ସାପେକ୍ଷ ବୋଲି ଦାବି ହେଉଛି। ସରକାରୀ ଅନୁଦାନ ଅର୍ଥରେ କୃଷି ବିଭାଗ କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଭୋଜି ଭାତରେ ମଜି କାଗଜପତ୍ରରେ ବାଃ ବାଃ ନେଉଛନ୍ତି ବୋଲି ଅଞ୍ଚଳର ଅଗ୍ରଣୀ ଚାଷୀ କରୁଣା କର ସେନାପତି, ପ୍ରଫୁଲ ସେନାପତି, ଭୀମସେନ ସେଠୀ, ଦୈତାରୀ ବେହେରା, କୈଳାସ ଚନ୍ଦ୍ର ଲେଙ୍କାଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିବା ସହିତ କାକଟପୁର ବ୍ଲକ କୃଷିବିଭାଗ ଓ ଆତ୍ମା ସଂସ୍ଥାକୁ ବିଗତ ୨ ବର୍ଷ ମଧ୍ୟରେ କେଉଁ ଯୋଜନା ବାବଦରେ କେତେ ଟଙ୍କା ମିଳିଛି ଏବଂ ତାହା କେଉଁଠି କିପରି ଖର୍ଚ୍ଚ ହୋଇଛି ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି।

# ଧାନମଣ୍ଡି ଖୋଲିବା ଆରମ୍ଭରୁ ବଢ଼ିଲାଣି ଚାଷୀଙ୍କ ଅସନ୍ତୋଷ

ବାଲେଶ୍ୱର(ଉତ୍ତର),୨୯।୫(ସମିସ)





- କସବା- କମର୍ଦ୍ଦା ସେବା ସମବାୟ ସମିତିରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ ନେଇ ଚାଷୀଙ୍କ ଧାରଣା
- ଜୟରାମପୁର ସେବା ସମିତିରେ ଧାନ କଟନୀ ଛଟନୀକୁ ନେଇ ମିଲରର ନାଲି ଆଖି, ପ୍ରତିବାଦରେ ରାସ୍ତାରୋକ

ଜିଲ୍ଲାର ଅଧିକ ଉତ୍ପାଦନ ହେଉଥିବା ଉତ୍ତର ବାଲେଶ୍ୱରର ବିଭିନ୍ନ ବ୍ଲକରେ ଏବେ ଧାନ କିଣାକୁ ନେଇ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ବିଭିନ୍ନ ସମବାୟ ସମିତି ଜରିଆରେ ଖୋଲା ଯାଇଥିବା ସରକାରୀ ଧାନମଣ୍ଡି ଗୁଡ଼ିକ ରେ ଧାନ କିଣା ଆରମ୍ଭ ନ ହେଉଣୁ ଚାଷୀ ମାନେ ପ୍ରତିବାଦ, ଧାରଣା ଏବଂ ରାସ୍ତାରୋକ ହେଉଥିବା ଦେଖା ଦେଇଛି। ଆଜି ଭୋଗରାଇ ବ୍ଲକର କସବା- କମର୍ଦ୍ଦା ସେବା ସମବାୟ ସମିତିରେ ଆଜି ପଞ୍ଜୀକରଣରୁ ବାଦ ପଡ଼ିଥିବା ଶତାଧିକ ଚାଷୀ ମାନେ ଧାରଣା ଦେଇଥିବା ବେଳେ ଜୟରାମପୁର ସେବା ସମିତିରେ ଧାନ କଟନୀ ଛଟନୀକୁ ନେଇ ମିଲର ଓ ଚାଷୀଙ୍କ ମଧ୍ୟରେ ବଚସା ହେବା ଏବଂ ଏହାର ପ୍ରତିବାଦରେ ଚାଷୀମାନେ ରାସ୍ତାରେ ଧାନ ବସ୍ତା ପକାଇ ରାସ୍ତା ରୋକ କରିଥିବା ଜଣା ପଡ଼ିଛି।

ସୂଚନାଯୋଗ୍ୟ ଯେ, କସବା-କମର୍ଦ୍ଦା ସମିତି ରେ ସରକାରଙ୍କ ଧାନ ବିକ୍ରି ପାଇଁ ପଞ୍ଜିକରଣ ପ୍ରକ୍ରିୟା ର ସ୍ୱଳ୍ପ ଅବଧି କାରଣ ରୁ ଶତାଧିକ ଚାଷୀ ପଞ୍ଜିକରଣ କରିପାରି ନଥିଲେ। ସେହିପରି ଚଳିତ ବର୍ଷ ରବି ଧାନ ବିକ୍ରି ପାଇଁ ୧୦୫୦ ଜଣ ପଞ୍ଜିକରଣ ଆବେଦନ କରିଥିଲେ ମଧ୍ୟ ସେଥି ମଧ୍ୟରୁ ୫୯୨ ଜଣଙ୍କର ପଞ୍ଜିକରଣ ହୋଇଥିଲା। ବାକି ୪୫୮ ଜଣ ଚାଷୀ ବାଦ ପଡିଛନ୍ତି। ଏହାକୁ ବିରୋଧ କରି ଆଜି ସେବା ସମବାୟ ସମିତିର କର୍ମଚାରୀ ମାନଙ୍କୁ ତାଲା ପକାଇବା ସହିତ ଗେଟ ଆଗର ଧାରଣା ଦେଇଥିଲେ। ସରକାର ବାଦ ପଡ଼ିଥିବା ଚାଷୀ ମାନେ କିଭଳି ଧାନ ବିକ୍ରି କରି ପାରିବେ ସେ ନେଇ ତୁରନ୍ତ ବ୍ୟବସ୍ଥା ନେବା ପାଇଁ ଦାବୀ କରିଛନ୍ତି। ଯଦି ଚାଷୀ ମାନଙ୍କ ଏହି ସମସ୍ୟା ଦୂର ନ କରା ଯାଏ ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ଖୋଲିବେ ନାହିଁ କି ଧାରଣାରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଜୟରାମପୁର ସେବା ସମବାୟ ସମିତି ଜରିଆରେ ଖୋଲି ଥିବା ଧାନ ମଣ୍ଡି ରେ ଟୋକନ ପାଇଥିବା ଚାଷୀ ମାନେ ଆଜି ଧାନ ନେଇ ଆସିଥିଲେ। ମାତ୍ର ସେଠାରେ ମିଲରଙ୍କ କର୍ମଚାରୀ କ୍ୱିଣ୍ଟାଲ ପିଛା ୯ କିଲୋ ଧାନ କଟନୀ ଛଟନି ନ ହେଲେ ଧାନ ନ ଉଠାଇବାକୁ ଜିଦ ଧରିବାରୁ ଚାଷୀ ମାନେ ଆନ୍ଦୋଳନ କରିବା ସହ ଧାନ ବସ୍ତା ରଖି ରାସ୍ତାରୋକ କରିଥିଲେ। ଏହି ସେବା ସମବାୟ ସମିତି ରେ ରବି ଧାନ ବିକ୍ରୀ ପାଇଁ ପ୍ରାୟ ୬୦୦ ଚାଷୀ ପଞ୍ଜିକରଣ କରିଥିଲେ। ଆଜି ସେବା ସମବାୟ ସମିତିରେ ପରିଚାଳନା କମିଟି, ସମିତି କର୍ମଚାରୀ, ମିଲର ଓ ଚାଷୀଙ୍କ ମଧ୍ୟରେ ଧାନ କଟିନୀ ଛଟିନିକୁ ନେଇ ଏକ ବୁଝାବଣା ଚାଲିଥିବା ସମୟରେ କ୍ୱିଣ୍ଟାଲ ପିଛା ୯ କିଲୋ ଧାନ କାଟିବା ନେଇ ସମ୍ପୃକ୍ତ ମିଲର ଜିଦ ଧରିବା ସହିତ ଚାଷୀ ମାନଙ୍କ କଥା ଶୁଣି ନଥିଲେ। ଘଟଣାକୁ ନେଇ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ହୋଇଥିଲା। ଶେଷରେ ଚାଷୀ ମାନେ ବାଧ ହୋଇ ସେବା ସମବାୟ ସମିତି ସମ୍ମୁଖ ରାସ୍ତା ରେ ଧାନ ବସ୍ତା ପକାଇ ଅବରୋଧ କରିବା ସହିତ ନିଜ ଜିଦରେ ଅଟଳ ରହିଥିଲେ।

## ବିବେକଶ୍ରୀ ସମ୍ମାନ ସମାରୋହ



ରାଜଘାଟ, ୨୯।୫ (ସମିସ): ବସ୍ତା ବ୍ଲକ ମୁକୁଳୁଶି ସ୍ଥିତ ବିବେକାନନ୍ଦ ଆବାସିକ ଶିକ୍ଷା ନିକେତନ ପରିସରରେ 'ବିବେକଶ୍ରୀ ସମ୍ମାନ ସମାରୋହ ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ହାଇସ୍କୁଲ ବାର୍ଷିକ ପରୀକ୍ଷାରେ ଏ ୱାନ୍ ଗ୍ରେଡ୍ ରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଅମିୟ ପ୍ରଧାନ, ଓମସ୍ୱସ୍ତିକ ବେହେରା, ଦିବ୍ୟାଲିସା ରଣା, ଭାଗବତ ବିଶ୍ୱାଳ ଓ ଅର୍ଦ୍ଧେନ୍ଦୁ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ପ୍ରମାଣପତ୍ର ଓ ପଦକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଅନନ୍ତ ପ୍ରଧାନ ସଂଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଇଡିଦା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଅଧିକ ପରିଶ୍ରମ ଓ ଶୃଙ୍ଖଳାବଦ୍ଧ ଜୀବନ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରତାପ ଧଳ ,ଶିକ୍ଷକ ଅଜିତ କୁମାର ମୈକାପ, ବିଦ୍ୟାଳୟର ପ୍ରତିଷ୍ଠାତା ସରୋଜ କୁମାର ପ୍ରଧାନ, ପ୍ରାଇମେରୀ ଶିକ୍ଷକ ସଙ୍ଘ ର ରାଜ୍ୟ ସଭାପତି ସୁଶାନ୍ତ ବେହେରା, ଏବଂ ଛଚିନା କ୍ଲଷ୍ଟର ସିଆରସିସି ସୁଦୀପ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଲକ୍ଷ୍ୟ ନିର୍ଦ୍ଧାରଣ କରି ଆଗକୁ ବଢିବାକୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ଉନ୍ନତି ଓ ଶିକ୍ଷାର ଗୁଣାତ୍ମକ ପରିବେଶ ସୃଷ୍ଟିରେ ସମସ୍ତ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ଦ୍ୱାରୀ ସମସ୍ତ ଅତିଥି, ଅଭିଭାବକ, ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ନାବାଳିକା ଅପହରଣ ଅଭିଯୋଗ

କୁଆମରା, ୨୯।୫(ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅପହରଣ କରିଥିବା ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ଛାତ୍ରୀ ଅଟନ୍ତି। ସେ ୧୯ ତାରିଖରେ ଅପହରଣ ହୋଇଥିଲେ। ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## +୨ ପରୀକ୍ଷାରେ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



ସୋର, ୨୯।୫ (ସମିସ): ଚଳିତ +୨ ପରୀକ୍ଷାରେ ତଳନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଭୟ ବିଜ୍ଞାନ ଏବଂ କଳା ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଳାରେ ୧୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୩ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଚାନ୍ଦିନୀ ମହାପାତ୍ର ୫୫୪ ନମ୍ବର ରଖି ସୋର ବ୍ଲକ ଟପର ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି।ଓମ ପ୍ରକାଶ ସାହୁ ୫୩୩ ନମ୍ବର ରଖି ଦ୍?ିତୀୟ ଏବଂ ଦୀପ୍ତିଶିଖା ବାରିକ ୫୨୦ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।ସେହିପରି ବିଜ୍ଞାନରେ ୧୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୨୪ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି।ଶୁଭେନ୍ଦୁ କୁଅଁର ୫୫୬ ନମ୍ବର ରଖି ପ୍ରଥମ, ତୃପ୍ତି ରଞ୍ଜନ ବେହେରା ୫୫୫ ନମ୍ବର ରଖି ଦ୍ୱିତୀୟ ଏବଂ ସୁଶ୍ରୀ ସଂଗୀତା ଜେନା ୫୫୧ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଜି କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ପୋଥାଳ ଏବଂ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ସମସ୍ତଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## କାନ୍ଥଭଉଁରୀ ଡାକବଙ୍ଗଳାରେ ଚିଙ୍ଗୁଡ଼ି ଚାଷୀଙ୍କ ବୈଠକ

# ଦର ପତନ, ଲୋ-ଭୋଲ୍‌ଟେଜ୍ ଓ ଶୀତଳଭଣ୍ଡାର ଦାବିକୁ ନେଇ ଅସନ୍ତୋଷ



ଚନ୍ଦନେଶ୍ୱର,୨୯।୫ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କାନ୍ଥଭଉଁରୀ ଡାକବଙ୍ଗଳାଠାରେ ଶୁକ୍ରବାର ଚିଙ୍ଗୁଡ଼ି ଚାଷୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିଙ୍ଗୁଡ଼ିର ଦର ପତନ, ଉତ୍ପାଦନ ଖର୍ଚ୍ଚ ବୃଦ୍ଧି, ଲୋ-ଭୋଲ୍ଟେଜ ସମସ୍ୟା ଏବଂ ଶୀତଳ ଭଣ୍ଡାର ଅଭାବ ପ୍ରମୁଖ ପ୍ରସଙ୍ଗ ଉଠିଥିଲା। ଚାଷୀମାନେ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଚିଙ୍ଗୁଡ଼ି ଚାଷରୁ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ଚିଙ୍ଗୁଡ଼ି ବିକ୍ରି ପାଇଁ ସରକାରୀ ସ୍ତରରେ କୌଣସି ସୁବ୍ୟବସ୍ଥା ନାହିଁ। ୨୦ ଗ୍ରାମ ଚିଙ୍ଗୁଡ଼ି ପ୍ରସ୍ତୁତି ପାଇଁ ପ୍ରାୟ ୩୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଆନ୍ଧ୍ରପ୍ରଦେଶରେ ଏହାକୁ ୩୧୦ ଟଙ୍କା ଓ ଓଡ଼ିଶାରେ ମାତ୍ର ୨୬୦ ଟଙ୍କାରେ ଏକ୍ସପୋର୍ଟରମାନେ କ୍ରୟ କରୁଛନ୍ତି। ପୂର୍ବରୁ ଅନ୍ୟ ରାଜ୍ୟର ଏକ୍ସପୋର୍ଟରମାନେ ଅଧିକ ଦାମ ଦେଇ କ୍ରୟ କରୁଥିଲେ ମଧ୍ୟ ବର୍ତ୍ତମାନ ସ୍ଥାନୀୟ ଏକ୍ସପୋର୍ଟରଙ୍କ ଚାପରେ ସେମାନେ ଆସୁନଥିବାରୁ ଚାଷୀମାନେ କମ ଦାମରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ବୈଠକରେ ଡିଜେଲ, ଚିଙ୍ଗୁଡ଼ି ଖାଦ୍ୟ, ଔଷଧ ଓ ଚୂନ ଭଳି ଆବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ବୃଦ୍ଧି ପାଇଥିବାବେଳେ ଚିଙ୍ଗୁଡ଼ିର ଦର ହ୍ରାସ ପାଉଥିବାରୁ ଚାଷୀମାନେ ଗୁରୁତର ଆର୍ଥିକ ସଙ୍କଟରେ ପଡୁଥିବା କଥା ଉଲ୍ଲେଖ କରିଥିଲେ। ଭୋଗରାଇ ଅଞ୍ଚଳରେ ଏକ ବୃହତ୍ ଶୀତଳ ଭଣ୍ଡାର ଓ ପ୍ରସେସିଂ ପ୍ଲାଣ୍ଟ ସ୍ଥାପନ ପାଇଁ ସରକାରଙ୍କୁ ଦାବି ଜଣାଇଥିଲେ। ବିଦ୍ୟୁତ ସମସ୍ୟାକୁ ନେଇ ମଧ୍ୟ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କାନ୍ଠଥଭଉଁରୀରେ ଟାଟା ପାୱାର ପକ୍ଷରୁ ନିର୍ମିତ ୩୩/୧୧ କେଭି ସବଷ୍ଟେସନ ଦୀର୍ଘଦିନ ଧରି ପ୍ରସ୍ତୁତ ହୋଇଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନଥିବା ବେଳେ ଜୟରାମପୁରରେ ନିର୍ମାଣାଧୀନ ସମାନ କ୍ଷମତାସମ୍ପନ୍ନ ସବଷ୍ଟେସନର କାମ ମଧ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହୋଇଥିଲା। ପ୍ରତିଦିନ ରାତିରେ ୧୭୦ରୁ ୧୮୦ ଭୋଲ୍ଟ କରେଣ୍ଟ ଯୋଗାଣ ହେଉଥିବାରୁ ଚାଷୀମାନେ ଲୋ-ଭୋଲ୍ଟେଜ ସମସ୍ୟାର ସମ୍ମୁଖୀନ ହେଉଥିବା ସହ ବିଭିନ୍ନ ବିଦ୍ୟୁତ ସାମଗ୍ରୀ ପୋଡ଼ିଯାଇ କ୍ଷତିଗ୍ରସ୍ତ ହେଉଥିବା କହିଥିଲେ। ଏହି ସମସ୍ତ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀ, ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ଅବଗତ କରାଯିବା ସହ ଚିଙ୍ଗୁଡ଼ି ଚାଷୀମାନଙ୍କ ଏକ ସଂଘ ଗଠନ କରାଯାଇ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ କରାଯିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ବରିଷ୍ଠ ଚିଙ୍ଗୁଡ଼ି ଚାଷୀ ଅନନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭଗବାନ ସାହୁ, ଅଜିତ କୁମାର ପାତ୍ର, ଶଶୀକାନ୍ତ ଦେ, ଦୀପକ ମଣ୍ଡଳ, ଉମାକାନ୍ତ ବେହେରା, ରାଧାକୃଷ୍ଣ ଜେନା, ଜୟନ୍ତ ଗିରି, ପର୍ଶୁରାମ ଆଧେକ, ହେମନ୍ତ ଜେନା, ଶମ୍ଭୁନାଥ ମାଝୀ, ସୀତାରାମ ପାତ୍ର, ରବିନ୍ଦ୍ର ଜେନା, ବିଷ୍ଣୁପଦ ସୁର ଓ ଝାଡେଶ୍ୱର ମାଝୀ ପ୍ରମୁଖ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। ବୈଠକରେ ଶତାଧିକ ଚିଙ୍ଗୁଡ଼ି ଚାଷୀ ଅଂଶଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ସହକାରୀ ଯୋଗାଣ ଅଧିକାରୀଙ୍କ ପରଲୋକ



ବାଲେଶ୍ୱର,୨୯।୫(ସମିସ): ମଲ୍ଲିକାଶପୁର ବାସିନ୍ଦା ତଥା ଅବସରପ୍ରାପ୍ତ ସହକାରୀ ଯୋଗାଣ ଅଧିକାରୀ (ଏସିଏସଓ) ଜୟନ୍ତ କୁମାର ମହାନ୍ତିଙ୍କ (୯୦) ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଜୟନ୍ତ ମହାନ୍ତି ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡ଼ୀତ ହୋଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା। ତାଙ୍କର ମରଶରୀରକୁ ମଲ୍ଲିକାଶପୁରସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ପହଁଞ୍ଚି ଆଖପାଖ ଅଞ୍ଚଳ ତଥା ସାହିପଡ଼ିଶା ତାଙ୍କୁ ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ତାଙ୍କର ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି। ସ୍ୱର୍ଗତଃ ମହାନ୍ତି ଜଣେ କର୍ତ୍ତବ୍ୟନିଷ୍ଠ, ମିଷ୍ଟଭାଷୀ ଓ ସରଳ ମଣିଷ ଥିଲେ। ସେ ଯୋଗାଣ ବିଭାଗର ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ ସମ୍ପାଦନ କରି ଝାରସୁଗୁଡ଼ାରେ ଏସିଏସ୍ଓ ଭାବରେ କାର୍ଯ୍ୟକରି ୧୯୯୪ ମସିହାରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ମଲ୍ଲିକାଶପୁରସ୍ଥିତ ତାଙ୍କ ବାସଭବନରେ ସପରିବାର ବସବାସ କରୁଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ରବଧୂ, କନ୍ୟା ଏବଂ ସହଧର୍ମିଣୀ ଉପସ୍ଥିତ ଥିଲେ।

## ରେଳ ଚଳାଚଳ, ଅଣ୍ଡରପାସ ଓ ଯାତ୍ରୀ ପ୍ରତୀକ୍ଷାଳୟ ଦାବି

ରାଇରଙ୍ଗପୁର, ୨୯।୫(ସମିସ): ରେଳ ଚଳାଚଳ, ଅଣ୍ଡରପାସ ଓ ଯାତ୍ରୀ ପ୍ରତୀକ୍ଷାଳୟ ନେଇ ଦାବି ହୋଇଛି। ଏ ନେଇ କୋଲକାତାସ୍ଥ ଦକ୍ଷିଣ-ପୂର୍ବ ରେଳ ମହାପ୍ରବନ୍ଧକଙ୍କୁ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବହଳଦା ବ୍ଲକର ଅଁଳାକୁଡି ରେଳ ଜଙ୍କସନ ଓ ବହଳଦା ରୋଡ୍ ଷ୍ଟେସନ ମଧ୍ୟରେ ୩ଟି ଅଣ୍ଡରପାସ ନିର୍ମିତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ପ୍ରସ୍ତାବିତ ଟାଙ୍ଗରଯୋଡ଼ା ରେଳ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟରେ ଟେଣ୍ଡର ଲଟେରୀକୁ ନେଇ ବିବାଦ

# ନିରପେକ୍ଷ ତଦନ୍ତ ଦାବିକଲା ଠିକାଦାର ସଂଘ

କରଞ୍ଜିଆ, ୨୯।୫(ସମିସ): କରଞ୍ଜିଆ ଆଇଟିଡିଏ କାର୍ଯ୍ୟାଳୟରେ ସମ୍ପ୍ରତି ହୋଇଥିବା ଟେଣ୍ଡର ଖୋଲିବା ଓ ଲଟେରୀ ପ୍ରକ୍ରିୟାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା, ନିୟମ ଉଲ୍ଲଙ୍ଘନ ଓ କିଛି ଅଧିକାରୀଙ୍କ ଦୁର୍ବ୍ୟବହାର ହୋଇଥିବା ଅଭିଯୋଗ ଆଣି କରଞ୍ଜିଆ ଠିକାଦାର ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ସମଗ୍ର ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଯଥୋଚିତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅଭିଯୋଗ ଅନୁସାରେ, ଟେଣ୍ଡର ନୋଟିସ ନମ୍ବର ୭୨୭, ୮।୪।୨୬ ଅନୁଯାୟୀ ହୋଇଥିବା ଟେଣ୍ଡର ଓପେନିଂ ଓ ଲଟେରୀ ପ୍ରକ୍ରିୟାରେ ନିର୍ଦ୍ଧାରିତ ସରକାରୀ ନିୟମାବଳ ପାଳନ କରାଯାଇ ନ ଥିଲା। ଠିକାଦାରଙ୍କ କହିବା ଅନୁଯାୟୀ, ଇଦ୍ ଅବସରରେ ସରକାରୀ ଛୁଟି ଥିବା ସତ୍ତ୍ୱେ କିଛି ଚୟନିତ ଠିକାଦାରଙ୍କୁ ଫୋନ ଯୋଗେ କାର୍ଯ୍ୟାଳୟକୁ ଡାକି ଲଟେରୀ ପ୍ରକ୍ରିୟା କରାଯାଇଥିଲା। ଏହାକୁ ନେଇ ଅନ୍ୟ ଠିକାଦାରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଠିକାଦାର ସଂଘର ଅଭିଯୋଗ ଅନୁଯାୟୀ, ଟେଣ୍ଡର ଲଟେରୀ ପ୍ରକ୍ରିୟାକୁ ବାତିଲ କରି ପୁନର୍ବାର ସ୍ୱଚ୍ଛ ଭାବେ ଆୟୋଜନ କରିବାକୁ ଅନୁରୋଧ କରାଯାଇଥିଲେ ମଧ୍ୟ କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କ ପକ୍ଷରୁ ସହଯୋଗ ମିଳି ନ ଥିଲା। ବରଂ ଠିକାଦାରଙ୍କ ସହ ଅସଦାଚରଣ ଓ ଦୁର୍ବ୍ୟବହାର କରାଯାଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି ଟେଣ୍ଡର ଲଟେରୀ ସମୟରେ କାର୍ଯ୍ୟାଳୟ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡ଼ିଛି। କିଛି ସମୟ ପାଇଁ ପରିସ୍ଥିତି ଅଶାନ୍ତ ହୋଇପଡ଼ିଥିବାବେଳେ ଉପସ୍ଥିତ ଠିକାଦାର ପ୍ରତିବାଦ କରିଥିଲେ। ଘଟଣା ପରେ ଠିକାଦାର ସଂଘ ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରି ସମସ୍ତ ପ୍ରକ୍ରିୟାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଯଦି ଘଟଣାର ନିରପେକ୍ଷ ତଦନ୍ତ କରା ନ ଯାଇ ଦୋଷୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ନ ହୁଏ, ତେବେ ଆଗାମୀ ଦିନରେ ଠିକାଦାର ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି।

## ● ଦ୍ରୁତଗତିରେ ବାଇକ୍ ଚଳାଇବା ହେଲା କାଳ

# କାର୍ ଧକ୍କାରେ ଜଣେ ମୃତ

ରାଇରଙ୍ଗପୁର, ୨୯।୫(ସମିସ): ଦ୍ରୁତଗତିରେ ବାଇକ୍ ଚଳାଇବା କାଳ ହୋଇଛି। ଦ୍ରୁତଗାମୀ ବାଇକ୍ ଏକ କାର୍‌କୁ ଧକ୍କା ଦେବାରୁ ଜଣେ ମୃତ୍ୟୁବରଣ କରିଥିବାବେଳେ ଜଣେ ଆହତ ହୋଇଛନ୍ତି। ମୃତକ ଜଣକ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବଡସିମଳା ଗ୍ରାମର ରାମଚନ୍ଦ୍ର ହେମ୍ବ୍ରମ। ଗୁରୁବାର ରାତିରେ ରାମଚନ୍ଦ୍ର ହେମ୍ବ୍ରମ ଓ ତାଙ୍କ ବନ୍ଧୁ ରମାକାନ୍ତ ଟୁଡୁ ଦ୍ରୁତଗତିରେ ବାଇକ ଚଳାଇ ଯାଉଥିବାବେଳେ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ମହୁଲଡିହା ଛକ ନିକଟରେ ୨୨୦ନଂ ଜାତୀୟ ରାଜପଥରେ ଏକ କାରକୁ ଧକ୍କା ଦେଇଥିଲେ। ଏଥିରେ ଦୁଇ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାମଚନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ବାରିପଦାସ୍ଥ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ରମାକାନ୍ତଙ୍କ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ରାଇରଙ୍ଗପୁର ଟାଉନ ଥାନା ପୁଲିସ ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

## ଅଫିସର୍ ମନମାନିରେ ଚାଲିଛି କାର୍ଯ୍ୟାଳୟ

# ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ

ବସ୍ତା ବ୍ଲକ, ୨୯।୫ (ସମିସ)





ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରେ ଅଷ୍ଟମ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ସଭାଗୃହ ରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ବୈଠକରେ ବିଧାୟିକା ସୁବାସିନୀ ଜେନା, ବିଧାୟକ ଅଶ୍ୱନୀ ପାତ୍ର, ବିଡ଼ିଓ ମିହିର ରଞ୍ଜନ ବେହେରା, ଉପାଧ୍ୟକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡ଼ି ଯୋଗ ଦେଇଥିଲେ। ପ୍ରତ୍ୟେକ ଥର ବୈଠକ ଭଳି ଚଳିତ ବୈଠକରେ ପାନୀୟ ଜଳ ବିଭାଗ, ଯୋଗାଣ ବିଭାଗ, ଆଇସିଡିଏସ ଉପରେ ଆଲୋଚନା ହୋଇଥିଲା। ସନ୍ତୋଷପୁର ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର ଅନୁଷ୍ଠିତ ହେଉଥିବା ପଞ୍ଚାୟତ ସମିତି ବୈଠକ ମୂଲ୍ୟ ହୀନ ବୋଲି ଗୁରୁତ୍ତର ଅଭିଯୋଗ ଆଣିଥିଲେ। ପଞ୍ଚାୟତ ସମିତି ବୈଠକରେ ପଞ୍ଚାୟତ ମାନଙ୍କରେ ନିର୍ବାଚନ ଜନପ୍ରତିନିଧି ନିଜ ନିଜ ଅଞ୍ଚଳରେ ଥିବା ଅସୁବିଧା ସମ୍ପର୍କ ରେ ଗୃହରେ ଆଲୋଚନା କରାଯାଇଥିବା ଉପରେ କୌଣସି ସମସ୍ୟାର ସମାଧାନ ଉପରେ ବ୍ଲକ ର ବିଭିନ୍ନ ବିଭାଗର ଅଧିକାରୀ ଧ୍ୟାନ ଦେଉ ନଥିବା ରୁ ସମିତି ବୈଠକ ପ୍ରହସନ ବୋଲି ନିର୍ବାଚିତ ଜନପ୍ରତିନିଧି ମାନେ ଅଭିଯୋଗ ଆଣିଥିଲେ। ପ୍ରଥମେ ପାନୀୟଜଳ ବିଭାଗ ଉପରେ ଆଲୋଚନା ହୋଇଥିଲା। ପ୍ରବଳ ଗରମରେ ଲୋକେ ଠିକ ଭାବେ ପିଇବା ପାଣି ରୁ ବଞ୍ଚିତ ହେଉଥିବା ଜନପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ଆଇ ସି ଡି ଏସ ବିଭାଗ ର ଦୁର୍ନୀତିର ସୀମା ଅତିକ୍ରମ କରୁଥିବା ଅଭିଯୋଗ ହୋଇଥିଲା। ବ୍ଲକ ର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ରେ ପିଲାଙ୍କ ଖାଦ୍ୟରେ ଦୁର୍ନୀତି, ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି, ଜନ ପ୍ରତିନିଧିଙ୍କ କୌଣସି ଅଭିଯୋଗକୁ ଗ୍ରହଣ ନକରିବା, ନେଇ ସି ଡି ପି ଓ ଙ୍କ ଉପରେ ଜନପ୍ରତିନିଧି ମାନେ ବର୍ଷି ଥିଲେ। ବସ୍ତା ହସ୍ପିଟାଲରେ ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଦେଉଥିବା ସଂସ୍ଥା ର ଟେଣ୍ଡର କୁ ରଦ୍ଦ ପାଇଁ ଗୃହରେ ନିଷ୍ପତ୍ତି ହୋଇଥିଲା। ଚିରାଚରିତ ଭାବେ ଏହି ଆଲୋଚନା ହେଉଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ ଡି, ପି ଡ ବ୍ଲୁ ଡି, ଡ୍ରେନେଚ, ଜଳ ସେଚନ ଭଳି ବିଭାଗ ଉପରେ ଆଲୋଚନା ହୋଇ ପାରିନଥିଲା। ସେହିପରି ଅନେକ ବିଭାଗ ର ଅଧିକାରୀ ସମିତି ବୈଠକ କୁ ଗୁରୁତ୍ୱ ନଦେଇ ଆସିନଥିବା ଦେଖିବାକୁ ମିଳିଥିଲା। ପୂର୍ବ ସମିତି ବୈଠକ ମାନଙ୍କ ରେ ହେଉଥିବା ନିଷ୍ପତି କୁ ସରକାରୀ କ୍ଷେତ୍ର ରେ କାର୍ଯକାରୀ ହେଉନଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ବିଧାୟକ, ସାଂସଦ ଙ୍କ ଉପସ୍ଥିତି ରେ ହେଉଥିବା ନିଷ୍ପତ୍ତି କୁ ମନମାନି କରି ବ୍ଲକ ପ୍ରଶାସନ ପାଳନ କରୁନଥିବା ଭଳି ଅଭିଯୋଗ ସମିତି ବୈଠକ କୁ ସରଗରମ କରିଛି।